# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୧୯/୨୦୨୦ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, February 19 / 2020 ★★

୧୬ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ରେସ୍‌ଲର ସୁନୀଲଙ୍କୁ ସ୍ୱର୍ଣ୍ଣ ପଦକ**

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଗ୍ରୀକୋ-ରୋମାନ ବିଭାଗରେ ଭାରତର ସୁନୀଲ କୁମାର ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୮

୦୨

**ନେହାଙ୍କ ସହ ବ୍ରେକ୍‌ଅପ୍ ନେଇ ମୁହଁ ଖୋଲିଲେ ହିମାଂଶ**

ସହମତିରେ ବ୍ରେକ୍‌ଅପ୍ ହୋଇଥିଲା। ହେଲେ ସୋସିଆଲ ମିଡିଆରେ ନେହା ମୋତେ ଖଳନାୟକ କରିଦେଲେ।



# କୃଷି, ପୋଷଣ ଉପରେ ଫୋକସ୍

## ବିଧାନସଭାରେ ୧.୫ ଲକ୍ଷ କୋଟି ଟଙ୍କାର ଇ-ବଜେଟ ଉପସ୍ଥାପିତ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ରାଜ୍ୟ ସରକାର ପ୍ରଥମଥର ପାଇଁ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ଇଲେକ୍ଟ୍ରୋନିକ ବଜେଟ ପ୍ରସ୍ତୁତ କରିଛନ୍ତି। ଏହାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଇପ୍ୟାଡ୍ ମାଧ୍ୟମରେ ବିଧାନସଭାରେ ମଙ୍ଗଳବାର ଉପସ୍ଥାପନ କରିଛନ୍ତି। ଆଗକୁ ପୌର ନିର୍ବାଚନ ହେବାକୁ ଯାଉଛି। ସହରବାସୀଙ୍କୁ ଖୁସି କରିବାକୁ ପ୍ରୟାସ କରିଛନ୍ତି ସରକାର। ପଞ୍ଚମ ଅର୍ଥ କମିଶନରେ ପୌର ସଂସ୍ଥାଗୁଡିକ ପାଇଁ ସରକାର ଅଧିକ ବ୍ୟୟବରାଦ କରିଥିବାବେଳେ ଏହି ବଜେଟରେ ମଧ୍ୟ ସହରାଞ୍ଚଳର ବିକାଶ ଉପରେ ଅଧିକ ଫୋକସ କରିଛନ୍ତି। ଏଥିସହିତ ଐତିହ୍ୟ ସ୍ଥଳଗୁଡିକର ବିକାଶ, ପିଲାମାନଙ୍କ ପୁଷ୍ଟିକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲାକୁ ନେଇ ମଧ୍ୟ ନିଜର ଆଗୁଆ ପ୍ରସ୍ତୁତିକୁ ସୂଚାଇଛନ୍ତି। କୃଷି, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଭିତ୍ତିଭୂମି ବିକାଶ, ଶିଳ୍ପ ସାମାଜିକ ନିରାପତ୍ତା, ମହିଳା ଶସକ୍ତିକରଣ, ଖାଦ୍ୟ ନିରାପତ୍ତା, ଏସ୍‌ସି/ଏସଟି, ପଛୁଆ ବର୍ଗ କଲ୍ୟାଣ ପର୍ଯ୍ୟଟନ, ବିପର୍ଯ୍ୟୟ ପରିଚାଳନାକୁ ମଧ୍ୟ ବଜେଟରେ ପ୍ରାଧାନ୍ୟ ଦିଆଯାଇଛି। ସରକାର ହାତ ଗଣତି କେଇଟି ନୂଆ ଯୋଜନା ଘୋଷଣା କରିଥିଲେ ମଧ୍ୟ ଚାଲୁ ରହିଥିବା ଯୋଜନାକୁ କାର୍ଯ୍ୟକାରୀ କରି ଆର୍ଥିକ ଅବସ୍ଥାକୁ ସମ୍ଭାଳିବାକୁ ଭରପୂର ପ୍ରୟାସ କରିଛନ୍ତି। ଏହି ବଜେଟରେ ୫-ଟି ଏବଂ ମୋ ସରକାର ଜରିଆରେ ଲୋକମାନଙ୍କୁ କିପରି ଉନ୍ନତ ମାନର ସେବା ଯୋଗାଇ ଦିଆଯାଇ ପାରିବ, ତାହା ଉପରେ ପ୍ରାଧାନ୍ୟ ଦେଇଛନ୍ତି। ନୂଆ ଓଡିଶା ଲକ୍ଷ୍ୟ ନେଇ ବଜେଟର ରୂପରେଖ ପ୍ରସ୍ତୁତ କରାଯାଇଛି। କୃଷି ଏବଂ ଏହାର ଆନୁସଙ୍ଗିକ କ୍ଷେତ୍ରକୁ ପ୍ରଗତିଶୀଳ ପରିବର୍ତ୍ତନ ପାଇଁ ବଜେଟରେ ଗବେଷଣା, ବିକାଶ ଏବଂ କାର୍ଯ୍ୟପଦ୍ଧତିର ପରିସରକୁ ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। କୃଷି କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ୧୯,୪୦୮ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ ବିଧାନସଭାରେ ଉପସ୍ଥାପନ କରାଯାଇଛି।

ବିଧାୟକ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି(ଏମ୍‌ଏଲଏ ଲାଡ୍ ଫଣ୍ଡ ) ବଢାଇବାକୁ ବିଭିନ୍ନ ସମୟରେ ବିଧାୟକମାନେ ଦାବି କରି ଆସୁଥିଲେ। ରାଜ୍ୟ ସରକାର ବଜେଟରେ ବିଧାୟକମାନଙ୍କୁ ଖୁସି କରିଛନ୍ତି। ଏମ୍‌ଏଲଏ ଲାଡ୍ ଫଣ୍ଡ ଅର୍ଥ ରାଶିକୁ ୧ କୋଟିରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେଥିରୁ ୨କୋଟି ଟଙ୍କା ସାଧାରଣ ଉନ୍ନୟନ କାର୍ଯ୍ୟ ଲାଗି ଖର୍ଚ୍ଚ କରାଯାଇପାରିବ। ଅବଶିଷ୍ଟ ୫୦ ଲକ୍ଷ ରାସ୍ତା କାର୍ଯ୍ୟ ଏବଂ ୫୦ ଲକ୍ଷ କଲେଜ ଶିକ୍ଷା ସମ୍ବନ୍ଧୀୟ ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟୟ ହେବ। ଏଥିପାଇଁ ବଜେଟରେ ୪୪୧କୋଟିଟଙ୍କା ଏବଂ ପଶ୍ଚିମ ଓଡିଶା ବିକାଶ ପାଣ୍ଠି ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

୨୦୨୦-୨୧ ବଜେଟ ଗତ ବଜେଟଠାରୁ ୧୧.୧ ପ୍ରତିଶତ ଅଧିକ ରହିଛି। ୨୦୧୯-୨୦ ବଜେଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ଥିଲା। ଏଥିରେ ପ୍ରଶାସନିକ ଖର୍ଚ୍ଚ ୬୫ ହଜାର ୬୫୫ କୋଟି ଟଙ୍କା, ବିଭିନ୍ନ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ୭୪ ହଜାର, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ୩,୨୦୦ କୋଟି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୭,୧୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ଆକଳନ କରାଯାଇଥିବା ବ୍ୟୟ ୮୩ ପ୍ରତିଶତ ରାଜସ୍ୱରୁ ଏବଂ ୧୭ ପ୍ରତିଶତ ପୁଞ୍ଜି ପ୍ରାପ୍ତିରୁ ସଂଗ୍ରହ କରିବେ ବୋଲି ସରକାର ଆକଳନ କରିଛନ୍ତି। ରାଜସ୍ୱରୁ ୧,୨୪,୩୦୦ କୋଟି ଟଙ୍କା ମିଳିବ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ଓ ଅଣ ଟିକସ ବାବଦକୁ ୫୬ ହଜାର କୋଟି, କେନ୍ଦ୍ରୀୟ ଅନୁଦାନ ବାବଦରେ ୬୮ ହଜାର ୩୦୦ କୋଟି ଟଙ୍କା ସଂଗ୍ରହ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ☞ପୃଷ୍ଠା-୧୫




**କାଗଜ ବିହୀନ ବଜେଟ**

ଚଳିତ ବଜେଟ ଉପସ୍ଥାପନ କାଗଜବିହୀନ ହୋଇଛି, ଯାହାଦ୍ୱାରା ପ୍ରାୟ ୭୫ ଲକ୍ଷ ପୃଷ୍ଠାର କାଗଜ ଓ ମୁଦ୍ରଣ ଖର୍ଚ୍ଚ ସଞ୍ଚୟ କରାଯାଇ ପାରିଛି। ପରିବେଶ ସୁରକ୍ଷା ଏବଂ ଜଙ୍ଗଲ ରକ୍ଷା ପାଇଁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ପୂର୍ବବର୍ଷ ଭଳି ଯଦି ବଜେଟ୍ ପୁସ୍ତିକା ଏଥର ଛପା ଯାଇଥାନ୍ତା, ତେବେ ଏଥିଲାଗି କାଗଜ ପାଇଁ ୧୦୦୦ରୁ ଅଧିକ ଗଛ କାଟିବାକୁ ପଡ଼ିଥାନ୍ତା। ଏତେପରିମାଣର ଗଛ କଟାକୁ ରୋକିବା ସହିତ ପରିବେଶ ସନ୍ତୁଳିତ ବଜେଟ ଉପସ୍ଥାପନ କରିବାକୁ ଡିଜିଟାଲ ମୋଡକୁ ଆପଣା ଯାଇଛି। ଏହି ଡିଜିଟାଲ ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିବା ସହ ରାଜ୍ୟ ସରକାର ସବୁଜ ଓ ନିରନ୍ତର ବିକାଶ ଲାଗି ବଦ୍ଧପରିକର। ଏହାକୁ ଗ୍ରୀନ୍ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।



ଇ-ବଜେଟ୍ ସମ୍ପର୍କିତ ପେନ୍ ଡ୍ରାଇଭ୍ ପ୍ରଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ।

- ଅଭିବୃଦ୍ଧି ଲକ୍ଷ୍ୟ ୭.୫%
- ୩% ହେବ ବିତ୍ତୀୟ ନିଅଣ୍ଟ
- ରଣଭାର ରହିବ ଜିଏସ୍‌ଡିପିର ୧୮.୯୯%
- କୃଷି ବଜେଟ ୧୯୪୦୮ କୋଟି ଟଙ୍କା
- ଫୋକସରେ ସହର, ଐତିହ୍ୟ, ଜଳବାୟୁ
- ପିଲେ ହେବେ କୁପୋଷଣ ମୁକ୍ତ
- ଏମ୍‌ଏଲଏ ଲ୍ୟାଡ୍ ୧ କୋଟିରୁ ୩ କୋଟିକୁ ବଢ଼ିଲା, ବିଧାୟକ ଖୁସ୍
- ସହର ପାଇଁ ୬,୧୮୦ କୋଟି ଟଙ୍କା
- ସ୍ୱାସ୍ଥ୍ୟସେବା ପାଇଁ ୭,୭୦୦କୋଟି
- ଦକ୍ଷତା ବିକାଶ ପାଇଁ ୨୨ ହଜାର କୋଟି
- ପ୍ରଶାସନିକ ବ୍ୟୟ ପରିମାଣ ୬୫ ହଜାର ୬୬୫ କୋଟି
- କାର୍ଯ୍ୟକ୍ରମ ବ୍ୟୟ ପରିମାଣ ୭୪ ହଜାର କୋଟି
- ବିପର୍ଯ୍ୟୟ ପ୍ରଶମନ ବାବଦ ବ୍ୟୟ ୩ ହଜାର ୨ ଶହ କୋଟି
- କାଳିଆ ଯୋଜନାରେ ବିନା ସୁଧରେ ଦିଆଯିବ ୭୦୫ କୋଟିର ଋଣ

**ରାଜ୍ୟ ବଜେଟରେ ଚାଷକୁ ପ୍ରାଧାନ୍ୟ**




# ଆଜିଠୁ ମାଟ୍ରିକ ପରୀକ୍ଷା

- କପି ରୋକିବାକୁ ୧୦୦୦ କେନ୍ଦ୍ରରେ ସିସିଟିଭି କ୍ୟାମେରା
- ପରୀକ୍ଷା ପରିଚାଳନା ପାଇଁ ୪ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା
- ଅଭିଯୋଗ ପାଇଁ ୧୨ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି
- ୨୮୮୮ କେନ୍ଦ୍ରରେ ପରୀକ୍ଷା ଦେବେ ୫,୬୦,୯୦୫ ଛାତ୍ରୀଛାତ୍ର

**କଟକ ଅଫିସ,୧୮।୨**

ବୁଧବାରଠାରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ଗୋଟିଏ ଦିନରୁ ହିଁ ଆରମ୍ଭ ହେବ। ଚଳିତବର୍ଷ ମୋଟ୍ ୨୮୮୮ ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୬୦ହଜାର ୯୦୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏ ନେଇ ବୋର୍ଡ କର୍ତ୍ତୃପକ୍ଷ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି ବୋଲି ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫେବୃୟାରୀ ୨୯ ଓ ମଧ୍ୟମା ପରୀକ୍ଷା ଫେବୃୟାରୀ ୨୮ରେ ଶେଷ ହେବ। ଦୁଇଟି ସିଟିଂରେ ପରୀକ୍ଷାଗୁଡ଼ିକ କରାଯିବ। ପରୀକ୍ଷା ଖାତା ଗଚ୍ଛିତ ରଖିବା ପାଇଁ ୩୦୭ ନୋଡାଲ କେନ୍ଦ୍ର ସ୍ଥିର କରାଯାଇଛି। ସେଥିମଧ୍ୟରୁ ସମ୍ବେଦନଶୀଳ ସ୍ଥାନ ଭାବେ ଗଣା ହେଉଥିବା ପରୀକ୍ଷାକେନ୍ଦ୍ରର ପରୀକ୍ଷା ଖାତା ଥାନାରେ ରଖାଯିବ। କୋରାପୁଟ ଜିଲାର ୫, କନ୍ଧମାଳ ଜିଲାର ୭ ଓ ମାଲକାନଗିରି ଜିଲାର ୧୦ଟି ଥାନାକୁ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ କର୍ତ୍ତୃପକ୍ଷ ୪ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ବୋର୍ଡ ପକ୍ଷରୁ ୬୯ଟି ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ଶିକ୍ଷାଧିକାରୀମାନଙ୍କୁ ନେଇ ୪୪ଟି ସ୍କ୍ୱାଡ୍ ଗଠନ ହୋଇଛି। ଫ୍ଲାଇଂ ସ୍କ୍ୱାଡ୍‌ରେ ଅଧ୍ୟାପକମାନଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ କପି ରୋକିବା ପାଇଁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦୟାର ପାତ୍ର ନୁହେଁ

**ଆଜିର ମନ୍ତବ୍ୟ**

> ଅର୍ଥନୀତି ସମ୍ପର୍କିତ ତଥ୍ୟ ଲୁଚାଇ ପ୍ରାଚୀର ପଛପଟେ ଦାରିଦ୍ର୍ୟକୁ ଢାଙ୍କିବାକୁ ଉଦ୍ୟମ କରୁଛନ୍ତି କେନ୍ଦ୍ର ସରକାର।
>
> -ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

# ଅନୁପ, ବର୍ଦ୍ଧନଙ୍କୁ କୋର୍ଟରେ ହାଜର କଲା ପୋଲିସ





ଡ୍ରାଇଭର ବର୍ଦ୍ଧନ ଟପ୍ପୋ (ବାମ) ଓ ଅନୁପ ସାଏଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

**ଭୁବନେଶ୍ୱର(ବ୍ୟୁରୋ)/ଝାରସୁଗୁଡ଼ା ଅଫିସ, ବ୍ରଜରାଜନଗର(ଡି.ଏନ.ଏ.), ୧୮।୨**

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ମଙ୍ଗଳବାର ରାୟଗଡ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଛି। ସେଥିପାଇଁ ଉଭୟଙ୍କୁ ରାୟଗଡ ଜେଲରୁ ଦିନ ପ୍ରାୟ ୧୧ଟା ୩୦ରେ ଏସ୍‌ଡିଜେଏମଙ୍କ କୋର୍ଟକୁ ଅଣାଯାଇଥିଲା। ସେମାନଙ୍କୁ ଅପରାହ୍ନ ୪ଟା ୩୦ରେ କୋର୍ଟରେ ହାଜର କରାଯାଇଥିଲା। ହେଲେ ପୋଲିସ ଆବେଦନ କରିବା ବେଳେ କୋର୍ଟରେ ଉପଯୁକ୍ତ କାଗଜପତ୍ର ଦେଇ ପାରି ନ ଥିବାରୁ କୋର୍ଟ ଦିନକ ପାଇଁ ରାୟ ସ୍ଥଗିତ ରଖିଛନ୍ତି। ସରକାରୀ ଓକିଲ ବେଦପ୍ରକାଶ ପଟେଲ କହିଛନ୍ତି, ପୋଲିସ ପକ୍ଷରୁ ଉଭୟଙ୍କୁ ୭ ଦିନି ରିମାଣ୍ଡରେ ନେବା, ନାର୍କୋ ଓ ଡିଏନଏ ଟେଷ୍ଟ ପାଇଁ ଆବେଦନ କରାଯାଇଛି। କୋର୍ଟ ମଙ୍ଗଳବାର ଆବେଦନ ଗ୍ରହଣ କରିଥିଲେ ମଧ୍ୟ ରାୟ ସ୍ଥଗିତ ରଖିଛନ୍ତି। ବୁଧବାର ରାୟ ପ୍ରକାଶ ପାଇବ।


We wish All the Best to H.S.C. Examinees- 2020

NEWTON COLLEGE OF +2 SCIENCE
NEWTON HIGHER SECONDARY SCHOOL OF SCIENCE
DEBAIPALI (MAJHIPALI), SAMBALPUR

FOUNDATION COURSE
Registration begins from : Dt. 02.03.2020
Commencement of classes: Dt. 17.03.2020
Subjects to be taught:
Physics, Chemistry, Mathematics, Biology, Inf. Tech., Statistics & English
Crash Course for Medical Entrance Starts on Dt. 27.03.2020
-: Kindly contact for further details :-
Mob. 9438069105, 9938586082, 9583325666






Taste the difference! Vencobb Fresh CHICKEN

18.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 54 | 98 | 108 |
| BDK | 59 | 105 | 115 |
| BLS | 60 | 106 | 116 |
| ANG | 54 | 98 | 108 |
| BHM | 52 | 96 | 106 |

*Conditions Apply

Issued in the Interest of Consumers






ମାୟାଗନରୀ ମୁମ୍ବାଇରେ ଥିବା ସବୁ ସେଲିବ୍ରିଟି କୋଟିପତି। ଏଠି ଗରିବ ବୋଲି କେହି ନାହିଁ କହିଲେ ଚଳେ। ହେଲେ ଏଠି ଏମିତି ଜଣେ ସେଲିବ୍ରିଟି ରହୁଛନ୍ତି ଯାହାଙ୍କର ପର୍ସନାଲ ଫୋନ ନମ୍ବର ତାଙ୍କ ଅଞ୍ଚଳର ସମସ୍ତ ଭିକାରିଙ୍କ ପାଖରେ ରହିଛି। ସେହି ଅଭିନେତା ଜଣକ ହେଲେ ଜ୍ୟାକି ଶ୍ରଫ୍। ଗରିବ ପରିବାରରେ ଜନ୍ମିତ ଜ୍ୟାକି ୮୦ ଦଶକ ପୂର୍ବରୁ ମୁମ୍ବାଇରେ ଏକ ଚାଳ ଘରେ ରହୁଥିଲେ। ବଲିଉଡ୍‌ରେ ଅଭିନୟ ପରେ ବଦଳି ଯାଇଥିଲା ତାଙ୍କର ଆର୍ଥିକ ସ୍ଥିତି।




# 'ନେହା ମୋତେ ଭିଲେନ୍ ବନେଇଦେଲେ'

**ମୁମ୍ବାଇ:** ନିଜ ଏକ୍ସପ୍ରେସନ୍ ଆଉ ଉଚ୍ଚକୋଟୀର ଗାୟକୀ ପାଇଁ ଘରେ ଘରେ ପରିଚିତା ନେହା କକ୍କରଙ୍କୁ ନେଇ ଚର୍ଚ୍ଚା। ନେହାଙ୍କ ଏକ୍ସ ବୟଫ୍ରେଣ୍ଡ ହିମାଂଶ କୋହଲିଙ୍କ ବୟାନ ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ଏ କଥା ସମସ୍ତେ ଜାଣନ୍ତି ଯେ, ଉଭୟଙ୍କ ବ୍ରେକ୍‌ଅପ୍ ହୋଇସାରିଛି। ଆଉ ବ୍ରେକ୍‌ଅପ୍ ପରେ ନିଜକୁ ସମ୍ଭାଳିବା ନେହାଙ୍କ ପାଇଁ କଷ୍ଟକର ଥିଲା। ସେ ଏନେଇ ଅନେକ ଥର ଟିଭି ସ୍କ୍ରିନ୍‌ରେ କାନ୍ଦିଥିବା ମଧ୍ୟ ଦେଖିବାକୁ ମିଳିଛି। ଏପରି କି ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ ଶେୟାର କରି ସେ ନିଜର ଦୁଃଖ ଜଣାଇଥିଲେ। ଏଥିପାଇଁ ନେହାଙ୍କୁ ଫ୍ୟାନ୍‌ମାନଙ୍କଠାରୁ ଅନେକ ଭଲପାଇବା ଓ ସାନ୍ତ୍ୱନା ମଧ୍ୟ ମିଳିଥିଲା। ହେଲେ ଏସବୁ ନେଇ ହିମାଂଶଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସି ନ ଥିଲା। କିନ୍ତୁ ଏବେ ହିମାଂଶ ନିଜ ପକ୍ଷ ରଖିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନେହା-ହିମାଂଶଙ୍କ ବ୍ରେକ୍‌ଅପ୍ ପରେ ଫ୍ୟାନ୍‌ଙ୍କ ସବୁଠାରୁ ଅଧିକ ଧ୍ୟାନ ଆକର୍ଷଣ କରିଥିଲେ ନେହା। ଏନେଇ ହିମାଂଶ କହିଛନ୍ତି, ତାଙ୍କ ପାଇଁ ମଧ୍ୟ ବ୍ରେକ୍‌ଅପ୍‌ରୁ ବାହାରି ସ୍ୱାଭାବିକ ଜୀବନ ଜୀଇଁବା ସେତିକି କଷ୍ଟଦାୟକ ଥିଲା ଯେତିକି ନେହା କଷ୍ଟ ପାଇଥିଲେ। ଏହା ତାଙ୍କ ଜୀବନର ସବୁଠାରୁ ଦୁଃଖର ଦିନ ଥିଲା ବୋଲି ସେ କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ହିମାଂଶ ନେହାଙ୍କ ସହ ତାଙ୍କ ବ୍ରେକ୍‌ଅପ୍‌ର ଅନେକ ବିଷୟ ଖୁଲାସା କରିଛନ୍ତି।ହିମାଂଶ କହିଛନ୍ତି, ଯେତେବେଳେ ତାଙ୍କୁ ନେହା କକ୍କରଙ୍କ ଏକ୍ସ ବୟଫ୍ରେଣ୍ଡ ବୋଲି ସମ୍ବୋଧନ କରାଯାଏ, ତାଙ୍କୁ ବହୁତ ଦୁଃଖ ଲାଗେ। ଲୋକେ ତାଙ୍କ କାମକୁ ଅଣଦେଖା କରିବା ଉଚିତ ନୁହେଁ। ନେହାଙ୍କ ସହ ତାଙ୍କୁ ଲିଙ୍କ୍ କରିବା ସାମାନ୍ୟ ବିଷୟ। ହେଲେ ଏହା ହିଁ କେବଳ ତାଙ୍କର ପରିଚୟ ପାଲଟିଗଲେ, ତାଙ୍କୁ ବହୁତ କଷ୍ଟ ହୁଏ ବୋଲି ହିମାଂଶ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ୨୦୧୭ରେ ଏକ ଫିଲ୍ମର ପ୍ରମୋଶନ ସମୟରେ ନେହାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଦୁହେଁ ଦୁହିଁଙ୍କୁ ପସନ୍ଦ କଲେ ଏବଂ ମିଳାମିଶା ଜାରି ରଖିଲେ। ପ୍ରାୟ ୧ ବର୍ଷରୁ ଅଧିକ ସମୟ ଦୁହେଁ ରିଲେସନଶିପ୍‌ରେ ଥିଲେ। ସେ ନିଜ ସମ୍ପର୍କକୁ ନେଇ ଗମ୍ଭୀର ଥିଲେ। ଏପରି କି ହିମାଂଶ ଭବିଷ୍ୟତରେ ନେହାଙ୍କୁ ବିବାହ ମଧ୍ୟ କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେଲା ଓ ସମ୍ପର୍କ ଆଗକୁ ବଢ଼ିପାରିଲା ନାହିଁ। କିନ୍ତୁ ସେମାନଙ୍କ ବ୍ରେକ୍‌ଅପ୍ ହୋଇ ନ ଥିଲା। ହେଲେ ନେହା ସୋସିଆଲ ମିଡିଆରେ ଏହି ପରିସ୍ଥିତିକୁ ବ୍ରେକ୍‌ଅପ୍ ବୋଲି କହି ଲେଖିବା ଆରମ୍ଭ କଲେ। ପରେ ଉଭୟଙ୍କ ସହମତିରେ ବ୍ରେକ୍‌ଅପ୍ ହୋଇଥିଲା। କିନ୍ତୁ ସମସ୍ତଙ୍କ ସାମ୍ନାରେ ନେହା ତାଙ୍କୁ ଭିଲେନ୍ ସଜେଇଦେଲେ ବୋଲି ହିମାଂଶ କହିଛନ୍ତି। ଏଠାରେ କହିରଖୁଛୁ ଯେ, ୨୦୧୪ରେ ରିଲିଜ୍ 'ୟାରିୟାଁ'ରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।

# ଆମେରିକାରେ ନ ଥିବେ ଡୋନାଲ୍ଡ ଟ୍ରମ୍ପଙ୍କ ଏମିତି ପ୍ରଶଂସକ !

**ହାଇଦ୍ରାବାଦ୍:** ଫେବୃୟାରୀ ୨୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଅହମଦାବାଦ ଯିବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଟ୍ରମ୍ପଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ତେବେ ଟ୍ରମ୍ପଙ୍କ ଏକ ନିଆରା ପ୍ରଶଂସକଙ୍କୁ ତେଲଙ୍ଗାନାରେ ଦେଖିବାକୁ ମିଳିଛି। ଏଠାରେ ଜଣେ କୃଷକ ନିଜ ଘରେ ଟ୍ରମ୍ପଙ୍କ ୬ ଫୁଟ ଉଚ୍ଚ ମୂର୍ତ୍ତି ନିର୍ମାଣ କରିଛନ୍ତି। ପ୍ରତିଦିନ ସେ ଏହି ମୂର୍ତ୍ତିକୁ ପୂଜା କରନ୍ତି। କ୍ଷୀରରେ ଅଭିଷେକ କରନ୍ତି। ଏପରିକି ତାଙ୍କ ମୋବାଇଲ୍ ବ୍ୟାକ୍ କଭର୍‌ରେ ବି ଟ୍ରମ୍ପଙ୍କ ଫଟୋ ରହିଛି। ବୁଶା କୃଷ୍ଣା ନାମକ ଏହି ବ୍ୟକ୍ତି ଜଣକ ହାଇଦ୍ରାବାଦଠାରୁ ୧୨୦ କିମି ଦୂରରେ ଥିବା ଜନଗାଓଁ ଜିଲାରେ ରୁହନ୍ତି। ଗତବର୍ଷ ଟ୍ରମ୍ପଙ୍କ ଜନ୍ମଦିନ ଅବସରରେ ସେ ତାଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ସେ କହିଛନ୍ତି, ଟ୍ରମ୍ପ ଜଣେ ସାହସୀ ନେତା। ନିଜ ଦେଶର ମଙ୍ଗଳ ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ ଥାନ୍ତି। ତାଙ୍କ ଭାରତ ଗସ୍ତକୁ ନେଇ ବେଶ୍ ଖୁସି ଅଛନ୍ତି କୃଷ୍ଣା।

ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ହରିୟାଣାର ଏକ ଗ୍ରାମକୁ ଟ୍ରମ୍ପ ନାମରେ ନାମିତ କରାଯାଇଛି। ମେୱାନସ୍ଥିତ ମରୋଡା ଗ୍ରାମରେ ଟ୍ରମ୍ପ ବେଶ୍ ପ୍ରସିଦ୍ଧ। ତେଣୁ ଏହି ଗ୍ରାମକୁ ମରୋଡା ପରିବର୍ତ୍ତେ ଡୋନାଲ୍ଡ ଟ୍ରମ୍ପ ଗ୍ରାମ ବୋଲି ଡକାଯାଉଛି। କିନ୍ତୁ ସରକାରୀ କାଗଜପତ୍ରରେ ମରୋଡା ଗ୍ରାମ ହିଁ ରହିଛି।



## ଇକୋ ଫ୍ରେଣ୍ଡଲୀ ଶେଷକୃତ୍ୟ

# ମୃତଦେହ ହେବ ମାଟି



ୱାଶିଂଟନ: ସ୍ମାର୍ଟ ହେଉଛି ମଣିଷ। ସ୍ମାର୍ଟ ହୋଇଚାଲିଛି ଦୈନନ୍ଦିନ ଜୀବନର ଆଦବକାଇଦା। ସବୁ କିଛି ଯେତେବେଳେ ସ୍ମାର୍ଟ ହେଉଛି ଏଥିରୁ ଶେଷକୃତ୍ୟ ବାଦ୍ ପଡ଼ନ୍ତା ବା କେମିତି! ମର ଶରୀରକୁ ଦାହ କରିବା ଦ୍ୱାରା ସୃଷ୍ଟି ହେଉଥିବା କାର୍ବନ ନିର୍ଗମନ ରୋକିବାକୁ ଆମେରିକାରେ ଆରମ୍ଭ ହୋଇଛି ଇକୋ ଫ୍ରେଣ୍ଡଲୀ ସତ୍କାର ବ୍ୟବସ୍ଥା। ଏହାଦ୍ୱାରା କାର୍ବନକୁ ବହୁ ପରିମାଣରେ କମାଇ ଦିଆଯାଇପାରିବ। ତା' ସହିତ ମୃତଶରୀର ଅପଘଟିତ ହେବା ପରେ ସେଥିରୁ ସୃଷ୍ଟି ହେବ ମାଟି। ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ପଦ୍ଧତି ୨୦୨୧ ସୁଦ୍ଧା ବ୍ୟବସାୟିକ ଭିତ୍ତିରେ ଲାଗୁ ହେବ। ଏହା ହେବ ପୃଥିବୀର ପ୍ରଥମ ଇକୋ ଫ୍ରେଣ୍ଡଲୀ ମୃତଦେହ ସତ୍କାର ବ୍ୟବସ୍ଥା ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଇକୋ ଫ୍ରେଣ୍ଡଲୀ ମୃତଦେହ ସତ୍କାର ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ବକ୍ସରେ ପାର୍ଥିବ ଶରୀର ସହ କାଠଖଣ୍ଡ, ଗଛର ଅବଶେଷ ରଖି ନିବୁଜ କରିଦିଆଯାଏ। ଏହାକୁ ବୈଦ୍ୟୁତିକ ପଦ୍ଧତିରେ ଲଗାତର ଘୂରା ଯାଇଥାଏ। ବକ୍ସର ତାପମାତ୍ରା ୫୫ ଡିଗ୍ରୀ ସେଲ୍‌ସିୟସ ଛୁଇଁବା ପରେ ସେଥିରୁ ଏକ ପ୍ରକାର ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଉକ୍ତ ଜୀବାଣୁ ମରଶରୀରରେ ପ୍ରବେଶ କରି ମାତ୍ର ୩୦ ଦିନରେ ମୃତଦେହକୁ ନଷ୍ଟ କରିଦେଇଥାନ୍ତି। ପାର୍ଥିବ ଶରୀର ଅପଘଟିତ ହୋଇଯିବା ପରେ କିଛି ମାଟି ଏବଂ ହାଡ଼ ଅବଶେଷ ଭାବେ ରହିଯାଏ। ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ପଦ୍ଧତିକୁ ଅଧିକ ବିକଶିତ କରାଯାଉଛି। ବ୍ୟବସାୟିକ ଭିତ୍ତିରେ ଲାଗୁ କରାଯିବା ପୂର୍ବରୁ ହାଡ଼ ମଧ୍ୟ ଯେପରି ବିଘଟିତ ହୋଇପାରିବ ସେହି ବ୍ୟବସ୍ଥା କରାଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏପରି ନିଆରା ପଦ୍ଧତିରେ ଅଦ୍ୟାବଧି ୬ ମୃତଦେହର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଏହି ପଦ୍ଧତି ବିକଶିତ କରୁଥିବା କମ୍ପାନୀ 'ରିକମ୍ପୋଜ'ର କହିବା କଥା, ଇକୋ ଫ୍ରେଣ୍ଡଲୀ ମୃତଦେହ ସତ୍କାର ବ୍ୟବସ୍ଥା ପାରମ୍ପରିକ ସଂସ୍କାର ପ୍ରକ୍ରିୟା ତୁଳନାରେ ଅଧିକ ପରିବେଶ ଉପଯୋଗୀ। ପାରମ୍ପରିକ ପଦ୍ଧତିରେ ହେଉଥିବା ଦାହ ସଂସ୍କାରରେ ପାଖାପାଖି ଗୋଟିଏ ଟନ୍ ଯାଏ କାର୍ବନ ନିର୍ଗମନ ହୋଇଥାଏ। ହେଲେ ନୂତନ କରି ଆରମ୍ଭ ହୋଇଥିବା ପଦ୍ଧତି ସମ୍ପୂର୍ଣ୍ଣ କାର୍ବନ ମୁକ୍ତ ହେବ। ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟିର ବିଶେଷଜ୍ଞ କହିଛନ୍ତି ଯେ, ଏହି ପଦ୍ଧତିରେ ମାତ୍ର ୩୦ଦିନରେ ପାର୍ଥିବ ଶରୀର ସମ୍ପୂର୍ଣ୍ଣ ଅପଘଟିତ ହୋଇଯିବ। ଉଚ୍ଚ ତାପମାତ୍ରା ଯୋଗୁ ମୃତ ଶରୀରରେ ଥିବା କ୍ଷତିକାରକ ଜୀବାଣୁ ମଧ୍ୟ ନଷ୍ଟ ହୋଇଯିବେ, ଯାହା ସଂକ୍ରମଣଜନିତ ଆଶଙ୍କାକୁ ଅନେକାଂଶରେ ରୋକିପାରିବ।

# ପାରମ୍ପରିକ ଚିକିତ୍ସା ରୋକିପାରିବ କରୋନା

**ନୂଆଦିଲ୍ଲୀ:** ଚାଇନାରୁ ଆରମ୍ଭ ହୋଇଥିବା କରୋନା ଭାଇରସ୍ ସଂକ୍ରମଣ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଦିନ କେଇଟା ଭିତରେ ପ୍ରାୟ ୨୭ ଦେଶକୁ ବ୍ୟାପୀ ସାରିଥିବା ବେଳେ କେବଳ ଚାଇନାରେ ପାଖାପାଖି ୧୮୦୦ ଲୋକଙ୍କ ଜୀବନ ନେଇ ବିଶ୍ୱବ୍ୟାପୀ ମହାମାରୀର ରୂପ ଧାରଣ କରିଛି। ଅଦ୍ୟାବଧି ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ସଂକ୍ରମଣର ଶିକାର ହୋଇଛନ୍ତି। ତେବେ ସାରା ଦୁନିଆର ବୈଜ୍ଞାନିକଙ୍କ ଶତଚେଷ୍ଟା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଏହାର ଆଣ୍ଟିଡୋଟ୍ ବାହାରି ପାରିନାହିଁ। ଏହି ମହାମାରୀ ପାଇଁ ପାଖାପାଖି ୮୦ ପ୍ରକାରର କ୍ଲିନିକାଲ୍ ଟ୍ରାଏଲ୍‌ସ ବାହାରିଛି, କିନ୍ତୁ କୌଣସିଥିରୁ ସୁଫଳ ମିଳିପାରିନାହିଁ। କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଷ୍ଟେମ୍ ସେଲ୍ ଥେରାପିଠାରୁ ଆରମ୍ଭ କରି ଏଚ୍‌ଆଇଭି ଡ୍ରଗ୍ସର ବ୍ୟବହାର କରି ବିଫଳ ହେବା ପରେ ଏବେ ଚାଇନା ପାରମ୍ପରିକ ଚିକିତ୍ସାଶୈଳୀକୁ ଆପଣାଇଛି। ରୋଗୀଙ୍କ ଚିକିତ୍ସା ପାଇଁ ପ୍ରାୟ ୩ ହଜାର ବର୍ଷ ପୁରୁଣା ଚିକିତ୍ସା ପଦ୍ଧତି ଆପଣାଯାଉଛି। ହୁବେଇର ସ୍ୱାସ୍ଥ୍ୟ ଆୟୋଗର ନୂତନ ପ୍ରମୁଖ ୱାଙ୍ଗ ହେସେଙ୍ଗ କହିଛନ୍ତି, ପାରମ୍ପରିକ ଚିକିତ୍ସା ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ଉନ୍ନତି ଆସୁଥିବା ଦେଖାଯାଉଛି। ତେଣୁ ଚାଇନାର ପାରମ୍ପରିକ ଚିକିତ୍ସା ବିଶେଷଜ୍ଞମାନଙ୍କୁ ଅନୁସନ୍ଧାନ ପାଇଁ ହୁବେଇ ପଠାଯାଇଛି। ଉହାନ ହସ୍ପିଟାଲରେ ଏହି ପାରମ୍ପରିକ ପଦ୍ଧତିରେ ଚିକିତ୍ସା କରାଯାଉଛି, ଯାହାକୁ ଟ୍ରାଡିସନାଲ ଚାଇନିଜ୍ ମେଡିସିନ୍ (ଟିସିଏମ୍) କୁହାଯାଉଛି। ତେବେ ଏହି ଚିକିତ୍ସା ପଦ୍ଧତି ଦ୍ୱାରା ରୋଗୀଙ୍କ କ୍ଷେତ୍ରରେ ସାମାନ୍ୟ ଉନ୍ନତି ଦେଖାଯାଉଥିବାରୁ ଚାଇନା ଲୋକମାନଙ୍କ ମନରେ ଏକ ନୂତନ ଆଶା ସଞ୍ଚାର କରିଛି।




# ଦେବତାଙ୍କ ଅଦାଲତ

ଛତିଶଗଡ଼ ବସ୍ତର ଜିଲାରେ ଥିବା କାଣ୍ଡଗାଁରେ ଦେଖିବାକୁ ମିଳେ ଏକ ନିଆରା ପରମ୍ପରା। ଏହି ଗାଁର ଅଧିବାସୀମାନେ କୌଣସି ଅଭିଯୋଗର ଶୁଣାଣି ପାଇଁ କୋର୍ଟ ଅବା ଥାନାର ଦ୍ୱାରସ୍ଥ ହୋଇ ନ ଥାଆନ୍ତି। ଗାଁ ମଧ୍ୟରେ ବସୁଥିବା ଈଶ୍ୱର ବା ଦେବତାଙ୍କ ଅଦାଲତରେ ସବୁ ସମସ୍ୟାର ସମାଧାନ କରାଯାଇଥାଏ।



କେହି କେହି ଏହାକୁ ମାଟି କୋର୍ଟ, ଭିମା କୋର୍ଟ ମଧ୍ୟ କହିଥାଆନ୍ତି। ଆଉ ଏହି କୋର୍ଟର ପ୍ରତିନିଧି ଭାବେ ଗାଁ ମୁଖିଆ ସମସ୍ତ ଅଭିଯୋଗର ଶୁଣାଣି କରିଥାଆନ୍ତି। ଗାଁ ବାହାରେ ଗଛମୂଳେ ଏହି କୋର୍ଟ ବସିଥାଏ। ଆଉ ଭୁଲ୍ କରିଥିବା ବ୍ୟକ୍ତି ସର୍ବସମ୍ମୁଖରେ ଗଛ ମୂଳରେ ଠିଆ ହେବା ଭୟରେ ଏଠାରେ ଲୋକେ ଅପରାଧ କରିବାକୁ ଭୟ କରିଥାଆନ୍ତି ବୋଲି କୁହାଯାଏ। ସୁପ୍ରିମକୋର୍ଟ ଭଳି ଏହା ଗାଁର ସର୍ବୋଚ୍ଚ କୋର୍ଟ ବୋଲି ଗ୍ରାମବାସୀ ମାନିଥାଆନ୍ତି। ଏହାସହ ଗାଁର ସମସ୍ତ ଶୁଭକାର୍ଯ୍ୟ ଏହି ମାଟି ଦେବତାଙ୍କୁ ପୂଜା କରି ଆରମ୍ଭ କରିବାର ମଧ୍ୟ ପରମ୍ପରା ରହିଛି। ଏହାକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି।

# ଗୁଡ୍ ବାଏ କହିବା ଏତେ ସହଜ ନୁହେଁ: ଅନୁଷ୍କା

**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଓ ଭାରତୀୟ କ୍ରିକେଟ ଦଳର କ୍ୟାପଟେନ୍ ବିରାଟ କୋହଲିଙ୍କ ଯୋଡି ଅଧିକାଂଶ ସମୟରେ ଥାଆନ୍ତି ଚର୍ଚ୍ଚାରେ। ବିବାହ ପରେ ଅନୁଷ୍କା ଏକ ପ୍ରକାର ଅଭିନୟଠାରୁ ଦୂରେଇ ରହିଥିବା ବେଳେ ସେ ବିରାଟଙ୍କ ସହ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଛନ୍ତି ବୋଲି କୁହାଯାଏ। ଅନେକ ସମୟରେ ଅନୁଷ୍କା ବିରାଟଙ୍କ ସହ ବିଦେଶ ଭ୍ରମଣ କରୁଥିଲେ ବି କେବେ କେବେ ଯାଇ ପାରନ୍ତି ନାହିଁ। ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଥିବା ଏହି ନାୟିକା ନିକଟରେ ଏମିତି ଏକ ପୋଷ୍ଟ କରିଛନ୍ତି ଯାହା ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି। ଅନୁଷ୍କା ଲେଖିଛନ୍ତି ସମୟ ସହ ତାଳ ଦେଇ ଗୁଡବାୟ କହିବା ଆପଣମାନେ ଭାବୁଥିବେ ସହଜ କଥା। ହେଲେ ଏହା ଏତେଟା ସହଜ ନୁହେଁ ବୋଲି ସେ କହିଛନ୍ତି। ଅବଶ୍ୟ ଏମିତି କେବେ ହୋଇନି ବୋଲି ବି ସେ ଲେଖିଛନ୍ତି। ଅର୍ଥାତ୍ କେବେ କେବେ ବିରାଟଙ୍କଠାରୁ ଦୂରରେ ରହିବା ତାଙ୍କୁ କଷ୍ଟ ଦିଏ ବୋଲି ସେ ପରୋକ୍ଷରେ କହିଛନ୍ତି ବୋଲି କୁହାଯାଉଛି। ଏହି ମେସେଜ୍ ସହ ସେ ଯେଉଁ ଫଟୋ ଶେୟାର କରିଛନ୍ତି ତାହା ମଧ୍ୟ ଅନେକଙ୍କୁ ପସନ୍ଦ ଆସିଛି। କାରଣ ମାତ୍ର କେଇ ଘଣ୍ଟା ମଧ୍ୟରେ ପାଖାପାଖି ୧୭ ଲକ୍ଷ ୟୁଜର୍ସ ଏହାକୁ ଲାଇକ୍ କରିବା ସହ ଶେୟାର ମଧ୍ୟ କରିସାରିଛନ୍ତି।




# 'ନେକେଡ୍ ଫେଷ୍ଟିଭାଲ'

**ଓକାୟାମା :** ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ଜାପାନରେ ଏକ ଅଜବ ପରମ୍ପରା ଦେଖିବାକୁ ମିଳିଛି। ପ୍ରତିବର୍ଷ ଫେବୃୟାରୀ ମାସର ଦ୍ୱିତୀୟ ଶନିବାର ଦିନ ହଡ୍‌କା ମତ୍ସୁରୀ ନାମକ ଏକ ଉତ୍ସବ ପାଳନ କରାଯାଏ। ଏହାକୁ 'ନେକେଡ୍ ଫେଷ୍ଟିଭାଲ୍' ମଧ୍ୟ କୁହାଯାଏ। ଏହି ଉତ୍ସବକୁ ଲୋକମାନେ କମ କପଡା ପିନ୍ଧି ଆସିଥାନ୍ତି। ଜାପାନରେ ଓକାୟାମା ସହରରେ ଥିବା ସୌଦାଇଜି କାନ୍ନୋନିନ୍ ମନ୍ଦିରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଫେବୃୟାରୀ ୧୫ରେ ମଧ୍ୟ 'ନେକେଡ୍ ଫେଷ୍ଟିଭାଲ୍'ର ଆୟୋଜନ କରାଯାଇଥିଲା। ଏଠାକୁ ଆସିଥିବା ଲୋକେ କେବଳ ଏକ ଧଳା ରଙ୍ଗର ଛୋଟ ତଉଲିଆ ପିନ୍ଧିଥାନ୍ତି। ଏହାକୁ ସ୍ଥାନୀୟ ଭାଷାରେ ଫୁଦେଶୀ ବୋଲି କୁହାଯାଏ। ଏହି ଉତ୍ସବ ମାତ୍ର ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲେ। ଗୋଟିଏ ସ୍ଥାନରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଛିଡା ହୋଇ ରହିଥାନ୍ତି। ସେମାନଙ୍କ ଉପରେ ଠାକୁରଙ୍କ ଫୁଲ ପକାଯାଏ। କଥିତ ଅଛି, ଯିଏ ଏହାକୁ ଧରନ୍ତି ସେମାନଙ୍କ ପାଇଁ ବର୍ଷଟି ଭଲରେ ବିତେ। ଏହି ଉତ୍ସବରେ ଯୋଗ ଦେବାକୁ ଜାପାନର ବିଭିନ୍ନ ସହରରୁ ଲୋକ ଆସନ୍ତି।



# ୩ ବର୍ଷରେ ମଲେଣି ୨୪୬ ହାତୀ

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

■ ରାଜ୍ୟରେ ଅଛନ୍ତି ୧୯୭୬ ହାତୀ
■ ୧୩ ବନଖଣ୍ଡରେ ଗୋଟିଏ ବି ନାହାନ୍ତି

ଓଡ଼ିଶାରେ ବିପଦରେ ଅଛନ୍ତି ହାତୀ। ଗତ ୩ ବର୍ଷରେ ବିଭିନ୍ନ କାରଣରୁ ୨୪୬ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ମଙ୍ଗଳବାର ବିଧାନସଭାରେ ବଲାଙ୍ଗୀର ଲୋଇସିଂହା ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ରାଜ୍ୟରେ ହାତୀ ସଂଖ୍ୟା କେତେ ରହିଛି, ବିଗତ ୩ ବର୍ଷ ମଧ୍ୟରେ କେତେ ହାତୀଙ୍କ ମୃତ୍ୟୁ ହୋଇଛି ଏବଂ ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ କି ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ରୋଗରେ ଆକ୍ରାନ୍ତ, ବିଦ୍ୟୁତ୍‌ଜନିତ ଦୁର୍ଘଟଣା, ଟ୍ରେନ୍ ଦୁର୍ଘଟଣା ଭଳି କାରଣ ଯୋଗୁ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୧୭ ହାତୀଗଣନା ଅନୁଯାୟୀ, ରାଜ୍ୟର ବିଭିନ୍ନ ବନଖଣ୍ଡରେ ମୋଟ ୧୯୭୬ ହାତୀ ରହିଛନ୍ତି। ସେଥିମଧ୍ୟରୁ ଶିମିଳିପାଳ (କୋର୍)ରେ ସର୍ବାଧିକ ୩୩୦ ହାତୀ ରହିଥିବାବେଳେ ଢେଙ୍କାନାଳରେ ୧୬୯, ସାତକୋଶିଆରେ ୧୪୭ ଓ ଆଠଗଡ଼ରେ ୧୧୫ ହାତୀ ଅଛନ୍ତି। ତେବେ ଓଡ଼ିଶାର ୫୦ ବନଖଣ୍ଡ ମଧ୍ୟରୁ ୧୩ଟିରେ ଆଦୌ ହାତୀ ନାହାନ୍ତି। ଏପରି କି ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ବନଖଣ୍ଡରେ ମାତ୍ର ଗୋଟିଏ ହାତୀ ଅଛି ବୋଲି ମନ୍ତ୍ରୀ ଦେଇଥିବା ତଥ୍ୟରେ ପ୍ରକାଶ ପାଇଛି। ହାତୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବିଦ୍ୟୁତ୍‌ଜନିତ ହେଉଥିବା ହାତୀ ମୃତ୍ୟୁ ସଂଖ୍ୟାକୁ ରୋକିବା ଲାଗି ପର୍ଯ୍ୟାୟକ୍ରମେ ଶକ୍ତି ବିଭାଗ ସହିତ ମିଳିତ ବୈଠକ ହେଉଛି। ସେହିପରି ଦୁର୍ଘଟଣା ରୋକିବା ପାଇଁ ରେଳ ଓ ସଡ଼କ ପରିବହନ ବିଭାଗକୁ ସଚେତନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ୧୪ଟି ହାତୀ କରିଡର୍ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ହାତୀ କରିଡର୍ ସହିତ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ନୂଆ ପୋଖରୀ ଖୋଳାଯିବା ସହ ହାତୀଙ୍କ ଖାଦ୍ୟ ପାଇଁ ବୃକ୍ଷରୋପଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



## ଆକ୍ରମଣକାରୀଙ୍କୁ ୬ ମାସ ଜେଲ

**ଜୁନାଗଡ,୧୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ଗ୍ରାମରେ ଝଗଡା ସମାଧାନ କରିବାକୁ ଯାଇଥିବା ଜଣେ ମଧ୍ୟସ୍ଥିଙ୍କୁ ଆକ୍ରମଣ କରିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍‌ଏଫ୍‌ସି କୋର୍ଟ ବିଚାରପତି ଦେଶପ୍ରିୟ ବାରିକ ଏହି ଘଟଣାରେ ଉକ୍ତ ଗ୍ରାମର ସୁଶାନ୍ତ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଇପିସି ୩୨୩ ଦଫାରେ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ଶହ ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ୍ ଆହୁରି ୧୫ ଦିନ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଅଗଷ୍ଟ ୮ରେ ଜୁନାଗଡ ବ୍ଲକ ନକଟିଗୁଡା ଗ୍ରାମର ସୁଶାନ୍ତ ନାଏକ ତାଙ୍କ ପରିବାର ଲୋକଙ୍କ ସହ ଝଗଡା କରୁଥିଲେ। ଉକ୍ତ ଗ୍ରାମର ସଞ୍ଜୟ ମେହେର ମଧ୍ୟସ୍ଥି ସାଜି ଝଗଡ଼ା ସମାଧାନ କରିବାକୁ ଯାଇଥିଲେ। ଝଗଡା କରୁଥିବା ସୁଶାନ୍ତ ହଠାତ୍ ଉତ୍‌କ୍ଷିପ୍ତ ହୋଇ ସଞ୍ଜୟଙ୍କ ମୁଣ୍ଡକୁ ପଥରରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ସଞ୍ଜୟ ସେତେବେଳେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ସେତେବେଳେ ଆଇପିସି ୩୪୧,୨୯୪, ୩୨୩, ୫୦୬ ଦଫାରେ ଏକ ମାମଲା (ନଂ.୨୫୨/୧୭) ରୁଜୁ ହୋଇଥିଲା।

## ରାସ୍ତା ଦୁର୍ଘଟଣାରେ ମା' ପୁଅଙ୍କ ମୃତ୍ୟୁ

**ଲେଫ୍ରିପଡ଼ା,୧୮।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ବର୍ତ୍ତନକେଲା ଛକଠାରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ ଗାଡ଼ି ଗୋଟିଏ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍‌ରେ ଥିବା ମା'ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରାଖାଇ ଗ୍ରାମର ବୀରେନ୍ଦ୍ର ନାଗ (୪୦) ଏବଂ ତାଙ୍କ ମା' ଇନ୍ଦ୍ରାବତୀ (୬୦)। ଅପରାହ୍ନ ପ୍ରାୟ ୪ଟା ୩୦ରେ ମା'ପୁଅ ଉଜ୍ଜ୍ୱଳପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ନେଇ ଓଡି ୧୬ ଏଫ୍-୫୭୯୬ ନଂ. ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବର୍ତ୍ତନକେଲା ଛକଠାରେ ଲେଫ୍ରିପଡ଼ା ପଟରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ଓଡ଼ି ୧୬ ବି-୭୭୭୬ ନଂ. ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ସରକାରୀ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଲେଫ୍ରିପଡ଼ା ଥାନା ଆଇଆଇସି. ବୀରକିଶୋର ମଲ୍ଲିକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।




# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର: ଯୁବକ ଗିରଫ

**ରାଉରକେଲା ଅଫିସ,୧୮। ୨:**

ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର କରିବା ସହ ପ୍ରତାରଣା ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେହେଲେ ଜବାଘାଟ ଅଞ୍ଚଳର ମାନସିଂ ମୁଣ୍ଡାରୀ (୩୫)। ସୂଚନା ଯୋଗ୍ୟ, ବର୍ଷକ ତଳେ ମାନସିଂ ଏବଂ ଯୁବତୀ ଜଣକ ସାଙ୍ଗ ହୋଇ ଛେଳି ଚରାଇବାକୁ ଯାଉଥିଲେ। ଏହାରି ମଧ୍ୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ମାନସିଂ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଏନେଇ ଯୁବତୀ ଜଣକ ମାନସିଂଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ମାନସିଂ ତାଙ୍କୁ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଥିଲେ। ଏ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହୁଥିଲା। ଶେଷରେ ମାନସିଂ ଯୁବତୀଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଏପରି କି ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ମା' ମଙ୍ଗଳବାର ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୨୪/ ୨୦୨୦) ରୁଜୁକରି ମାନସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


ଗିରଫ ମାନସିଂ ମୁଣ୍ଡାରୀ।

# ଦୁର୍ଦ୍ଦାନ୍ତ ମାଓବାଦୀ ରାମଦାସଙ୍କ ଆତ୍ମସମର୍ପଣ

■ ବରିଷ୍ଠଙ୍କ ନିର୍ଯାତନା ଅସହ୍ୟ ଥିଲା
■ ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ

**ଭବାନୀପାଟଣା,୧୮।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ଓ କନ୍ଧମାଳ ଜିଲା ବାଲିଗୁଡା ଥାନା ଅଧୀନରେ ଗତ ୨୦୧୦ରୁ ଅଦ୍ୟାବଧି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା ଦୁର୍ଦ୍ଦାନ୍ତ ମାଓବାଦୀ ରାମଦାସ ଓରଫ ଦୀପକ ମଙ୍ଗଳବାର କଳାହାଣ୍ଡି ପୋଲିସ ନିକଟରେ ଆତ୍ମସର୍ମପଣ କରିଛନ୍ତି। ବରିଷ୍ଠ ମାଓବାଦୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସଙ୍ଗଠନ ଛାଡି ପୋଲିସ ନିକଟରେ ସେ ଆତ୍ମସର୍ମପଣ କରିଛନ୍ତି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ଏସ୍‌ପି ଗଙ୍ଗାଧର କହିଛନ୍ତି , ଛତିଶଗଡ ରାଜ୍ୟର ବିଜାପୁର ଜିଲାର ଗୋପାଳପାଟନା ଥାନା ଅଧୀନ ପାଲସେଗୁଣ୍ଡାପୁର ଗ୍ରାମର ରାମଦାସ ଓରଫ କେଶବ ଭେଲାଦି ଓରଫ ଦୀପକ (୨୭) ୨୦୦୯ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ କରଙ୍ଗା ନଦୀ ଏରିଆ କମିଟିରେ କାର୍ଯ୍ୟ କରିଥିଲେ। ପରେ ସେ କଳାହାଣ୍ଡି ଜିଲାରେ ମ. ରାମପୁର ଓ କନ୍ଧମାଳ ଜିଲା ବାଲିଗୁଡା ଥାନା ଅଧୀନରେ କାର୍ଯ୍ୟ କରୁଥିବା ଏରିଆ କମିଟି ଦାୟିତ୍ୱରେ ରହିଥିଲେ। ରାଜ୍ୟ ସରକାର ତାଙ୍କ ନାମରେ ୪ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ବରିଷ୍ଠ ମାଓବାଦୀମାନେ ଅମାନୁଷିକ ଭାବେ ଶାରୀରିକ ଓ ମାନସିକ ଅତ୍ୟାଚାର କରିବା, ଭଲ ଖାଇବାକୁ ନ ଦେବା, ମାଓବାଦୀ ସଙ୍ଗଠନର ଆଦର୍ଶ ଓ ନୀତିକୁ ଗୁରୁତ୍ୱ ନ ଦେଇ ନିଜର ସ୍ୱାର୍ଥରେ ବୁଡିରହିବା, ମାଓବାଦୀ ସଙ୍ଗଠନରେ କାର୍ଯ୍ୟରତ ମହିଳା ମାଓବାଦୀମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା, ଆଦିବାସୀମାନଙ୍କୁ ଶୋଷଣ କରିବା, ଆଦିବାସୀ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବାଧା ସୃଷ୍ଟି କରିବା ଆଦି ଘଟଣାରେ ସେ ଅତିଷ୍ଠ ହୋଇପଡିଥିଲେ। ଏପରିକି ମାଓବାଦୀଙ୍କ ଆତ୍ମସମର୍ପଣ କଲେ ସେମାନଙ୍କୁ ଥଇଥାନ କରିବା ପାଇଁ ଓଡିଶା ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରେ ଆକୃଷ୍ଟ ହୋଇ ସେ ମାଓବାଦୀ ସଙ୍ଗଠନ ଛାଡି ମଙ୍ଗଳବାର କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲା ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।


ରାମଦାସ

College Code: 28085110
AIMS
GROUP OF INSTITUTIONS
Fully Residential College
AIMS HIGHER SECONDARY SCHOOL OF SCIENCE
You have the sharpest memory anyone has ever got, so ace your exams by giving it your best shot.
All the best For your Matric Exam.
FOUNDATION COURSE-2020
Starting From 25th March 2020
Jharsuguda Highway, Pardhiapali, SAMBALPUR
Contact: 7873006705, 6370704305, 7978326206, 7894417902
Email: aims.sambalpur@gmail.com,
website: www.aimscollegesambalpur.com



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

| LEGEND CARS | ODYSSEY MOTORS | ORBIT MOTORS | SKY AUTOMOBILES |
|---|---|---|---|
| JEYPORE: CALL: 7894442915. BHAWANIPATNA: CALL: 7894442907. | SAMBALPUR: CALL: 9439018805. BOLANGIR: CALL: 9438068327. BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356. JHARSUGUDA: CALL: 9439892153. BOUDH: CALL: 8594908009. | ROURKELA: CALL: 9040404444, 9040404333. SUNDARGARH: CALL: 9437049161. DEOGARH: CALL: 9437061223. | BERHAMPUR: CALL: 7381261000. |

^Offer includes consumer offer, exchange bonus and rural offer (wherever applicable) on Alto (all variants). All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Colors shown may vary from actual body due to printing on paper. Terms and conditions apply. Images used are for illustration purposes only. Offer valid till 29th February 2020.

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ଶିବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିଠୁ ମାଟ୍ରିକ ... (ପ୍ରଥମ ପୃଷ୍ଠାରୁ)

ଚଳିତବର୍ଷ ୧୦୦୦ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ଗତବର୍ଷ ୪୦୪ଟି ପରୀକ୍ଷାକେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିଲେ ସୁଦ୍ଧା ପ୍ରଶ୍ନପତ୍ର ଭାଇରାଲକୁ ରୋକାଯାଇ ପାରି ନ ଥିଲା। ଚଳିତବର୍ଷ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଏଭଳି ପଦକ୍ଷେପ ବୋର୍ଡ କର୍ତ୍ତୃପକ୍ଷ ନେଇଛନ୍ତି। ପରୀକ୍ଷାକୁ ନେଇ କୌଣସି ଅଭିଭାବକ ଅଭିଯୋଗ କରିବାକୁ ଚାହିଁଲେ ବୋର୍ଡ ପକ୍ଷରୁ ୧୨ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଅନୁଗୋଳ ସ୍ପେଶାଲ ହୋମ୍‌ରେ ୪ଜଣ ଓ ଚୌଦ୍ୱାର ସର୍କଲ ଜେଲ୍‌ରେ ୨ଜଣ ଅନ୍ତେବାସୀ ପରୀକ୍ଷା ଦେବେ। ଏମାନଙ୍କ ନିମନ୍ତେ ସମ୍ପୃକ୍ତ ଜେଲ୍‌ରେ ଉପକେନ୍ଦ୍ର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚଳିତବର୍ଷଠାରୁ ଓଏମ୍ଆର୍ ସିଟ୍ ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଓଏମ୍ଆର୍ ସିଟ୍‌ରେ ଅବ୍‌ଜେକ୍ଟିଭ୍ ପରୀକ୍ଷା କରାଯିବନାହିଁ। ୫୦ ମାର୍କ ଅବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀ ଲିଖିତ ଭାବେ ଦେବେ ବୋଲି ବୋର୍ଡ ସଭାପତି ହାଜରା କହିଛନ୍ତି।

# ପ୍ରଥମଥର ପାଇଁ ଆସିଲା ସ୍ୱତନ୍ତ୍ର ପୋଷଣ ବଜେଟ



**ଭୁବନେଶ୍ୱର,୧୮।୨(ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପନ କରିଥିବା ୨୦୨୦-୨୧ ଆର୍ଥିକ ବର୍ଷର ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଏହି ବଜେଟରେ ସରକାର ପୋଷଣକୁ ପ୍ରାଧାନ୍ୟ ଦେଇଛନ୍ତି। ଉପଯୁକ୍ତ ପୋଷଣ ଯେ କୌଣସି ରାଜ୍ୟର ଶିଶୁ ଓ ମାତୃଶକ୍ତି ସୁଦୃଢ଼ କରିଥାଏ। ତେଣୁ ପ୍ରଥମଥର ସରକାର ସ୍ୱତନ୍ତ୍ର ପୋଷଣ ବଜେଟ ଉପସ୍ଥାପନ କରିଛନ୍ତି। ଭାରତବର୍ଷରେ ଏହା ଅନ୍ୟ କୌଣସି ରାଜ୍ୟରେ ପୂର୍ବରୁ ଦେଖାଯାଇନାହିଁ। ରାଜ୍ୟର ଆବଶ୍ୟକତା ଅନୁଯାୟୀ ପୋଷଣ ସମ୍ପର୍କିତ ବ୍ୟୟବରାଦର ଉପଯୁକ୍ତ ବିନିଯୋଗ ଏହାର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ନିରନ୍ତର ବିକାଶ ହାସଲ ଦିଗରେ ଏହି ପୋଷଣ ବଜେଟ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କ୍ଷୁଧାଜନିତ ସମସ୍ୟାକୁ ହ୍ରାସ କରିବାରେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ନ୍ୟୁଟ୍ରିଶନ୍ ସ୍ପେସିଫିକ୍(ପୋଷଣ ସ୍ୱତନ୍ତ୍ର) କାର୍ଯ୍ୟକ୍ରମରେ ୧୨ ଯୋଜନା ଏବଂ ନ୍ୟୁଟ୍ରିଶନ୍ ସେନ୍ସିଟିଭ(ପୋଷଣ ସମ୍ବେଦନଶୀଳ) କାର୍ଯ୍ୟକ୍ରମରେ ୮୪ ଯୋଜନାକୁ ଚିହ୍ନଟ କରାଯାଇଛି।

ନ୍ୟୁଟ୍ରିଶନ୍ ସ୍ପେସିଫିକ୍ କାର୍ଯ୍ୟକ୍ରମ ଅଧୀନରେ ୫୨୧୦୨୮.୭୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୦୪୦୭୦.୬୪ ଲକ୍ଷ ଟଙ୍କା, ସ୍କୁଲ ଓ ଗଣଶିକ୍ଷା ୮୬୩୫୦ ଲକ୍ଷ ଏବଂ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପାଇଁ ୩୩୦୬୦୮.୦୬ ଲକ୍ଷ ଟଙ୍କାର ବ୍ୟୟବରାଦ ରଖାଯାଇଛି। ନ୍ୟୁଟ୍ରିଶନ୍ ସେନ୍ସିଟିଭରେ ୨୮୯୬୪୦୬.୪୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ତନ୍ମଧ୍ୟରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପାଇଁ ୪୧୬୨୦୬ ଲକ୍ଷ, ସ୍କୁଲ ଓ ଗଣଶିକ୍ଷା ୪୦୧୧୩.୭୫ ଲକ୍ଷ, ଏସ୍‌ସି,ଏସ୍‌ଟି ଉନ୍ନୟନ ୪୧୦୫.୨୮ ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ୫୩୬୯୦.୭୪ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ୩୯୧୦୨୫.୦୯ ଲକ୍ଷ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ପଞ୍ଚାୟତିରାଜ ଓ ପାନୀୟ ଜଳ ୩୫୧୯ ଲକ୍ଷ, କୃଷି ଓ କୃଷକ ସଶକ୍ତୀକରଣ ୮୦୯୭୨୪.୧୪ ଲକ୍ଷ ଟଙ୍କା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ୩୩୨୫୧୮ ଲକ୍ଷ, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ୨୬୧୩୬୬.୯୫ ଲକ୍ଷ, ଏମ୍ଏସ୍ଏମ୍ଇ ୬୦୫୪.୭୩ ଲକ୍ଷ ଏବଂ ଏସ୍ଏସ୍ପିଇଡି ବିଭାଗକୁ ୫୭୦୫୪.୦୯ ଲକ୍ଷ ଟଙ୍କା ଦିଆଯିବ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଏହି ପୋଷଣ ସମ୍ପର୍କିତ କାର୍ଯ୍ୟକ୍ରମ ମନିଟରିଂ କରାଯିବ। ଏହି ବିଭାଗ ବ୍ୟତୀତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଏସ୍‌ସି,ଏସ୍‌ଟି,ଓବିସି ଏବଂ ସଂଖ୍ୟାଲଘୁ ଉନ୍ନୟନ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟ ସକ୍ରିୟଭାବେ ପୋଷଣ ସମ୍ପର୍କିତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବ। ଏହି ସବୁ ସରକାରୀ ବିଭାଗକୁ ଛାଡିଦେଲେ ସିଭିଲ ସୋସାଇଟି, ଗଣମାଧ୍ୟମ, ୟୁନିସେଫ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପୋଷଣ ସମ୍ପର୍କିତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବେ। ଏହାକୁ ତଦାରଖ କରିବା ପାଇଁ ଷ୍ଟେଟ୍ ମିଶନ୍ ଷ୍ଟିଅରିଂ ଗ୍ରୁପ୍ କମ୍ ନ୍ୟୁଟ୍ରିଶନ୍ କାଉନସିଲ୍, ଷ୍ଟେଟ ଏମ୍ପାୱାରଡ୍ ପ୍ରୋଗାମ କମିଟି, ଷ୍ଟେଟ୍ ଲେବଲ୍ ମନିଟରିଂ ଆଣ୍ଡ ରିଭାଇଜ୍ କମିଟି, ଡିଷ୍ଟ୍ରିକ୍ଟ ଆଣ୍ଡ ବ୍ଲକ ଲେଭଲ ମନିଟରିଂ ଏବଂ ରିଭାଇଜ୍ କମିଟି କାର୍ଯ୍ୟ କରିବ। ପୋଷଣ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଅନୁମୋଦନ, ଗଠନଧର୍ମୀ ପ୍ରସ୍ତାବ, ନୀତିଗତ ଆଲୋଚନା ହିଁ ଏହି ଫୋରମର ମୁଖ୍ୟ କାର୍ଯ୍ୟ ହେବ। ମୋଟ ୬ ପର୍ଯ୍ୟାୟ ଦେଇ ଏହି ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରାଯାଇଛି। ସର୍ବପ୍ରଥମେ ପୋଷଣ ସମ୍ପର୍କିତ ବିଭାଗଗୁଡିକର ସମୀକ୍ଷା କରାଯାଇଥିଲା। ଏହା ପରେ ଉଭୟ ସ୍ପେସିଫିକ୍ ଏବଂ ସେନ୍ସିଟିଭ କାର୍ଯ୍ୟକ୍ରମରେ ଯୋଜନାଗୁଡିକର ଚିହ୍ନଟ କରାଯାଇଥିଲା। ଏସବୁ ପରେ ପ୍ରସ୍ତାବିତ ବ୍ୟୟଅଟକଳ ଅନୁଯାୟୀ ଅର୍ଥ ବରାଦ କରାଗଲା। ପ୍ରତି ଯୋଜନାକୁ ନ୍ୟୁଟ୍ରିଶନ୍ ସ୍ପେସିଫିକ୍ ଏବଂ ନ୍ୟୁଟ୍ରିସନ୍ ସେନ୍ସିଟିଭଭାବେ ବର୍ଗୀକୃତ କରାଯାଇଛି। ଏହି ସମସ୍ତ ବର୍ଗୀକରଣକୁ ଆହୁରି ସୁଦୃଢ଼ ଏବଂ ସୁନିଶ୍ଚିତ କରାଗଲା। ସର୍ବଶେଷରେ ୨୦୧୮-୧୯ ଆର୍ଥିକ ବର୍ଷ ସହ ୨୦୨୦-୨୧ର ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଇ ବ୍ୟୟବରାଦ କରାଗଲା। ସମ୍ବେଦନଶୀଳ ପୋଷଣ କାର୍ଯ୍ୟକ୍ରମରେ ପ୍ରାୟ ୮୪ ପ୍ରତିଶତ ଏବଂ ସ୍ୱତନ୍ତ୍ର ପୋଷଣ କାର୍ଯ୍ୟକ୍ରମରେ ୧୪ ପ୍ରତିଶତ ବ୍ୟୟ ଅଟକଳ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟସ୍ଥାନରେ ସୌଭାଗ୍ୟପ୍ରଦ ଯୋଗ ସମସ୍ତ କାର୍ଯ୍ୟରେ ସିଦ୍ଧି ପ୍ରଦାନ କରିବ। କିନ୍ତୁ ମନାନ୍ତର ଜନିତ ପାରିବାରିକ ଜୀବନରେ ଅଶାନ୍ତି ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ଉତ୍ତମ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଆନୁଷ୍ଠାନିକ, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ସନ୍ତୋଷଜନକ ରହିବ।

**ବୃଷ** ରାଶ୍ୟାଧିପ ଏକାଦଶସ୍ଥ ଓ ଭାଗ୍ୟାଧିପ ସ୍ୱଗୃହସ୍ଥ ଯୋଗୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ସଫଳତା ନିଶ୍ଚିତ। କିନ୍ତୁ ପାପଗ୍ରହ ଯୁକ୍ତ ତୃତୀୟାଧିପ କାରଣରୁ କୌଣସି ଜଣେ ହିତୈଷୀ ବନ୍ଧୁ ଆପଣଙ୍କ କୁତ୍ସାରଟନା କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ।

**ମିଥୁନ** ଦ୍ୱାଦଶସ୍ଥ ରାହୁ ଆପଣଙ୍କୁ ଆଜି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘସମୟ ରହିବାକୁ ଦେଇ ନ ପାରେ। କିନ୍ତୁ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ସକାଶେ ଦିନଟି ଅନୁକୂଳ ରହିବ। ଶୁକ୍ର ଓ ଶନିଙ୍କ ସମ୍ବନ୍ଧ ଆପଣଙ୍କ ଚିନ୍ତାଧାରାକୁ କଳୁଷିତ କରିଦେବାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାମ ପାଇଁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ପାପଗ୍ରହ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ସାଙ୍ଗକୁ ଯାତ୍ରା,ବାଣିଜ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ଘାତବାର ହେତୁ ବିବାଦ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଆଲୋଚନାରେ ପରିସ୍ଥିତି ସରଗରମ ରହିବ। ଯାତ୍ରା ସମୟରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅବଶ୍ୟ ବିଷମ ପରିସ୍ଥିତିରେ ମଧ୍ୟ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ସିଂହ** ରାଶି ପ୍ରତି ବକ୍ରୀବୁଧ ଓ ରବିଙ୍କ ଦୃଷ୍ଟି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତ ଫଳ ପ୍ରଦାନ କରିବ। ଫଳରେ ଯେମିତି ଚାହୁଁଛନ୍ତି ସେପରି କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବନାହିଁ। କିନ୍ତୁ ଅଳ୍ପ ଖର୍ଚ୍ଚରେ କାମ ହାସଲ କରିବାକୁ ଯାଇ ବେଶି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା** ଶୁକ୍ରଙ୍କ ସୁପ୍ରଭାବରେ ଅର୍ଥଲାଭ, କାର୍ଯ୍ୟସିଦ୍ଧିଜନିତ ସଫଳତା ଲାଭରୁ ମନ ଖୁସି ରହିବ। କିନ୍ତୁ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଶା ଅନୁରୂପ ଫଳ ପାଇବାରେ କେତେକ ସାମୟିକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଆଜିର ବାଣିଜ୍ୟ,ବ୍ୟବସାୟରେ ସ୍ଥିତି ଭଲ ରହିବ।

**ତୁଳା** ଦିନଟିରେ ଯାତ୍ରା, ବାଣିଜ୍ୟ, ସରକାରୀ ସ୍ତରର କାମ,ସଭାସମିତିରେ ଆଲୋଚନା କ୍ଷେତ୍ର ଆପଣଙ୍କ ସକାଶେ ଭଲ ରହିବ। ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହେବେ। ସହକର୍ମୀମାନଙ୍କୁ ସୁପରାମର୍ଶ ଏବଂ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଗ୍ରହସ୍ଥିତି ଭଲ ହେତୁ ସାମଗ୍ରିକ ଦୃଷ୍ଟିକୋଣରୁ ଆଜି ଯେଉଁ କାମ କରିବେ ସେଥିରେ ସଫଳତା ମିଳିବ। କିନ୍ତୁ ନିଜ ଲୋକମାନଙ୍କ ବେପରୁଆ ମନୋଭାବ ଯୋଗୁ ସାମୟିକ ସମସ୍ୟା ଉପୁଜିପାରେ। ତଥାପି ଅନୁରାଧା ନକ୍ଷତ୍ର ସଜ୍ଜନମାନଙ୍କ ସାନ୍ନିଧ ଲାଭ କରି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଯାନ୍ତ୍ରିକ ଜିନିଷ ସଜାଡିବା ପାଇଁ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**ଧନୁ** ରାଶିରେ ପାପଗ୍ରହଙ୍କ ସମାବେଶ କାରଣରୁ ଚିନ୍ତାଧାରା ବିକ୍ଷିପ୍ତ ରହିବ ତଥାପି କର୍ମକ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇ କାମ ହାସଲ କରିବେ। ପଡ଼ୋଶୀମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ସମସ୍ୟା ସୃଷ୍ଟି କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିପାରନ୍ତି।

**ମକର** ରବି ଓ ବୁଧଙ୍କ ପ୍ରଭାବରେ ଆପଣଙ୍କ ଅପ୍ରିୟ ସତ୍ୟକଥା ଓ ବିବାଦୀୟ ଭାବନା ପ୍ରତିକୂଳ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। ସମସ୍ୟା ଆସିଲେ ମଧ୍ୟ କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ପାଇବେ।

**କୁମ୍ଭ** ବିଶିଷ୍ଟବ୍ୟକ୍ତିଙ୍କ ଛତ୍ରଛାୟାତଳେ ରହି ପ୍ରତ୍ୟେକ କାର୍ଯ୍ୟ ସାଧନ କରିବେ। ସାମାଜିକ ଓ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବାରୁ ମନୋବଳ ବଢ଼ିଯିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି। ପୈତୃକ ସମ୍ପତ୍ତି, ଅର୍ଥ ସମ୍ପର୍କୀୟ କିମ୍ବା ଜମିର ମାଲିକାନାକୁ ନେଇ ବିବାଦୀୟ ସ୍ଥିତି ଉପୁଜିବାର ଆଶଙ୍କା ରହିଛି।

**ମୀନ** ତୃତୀୟ ଅଷ୍ଟମାଧିପ ପ୍ରଭାବଶାଳୀ ଶୁକ୍ର ପରିବାର, ଲୋକସମ୍ପର୍କ, ଗୃହ, ଯାନବାହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ଉତ୍ପନ୍ନ କରିବେ। ନିଜର ଅସନ୍ତୋଷକୁ କଡ଼ାକଥାରେ ବ୍ୟକ୍ତ କରିବା ଅଶାନ୍ତିର କାରଣ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆଧ୍ୟାତ୍ମିକ କାର୍ଯ୍ୟରୁ ମାନସିକ ତୃପ୍ତି ମିଳିବ।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ସର୍ବସମ୍ମତ ପଙ୍କୋଦ୍ଧାର ଏକାଦଶୀ ବୁଧବାର, ଫେବୃୟାରୀ ୧୯ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀର ଉପବାସ, ଶ୍ରୀକ୍ଷେତ୍ରସ୍ଥ ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଉତ୍ସବ ଦର୍ଶନ। ସକାଳ ଘ୬।୪୯ମି. ମଧ୍ୟେ ଘ୧୦।୦୫ମି. ଗତେ, ଘ୧୧।୩୭ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୧।୫୪ମି. ଗତେ ଘ୩।୨୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧୨।୦୦ମି. ଗତେ ଘ୧।୨୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Widow Brahmin boy 1979 Dy. Manager BBSR 14 LPA.9776562742. D-16779

ସଫ୍‌ଟୱେୟାର ଇଂଜିନିୟର ମାସିକ ଏକଲକ୍ଷ ପନ୍ଦର ହଜାର ଟଙ୍କା ଦରମାରେ ଏକ ପ୍ରତିଷ୍ଠିତ ବ୍ୟାଙ୍କରେ କାର୍ଯ୍ୟରତ ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ପାତ୍ରୀ ଆବଶ୍ୟକ। କୌଣସି ପ୍ରକାର ଯୌତୁକ ଦାବି ନାହିଁ। Mobile-9178585570. D-69012

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact-+919438183860. D-16583

Wanted beautiful qualified Gen/ OBC bride for handsome Rangani boy 1978/ Aries/ Ph.D. Math/ Working in Deemed University), Call-9437178454 (No Mediator Please). D-59535

Require Educated & culture Bride Age Between 35 to 40 for a well Establish Alone Groom (43) ,Caste No Bar No Demand Only Registry Marriage prefer call:-9007037200. D-16745

Wanted a widow/ divorcee 40+ for remarriage widower, pensioner. Contact: Whatsapp-7326037796, Mob: 9853151643. Family pension allowed. D-16772

Wanted Bengali bride for Bengali groom 35yrs, 5'8", LIC agent, Medicine business. Father Retd. Govt. employee, only son. 9040005722, 9937671096. D-16770

**GROOM WANTED**

Khandayat girl M.Sc./ Railway service 26+/ SBI/PO. SUHAG: 9938199964, 9090486408. D-67292

Wanted Gen/ OBC groom (Class-II Govt. service preferred) for a Rangani girl (1984/ Aries/ Govt. JE) Call- 9437178454, 9861182688 (No Mediator Please). D-59536

10th qualified ବିଧବା ଗୋଟିଏ ଶିଶୁ ଥିବା 25ବର୍ଷ ବୟସ୍କା SC ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 7381366103. D-67931

Beautiful Khandayat girl 1988 MBA 5'4", 20/9 and 1992 MSC 5'3", 16/7 required Bank/Govt./Software handsome boy, 9040120506. D-67538

Gudia beautiful girl 5'4" B.Sc. BED. 1989, 27/12 wanting for Govt/ Teacher, Bhubaneswar, Khordha, Brahmapur, 9348364198, 9692968456. D-16736

Now Matrimonial ads. only on Wednesday & Sunday Book 1 Get 1 FREE




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment-9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Elite Unisex Salon- A complete family Spa. Male to male and female to female-7326977966. D-69207

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Ayurvedic full body massage ladies and gents. Contact: 9861064981. D-68789

Sai herbal spa refresh your body with smart, expert therapist. 7608062524. D-69205

Monalisa Massage Club: All types body massage with hiprofile smart lady rooms service available-9708545108. D-16737




**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935.** D-67291

**AFFIDAVIT**

By virtue of an affidavit before the Notary Public, Cuttack I Sasmita Pandav daughter of Sahadev Pandab, Chakeishani, Rasulgarh, Bhubaneswar. I have changed my name from Sasmita Pandab to Sasmita Pandav for all purposes as well in records. D-16780

ଏତଦ୍ୱାରା ଆମ୍ଭେ ସତ୍ୟପାଠ ଜରିଆରେ ଘୋଷଣା କରୁଅଛୁ ଯେ ଆମ୍ଭେ ଦୁର୍ଯ୍ୟୋଧନ ବେହେରା, ପିତା: ଶୁକଦେବ ବେହେରା, ସା/ପୋ: କଷଣଅଣ୍ଟା, ଭାୟା/ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା। ଆମ୍ଭର ସ୍କୁଲ ସାର୍ଟିଫିକେଟ୍ ଅନୁସାରେ ଦୁର୍ଯ୍ୟୋଧନ ବେହେରା ରହିଛି। ବିଭିନ୍ନ ସରକାରୀ ଦପ୍ତରରେ ରବୀନ୍ଦ୍ର ପରିବର୍ତ୍ତେ ଆମ୍ଭେ ଦୁର୍ଯ୍ୟୋଧନ ନାମରେ ପରିଚିତ ହେବୁ। ଏହା ପଢ଼ିଶୁଣି ପଟ୍ଟାମୁଣ୍ଡାଇ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ କରି ଜଣାଉଅଛୁ। ଧ-୧୬୭୭୭

**22nd Birthday Wish**




**Shibasish Mishra**
May god give you all the success....
Many many happy returns of the day dear...
**Happy Birthday to you....**
**-:Best wishes From:-**
Nana, Bou, Bhai, Bhauja, Kara and Friends... D-16778

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

New Ready to move 2BHK flat sale at Srusti Mansion, Sundarpada main road side @ 25lakh-9937097791. D-68492

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ **sqft-185/-, SC plot sqft-120/-,** ନଖରା **SC plot sqft-390/- IIT** ଅରଗୁଳ **sqft-120/-, immediate possession/ registration, 8144706560, 7750909843.** D-68488

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ **10,80,000/-, 9437033320.** D-68479

**2BHK earthquake proof quality flats in Avantika Apartment near Gokul Residency on GGP Pandara Road touching Puri Highway for sale. Contact: 9437396718, 8763935874 during office hours immediately.** D-68065

2000 sqft land at Vijay Vihar, Samantarpur, Bhubaneswar. Mobile-9437177313 & 8917242678. D-16743

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

30'road boundary, gharabari fully developed plot Gudiapokhari (KEC) 9937166932. D-68589

ଭୁବନେଶ୍ୱର ବାଳକାଟି ବଜାରରୁ **2km sqft.-550/-,** (ଘରବାରି) ଜଟଣୀଗେଟ୍‌ଠାରେ **sqft.-200/-,** କଟକ ତ୍ରିଶୁଳିଆରୁ **4km sqft.-300/-** ପ୍ଲଟ୍ ମିଳୁଅଛି। **7978939440, 9178004547.** D-68489

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ପଟିଆ ରେଲ୍‌ୱେ ଷ୍ଟେସନରୁ 500 ମିଟର ଦୂରରେ yellowzone ପ୍ଲଟ୍ ବର୍ଗଫୁଟକୁ ୬୫୦/-, 9938846611, 8327714482. D-68590

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

**GENERAL**

**SALE**

Good running Unisex Saloon with all advance machineries district center Chandrasekharpur, Bhubaneswar, 8249909768. D-68586




2BHK ground floor with two bathroom south facing car parking at Palashpalli BDA Colony near main road and bus route. Contact: 9437025913. D-16776

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

## ସଂକ୍ଷେପରେ

### ପୋଡ଼ିହୋଇ ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର/ଅତାବିରା,୧୮।୨(ବ୍ୟୁରୋ/ଡିଏନଏ): ସମ୍ବଲପୁର ଜିଲା ବୁର୍ଲା ଭିମ୍ସାର ବର୍ନ କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ବରଗଡ଼ ଜିଲା ଭେଡେନ ଥାନା ଅଧୀନ ଭୋଇପୁର ଗ୍ରାମର ଜୟନ୍ତୀ ଷଣ୍ଢ (୩୫)। ବୁର୍ଲା ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ ଗାଁରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଜୟନ୍ତୀ ରୋଜଗାର କରି ଘରେ ରଖିଥିବା ଟଙ୍କା ସ୍ୱାମୀ ନଟିଆ ଖର୍ଚ୍ଚ କରି ଦେଇଥିଲେ। ଏହାକୁ ନେଇ ସୋମବାର ରାତି ୮ଟାରେ ଦୁଇ ଜଣଙ୍କ ଭିତରେ ବଚସା ହୋଇଥିଲା। ସ୍ୱାମୀ ଘର ବାହାରକୁ ଚାଲିଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ଜୟନ୍ତୀ ଦେହରେ କିରୋସିନ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ।

# ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ ଉଦ୍‌ବେଗ

## ୱେବ୍‌ସାଇଟ୍ ଖୋଲି ଜନପ୍ରତିନିଧିଙ୍କୁ ସୂଚନା ଦେବା ଲାଗି ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୨(ପିଏମ୍‌ଜିଏସ୍‌ୱାଇ)ରେ କେନ୍ଦ୍ର ସରକାର ୬୫୦ଟି ରାସ୍ତାର ଉନ୍ନତୀକରଣ ପାଇଁ ୧୬୨୫.୫୧ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେଥିରୁ ୯ଟି ରାସ୍ତାର କାର୍ଯ୍ୟ ଶେଷ ହୋଇଛି। ୬୨୭ ରାସ୍ତାର କାର୍ଯ୍ୟ ଚାଲୁ ରହିଛି। ୧୪ଟି ରାସ୍ତା ଅନ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସେହିପରି ରାଜ୍ୟର ମୁଖ୍ୟ ରାସ୍ତାଗୁଡ଼ିକର ଉନ୍ନତୀକରଣ ଓ ସମ୍ପ୍ରସାରଣ ପାଇଁ ପିଏମ୍‌ଜିଏସ୍‌ୱାଇ-୩ ପ୍ରସ୍ତୁତ କରାଯାଇଛି। ଏହି ଯୋଜନାରେ ଜିଲା ଗ୍ରାମ୍ୟ ରାସ୍ତା ଯୋଜନା ଭୌଗୋଳିକ ସୂଚନା ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି। ରାସ୍ତାଗୁଡ଼ିକ ସମ୍ପର୍କରେ ଉପଲବ୍ଧ ତଥ୍ୟ ଓ ଉପଯୁକ୍ତ ଚୟନ ପାଇଁ ମୋବାଇଲ ଆପ୍ ମାଧ୍ୟମରେ ବିଭିନ୍ନ ଗ୍ରାମରେ ଥିବା ଜନକଲ୍ୟାଣ ସେବା ସଂସ୍ଥାଗୁଡ଼ିକୁ ସର୍ଭେ କରାଯାଇ ଅନ୍‌ଲାଇନ୍ ଡାଟା ବେସ୍ ପ୍ରସ୍ତୁତ କରାଯାଉଛି। ଚଳିତ ବର୍ଷ ଏହି ଯୋଜନାରେ ପ୍ରସ୍ତାବ ପଠାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏହି ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ମନୋହର ରନ୍ଧାରୀ ମୂଳପ୍ରଶ୍ନରେ ରାଜ୍ୟର କେଉଁ କେଉଁ ରାସ୍ତା ପାଇଁ ପିଏମ୍‌ଜିଏସ୍‌ୱାଇ-୨ ଓ ୩ରେ ବ୍ୟୟ ଅଟକଳ କାର୍ଯ୍ୟକାରୀ କରିବା ଲାଗି ପ୍ରସ୍ତାବ ଦିଆଯାଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ପ୍ରମୋଦ ମଲ୍ଲିକ, ଅନନ୍ତ ଦାସ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, କୁସୁମ ଟେଟେ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଯୋଜନାରେ ଗାଇଡଲାଇନ୍ କ'ଣ ରହିଛି? ଯେଉଁ ରାସ୍ତାଗୁଡ଼ିକ ଏହି ଯୋଜନାରେ ହୋଇପାରୁନାହିଁ ସେଗୁଡ଼ିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କାର୍ଯ୍ୟକାରୀ କରିବେ କି?



ଲୋକମାନେ ଆଉ ଜୋତା ପିନ୍ଧି କାଦୁଅରେ ଯିବାକୁ ଚାହୁଁନାହାନ୍ତି। ଜେଇ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ପଇସା ନାହିଁ ବୋଲି ହାତ ଟେକି ଦେଉଛନ୍ତି। ସରକାର କହୁଛନ୍ତି, ଆମେ ସବୁ ରାସ୍ତା ପକ୍କା କରିଦେଉଛୁ। ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ କେବଳ ବିରୋଧୀ ନୁହନ୍ତି, ଶାସକ ଦଳର ସଭ୍ୟମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଯେଉଁ ରାସ୍ତା ନିର୍ମାଣ ହେଉଛି ତାହା ଜନପ୍ରତିନିଧିଙ୍କ ଦୃଷ୍ଟିଗୋଚରକୁ ଆସୁନାହିଁ ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ପିଏମ୍‌ଜିଏସ୍‌ୱାଇ ୨୦୦୦-୦୧ରୁ କାର୍ଯ୍ୟକାରୀ ହେଉଛି। ରାଜ୍ୟର ୫୦ହଜାର ୧୭୮ ଗ୍ରାମ ମଧ୍ୟରୁ ୨୯,୫୩୭ ଗ୍ରାମରେ ରାସ୍ତା ନିର୍ମାଣ ହୋଇଛି। ଆହୁରି ୧୮,୪୭୭ ଗ୍ରାମ ରାସ୍ତା ନିର୍ମାଣ ହାତକୁ ନିଆଯାଇଛି। ବିଭିନ୍ନ କାରଣରୁ ୨୧ଟି ଗ୍ରାମ ରାସ୍ତା ନିର୍ମାଣ କାମକୁ ବାତିଲ କରାଯାଇଛି। ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି। ରାସ୍ତା ନିର୍ମାଣ ନେଇ ସଭ୍ୟମାନଙ୍କର ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ କହିଥିଲେ ଯେ, କେଉଁ ରାସ୍ତା କେଉଁଠି ନିର୍ମାଣ ହେଉଛି ସେ ସମ୍ପର୍କରେ ବିଧାୟକ ଓ ଜନପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଏକ ୱେବ୍‌ସାଇଟ୍ ଖୋଲିବାକୁ ସେ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲାୱାରି ବିଧାୟକମାନଙ୍କୁ ଡାକି ରାସ୍ତା ନିର୍ମାଣ ସମ୍ପର୍କରେ ସୂଚନା ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ତହସିଲ ଅମିନ

ବରଗଡ଼ ଅଫିସ୍,୧୮।୨



ଅମିନ ଲଳିତ କୁମାର ମେହେର ।

ବରଗଡ଼ ଜିଲା ଭେଡ଼େନ ତହସିଲ ଅଫିସରେ କାର୍ଯ୍ୟରତ ଅମିନ ଲଳିତ କୁମାର ମେହେର ମଙ୍ଗଳବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭେଡ଼େନ ତହସିଲ ଅନ୍ତର୍ଗତ ଅଛାଣ୍ଡପାଲି ଗ୍ରାମର କ୍ଷୀରସିନ୍ଧୁ ଡାଙ୍ଗଙ୍କ ଜମି ଚିହ୍ନଟ ପାଇଁ ସେ ୨ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ମେହେରଙ୍କ ପାଖରୁ ରାସାୟନିକ ପ୍ରଲେପ ଦିଆହୋଇଥିବା ନଗଦ ୨ହଜାର ଟଙ୍କା ଜବତ ହୋଇଛି ଏବଂ ତାଙ୍କୁ ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୩/୨୦୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କ୍ଷୀରସିନ୍ଧୁଙ୍କ ଜମିଚିହ୍ନଟ କରିବାକୁ ଭେଡ଼େନ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ମାତ୍ର ତହସିଲ ଅଫିସରେ କାର୍ଯ୍ୟରତ ଅମିନ ମେହେର ସେଥିପାଇଁ ଲାଞ୍ଚ ଦାବି କରି ସମୟ ଗଡ଼ାଇ ଚାଲିଥିଲେ। ଏ ନେଇ କ୍ଷୀରସିନ୍ଧୁ ସୋମବାର ସମ୍ବଲପୁର ଭିଜିଲାନ୍ସ ଏସପି ସୁବାସ ଚନ୍ଦ୍ର ସ୍ୱାଇଁଙ୍କୁ ଫେରାଦ ହୋଇଥିଲେ। ଭିଜିଲାନ୍ସ ଏସପି ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଭିଜିଲାନ୍ସ ଡିଏସପି ପରମେଶ୍ୱର କିଶାନଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ, ସୁନୀତା ବାଗେ, ଆର. ସାହୁ ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ୍ ଲାଞ୍ଚ ଦାବି କରୁଥିବା ଅମିନଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଏହି କ୍ରମରେ କ୍ଷୀରସିନ୍ଧୁ ଅମିନ ମେହେରଙ୍କୁ ରାସାୟନିକ ପ୍ରଲେପ ଦିଆହୋଇଥିବା ୨ହଜାର ଟଙ୍କା ଦେଇଥିଲେ । ଏହାପରେ ବାହାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ମେହେରଙ୍କ ପାଖରୁ ସେହି ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ। ଏହା ସହିତ ମେହେରଙ୍କ ରେମଣ୍ଡାସ୍ଥିତ ବାସଭବନକୁ ଯାଇ ମଧ୍ୟ ଭିଜିଲାନ୍ସ ଟିମ୍ ତନାଘନା ଚଲାଇଥିଲେ ।

DAYANAND PLAY/PUBLIC SCHOOL
Residential & Day Boarding, Raseram Vihar, Padiabahal, Sambalpur, Mob- 7381058813, 8249212113
ADMISSION CONTINUE NURSERY ONWARDS
FEATURES
Recognized by Govt. of Odisha | Own bus facility
Affiliated to be CBSE | Day boarding & Hostel facility
Trained & Experienced Faculties | Hygienic & Nutritious food
Green & Safe Environment | Separate boys & girls hostel
CCTV Surveillance | Sports, Game, Yoga, Dance etc
PLEASE CONTCT AT OFFICE FOR 25% RTE FREE SEATS IN CLASS- I ADMISSION
VISIT OUR BRANCHES:- HLO Colony, Sbp, M-8763032586, Dhanupali, Sbp, M-8763032587, Putiapali, Sbp, M-9439006359, Parmanpur, Sbp, M-9439007359, Dherapada, Sonepur, M-8763032589, Patavadi Sonepur M-9438115772, Palaceline, Bolangir, M-8763032590, Gosala/ Burla, SBP, M-9438117191, Kirei, Sundargarh M-9348018080, Main Road, Jharsuguda M-9438115752

# ଖୁବ୍‌ଶୀଘ୍ର ପେସା ରୁଲ୍ କାର୍ଯ୍ୟକାରୀ ହେବ: ମନ୍ତ୍ରୀ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ପଞ୍ଚାୟତ ଏକ୍ସଟେନ୍‌ଶନ୍ ଟୁ ସିଡ୍ୟୁଲ ଏରିଆଜ୍ ଆକ୍ଟ (ପେସା) ରୁଲ୍ କାର୍ଯ୍ୟକାରୀ ହେବ। ଏହା ଆଇନ ବିଭାଗର ଅନୁମୋଦନ ଲାଭ କରିସାରିଛି। ଏହି ଆଇନରେ ଥିବା ବ୍ୟବସ୍ଥାନୁଯାୟୀ ଓଡ଼ିଶା ତ୍ରିସ୍ତରୀୟ ପଞ୍ଚାୟତ ଆଇନଗୁଡ଼ିକୁ ସଂଶୋଧନ କରାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ(୧୯୬୪), ଓଡ଼ିଶା ପଞ୍ଚାୟତ ସମିତି ଆଇନ(୧୯୫୯), ଓଡ଼ିଶା ଜିଲା ପରିଷଦ ଆଇନ(୧୯୯୧) ଅନୁସୂଚିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବାରୁ ପେସା ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକ ଉକ୍ତ ଅଞ୍ଚଳରେ ଲାଗୁ ହୋଇଛି। ମଙ୍ଗଳବାର ପ୍ରଶ୍ନୋତ୍ତର କାଳରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା।

ଭାଜପା ସଭ୍ୟ ମୋହନ ଚରଣ ମାଝୀ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ ରାଜ୍ୟରେ କେଉଁ ଜିଲାର କେତେ ବ୍ଲକ ସମ୍ବିଧାନର ପଞ୍ଚମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ହୋଇଛି। ସେସବୁ ବ୍ଲକରେ ପେସା ଆଇନ କାର୍ଯ୍ୟକାରୀ ହୋଇଛି କି ନାହିଁ। ଯଦି ହୋଇନାହିଁ କେବେ ସୁଦ୍ଧା କାର୍ଯ୍ୟକାରୀ ହେବ। ସମ୍ବିଧାନର ୭୩ତମ ସଂଶୋଧନ ଅନୁସାରେ କେଉଁ ବିଭାଗର କ୍ଷମତା, ପାଣ୍ଠି ଓ କର୍ମଚାରୀ ପଞ୍ଚାୟତିରାଜ ସଂସ୍ଥାକୁ ହସ୍ତାନ୍ତର ହୋଇଛନ୍ତି। ଏହି ସଂସ୍ଥାଗୁଡ଼ିକୁ କେଉଁ କେଉଁ କ୍ଷମତା ହସ୍ତାନ୍ତର କରାଯାଇଛି। ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ, ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ୨୯ଟି ବିଷୟରୁ ୨୧ଟିର କ୍ଷମତା ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ୨୦୦୩ ଜୁଲାଇ ୪ ତାରିଖରେ ୧୧ଟି ବିଭାଗ ଜରିଆରେ ହସ୍ତାନ୍ତର କରାଯାଇଛି। ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହି ବିଭାଗର ଦାୟିତ୍ୱରେ ଥିବାବେଳେ ଏକ ସବ୍ କମିଟି ଗଠନ କରାଯାଇଥିଲା। ଏହି କମିଟିର ପରାମର୍ଶ ଅନୁଯାୟୀ ୨୧ଟି ବିଷୟକୁ ହସ୍ତାନ୍ତର କରାଯାଇଛି। ଅନ୍ୟ ବିଷୟଗୁଡ଼ିକ ହସ୍ତାନ୍ତର ପାଇଁ ଅନୁଧ୍ୟାନ ଜାରି ରହିଛି।

ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ସି ଏସ୍ ରାଜେନ ଏକ୍କା ଏବଂ ଭାସ୍କର ମଡ଼େଇ ପେସା ଆଇନ କାର୍ଯ୍ୟକାରୀ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ କ୍ଷମତା ହସ୍ତାନ୍ତର ପରେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ପେସା ଆଇନ ଲଗାଯିବା ପୂର୍ବରୁ ଆଦିବାସୀଙ୍କ ମତାମତ ନିଆଯାଇନାହିଁ। ମନ୍ତ୍ରୀ ଜବାବ ଦେଇ କହିଥିଲେ, ପେସା ଆଇନ ଲଗାଇବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ୨୦୦୨ରୁ ଏହି ଆଇନ କାର୍ଯ୍ୟକାରୀ ହେଉଛି। ପେସା ରୁଲ୍ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମହାନଦୀ ମିଶନରେ ୮୦ ଲକ୍ଷ ବୃକ୍ଷରୋପଣ ହେବ

## ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା ସାମିଲ



ଭୁବନେଶ୍ୱର,୧୮।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷରେ ସବୁଜ ମହାନଦୀ ମିଶନ ମାଧ୍ୟମରେ ୧ହଜାର ୫୦ ହେକ୍ଟର ଅଞ୍ଚଳରେ ବନୀକରଣ କରାଯିବ। ୧୯ହଜାର ହେକ୍ଟର ପରିମିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ୫ଲକ୍ଷ ବୃକ୍ଷ ଚାରା ସହରାଞ୍ଚଳ ବନୀକରଣ ପାଇଁ ପ୍ରଦାନ କରାଯିବ। ଏହି ଆର୍ଥିକ ବର୍ଷରେ ମୋଟ ୮୦ଲକ୍ଷ ଚାରାରୋପଣ ହେବ ବୋଲି ମଙ୍ଗଳବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

ମନ୍ତ୍ରୀ କହିଛନ୍ତି ଯେ, ୨୦୧୮-୧୯ରୁ ସବୁଜ ମହାନଦୀ ମିଶନ କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକର ପୂର୍ବସ୍ଥିତି ଫେରାଇ ଆଣିବା, ପର୍ଯ୍ୟାପ୍ତ ଜଳ ଉପଲବ୍ଧ କରାଇବା, ନଦୀକୁ ଚିରସ୍ରୋତା କରିବା ଏବଂ ନଦୀର ଉଭୟ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରିବା ଏହି ମିଶନର ମୂଳଲକ୍ଷ୍ୟ। ମହାନଦୀ ଇବ୍ ଓ କୋଏଲ ନଦୀର ଉଭୟ ପାର୍ଶ୍ୱରେ ଦୁଇ କିମି ପରିଧିରେ ୧,୩୦୩ ଗ୍ରାମକୁ ସାମିଲ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଆଉ ଚାରୋଟି ନଦୀ ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା ଓ ବଂଶଧାରା ଏବଂ ଏହାର ଶାଖାପ୍ରଶାଖା ନଦୀଗୁଡ଼ିକର ଉଭୟ ପାର୍ଶ୍ୱର ଦୁଇ କିମି ବନୀକରଣ ହୋଇଛି। ୨୦୧୮-୨୦ ମଧ୍ୟରେ ଏହି ମିଶନ ମାଧ୍ୟମରେ ୩୧ଟି ବନଖଣ୍ଡ ଦ୍ୱାରା ୩୪ ହେକ୍ଟର ଅଞ୍ଚଳରେ ବନୀକରଣ, ୧୩୭୩୦ ହେକ୍ଟର ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୯୫୧ ହେକ୍ଟର ପଥପାର୍ଶ୍ୱ ବନୀକରଣ କରାଯାଇ ୯୦ଲକ୍ଷ ୯୧ ହଜାର ଚାରାରୋପଣ କରାଯାଇଛି। ଏଥିସହ ଲୋକମାନଙ୍କୁ ନିଜ ବାଡ଼ିବଗିଚାରେ ଗଛ ଲଗାଇବା ଲାଗି ୭୯ଲକ୍ଷ ୧୭ହଜାର ଚାରା ମାଗଣାରେ ବଣ୍ଟାଯାଇଛି।

ବିଜେଡି ସଭ୍ୟ ପ୍ରଶାନ୍ତ ବେହେରା ମୂଳପ୍ରଶ୍ନରେ ସବୁଜ ମହାନଦୀ ମିଶନରେ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକ ପାର୍ଶ୍ୱରେ ଏ ପର୍ଯ୍ୟନ୍ତ କେତେ ବନୀକରଣ ହୋଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ପ୍ରଣବ ବଳବନ୍ତ ରାୟ, ପ୍ରଦୀପ୍ତ ଅମାତ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଏହି ମିଶନରେ ବୃକ୍ଷରୋପଣକୁ ନେଇ ପ୍ରଶ୍ନ ଉଠାଇଥିଲେ। କେଉଁ ନଦୀରେ ଏହି ମିଶନ ଜରିଆରେ ବନୀକରଣ ହୋଇଛି, ବନୀକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେତେ ମଜୁରି ଦିଆଯାଇଛି। ସେହିପରି ତେଲ ନଦୀ ପାର୍ଶ୍ୱରେ କେତେ ବୃକ୍ଷରୋପଣ କରାଯାଇଛି, ସେଥିରୁ କେତେ ବଞ୍ଚିଛି, ବଲାଙ୍ଗୀର ଜିଲାରେ ରାସ୍ତା ସମ୍ପ୍ରସାରଣ ପାଇଁ ଅନେକ ବୃକ୍ଷ କଟାଯାଇଥିଲା, ସେଠାରେ କେତେ ବୃକ୍ଷରୋପଣ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ମନ୍ତ୍ରୀ କହିଥିଲେ ୨୩ଜିଲାର ୨୧ ବନଖଣ୍ଡରେ ମହାନଦୀ ମିଶନ କାର୍ଯ୍ୟକାରୀ କରାଯାଉଛି।

# କ୍ୱାର୍ଟର୍ସରୁ ଡିଏସ୍‌ଆଇଙ୍କ ମୃତଦେହ ଉଦ୍ଧାର

ଫୁଲବାଣୀ ଅଫିସ, ୧୮।୨: କନ୍ଧମାଳ ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟରେ କାର୍ଯ୍ୟରତ ଡ୍ରିଲ ସବ୍ ଇନ୍ସପେକ୍ଟର (ଡିଏସ୍‌ଆଇ)ଙ୍କ ମୃତଦେହ ତାଙ୍କ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଛି। ସେ ହେଲେ ଗଗନ ଚନ୍ଦ୍ର ନାୟକ। କିଭଳି ତାଙ୍କର ମୃତ୍ୟୁ ଘଟିଲା ତାହା ଜଣାପଡିନାହିଁ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗଗନଙ୍କ ଘର ଅନୁଗୋଳ ଜିଲାରେ। ସେ କନ୍ଧମାଳ ଜିଲାରେ ପ୍ରାୟ ୧୫ ବର୍ଷ ହେବ କାମ କରି ଆସୁଥିଲେ। ଜଣେ ମେଳାପୀ ଏବଂ ଭଦ୍ରବ୍ୟକ୍ତି ଭାବେ ଏଠାରେ ପରିଚିତ ଥିଲେ। ନିଜ କ୍ୱାର୍ଟର୍ସରେ ଏକା ରହୁଥିଲେ। ସବୁଦିନ ପରି ସୋମବାର ସକାଳ ପ୍ରାୟ ୯ଟାରେ ନିଜ କର୍ମକ୍ଷେତ୍ରକୁ ଯାଇଥିଲେ। କାମ ସାରି କ୍ୱାର୍ଟର୍ସକୁ ଫେରିବା ପରଠାରୁ ଗଗନଙ୍କୁ ଆଉ କେହି ଦେଖି ନ ଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ପର୍ଯ୍ୟନ୍ତ ସେ ବାହାରକୁ ନ ବାହାରିବାରୁ ପଡୋଶୀ ଆସି ଡାକିଥିଲେ। ଘର ଭିତରୁ କୌଣସି ଉତ୍ତର ନ ଆସିବାରୁ ଥାନାକୁ ଜଣାଇଥିଲେ। ପୋଲିସ ଆସିବା ପରେ କବାଟ ଭିତରପଟୁ ବନ୍ଦ ନ ଥିବା ଓ ଗଗନଙ୍କ ମୃତଦେହ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କ ନାକରୁ ରକ୍ତସ୍ରାବ ହୋଇଥିବା ଦେଖାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।




## ଦେବଗଡ଼ ଜିଲା ଚିଠି



# କଳା ପରିଷଦ ହଲ୍

ଦେବଗଡ଼ ଜିଲା ପ୍ରଶାସନ ତଥା ଦେବଗଡ଼ ପୌରପାଳିକା କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ସହରର ମୁଖ୍ୟସ୍ଥଳ ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା କଳା ପରିଷଦ ହଲ୍ ନିର୍ମାଣ କାର୍ଯ୍ୟ ଧିମେଇ ଚାଲିଛି। କଳା ଓ ସଂସ୍କୃତିର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଉକ୍ତ ହଲ୍ ନିର୍ମାଣର ମନ୍ଥର ଗତି ବୁଦ୍ଧିଜୀବୀ ଓ କଳାକାର ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। କଳାକାରଙ୍କ ଅଭିଯୋଗ ହେଉଛି ନିର୍ମାଣାଧୀନ କଳା ପରିଷଦ ହଲ୍‌ରେ ଶିଳ୍ପୀ ତଥା ଜନସାଧାରଣଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଯିବାକୁ ବ୍ୟୟ ବରାଦ ହୋଇଛି। ମାତ୍ର ମୁଖ୍ୟ ମଞ୍ଚର ଆକାରକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ମଞ୍ଚ ପାଇଁ ଲାଇଟ, ସାଉଣ୍ଡ, ଗ୍ରୀନ ରୁମ ପାଇଁ ସ୍ଥାନାଭାବ ଦେଖାଦେଇଛି। ଫଳରେ ହଲ୍‌ର ପରିସୀମାକୁ ଆହୁରି ପ୍ରଶସ୍ତ କରିବା ପାଇଁ କଳାକାରମାନେ ଦାବି କରିଆସୁଛନ୍ତି। ହେଲେ କଳାକାରଙ୍କ ଦାବିକୁ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଆଜିକୁ ୫୦ବର୍ଷ ହେବ ଦେବଗଡ଼ ଟାଉନର ମଧ୍ୟସ୍ଥଳୀରେ ଥିବା କଳା ପରିଷଦ ହଲ୍‌ରେ ଜିଲା ତଥା ଜିଲା ବାହାରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ବହୁ କାର୍ଯ୍ୟକ୍ରମ ପରିବେଷିତ ହେଉଥିଲା। ଦେବଗଡ଼ ଏକ କଳାର ଗଡ ଭାବେ ସମଗ୍ର ରାଜ୍ୟ ତଥା ଦେଶ ବିଦେଶରେ ପରିଚିତ ଥିଲା। ଏବେ ସେହି ହଲ୍ ନିର୍ମାଣ ଧିମେଇ ଚାଲିଥିବାରୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସଭା ସମିତି ପାଇଁ ସ୍ଥାନୀୟ ଟାଉନ ହଲ୍ କିମ୍ବା ଅନ୍ୟ କୌଣସି ବେସରକାରୀ ଜାଗା ଉପରେ ନିର୍ଭର କରିବାକୁ ପଡୁଛି। ଦିନଥିଲା କଳା ପରିଷଦ ହଲ୍‌କୁ ଏକ ସିନେମା ହଲ୍‌ରେ ପରିଣତ କରାଯାଇ ମନୋରଞ୍ଜନ ପାଇଁ ଖୋରାକ ଯୋଗାଡ କରାଯାଇଥିଲା। ପରେ ରକ୍ଷଣାବେକ୍ଷଣ ଅଭାବରୁ ସେହି ହଲ୍‌ର ଅବସ୍ଥା ଦୟନୀୟ ହୋଇପଡିଥିଲା। କଳାକାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିଛି ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଣା କୋଠାକୁ ଭାଙ୍ଗି ଉନ୍ନତମାନର ଅଡିଟୋରିୟମ୍ ସାଙ୍ଗକୁ କଲଚରାଲ ହଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। କିନ୍ତୁ ପରିତାପର ବିଷୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ କଳା ପରିଷଦ ହଲ୍ ନିର୍ମାଣ କାମ ଶେଷ ହେଉ ନ ଥିବାରୁ ବୁଦ୍ଧୀଜୀବୀ, କବି, କବୟିତ୍ରୀ ,କଳାକାର ତଥା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଣୁ ତୁରନ୍ତ କଳା ପରିଷଦ ହଲ୍ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ କଳାକାର ମହଲରେ ଦାବି ହେଉଛି। ସେହି କାମ ପାଇଁ ବାରମ୍ବାର ଟେଣ୍ଡର ହେଉଛି, ଠିକାଦାର ମଧ୍ୟ ପରିବର୍ତ୍ତନ ହେଉଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଛି ହେଲେ ସେହି କାମ ସରିପାରୁନାହିଁ। ଏଥିପାଇଁ କଳାକାରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲାପାଳ ଧ୍ୟାନଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

– ଶଶାଙ୍କ ଶେଖର ଝାଙ୍କର



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ଦୟାର ପାତ୍ର ନୁହେଁ

ଭାରତୀୟ ସେନାରେ ଏ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ପର୍ମାନେଣ୍ଟ କମିଶନ (୬୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରତ) ପଦବୀ ସୃଷ୍ଟିର ସୁଯୋଗ ଦିଆଯାଇ ନ ଥିଲା। ୧୭ ଫେବୃୟାରୀ ୨୦୨୦ ସୋମବାର ସୁପ୍ରିମକୋର୍ଟ ଏକ ରାୟ ଦେଇ କେନ୍ଦ୍ର ସରକାରଙ୍କୁ ୩ ମାସ ମଧ୍ୟରେ ସେନାରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ପର୍ମାନେଣ୍ଟ କମିଶନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଆଧୁନିକ ସମାଜ ନିଶ୍ଚିତ ସ୍ୱାଗତ କରିବ। ମାନବ ଇତିହାସକୁ ଦେଖିଲେ ଯେଉଁ ସମାଜରେ ମହିଳାମାନଙ୍କୁ ପୁରୁଷଙ୍କ ସମାସ୍କନ୍ଧ ହେବାର ସୁଯୋଗ ଦିଆଯାଇଛି, ସେଠାରେ ଅର୍ଥନୈତିକ ଓ ସାମାଜିକ ଅଗ୍ରଗତି ଘଟିଛି। ସାଧାରଣରେ ତାହା କରାଯାଏ ନାହିଁ ବୋଲି ଅନେକ ସମସ୍ୟା ସବୁବେଳେ ଉପୁଜିବାରେ ଲାଗିଛି। ବିଶେଷକରି ପୁରୁଷମାନେ ନିଜର ଦକ୍ଷତା ପ୍ରମାଣ କରିବାକୁ ଯାଇ ମହିଳାଙ୍କୁ ଦମନ କରିବା ଏକ ଦାୟିତ୍ୱ ବୋଲି ଭାବିନିଅନ୍ତି। ଏଭଳି ନକାରାତ୍ମକ ଚିନ୍ତାଧାରା ଯୋଗୁ ସମାଜର ୫୦ ପ୍ରତିଶତ ଶକ୍ତି ଦୁର୍ବଳ ହୋଇ ରହିଛି। ଭାରତରେ ଏଭଳି ମନୋଭାବ କାହିଁକି ଓ କେବେ ସୃଷ୍ଟି ହେଲା ବୁଝିବା କଷ୍ଟକର। ଏହି ମାଟିରେ ପୁରୁଷ ସହିତ ପ୍ରକୃତି ଏବଂ ଶିବ ସହିତ ଶକ୍ତି ଚିନ୍ତାଧାରା ଜନ୍ମିଥିଲା। ଅର୍ଥାତ୍ ମାତୃଶକ୍ତିକୁ କେବେହେଲେ ଭାରତୀୟ ଗୌଣ କରି ଦେଖି ନ ଥିଲେ, ଯେଉଁଥିପାଇଁ ଯେତିକି ଠାକୁର ଗଣିହେବେ ସେତିକି ଠାକୁରାଣୀ ମଧ୍ୟ ସଂସ୍କୃତିରେ ଦେଖାଯାଉଥିଲେ। କିନ୍ତୁ ଦୁଃଖର ବିଷୟ ଯେ, ଆଜି ସେହି ପରିସ୍ଥିତିର ବିରାଟବଡ଼ ପରିବର୍ତ୍ତନ ଘଟିଛି। ଆଧୁନିକ ସମାଜରେ ଯେତେବେଳେ ଅନ୍ୟ ଦେଶଗୁଡ଼ିକ ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରୁଥିବାର ଦେଖୁଛନ୍ତି, ସେତେବେଳେ ଭାରତରେ ମହିଳାଙ୍କ ପ୍ରତି ହେଉଥିବା ଘୋର ଅନ୍ୟାୟ ଓ ଅବିଚାରର ଛବି ସମସ୍ତଙ୍କୁ ବିଚଳିତ କରୁଛି। ଆଜିର ପରିସ୍ଥିତିରେ ମହିଳାଙ୍କ ପ୍ରତି ଦୟା କରିବାର ପ୍ରୟୋଜନ ନାହିଁ। ଅର୍ଥାତ୍ ସେମାନେ ପୁରୁଷଙ୍କ ଦୟାର ପାତ୍ର ହୋଇ ରହିବା କଥା ନୁହେଁ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଗୁରୁତ୍ୱ ଯଥେଷ୍ଟ ରହିଛି।

ଭାରତୀୟ ସେନାରେ ମହିଳାଙ୍କୁ ସ୍ଥାୟୀ କମିଶନ ମିଳିନାହିଁ । ସର୍ବୋଚ୍ଚ ଅଦାଲତଙ୍କ କହିବା ଅନୁଯାୟୀ ଦୀର୍ଘଦିନ ଧରି ଚାଲିଆସିଥିବା ମାମଲାରେ ସେନା କର୍ତ୍ତୃପକ୍ଷ ଦେଇ ଆସୁଥିବା ତଥ୍ୟ ବିଭ୍ରାନ୍ତିକର ପ୍ରମାଣିତ ହୋଇ ଆସୁଛି। (ପୁରୁଷ) ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ବୋଲି କୋର୍ଟ ଜୋର୍ ଦେଇ କହିଛନ୍ତି। ଏହା ବ୍ୟତୀତ କେନ୍ଦ୍ର ସରକାର ଏହି ମାମଲାରେ କହିଛନ୍ତି ଯେ, ମହିଳାଙ୍କ ଶାରୀରିକ ଗଠନ ଓ ସାମାଜିକ ଚାହିଦା ଯୋଗୁ ସେମାନଙ୍କୁ ସେନାରେ ନେତୃତ୍ୱ ଦେବା ସ୍ଥାନରେ ବସାଯାଇପାରିବ ନାହିଁ। ଅର୍ଥାତ୍ ସେଥିପାଇଁ ସେମାନଙ୍କୁ ପର୍ମାନେଣ୍ଟ କମିଶନ ଦିଆଯିବା ଉଚିତ ନୁହେଁ। କାରଣ ସ୍ଥାୟୀ ନିଯୁକ୍ତି ପାଇଲେ ମହିଳା ଅଫିସରଙ୍କ ବୟସ ଏବଂ ଅଭିଜ୍ଞତା ବୃଦ୍ଧି ସହିତ ପଦୋନ୍ନତି ଘଟିବା ନିଶ୍ଚିତ ହୋଇଯିବ। ତାହାହେଲେ ସେମାନେ ପୁରୁଷ ସେନା ଅଧିକାରୀଙ୍କ ସହିତ ନିର୍ଦ୍ଦେଶ ଦେବା ପଦବୀରେ ପହଞ୍ଚିପାରିବେ। ଏହାକୁ ରୋକିବା ହୋଇଛି ଉଭୟ ସେନା ଓ କେନ୍ଦ୍ର ସରକାରଙ୍କ ଦୀର୍ଘମିଆଦୀ ଚକ୍ରାନ୍ତ। ଉଲ୍ଲେଖ କରାଯାଇପାରେ କୋର୍ଟ ଦେଇଥିବା ରାୟରେ ସ୍ପଷ୍ଟ କୁହାଯାଇଛି ଯେ, ଯେଉଁ ମହିଳା ଅଫିସରଙ୍କ ଦକ୍ଷତା ଥିବ ସେହି ମହିଳା ପଦୋନ୍ନତିର ଲାଭ ପାଇପାରିବେ। ଅନ୍ୟଭାବେ କହିବାକୁ ଗଲେ ସୁପ୍ରିମକୋର୍ଟ ଏହି ରାୟ ଦ୍ୱାରା ଆଉ ଏକ ନୂତନ ସଂରକ୍ଷଣ ଆଇନ ସୃଷ୍ଟି କରିନାହାନ୍ତି। ଦକ୍ଷତା ହିଁ ମାପକାଠି ବୋଲି ଯେହେତୁ ରାୟରେ ସ୍ପଷ୍ଟ କରାଯାଇଛି, ସେହେତୁ ଏହାକୁ କଦର୍ଥ କରାଯାଇପାରିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଆହୁରି କହିଛନ୍ତି ଏହା ଦ୍ୱାରା କେବଳ ସେନା ନୁହେଁ, ମହିଳାମାନଙ୍କୁ ଜୀବନର ସବୁ କ୍ଷେତ୍ରରେ ନୂଆ ପ୍ରେରଣା ଯୋଗାଇବ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମହିଳା ଅଫିସରଙ୍କୁ ସ୍ଥାୟୀ କମିଶନ କରିବା ଲାଗି ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ଇତିମଧ୍ୟରେ ୧୦ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିରୁ କେନ୍ଦ୍ର ସରକାର ଓ ସେନା କର୍ତ୍ତୃପକ୍ଷଙ୍କ ମହିଳା ବିରୋଧୀ ମନୋଭାବ ସ୍ପଷ୍ଟ ଜଣାପଡୁଛି। ଏହି ସପ୍ତାହ ଆରମ୍ଭରେ ସୁପ୍ରିମକୋର୍ଟ ପୁନର୍ବାର ସେହି ରାୟକୁ ଦୋହରାଇବା ସହିତ ଏକ ୯୦ ଦିନିଆ ସମୟସୀମା ସ୍ଥିର କରିଛନ୍ତି। ଏହି ସମୟ ମଧ୍ୟରେ ସେନାର ଯେଉଁ ମହିଳା ଅଫିସର ପର୍ମାନେଣ୍ଟ କମିଶନ ପାଇଁ ଆବେଦନ କରିବେ, ତାଙ୍କୁ ସେହି ସୁବିଧା ଯୋଗାଇ ଦିଆଯିବା ଉଚିତ। ଏବେ ନିର୍ଭର କରୁଛି ଉଭୟ କେନ୍ଦ୍ର ଓ ସେନାର ଆନ୍ତରିକତା ଏହିଭଳି ସାମାଜିକ ପରିବର୍ତ୍ତନର ସପକ୍ଷବାଦୀ ହେବ ନା ବିପକ୍ଷବାଦୀ।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଫେବୃୟାରୀ ୧୯୯୫**

- ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସହଯୋଗ ପାଇଁ ମ୍ୟାନମାରର ଯୋଜନା ଓ ଅର୍ଥନୀତି ବିକାଶ ମନ୍ତ୍ରଣାଳୟ ଏବଂ ଜାପାନର ମାରୁବେଣ୍ଟ କର୍ପୋରେଶନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।
- ପାରାଦୀପ-ଏନୋର କୋଇଲା ପରିବହନ ପ୍ରକଳ୍ପ ପାଇଁ ଏସୀୟ ଉନ୍ନୟନ ବ୍ୟାଙ୍କ ୨୮୫ ନିୟୁତ ଡଲାର ଋଣ ଯୋଗାଇଦେବା ନେଇ ନିଷ୍ପତ୍ତି।
- ପ୍ରକାଶ ଶାହାଙ୍କୁ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୂପେ ନିଯୁକ୍ତି ଦିଆଯାଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | | | | 4 | | A | 7 | | | 1 | | E | |
| | | | | | | | | | | E | | | 7 | |
| 7 | | | 5 | | | B | E | 1 | | 9 | | 0 | | 3 |
| 0 | | | | B | A | 2 | 6 | | | | | | | |
| | | B | | | | | | | D | | | | | |
| | | | | 4 | | | | 9 | | | B | 3 | 0 | C |
| | | | 1 | 5 | | C | | | 2 | | | 7 | | |
| | | 6 | | | 8 | A | | E | | | 3 | | | 4 |
| | | 8 | | | 0 | | | | | D | | | | 9 |
| 1 | | D | | | 9 | | 0 | 3 | | | 7 | B | | E |
| D | | | 0 | | E | | B | 6 | | A | C | | | |
| 5 | | | | 6 | | 8 | | | B | 2 | | 1 | 3 | |
| B | 0 | | | 3 | 5 | 1 | | | | | | | | |
| | | | 7 | 8 | | | C | | 3 | | | | | |
| 2 | | | | | C | | | 4 | 9 | | 5 | 8 | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 7 | 2 | E | 3 | B | A | D | 5 | 1 | 0 | 4 | C | 9 |
| 9 | 2 | 3 | B | A | 4 | 5 | 6 | 8 | 7 | C | D | E | 1 | 0 |
| 0 | D | B | 1 | 7 | 5 | 4 | 9 | C | E | A | 2 | 3 | 6 | 8 |
| C | 5 | 1 | 8 | 6 | 9 | 7 | E | 0 | B | 4 | 3 | 2 | D | A |
| 4 | E | A | 0 | C | D | 1 | 2 | 3 | 6 | 8 | 9 | B | 7 | 5 |
| E | C | 4 | 3 | 5 | B | 6 | 1 | A | 8 | 2 | 7 | 9 | 0 | D |
| 3 | A | 0 | 9 | 4 | 7 | 8 | D | 5 | C | B | 6 | 1 | E | 2 |
| 6 | B | 2 | A | 0 | C | E | 7 | 9 | 1 | D | 5 | 8 | 4 | 3 |
| D | 9 | 8 | 6 | 1 | 2 | C | 0 | 4 | 3 | E | A | 5 | B | 7 |
| 7 | 1 | 5 | E | D | 8 | 3 | B | 2 | 9 | 0 | 4 | C | A | 6 |
| B | 7 | D | 5 | 8 | 0 | 2 | 4 | E | A | 9 | C | 6 | 3 | 1 |
| A | 0 | 6 | D | 2 | E | 9 | 5 | B | 4 | 3 | 1 | 7 | 8 | C |
| 5 | 8 | 9 | C | B | 1 | D | 3 | 6 | 0 | 7 | E | A | 2 | 4 |
| 2 | 4 | E | 7 | 3 | 6 | A | C | 1 | D | 5 | 8 | 0 | 9 | B |
| 1 | 3 | C | 4 | 9 | A | 0 | 8 | 7 | 2 | 6 | B | D | 5 | E |

ଗତକାଲିର ଉତ୍ତର

# ବନଜୀବନ ଓ ଜନଜୀବନ



ରାଧାମୋହନ ମହାପାତ୍ର

ବନ ସହିତ ଜନର ସମ୍ପର୍କ ଓତପ୍ରୋତ ଭାବେ ଜଡିତ। ବନ ହେଉଛି ବିଶ୍ୱର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଗନ୍ତାଘର। ବନ ମଣିଷର ଆଦିଭୂମି। ପୃଥିବୀ ସୃଷ୍ଟିର ନିୟୁତ ନିୟୁତ ବର୍ଷ ପରେ ଏନ୍‌ଜିଓସ୍ପାର୍ମ ବା ଉଦ୍ଭିଦ ଗୋଷ୍ଠୀର ଜନ୍ମ। ପ୍ରାୟ ଦଶକୋଟି ବର୍ଷ ପୂର୍ବେ ପ୍ରାକୃତିକ କ୍ରମବିକାଶ ଓ ବିବର୍ତ୍ତନ ପ୍ରକ୍ରିୟାରେ ଜଳକଲ୍ଲୋଳିତ ପୃଥିବୀ ତରୁଲତାରେ ପଲ୍ଲବିତ ହୋଇ ଅରଣ୍ୟରେ ପରିଶୋଭିତ ହେଲା। ଏ ପୃଥିବୀ କେବଳ ମଣିଷମାନଙ୍କ ଯୋଗୁ ଏତେ ସୁନ୍ଦର, ଏତେ ରହସ୍ୟମୟ ନୁହେଁ। ଏ ବିଶାଳ ଭୂମଣ୍ଡଳରେ ତିନିଭାଗ ଜଳ ଓ ଏକ ଭାଗ ମାତ୍ର ସ୍ଥଳ। ଏଇ ସ୍ଥଳଭାଗରେ ପରିପୂର୍ଣ୍ଣ ହୋଇରହିଛି ଶ୍ୟାମଳ ବନଭୂମି, ଉଚ୍ଚ ପାହାଡ଼ପର୍ବତ, ଧନଧାନ୍ୟଭରା ଶସ୍ୟକ୍ଷେତ, ଧୂସର ମରୁଭୂମି ଆଉ ଦିଗହୀନ ସବୁଜ ପ୍ରାନ୍ତର।

ମଣିଷ ସଭ୍ୟତାର ପ୍ରାକ୍ କାଳରୁ ବନ୍ୟଜୀବମାନେ ବହୁଭାବେ ମନୁଷ୍ୟର ଉପକାର କରି ଆସିଛନ୍ତି। ସେଥିପାଇଁ ସର୍ପ ପୂଜାର ବିଧି ଆମ ସଂସ୍କୃତିର ରୂପ ନେଇଛି। ଯୁଦ୍ଧ ସମୟରେ ଗଜ, ଅଶ୍ୱମାନଙ୍କ ଆବଶ୍ୟକତା ଓ କ୍ରୀଡାକୌଶଳ ସମୟରେ ସେମାନଙ୍କ ସାହଚର୍ଯ୍ୟ ପ୍ରାଣକୁ ପୁଲକିତ କରିଛି। ବିବାହାଦି ଶୁଭ କାର୍ଯ୍ୟରେ ସେମାନଙ୍କର ଉପସ୍ଥିତି ପ୍ରାଣକୁ ମଧ୍ୟ ମୂର୍ଚ୍ଛନାରେ ଭରିଦେଇଛି। ଆମର ଆରାଧ୍ୟ ଦେବଦେବୀଙ୍କ ବାହନ ରୂପେ ସ୍ୱୀକୃତ ହୋଇ ଆମର ପରମ୍ପରା ଓ ଜୀବନଧାରାକୁ ବିଶ୍ୱସଂସ୍କୃତିର ପୃଷ୍ଠପଟ୍ଟରେ ମାର୍ମିକ ତଥା ଆତ୍ମୀୟତାର ନବଦିଗନ୍ତ ସୃଷ୍ଟି କରିଛି। ବୃଷ୍ଟିଦେବତା ଇନ୍ଦ୍ରଙ୍କ ବାହନ ହାତୀ, ଅଗ୍ନିଙ୍କର ମେଣ୍ଢା, ଯମଙ୍କର ମଇଁଷି, ବରୁଣଙ୍କର କୁମ୍ଭୀର, ବାୟୁଦେବତାଙ୍କର ମୃଗ, ଧନର ଦେବତା କୁବେରଙ୍କର ଘୋଡ଼ା ଓ ବ୍ରହ୍ମାଙ୍କର ବାହନ ରୂପେ ହଂସକୁ ସ୍ୱୀକୃତି ଦିଆଯାଇଛି। ଏପରି କି ନିଶାଚର ପକ୍ଷୀ ପେଚା ନିଜର ଅସୁନ୍ଦର ଚେହେରା ପାଇଁ ଆମ ସମାଜରେ ଘୃଣିତ ହେଲେ ମଧ୍ୟ ମା' ଲକ୍ଷ୍ମୀଙ୍କର ସେ ବାହନ ଭାବେ ପରିଚିତ। ସାରା ବିଶ୍ୱରେ ମୂଷା ମଣିଷର ବଡ଼ ଶତ୍ରୁ ହେଲେ ମଧ୍ୟ ଗଣଦେବତା ବିଘ୍ନନାଶକ ଗଣେଶଙ୍କର ବାହନ ହୋଇଥିବାରୁ ସେ ଆମ ସଂସ୍କୃତିରେ ପୂଜିତ। ବର୍ଷାଋତୁର ଆଗମନର ସମ୍ଭାଷଣ ପାଇଁ ସୁନ୍ଦର ପକ୍ଷୀ ମୟୂରକୁ ସ୍ଥାନିତ କରାଯାଇଛି। କାଳର ସଙ୍କେତ ରୂପେ ଶାଗୁଣାକୁ ଗ୍ରହରାଜ ଶନିଙ୍କର ବାହନ ରୂପେ କଳ୍ପନା କରାଯାଇଛି। ଶାଗୁଣା ଭଳି ଏକ ଅମେଧ୍ୟ ଭକ୍ଷଣକାରୀ ପକ୍ଷୀର ମାନବ ସମାଜ ପ୍ରତି ଯେଉଁ ପରୋକ୍ଷ ଅବଦାନ ଅଛି ତାହା ସ୍ୱୀକାର କରି ଭାରତୀୟ ସଂସ୍କୃତି ଏହି ପକ୍ଷୀକୁ ମହାଗ୍ରହଙ୍କର ବାହନ ରୂପେ ସମ୍ମାନିତ କରିଛି। ସୌରଜଗତରେ ଅନ୍ୟତମ ମହାଗ୍ରହ ଶୁକ୍ର ମଣ୍ଡୁକ (ବେଙ୍ଗ) ଯାନରେ ଆରୋହଣ କରି ବିଶ୍ୱ ପରିକ୍ରମା କରିବାର ଦୃଷ୍ଟାନ୍ତ ଜ୍ୟୋତିଷଶାସ୍ତ୍ରରୁ ଉପଲବ୍ଧ ହୁଏ। ଭାରତୀୟ ସଂସ୍କୃତିରେ ବେଙ୍ଗ ଭଳି ସାଧାରଣ ପ୍ରାଣୀକୁ ଏହିପରି ଉଚ୍ଚ ସ୍ଥାନ ଦିଆଯାଇଛି। ଲୋକକଥାର ବେଙ୍ଗ ପୂଜାର୍ଚ୍ଚନାର ବିଧିରେ ଇନ୍ଦ୍ରଦେବ ସନ୍ତୁଷ୍ଟ ହେଲେ ବର୍ଷା ହେବା କଥା ଏହି ମାଟି, ପାଣି, ପବନରେ ସଂଜୀବିତ ହୋଇଛି।

ସମଗ୍ର ମାନବଜାତି ତଥା ସୌରଜଗତକୁ ନିୟନ୍ତ୍ରଣ କରିବାରେ ପଶୁ, ପକ୍ଷୀ ଓ ସରୀସୃପମାନଙ୍କୁ ଜଡିତ କରାଯାଇଛି। ଧରାଧାମକୁ ନାନା ବିପଦ, ଆପଦରୁ ରକ୍ଷା କରିବାକୁ ମାଛ, କଇଁଛ, ବରାହ ଓ ସିଂହ ରୂପେ ଭଗବାନ ଆବିର୍ଭୂତ ହେବାର ଉପାଖ୍ୟାନ ଭକ୍ତକବି ଜୟଦେବଙ୍କ ଦଶାବତାର ରଚନାରୁ ଉପଲବ୍ଧ ହୁଏ। ଅନେକ ପଶୁପକ୍ଷୀଙ୍କୁ ମଙ୍ଗଳସୂଚକ ଭାବେ ପରିକଳ୍ପନା କରାଯାଇ ଆମ ଲୋକଗୀତ ଓ ଢଗଢ଼ମାଳିରେ ସେମାନଙ୍କୁ ସ୍ଥାନିତ କରାଯାଇଛି- ବାଆଁରେ ଦେଖିବ ବାଆଁ ଶିଆଳ, ଡାହାଣେ ଦେଖିବ ଶଙ୍ଖା, ଆଗରେ ଦେଖିବ ଭଦଭଦଳିଆ, ପାରି ହୋଇଯିବ ଲଙ୍କା। ଡାକ ବଚନରେ ନେଉଳକୁ ଯାତ୍ରାପଥରେ ଦେଖିଲେ ସର୍ବଶୁଭ ବୋଲି କୁହାଯାଇଛି- "ବାଟରେ ଦେଖିଲେ ନେଉଳ, ଶୁଭ ହୋଇବ ଅନୁକୂଳ।" ଯୁଗ ଯୁଗ ଧରି ଆମର ସାଂସ୍କୃତିକ ଚେତନାରେ ବନ୍ୟଜୀବ ଓ ବନ୍ୟ ବାସିନ୍ଦାମାନେ ଯେପରି ଆଦୃତ, ପୃଥିବୀର ଅନ୍ୟ କୌଣସି ଦେଶରେ ଏହା ବିରଳ।

ବନ୍ୟଜୀବ ନ ଥିଲେ ଜନଜୀବନ ଏତେ ପ୍ରଭାବନ୍ତ ହୋଇପାରନ୍ତା ନାହିଁ। ଜୀବମାନଙ୍କ ଯୋଗୁ ମଣିଷର ଅନେକ ପରିକଳ୍ପନା ବାସ୍ତବ ରୂପ ନେଇଛି। ସବୁ ଉଦ୍ଭାବନର ଭିତ୍ତି ସଦୃଶ ସେ ପ୍ରଥମେ ହିଁ ମୌଳିକ ଉପାଦାନ ରୂପେ ମଣିଷର ଚେତନାରେ ସୂତ୍ରଧର ସାଜିଛି। ଜୈବ ବୈଷୟିକ ବିଜ୍ଞାନର ତ୍ୱରାନ୍ୱିତ ପ୍ରଭାବ ବାୟୋଟେକ୍ନୋଲୋଜି ସାହାଯ୍ୟରେ ମଣିଷ ତା'ର ବୁଦ୍ଧିର ପରାକ୍ରମ ଦେଖାଇ ପାରୁଛି। ଜୀବଜନ୍ତୁମାନଙ୍କ ସ୍ୱଭାବ, ଆଚରଣ, ବିଚରଣ, ପ୍ରଜନନ ପ୍ରକ୍ରିୟା ଓ ତା'ର ବୈଶିଷ୍ଟ୍ୟ ଅଧ୍ୟୟନ କରି ମଣିଷ ତାହାର ଜ୍ଞାନମାର୍ଗକୁ ସଂପ୍ରସାରିତ କରିପାରୁଛି। ବହୁ ମୂଲ୍ୟବାନ ତଥ୍ୟ ତା'ର ହସ୍ତଗତ ହୋଇପାରୁଛି। କ୍ଲୋନିଂ ଶିକ୍ଷା ବନ୍ୟ ଜୀବମାନଙ୍କଠାରୁ ମଣିଷ ଗ୍ରହଣ କରିଛି। ବନଜୀବନ ବିନା ଜନଜୀବନର ମୂଲ୍ୟବୋଧ ଏକ ଅପହଞ୍ଚ ଇଲାକାରେ ରହିଯିବ। କୃତ୍ରିମ ଉପାୟରେ ମେଷ ଶାବକର ସୃଷ୍ଟି ଆଜିର ବିଜ୍ଞାନ ପାଇଁ କୀର୍ତ୍ତିସ୍ତମ୍ଭ। ଏସବୁ ମୂଳରେ ପ୍ରାଣୀର ପ୍ରଭାବ ଅଛି। ମରୁଭୂମିଠାରୁ ଆରମ୍ଭ କରି ତୃଣଭୂମି ପର୍ଯ୍ୟନ୍ତ, ମାଟିରୁ ଆରମ୍ଭ କରି ପାହାଡ଼ ପର୍ଯ୍ୟନ୍ତ ବହୁ ବିବିଧତା ମଧ୍ୟରେ ଜଳବାୟୁ, ବୃକ୍ଷଲତା ଓ ପରିବେଶକୁ ଚାହିଁ ବିଧାତା ପୃଥିବୀପୃଷ୍ଠରେ ଭିନ୍ନ ଭିନ୍ନ ଜୀବଜନ୍ତୁ ସୃଷ୍ଟି କରିଛନ୍ତି। ସମସ୍ତଙ୍କର ଅଧିକାର ଅଛି ବଞ୍ଚିବା ପାଇଁ ଏହି ପୃଥିବୀରେ। ଏମାନଙ୍କ ମଧ୍ୟରେ କିଏ ଖାଦ୍ୟ ବା କିଏ ଖାଦକ, କିଏ ତୃଣଭୋଜୀ ବା କିଏ ମାଂସଭୋଜୀ, କିଏ ହିଂସ୍ର, କିଏ ନିରୀହ- ସବୁରି ଜୀବନର ଚକ୍ରରେ ପରିବେଶର ଭାରସାମ୍ୟ ରକ୍ଷା ହେବା ସହିତ ପୃଥିବୀର ଗତିଚକ୍ର ଗଡିଚାଲିଛି।

ମଣିଷ ଆଜି ଜଡ଼ ବିଜ୍ଞାନ ଓ ବୈଷୟିକ ବିଦ୍ୟା ବଳରେ ନୀଳ ଆକାଶରେ ପକ୍ଷୀ ପରି ଉଡି ପାରୁଛି। ସାଗରର ନୀଳ ବକ୍ଷରେ ମାଛ ପରି ସନ୍ତରଣ କରିପାରୁଛି। ଗ୍ରହ, ଉପଗ୍ରହ ସନ୍ଧାନରେ ଭୂପୃଷ୍ଠରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଯାତ୍ରା କରିପାରୁଛି। କିନ୍ତୁ ଏହି ମାଟିର ଧରାରେ କିପରି ସୁଖଶାନ୍ତିରେ ବଞ୍ଚିପାରିବ ତାହା ଶିକ୍ଷା କରିପାରୁନି। ପ୍ରକୃତି ଓ ପରିବେଶର ସୁରକ୍ଷା କରି ନ ପାରିଲେ ଜୀବନ ଯେ ହା-ହୁତାଶମୟ ହୋଇଯିବ, ଉତ୍ତରପୁରୁଷଙ୍କର ଜୀବନ ଯେ ଅସନ୍ତୋଷ ବହ୍ନିରେ ଜଳିଯିବ ଏହା ଧ୍ରୁବସତ୍ୟ। ପୃଥିବୀ କ୍ରମଶଃ ଜନବହୁଳ ଓ ବନବିରଳ ଆଡକୁ ମୁହାଁଉଛି। ଏଣୁ ସାମ୍ପ୍ରତିକ ସମୟରେ ପରିବେଶର ନିର୍ମଳତ୍ୱ ପାଇଁ ପ୍ରାଣୀ ସୁରକ୍ଷା ଏକାନ୍ତ ଆବଶ୍ୟକ। ବନ୍ୟ ଜୀବମାନଙ୍କୁ ସୁରକ୍ଷା ଦେଇ ନ ପାରିଲେ, ମଣିଷ ଜୀବନ ଯେ କୃତଘ୍ନତାରେ ପରିଣତ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ବନ୍ୟଜୀବ ବଞ୍ଚିବା ପାଇଁ ମଣିଷ ଉପରେ ନିର୍ଭର କରନ୍ତି ନାହିଁ, ବରଂ ମଣିଷ ବଞ୍ଚିବା ପାଇଁ ବନ ଓ ବନ୍ୟଜୀବ ଉପରେ ନିର୍ଭରଶୀଳ। ମଣିଷ ସେମାନଙ୍କ ସେବା, ଦୟା, ସାହାଯ୍ୟ ଓ ସହଯୋଗ ପ୍ରତି କୃତଜ୍ଞତା ନ ଜଣାଇ ସେମାନଙ୍କୁ ଧ୍ୱଂସ କରୁଛି। ଏହା ମଣିଷର ଚରମ ଅକୃତଜ୍ଞତା ଯାହା ଆମ ବିନାଶର କାରଣ ହେବ। କେବଳ ପ୍ରକୃତି ତଥା ପରିବେଶ ସୁରକ୍ଷା ଏହାର ଏକମାତ୍ର ସମାଧାନ।

ଆଜି ସମଗ୍ର ମାନବ ସମାଜ ଅର୍ଥ ପଛରେ ଦୌଡୁଛି। ଏଥିପାଇଁ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି। କୁହାଯାଏ, ଅର୍ଥ ମଣିଷର ଷଷ୍ଠ ଇନ୍ଦ୍ରିୟ, ଯାହାର ଅଭାବରେ ଅନ୍ୟ ଇନ୍ଦ୍ରିୟଗୁଡ଼ିକ ନିଷ୍ପ୍ରଭ। ଏ ସମାଜ ତଥା ଦେଶକୁ ସମୃଦ୍ଧ ତଥା ବିଶ୍ୱ ଜୀବନର ଶ୍ରେଷ୍ଠତ୍ୱରେ ପହଞ୍ଚାଇବାକୁ ହେଲେ ଆମକୁ ଅର୍ଥ ଉପାର୍ଜନ ମାର୍ଗକୁ ବିଚାର କରିବାକୁ ହେବ। ତପୋବନର ଏହି ଭୂମି, ଏହି ମାଟି, ଏହି ସଂସ୍କୃତିକୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ବୈଦେଶିକ ମୁଦ୍ରାର ଭଣ୍ଡାରରେ ଆମେ ପରିପୂର୍ଣ୍ଣ ହୋଇପାରିବା। ପର୍ଯ୍ୟଟନ କ୍ଷେତ୍ରରେ ଏହି ବନ୍ୟଜୀବ ଓ ପରିବେଶ ସୁରକ୍ଷାର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ନିଘଞ୍ଚ ଶ୍ୟାମଳ ବନାନୀ ମଧ୍ୟରେ ମୁକ୍ତଭାବେ ବନ୍ୟ ପଶୁପକ୍ଷୀଙ୍କର ବିଚରଣ ଦେଖି ପର୍ଯ୍ୟଟକମାନେ ଅପାର ଆନନ୍ଦ ପାଇପାରିଲେ ଧନ ଓ ମନରେ ଆମେ ସମୃଦ୍ଧ ଓ ପ୍ରଶଂସିତ ହୋଇପାରିବା।

ବୁଦ୍ଧେଶ୍ୱରୀ, ଭୁବନେଶ୍ୱର,
ମୋ-୯୮୬୧୧୮୯୯୩୬

# ଧଳା ବଦଳରେ କଳା ହେଲେ ଜୋକ



ତୁଷାରକାନ୍ତ

ସେତେବେଳର ଲୋଭନୀୟ ଚାକିରି ଛାଡ଼ି ଜାତୀୟକବି ବୀରକିଶୋର ଦାସ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ଅସୁମାରି କବିତା ଲେଖିଥିଲେ। ସେଥିମଧ୍ୟରୁ ଯେଉଁଟି ଅନ୍ୟମାନଙ୍କୁ ଯଥେଷ୍ଟ ଅନୁପ୍ରାଣିତ କରୁଥିଲା, ସେଇଟି ଥିଲା 'ଆମେ କେତେଜଣ ଜୀବନକୁ ପାଣି ଛଡ଼େଇ ନ ଦେଲେ ଚଳିବ କି, ଦଧୀଚିଙ୍କ ହାଡ଼ ଉଜାଡ଼ି ନ ଦେଲେ ଏ ଦେଶର ଭାଗ୍ୟ ଫେରିବ କି?' ସେଇ କବିତାରେ ମଧ୍ୟ ସେ ଆଶଙ୍କା ପ୍ରକାଶ କରିଥିଲେ ଯେ, 'ଧଳା (ବ୍ରିଟିଶ) ବଦଳରେ କଳା (ଭାରତୀୟ) ହେଲେ ଜୋକ (ଶାସକ), କଟିବ କି କୋଟି ଜନତାଙ୍କ ଦୁଃଖ, ଚାଷୀମୂଲିଆଙ୍କ ଖପୁରିକୁ ଚିରି, ଦିଲ୍ଲୀ ଦରବାର ଗଢିବା କି, ଆମେ କେତେଜଣ ଜୀବନକୁ ପାଣି ଛଡ଼େଇ ନ ଦେଲେ ଚଳିବ କି?'

'ଧଳା' ବଦଳରେ 'କଳା' ଶାସକ, ପ୍ରଶାସକ ଓ ଧର୍ମାବତାର ହେଲେ, ଚାଷୀମୂଲିଆଙ୍କ ଦୁଃଖ ବି କିଛିମାତ୍ରାରେ କଟିଲା କିନ୍ତୁ ଗାନ୍ଧିଜୀଙ୍କଠାରୁ ବୀରକିଶୋରଙ୍କ ଯାଏ ଯେଉଁ 'ଦୁଃଖ ହଟିବା' ପାଇଁ ସଂଗ୍ରାମ କରିଥିଲେ, ସେ ଦୁଃଖ ସମୂଳେ ହଟିଲା ନାହିଁ। ବରଂ, ଧନୀଙ୍କ ସମ୍ପତ୍ତି ବଢିବାରେ ଲାଗିଛି ଓ ଚାଷୀମୂଲିଆଙ୍କ ସମ୍ପତ୍ତି କମି କମି ଚାଲିଛି।

ବୀରକିଶୋରଙ୍କ ପରି ଆଉ ଜଣେ ତ୍ୟାଗୀ ସ୍ୱାଧୀନତା ସଂଗ୍ରାମୀ ଥିଲେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ (ତା୨୬।୦୧।୧୮୯୯ରୁ ୧୯।୦୨।୧୯୭୨)। ଏଥିରେ ପ୍ରଦତ୍ତ ଫଟୋଟି କଟକର ସ୍ୱରାଜ ଆଶ୍ରମରେ ଉଠାଯାଇଥିଲା, ଯେଉଁଟିରେ ଅଛନ୍ତି (ବାମରୁ) ନବକୃଷ୍ଣ ଚୌଧୁରୀ, ଗୌରାଙ୍ଗ ଚରଣ ଦାସ ଓ ଭଗବତୀ ଚରଣ ପାଣିଗ୍ରାହୀ (ତା୦୧।୦୨।୧୯୦୮ରୁ ତା୨୩।୧୦।୧୯୪୩ରିଖ)। ଏହି ଫଟୋଟି ଏବେ ବି ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଘରେ ଶୋଭାପାଉଛି। ଏମାନେ ସମସ୍ତେ ଥିଲାବାଲା ପରିବାରର ଦାୟାଦ ଥିଲେ ଓ ବ୍ରିଟିଶ ସରକାରଙ୍କ ସମର୍ଥକ ହୋଇ ଅନେକ ସୁଖ ଓ ସୁବିଧା ପାଇବାକୁ ଯୋଗ୍ୟ ଥିଲେ। ଅଥଚ, ସେମାନେ ବ୍ରିଟିଶ ବିରୋଧରେ ଲଢି ଅନେକ କଷଣ ସହିଥିଲେ।

ଆଜି ଗୌରାଙ୍ଗ ଚରଣ ଦାସଙ୍କ ୪୮ତମ ବାର୍ଷିକ ସ୍ମୃତି ଦିବସ। ସିଏ ନିଜର ପୁଅ ଶଶିଭୂଷଣ ଦାସଙ୍କ ସହିତ ନିଜ ଗ୍ରାମ ବାଗଲପୁରର ଆଉ ୧୬ ଜଣଙ୍କୁ (ସମୁଦାୟ ୧୮ଜଣ) ସ୍ୱାଧୀନତା ସଂଗ୍ରାମୀ କରେଇଥିଲେ। ସମସ୍ତଙ୍କ 'ଚିତ୍ତଭାଇ' (ସେମାନଙ୍କ ଭିତରୁ ଜଣେ) ଅବସରରେ ସେମାନଙ୍କ କଥା କାହିଁକି ମନେ ପକେଇଲେ କେଜାଣି ଭାରି ହତାଶାଭାବ ଘୋଟିଆସୁଛି। ଗାନ୍ଧିଜୀଙ୍କର ଶାସକ, ପ୍ରଶାସକ ତଥା ନ୍ୟାୟମୂର୍ତ୍ତିମାନଙ୍କ ଉଦ୍ଦେଶ୍ୟରେ ତାବିଜ (Talisman) (୧- ଯୋଜନାଟିଏ କଲାବେଳେ ଲକ୍ଷ୍ୟ ରଖିଥିବେ, ତାହାଦ୍ୱାରା ସମାଜର ସବୁଠାରୁ ତଳେ ଥିବା ଲୋକଟି କେତେ ମାତ୍ରାରେ ଉପକୃତ ହେଉଛନ୍ତି, ୨- ଯିଏ ତୁମମାନଙ୍କ ପାଖକୁ କୌଣସି କାମରେ ଆସୁଛନ୍ତି, ସେ ତୁମ କାମରେ ବାଧା ସୃଷ୍ଟି କରୁନାହାନ୍ତି, ତୁମର ନିଯୁକ୍ତି ସେମାନଙ୍କ ପାଇଁ ଏବଂ ୩- ପ୍ରକୃତି ସମସ୍ତଙ୍କ ଚଳିବା ପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣ ପାଇଁ ନୁହେଁ।)କୁ ଯଦି ସେମାନେ ଯଥାର୍ଥରେ ଆପଣେଇଥାନ୍ତେ ତେବେ ହୁଏତ ଧଳା ବଦଳରେ କଳାଙ୍କ ଶାସନ ଯଥାର୍ଥ ହୋଇଥାନ୍ତା।



ଶାସକ ଓ ପ୍ରଶାସକଗଣ ଅବାଟରେ ଗଲେ ତାହା ବିରୋଧରେ ଲୋକଙ୍କ ସୁରକ୍ଷା ପାଇଁ ନ୍ୟାୟପାଳିକାର ସୃଷ୍ଟି ହୋଇଥିଲା। ସ୍ୱାଧୀନ ଭାରତରେ ଗୋଟିଏ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥାପନା ପାଇଁ ୧୯୩୦ ମସିହାରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଲର୍ଡ ଚାନ୍ସେଲରଙ୍କୁ ଅନୁରୋଧ କରି କହିଥିଲେ "ମୋ ସ୍ୱପ୍ନର ନ୍ୟାୟାଳୟ ପ୍ରତିଷ୍ଠା ହେଲେ ତାହା ସମସ୍ତଙ୍କୁ ନ୍ୟାୟ ଦେବ ଯାହା ଦେବାରେ ହୁଏତ ମୁଁ (ଗାନ୍ଧିଜୀ) ସଫଳ ହେବି ନାହିଁ। ଅଥଚ, ଶାସକ ଓ ପ୍ରଶାସକଙ୍କ ଅନ୍ୟାୟ ଓ ଅତ୍ୟାଚାରକୁ ଆଖି ବୁଜିଦେଇ ନ୍ୟାୟାଳୟର ଅଧୀଶ୍ୱରମାନେ ଯେତେବେଳେ ସେମାନଙ୍କ ସହିତ ମିଶିଯାଆନ୍ତି, ସେତେବେଳେ 'ନାଗରିକ ସଂଶୋଧନ ଆଇନ୍' (ସିଏଏ)ର ବିରୋଧ କରି ୨୫ଜଣ ମୃତ୍ୟୁବରଣ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଅଣଦେଖା କରି ସେହି ଆଇନ୍ ବିରୋଧରେ ଦିଲ୍ଲୀର ଶାହିନ୍‌ବାଗରେ ଚାଲୁଥିବା ଆନ୍ଦୋଳନରେ ଗୋଟିଏ ଶିଶୁର ମୃତ୍ୟୁକୁ ନେଇ ନିଜ ଆଡୁ ଶୁଣାଣି କରନ୍ତି।" କର୍ଣ୍ଣାଟକର ବିଦାରଠାରେ ଏକ ବିଦ୍ୟାଳୟରେ ଛୋଟ ଛୋଟ ପିଲାଏ 'ସିଏଏ' ବିରୋଧରେ ନାଟକଟିଏ ପରିବେଷଣ କରିଥିବାରୁ ପୋଲିସ ସେମାନଙ୍କୁ ବାରମ୍ବାର ଜେରା କରେ ଓ ଅଭିଭାବକଙ୍କୁ ଜେଲରେ ପୂରାଏ ଅଥଚ ସର୍ବୋଚ୍ଚ ନ୍ୟାୟାଳୟ ଚୁପ୍ ରହନ୍ତି। ଆସାମରେ 'ଜାତୀୟ ନାଗରିକ ପଞ୍ଜିକା' ଯୋଗୁ ଅଟକ ଶିବିରରେ ରଖାଯାଇଥିବା ଲୋକଙ୍କ ବାବଦରେ ବିଚାରପତିମାନେ ଚୁପ୍। ବାବ୍ରୀ ମସଜିଦ ଭଙ୍ଗାଯିବା ବେଆଇନ ବୋଲି ଘୋଷଣା କରିଥିବା ବିଚାରପତିଗଣ ସେଥିପାଇଁ ଦାୟୀମାନଙ୍କୁ ଦଣ୍ଡବିଧାନ କରୁନାହାନ୍ତି। ଦିଲ୍ଲୀର ବିଚାରାଳୟ ଭିତରେ ଅଭିଯୁକ୍ତ ତଥା ପୋଲିସଙ୍କୁ ମାଡ଼ ହେବା, ସଂଖ୍ୟାଲଘୁ ବିଶ୍ୱବିଦ୍ୟାଳୟରେ ବିନା ଅନୁମତିରେ ପୋଲିସ ପଶି ବାଡ଼େଇବା, କିନ୍ତୁ ଆଉ ଗୋଟିଏ ବିଶ୍ୱବିଦ୍ୟାଳୟରେ ଗୁଣ୍ଡାମାନେ ଛାତ୍ରୀଛାତ୍ରଙ୍କୁ ବାଡ଼େଇଲେ ମଧ୍ୟ ପୋଲିସ ଚୁପ୍ ରହିବା, ଗୋଟିଏ ମହିଳା ମହାବିଦ୍ୟାଳୟରେ ଗୁଣ୍ଡାମାନେ ପଶି ଛାତ୍ରୀମାନଙ୍କ ପ୍ରତି ଅସଦ୍ ବ୍ୟବହାର କଲେ ମଧ୍ୟ ପୋଲିସ ଚୁପ୍ ରହିବା ଉପରେ ବିଚାରପତିମାନେ ବି ଚୁପ୍ ରୁହନ୍ତି।

ଆମର ପ୍ରଚଳିତ ଢଗଟିଏ ଅଛି 'ସେବା କାର୍ପଣ୍ୟ ତପ ବଳେ, କିବା ଅସାଧ୍ୟ ମହୀତଳେ'। ଗାନ୍ଧିଜୀଙ୍କଠାରୁ ଗୌରାଙ୍ଗ ଚରଣଙ୍କ ପର୍ଯ୍ୟନ୍ତ ସମସ୍ତେ ସେବା ପାଇଁ ଲାଗିଥିଲେ ଅଥଚ ଏବେ କଳା ଶାସକ, ପ୍ରଶାସକ ଓ ନ୍ୟାୟମୂର୍ତ୍ତିମାନେ ନିଜେ ସେବା ପାଇବା ପାଇଁ ବ୍ୟସ୍ତ ଓ ନିଜର ସ୍ୱାର୍ଥ ପାଇଁ କ୍ଷମତାଧାରୀମାନଙ୍କ ରଜ୍ଜୁରେ ନିଜେ ନିଜେ ବାନ୍ଧି ହୋଇ ନାଚୁଛନ୍ତି।

ଅତଏବ, ଜାତୀୟ କବିଙ୍କଠାରୁ ଆରମ୍ଭ କରି ଗୌରାଙ୍ଗ ଚରଣଙ୍କ ଯାଏ ସମସ୍ତଙ୍କ ଆଶଙ୍କା 'ଧଳା ବଦଳରେ କଳା ହେଲେ ଜୋକ, କଟିବ କି କୋଟି ଜନତାଙ୍କ ଦୁଃଖ'ଟି ଆଜି ବାସ୍ତବତାର ରୂପ ନେଇଛି। ତଥାପି, ସେମାନେ ଆମକୁ ସ୍ୱାଧୀନ ଭୂଖଣ୍ଡଟିଏ ଦେଇଥିବାରୁ ଗୌରାଙ୍ଗ ଚରଣ ଦାସଙ୍କ ପୁଣ୍ୟତିଥି ଅବସରରେ ସେ ଗୋଷ୍ଠୀଙ୍କର ସମସ୍ତଙ୍କ ପ୍ରତି ସଭକ୍ତି ସମ୍ମାନ ଜଣାଉଛି।

ମୋ : ୮୮୯୫୮୫୭୩୧୮

## ଏଇ ଭାରତରେ

ଗର୍ଭସ୍ଥ ଶିଶୁକୁ ସଂସ୍କାରିତ କରିବା ପାଇଁ ସବୁ ଧର୍ମରେ ଗର୍ଭବତୀମାନେ ଧର୍ମଗ୍ରନ୍ଥ ପାଠ କରିବା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। କିନ୍ତୁ ଦୁଇଜଣ ମୁସଲ୍‌ମାନ ମହିଳା ତାଙ୍କ ଗର୍ଭସ୍ଥ ଶିଶୁକୁ ସଂସ୍କାରିତ କରିବା ଲାଗି ସଦ୍‌ଭାବନାର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ୱାଲିୟରର ଫୁଲ୍‌ବାଗ ପଡିଆରେ ଆୟୋଜିତ ଗର୍ଭସଂସ୍କାର ଓ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ଦୁଇଜଣ ମୁସଲ୍‌ମାନ ଗର୍ଭବତୀ ପହଞ୍ଚିବା କ୍ଷଣି ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ହିନ୍ଦୁ ମହିଳାମାନେ ଉକ୍ତ ମୁସଲମାନ ମହିଳାଙ୍କୁ ସେମାନଙ୍କ ଗହଣରେ ବସିବା ଲାଗି ସ୍ଥାନ ଦେଇଥିଲେ। ସେମାନେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଚାଲିଥିବା ବେଳେ କୁଣ୍ଡରେ ଆହୁତି ମଧ୍ୟ ଦେଇଥିଲେ। ଏହି ଅବସରରେ ଗର୍ଭସଂସ୍କାର ଲାଗି ୫୦୦ ମହିଳା ସାମିଲ ହୋଇଥିଲେ। ଗ୍ୱାଲିୟରର ଗୁଡିଗୁଡାସ୍ଥ ଖଜାଞ୍ଚି ବାବାଙ୍କ ଦରଘା ନିବାସୀ ରୁଖ୍‌ସାର ଓ ଇବରା ନିବାସୀ ଖୁସ୍‌ବୁ ବାନୋ ଏହି ଯଜ୍ଞରେ ଭାଗନେଇଥିଲେ। କୋରାନ ସହ ଗାୟତ୍ରୀ ମନ୍ତ୍ରରେ ଗର୍ଭସ୍ଥ ଶିଶୁ ସଂସ୍କାରିତ ହୋଇଥାନ୍ତି ବୋଲି ବିଶ୍ୱାସ କରୁଥିବା ଏଇ ଦୁଇ ମହିଳାଙ୍କ ଭାବନାକୁ ସେମାନଙ୍କ ସ୍ୱାମୀ ମଧ୍ୟ ସମ୍ମାନ ଜଣାଇଛନ୍ତି। ଭଲ କାର୍ଯ୍ୟ ଯେକୌଣସି ଧର୍ମର ହେଲେ ବି ତାହାକୁ ଗ୍ରହଣ କରିବା ଉଚିତ ବୋଲି ସେମାନେ କହିଛନ୍ତି। ଖୁସ୍‌ବୁ ବାନୋଙ୍କ ପରିବାର ହିନ୍ଦୁମାନଙ୍କ ସହ ମିଳିମିଶି ଚଳନ୍ତି। ତାଙ୍କ ସ୍ୱାମୀ ସାଦିକ ବଜରଙ୍ଗବାଲୀଙ୍କ ଭକ୍ତ ଓ ନମାଜ ବି ପଢନ୍ତି। ଏହାବାଦ୍ ରୁଖ୍‌ସାର ନିୟମିତ ପୂଜାପାଠ କରିବା ସହ ତିଳକ ମଧ୍ୟ ଲଗାନ୍ତି ବୋଲି କୁହନ୍ତି ତାଙ୍କ ସ୍ୱାମୀ ଆବିର। ସେ କୁହନ୍ତି, କୋରାନ୍ ପଢି ଆମକୁ ଯେତିକି ଆନନ୍ଦ ମିଳେ ଗୀତା ଶୁଣି ବି ସେତିକି ଖୁସି ଲାଗେ।

## ଚିରନ୍ତନୀ

ମୋରପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ମମ୍ମୁଖରେ, ଅଛି ଦୂର ଚକ୍ରବାଳେ,
ଥିଲେ ହେଁ ମୁଁ ଅଜ୍ଞ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି ଆଲୋକ ଢାଳେ !
ଛୋଟ ଛୋଟ ଦିଓଟି ସେ ଛଳ ଛଳ ଆଖି
ଏ ଗଗନେ ଏ ପବନେ ଯାଇଛି ସେ ଲାଖି
ଦରୋଟି ଦୁଇଟି କଥା
ଏ ଭୁବନେ ଦିଏ ବ୍ୟଥା,
ଅତି କ୍ଷୁଦ୍ର ଦନ୍ତପୁଟେ ହାସ ରଖେ ଜାକି।
(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମଜଇ ନାହିଁ ସ୍ୱଜାତି ଭାଷା

ମହାଶୟ,

ସରକାର ପ୍ରଥମ ଶ୍ରେଣୀରୁ ସ୍ପୋକନ ଇଂଲିଶ ପ୍ରଚଳନ କରିବାକୁ ଯାଉଛନ୍ତି ଏହା ଏକ ପ୍ରହସନ ଛଡା କିଛି ନୁହେଁ। ନିଜ ମାତୃଭାଷା ଉପରେ ଯାହାର ଜ୍ଞାନ ନାହିଁ ଅନ୍ୟ ଭାଷା କହିଲେ କେବଳ ଲୋକହସା ହେବା କଥା। ବାସ୍ତବରେ ଯଦି ପ୍ରାଥମିକ ସ୍ତରରେ ଶିକ୍ଷାର ଉନ୍ନତି ଚାହୁଁଛନ୍ତି ତା'ହେଲେ ମଧ୍ୟାହ୍ନଭୋଜନ ବନ୍ଦ ହେଉ, ପ୍ରତ୍ୟେକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ବର୍ଷକରେ ଥରେ ସେ ପଢାଉଥିବା ବିଷୟ ଉପରେ ଲିଖିତ ପରୀକ୍ଷା କରାଯାଉ। ତା'ହେଲେ ଜଣାଯିବ ୧୦୦ ଭାଗ ଠିକ୍ ଉତ୍ତର ଦେଉଛନ୍ତି କି ନାହିଁ। ଯଦି ନୁହଁ ତା'ହେଲେ ସେ ପଢାଇବାକୁ ଉପଯୁକ୍ତ କି ନୁହେଁ ବିଚାରକୁ ନେବା ଦରକାର।

ଅଦ୍ୱୈତପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବସ୍‌ରେ ମହିଳାଙ୍କ ସୁରକ୍ଷା

ବିଭିନ୍ନ ସ୍ଥାନରୁ ମହିଳାମାନେ ବସ୍‌ରେ ଯାତାୟାତ କରିଥାନ୍ତି। ଏହି ଯାତ୍ରା ସମୟରେ ପୁରୁଷ ବସ୍‌ଯାତ୍ରୀମାନେ ସେମାନଙ୍କୁ ଅସଦାଚରଣ କରିବା ଖବର ଲୋକଲୋଚନକୁ ଆସୁଛି। ଏବେ କମିଶନରେଟ୍ ପୋଲିସ ମହିଳା ବସ୍‌ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ତାହା ହେଲା- ଏଣିକି ବସ୍‌ରେ ଯାତ୍ରା କରୁଥିବା ମହିଳା କିମ୍ବା ଯୁବତୀ ଅସଦାଚରଣର ଶିକାର ହେଲେ ତୁରନ୍ତ ପ୍ରଦତ୍ତ ଫୋନ୍ ନମ୍ବରରେ ପୋଲିସ ସହାୟତା ପାଇଁ ଯୋଗାଯୋଗ କରିପାରିବେ। ନମ୍ବର ହେଲା- ୧୦୦ ଏବଂ ୦୬୭୪-୨୫୪୩୫୪୧। ହ୍ୱାଟ୍ସଆପ୍ ନମ୍ବର ୯୪୩୭୫୮୧୫୭୫ ଦ୍ୱାରା ମଧ୍ୟ ଭିଡିଓ ଓ ମେସେଜ୍ ମଧ୍ୟ ପଠାଇପାରିବେ। ଏଣିକି ମହିଳାଙ୍କ ସିଟ୍‌ରେ ପୁରୁଷ ଯାତ୍ରୀ ବସି ଯାତ୍ରା କରିପାରିବେ ନାହିଁ। ପ୍ରଥମ ପଦକ୍ଷେପସ୍ୱରୂପ ଏହା କଟକ, ଭୁବନେଶ୍ୱର ଓ ପୁରୀ ସହରର ବସ୍‌ଯାତ୍ରୀଙ୍କ ପାଇଁ ଲାଗୁ କରାଯିବ। ପରେ ସାରା ରାଜ୍ୟର ବସ୍‌ଯାତ୍ରୀଙ୍କ ପାଇଁ ଲାଗୁ କରାଯିବ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

**ଓଡ଼ିଶା ରାଜସ୍ୱ ଅମଲା ସଂଘ କଳାହାଣ୍ଡି ଶାଖା**

**ଭବାନୀପାଟଣା,୧୮।୨(ଡି.ଏନ.ଏ.)**

ରାଜ୍ୟ ସରକାର କର୍ମଚାରୀ ଓ ପେନସନ୍ ଭୋଗିମାନଙ୍କ ପାଇଁ ପାଞ୍ଚ ପ୍ରତିଶତ ମହଙ୍ଗା ଭତ୍ତା ଲାଗୁ କରିଛନ୍ତି। ମାତ୍ର ଏହାକୁ ଗତ ବର୍ଷ ଜୁଲାଇରୁ ଲାଗୁ ନ କରି ଚଳିତବର୍ଷ ଜାନୁୟାରୀ ପହିଲାରୁ ଲାଗୁ କରିବା ଘଟଣାକୁ ନେଇ ଓଡିଶା ରାଜସ୍ୱ ଅମଲା ସଂଘ କଳାହାଣ୍ଡି ଶାଖା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏଥିସହିତ ୭ମ ବେତନା କମିଶନ ସୁପାରିଶ ହାରରେ ୨୦ ମାସ ବକେୟା ପ୍ରାପ୍ୟରୁ ଅବଶିଷ୍ଟ ୬୦ ପ୍ରତିଶତ ଦେବା ବଦଳରେ ୧୦ ପ୍ରତିଶତ ଘୋଷଣାକୁ ନିନ୍ଦା କରିବା ସହିତ ତୁରନ୍ତ ସରକାର ଘୋଷଣା କରିଥିବା ପ୍ରାପ୍ୟ ଦେବା ପାଇଁ ମଙ୍ଗଳବାର କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ କେନ୍ଦ୍ରୀୟ ଢାଞ୍ଚାରେ ବେତନ ଓ ଭତ୍ତା ପ୍ରଦାନ କରିବା ଲାଗି ୧୯୮୭ରେ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ୧୯୮୯ଠାରୁ ଚତୁର୍ଥ ବେତନ ସୁପାରିଶଠାରୁ ୭ମ ବେତନ ସୁପାରିଶ ପର୍ଯ୍ୟନ୍ତ ସମୟାନୁକ୍ରମେ ମହଙ୍ଗା ଭତ୍ତା କେନ୍ଦ୍ରୀୟ ଢାଞ୍ଚାରେ ରାଜ୍ୟ ସରକାର କର୍ମଚାରୀମାନଙ୍କୁ ପ୍ରଦାନ କରି ସାରିଛନ୍ତି। ଗତବର୍ଷ ଜୁଲାଇରୁ ଡିସେମ୍ବରରେ ୬ ମାସର ମହଙ୍ଗା ଭତ୍ତା କର୍ମଚାରୀଙ୍କୁ ନ ଦେଇ ଚଳିତବର୍ଷ ଜାନୁୟାରୀ ପହିଲାରୁ ଲାଗୁ କରିବା ଯୋଗୁ କଳାହାଣ୍ଡି ରାଜସ୍ୱ ଅମଲା ସଂଘ ତୀବ୍ର ବିରୋଧ କରୁଛି। ତୁରନ୍ତ ଦାବି ପୂରଣ କରିବା ପାଇଁ ଓଡିଶା ରାଜସ୍ୱ ଅମଲା ସଂଘ କଳାହାଣ୍ଡି ଶାଖା ସଭାପତି ପ୍ରଦୀପ କୁମାର ମହାପାତ୍ର, ଉପସଭାପତି ନିଳକଣ୍ଠ ଗଉଡ, ବ୍ରଜମୋହନ ପଟ୍ଟନାୟକ, ପ୍ରମୋଦ କୁମାର ଖିଲୋ, କାଶିନାଥ ଦଣ୍ଡସେନା, ଅଭିରାସମ ଛତ୍ରିଆ, ତାପ୍ତି ମେହେରା ଓ ପ୍ରାଣବନ୍ଧୁ ଶବରଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଜିଲାପାଳ ଡ. ଗାଭିଲ ପରାଗ ହର୍ଷଦଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କୋକସରା ବ୍ଲକର ୭ କେନ୍ଦ୍ରରେ ୧୩୭୪ ମାଟ୍ରିକ ପରୀକ୍ଷାର୍ଥୀ

**କୋକସରା,୧୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକରେ ୭ଟି କେନ୍ଦ୍ରରେ ୧୩୭୪ ଜଣ ପରୀକ୍ଷାର୍ଥୀ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଦେବେ। ଜବାହାର ଉଚ୍ଚ ବିଦ୍ୟାପୀଠରେ ନୋଡାଲ ସେଣ୍ଟର ହେବା ସହ ୭ଟି ପରୀକ୍ଷା କେନ୍ଦ୍ରର ପଶ୍ନପତ୍ର କଡା ସୁରକ୍ଷା ମଧ୍ୟରେ ରଖାଯାଇଛି । ସିସିଟିଭି ସୁରକ୍ଷା ବ୍ୟବସ୍ଥାରେ ବ୍ଲକର ୪ଟି ହାଇସ୍କୁଲରେ ପରୀକ୍ଷା ହେବ। ସେଗୁଡିକ ହେଲା କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠ, ଇନ୍ଦ୍ରାବତୀ ହାଇସ୍କୁଲ ଡୋଙ୍ଗରୀଗୁଡା, ଆମପାଣି ହାଇସ୍କୁଲ ଓ ଉହଗାଁ ହାଇସ୍କୁଲ। ଜବାହାର ଉଚ୍ଚ ବିଦ୍ୟାପୀଠରେ ୩୧୦ ଜଣ, ଲଡୁଗାଁ ହାଇସ୍କୁଲରେ ୨୦୫, ଆମପାଣି ହାଇସ୍କୁଲରେ ୨୫୪, କଉଡୋଲା ହାଇସ୍କୁଲରେ ୧୩୩, ଇନ୍ଦ୍ରାବତୀ ହାଇସ୍କୁଲ ଡୋଙ୍ଗରୀଗୁଡାରେ ୨୦୪, ଉହଗାଁ ହାଇସ୍କୁଲରେ ୧୪୦, ଫୁପଗାଁ ହାଇସ୍କୁଲରେ ୧୨୮ ଜଣ ରହିଛନ୍ତି । ମୋଟ ୧୩୭୪ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଉଥିବା କୋକସରା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତୋଫାନ ମାଝି ସୂଚନା ଦେଇଛନ୍ତି ।

## ମଣ୍ଡିରେ ବିକ୍ରି ନ ହୋଇ ପଡ଼ିଥିବା ଧାନ ଉଠାଣ ଦାବି

**ଇମେଲରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଲେ ଚାଷୀନେତା**

**ଜୁନାଗଡ,୧୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡିରେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡିରହିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ବିକ୍ରି କରି ନ ପାରି ପଡିରହିଥିବା ଚାଷୀଙ୍କ ଧାନକୁ ତୁରନ୍ତ ଉଠାଣ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଇମେଲ ମାଧ୍ୟମରେ ଏକ ଲିଖିତ ଅଭିଯୋଗ ପ୍ରେରଣ କରିଛନ୍ତି ଚାଷୀନେତା। ଜିଲାର ଜୁନାଗଡ ବ୍ଲକର କଲେଇଗାଁ, ମୁଣ୍ଡରାଗୁଡା, ଦାସିଗାଁ, ହାବସପୁର, ଚାରବାହାଲ ଆଦି ଅନେକ ମଣ୍ଡିରେ ଚାଷୀମାନେ ଦୀର୍ଘ ଦିନ ହେଲା ଧାନ ପକାଇ ଜଗି ବସିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କ ଧାନ ଉଠାଣ କରାଯାଇନାହିଁ। ଏପରିସ୍ଥଳେ ବର୍ତ୍ତମାନ ଜୁନାଗଡ ଅଞ୍ଚଳରେ ରବି ଚାଷ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। କିନ୍ତୁ ଚାଷୀ ଖରିଫର ଧାନ ବିକ୍ରି କରି ନ ପାରିଥିବାରୁ ରବି ଚାଷ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛି। ମଣ୍ଡିରେ ବିକ୍ରି କରି ନ ପାରି ପଡିରହିଥିବା ଚାଷୀଙ୍କ ଧାନକୁ ତଦନ୍ତ କରି ତୁରନ୍ତ ଉଠାଇବା ପାଇଁ ସ୍ଥାନୀୟ ଚାଷୀନେତା ବିଶ୍ୱନାଥ କର, ଲକ୍ଷ୍ମଣ ରଣବୀର, ସ୍ୱର୍ଣ୍ଣଲତା ନାଏକ, ଜଗବନ୍ଧୁ ନାଏକ, ବୃନ୍ଦାବନ ଶବର, କୃଷ୍ଣଚନ୍ଦ୍ର ପାଢି, ବିଶ୍ୱଜିତ ନାଏକ ଲିଖିତ ଅଭିଯୋଗ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ନଚେତ ଆଗାମୀ ଦିନରେ ଚାଷୀଙ୍କ ସ୍ୱାର୍ଥକୁ ଆଖିରେ ରଖି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ଏହାର ଏକ ନକଲ ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ତଥା ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମଧ୍ୟ ପ୍ରେରଣ କରାଯାଇଛି।


## IN THE DEBTS RECOVERY TRIBUNAL AT CUTTACK

C-71, Sector-7, CDA, Cuttack- 753014 (Odisha)

O.A.No. 378/2019

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Digbijaya Toria** & Others .... Defendants

To,
**Defendant No.1: Digbijaya Toria**, S/o: Arjun Toria
**Defendant No.2: Arjun Kumar Toria**, S/o: Late Benudhar Toria
**Defendant No.3: Bhimsen Toria**, S/o: Late Benudhar Toria
All are At- Brahmanmara, Po/Ps- Biramitrapur, Dist- Sundargarh, Pin- 770033

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 11,68,310.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 27th day of March, 2020 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 29th day of January, 2020.

**M. K. Patnaik**
**Registrar**
**Debts Recovery Tribunal, Cuttack**


## ଜୁନାଗଡ଼ ସହରରେ ନୂତନ ବଣିକ ସଂଘ ଗଠିତ



ଜୁନାଗଡ ସହର ଅଗ୍ରସେନ ଭବନଠାରେ ଅନୁଷ୍ଠିତ ବଣିକ ସଂଘର କର୍ମକର୍ତ୍ତା।

**ଜୁନାଗଡ,୧୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହରରେ ଏକ ନୂତନ ବଣିକ ସଂଘ ଗଠିତ ହୋଇଯାଇଛି। ଏହି ଅବସରରେ ସହରର ଅଗ୍ରସେନ ଭବନଠାରେ ବରିଷ୍ଠ ବ୍ୟବସାୟୀ ବିଶ୍ୱରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରର ବିଭିନ୍ନ ବର୍ଗର ବ୍ୟବସାୟୀ ଯୋଗଦେଇଥିଲେ। ସହରର ବାଣିଜ୍ୟ କିପରି ବୃଦ୍ଧି ପାଇବ ଓ କ୍ରେତାମାନେ କିପରି ସୁବିଧାରେ ସମସ୍ତ ସାମଗ୍ରୀ ପାଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ପରେ ସଂଘକୁ ଠିକ ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମୁକେଶ ଅଗ୍ରୱାଲ, ଉପସଭାପତି ଗୋପାଲ ମିତ୍ତଲ, ସମ୍ପାଦକ ପ୍ରଭାତ କୁମାର ଦାଶ, ସହସମ୍ପାଦକ ପ୍ରଣବ ଗୋୟଲ, କୋଷାଧ୍ୟକ୍ଷ ସୁରେନ କୁମାର ଗୋୟଲ, ଉପକୋଷାଧ୍ୟକ୍ଷ ସୁରଜ ଅଗ୍ରୱାଲ, ଉପଦେଷ୍ଟା ଚମ୍ପକ ଅଗ୍ରୱାଲ, ସନ୍ତୋଷ ସିଙ୍ଘଲ, ବିନୋଦ ଅଗ୍ରୱାଲ, ଦୀପକ ସାହୁ, ଶ୍ୟାମ ସୁନ୍ଦର ସାହୁ, ସନ୍ତୋଷ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ଉଦ୍ଧବ ସାହୁ, ନବୀନ ସାହୁ, ଲଳିତ ଅଗ୍ରୱାଲ, ରୁପେଶ ଗର୍ଗ, ହରିହର ସାହୁ, ପ୍ରଭାତ ସାବତ ପ୍ରମୁଖ ମନୋନୀତ ହୋଇଥିଲେ। ସେହିପରି ପରବର୍ତ୍ତୀ ବୈଠକ ଆସନ୍ତା ୨୪ ତାରିଖରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସନ୍ତୋଷ ସିଙ୍ଘଲ ଧନ୍ୟବାଦ ଦେଇଥିଲେ।


## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୦ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଭଲ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ସମସ୍ତଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )



## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସମୀର ରଞ୍ଜନ ଦାଶ)



## IN THE DEBTS RECOVERY TRIBUNAL AT CUTTACK

C-71, Sector-7, CDA, Cuttack- 753014 (Odisha)

O.A.No. 639/2019

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Balakrushna Behera** & Others .... Defendants

To,
**Defendant No.1: Balakrushna Behera**, S/o: Bhagabana Patel, At/Po- Sibtala, Ps: Bolangir Sadar, Dist- Bolangir, Pin- 767024
**Defendant No.2: Bhagabana Behera**, S/o: Late Jugeswar Behera, At/Po- Sibtala, Ps: Bolangir Sadar, Dist- Bolangir, Pin- 767024
**Defendant No.3: Lingaraj Behera,** S/o: Late Jugeswar Behera, At/Po- Sibtala, Ps: Bolangir Sadar, Dist- Bolangir, Pin- 767024
**Defendant No.4: Smt. Nirabati Behera,** W/o: Late Jitendra Behera, At/Po- Rampur, Dist- Subarnapur, Pin- 767045

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 20,40,365.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 27th day of March, 2020 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 29th day of January, 2020.

**M.K. Patnaik**
**Registrar**
**Debts Recovery Tribunal, Cuttack**


## ଧର୍ମଗଡ଼ ବ୍ଲକ ୯ କେନ୍ଦ୍ରରେ ୧୬୧୪ ପରୀକ୍ଷାର୍ଥୀ

**ପର୍ଲା,୧୮।୨(ଡି.ଏନ.ଏ.):** ବୁଧବାରଠାରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବା ବେଳେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଶିକ୍ଷା ବିଭାଗ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରୀକ୍ଷାରେ କୌଣସି ଅପ୍ରିତିକର ପରିସ୍ଥିତି ନ ଉପୁଜିବ ସେଥିପାଇଁ ବ୍ଲକ ଶିକ୍ଷା ବିଭାଗ କଡା ପଦକ୍ଷେପ ଗ୍ରହଣ କରିଛି। ବ୍ଲକ ଅଧୀନରେ ୯ଟି ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ନୋଡାଲ ସେଣ୍ଟରରେ କଡାସୁରକ୍ଷା ବଳୟରେ ପ୍ରଶ୍ନପତ୍ର ରଖାଯାଇଛି । ସକାଳ ୯ଟାରେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ନିୟନ୍ତ୍ରିତ କରିବା ପାଇଁ ଜିଲାରେ ସ୍କ୍ୱାଡ ଗଠନ ହେବା ସାଙ୍ଗକୁ କେନ୍ଦ୍ରରେ ଶୃଙ୍ଖଳା ଓ କପି ରୋକିବା ଦିଗରେ ପୋଲିସ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଧର୍ମଗଡ ବ୍ଲକର ୯ଟି ସେଣ୍ଟର ମଧ୍ୟରୁ ଧର୍ମଗଡ ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ମୋଟ ୨ଶହ ଜଣ ଛାତ୍ରୀଛାତ୍ର, ବାଳିକା ବିଦ୍ୟାଳୟରେ ୧୩୭, ସନ୍ଧିକୁଲେରେ ୧୯୮, ପର୍ଲାରେ ୧୬୫, ବେହେରାରେ ୨୧୯, ଛେଣ୍ଡିଆରେ ୧୪୫, ଖଇରପଦରରେ ୧୭୫, ତରାପୁରରେ ୧୪୧ ଓ ଜୟନ୍ତପୁର କନ୍ୟା ଆଶ୍ରମ ପରୀକ୍ଷା କେନ୍ଦ୍ରରେ ମୋଟ ୨୩୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବ୍ଲକର ସମ୍ବେଦନଶୀଳ କେନ୍ଦ୍ର ଭାବେ ଧର୍ମଗଡସ୍ଥିତ ବାଳକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ କିଶୋର କୁମାର ଖମାରୀଙ୍କୁ ପଚାରିବାରୁ ଚଳିତବର୍ଷ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରକାଶ କରିଥିଲେ ।


## IN THE DEBTS RECOVERY TRIBUNAL AT CUTTACK

C-71, Sector-7, CDA, Cuttack- 753014 (Odisha)

O.A.No. 636/2019

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Banamali Patel** & Others .... Defendants

To,
**Defendant No.1: Banamali Patel**, S/o: Sadananda Patel, At- Ampali (Karlapita), Po- Barapurgia
**Defendant No.2: Sadananda Patel**, S/o: Ujjal Patel, At- Karlapita, Po- Barapurgia
**Defendant No.3: Dhanamali Patel,** S/o: Sadananda Patel, At- Karlapita, Po- Barapurgia
**Defendant No.4: Nirmala Patel,** S/o: Sadananda Patel, At- Karlapita, Po- Barapurgia
**Defendant No.5: Nirmali Patel,** S/o: Sadananda Patel, At- Karlapita, Po- Barapurgia
**Defendant No.6: Bhagabana Patel,** S/o: Sadananda Patel, At- Karlapita, Po- Barapurgia
**Defendant No.7: Siba Patel,** S/o: Sadananda Patel, At- Karlapita, Po- Barapurgia
**Defendant No.8: Purna Chandra Patel,** S/o: Dirju Patel, At- Ampali (Karlapita), Po- Barapurgia
**Defendant No.9: Ketaki Patel,** W/o: Rajendra Patel, At- Ampali (Karlapita), Po- Barapurgia
**Defendant No.10: Keshaba Bhoi,** S/o: Gobinda Bhoi, At/Po- Sibtala All are of Ps- Bolangir Sadar, Dist- Bolangir, Pin- 767024

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 26,49,392.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 27th day of March, 2020 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 29th day of January, 2020.

**M.K. Patnaik**
**Registrar**
**Debts Recovery Tribunal, Cuttack**


### ରକ୍ତ ଶିକୁଳି ରୋଗରେ ୨ ଛାତ୍ରୀଛାତ୍ର ମୃତ

**ଗିଛିଡା,୧୮।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଗିଛିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ ଛାତ୍ର ସତ୍ୟଜିତ ସୁନା (୧୯) ଓ ଗିଛିଡା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକଙ୍କ ସିକିଲ ସେଲ (ରକ୍ତ ଶିକୁଳି) ରୋଗରେ ମୃତ୍ୟୁବରଣ କରିଛନ୍ତି। ଉକ୍ତ ୨ ଛାତ୍ରୀଛାତ୍ରଙ୍କ ମୃତ୍ୟୁରେ ୨ କଲେଜରେ ଶୋକଛାୟା ଖେଳିଯାଇଛି। ସତ୍ୟଜିତ କୁର୍ଲୁ ଡାକ୍ତରଖାନାକୁ ନେଉଥିବା ବେଳେ ମୃତ୍ୟୁବରଣ କରିଥିବା ବେଳେ ବିଷ୍ଣୁପ୍ରିୟା ଏହି ରୋଗରେ ଆକ୍ରାନ୍ତ ଥିଲେ ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ. MSM-ENHM-ISOC-STN-1-20

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଏବଂ କେସିଙ୍ଗା ଷ୍ଟେସନ ଠାରେ ISO 14001: 2015 ସାର୍ଟିଫିକେସନ ପାଇଁ ସାର୍ଟିଫିକେସନ ସର୍ଭିସ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 1,16,799/-, EMD (ଟଙ୍କାରେ) : ₹ 2,300/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 1,180/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 03 (ତିନି)ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.03.2020 ରିଖ 1100 ଘଣ୍ଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ସମ୍ବଲପୁର

PR-712/K/19-20



ବ୍ୟାଙ୍କ ଅଫ୍ ବରୋଦା / बैंक ऑफ़ बड़ौदा

## କ୍ଷେତ୍ରୀୟ କାର୍ଯ୍ୟାଳୟ: (ସମ୍ବଲପୁର କ୍ଷେତ୍ର)

ପ୍ରଥମ ମହଲା, ଜି.ଏମ୍. କଲେଜ ଛକ, ଖ୍ରୀଷ୍ଟିଆନ୍ ପଡ଼ା, ସମ୍ବଲପୁର-୭୬୮୦୦୧, ମୋ-୭୭୫୨୦୫୦୮୦୪
E-mail: recovery.sambalpur@bankofbaroda.com

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ **"CONSTRUCTIVE POSSESSION"**କୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା ଭିତ୍ତିରେ" ତା.୧୯.୦୩.୨୦୨୦ରିଖରେ "ସାଙ୍କେତିକ ଦଖଲ ଭିତ୍ତିରେ" ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ଏବଂ କ୍ରେତାମାନେ କୌଣସି ବୈଧାନିକ ଦେୟ ଏବଂ ଅନ୍ୟାନ୍ୟ ଋଣଭାର (ଏନକମ୍ବ୍ରାନ୍ସ)ର ସ୍ଥିତି ଯଦି କିଛିଥାଏ ସେ ବିଷୟରେ ଜାଣିରଖିବା ଉଚିତ୍ ।

**ଅନ୍‌ଲାଇନ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ତା. ୧୮.୦୩.୨୦୨୦ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା**
**ଇ-ନିଲାମ ତାରିଖ ଓ ସମୟ: ତା. ୧୯.୦୩.୨୦୨୦ ରିଖ ଅପରାହ୍ନ ୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା**
ଅମାନତ ରାଶି ପୈଠ ଆକାଉଣ୍ଟର ବିବରଣୀ : **52370015181219, A/c Name : New Intermediary**
ହିତାଧିକାରୀଙ୍କ ନାମ : ବ୍ୟାଙ୍କ ଅଫ୍ ବରୋଦା, **IFSC Code : BARB0KHETRA (5th Digit is zero)**

### ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ

| କ୍ର. ନଂ. | ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ମାଲିକ ଏବଂ ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଡ଼ିମାଣ୍ଡ / ଦଖଲ ନୋଟିସ୍ ତାରିଖ / ବକେୟା ଦେୟ (ସୁରକ୍ଷିତ ଋଣ) |
|---|---|---|---|---|
| ୧. | ଖେତରାଜପୁର ଶାଖା / ଋଣଗ୍ରହୀତା: ଶ୍ରୀମତୀ ସବିତା ମହାକୁଡ଼, ସ୍ୱାମୀ: ଶ୍ରୀ ବସନ୍ତ ମହାକୁଡ଼ / ସହ-ଋଣଗ୍ରହୀତା: ଶ୍ରୀ ବସନ୍ତ ମହାକୁଡ଼, ପିତା: ଗୋପାଳ ମହାକୁଡ଼, ଉଭୟଙ୍କ ଠିକଣା: ପୁଟିବନ୍ଧ, ମଠପାଲି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ, ଥାନା: ଧନୁପାଲି, ସମ୍ବଲପୁର-୭୬୮୦୦୧ । | ଶ୍ରୀମତୀ ସବିତା ମହାକୁଡ଼, ସ୍ୱାମୀ: ଶ୍ରୀ ବସନ୍ତ ମହାକୁଡ଼ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୮/୭୨୧, ପ୍ଲଟ୍ ନଂ.: ୫୧୬/୨୦୬୩, କ୍ଷେତ୍ର: ଏକର ୦.୦୭ ଡିସିମିଲ୍, ମୌଜା: ପୁଟିବନ୍ଧ, ଥାନା: ଧନୁପାଲି, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଚୌହଦୀ-ଉତ୍ତର: ପ୍ଲଟ୍ ନଂ.: ୫୪୧, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୫୧୬ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୫୧୬ (ଅଂଶ) । | ଟ.୪୮,୦୦,୦୦୦/- / ଟ.୪,୮୦,୦୦୦/- / ଟ.୨୦,୦୦୦/- | ୧୦.୦୭.୨୦୧୯ /୧୪.୧୦.୨୦୧୯ / ଟ.୨୭,୭୦,୧୦୩/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ (https://www.bankofbaroda.com/e-auction.htm) or (https://www.bob.auctiontiger.net) ଦେଖନ୍ତୁ ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୩୦ ଦିନିଆ ନୋଟିସ୍ ।**

ତାରିଖ: ୧୮.୦୨.୨୦୨୦, ସ୍ଥାନ: କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଜିପିଆର କଲେଜର ଆଲୁମିନି ଆସୋସିଏଶନ୍ ଗଠିତ

**କୁଚିଣ୍ଡା,୧୮।୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁନ୍ତରା ଗ୍ରାମରେ ଅବସ୍ଥିତ ଜିପିଆର କଲେଜର ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଲୁମିନି ଆସୋସିଏଶନ୍ ଗଠନ କରାଯାଇଛି । ଏଥିରେ ସଭାପତି ରୂପେ ଡିଲେଶ୍ୱର ବେହେରା, ଉପସଭାପତି ରୂପେ ସୁଶୀଲ ନାୟକ, ସମ୍ପାଦକ ଭାବେ ରାଜେନ୍ଦ୍ର ପୃଷ୍ଟେଠ, ଯୁଗ୍ମ ସମ୍ପାଦକ ଭାବେ ନବକିଶୋର ଜୟପୁରିଆ ଓ କୋଷାଧ୍ୟକ୍ଷ ଭାବେ ଗଜେନ୍ଦ୍ର ମାଝିଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ସାହୁ, ଯୋଗେଶ ଚନ୍ଦ୍ର ପଟେଲ, ଟଙ୍କଧର ବାଘ, ବାନେଶ୍ୱର ପ୍ରଧାନ, ଚନ୍ଦ୍ରଭାନୁ ଗଉଡ, ପ୍ରୟାଗ ନାରାୟଣ ପଟେଲ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ରହିଛନ୍ତି। ଅଧାପକ ପ୍ରଭାତ କୁମାର ସାହୁ ଓ ତରୁଣ କୁମାର ପୃଷ୍ଟେଠ ସଭା ପରିଚାଳନା କରିଥିଲେ । ଅଧକ୍ଷ ଦୁର୍ଯ୍ୟୋଧନ ମେହେର ଉପସ୍ଥିତ ଥିଲେ।

### ତାତିଲେ ଚାଷୀ, ବିଭିନ୍ନ ଅଫିସରେ ତାଲା ମାରିଲେ

**କୁଚିଣ୍ଡା, ୧୮।୨ (ଡି.ଏନ.ଏ.):** ୨୦୧୮-୧୯ର ଶସ୍ୟବୀମା ବକେୟା ରାଶିକୁ ନେଇ ଉପଖଣ୍ଡ ମିଳିତ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର କୁଚିଣ୍ଡା ତହସିଲ, ବ୍ଲକ, ଲ୍ୟାମ୍ପ୍ସ, ସମବାୟ ବ୍ୟାଙ୍କକୁ ଚାଷୀ ତାଲା ମାରି ଦେଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ବକେୟା କୃଷିବୀମା ଚାଷୀଙ୍କୁ ପ୍ରଦାନ କରା ନ ଯିବ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀନେତା କୁଶଧ୍ୱଜ ଚୌଧୁରୀ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସଞ୍ଜୀବ ପଟେଲ, ସୁରେନ୍ଦ୍ର ପଟେଲଙ୍କ ସମେତ ବହୁ ଚାଷୀ ସାମିଲ ହୋଇ ଚେତାବନୀ ଦେଇଥିଲେ।

# ପରିବା ବଜାର ଉଚ୍ଛେଦ ବେଳେ ଉତ୍ତେଜନା



ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ସହକାରୀ ଜିଲାପାଳ କୈବଲ୍ୟ କରଙ୍କ ସହ ଚାଲିଛି ଆଲୋଚନା ।



ଛାଉଣି ନ ଥିବାରୁ ପଲିଥିନ ଛତା ତଳେ ବସୁଛନ୍ତି ବ୍ୟବସାୟୀ ।

**ଦେବଗଡ଼, ୧୮।୨(ଡ଼ି.ଏନ୍.ଏ.)**

ଦେବଗଡ଼ ସହରର ଦୈନିକ ପରିବା ବଜାରରେ ପିଣ୍ଡି ତିଆରି କରିବା ଘଟଣା କ୍ରମଶଃ ଜଟିଳ ହେଉଛି। ପରିବା ବ୍ୟବସାୟୀଙ୍କ ଦାବି ପୂରଣ ନ ହେଲେ ସେମାନେ ଉଠିବେ ନାହିଁ ବୋଲି ଜିଦରେ ଅଟଳ ଥିବାରୁ ଜିଲା ପ୍ରଶାସନ -ପରିବା ବ୍ୟବସାୟୀ ମୁହାମୁହିଁ ହୋଇଛନ୍ତି। ଏପରିକି ମଙ୍ଗଳବାର ପରିବା ବ୍ୟବସାୟୀଙ୍କୁ ଉଚ୍ଛେଦ ଲାଗି ଆସିଥିବା ସମୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଦୀର୍ଘ ୨ଘଣ୍ଟା ଉତ୍ତେଜନା ଲାଗି ରହିବା ଫଳରେ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଥିଲା ।

ପ୍ରକାଶ ଯେ, ଦୈନିକ ପରିବା ବଜାରରେ ପିଣ୍ଡି ତିଆରି କରିବା ପାଇଁ ଗୋହୀରା ବନ୍ଧ ନିକଟକୁ ଉଠା ଦୋକାନୀମାନଙ୍କୁ ବସାଇବାକୁ ପ୍ରଶାସନ ଉଦ୍ୟମ କରୁଛି। ଦୈନିକ ପରିବା ବ୍ୟବସାୟୀମାନଙ୍କୁ ଜିଲା ପ୍ରଶାସନ ଏନେଇ ଗତ ଜାନୁୟାରୀ ୨ ଓ ୧୦ ତାରିଖରେ ନୋଟିସ କରିଥିଲେ। ବ୍ୟବସାୟୀମାନେ ନିକଟସ୍ଥ ଗୋହିରୀ ବନ୍ଧ ପାଖରେ ବସିବା ପାଇଁ ନୋଟିସ ହୋଇଥିଲା। କିନ୍ତୁ ବ୍ୟବସାୟୀମାନେ ବାରମ୍ବାର ଦାବି କରିଆସୁଛନ୍ତି ଯେ, ପିଣ୍ଡିସହ ଖରାବର୍ଷାରୁ ରକ୍ଷାପାଇବା ପାଇଁ ଆଜ୍‌ବେଷ୍ଟସ ଛାଉଣୀ ବ୍ୟବସ୍ଥା କରାଯାଉ । ଉକ୍ତ ସ୍ଥାନରେ ପାନୀୟ ଜଳ ଯୋଗାଣ ତଥା ପରିଶ୍ରାଗାର ବ୍ୟବସ୍ଥା କରାଯାଉ । ବର୍ଷାପାଣିର ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଉ। ଏହି ଦାବି ନେଇ ପରିବା ବ୍ୟବସାୟୀମାନେ ଜିଲାପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଆସୁଥିଲେ ମଧ୍ୟ ପ୍ରଶାସନ କାହାରି କଥା ଶୁଣୁନାହିଁ। ବ୍ୟବସାୟୀମାନଙ୍କ କହିବା କଥା ଉପରୋକ୍ତ ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେଲେ ସେମାନେ ଗୋହିରା ବନ୍ଧ ନିକଟକୁ ଉଠିଯିବେ। ପ୍ରଶାସନ କେବଳ ପିଣ୍ଡି ତିଆରି ଲାଗି ସେମାନଙ୍କୁ ଉଚ୍ଛେଦ କରୁଥିବାରୁ ସେମାନେ ରାଜି ହେଉନାହାନ୍ତି। ଫଳରେ ପ୍ରଶାସନକୁ ବାରମ୍ବାର ଦାବି ଜଣାଇଆସୁଛନ୍ତି। ମାତ୍ର ପ୍ରଶାସନ କିଛି ନ ଶୁଣି ବାରମ୍ବାର ଧମକ ଚମକ କରିବା ସହ ଦାଦାଗିରି କରୁଥିବା ଅଭିଯୋଗ ହେଉଛି । ନିରାଶ ହୋଇ ବ୍ୟବସାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଡ଼ବ୍ଲ୍ୟୁପି(ସି) ନଂ.୧୪୨୦/୨୦୨୦ରେ ରହିତାଦେଶ ଥିଲେ ମଧ୍ୟ ପ୍ରଶାସନ ଏହାକୁ ଅବମାନନା କରିବା ସହ ବ୍ୟବସାୟୀମାନଙ୍କର ଅଭିଯୋଗକୁ ବିଚାର ନ କରିବାରୁ ବାଧ୍ୟ ହୋଇ ବ୍ୟବସାୟୀମାନେ ଆଉ ଥରେ ହାଇକୋର୍ଟ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କ ବିରୋଧରେ ଅଦାଲତ ଅବମାନନା ଦାୟର କରିଥିଲେ। ଫଳରେ ଆଡଭୋକେଟ ଜେନେରାଲଙ୍କ ପତ୍ର ଅନୁଯାୟୀ ଜିଲାପାଳଙ୍କୁ ରିପୋର୍ଟ ତଲବ କରାଯାଇଥିବା ଜଣାପଡିଛି। ଏହା ସତ୍ତ୍ୱେ ମଙ୍ଗଳବାର ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ମାଜିଷ୍ଟ୍ରେଟ ଦାୟୀତ୍ୱରେ ଆସିଥିବା ସହକାରୀ ଜିଲାପାଳ କୈବଲ୍ୟ କର ପୋଲିସ ଉପସ୍ଥିତିରେ ଜେସିବି ମେଶିନ ସାହାଯ୍ୟରେ ଦୈନିକ ପରିବା ବଜାର ପରିସରରେ ଭାଙ୍ଗିବା ସମୟରେ ଉତ୍ତେଜନା ହୋଇଥିଲା। ପରିବା ବ୍ୟବସାୟୀମାନେ ତାଙ୍କ ଦାବିରେ ଜିଦଧରି ବସିଲେ । ଆମ ଦାବି ପୂରଣ ନ ହେଲେ ମରିବୁ ପଛେ ଛାଡିବୁ ନାହିଁ। ପାଖାପାଖି ଦୁଇ ଘଣ୍ଟା ଧରି ଉତ୍ତେଜନା ହୋଇଥିଲା । ପରେ ଉଚ୍ଛେଦ କାମକୁ ବନ୍ଦ କରି ଫେରିଯାଇଥିଲେ। ବୁଧବାର ଜିଲାପାଳଙ୍କ ସହ ଆଲୋଚନା ପରେ ବିଚାର କରାଯିବ ବୋଲି ଜଣାପଡିଛି। ବ୍ୟବସାୟୀମାନେ ସେମାନଙ୍କ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଆରଡିସିଙ୍କୁ ମଧ ମେଲ ଜରିଆରେ ଦେଇଥିବା ଜଣାପଡିଛି। ଠିକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସମସ୍ତ ପରିବା ବ୍ୟବସାୟୀ ଚେତାବନୀ ଦେଇଛନ୍ତି।

- ଦୈନିକ ପରିବା ବଜାର ପିଣ୍ଡି ତିଆର କରିବା ଘଟଣା
- ଜିଲା ପ୍ରଶାସନ -ପରିବା ବ୍ୟବସାୟୀ ମୁହାମୁହିଁ
- କାହାରି କଥା ଶୁଣୁନାହିଁ ପ୍ରଶାସନ
- ବ୍ୟବସାୟୀଙ୍କ ଦାବି ପିଣ୍ଡି ସହ ଛାଉଣି ଦରକାର
- ଦାବି ପୂରଣ ନ ହେଲେ ହେବ ଆନ୍ଦୋଳନ
- ଆଜି ଜିଲାପାଳଙ୍କ ସହ ହେବ ଆଲୋଚନା

## ଆଇଆଇଏମ୍ ଛାତ୍ରୀଛାତ୍ର ଏମ୍‌ସିଏଲ୍‌ର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ

**ସମ୍ବଲପୁର, ୧୮।୨ (ବ୍ୟୁରୋ)**

ସମ୍ବଲପୁର ଆଇଆଇଏମ ଛାତ୍ରୀଛାତ୍ର ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ସିଏସଆର ଜରିଆରେ କାର୍ଯ୍ୟ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ଅନୁଗୋଳ, ଝାରସୁଗୁଡା, ସୁନ୍ଦରଗଡ ଜିଲା ଅନ୍ତର୍ଗତ ୪୦ଟି ଗ୍ରାମର ୬ହଜାର ୧୭୪ ପରିବାରକୁ କିପରି ବିଭିନ୍ନ ପ୍ରକଳ୍ପ ଜରିଆରେ ସୁବିଧା ଯୋଗାଇ ଦିଆଯାଉଛି ସେନେଇ ଛାତ୍ରୀଛାତ୍ର ବୁଲି ଦେଖିଥିଲେ ।



ସମ୍ବଲପୁର ଆଇଆଇଏମ ଛାତ୍ରୀଛାତ୍ର ଏମସିଏଲ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ।

## ଘର ଭାଙ୍ଗିଲା, ଧାନ ଖାଇଲା

**ଦେବଗଡ଼,୧୮।୨(ଡି.ଏନ.ଏ)**

**ଶିବପାଲି ଗ୍ରାମରେ ହାତୀ ଉପଦ୍ରବ**

ଦେବଗଡ଼ ଜିଲାରେ ହାତୀ ଉପଦ୍ରବ ଉତ୍କଟ ସମସ୍ୟା ରୂପେ ଦେଖାଦେଇଥିବା ନଜରକୁ ଆସିଛି। ଏପରି ସ୍ଥଳେ ଦେବଗଡ ଜିଲା ବାରକୋଟ ବ୍ଲକ୍ ଅଧିନ କେଲଡା ପଞ୍ଚାୟତର ଶିବପାଳି ଗ୍ରାମରେ ବଣୁଆ ଦନ୍ତାହାତୀ ପଲ ପଶି ଆସିଥିବା ଜଣାପଡିଛି। ଖବର ନେବାରେ ଜଣାଯାଏ ଯେ, ବାରକୋଟ ଜଙ୍ଗଲରୁ ୩ରୁ ୪ଟି ହାତୀପଲ ହଠାତ ପଶି ଆସି ପ୍ରଫୁଲ୍ଲ ପ୍ରଧାନ, ଶ୍ରୀଦ୍ୱାରୀ ବଣିଚୁଲଙ୍କ ଘର ଭାଙ୍ଗି ଦେବା ସହ ଧାନ ଖାଇ ଦେଇଥିବା ସୂଚନା ମିଳିଛି । ଗ୍ରାମବାସୀ ବନବିଭାଗକୁ ଖବର ଦେଲାପରେ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପଟେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଥିବା ଜଣାପଡିଛି ।



ହାତୀପଲ ଘର ଭାଙ୍ଗି ଦେଇଥିବା ଘର ।

## ରେଳ ମଣ୍ଡଳରେ ସତର୍କତା କର୍ମଶାଳା

**ସମ୍ବଲପୁର, ୧୮।୨ (ବ୍ୟୁରୋ)**



ସମ୍ବଲପୁର ରେଳମଣ୍ଡଳ ଅଫିସ ସଭା କକ୍ଷରେ ମଙ୍ଗଳବାର ସତର୍କତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ଅଧିକାରୀ ଓ ସୁପରଭାଇଜରମାନେ ଏଥିରେ ସାମିଲ ହୋଇଥିଲେ । ପୂର୍ବତଟ ରେଳପଥ ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ହେମନ୍ତ କୁମାର ଦତ୍ତ ଯୋଗଦେଇ ଆଲୋଚନା କରିଥିଲେ । ମଣ୍ଡଳ ରେଳପ୍ରବନ୍ଧକ ପ୍ରଦୀପ କୁମାର ସୂଚନା ପ୍ରଦାନ କରିଥିଲେ । ଯାନ୍ତ୍ରୀକ ବିଭାଗ ଉପମୁଖ୍ୟ ସତର୍କତା ଅଧିକାରୀ ପ୍ରଦୀପ କୁମାର, ଭଣ୍ଡାର ଉପମୁଖ୍ୟ ସତର୍କତା ଅଧିକାରୀ ଅଜୟ ସିଂ, ସଂକେତ ଉପମୁଖ୍ୟ ସତର୍କତା ଅଧିକାରୀ ଆରକେ ପଣ୍ଡା, ଯାତାୟତ ଉପମୁଖ୍ୟ ସସର୍କତା ଅଧିକାରୀ ମାନସରଞ୍ଜନ ଆଚାର୍ଯ୍ୟ, କାର୍ମିକ ବରିଷ୍ଠ ସତର୍କତା ଅଧିକାରୀ ଏସ.ପି. ମିଶ୍ର, ସହାୟକ ସତର୍କତା ଅଧିକାରୀ ଏସ.କେ. ନାୟକ ଯୋଗ ଦେଇଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସ ପାତ୍ରୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଆଦିବାସୀ ଦଳିତ ସେନାର କାର୍ଯ୍ୟକାରୀ ବୈଠକ

**ସମ୍ବଲପୁର, ୧୮।୨ (ବ୍ୟୁରୋ)**

ଓଡିଶା ଆଦିବାସୀ ଦଳିତ ସେନା କାର୍ଯ୍ୟକାରୀ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଶାନ୍ତ ହାଓଙ୍କ ଅଧକ୍ଷତାରେ ସଭା ହୋଇଥିଲା । ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ବୌଦ୍ଧ ଓ ଦେବଗଡର ଆଦିବାସୀ ଦଳିତ ପ୍ରତିନିଧି ଯୋଗ ଦେଇଥିଲେ । ଆଦିବାସୀମାନଙ୍କ ଜମିକୁ ଅଣଆଦିବାସୀ ଲୋକ ଲୁଟ କରୁଛନ୍ତି । ଆଇନର ଖିଲାପ ମଧ କରୁଛନ୍ତି । କିଛି ରାଜନୈତିକ ବ୍ୟକ୍ତି ମଧ ସଂଶ୍ଳିଷ୍ଟ ରହୁଛନ୍ତି । ଅପରପକ୍ଷେ ଆଦିବାସୀ ଦଳିତ ବର୍ଗର କର୍ମଚାରୀମାନଙ୍କ ପଦୋନ୍ନତିକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ବିରୋଧରେ ସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଛି । ଗୋବର୍ଦ୍ଧନ ଭୋଇ, ଥମାସ ମିଞ୍ଜ, ଦୁତିଆ ଗର୍ଡିଆ, ଅନନ୍ତ ଭୋଇ, ପ୍ରଭାକର ଓରାମ, ସୁବେଷ ମୁଣ୍ଡା, ପ୍ରୀତି ପ୍ରଧାନ, ନରେଶ ବାରିକ, ଘନଶ୍ୟାମ କୁମ୍ଭାର, ଏସ ବାର୍ଲ୍ଲା ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ ।

## ଟାଙ୍ଗରପାଲି ଗ୍ରାମବାସୀ କମିଶନରଙ୍କ ଦ୍ୱାରସ୍ଥ



ସମ୍ବଲପୁର ମହାନଗର ନିଗମ ଅଫିସ ସମ୍ମୁଖରେ ଟାଙ୍ଗରପାଲି ଗ୍ରାମବାସୀ ।

**ସମ୍ବଲପୁର,୧୮।୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଟାଙ୍ଗରପାଲି ଗ୍ରାମରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାକୁ ନେଇ ଭାଜପା କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ପାନୀୟ ଜଳ, ବିଦ୍ୟୁତ, ରାସ୍ତା, ଘାଟ ଭଳି ସମସ୍ୟା ଲାଗି ରହିଛି। ସରକାରଙ୍କ ଯୋଜନାଗୁଡିକ ମଧ ଠିକ୍ ଭାବେ ପହଞ୍ଚି ପାରୁନାହିଁ । ମହାନଗର ନିଗମରେ ସାମିଲ ହୋଇଥିଲେ ବି ଠିକ ଭାବେ ସଫେଇ କର୍ମଚାରୀ ଆସୁନାହାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଗିରିଶ ପଟେଲ, ମାନସ ବକ୍ସି, ସରୋଜ ଘଡେଇ, ଉଲ୍ଲାସ ବାରିକ, ଅଶୋକ ମୁଣ୍ଡା, ସାଳମୀ ମୁଣ୍ଡା, ବିନୋଦ ମୁଣ୍ଡା, ସୁନ୍ଦର ମୁଣ୍ଡା, ବସନ୍ତି ମୁଣ୍ଡା ପ୍ରମୁଖ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଗାୟତ୍ରୀ ମହାଯଜ୍ଞ

**ନାକଟିଦେଉଳ,୧୮।୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମର ଗାୟତ୍ରୀ ପରିବାର ପକ୍ଷରୁ ଗାୟତ୍ରୀ ମହାଯଜ୍ଞ ମଙ୍ଗଳବାର ଶେଷ ହୋଇଯାଇଛି। ସ୍ଥାନୀୟ ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ପରିସରରେ ୩ ଦିନ ଧରି ଏହା ଅନୁଷ୍ଠିତ ହୋଇଥିଲା। ୧୬ତାରିଖ ସକାଳୁ ଶତାଧିକ ଗାୟତ୍ରୀ ପରିବାରର ମହିଳା ନିକଟସ୍ଥ ଚମ୍ପାଳି ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଯଜ୍ଞ ମଣ୍ଡପରେ କଳସ ସ୍ଥାପନା ପରେ ହୋମକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋବିନ୍ଦ ମେହେର, ବାନାମ୍ବର ସାହୁ, ମାୟାଧର କିଷାନ ଏବଂ ତରୁଣକାନ୍ତ ମେହେର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ବରଗଡ଼ ଜିଲା ବରପାଲି ଗାୟତ୍ରୀ ପୀଠର ଭୁବନେଶ୍ୱର ଥାପା, ଭରତ ନାଏକ ଏବଂ ରାଜେନ୍ଦ୍ର ସାହୁ ହୋମକାର୍ଯ୍ୟ ସଂପାଦନ କରିବା ସହ ପ୍ରବଚନ ଦେଇଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି ପଡ଼ିଛି। ପ୍ରାଣକୃଷ୍ଣ ପ୍ରଧାନ, ପ୍ରଭାସିନୀ ମେହେର, ଶାନ୍ତିଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ପଶ୍ଚିମ ଓଡିଶାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ



**ସମ୍ବଲପୁର, ୧୮।୨ (ବ୍ୟୁରୋ)**

ୱେସ୍କୋ ୟୁଟିଲିଟି ଏକଜିକ୍ୟୁଟିଭ ଇଞ୍ଜିନିୟର ବିଭାଗ ପକ୍ଷରୁ ୧୪ତମ ପଶ୍ଚିମ ଓଡିଶାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି । କାଳୀବାଡି ୟୁଟିଲିଟି ପରିସରରେ ହେଉଥିବା ୨ ଦିନିଆ ଟୁର୍ନାମେଣ୍ଟରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ଖେଳାଳିମାନେ ଭାଗ ନେଇଛନ୍ତି । ବୁଧବାର ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ । ୱେସ୍କୋ ୟୁଟିଲିଟି ପ୍ରାଧିକୃତ ଅଧିକାରୀ ତାପସ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଇଂ. ପ୍ରଶାନ୍ତ କୁମାର ସାହୁ, ଇଂ. ସଞ୍ଜିତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଲଳିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଣୟ ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

## ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ମହାବୀର କ୍ଲବ୍ ବିଜୟୀ

**ଦେବଗଡ଼, ୧୮।୨(ଡ଼ି.ଏନ୍.ଏ.)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ସ୍ଥାନୀୟ ଆଇ.ଜି. ଷ୍ଟାଡ଼ିୟମ୍‌ଠାରେ ମହାବୀର କ୍ରିକେଟ କ୍ଲବ ଓ ଟାଉନ୍ କ୍ରିକେଟ କ୍ଲବ ମଧ୍ୟରେ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବୀର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୪ ଉଇକେଟ ହରାଇ ୨୨୫ ରନ୍ କରିଥିଲେ। ଏହାର ଜବାବ୍‌ରେ ଟାଉନ୍ କ୍ରିକେଟ କ୍ଲବ ୧୬.୦୩ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ୍ କରି ପରାସ୍ତ ହୋଇଥିଲା । ମଙ୍ଗଳବାର ମ୍ୟାଚ୍‌ରେ ମହାବୀର କ୍ଲବ୍ ବିଜୟୀ ହୋଇଛି। ମ୍ୟାଚ୍‌କୁ ସୁମନ କୁମାର ବେହେରା ଓ ଅଜିତ୍ କୁମାର ମୋଦି ପରିଚାଳନା କରିଥିଲେ। ବୁଧବାର ମହାବୀର କ୍ରିକେଟ କ୍ଲବ, ଦେବଗଡ଼ ଓ କଳା ଗୋଲଡ଼େନ୍ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ଇଂ ସୁଜିତ ପ୍ରଧାନ ସୂଚନା ଦେଇଛନ୍ତି।



କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

## ଜମନକିରାରେ ପ୍ରଶାସନର ଜନସମ୍ପର୍କ ଶିବିର

**ଜମନକିରା, ୧୮। ୨ (ଡି.ଏନ୍.ଏ) -** ଜମନକିରା ବ୍ଲକ୍ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡ଼ି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର କୁଚିଣ୍ଡା ଆଇଟିଡିଏ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ପୁର୍ବତନ ବିଧାୟକ ରବିନାରାୟଣ ନାଏକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପବିତ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ସରକାରୀ ଯୋଜନା ଯେପରି ଲୋକଙ୍କ ପାଖରେ ଠିକରେ ପହଞ୍ଚିବ ସେ ନେଇ ଅତିଥିମାନେ ଗୁରୁତ୍ୱ ଦେଇଛନ୍ତି। ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ନାଏକ, ବଡ଼ରମା ରେଞ୍ଜର ଗିସ୍ନା ଜାମୁଡାଲିଆ, କୃଷି ବୈଷୟିକ ଅଧିକାରୀ ସତ୍ୟନାରାୟଣ ପଣ୍ଡା, ଉଦ୍ୟାନ ବିଭାଗ ସହକାରୀ ଅଧିକାରୀ ଭିମସେନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦୀପକ ପିଟର ସହଯୋଗ କରିଥିଲେ। ଜ୍ୟୋତିରଞ୍ଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଅରୁଣାଚଳପ୍ରଦେଶ ଗସ୍ତରେ ଯାଇ ରାଜ୍ୟ ଗଠନର ୩୪ତମ ବାର୍ଷିକୋତ୍ସବରେ ଯୋଗଦେବା ସହ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ କରିବେ। ସେ ଅରୁଣାଚଳପ୍ରଦେଶ ପୋଲିସର ନୂତନ ମୁଖ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ନିଜ ରାଜ୍ୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ୧୯୮୭ ଫେବୃୟାରୀ ୨୦ରେ ଅରୁଣାଚଳପ୍ରଦେଶ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଲାଭ କରିଥିଲା।



# ହିନ୍ଦୁ ଆତଙ୍କବାଦ ରୂପ ଦେବାକୁ ହୋଇଥିଲା ଚକ୍ରାନ୍ତ

ମୁମ୍ବାଇ,୧୮।୨(ପି.ଟି.)



**୨୬/୧୧ ମୁମ୍ବାଇ ଆକ୍ରମଣ**

- ରାକେଶ ମାରିଆଙ୍କ ପୁସ୍ତକରେ ପ୍ରଘଟ
- ଜେଲରେ କସବଙ୍କୁ ହତ୍ୟା ଲାଗି ଦାଉଦ ଗୋଷ୍ଠୀକୁ ଦିଆଯାଇଥିଲା ଦାୟିତ୍ୱ
- ସମୀର ଚୌଧୁରୀ ପରିଚୟରେ ମରିଥାନ୍ତେ କସବ

୨୬/୧୧ ମୁମ୍ବାଇ ଆକ୍ରମଣକୁ ହିନ୍ଦୁ ଆତଙ୍କବାଦ ରୂପ ଦେବା ଲାଗି ଲଶ୍କର-ଇ-ତୋଇବା ଯୋଜନା ପ୍ରସ୍ତୁତ କରିଥିଲା ବୋଲି ପୂର୍ବତନ ମୁମ୍ବାଇ ପୋଲିସ କମିଶନର ରାକେଶ ମାରିଆ କହିଛନ୍ତି। ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଅଜମଲ କସବଙ୍କୁ ବେଙ୍ଗାଲୁରୁର ସମୀର ଚୌଧୁରୀ ପରିଚୟରେ ମରିବା ପାଇଁ କୁହାଯାଇଥିଲା। ମାରିଆଙ୍କ ଲିଖିତ ପୁସ୍ତକ 'ଲେଟ୍ ମି ସେ ଇଟ୍ ନାଓ' ସୋମବାର ଉନ୍ମୋଚିତ ହୋଇଛି। ଏଥିରେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାର ତଦନ୍ତ ସମ୍ପର୍କରେ ଉଲ୍ଲେଖ ରହିଛି। ଉକ୍ତ ପୁସ୍ତକ ଅନୁଯାୟୀ ୨୬/୧୧ ଆକ୍ରମଣର ମୁଖ୍ୟ ପ୍ରମାଣ କସବଙ୍କୁ ଜେଲରେ ହତ୍ୟା କରିବା ପାଇଁ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଏବଂ ଲଶ୍କର ଆତଙ୍କବାଦୀ ସଂଗଠନ ପକ୍ଷରୁ ଯୋଜନା ହୋଇଥିଲା। ଏହି ଦାୟିତ୍ୱ ଦାଉଦ ଇବ୍ରାହିମଙ୍କ ଗ୍ୟାଙ୍ଗକୁ ଦିଆଯାଇଥିଲା। ସେମାନଙ୍କ ଯୋଜନା ଅନୁଯାୟୀ କାର୍ଯ୍ୟ ହୋଇଥିଲେ କସବ ଜେଲ୍‌ରେ ସମୀର ଚୌଧୁରୀ ନାମରେ ମରିଥାନ୍ତା ଓ ଗଣମାଧ୍ୟମ ମୁମ୍ବାଇ ଆକ୍ରମଣ ପାଇଁ ହିନ୍ଦୁ ଆତଙ୍କବାଦକୁ ଦାୟୀ କରିଥାନ୍ତା ବୋଲି ମାରିଆ ଲେଖିଛନ୍ତି। ସେଥିପାଇଁ ଭାରତୀୟ ଠିକଣାରେ ଜାଲ୍ ପରିଚୟ ପତ୍ର କଶବ ପାଇଁ ପ୍ରସ୍ତୁତ ହୋଇଥିଲା। ସୁରକ୍ଷା କାରଣରୁ ମୁମ୍ବାଇ ପୋଲିସ କସବ ସମ୍ପର୍କିତ ସମସ୍ତ ସୂଚନା ଗୁପ୍ତ ରଖିବାକୁ ଚାହୁଁଥିବାବେଳେ କେନ୍ଦ୍ରୀୟ ସଂସ୍ଥା ତାଙ୍କ ଫଟୋ ଛାଡ଼ିଦେଇଥିଲା ବୋଲି ମାରିଆ କହିଛନ୍ତି। ଏହି ଫଟୋରେ କସବ ଡାହାଣ ହାତରେ ଏକ ଲାଲ୍ ସୂତା ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା, ଯାହା ଫଳରେ ସେ ଜଣେ ହିନ୍ଦୁ ବୋଲି ବିଶ୍ୱାସ ହେବ। ଏପରିକି ସେତେବେଳେ କେତେକ ଗଣମାଧ୍ୟମ ମୁମ୍ବାଇ ଆକ୍ରମଣରେ ହିନ୍ଦୁ ଆତଙ୍କବାଦୀ ସମ୍ପୃକ୍ତ ବୋଲି ଖବର ପ୍ରକାଶ କରିଥିଲେ। ହେଲେ ଆତଙ୍କବାଦୀଙ୍କ ଯୋଜନା କାମ ନ କରିବାରୁ ୨୬/୧୧ ଆକ୍ରମଣର ଏକମାତ୍ର ଜୀବିତ ଆତଙ୍କବାଦୀ ପାକିସ୍ତାନ ଫରିଦକୋଟର ଅଜମଲ ଅମୀର କସବ ବୋଲି ଜଣାପଡିଯାଇଥିଲା। ସେମାନଙ୍କ ଯୋଜନାକୁ ଭଣ୍ଡୁର କରିବାରେ ମୁମ୍ବାଇ କନ୍‌ଷ୍ଟେବଲ ତୁକାରାମ ଓମ୍ବଲେଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ କସବଙ୍କୁ ଜୀବନ୍ତ କାବୁ କରିଥିଲେ।

ମାରିଆଙ୍କ ପୁସ୍ତକ ଅନୁଯାୟୀ କସବ ଲଶ୍କର ସଂଗଠନରେ ଯୋଗଦେଇଥିଲେ ହେଁ ଜେହାଦ ସହ ତାଙ୍କର ସମ୍ପର୍କ ନ ଥିଲା। ମୁମ୍ବାଇ ଆକ୍ରମଣ ମିଶନରେ ଆସିବା ପୂର୍ବରୁ ତାଙ୍କୁ ୧.୨୫ ଲକ୍ଷ ଟଙ୍କା ଦିଆଯାଇ ସପ୍ତାହେ ଛୁଟିରେ ଛଡ଼ାଯାଇଥିଲା। କସବ ତାଙ୍କ ଭଉଣୀ ବାହାଘର ପାଇଁ ଉକ୍ତ ଟଙ୍କା ପରିବାରକୁ ଦେଇଥିଲେ। ୨୦୦୮ ନଭେମ୍ବର ୨୬ରେ କସବ ସମେତ ୧୦ ସଶସ୍ତ୍ର ଆତଙ୍କବାଦୀ ସମୁଦ୍ରପଥରେ ମୁମ୍ବାଇରେ ପହଞ୍ଚି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହେବା ସହ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୯ ଆତଙ୍କବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିବାବେଳେ ବଞ୍ଚିଯାଇଥିବା କସବଙ୍କୁ ୨୦୧୨ ନଭେମ୍ବର ୨୧ରେ ଫାଶୀ ଦିଆଯାଇଥିଲା।

# ଗଡ୍‌ସେ ନା ଗାନ୍ଧିଜୀଙ୍କ ପକ୍ଷରେ

ପାଟନା,୧୮।୨(ପି.ଟି.)

**ନୀତୀଶଙ୍କୁ ପ୍ରଶାନ୍ତ କିଶୋରଙ୍କ ପ୍ରଶ୍ନ**



କ୍ଷମତା ପାଇଁ ଭାଜପା ସହ ମେଣ୍ଟ କରିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ରାଜନୈତିକ ରଣନୀତିକାର ତଥା ରାଜନେତା ପ୍ରଶାନ୍ତ କିଶୋର କଡ଼ା ସମାଲୋଚନା କରିଛନ୍ତି। ଜେଡିୟୁ ନେତା ଭାବରେ ସେ ନାଥୁରାମ ଗଡ୍‌ସେ ନା ମହାତ୍ମା ଗାନ୍ଧୀଙ୍କ ପକ୍ଷରେ ତାହା ସ୍ପଷ୍ଟ କରନ୍ତୁ ବୋଲି ପ୍ରଶାନ୍ତ କିଶୋର ଆହ୍ୱାନ ଦେଇଛନ୍ତି। ଜେଡିୟୁ ନେତା ଗାନ୍ଧୀବାଦୀ ବିଚାରଧାରା ସହ ରହିପାରିଲେ ନାହିଁ। ତାହା ପରିବର୍ତ୍ତେ ସେ ଗଡ୍‌ସେଙ୍କ ସମର୍ଥକମାନଙ୍କ ପକ୍ଷ ନେଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ କିଶୋର କହିଛନ୍ତି। ଜେଡିୟୁରୁ ବହିଷ୍କୃତ ହେବା ପରେ ଏହା ଥିଲା ତାଙ୍କର ପ୍ରଥମ ଖବରଦାତା ସମ୍ମିଳନୀ।

ବିହାର ମୁଖ୍ୟମନ୍ତ୍ରୀ ଗାନ୍ଧୀନୀତି ପ୍ରତି ତାଙ୍କର ପ୍ରତିବଦ୍ଧତା ପାଳନ ନ କରିବା ଏବଂ ଭାଜପା ସହ ମେଣ୍ଟ କରିବାରୁ ତାଙ୍କ ସହିତ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା ବୋଲି ପ୍ରଶାନ୍ତ କିଶୋର ସ୍ୱୀକାର କରିଛନ୍ତି। ଗାନ୍ଧୀ, ଜୟପ୍ରକାଶ ଓ ଲୋହିଆଙ୍କ ବିଚାରଧାରାରୁ କଦାପି ନିବୃତ୍ତ ହେବେନାହିଁ ବୋଲି କହୁଥିବା ନୀତୀଶଜୀ କିପରି ଗଡ୍‌ସେ ବିଚାରଧାରାର ସମର୍ଥକମାନଙ୍କ ସହ ଏକାଠି ହୋଇପାରିଲେ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି। ଯଦି ସେ ଭାଜପାରେ ରହିବାକୁ ଚାହୁଁଛନ୍ତି ତେବେ ସେଥିରେ କୌଣସି ସମସ୍ୟା ନାହିଁ, ତେବେ ଏକସଙ୍ଗେ ଉଭୟ ପକ୍ଷରେ ହୋଇପାରିବେ ନାହିଁ ବୋଲି ପ୍ରଶାନ୍ତ କହିଛନ୍ତି।

ନୀତୀଶ କୁମାର ସରକାରଙ୍କ ବିକାଶ ମଡେଲକୁ ନେଇ ପ୍ରଶାନ୍ତ ପ୍ରଶ୍ନ ଉଠାଇଛନ୍ତି। ତାଙ୍କର ଏଭଳି ସମାଲୋଚନାରେ ଜେଡିୟୁ କ୍ଷୁବ୍ଧ ହୋଇଛି। ରାଜନୀତିରେ ବୁଡ଼ି ନ ରହି ନିଜ କାମରେ ମନ ଦେବା ପାଇଁ ଜେଡିୟୁ ତାଙ୍କୁ ପରାମର୍ଶ ଦେଇଛି। ଏବେ ତାଙ୍କୁ ଆମ୍ ଆଦ୍‌ମୀ ପାର୍ଟି ପାଇଁ କାମ କରିବାକୁ ହେବ। ବ୍ୟବସାୟକୁ ଆଗେଇନେବା ପାଇଁ ସମୟ ଦେବା ତାଙ୍କ ପାଇଁ ଭଲ ହେବ ବୋଲି ଜେଡିୟୁ ମୁଖପାତ୍ର କେ.ସି. ତ୍ୟାଗୀ କହିଛନ୍ତି।

# ତାପସ ପାଲ୍‌ଙ୍କ ପରଲୋକ

କୋଲକାତା,୧୮।୨(ପି.ଟି.)



ବର୍ଷୀୟାନ ବଙ୍ଗାଳୀ ଅଭିନେତା ତଥା ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି ତାପସ ପାଲ୍‌ଙ୍କର ମଙ୍ଗଳବାର ଭୋର ୪ଟା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୧ ବର୍ଷ ହୋଇଥିଲା। ନିଜ ଝିଅଙ୍କୁ ଦେଖିବା ଲାଗି ତାପସ ମୁମ୍ବାଇ ଯାଇଥିଲେ। ସେଠାରୁ କୋଲକାତା ଫେରିବାବେଳେ ମୁମ୍ବାଇ ବିମାନବନ୍ଦରରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜୁହୁସ୍ଥିତ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା ବୋଲି ପରିବାର ସୂତ୍ରରୁ କୁହାଯାଇଛି। ଗତ ଦୁଇବର୍ଷ ମଧ୍ୟରେ ସେ ଏକାଧିକ ଥର ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ତାପସ କ୍ରିଷ୍ଣନଗରରୁ ଦୁଇଥର ଏମ୍‌ପି ଓ ଆଲିପୁରରୁ ବିଧାୟକ ଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ଝିଅ ଅଛନ୍ତି। ରୋଜ୍ ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ୨୦୧୬ ଡିସେମ୍ବରରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ୧୩ ମାସ ପରେ ସେ ଜାମିନରେ ଆସିଥିଲେ। ଏହା ପରେ ସେ ଚଳଚ୍ଚିତ୍ର ଦୁନିଆଠାରୁ ଦୂରେଇ ରହିଥିଲେ। 'ସାହେବ', 'ପ୍ରଭାତ ପ୍ରିୟା', 'ଭାଲୋବାସା ଭାଲୋବାସା', 'ଅନୁରାଗେର ଚୋୟାନ ଏବଂ ଅମର ବନ୍ଧନ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରି ତାପସ ଲୋକପ୍ରିୟତା ଅର୍ଜନ କରିଥିଲେ।

# ଗ୍ୟାସ୍ ଲିକ୍: ୧୪ ମୃତ

**କରାଚୀ,୧୮।୨(ପି.ଟି.):** ପାକିସ୍ତାନର ବନ୍ଦର ସହର କରାଚୀରେ ରହସ୍ୟମୟ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଅସୁସ୍ଥ ହୋଇପଡିଛନ୍ତି। ରବିବାର ରାତିରେ କରାଚୀର କେମାରି ଅଞ୍ଚଳର ବହୁସଂଖ୍ୟାରେ ଲୋକେ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରି ହସ୍ପିଟାଲ ଆସିବା ପରେ କର୍ତ୍ତୃପକ୍ଷ ସଜାଗ ହୋଇଯାଇଥିଲେ। ତେବେ ବିଷାକ୍ତ ଗ୍ୟାସ୍ କେଉଁଠୁ ଲିକ୍ ହେଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଜିଆଉଦ୍ଦିନ ହସ୍ପିଟାଲରେ ଦୁଇଦିନରେ ୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୁଟିୟାନା ହସ୍ପିଟାଲରେ ୨ ଜଣ ପ୍ରାଣ ହରାଇଛନ୍ତି। କରାଚୀର ବିଭିନ୍ନ ହସ୍ପିଟାଲରେ ବହୁସଂଖ୍ୟାରେ ଲୋକ ଚିକିତ୍ସିତ ହେଉଛନ୍ତି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ବରିଷ୍ଠ ପୋଲିସ ଅଧିକାରୀମାନେ ଡାକ୍ତରମାନଙ୍କ ସହ ଯୋଗାଯୋଗରେ ଅଛନ୍ତି। ବନ୍ଦରରେ ସୋୟାବିନ୍ ଭର୍ତ୍ତି ଜାହାଜରୁ ମାଲ୍ ଖାଲି କଲାବେଳେ ଏଭଳି ଗ୍ୟାସ୍ ଲିକ୍ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

# ୧୫ ମହଲାରୁ ଡେଇଁ ହୀରା ବ୍ୟବସାୟୀଙ୍କ ଆତ୍ମହତ୍ୟା

ମୁମ୍ବାଇ,୧୮।୨(ପି.ଟି.)

ଦକ୍ଷିଣ ମୁମ୍ବାଇର ଅପେରା ହାଉସ୍‌ଠାରେ ଜଣେ ୬୧ ବର୍ଷୀୟ ହୀରା ବ୍ୟବସାୟୀ ମଙ୍ଗଳବାର ସକାଳେ ୧୫ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଧୀରେନଭାଇ ଚନ୍ଦ୍ରକାନ୍ତ ଶାହା ନାମକ ଏହି ବ୍ୟବସାୟୀ ପ୍ରସାଦ ଚାମ୍ବର୍ସ ଛାତରୁ ଡେଇଁପଡ଼ିଥିଲେ। ତାଙ୍କୁ ତୁରନ୍ତ ପାଖ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ କୋଠାରେ ଥିବା ଶାହାଙ୍କ ଅଫିସରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ତାଙ୍କର ଏହି ଚରମ ପଦକ୍ଷେପ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି ବୋଲି ସେଥିରେ ଲେଖାଅଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦରେ ଚେନାଇରେ କଂଗ୍ରେସ କର୍ମୀଙ୍କ ଅଭିନବ ବିକ୍ଷୋଭ।

# ଉହାନ ହସ୍ପିଟାଲ ନିର୍ଦ୍ଦେଶକଙ୍କ ମୃତ୍ୟୁ

ବେଜିଂ,୧୮।୨(ଏଏଫ୍‌ପି)

- କରୋନା ମୃତ୍ୟୁସଂଖ୍ୟା ୧୯୦୦ ଛୁଇଁଲା
- ୭୨ ହଜାର ସଂକ୍ରମିତ
- ଜାପାନ ଜାହାଜରେ ୫୪୨କରୋନା ରୋଗୀ
- ୬ ଭାରତୀୟ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି

ଚାଇନାରେ ମାରାତ୍ମକ କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୧୯୦୦ ଛୁଇଁଥିବାବେଳେ ୭୨ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ଏହି ରୋଗରେ ଉହାନର ଉଚାଙ୍ଗ୍ ହସ୍ପିଟାଲର ନିର୍ଦ୍ଦେଶକ ଲିଉ ଝିମିଙ୍ଗ୍‌ଙ୍କର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ବିଭିନ୍ନ ହସ୍ପିଟାଲରେ ୬ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୭୧୬ ଜଣ ସଂକ୍ରମିତ ହୋଇଛନ୍ତି। ଡିସେମ୍ବର ଶେଷ ଭାଗରେ କରୋନା ସଂକ୍ରମଣ ସମ୍ପର୍କରେ ଲୋକଲୋଚନକୁ ଆଣିଥିବା ଉହାନ ଡାକ୍ତର ଲି ୱେନଲିଆଙ୍ଗଙ୍କର ପୂର୍ବରୁ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଚାଇନାରେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଣ କରୋନା ସମ୍ପର୍କରେ ସୂଚନା ଦେବାରୁ ତାଙ୍କୁ ଚାଇନା କର୍ତ୍ତୃପକ୍ଷ ଦଣ୍ଡିତ କରିଥିଲେ। କରୋନା ସଂକ୍ରମଣ ବୃଦ୍ଧି ପାଇଁ ସରକାରଙ୍କ ବିଫଳତାକୁ ଲୋକେ ଦାୟୀ କରିଥିଲେ।

ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ୭୩ ହଜାର ଟପିଲାଣି। ମେନ୍‌ଲ୍ୟାଣ୍ଡ ଚାଇନାରେ ମୃତ୍ୟୁସଂଖ୍ୟା ୧୮୬୮ ହୋଇଥିବା ବେଳେ ସେଠାରେ ୭୨,୪୩୬ ଆକ୍ରାନ୍ତ ହୋଇଛନ୍ତି। ସେହିପରି ହଂକଂରେ ୫୮ଜଣଙ୍କଠାରେ ସଂକ୍ରମଣ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଜାପାନରେ ଲାଗିଥିବା ଜାହାଜରେ ୫୪୨ ଜଣ ସଂକ୍ରମିତଙ୍କୁ ମିଶାଇ ସେଠାରେ ରୋଗୀ ସଂଖ୍ୟା ୬୧୦ ହୋଇଥିବାବେଳେ ସିଙ୍ଗାପୁରରେ ୭୭, ଥାଇଲାଣ୍ଡରେ ୩୧, ମାଲେସିଆରେ ୨୨, ତାଇୱାନରେ ୨୨ ରୋଗୀ ଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଆମେରିକାରେ ୧୫ ରୋଗୀ ଚିହ୍ନଟ ହୋଇଥିବାବେଳେ ଭିଏତନାମରେ ୧୬ ଓ ଜର୍ମାନୀରେ ୧୬ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ଆମେରିକୀୟଙ୍କର ଚାଇନାରେ ମୃତ୍ୟୁ ଘଟିଛି। ଫ୍ରାନ୍ସରେ ୧୨ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣକ ମୃତ୍ୟୁ ଘଟିଛି।

ଜାପାନ ଉପକୂଳରେ ଅଟକି ରହିଥିବା ଡାଇମଣ୍ଡ ପ୍ରିନ୍ସେସ ଜାହାଜରେ ଆଉ ୮୮ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ସେଠାରେ ମୋଟ ରୋଗୀସଂଖ୍ୟା ୫୪୨ରେ ପହଞ୍ଚିଛି। ଜାହାଜରେ କରୋନା ଆକ୍ରାନ୍ତ ଥିବା ୬ ଭାରତୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଦୂତାବାସ ପକ୍ଷରୁ କୁହାଯାଇଛି। ଉକ୍ତ ଜାହାଜରେ ୧୩୮ ଭାରତୀୟଙ୍କ ସମେତ ୩୭୧୧ ଜଣ ରହିଥିଲେ। ବୁଧବାର ଜାହାଜରୁ ୫୦୦ ଯାତ୍ରୀଙ୍କୁ ଛଡ଼ାଯିବ। ସେମାନଙ୍କ ଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି।

## ଜାପାନରେ ଫେସ୍‌ମାସ୍କ ଚୋରି

ଟୋକିଓ,୧୮।୨(ଏଏଫ୍‌ପି)

କରୋନା ଭୂତାଣୁ ଯୋଗୁ ଜାପାନରେ ଫେସ୍ ମାସ୍କ ଅଭାବ ଦେଖାଦେବା ସହ



ଏହାର ଅନ୍‌ଲାଇନ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ସେଠାରେ ଥିବା ଏକ ହସ୍ପିଟାଲରୁ ଚୋରମାନେ ୬୦୦୦ ସର୍ଜିକାଲ ମାସ୍କ ଚୋରିକରି ନେଇଛନ୍ତି। କୋବେ ସହରରେ ଥିବା ରେଡ୍‌କ୍ରସ ହସ୍ପିଟାଲରେ ୪ଟି ବାକ୍ସରେ ଥିବା ଏହି ମାସ୍କଗୁଡ଼ିକୁ ଚୋରିକରି ନିଆଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ଚୋରମାନେ ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିପାରନ୍ତି। ସେଥିପାଇଁ ପୋଲିସ ଖୋଳତାଡ଼ ଚଳାଇଛି।

# ଏସ୍‌ପି ନେତାଙ୍କ ପୁଅଙ୍କୁ ଗୁଳିକରି ହତ୍ୟା

ଆଲିଗଡ଼,୧୮।୨(ପି.ଟି.)

ଉତ୍ତରପ୍ରଦେଶ ଆଲିଗଡ଼ର ସମାଜବାଦୀ ପାର୍ଟି (ଏସ୍‌ପି) ନେତାଙ୍କ ପୁଅଙ୍କୁ କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ସୋମବାର ରାତିରେ ଶାସନି ଗେଟ୍ ଅଞ୍ଚଳର ପଲାସାହିବାବାଦଠାରେ ଦୁଇ ମୋଟରସାଇକେଲ ମଧ୍ୟରେ ଧକ୍କାକୁ ନେଇ ଜିଲାସ୍ତରୀୟ ଏସ୍‌ପି ନେତା ପୁରନମାଲ ପ୍ରଜାପତିଙ୍କ ପୁଅ ସଚିନ (୨୦)ଙ୍କ ସହ ସ୍ଥାନୀୟ ଜଣେ ଭାଜପା ନେତାଙ୍କ ପୁଅ ଓ ଅନ୍ୟମାନଙ୍କର ବଚସା ହୋଇଥିଲା। ଏହି ବଚସାରୁ ଢେଲାମାଡ଼ ଓ ଗୁଳିମାଡ଼ ହୋଇଥିଲା। ଏହି ସଂଘର୍ଷରେ ମୃତ ସଚିନଙ୍କ ସାନଭାଇ ଓ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି।

ଖବର ଅନୁଯାୟୀ ଏସ୍‌ପି ନେତା ପ୍ରଜାପତି ତାଙ୍କ ପୁଅ ନରେନ୍ଦ୍ରଙ୍କ ସହ ମୋଟରସାଇକେଲରେ ଯାଉଥିବାବେଳେ ସ୍ଥାନୀୟ ଭାଜପା ନେତା ଈଶ୍ୱର ଚାନ୍ଦ ଉପାଧ୍ୟାୟଙ୍କ ପୁଅ ଅମିତ୍‌ଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରୁ ଉଚ୍ଚବାଚ ହେବା ସହ ଏହା ସଂଘର୍ଷର ରୂପ ନେଇଥିଲା ବୋଲି ପୋଲିସ କହିଛି। ଏସ୍‌ପି ସମର୍ଥକମାନେ ଅମିତ୍‌ଙ୍କ ମୋଟରସାଇକେଲରେ ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରେ ପ୍ରଜାପତିଙ୍କ ଅନ୍ୟତମ ପୁଅ ସଚିନ ପହଞ୍ଚିବାରୁ ତାଙ୍କୁ ଗୁଳି କରାଯାଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

[ଇତିହାସର ଆଇନାରେ]

**ଫେବୃୟାରୀ ୧୯ର ପ୍ରମୁଖ ଘଟଣା**

## ଶିବାଜୀଙ୍କ ଜନ୍ମ

୧୬୩୦ ଫେବୃୟାରୀ ୧୯ରେ ଛତ୍ରପତି ଶିବାଜୀଙ୍କର ଜନ୍ମ ହୋଇଥିଲା। ସେ ଅନେକ ରାଜ୍ୟ ଜୟ କରି ମରାଠା ସାମ୍ରାଜ୍ୟର ବିସ୍ତାର କରିଥିଲେ। ୧୬୭୪ରେ ସେ ଏହାର ସମ୍ରାଟ ହୋଇଥିଲେ। ୧୬୮୦ ଏପ୍ରିଲ ୩ରେ ରାଇଗଡ଼ ଦୁର୍ଗରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଗୋଖ୍‌ଲେଙ୍କ ଦେହାନ୍ତ

୧୯୧୫ ଫେବୃୟାରୀ ୧୯ରେ ଗୋପାଳକୃଷ୍ଣ ଗୋଖ୍‌ଲେଙ୍କ ଦେହାନ୍ତ ହୋଇଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ସର୍ଭାଣ୍ଟସ୍ ଅଫ ଇଣ୍ଡିଆନ ସୋସାଇଟିର ପ୍ରତିଷ୍ଠାତା ଗୋଖ୍‌ଲେ ଜଣେ ସମାଜ ସଂସ୍କାରକ ଥିଲେ। ମହାତ୍ମା ଗାନ୍ଧୀ ତାଙ୍କୁ ନିଜର ରାଜନୈତିକ ଗୁରୁ ମାନୁଥିଲେ।

# ଭାରତ ବିରୋଧୀ କାର୍ଯ୍ୟ ଲାଗି ବ୍ରିଟିଶ ଏମ୍‌ପିଙ୍କ ଭିଜା ରଦ୍ଦ

ନୂଆଦିଲ୍ଲୀ,୧୮।୨(ପି.ଟି.)



ବ୍ରିଟିଶ ଏମ୍‌ପି ଡେବି ଆବ୍ରାହାମ୍ସ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ତାଙ୍କର ଇ-ଭିଜା ରଦ୍ଦ କରାଯାଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। ଏ ସମ୍ପର୍କରେ ତାଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇଦିଆଯାଇଥିଲା। ଭିଜା ପ୍ରଦାନ, ବାତିଲ କିମ୍ବା ରଦ୍ଦ କରିବା ଗୋଟିଏ ଦେଶର ସାର୍ବଭୌମ ଅଧିକାର। ଗତବର୍ଷ ଅକ୍ଟୋବର ୭ରେ ଆବ୍ରାହାମ୍ସଙ୍କୁ ଦିଆଯାଇଥିବା ଇ-ବିଜ୍‌ନେସ୍ ଭିଜା ଚଳିତ ବର୍ଷ ଅକ୍ଟୋବର ୫ ପର୍ଯ୍ୟନ୍ତ ବୈଧ ଥିଲା। ତେବେ ସେ ଭାରତର ଜାତୀୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରିବାରୁ ଗତ ଫେବୃୟାରୀ ୧୪ରେ ତାଙ୍କର ଇ-ଭିଜାକୁ ବାତିଲ କରାଗଲା। ଏ ସମ୍ପର୍କରେ ତାଙ୍କୁ ସେହିଦିନ ଜଣାଇଦିଆଯାଇଥିଲା ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ସୋମବାର ସେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ ହେଁ ତାଙ୍କ ପାଖରେ ବୈଧ ଭିଜା ନ ଥିବାରୁ ଫେରାଇଦିଆଯାଇଥିଲା।

ବ୍ରିଟିଶ ଏମ୍‌ପିଙ୍କ ଭିଜା ବାତିଲକୁ କଂଗ୍ରେସ ନେତା ଅଭିଷେକ ମନୁ ସିଙ୍ଘଭି ସମର୍ଥନ ଜଣାଇଛନ୍ତି। ସେ କେବଳ ଏମ୍‌ପି ନୁହନ୍ତି, ପାକିସ୍ତାନର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ପାକ୍ ସରକାର ଏବଂ ଆଇଏସ୍ଆଇ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ତେଣୁ ତାଙ୍କୁ ଫେରାଇଦେବା ବାସ୍ତବରେ ଜରୁରୀ ଥିଲା ବୋଲି ସିଙ୍ଘଭି କହିଛନ୍ତି।

# ନାଗରିକତ୍ୱ ପ୍ରମାଣ ପାଇଁ ୟୁଆଇଡିଏଆଇ କହିବାରୁ ବିବାଦ

ହାଇଦ୍ରାବାଦ,୧୮।୨




ଆଧାର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ହାଇଦ୍ରାବାଦର ଜଣେ ୪୦ ବର୍ଷୀୟ ରିକ୍ସାଚାଳକଙ୍କୁ ନାଗରିକତ୍ୱ ପ୍ରମାଣ ଦେବାକୁ କହିବାରୁ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଉକ୍ତ ରିକ୍ସାଚାଳକଙ୍କ ଆଧାର କାର୍ଡ ଜାଲ୍ ବୋଲି ଅଭିଯୋଗ ହୋଇଥିଲା। ବାୟୋମେଟ୍ରିକ୍ ଭିତ୍ତିକ ପରିଚୟପତ୍ର ବ୍ୟବସ୍ଥା ଚଳାଉଥିବା ୟୁଆଇଡିଏଆଇର ଉପନିର୍ଦ୍ଦେଶକ ଏବଂ ତଦନ୍ତକାରୀ ଅଧିକାରୀ ଅମିତା ବିନ୍ଦ୍ରୁ ସମ୍ପୃକ୍ତ ବ୍ୟକ୍ତି ମହମ୍ମଦ ସତାର ଖାନ୍‌ଙ୍କୁ ଫେବୃୟାରୀ ୨୦ ତାରିଖ ପୂର୍ବାହ୍ନ ୧୧ରେ ହାଜର ହେବା ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ନାଗରିକ ଭାବେ ପ୍ରମାଣ ଦେବା ପାଇଁ ସମସ୍ତ ଆବଶ୍ୟକ ଦସ୍ତାବିଜର ମୂଳ ନକଲ ଆଣିବାକୁ ତାଙ୍କୁ କୁହାଯାଇଛି। ଯଦି ଆପଣ ଭାରତୀୟ ନାଗରିକ ନୁହନ୍ତି, ତେବେ ଆଇନଗତ ଭାବେ ଭାରତରେ ପ୍ରବେଶ କରିଥିବା ଓ ଏଠାରେ ରହିବା ବୈଧ ବୋଲି ପ୍ରମାଣ ଦେବାକୁ ହେବ। ଆଧାର ନିୟମାବଳୀର ଧାରା ୩୦ ଅନୁଯାୟୀ ମହମ୍ମଦଙ୍କ ପାଖକୁ ପଠାଯାଇଥିବା ନୋଟିସ୍‌ରେ ଏହା ଉଲ୍ଲେଖ ଅଛି। ମହମ୍ମଦ ତଲାବ କଟ୍ଟା ଅଞ୍ଚଳର ଭବାନୀନଗର ବାସିନ୍ଦା। ଫେବୃୟାରୀ ୩ରେ ତାଙ୍କୁ ଉପରୋକ୍ତ ନୋଟିସ ପଠାଯାଇଛି। ଜାଲ୍ କାଗଜପତ୍ର ଦେଇ ମହମ୍ମଦ ଆଧାର କାର୍ଡ ହାତେଇଥିବା ବିନ୍ଦ୍ରୁ କହିଛନ୍ତି। ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ମହମ୍ମଦ ନୋଟିସ ଅନୁଯାୟୀ ହାଜର ନ ହୁଅନ୍ତି କିମ୍ବା ଆବଶ୍ୟକ ଦସ୍ତାବିଜ ଦେଖାଇ ନ ପାରନ୍ତି, ତେବେ ତାଙ୍କ ଆଧାର କାର୍ଡ ରଦ୍ଦ ହୋଇଯିବ ଓ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଧରିତ୍ରୀ DHARITRI

# ରାଜ୍ୟ ବଜେଟ୍ ୨୦୨୦-୨୧





## ରୋଜଗାର ପହଞ୍ଚାଇବାର ଆବଶ୍ୟକତା ପୂରଣ କରାଯାଇନି



ଗ୍ରାମୀଣ ଭିତ୍ତିଭୂମିକୁ ମଜଭୁତ କରି କୃଷି, କୃଷି ପ୍ରକ୍ରିୟାକରଣ, ହସ୍ତ ଓ କୁଟୀର ଶିଳ୍ପ, ବୟନ ଶିଳ୍ପ ତଥା ଗ୍ରାମୀଣ ପର୍ଯ୍ୟଟନର ବିକାଶ ମାଧ୍ୟମରେ ଓଡ଼ିଶାର ଅର୍ଥନୀତିକୁ ମଜଭୁତ କରିବା ଜରୁରୀ। ମାତ୍ର ସାଧାରଣ ଲୋକଙ୍କ ପକେଟକୁ ରୋଜଗାରର ସୁବିଧା ପହଞ୍ଚାଇବା ପାଇଁ ଯେଉଁ ଉଦ୍ୟମ ଓ ଆଭିମୁଖ୍ୟର ଆବଶ୍ୟକତା ରହିଛି ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ୨୦୨୦-୨୧ ମସିହାର ବଜେଟ ଆକଳନରେ ତାହା ଦେଖାଯାଉନାହିଁ। ରାଜ୍ୟର ଗ୍ରାମାଞ୍ଚଳରେ ପୋଖରୀ ପୁନରୁଦ୍ଧାର ଓ ମାଛ ଚାଷ ପାଇଁ ବ୍ୟୟବରାଦ କରିବା ଦ୍ୱାରା ଗ୍ରାମାଞ୍ଚଳରେ ଚାଷୀମାନଙ୍କ ବିକଳ୍ପ ରୋଜଗାର ବୃଦ୍ଧି ପାଇଁ ସହାୟକ ହୋଇପାରେ। ମୋଦି ସରକାରଙ୍କ ପୂର୍ବୋଦୟର ବିକାଶ ପାଇଁ ପ୍ରାଥମିକତା, ଖଣି ନିଲାମୀ ମାମଲାରେ କେନ୍ଦ୍ର ସରକାରଙ୍କ ନୀତି ସୁଧାର କାରଣରୁ ରାଜ୍ୟକୁ ଲାଭ ଓ ଅଧିକ ବ୍ୟୟବରାଦର ପ୍ରତିଫଳନ ରାଜ୍ୟ ବଜେଟରେ ପ୍ରତିଫଳିତ ହୋଇଛି।

– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

## ଚାଷୀଙ୍କ ପ୍ରତି ବଡ଼ ପ୍ରତାରଣା



ଅତ୍ୟନ୍ତ ନୈରାଶ୍ୟଜନକ ବଜେଟ, ଏଥିରେ କିଛି ନୂଆ ଘୋଷଣା ନାହିଁ। ଯେତେବେଳେ ବଜେଟ ଆସେ ସେତେବେଳେ ଲୋକଙ୍କ ଗୋଟିଏ ଉଦ୍‌ବେଗ ଥାଏ ଏଥର ନୂଆ କ'ଣ ଅଛି, ହେଲେ ଚଳିତଥର କିଛି ନୂତନତ୍ୱ ନାହିଁ। ବିଶେଷ ଭାବେ ନିଯୁକ୍ତି ଓ ଆତ୍ମ ନିଯୁକ୍ତି ସୃଷ୍ଟି କରିବା, ନୂଆ ଶିଳ୍ପ ଉଦ୍ୟୋଗୀ ତିଆରି କରିବା, ଜନଜାତି ବର୍ଗର ବିକାଶ, କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଯୋଜନା କ୍ଷେତ୍ରରେ କିଛି ନାହିଁ। କାଳିଆ ଯୋଜନାରେ ଅର୍ଥ କାଟ ହେଉଛି। ଚାଷୀମାନଙ୍କ ପ୍ରତି ଏହି ବଜେଟ ସବୁଠାରୁ ବଡ଼ ପ୍ରତାରଣା। ଯେତିକି ଚାଷୀ କାଳିଆରେ ସାମିଲ ଥିଲେ ଏ ବର୍ଷ ସେଥିରୁ ୨୦ଲକ୍ଷ ବଞ୍ଚିତ ହେବେ। ପ୍ରତିବର୍ଷ ଭଳି ଏଥର ମଧ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ବ୍ୟୟ ବରାଦ କରିନାହାନ୍ତି। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାରଙ୍କ ଠାରୁ ଓଡ଼ିଶାକୁ ମିଳିବାକୁ ଥିବା ୩୯୬୨ କୋଟି ଟଙ୍କାକୁ ଚତୁରତାର ସହିତ ବଜେଟ ଭାଷଣରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ମିଳିବ ବୋଲି କହିଛନ୍ତି।

– ପ୍ରଦୀପ୍ତ କୁମାର ନାଏକ, ବିରୋଧୀ ଦଳ ନେତା

## ଶିକ୍ଷା ବିନା ଉନ୍ନତି ଅସମ୍ଭବ



ବଜେଟ ଅତ୍ୟନ୍ତ ନୈରାଶ୍ୟଜନକ, ଦୁଃଖଦାୟକ ଏବଂ ଜନବିରୋଧୀ ଅଟେ। ଅର୍ଥନୀତିକ, ସାମାଜିକ ବିକାଶ ପାଇଁ ସହାୟକ ନୁହେଁ। ଶିକ୍ଷା ବିନା କୌଣସି ରାଜ୍ୟର ଉନ୍ନତି ସମ୍ଭବ ନୁହେଁ। ଗୁଣାତ୍ମକ ଶିକ୍ଷାର ଏକାନ୍ତ ଆବଶ୍ୟକ ଅଛି। ଅର୍ଥନୀତିକ ବିକାଶ ପାଇଁ ଅଧିକ ଅର୍ଥ ଶିକ୍ଷା ଏବଂ କୃଷି କ୍ଷେତ୍ରରେ ବରାଦ କରିବାର ଥିଲା। ମାତ୍ର ଗତବର୍ଷ ଅପେକ୍ଷା ଏଥର କୃଷି ଏବଂ ଶିକ୍ଷା କ୍ଷେତ୍ରରେ ଅନୁଦାନ ହ୍ରାସ କରାଯାଇଛି। ବାହାରକୁ ଚକ୍‌ଚକ୍ ଦେଖାଇବା ଲାଗି ଏହି ବଜେଟ ଉଦ୍ଦିଷ୍ଟ। ମିଛ ଆଶା ଲୋକମାନଙ୍କ ଆଗରେ ଜାହିର କରାଇବା ପାଇଁ ଏହା କରାଯାଇଛି।

– ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା

## ନୈରାଶ୍ୟଜନକ ବଜେଟ



ରାଜ୍ୟ ସରକାର ଆଣିଥିବା ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ହୋଇଛି। ଗତ ବଜେଟରେ ସରକାର ଯାହା କହିଥିଲେ ସେଥିରୁ କୌଣସି ପ୍ରତିଶ୍ରୁତି ପୂରଣ କରିନାହାନ୍ତି। କୃଷି କ୍ଷେତ୍ର ପାଇଁ ମଧ୍ୟ ସେମିତି କିଛି କରିନାହାନ୍ତି। କାଳିଆ ଯୋଜନାରେ ଅନୁଦାନ ପୂର୍ବାପେକ୍ଷା ହ୍ରାସ କରାଯାଇଛି। କେଉଁଆଡୁ ମଧ୍ୟ ବଜେଟ ଠିକ୍ ହୋଇଥିବା ଲାଗୁନାହିଁ। ସରକାର ଏବର୍ଷ ୨୫ହଜାର କୋଟି ଟଙ୍କା ଋଣ କରିବେ ବୋଲି କହୁଛନ୍ତି। ସରକାରଙ୍କ ଏହା ଏକ ନୈରାଶ୍ୟଜନକ ବଜେଟ ଅଟେ।

– ନିରଞ୍ଜନ ପଟ୍ଟନାୟକ, ସଭାପତି, ପ୍ରଦେଶ କଂଗ୍ରେସ କମିଟି

## ବଜେଟକୁ ଜନକୈନ୍ଦ୍ରିକ କରିବାକୁ ଚେଷ୍ଟା କରାଯାଇଛି



ସାମାଜିକ କ୍ଷେତ୍ରରେ ସରକାରଙ୍କ ଯୋଜନାକୁ ଅବ୍ୟାହତ ରଖାଯାଇଛି। ବଜେଟର ଋଣ ଭାରକୁ ଏଫଆରବିଏମ୍ ଆକ୍ଟ ୨୦୦୫ର ଶୃଙ୍ଖଳା ଭିତରେ ମଧ୍ୟ ରଖାଯାଇଛି। ସାମଗ୍ରିକଭାବେ ବଜେଟକୁ ନୂଆ ଦିଶା ଦିଆଯାଇଛି, ନ୍ୟୁଟ୍ରେଶନ କ୍ଷେତ୍ରରେ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଧର୍ମସ୍ଥଳୀଗୁଡ଼ିକୁ ଗୁରୁତ୍ୱ ମିଳିଛି। ଅଭିବୃଦ୍ଧି ହାର ଜାତୀୟ ଏବଂ ରାଜ୍ୟ ସ୍ତରରେ ଖସିବାର ଆଶଙ୍କା ରହିଥିଲେ ମଧ୍ୟ ଜାତୀୟସ୍ତରଠାରୁ ରାଜ୍ୟର ଅଧିକ ରହିଛି। ବଜେଟକୁ ଜନକୈନ୍ଦ୍ରିକ କରିବା ଲାଗି ଚେଷ୍ଟା କରାଯାଇଛି।

– ଶଶିଭୂଷଣ ବେହେରା, ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ

## ବେକାରଙ୍କୁ ନିରାଶ କରିଛି



ହାରାହାରି ବେକାରି ୭.୧ପ୍ରତିଶତରେ ପହଞ୍ଚିଛି ଯାହା ଜାତୀୟ ହାରଠାରୁ ଅଧିକ। ଏଭଳି ସ୍ଥିତିରେ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ପାଇଁ ଅର୍ଥମନ୍ତ୍ରୀ ସେମିତି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏହାଦ୍ୱାରା ରେଜିଷ୍ଟ୍ରିଭୁକ୍ତ ୧୬ଲକ୍ଷ ବେକାର ଯୁବତୀ, ଯୁବକଙ୍କୁ ନିରାଶ କରିଛି। ସେହିପରି ଅନୁସୂଚିତ ଜାତି, ଜନଜାତି ବର୍ଗଙ୍କ ପାଇଁ ବଜେଟରେ ୨୩ହଜାର କୋଟି ଟଙ୍କାର ବ୍ୟବରାଦ କରାଯାଇଛି। ମାତ୍ର ପଛୁଆବର୍ଗଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯାଇ ନାହିଁ। ନିଷ୍କ୍ରିୟ ହୋଇପଡ଼ିଥିବା ପଛୁଆ ବର୍ଗ ଅର୍ଥ ଆୟୋଗକୁ ସକ୍ରିୟ କରି ଏହି ଜାତିର ବେକାର ଯୁବତୀ,ଯୁବକଙ୍କୁ ଆତ୍ମନିଯୁକ୍ତି ଋଣ ଦେବା ପାଇଁ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ।

– ରବି ବେହେରା, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି

## ବଜେଟ କାର୍ଯ୍ୟକାରୀକୁ ଅପେକ୍ଷା



ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓଡ଼ିଶାର ଏକ ବଡ଼ ସମସ୍ୟା। ମାତ୍ର ସେନେଇ ବଜେଟରେ କିଛି ନାହିଁ। ଚଳିତ ବର୍ଷ ଦେଢ଼ ଲକ୍ଷ ଜମିକୁ ଜଳସେଚନ କରିବେ ବୋଲି କହିଛନ୍ତି। ମାତ୍ର କେମିତି କ'ଣ କରିବେ ସେନେଇ କିଛି କହିନାହାନ୍ତି, ଏହା ସେମାନଙ୍କର ଏକ ଧୂଆଁବାଣ। ଦରବୃଦ୍ଧି ରୋକିବା ପାଇଁ କିଛି ବ୍ୟବସ୍ଥା କରାଯାଇନାହିଁ। ଯଦି ସରକାର ସୁଲଭ କେନ୍ଦ୍ର ଖୋଲି ଲୋକମାନଙ୍କୁ ରିହାତି ଦରରେ ସମସ୍ତ ଜିନିଷ ଯୋଗାଇ ପାରିଥାଆନ୍ତେ ତେବେ ଭଲ ହୋଇଥାଆନ୍ତା। ହେଲେ ସରକାର ସବୁକିଛି କର୍ପୋରେଟ ହାତରେ ଛାଡ଼ି ଦେଉଛନ୍ତି। ଯେଉଁ ବଜେଟ ସରକାର ଆଣିଛନ୍ତି ତାକୁ କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବା ଆବଶ୍ୟକ।

– ଜନାର୍ଦ୍ଦନ ପତି, ସିପିଆଇ(ଏମ୍)

## ପ୍ରତି ପଞ୍ଚାୟତକୁ ଡିଜିଟାଲ କନେକ୍ଟିଭିଟି



ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାର ବିକାଶ ରାଜ୍ୟ ସରକାରଙ୍କ ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ବିଭାଗର ବ୍ୟୟ ଅଟକଳକୁ ୨୦୨୦-୨୧ରେ ଦୁଇଗୁଣା କରାଯାଇ ୨୩୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଡିଜିଟାଲ କନେକ୍ଟିଭିଟି ଯୋଗାଇ ଦେବା ନିମନ୍ତେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକ ଯେପରି ଡିଜିଟାଲ କ୍ଷେତ୍ରରେ ବିକଶିତ ହୋଇପାରିବ ତାହା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିବ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିର ବିକାଶ ଏବଂ ସଂଯୋଗୀକରଣ ଲାଗି ୧୧୨ କୋଟି ଟଙ୍କା ଏବଂ ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ)ର ନୂତନ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୬ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଏହାବ୍ୟତୀତ ୫୯ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରଠାରେ ଏକ ଇନୋଭେଶନ ଟାୱାର ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଲାଗି ୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଏହାକୁ ୪୨% ବୃଦ୍ଧି କରି ୧୦୦ କୋଟି ଟଙ୍କା କରାଯାଇଛି। ଏଥିମଧ୍ୟରୁ ସରକାରୀ କୋଠାର ଛାତ ଉପରେ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ଏବଂ ସୌରଶକ୍ତି ବ୍ୟବହାର ମାଧ୍ୟମରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ଲାନେଟୋରିୟମ୍ ଏବଂ ସଂଗ୍ରହାଳୟର ଉନ୍ନୟନ ଲାଗି ଚଳିତ ଆର୍ଥିକ ବର୍ଷରେ ୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ମହିଳା ସଶକ୍ତୀକରଣ

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମମତା ଯୋଜନାରେ ୩୦୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସପ୍ଲିମେଣ୍ଟାରି ନ୍ୟୁଟ୍ରିଶନ ପ୍ରୋଗ୍ରାମ ଅଧୀନରେ ୧,୧୬୧ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। 'ମିଶନ ଶକ୍ତି' ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ସେମାନଙ୍କ ସଂଘର ସହାୟତା ଲାଗି ୩୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟରତ ମହିଳାମାନଙ୍କ ହଷ୍ଟେଲ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।




## ଖାଦ୍ୟ ନିରାପତ୍ତା



ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ ୨୩ ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ମାସିକ ୫ କେ.ଜି. ଚାଉଳ ରିହାତି ଦରରେ କେ.ଜି ପିଛା ୧ ଟଙ୍କା ମୂଲ୍ୟରେ ଯୋଗାଇଦିଆଯାଉଛି। ଏଥିନିମନ୍ତେ ମୋଟ ୧୦୩୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା (ଏନ୍‌ଏଫ୍‌ଏସ୍‌ଏସ୍) ପାଇଁ ୨୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ସୁଲଭ ମୂଲ୍ୟ ଦୋକାନଗୁଡ଼ିକର ଡିଲର ଲାଭାଂଶ ବାବଦକୁ ଓ ପରିବହନ ଖର୍ଚ୍ଚ ପାଇଁ ୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଲାଗି ୬୩୧ କୋଟି ଟଙ୍କାର ଅଂଶଦାନ ପ୍ରଦାନ କରାଯିବ।

## ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ



ଅନୁସୂଚିତ ଜାତି ଓ ଜନଜାତିର ଉପ-ଉପାଦାନ ଅଧୀନରେ ମୋଟ ୨୩୮୦୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆକାଂକ୍ଷା ଯୋଜନା ଅଧୀନରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ସହରାଞ୍ଚଳରେ ଛାତ୍ରୀନିବାସ ନିର୍ମାଣ ପାଇଁ ୨୭୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ବୃତ୍ତି ବାବଦରେ ୯୩୬ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୧୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଭିନ୍ନ ସାମାଜିକ କ୍ଷେତ୍ରର ଉନ୍ନୟନ ପଦକ୍ଷେପ ଓ 'ଅନ୍ୱେଷା' ପାଇଁ ୧୦୩ କୋଟି ଟଙ୍କା ଖର୍ଚ୍ଚ ହେବ।

## ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟସେବା



### ୭ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୫୬୨ କୋଟି

ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଲାଗି ମୋଟ ୭ ହଜାର ୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ବିଗତ ବର୍ଷ ତୁଳନାରେ ୧୪% ଅଧିକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧,୧୦୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ' ପାଇଁ ୫୭୮ କୋଟି, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଲାଗି ୧୬୫୨ କୋଟି ଏବଂ ନିର୍ମଳ ଯୋଜନା ପାଇଁ ୩୬୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି କଟକସ୍ଥିତ ଏସ୍‌ସିବି ମେଡିକାଲକୁ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନରେ ପରିଣତ କରିବା ପାଇଁ ଆଗାମୀ ୨ ବର୍ଷ ମଧ୍ୟରେ ୧,୦୦୦ କୋଟି ଟଙ୍କାର ନିବେଶ ଲକ୍ଷ୍ୟ ରହିଛି। ଏନ୍‌ଟିପିସି ସହାୟତାରେ ପୁରୀ, ଯାଜପୁର, କେନ୍ଦୁଝର, ଭବାନୀପାଟଣା, ସୁନ୍ଦରଗଡ଼ ଏବଂ ଏମ୍‌ସିଏଲ୍ ସହାୟତାରେ ତାଳଚେର ଓ କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୫୬୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭୁବନେଶ୍ୱର ଓ ଅନୁଗୋଳସ୍ଥିତ ଇଏସ୍‌ଆଇ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୨୦ ଚିକିତ୍ସକ ଓ ସରକାରୀ ସ୍ୱାସ୍ଥ୍ୟକର୍ମୀ ପଦବୀ ସୃଷ୍ଟି ଏବଂ ରାଜ୍ୟ କର୍ମଚାରୀ ବୀମା ଯୋଜନା (ଇଏସ୍‌ଆଇ) ଲାଗି ୪୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

### ଶିକ୍ଷା ଓ ଦକ୍ଷତା ବିକାଶ: ଖର୍ଚ୍ଚ ହେବ ୨୨, ୬୩୧ କୋଟି

ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ ୨୨,୬୩୧ କୋଟିଟଙ୍କାବ୍ୟୟବରାଦକରାଯାଇଛି। ସମଗ୍ର ଶିକ୍ଷା ଅଭିଯାନ ଓ ମଧ୍ୟାହ୍ନଭୋଜନ ପାଇଁ ଯଥାକ୍ରମେ ୩୧୫୭ କୋଟି ଓ ୮୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହାର ୪୦% ହେଉଛି ରାଜ୍ୟ ଅଂଶ। 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' ଯୋଜନା ଅଧୀନରେ ବିଦ୍ୟାଳୟ ସ୍ଥାପନ ଓ ପରିଚାଳନା ପାଇଁ ୪୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୧୦ ହଜାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲକୁ ଏଲ୍‌ପିଜି ସଂଯୋଗ ନିମନ୍ତେ ୮ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। 'ମୋ ସ୍କୁଲ' ଅଭିଯାନ ପାଇଁ ୪୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଏହି ଯୋଜନାରେ ସରକାର ଲୋକଙ୍କ ଦ୍ୱାରା ପ୍ରଦତ୍ତ ରାଶିର ୨ଗୁଣ ପ୍ରଦାନ କରି ବିଜ୍ଞାନାଗାର, ପାଠାଗାର ଓ କ୍ରୀଡ଼ାର ବିକାଶ କରିବେ। 'ମୋ କଲେଜ' ଅଧୀନରେ କର୍ପସ ପାଣ୍ଠି ଲାଗି ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି 'ଗଙ୍ଗାଧର ମେହେର ମାନକ ଶିକ୍ଷା ବୃଦ୍ଧି ଯୋଜନା' (ଜିଏମ୍‌ଏସ୍‌ଏମ୍‌ୱାଇ) ପାଇଁ ୨୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥିରେ ବିଭିନ୍ନ ଶ୍ରେଣୀର ପିଲାଙ୍କୁ ମାଗଣାରେ ସ୍କୁଲ ବ୍ୟାଗ, ପାଠ୍ୟପୁସ୍ତକ, ଜୋତା, ପୋଷାକ, ସାଇକେଲ ଆଦି ଦିଆଯିବା ବ୍ୟବସ୍ଥା ହେବ। ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ବୃତ୍ତି ଆକାରରେ ୧୪୨୫ କୋଟି ଟଙ୍କା ଦିଆଯିବ। ଓଡ଼ିଶା ହାୟର ଏଜୁକେଶନ ପ୍ରୋଗ୍ରାମ୍ ଫର୍ ଏକ୍ସିଲେନ୍ସ ଆଣ୍ଡ ଇକ୍ୟୁଟି (ଓଏଚ୍‌ଇପିଇଇ) ପାଇଁ ୧୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ପାଇଁ ୨୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଅଧୀନରେ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୨୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ପଲିଟେକ୍ନିକ୍ ଏବଂ ଆଇଟିଆଇଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ୧୯୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



### ପାନୀୟ ଜଳ ପାଇଁ ୮ ହଜାର କୋଟି

ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ମୋଟ ୮ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି। ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ଜଳଯୋଗାଣ ପାଇଁ ୩୨୫୦ କୋଟି ଓ ସହରାଞ୍ଚଳ ପାଇଁ ୨୩୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଜଳ ଜୀବନ ମିଶନ ପାଇଁ ୨ ହଜାର କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଥିବାବେଳ ଜଳଯୋଗାଣ ବ୍ୟବସ୍ଥାର କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ପାଇଁ ୫୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ବଜେଟ ବହିର୍ଭୂତ ସମ୍ବଳ ଯଥା- ଜିଲା ଖଣିଜ ସମ୍ପଦ ପାଣ୍ଠି ଓ ଓଡ଼ିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ ଦ୍ୱାରା ପ୍ରଦତ୍ତ ଯଥାକ୍ରମେ ୧୫୩୮ କୋଟି ଓ ୯୯୧ କୋଟି ଟଙ୍କା ଅନୁଦାନକୁ ଏକତ୍ର କରି ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଭୁବନେଶ୍ୱର ଓ ପୁରୀରେ ୯ଟି ପାଇଲଟ ପ୍ରକଳ୍ପ ପାଇଁ ୫୬୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।

**ଭୁବନେଶ୍ୱର ଓ ପୁରୀରେ ୯ଟି ପାଇଲଟ ପ୍ରକଳ୍ପ ପାଇଁ ୫୬୦ କୋଟି**





## ଦୁଇଗୁଣା ହେଲା ପର୍ଯ୍ୟଟନ ବ୍ୟୟବରାଦ

- ପ୍ରତିବର୍ଷ ହେବ 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'
- କୀର୍ତ୍ତିରାଜିର ଉନ୍ନତି ପାଇଁ ହେବ ନୂଆ ଯୋଜନା
- ଇକୋ-ଟୁରିଜମ୍ ଲାଗି ୨୫ କୋଟି

୨୦୨୦-୨୧ ରାଜ୍ୟ ବଜେଟରେ ପର୍ଯ୍ୟଟନ ଉନ୍ନୟନକୁ ପ୍ରାଥମିକତା ଦିଆଯାଇଛି। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରି ଓଡ଼ିଶାକୁ ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଦେବାକୁ ଏହି ବିଭାଗରେ ବ୍ୟୟବରାଦ ଦୁଇଗୁଣା ବୃଦ୍ଧି କରାଯାଇଛି। ଏଥର ୪୦୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ବିଗତବର୍ଷ ମାତ୍ର ୧୯୪ କୋଟି ଥିଲା। ବରାଦ ହୋଇଥିବା ଅର୍ଥରୁ ପ୍ରାୟ ଅଧା ପାଣ୍ଠି ବିଶ୍ୱସ୍ତରୀୟ ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟି ଓ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି।

କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଏଣିକି ପ୍ରତିବର୍ଷ 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍' କରିବାକୁ ସ୍ଥିର ହୋଇଛି। ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ୍, ଭିତରକନିକା, ତାଳସରି ସମେତ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ପୁରାତନ କୀର୍ତ୍ତିରାଜିର ଉନ୍ନତି ପାଇଁ ଏକ ନୂତନ ଯୋଜନା କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ପୂର୍ତ୍ତ ବିଭାଗ ଅଧୀନରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିଭଳି ପୁରୀ ଶାମୁକା ପ୍ରକଳ୍ପ ଲାଗି ମୋଟ ୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଇକୋ ଟୁରିଜମ୍ ତଥା ପରିବେଶ ପର୍ଯ୍ୟଟନସ୍ଥଳୀର ଚିହ୍ନଟ ଏବଂ ତାହାର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ୨୦୨୦-୨୧ ବର୍ଷରେ ମୋଟ ୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ଅବଢ଼ା, ଏକାମ୍ର ଯୋଜନାକୁ ୮୪୫ କୋଟି

୨୦୨୦-୨୧ ବଜେଟରେ ପୁରୀ ଏବଂ ଭୁବନେଶ୍ୱରର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବାକୁ ଅବଢ଼ା ଯୋଜନା ଏବଂ ଭୁବନେଶ୍ୱର ପାଇଁ ଏକାମ୍ର ଯୋଜନାରେ ସର୍ବାଧିକ ପୁଞ୍ଜି ବିନିଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀରେ ବିଭିନ୍ନ ପ୍ରକଳ୍ପ ତଥା ଶ୍ରୀ ସେତୁ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ବହୁତଳ ବିଶିଷ୍ଟ କାର୍ ରହିବା ସ୍ଥାନ(ମଲ୍ଟି-ଷ୍ଟୋରିଏଡ କାର୍ ପାର୍କିଂ), ନଗରପାଳିକା ବଜାରର ପୁନଃ ଉନ୍ନତୀକରଣ, ସମୁଦ୍ର ବେଳାଭୂମିରେ ଭେଣ୍ଡିଂ ଜୋନ୍ ସ୍ଥାପନ, ସ୍ୱର୍ଗଦ୍ୱାରର ଉନ୍ନତୀକରଣ ପାଇଁ ଯୋଜନା ହୋଇଛି। ଏଥିପାଇଁ ସ୍ୱତନ୍ତ୍ର 'ଅବଢ଼ା ଯୋଜନା' କରାଯାଇଥିବା ବେଳେ ଏହା ଅଧୀନରେ ମୋଟ ୩,୨୦୮ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ତେବେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଯୋଜନାରେ ୬୯୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ଭୁବନେଶ୍ୱର ଏକାମ୍ର ଯୋଜନା ଲାଗି ୭୦୦ କୋଟି ବ୍ୟୟବରାଦ କରାଯାଇଛି। ୨୦୨୦-୨୧ରେ ଏଥିରୁ ୧୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି।

#### କଟକ ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ




ଐତିହ୍ୟ ସହର କଟକ ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବାବେଳେ ସହରରେ ପ୍ରଶସ୍ତ ରାସ୍ତା ନିର୍ମାଣ, ଆନୁଷଙ୍ଗିକ ସୁବିଧା ଉପଲବ୍ଧ, ପାର୍କ, ଆଧୁନିକ ନଗରାଞ୍ଚଳ ଭିତ୍ତିଭୂମି ବିକାଶ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ସବୁଜ ବଳୟ ସୃଷ୍ଟି ଭଳି ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ସ୍ଥିର ହୋଇଛି। ମହାନଦୀ କୂଳରେ ଥିବା ୪୨୪ ଏକର ଜମିକୁ ବ୍ୟବହାରଯୋଗ୍ୟ କରିବାକୁ ପ୍ରସ୍ତାବ ରହିଥିବାବେଳେ ରିଙ୍ଗ୍ ରୋଡ୍‌କୁ ୬ ଲେନ୍ ବିଶିଷ୍ଟ କରିବାକୁ ଯୋଜନା ହୋଇଛି।

## ପ୍ରତିଷ୍ଠା ହେବ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ବିକାଶ ଲାଗି ୨୦୨୦-୨୧ ଆର୍ଥିକ ବର୍ଷରେ ୧୬୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ତେବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିମନ୍ତେ ସର୍ବାଧିକ ୫୧ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ସେହିଭଳି ପୁରାତନ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ, ସଂରକ୍ଷଣ ଓ ସୁରକ୍ଷାକୁ ଚଳିତ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଐତିହ୍ୟର ସଂରକ୍ଷଣ ପାଇଁ ପୂର୍ବରୁ ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ରହିଥିବାବେଳେ ବର୍ତ୍ତମାନ ପେସାଗତଭାବେ ଏହି ସଂରକ୍ଷଣ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ଏଥିଲାଗି ଏକ ନୂତନ 'ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ (ଡାଇରେକ୍ଟୋରେଟ୍ ଅଫ୍ ଆର୍କିଓଲୋଜି) ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି। ଏହା ଅଧୀନରେ ରାଜ୍ୟର ଶତାଧିକ ପୁରାତନ କୀର୍ତ୍ତିରାଜି ଏବଂ ଐତିହ୍ୟସ୍ଥଳୀର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ।

## ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ



ରାଜ୍ୟ ସରକାର ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ବିଭିନ୍ନ ପ୍ରକଳ୍ପ ଲାଗି ଅର୍ଥର ବ୍ୟବସ୍ଥା କରିଛନ୍ତି। ପିଏମ୍‌କେଏସ୍‌ୱାଇ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ଏଆଇବିପି ପ୍ରକଳ୍ପ ପାଇଁ ୧୮୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତ ପ୍ରଖର ନଦୀରେ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ସ ନିର୍ମାଣ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିଲାଗି ଏହି ବର୍ଷ ବଜେଟରେ ୧,୦୯୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍‌ଆଇଡିପି) ଅଧୀନରେ ଚାଲୁଥିବା ଏବଂ ନୂଆ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୯୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟ ପାଇଁ ୧,୦୬୦ କୋଟି, ବିଜୁ କୃଷକ ବିକାଶ ଯୋଜନା ଅଧୀନ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ୩୬୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ୧୨୦୦ ଅଚଳ ଉଠାଜଳସେଚନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଲାଗି ୧୯୩ କୋଟି ଓ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ଯୋଜନା ପାଇଁ ୫୪୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ୨୭ ପୌରାଞ୍ଚଳ ନିକାୟ ସଂସ୍ଥା ଏବଂ ୪୯ ଜଳ ଅଭାବଗ୍ରସ୍ତ ବ୍ଲକରେ ଛାତ ଉପରେ ବର୍ଷାଜଳ ଅମଳ ଓ ଭୂତଳ ଜଳ ସଂରକ୍ଷଣ ପାଇଁ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆର୍‌ଆଇଡିଏଫ୍ ଅଧୀନରେ ଜଳନିଧି ଯୋଜନାରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ପାଇଁ ୧୮୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ୧୫ ହଜାର ଗଭୀର ନଳକୂପ ଖନନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ୪୫୯ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଜଳ ସଞ୍ଚାଳନ କ୍ଷତିକୁ ହ୍ରାସ କରିବା ପାଇଁ କେନାଲ ଲାଇନିଂ ସିଷ୍ଟମ୍ ରିହାବିଲିଟେଶନ୍ ପ୍ରୋଗ୍ରାମ (ସିଏଲ୍‌ଏସ୍‌ଆର୍‌ପି) ଯୋଜନାରେ ୧୯୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୫୩୮ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ୧୫୦ କୋଟି ଏବଂ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ ୯୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ଶିଳ୍ପ ବିକାଶ ଲାଗି ନିବେଶ ହେବ ୫୭୫ କୋଟି



ଶିଳ୍ପ କ୍ଷେତ୍ରରେ ଉନ୍ନୟନ ଓ ପୁଞ୍ଜିନିବେଶକୁ ଆକର୍ଷିତ କରିବା ପାଇଁ ୫୭୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଇଜି ଅଫ୍ ଡୁଇଙ୍ଗ୍ ବିଜନେସର ଅଂଶସ୍ୱରୂପ ଗୋ-ସ୍ୱିଫ୍ଟ, ଗୋ-ସ୍ମାଇଲ୍, ଗୋ-ପ୍ଲସ୍, ଗୋ-କେୟାର ଆଦି ପୋର୍ଟାଲର ବ୍ୟବହାର କରାଯିବ। ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ଇଡ୍‌କୋକୁ ୨୮୪ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ହସ୍ତତନ୍ତ, ହସ୍ତକଳା, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ର ଲାଗି ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଖଣିଜ କ୍ଷେତ୍ର ପାଇଁ ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ସାମାଜିକ ନିରାପତ୍ତା: ବ୍ୟୟବରାଦ ୩୦୨୪ କୋଟି

ସାମାଜିକ ନିରାପତ୍ତା ଲାଗି ମୋଟ ୩୦୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୧୭୧୮ କୋଟି ଓ ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ୮୦ ବର୍ଷରୁ କମ୍ ବୟସର ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରତିମାସ ୫୦୦ ଟଙ୍କା ହିସାବରେ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ମାସିକ ୭୦୦ ଟଙ୍କା ହିସାବରେ ୪୮ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ବାବଦରେ ୯୨୮ କୋଟି ଟଙ୍କା ଦିଆଯିବ। ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ପାଇଁ ୧୬୪ କୋଟି ଟଙ୍କା, ଜାତୀୟ ଦିବ୍ୟାଙ୍ଗ ଯୋଜନା ଅଧୀନରେ ୧୪ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଦୁଃସ୍ଥ ଓ ପରିତ୍ୟକ୍ତ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏଥିରୁ ୧୬୪ କୋଟି ଟଙ୍କା ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ଖର୍ଚ୍ଚ ହେବ। ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ ୨୫ କୋଟି ଟଙ୍କାର ପ୍ରସ୍ତାବ ରହିଛି।



**ଗ୍ରାମୀଣ ଓଡ଼ିଶା ରୂପାନ୍ତରଣ**

## ବିଜୁ ସେତୁ ଯୋଜନାରେ ଖର୍ଚ୍ଚ ହେବ ୧୦୦୦ କୋଟି

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାର ସଂଯୋଜନ ମାଧ୍ୟମରେ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ୩୯୬୨ କୋଟିଟଙ୍କାର ବ୍ୟୟବରାଦ ହୋଇଛି। ସଡ଼କ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଆର୍‌ଆଇଡିଏଫ୍ ଅଧୀନରେ ବିଜୁ ସେତୁ ଯୋଜନା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ବିଚ୍ଛିନ୍ନ ଗ୍ରାମଗୁଡ଼ିକୁ ସଂଯୋଗ କରିବା ପାଇଁ ୭୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରାମ୍ୟ ସଡ଼କ ଓ ସେତୁଗୁଡ଼ିକର ଉନ୍ନତୀକରଣ ସମ୍ପୂର୍ଣ୍ଣ କରିବା ଲାଗି ୩୭୫ କୋଟି ଖର୍ଚ୍ଚ ହେବ। ସେହିପରି ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମାଞ୍ଚଳ ଉପାଦାନ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବିଜୁଳି, ସଡ଼କ ଓ ପାଣି ଯୋଗାଇଦେବା ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୫୮୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍‌ବାନ ମିଶନ ଅଧୀନରେ ୮୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

**ସହରାଞ୍ଚଳ ରୂପାନ୍ତରୀକରଣ**

## ଭୁବନେଶ୍ୱର, ରାଉରକେଲା ସ୍ମାର୍ଟ ସିଟିର ଉନ୍ନତି ପାଇଁ ୨୦୦ କୋଟି

ଓଡ଼ିଶାର ସହରାଞ୍ଚଳ ଉନ୍ନତି ପାଇଁ ୬,୧୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରୁ ଭିତ୍ତିଭୂମି ବିକାଶ ପାଇଁ 'ଉନ୍ନତି' ଯୋଜନାରେ ୩୫୧ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ 'ବସୁଧା' ଯୋଜନାରେ ଜଳଯୋଗାଣ ପାଇଁ ୨୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜାଇକା ସହାୟତାରେ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ପାଇଁ ୩୦୦ କୋଟି ଏବଂ ଭୁବନେଶ୍ୱର-କଟକରେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ଲାଗି ୧୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସଡ଼କ ପରିବହନ ପାଇଁ ୨୦୦ କୋଟି ଖର୍ଚ୍ଚ କରାଯିବ, ଯେଉଁଥିରେ ଭୁବନେଶ୍ୱରରେ ବସ୍ ପରିବହନ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଅନୁରୂପ ଭାବେ ସହରାଞ୍ଚଳ ଗୃହ ନିର୍ମାଣ ପାଇଁ ୫୧୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ସ୍ୱଚ୍ଛ ଭାରତ ମିଶନର ସହରାଞ୍ଚଳ ଉପାଦାନ ଲାଗି ୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜାତୀୟ ସହରାଞ୍ଚଳ ଜୀବିକା ମିଶନ ପାଇଁ ୫୫ କୋଟି ଟଙ୍କା ଖର୍ଚ୍ଚ ହେବ। ଭୁବନେଶ୍ୱର, ରାଉରକେଲା ସ୍ମାର୍ଟ ସିଟିର ଉନ୍ନତି ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଜାଗା ମିଶନ ଅଧୀନରେ ୨୯୧୯ ବସ୍ତିକୁ ବସବାସ ଉପଯୋଗୀ କରିବା ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## କ୍ରୀଡ଼ା, ଯୁବସେବା: ୩୦୧କୋଟି

ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଥିବାବେଳେ କ୍ରୀଡ଼ାକ୍ଷେତ୍ରର ବିକାଶକୁ ୨୦୨୦-୨୧ ବଜେଟରେ ପ୍ରାଥମିକତା ଦିଆଯାଇଛି। 'କ୍ରୀଡାକ୍ଷେତ୍ରରେ ବିନିଯୋଗ ଅର୍ଥାତ୍ ଯୁବଶକ୍ତିରେ ବିନିଯୋଗ ଏବଂ ଯୁବଶକ୍ତିରେ ବିନିଯୋଗ ଅର୍ଥ ଭବିଷ୍ୟତ ପାଇଁ ବିନିଯୋଗ'ର ପ୍ରତିଫଳନ ଏହି ବଜେଟରେ ଦେଖିବାକୁ ମିଳିଛି। କ୍ରୀଡ଼ା ଓ ଯୁବସେବା ପାଇଁ ମୋଟ ୩୦୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ କ୍ରୀଡ଼ା ଭିତ୍ତିଭୂମି ବିକାଶ ଲାଗି ୧୪୦ କୋଟି ଟଙ୍କା ଏବଂ କ୍ରୀଡ଼ା ଶିକ୍ଷା ପାଇଁ ୯୧ କୋଟି ଟଙ୍କା ବ୍ୟୟବରାଦ ରହିଛି। ବେଲ୍‌ଜିୟମ୍, ଅଷ୍ଟ୍ରେଲିଆ, ସିଙ୍ଗାପୁର ଭଳି ଶକ୍ତିଶାଳୀ ରାଷ୍ଟ୍ରକୁ ପଛରେ ପକାଇ ଓଡ଼ିଶା କ୍ରମାଗତ ଦ୍ୱିତୀୟ ଥର ଲାଗି ହକି ବିଶ୍ୱକପ୍ ଆୟୋଜନ କରିବାକୁ ମନୋନୀତ ହୋଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରିବା ସହିତ ଦୌଡ଼କୁଦ, ବନ୍ଧୁକଚାଳନା, ଭାରୋତ୍ତୋଳନ, ହକି, ବ୍ୟାଡ୍‌ମିଣ୍ଟନ ଭଳି ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ହାଇ ପର୍ଫର୍ମାନ୍ସ ସେଣ୍ଟର ସ୍ଥାପନ କରାଯାଇଥିବା ବେଳେ ଆଗକୁ ଏ କ୍ଷେତ୍ରରେ ଅଧିକ ବିକାଶ ଲକ୍ଷ୍ୟ ରଖାଯାଇଛି।

## ବିପର୍ଯ୍ୟୟ ପରିଚାଳନା: ୩୨୦୦ କୋଟି

ବିପର୍ଯ୍ୟୟ ପରିଚାଳନା ପାଇଁ ଚଳିତ ବଜେଟରେ ୩୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି(ଏସ୍‌ଡିଆର୍‌ଏଫ୍) ପାଇଁ ୧୭୧୧ କୋଟି, ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠି(ଏନ୍‌ଡିଆର୍‌ଏଫ୍) ପାଇଁ ୧୦୦୦ କୋଟି, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଏମ୍‌ଏଫ୍) ପାଇଁ ୪୨୮ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଏମ୍‌ଏଫ୍) ଲାଗି ୪୩ କୋଟି ଟଙ୍କା ଖର୍ଚ୍ଚବରାଦ ରହିଛି। ଏହାବ୍ୟତୀତ ବିଶ୍ୱ ବ୍ୟାଙ୍କ ଓଡ଼ିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ(ଓଡିଆର୍‌ପି) ଲାଗି ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଜଙ୍ଗଲ ପରିସୀମା ବୃଦ୍ଧି: ୧୯୬୦କୋଟି

ଜଙ୍ଗଲ ପରିସୀମା ବୃଦ୍ଧି କରିବାକୁ ୨୦୨୦-୨୧ ବଜେଟରେ ଗୁରୁତ୍ୱ ଦିଆଯାଇ ୧୯୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ୯୦୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥର ଏହାକୁ ଦୁଇଗୁଣାରୁ ଅଧିକ ବୃଦ୍ଧି କରାଯାଇଛି। କାମ୍ପା ଫଣ୍ଡରୁ ୮୫୦ କୋଟି ଟଙ୍କା ରାଜ୍ୟର ସବୁଜ ବଳୟ ବୃଦ୍ଧି ଯୋଜନାରେ ବନୀକରଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ୩୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିଭଳି ଜାଇକା ସାହାଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ୨୧୭ କୋଟି ଟଙ୍କା, ବନ୍ୟଜନ୍ତୁ ସୁରକ୍ଷା କାର୍ଯ୍ୟରେ ୨୫ କୋଟି ଟଙ୍କା ଏବଂ 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିଭଳି 'ଗ୍ରୀନ ମହାନଦୀ ମିଶନ' ପାଇଁ ୩୧ କୋଟି ଟଙ୍କା ଖର୍ଚ୍ଚବରାଦ ରହିଛି।

## ବିଭାଗ ୱାରି ବଣ୍ଟନ

| | କୋଟିରେ |
|---|---|
| ଗୃହ ବିଭାଗ | ୫,୫୦୭.୩୮ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୨୨.୬୦ |
| ରାଜସ୍ୱ ବିପର୍ଯ୍ୟୟ ପରିଚାଳନା | ୧୩୩୫.୩୪ |
| ଆଇନ | ୪୬୬.୧୬ |
| ଅର୍ଥ | ୩୫୧୪୧.୮୦ |
| ବାଣିଜ୍ୟ | ୯୧.୨୮ |
| ପୂର୍ତ୍ତ | ୬୦୦୦.୧୬ |
| ବିଧାନସଭା | ୧୨୧.୦୩ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୮୯୬.୭୮ |
| ବିଦ୍ୟାଳୟ ଓ ଗଣ ଶିକ୍ଷା | ୧୭୪୫୮.୪୨ |
| ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | ୩୮୦୮.୩୬ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୭୬୨୯.୮୪ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୬୧୭୯.୬୫ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୨୦୬.୧୭ |
| କ୍ରୀଡ଼ା ଓ ଯୁବସେବା | ୩୦୧.୦୪ |
| ଯୋଜନା ଓ ସଂଯୋଜନା | ୧୧୮୧.୨୩ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୧୭,୬୦୫.୮୫ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ | ୨.୧୮ |
| ଶିଳ୍ପ | ୫୫୦ |
| ଜଳ ସମ୍ପଦ | ୯୩୭୪.୪୬ |
| ପରିବହନ | ୮୪୪.୫୬ |
| ଜଙ୍ଗଲ ଓ ପରିବେଶ | ୧୧୩୪.୫୭ |
| କୃଷି ଓ କୃଷକ ସଶକ୍ତୀକରଣ | ୬୮୧୭.୧୩ |
| ଇସ୍ପାତ ଓ ଖଣି | ୧୮୨.୨୨ |
| ସୂଚନା ଓ ଲୋକ ସମ୍ପର୍କ | ୧୧୦.୬୨ |
| ଅବକାରୀ | ୧୬୨.୮୬ |
| ବିଜ୍ଞାନ ଓ ବୈଷୟିକ ବିଭାଗ | ୧୦୦ |
| ଗ୍ରାମ୍ୟ ଉନ୍ନୟନ | ୫୫୪୯.୪୨ |
| ସଂସଦୀୟ ବ୍ୟାପାର | ୬୬.୮୨ |
| ଶକ୍ତି | ୧୮୬୦.୭୩ |
| ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ | ୧୯୯.୬୨ |
| ପର୍ଯ୍ୟଟନ | ୪୦୦.୬୯ |
| ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ | ୧୨୧୧.୦୨ |
| ସମବାୟ | ୧୭୦୦.୩୯ |
| ସରକାରୀ ଉଦ୍ୟୋଗ | ୮.୬୭ |
| ମହିଳା, ଶିଶୁବିକାଶ ଓ ମିଶନ ଶକ୍ତି | ୪୦୭୪.୬୪ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୨୩୬.୨୮ |
| ଉଚ୍ଚଶିକ୍ଷା | ୨୪୦୬.୫୧ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୮୨୫.୦୧ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୨୫୦ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୩୦୨୪.୨୬ |
| ବିପର୍ଯ୍ୟୟ ପରିଚାଳନା | ୩୩୨୨.୪୩ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୧୬୧.୮୧ |
| ମୋଟ | ୧,୫୦,୦୦୦ |

## କେଉଁ ଯୋଜନା ପାଇଁ କେତେ

| | କୋଟିରେ |
|---|---|
| ବିପର୍ଯ୍ୟୟ ପ୍ରଶମନ ବ୍ୟୟ | ୩,୨୦୦ |
| ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା | ୧୦୦ |
| ମହିଳା ଓ ଶିଶୁ ବିକାଶ | ୪୦୭୫ |
| ମଧୁବାବୁ ପେନ୍‌ସନ ଯୋଜନା | ୧୮୧୮ |
| ଖାଦ୍ୟ ନିରାପତ୍ତା ସୁନିଶ୍ଚିତ | ୧୦୩୮ |
| ଏମ୍‌ଜିଏନ୍‌ଆର୍‌ଇଜିଏସ୍ | ୧୫୦୧ |
| ଜାତୀୟ ଜୀବିକା ମିଶନ | ୮୫୨ |
| ରେଳ ଭିତ୍ତିଭୂମି | ୪୦୦ |
| ଏୟାରଷ୍ଟ୍ରିପ ନିର୍ମାଣ | ୧୦୦ |
| ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ | ୨୩,୮୦୮ |
| ସ୍ମାର୍ଟ ସିଟି ବିକାଶ ପାଇଁ | ୨୦୦ |
| ନୂତନ ସହରର ବିକାଶ | ୫୦ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୬୧୮୦ |
| ପାଇପ ଜଳ ଯୋଗାଣ ଲାଗି ୮୦୦୦ | |
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର | ୩୯୬୨ |
| ମମତା ଯୋଜନା | ୩୦୫ |
| ଖଣି କ୍ଷେତ୍ର | ୧୮୨ |
| ଗ୍ରୀନ୍ ମହାନଦୀ ମିଶନ | ୩୧ |
| ପର୍ଯ୍ୟଟନ କ୍ଷେତ୍ର ବିକାଶ | ୪୦୧ |
| ଓଡ଼ିଆ ଭାଷା ଓ ସଂସ୍କୃତି | ୧୬୨ |
| ଆଭ୍ୟନ୍ତରୀଣ ସୁରକ୍ଷା | ୫୯୭୪ |
| ରୁଫ୍ ଟପ୍ ଓ ଭୂତଳ ଜଳ ରିଚାର୍ଜ ନିମନ୍ତେ ୫ବର୍ଷରେ ଖର୍ଚ୍ଚ ହେବ | ୨୪୬ |
| ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଓ ଉନ୍ନୟନ ସଂସ୍ଥା ବ୍ୟୟ | ୭,୧୪୫ |
| ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ | ୧୦୬୦ |
| ୨୦୨୦ ମେକ୍ ଇନ୍ ଓଡ଼ିଶା ପାଇଁ ଇପିକଲ୍‌କୁ | ୭୦ |

# କୃଷି କ୍ଷେତ୍ରକୁ ଅଗ୍ରାଧିକାର

ରାଜ୍ୟର ଅର୍ଥନୀତି ଗ୍ରାମ୍ୟଭିତ୍ତିକ ଓ କୃଷିଭିତ୍ତିକ। ୨୦୦୦- ୨୦୦୧ ରୁ ୨୦୧୬-୧୭ ଆର୍ଥିକ ବର୍ଷ ମଧ୍ୟରେ ଓଡିଶାର କୃଷି ଭିତ୍ତିକ ଘରୋଇ ଉତ୍ପାଦ ପ୍ରାୟ ଦ୍ୱିଗୁଣିତ ହୋଇଛି। ଏହାର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ରାଜ୍ୟରେ ୪.୫% ରହିଥିବା ବେଳେ ସାରା ଦେଶରେ ବିକାଶ ହାର ୩.୧% ରହିଛି। ୨୦୦୨-୦୩ ରୁ ୨୦୧୨-୧୩ ମଧ୍ୟରେ କୃଷକଙ୍କ ଆୟ ଦୁଇଗୁଣ କରିବାରେ ସକ୍ଷମ ହୋଇଥିବା ଦେଶର କିଛି ରାଜ୍ୟଗୁଡିକ ମଧ୍ୟରେ ଓଡିଶା ଅନ୍ୟତମ ହୋଇଛି। ଏ ଦିଗରେ ବିଭିନ୍ନ ପଦକ୍ଷେପ ଚଳିତ ବର୍ଷ ବଜେଟରେ ମଧ୍ୟ ଘୋଷଣା କରାଯାଇଛି। ୨୦୨୦-୨୧ ଲାଗି ରାଜ୍ୟର କୃଷି କ୍ଷେତ୍ର ଲାଗି ୧୯ ହଜାର ୪ ଶହ ୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

## ସମୃଦ୍ଧ କୃଷି ନୀତି ୨୦୨୦

୨୦୨୦-୨୧ ରାଜ୍ୟ ବଜେଟରେ ସମୃଦ୍ଧ କୃଷି ନୀତି ୨୦୨୦ ଘୋଷଣା କରାଯାଇଛି। କୃଷକଙ୍କ ନିରନ୍ତର ବିକାଶ ଏବଂ ଅନ୍ତର୍ଭୁକ୍ତୀକରଣ ଉପରେ ଏଥିରେ ଫୋକସ କରାଯାଇଛି। ଆଗାମୀ ୫ ବର୍ଷରେ କୃଷକଙ୍କ ଆୟରେ ସ୍ଥିତାବସ୍ଥା, ପୋଷଣୀୟ ଏବଂ ଅଭିବୃଦ୍ଧି କରାଇବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆଣିବା ଲାଗି ଗବେଷଣା, ଉନ୍ନୟନ, ସମ୍ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଏହି ଯୋଜନା ଦ୍ୱାରା ଫୋକସ କରାଯିବ।

## କାଳିଆ ଯୋଜନାକୁ ୩,୧୯୫ କୋଟି

୨୦୧୮-୧୯ରେ କୃଷକ ଆସିଷ୍ଟାନ୍ସ ଫର୍ ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ(କାଳିଆ) ଯୋଜନା ପ୍ରଣୟନ କରାଯାଇଥିଲା। ଏହା ପ୍ରମୁଖ ବ୍ୟକ୍ତି କୈନ୍ଦ୍ରିକ ଯୋଜନା ହିତାଧିକାର ଯୋଜନା ବୋଲି ବିଚାର କରାଯାଏ। ଏହି ଯୋଜନା ପାଇଁ ବଜେଟରେ ୩,୧୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୪୩ ଲକ୍ଷ କୃଷକଙ୍କ ବ୍ୟାଙ୍କ ଖାତାକୁ ୫,୧୧୫ କୋଟି ଟଙ୍କା ସିଧାସଳଖ ପ୍ରେରଣ କରାଯାଇଛି। କୃଷକଙ୍କ କଠିନ ପରିଶ୍ରମ ଯୋଗୁ ଓଡିଶା ୨୦୧୩-୧୪ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫ ଥର କୃଷି କର୍ମଣ ପୁରସ୍କାର ଲାଭ କରିଛି।

## ଜୈବିକ କୃଷିକୁ ପ୍ରୋତ୍ସାହନ

ଚଳିତ ଥର ବଜେଟରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ପରମ୍ପରାଗତ କୃଷି ଯୋଜନା ମାଧ୍ୟମରେ ୨୦,୮୦୦ ହେକ୍ଟର ଜମିରେ ଜୈବିକ କୃଷିର ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯିବାକୁ ଯୋଜନା ରହିଛି। ଏଥିଲାଗି ୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।

## ଆବର୍ତ୍ତ ପାଣ୍ଠି

ଚାଷୀମାନଙ୍କୁ ଆଗୁଆ ବିହନ ଯୋଗାଇ ଦେବା ଲାଗି ଆବର୍ତ୍ତ ପାଣ୍ଠି (ରିଭଲଭିଂ ପଣ୍ଡ) ବ୍ୟବସ୍ଥା କରାଯାଇଛି। ବିହନ ଯୋଗାଣ ଲାଗି ୧୦୦ କୋଟି ଟଙ୍କା ଏବଂ ସାର ଯୋଗାଣ ଲାଗି ୧୦୦ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା କରାଯାଇଛି।



## କୃଷି ପାଇଁ ୧୯,୪୦୮ କୋଟି ବ୍ୟୟବରାଦ

## ବ୍ୟବସାୟିକ କୃଷିରେ ପୁଞ୍ଜି ବିନିଯୋଗ

ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠାନରେ ପୁଞ୍ଜି ବିନିଯୋଗ ଲାଗି ୧୦୦ କୋଟି ଟଙ୍କା ସବ୍‌ସିଡି ପ୍ରସ୍ତାବ ରଖାଯାଇଛି। ଏହା ସହ କୃଷି ଯନ୍ତ୍ରପାତି ଓ ଡିଜେଲ ପମ୍ପ ସେଟ୍‌ର ଲୋକପ୍ରିୟତା ବଢାଇବା ଲାଗି ୨୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ଉତ୍କର୍ଷ କେନ୍ଦ୍ର ହେବ ଓୟୁଏଟି

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ ଏକ୍ସଲେନ୍ସ)ରେ ପରିଣତ କରିବା ଲାଗି ସରକାର ବଜେଟରେ ପ୍ରସ୍ତାବ ଦେଇଛନ୍ତି। କୃଷି ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ସୃଷ୍ଟି କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। କୃଷି ଗବେଷଣା ଓ ଭିତ୍ତିଭୂମି ବିକାଶ ଲାଗି ୧୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହା ୨୦୧୯-୨୦ ବ୍ୟୟ ବରାଦ ତୁଳନାରେ ପ୍ରାୟ ୫ ଗୁଣ ଅଧିକ।

## ଆତ୍ମା ,ଉଦ୍ୟାନ କୃଷି

ଜିଲା ସ୍ତରରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ମାଧ୍ୟମରେ କୃଷି ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରାଯିବାକୁ ପ୍ରସ୍ତାବ ରହିଛି। ଏଥି ଲାଗି ୧୫୦ କୋଟି ଏବଂ ଜାତୀୟ ଉଦ୍ୟାନ କୃଷି ମିଶନରେ ୧୨୩ କୋଟି ବ୍ୟୟ ବରାଦ ହୋଇଛି। ଏହାବାଦ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ, ଖାଦ୍ୟ ପ୍ରକ୍ରିୟାକରଣ, ପଣ୍ୟାଗାର ଓ ଅନ୍ୟାନ୍ୟ ପରିଚାଳନା କ୍ଷେତ୍ରରେ ଫାର୍ମର ପ୍ରଡ୍ୟୁଶର ଅର୍ଗାନାଇଜେଶନ (ଏଫ୍‌ପିଓ)କୁ ସହାୟତା ପ୍ରଦାନ ଲାଗି ୬୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## କୃଷି ବଜେଟର ମୁଖ୍ୟାଂଶ

- ୨୦୨୦-୨୧ ରାଜ୍ୟ କୃଷି ବଜେଟ୍ ପାଇଁ ୧୯,୪୦୮ କୋଟି ଟଙ୍କାର ବ୍ୟୟ ବରାଦ
- ରାଜ୍ୟରେ କୃଷି ଅଭିବୃଦ୍ଧି ହାର ୪.୫% ରହିଛି
- ରାଜ୍ୟକୁ ୫ଥର ମିଳିଛି କୃଷି କର୍ମଣ ପୁରସ୍କାର
- କୃଷକଙ୍କ ସଶକ୍ତିକରଣ ପାଇଁ 'କାଳିଆ' ଯୋଜନା କାର୍ଯ୍ୟକାରୀ କରାଯାଉଛି
- କାଳିଆ ଯୋଜନା ପାଇଁ ୩,୧୯୫ କୋଟି ଟଙ୍କାର ବ୍ୟୟ ବରାଦ
- କାଳିଆ ଯୋଜନାରେ ୫୧୧୫ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି
- ବିହନ ପାଇଁ ୧୦୦ ଓ ସାର ପାଇଁ ୧୦୦ କୋଟିର ଆବର୍ତ୍ତନ ପାଣ୍ଠି ବ୍ୟବସ୍ଥା
- ଚଳିତ ଆର୍ଥିକ ବର୍ଷରେ ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନ ସୁବିଧା ଲକ୍ଷ୍ୟ
- ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ପାଇଁ ୧୦୦ କୋଟିର ବ୍ୟବସ୍ଥା
- ବିନା ସୁଧରେ କାଳିଆ ଯୋଜନାରେ ୭୦୫ କୋଟି ଟଙ୍କାର କୃଷି ଋଣ
- ଗତ ୫ ବର୍ଷରେ ୬ଟି ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି
- ୧୫ ଜିଲାରେ ୧୦ହଜାର ପୋଖରୀ ନବୀକରଣ କରାଯିବ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ୭୦୦କୋଟି ଟଙ୍କାର ବ୍ୟୟ ବରାଦ
- ମିଲେଟ ମିଶନ ପାଇଁ ୧୦୬ କୋଟିର ବ୍ୟୟ ବରାଦ
- ମତ୍ସ୍ୟ ଓ ପଶୁ ପାଳନ ପାଇଁ ୧୨୧୧ କୋଟି ଟଙ୍କାର ବ୍ୟୟ ବରାଦ
- କୃଷି ଗବେଷଣା ପାଇଁ ରେକର୍ଡ ପରିମାଣର ୧୫୦କୋଟି ଟଙ୍କାର ବ୍ୟୟ ବରାଦ
- ଓୟୁଏଟି ହେବ ଉତ୍କର୍ଷ କେନ୍ଦ୍ର

# ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଲକ୍ଷ୍ୟ

ରାଜ୍ୟରେ ସ୍ୱଳ୍ପ, ଅନିଶ୍ଚିତ ଓ ଅନିୟମିତ ବର୍ଷା, କୃଷି ଉତ୍ପାଦନକୁ ପ୍ରଭାବିତ କରିଥାଏ। ଏହାକୁ ଧ୍ୟାନରେ ରଖି ବଜେଟରେ ୨୦୨୦-୨୧ ଆର୍ଥିକ ବର୍ଷରେ ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ବର୍ଷରେ ରାଜ୍ୟର ମୁଖ୍ୟ ନଦୀଗୁଡିକରେ ୧୨୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର(ଆଇଏସ୍‌ଏସ୍) ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ୨୦୨୦-୨୧ରେ ଆର୍ଥିକ ବର୍ଷ ଲାଗି ଏବାବଦରେ ୧୦୯୨ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ନିର୍ମାଣାଧୀନ ସମସ୍ତ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକୁ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଶୀଘ୍ର ଶେଷ ହେବାକୁ ଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଦିଆଯାଇଛି। ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ଗତ ୫ ବର୍ଷରେ ୬ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଶେଷ କରାଯାଇଛି। ଏହା ମଧ୍ୟରେ ଇନ୍ଦ୍ରାବତୀ କେନାଲ ସମ୍ପ୍ରସାରଣ, ଟିଟିଲାଗଡ, ରେତ, ରୁକୁରା, ବାଘଲଟି, ତେଲେଙ୍ଗିରି ଜଳଭଣ୍ଡାର ରହିଛି। ଏହାବାଦ ୩୭ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ତ୍ୱରିତ ଜଳସେଚନ ସୁବିଧା ଯୋଜନା ମାଧ୍ୟମରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ଲାଗି ୮୧୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ନିର୍ମାଣାଧୀନ ଓ ନୂତନ ପ୍ରକଳ୍ପଗୁଡିକ ଲାଗି ୯୧୦ କୋଟି ପାଣ୍ଠି ବ୍ୟବସ୍ଥା ହୋଇଛି। ଏହାବାଦ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟ ଲାଗି ୧୦୬୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଡିପ ଜମିକୁ ଜଳସେଚନ ସୁବିଧା ଯୋଗାଣ ଲାଗି ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଯୋଜନା ଅଧୀନରେ ଚାଲୁ ରହିଥିବା ୩୩ ଗୋଟି ପ୍ରକଳ୍ପକୁ ଶେଷ କରିବା ଲାଗି ୫୪୦ କୋଟି ପାଣ୍ଠି ବ୍ୟବସ୍ଥା କରାଯାଇଛି।



## ଜଳ ସଂରକ୍ଷଣ ଲାଗି ନୂଆ ଯୋଜନା

ଜଳ ସଂରକ୍ଷଣ ଲାଗି ୨ ଯୋଜନା ଏକତ୍ର କରିବାକୁ ଯୋଜନା ହାତକୁ ନିଆଯାଇଛି। ଛାତ ଉପର ଜଳ ସଂରକ୍ଷଣ ଏବଂ ଗ୍ରାଉଣ୍ଡ ୱାଟର ରିଚାର୍ଜକୁ ଏକତ୍ର ମିଶାଇ ରୁଫ ଟପ ରେନ୍ ୱାଟର ଆଣ୍ଡ ଗ୍ରାଉଣ୍ଡ ୱାଟର ରିଚାର୍ଜ ନାମରେ ନୂଆ ଯୋଜନା ଆରମ୍ଭ କରାଯାଇଛି। ଆଗାମୀ ୫ ବର୍ଷରେ ଏଥିରେ ୨୪୬ କୋଟି ଟଙ୍କା ବିନିଯୋଗ କରାଯିବ। ୨୭ଟି ସହରାଞ୍ଚଳ ସ୍ଥାନୀୟ ନିକାୟ ଓ ୪୯ ଜଳକ୍ଲିଷ୍ଟ ବ୍ଲକରେ ରୁଫ ଟପ୍ ରେନୱାଟର ହାର୍ଭେଷ୍ଟିଂ ଆଣ୍ଡ ଗ୍ରାଉଣ୍ଡ ୱାଟର ରିଚାର୍ଜ କାର୍ଯ୍ୟକ୍ରମ ହାତକୁ ନିଆଯିବ। ୨୦୨୦-୨୧ରେ ଏହି ଯୋଜନା ଲାଗି ୩୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।



## ଜଳନିଧି ଯୋଜନା

୨୦୨୦-୨୧ରେ ଜଳନିଧି ଯୋଜନାରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ଲାଗି ଆର୍‌ଆଇଡିଏଫ୍ ସହାୟତାରେ ୧୮୦ କୋଟି ବ୍ୟୟ ବରାଦ ହୋଇଛି। ୧୫ ହଜାର ଗଭୀର ନଳକୂପ ସମ୍ପୂର୍ଣ୍ଣ ନିମନ୍ତେ ଡିପ୍ ବୋରୱେଲ ସ୍କିମ ଅଧୀନରେ ୧୨୫୦ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ଲାଗି ବିଜୁ କୃଷକ ଯୋଜନାରେ ୩୬୦ କୋଟି ବ୍ୟବସ୍ଥା କରାଯାଇଛି।

## ସେଚାଞ୍ଚଳ ଉନ୍ନୟନ ଯୋଜନା ଓ ଅନ୍ୟାନ୍ୟ

ସେଚାଞ୍ଚଳ ଉନ୍ନୟନ ଯୋଜନାରେ ୩ ଶହ କୋଟି ବ୍ୟବସ୍ଥା କରାଯାଇଛି। ଜଳ ସଞ୍ଚାଳନ କ୍ଷତିକୁ କମାଇବା ଲାଗି କେନାଲ ଲାଇନିଂ ସିଷ୍ଟମ ରିହାବିଲିଟେଶନ ପ୍ରୋଗ୍ରାମ ପ୍ରଚଳନ କରାଯାଇଛି। ଏଥି ଲାଗି ୧୯୦ କୋଟି ପୁଞ୍ଜି ବ୍ୟବସ୍ଥା ହୋଇଛି। ନବକୃଷ୍ଣ ଚୌଧୁରୀ ସେଚ୍ ଉନ୍ନୟନ ଯୋଜନାରେ ୬୩୫ କୋଟି ଖର୍ଚ୍ଚ କରାଯିବ। ୨୦୨୦-୨୧ରେ ଏଥି ବାବଦ ୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଓଆଇଆଇପିସିଆର୍‌ଏ

ବିଶ୍ୱ ବ୍ୟାଙ୍କ ସହାୟତାରେ ଓଡିଶା ଇଣ୍ଟିଗ୍ରେଟେଡ ଇରିଗେଶନ ପ୍ରୋଜେକ୍ଟ ଫର କ୍ଲାଇମେଟ ରେଜିଲିଏଣ୍ଟ ଏଗ୍ରିକଲଚର(ଓଆଇଆଇପିସିଆର୍‌ଏ) ଯୋଜନା ଗ୍ରହଣ କରାଯାଇଛି। ଏଥିରେ ୫୩୮ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ ଓ ପୁନରୁଦ୍ଧାର କରାଯିବ। ଏଥି ଲାଗି ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ନବୀକରଣ ହେବ ୧୦ ହଜାର ପୋଖରୀ

ଗ୍ରିନ କ୍ଲାଇମେଟ୍ ଫଣ୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏ ଏବଂ ରାଜ୍ୟର ନିଜସ୍ୱ ପାଣ୍ଠିକୁ ସଂଯୋଜନା କରି ୧୦୯୮ କୋଟି ବ୍ୟୟ ଅଟକଳରେ ଗ୍ରାଉଣ୍ଡ ୱାଟର ରିଚାର୍ଜ ଥ୍ରୋ କମ୍ୟୁନିଟି ପଣ୍ଡ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ୧୫ ଜିଲାରେ ୧୦ ହଜାର ପୋଖରୀର ନବୀକରଣ କରାଯିବାକୁ ପ୍ରସ୍ତାବ ରହିଛି। ଏହାବାଦ ୨୦୨୦-୨୧ ଆର୍ଥିକ ବର୍ଷରେ ୧୯୩ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୦୦ ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଆନୁଷଙ୍ଗିକ କାର୍ଯ୍ୟକ୍ରମ ପାଇଁ ୩୫% ଅଧିକ ଅର୍ଥ

ଚଳିତବର୍ଷ ବଜେଟରେ ମତ୍ସ୍ୟଚାଷ, ପଶୁପାଳନ କ୍ଷେତ୍ରରେ ବ୍ୟୟ ବରାଦ ଯଥେଷ୍ଟ ବଢିଛି। ଏହି ବାବଦ ବ୍ୟୟବରାଦ ୧୨୧୧ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ତୁଳନାରେ ୩୫% ଅଧିକ।



**ମାଛ ଚାଷ**

- ଖାରଜଳ ମାଛଚାଷ, ସାମୁଦ୍ରିକ ମାଛ ଚାଷ, ସଘନ ଓ ଆଭ୍ୟନ୍ତରୀଣ ମାଛ ଚାଷର ଉନ୍ନୟନ ନିମନ୍ତେ ୧୬ କୋଟି
- ମାଛ ଚାଷ ଲାଗି ନୂଆ ପୋଖରୀ ଖୋଳା ଯୋଜନାରେ ମଧୁର ଜଳରେ ମତ୍ସ୍ୟ ଉତ୍ପାଦନ ଲାଗି ଚଳିତ ବର୍ଷ ଅଲଗା ଭାବେ ୬୮ କୋଟି ବ୍ୟୟ ବରାଦ।
- ମତ୍ସ୍ୟ ଚାଷୀଙ୍କ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ୬ କୋଟି
- ନୀଳ ବିପ୍ଳବ ଯୋଜନା ଅଧୀନରେ ୧୧୬ କୋଟି

**ପଶୁପାଳନ,ଗୋପାଳନ**

- ପଶୁପାଳନ,ଗୋପାଳନ ଗବେଷଣା ଓ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ୧୦ କୋଟି ବ୍ୟୟ ବରାଦରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର ଭେଟେରିନାରି ସାଇନ୍ସ ସ୍ଥାପନ ଯୋଜନା
- ଶ୍ୱେତ ବିପ୍ଳବ ଯୋଜନାରେ ଗୋପାଳନ ଉନ୍ନୟନ ଓ ପଶୁଧନ ପରିଚାଳନା ପାଇଁ ୧୦୦ କୋଟି ବ୍ୟୟ ବରାଦ।
- ଉନ୍ନତ ମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମିତ୍ତ ଓମଫେଡ ମାଧ୍ୟମରେ ୫ ଲକ୍ଷ ଏଲ୍‌ପିଡି ବିଶିଷ୍ଟ ଡାଇରୀ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆର୍‌ଆଇଡିଏଫ୍ ସହାୟତାରେ ୫୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।
- ପଶୁ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ରାଜ୍ୟର ସମସ୍ତ ବ୍ଲକରେ ମାସକୁ ୨୦ ଦିନ ପଶୁ ଚିକିତ୍ସା ସେବା ପ୍ରଦାନ ନିମନ୍ତେ ଭ୍ରାମ୍ୟମାଣ ପଶୁ ଚିକିତ୍ସା ୟୁନିଟ ପାଇଁ ୧୮ କୋଟି ବ୍ୟୟ ବରାଦ।
- ପଶୁଧନ ସ୍ୱାସ୍ଥ୍ୟ ସେବା ଉନ୍ନୟନ ଲାଗି ୬୦ କୋଟି ଟଙ୍କାର ବ୍ୟୟ ବରାଦ।



# ପିଏଲ୍‌ପିରେ କୃଷି କ୍ଷେତ୍ରକୁ ମିଳିବ ୪୩,୨୮୨ କୋଟି



ନାବାର୍ଡ ସହ ପରାମର୍ଶ କରି ୨୦୨୦-୨୧ ବର୍ଷ ପାଇଁ ଜିଲା ଭିତ୍ତିରେ ଡିଷ୍ଟ୍ରିକ୍ଟ ୱାଇଜ ପୋଟେନସିଆଲ୍ ଲିଙ୍କଡ କ୍ରେଡିଟ ପ୍ଲାନ ( ପିଏଲ୍‌ପି) ପ୍ରସ୍ତୁତ କରାଯାଇଛି। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ୪୩,୨୮୨ କୋଟି ଟଙ୍କାର ଋଣ କ୍ଷମତା ସୃଷ୍ଟି କରାଯାଇଛି। ବାଣିଜ୍ୟିକ ବ୍ୟାଙ୍କଗୁଡିକ ଏହି ଋଣ ଯୋଗାଣ କରିବେ। କାଳିଆ ଯୋଜନାରେ କୃଷକଙ୍କୁ ଋଣ ଯୋଗାଣ ଲାଗି ବ୍ୟବସ୍ଥା କରାଯାଇଛି। ସୁଧ ସବ୍‌ସିଡି ଏବଂ ସବ୍‌ଭେନଶନ ଯୋଜନାରେ ସୁଧ ରିହାତି ପ୍ରଦାନ ନିମନ୍ତେ ୭୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୨୦୨୦-୨୧ରେ ସମବାୟ ବ୍ୟାଙ୍କ ୧୫ ହଜାର କୋଟି ଟଙ୍କାର କୃଷି ଋଣ ଯୋଗାଣ କରିବେ। ଏହି ସମୟରେ ସମବାୟ ବ୍ୟାଙ୍କଗୁଡିକୁ ଆର୍ଥିକ ସହାୟତା ବାବଦ ୨୪ କୋଟି, ସାଧାରଣ ଅଂଶ ସହାୟତା ପାଇଁ ୪୦ କୋଟି, କୃଷି ସମବାୟ ସମିତିକୁ ପୁଞ୍ଜି ଅଂଶ ନିବେଶ ବାବଦ ୭୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ବିପତ୍ତି ପ୍ରଶମନ, କୃଷି ବୀମା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକଙ୍କୁ ତୁରନ୍ତ ସହାୟତା ଓ କ୍ଷତିପୂରଣ ନିମନ୍ତେ ୭୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ୨୦୨୦-୨୧ରେ ଏହି ଯୋଜନାରେ ୨୭ ଲକ୍ଷ ଚାଷୀଙ୍କୁ ବୀମା ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିରେ ବିନା ଋଣରେ କୃଷି କାର୍ଯ୍ୟ କରୁଥିବା ୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ।

## ଅମଳ ପରବର୍ତ୍ତୀ ପରିଚାଳନା

ଧାନ ସଂଗ୍ରହର ମୂଲ୍ୟ ପି-ପିଏଏସ୍ ପୋର୍ଟାଲ ମାଧ୍ୟମରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ଜରିଆରେ କୃଷକମାନଙ୍କର ଖାତାରେ ସିଧାସଳଖ ଜମା କରାଯାଉଛି।

## ଓଡିଶା ମିଲେଟ ମିଶନ

ଆଦିବାସୀ ଅଞ୍ଚଳରେ ମାଣ୍ଡିଆ ଇତ୍ୟାଦି ଚାଷ କରୁଥିବା କୃଷକମାନଙ୍କୁ ସୁଲଭ ମୂଲ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ଏହି ମିଶନ ଲାଗି ୧୦୬ କୋଟି ଟଙ୍କା ପ୍ରଦାନ କରାଯାଇଛି।

## କ୍ଲାଇମେଟ ବଜେଟ

କ୍ଲାଇମେଟ ବଜେଟ ନାମରେ ଏକ ଦସ୍ତାବିଜ ପ୍ରସ୍ତୁତ କରିବାର ପ୍ରସ୍ତାବ ରହିଛି। ଏହା ଜଳବାୟୁ ସମ୍ବନ୍ଧୀୟ ସରକାରୀ ଖର୍ଚ୍ଚର ତଥ୍ୟ ହାସଲ କରିବାରେ ସହାୟକ ହେବ। ଏଭଳି ଦସ୍ତାବିଜ ପ୍ରସ୍ତୁତ କରିବାରେ ଓଡିଶା ପ୍ରଥମ ରାଜ୍ୟ ହେବ।

## ସଂଯୋଜନା ଜରିଆରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର

- ଚାଷୀ ମାନଙ୍କଠାରୁ ଠିକ ସମୟରେ ଧାନ ସଂଗ୍ରହ ଲାଗି ବଜେଟ ବହିର୍ଭୂତ ସମ୍ବଳରୁ ପ୍ରାୟ ୧୨ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯିବ।
- ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିର ସଂଯୋଜନା ମାଧ୍ୟମରେ ଏହି କ୍ଷେତ୍ରରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବ।
- ୨୦୨୦-୨୧ରେ ସୁନ୍ଦରଗଡ, ମୟୂରଭଞ୍ଜ ଓ କୋରାପୁଟ ଜିଲାରେ ଓଏମ୍‌ବିଏଡିସି ପାଣ୍ଠି ଅଧୀନରେ ପ୍ରାୟ ୧୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ୪ଟି ୱାଟରସେଡ୍ କ୍ଲଷ୍ଟର ଓ ୧୨୦୨ କୋଟି ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକଚର ନିର୍ମାଣ ଲକ୍ଷ୍ୟ ରଖାଯାଇଛି।
- ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ସଂଯୋଜନାରେ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ, ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଆଡିବନ୍ଧ ନିର୍ମାଣ ପ୍ରସ୍ତାବ ରଖାଯାଇଛି।

# କୃଷି କ୍ଷେତ୍ରରେ ଯୋଗଦାନ ଲାଗି ପୁରସ୍କୃତ ହେବେ ବ୍ୟାଙ୍କ

କୃଷି କ୍ଷେତ୍ରର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ବ୍ୟାଙ୍କ ଲାଗି ମୁଖ୍ୟମନ୍ତ୍ରୀ ପୁରସ୍କାର, କ୍ଷୁଦ୍ର ଉଦ୍ୟୋଗୀଙ୍କ ଉନ୍ନତି ଲାଗି କାର୍ଯ୍ୟ କରୁଥିବା ଶ୍ରେଷ୍ଠ ବ୍ୟାଙ୍କ ଲାଗି ମୁଖ୍ୟମନ୍ତ୍ରୀ ପୁରସ୍କାର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉନ୍ନତି ସାଧନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପ୍ରତିବର୍ଷ ଦିଆଯିବ। ଗରିବ, କୃଷକ ଏବଂ ମହିଳାଙ୍କ କଲ୍ୟାଣ ସାଧନ ଲାଗି ଯୋଗଦାନ ରଖିଥିବା ବ୍ୟାଙ୍କଗୁଡିକୁ ସରକାର ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରିବେ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଭୀମ୍ ଆର୍ମୀ ସଦସ୍ୟ ଜିଲାପାଳଙ୍କୁ ଭେଟିଲେ

**୨୩ରେ ଭାରତବନ୍ଦ ଡାକରା**

**ସମ୍ବଲପୁର,୧୮।୨(ବ୍ୟୁରୋ):** ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନାଙ୍କୁ ଭୀମ ଆର୍ମି ସଦସ୍ୟ ଭେଟିଛନ୍ତି। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ କିଛି ଦିନ ପୂର୍ବରୁ ସଂରକ୍ଷଣ ଉପରେ ରାୟ ଦେଇ ସୁପ୍ରିମ କୋର୍ଟ ଏହା ମୌଳିକ ଅଧିକାର ନୁହେଁ। ରାଜ୍ୟ ଚାହିଁଲେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବ। ଏହା ତାଙ୍କ ଇଚ୍ଛାରେ ଆସୁଛି ବୋଲି ରାୟ ଶୁଣାଇଥିଲେ। ଏହାକୁ ନେଇ ଭୀମ୍ ଆର୍ମି ପକ୍ଷରୁ ଫେବ୍ରୁୟାରୀ ୨୩ ତାରିଖ ଭାରତ ବନ୍ଦ ଡାକରା ଦିଆଯାଇଛି । ତେଣୁ ଏ ଦିଗରେ ପଦକ୍ଷେପ ନେଇ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

### ଆମ୍ବୁଲାନ୍ସ ଧକ୍କାରେ ସମିତି ସଭ୍ୟ ଆହତ

**ବାମରା, ୧୮।୨ (ଡି.ଏନ.ଏ.):** ବାମରା ବ୍ଲକ କେଶାଇବାହାଲ ସମିତି ସଭ୍ୟ ପଦ୍ମଚରଣ ଗୁରୁ ମଙ୍ଗଳବାର ଏକ ୧୦୨ ଆମ୍ବୁଲାନ୍ସ (ଓଡି ୧୫ ଏମ୍- ୯୫୮୧) ଧକ୍କାରେ ଆହତ ହୋଇଛନ୍ତି। ଘଟଣା ସ୍ଥଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ କହିଛି ଯେ, ସମିତି ସଭ୍ୟ ଗୁରୁ କେଶାଇବାହାଲରୁ ଜରାବଗା ପଟକୁ ଯାଉଥିଲେ। ହେଲେ ବିପରୀତ ଦିଗରୁ ଆସୁଥିବା ଆମ୍ବୁଲାନ୍ସ ଫଟାଟାଙ୍ଗର ସଲୋହି ପାଖରେ ତାଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ବାଇକ୍ (ଓଡି ୧୫ କେ- ୬୨୨୪) ସମ୍ପୂର୍ଣ୍ଣ ଚୂର୍ମାର ହୋଇଯାଇଛି। ମହୁଲପାଲି ପୋଲିସ ଗାଡି ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି।

### କ୍ୟାରିୟର କାଉନସେଲିଂ ସେଲ୍ ପକ୍ଷରୁ କର୍ମଶାଳା

**ସମ୍ବଲପୁର,୧୮।୨ (ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା କଲେଜ ପରିସରରେ କ୍ୟାରିୟର କାଉନସେଲିଂ ସେଲ୍ ଓ ଆଇକ୍ୟୁଏସି ପକ୍ଷରୁ କର୍ମଶାଳା ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁକାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କ୍ୟାରିୟର କାଉନସେଲିଂ ସେଲ୍ ସଂଯୋଜକ ଡ. ସୁବାଷ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପବିତ୍ରମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

### କିସିଣ୍ଡା କଲେଜ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ନାକଟିଦେଉଳ,୧୮।୨(ଡ଼ି.ଏନ.ଏ.)** ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚମାଧମିକ ବିଦ୍ୟାଳୟର ଛାତ୍ରୀମାନେ ଆତ୍ମ ସୁରକ୍ଷା ତାଲିମ ନେଇଛନ୍ତି। ମଙ୍ଗଳବାର ଅଧ୍ୟକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ଆୟୋଜିତ ହୋଇଥିଲା। କିସିଣ୍ଡା ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ର ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁରେଶ ପାତ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ସମୁଦାୟ ୫୯ଜଣ ଛାତ୍ରୀ ଭାଗ ନେଇ ତାଲିମ ଗ୍ରହଣ କରୁଛନ୍ତି । ଏହି ଶିବିର ୧୨ଦିନ ଧରି ଚାଲିବ। ବିଷ୍ଣୁପ୍ରିୟା ସାଗର ତାଲିମ ପ୍ରଦାନ କରୁଛନ୍ତି।

# ୧୫ କେନ୍ଦ୍ରରୁ ମାତ୍ର ୫ ହାଇସ୍କୁଲରେ ସିସିଟିଭି

## ରେଢ଼ାଖୋଲ ନୋଡାଲ ସେଣ୍ଟର ଅଧୀନରେ ୨୩୬୧ ପରୀକ୍ଷାର୍ଥୀ

**ରେଢାଖୋଲ,୧୮।୨(ଡି.ଏନ.ଏ.)**

ବୁଧବାରଠାରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ରେଢାଖୋଲ ଗୌରଚନ୍ଦ୍ର ହାଇସ୍କୁଲ ନୋଡାଲ ସେଣ୍ଟର ଅଧୀନରେ ୧୫ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୩୬୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ତେବେ ଚଳିତ ବର୍ଷ ସରକାର କପି ରୋକିବା ପାଇଁ ପ୍ରତି ପରୀକ୍ଷା କେନ୍ଦ୍ରରେ ସିସି ଟିଭି ବାଧ୍ୟତାମୂଳକ କରିଛନ୍ତି। ହେଲେ ଏହି ନୋଡାଲ ସେଣ୍ଟର ଅଧୀନରେ ଥିବା ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ କେବଳ ୫ଟି କେନ୍ଦ୍ରରେ ସିସି ଟିଭି ଲାଗିଛି। ଡଇଁଚା ବାପୁଜୀ ହାଇସ୍କୁଲ, କିସିଣ୍ଡା ହାଇସ୍କୁଲ, ବଡବାହାଲ ପଞ୍ଚଖଣ୍ଡା ହାଇସ୍କୁଲ, ମୋଟିବାହାଲ ଏସଏସଡି ହାଇସ୍କୁଲ ଓ ବଡମାଲ ଜଗନ୍ନାଥ ହାଇସ୍କୁଲରେ ସିସି ଟିଭି ଲାଗିଛି ବୋଲି ବ୍ଲକ ଶିକ୍ଷାଧିକାରୀ ଭଗବାନ ବାଙ୍କିରା ଜଣାଇଛନ୍ତି। ଏହି ନୋଡାଲ ସେଣ୍ଟର ଅଧୀନରେ ଜୁଜୁମୁରା ବ୍ଲକର ୨ଟି ହାଇସ୍କୁଲ ସହ ରେଢାଖୋଲ ବ୍ଲକ ଓ ନାକଟିଦେଉଳ ବ୍ଲକର ୧୩ଟି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଛି। ତେବେ ଏହି ପରୀକ୍ଷା କେନ୍ଦ୍ରଗୁଡିକରେ ୯୮ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ୨୪ ଜଣ ରିଲିଭର ଓ ୪୮ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରୀକ୍ଷା କେନ୍ଦ୍ର ତଦାରଖ ପାଇଁ ନିଯୁକ୍ତ କରାଯାଇଛି। ଉପଖଣ୍ଡ ପୋଲିସ ପକ୍ଷରୁ ପରୀକ୍ଷା କେନ୍ଦ୍ର ଗୁଡିକରେ ପୋଲିସ ମୁତୟନ କରାଯାଇଛି। ଗୌରଚନ୍ଦ୍ର ହାଇସ୍କୁଲ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିଛି। ପ୍ରତି ପରୀକ୍ଷା ଦିନରେ ନୋଡାଲ ସେଣ୍ଟରରୁ ପ୍ରତି ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚିବ। ଏଥିପାଇଁ ୬ଟି ଟିମ୍ ଗଠନ କରାଯାଇଛି। ରେଢାଖୋଲ ବ୍ଲକର ବଂଶାଜାଲ ଅଲସୁଆବାବା ହାଇସ୍କୁଲ, ଚାରମାଳ ହାଇସ୍କୁଲ, କଦଳୀଗଡ ହାଇସ୍କୁଲ, ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡବାହାଲ ପଞ୍ଚଖଣ୍ଡା ହାଇସ୍କୁଲ, ମୋଟିବାହାଲ ଏସଏସଡି ହାଇସ୍କୁଲ ଓ ବଡମାଳ ଜଗନ୍ନାଥ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ନାକଟିଦେଉଳ ବ୍ଲକର ଡଇଁଚା ବାପୁଜୀ ହାଇସ୍କୁଲ, ଜଗନ୍ନାଥପ୍ରସାଦ ପବିତ୍ର ମୋହନ ହାଇସ୍କୁଲ, କିସିଣ୍ଡା ହାଇସ୍କୁଲ, ସାଲେଢିପ ହାଇସ୍କୁଲ, ସରାପାଲି ହାଇସ୍କୁଲ ଓ କିସିଣ୍ଡା ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିପରି ଜୁଜୁମୁରା ହାଇସ୍କୁଲ ଓ କସ୍ତୁରବା ଗାନ୍ଧୀ ବାଳ ନିକେତନରେ ସେଣ୍ଟର କରାଯାଇଛି। ବଂଶାଜାଲ ଅଲସୁଆ ବାବା ହାଇସ୍କୁଲ ସେଣ୍ଟରରେ ୧୩୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଡଇଁଚା ବାପୁଜୀ ହାଇସ୍କୁଲରେ ୧୩୦, ଚାରମାଳ ହାଇସ୍କୁଲରେ ୧୭୧, ଗୌରଚନ୍ଦ୍ର ହାଇସ୍କୁଲରେ ୨୩୦, ବଡମାଳ ଜଗନ୍ନାଥ ହାଇସ୍କୁଲରେ ୧୧୬, ଜୁଜୁମୁରା ହାଇସ୍କୁଲରେ ୧୫୩, ମହୁଲପାଲି କେଜିଏମଏନରେ ୧୫୧, କଦଳୀଗଡ ହାଇସ୍କୁଲରେ ୧୦୦, କିସିଣ୍ଡା ହାଇସ୍କୁଲରେ ୨୦୪, ଜଗନ୍ନାଥ ପ୍ରସାଦ ପିଏମ୍ ହାଇସ୍କୁଲରେ ୧୭୭, ରାଣୀ ଅନ୍ନପୂର୍ଣ୍ଣା ବାଳିକା ହାଇସ୍କୁଲରେ ୧୭୨, ସାଲେଢିପ ହାଇସ୍କୁଲରେ ୧୩୦, ସରାପାଲି ହାଇସ୍କୁଲରେ ୨୨୪, ବଡବାହାଲ ପଞ୍ଚଖଣ୍ଡା ହାଇସ୍କୁଲରେ ୧୩୪ ଓ ମୋଟିବାହାଲ ଏସଏସଡି ହାଇସ୍କୁଲରେ ୧୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ।

### ନାକଟିଦେଉଳ ବ୍ଲକର ୫ କେନ୍ଦ୍ରରେ ୮୬୫ ଛାତ୍ରୀଛାତ୍ର

**ନାକଟିଦେଉଳ,୧୮।୨(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକରେ ୫ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୮୬୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରୁ ୮୫୫ଜଣ ରେଗୁଲାର ଏବଂ ୧୦ଜଣ ଏକ୍ସରେଗୁଲାର ରହିଛନ୍ତି। ଡ଼ଇଁଚା ବାପୁଜୀ ହାଇସ୍କୁଲରେ ସମୁଦାୟ ୧୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ସେଥି ମଧ୍ୟରୁ ୧୨୭ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ରହିଛନ୍ତି। ଜଗନ୍ନାଥପ୍ରସାଦ ପି.ଏମ.ହାଇସ୍କୁଲ କେନ୍ଦ୍ରରେ ୧୭୭ଜଣ ପରୀକ୍ଷାର୍ଥୀ ଥିବା ବେଳେ ୧୭୪ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ରହିଛନ୍ତି। କୁଣ୍ଡାମୁରା ସାଲେଇଡିପ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୩୦ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସରାପାଲି ନୋଡ଼ାଲ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ସମୁଦାୟ ୨୨୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ୨୨୧ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି କିସିଣ୍ଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୦୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ସେଥି ମଧ୍ୟରୁ ୨୦୩ଜଣ ରେଗୁଲାର ଏବଂ ଜଣେ ମାତ୍ର ଏକ୍ସରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଏହି ସୂଚନା ଦେଇଛନ୍ତି।



ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ମହିଳା ଫୁଟବଲ ଖେଳାଳିମାନେ।

# ଆର୍‌ଡିସିଙ୍କୁ ଭେଟି ଚାକିରି ମାଗିଲେ ଖେଳାଳି

**ସମ୍ବଲପୁର,୧୮।୨(ବ୍ୟୁରୋ)**

ରାଜ୍ୟ ଓ କେନ୍ଦ୍ର ସରକାର ଖେଳାଳିଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏପରିକି ସରକାରଙ୍କ ବିଭିନ୍ନ ବିଭାଗରେ ଖେଳାଳିଙ୍କୁ ଚାକିରି ଦେବାରେ ବ୍ୟବସ୍ଥା ରହିଛି। ହେଲେ ସମ୍ବଲପୁର ଜିଲାରେ ଜାତୀୟସ୍ତରରେ ଜୁନିୟର ଓ ସିନିୟର ଫୁଟବଲ ଖେଳିଥିବା ଏଭଳି ଅନେକ ଖେଳାଳିଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚି ପାରିନାହିଁ। ସମ୍ବଲପୁରର କେତେକ ଖେଳାଳିଙ୍କୁ ଅନ୍ୟ ଘରେ ବାସନ ସଫା କରିବାକୁ ପଡୁଛି। ଟେଲର ଦୋକାନ, ବ୍ୟୁଟି ପାର୍ଲରରେ କେତେକ ଖେଳାଳି କାମ କରୁଛନ୍ତି। ସେହିଭଳି ବିଡି ତିଆରି କରି କେତେକ ଖେଳାଳି ଚଳୁଛନ୍ତି। ଏଣୁ ଖେଳାଳିଙ୍କ ଲାଗି ଥିବା ଯୋଜନା ଏଠାରେ ପ୍ରହସନ ପାଲଟିଛି। ମଙ୍ଗଳବାର ଆରଡିସି ନିରଞ୍ଜନ ସାହୁଙ୍କୁ ଭେଟି କେତେକ ଖେଳାଳି ଏଭଳି ଅଭିଯୋଗ କରିଛନ୍ତି। ଏଥିସହ ଯୋଗ୍ୟତା ଅନୁସାରେ ସେମାନଙ୍କୁ ଚାକିରି ଦେବାକୁ ଦାବି କରିଛନ୍ତି। ଖେଳୁଥିବା ସମୟରେ ସମସ୍ତ ସୁବିଧା ମିଳୁଥିଲା । ଖେଳରେ ପୂରା ସମୟ ବିତିଗଲା। କୌଣସି ରୋଜଗାର କିମ୍ବା ଅନ୍ୟ କ୍ଷେତ୍ରରେ ଚାକିରି ପାଇଁ ଚେଷ୍ଟା କରି ପାରି ନ ଥିଲେ। ଏବେ ପ୍ରତିଯୋଗିତା କରି ଚାକିରି ପାଇବା କଷ୍ଟକର। ତେଣୁ ସରକାର ଚାକିରି ଦିଅନ୍ତୁ ବୋଲି ଏମାନେ ଦାବି କରିଛନ୍ତି। ତେବେ ସରକାରୀ ନିୟମ ଅନୁସାରେ ସୁବିଧା କରିବାକୁ ଚେଷ୍ଟା କରିବେ ବୋଲି ଆରଡିସି ସାହୁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସଞ୍ଜୀତ ମହାନ୍ତି, ମିଳନ ହୋତାଙ୍କ ନେତୃତ୍ୱରେ ଦୀପ୍ତି କିସାନ, ଦ୍ରୌପଦି ମୁଣ୍ଡା, ମୀନା ସୁବାର୍ଣିନି ବାଗ, ସନ୍ତୋଷିନୀ ଓରାମ, ପଦ୍ମିନୀ ସୁନା, ମଧୁମିତା ବେହେରା, ସୁନୀତା ସୁନାର, ବନ୍ଦନା ଓରାମ, ମୀନତି ଟିର୍କି, ପାର୍ବତୀ ମୁଣ୍ଡା, ରୀନା ଓରାମ, କର୍ମି ମୁଣ୍ଡା, ରଜନୀ ମୁଣ୍ଡା, ସୁକାନ୍ତି ବରିହା, ଲିଲି ମୁଣ୍ଡା, ପୁଜା ସାହୁ ପ୍ରମୁଖ ଖେଳାଳି ଆରଡିସିଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି।

# ୨୦ରୁ ରାସ୍ତା, ଅଫିସ ବନ୍ଦ

**ଖରିଫ ଧାନ ଶସ୍ୟବୀମା ପ୍ରଦାନ କରାଯାଉନି**

**ଜମନକିରା, ୧୮। ୨(ଡି.ଏନ୍.ଏ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଚାଷୀଙ୍କୁ ୨୦୧୮ ମସିହାର ଖରିଫ ଧାନ ଚାଷ ବୀମା ରାଶି ପ୍ରଦାନ କରାଯାଉନି। ଏ ନେଇ ଉଭୟ ପ୍ରଶାସନ ଓ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଲିଖିତ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ବୀମା ପ୍ରଦାନ ଯାଇନି। ଏଣୁ ଚାଷୀମାନେ ଉତ୍‌କ୍ଷିପ୍ତ ହୋଇ ଉଠିଛନ୍ତି। ମଙ୍ଗଳବାର ବିଭିନ୍ନ ଲ୍ୟାମ୍ପସ୍‌ରେ ଚାଷୀ ତାଲା ପକାଇଛନ୍ତି। ୨୦ ତାରିଖ ଗୁରୁବାରଠାରୁ ୫୩ ନଂ. ରାସ୍ତାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବେ। ଏହାସହ କୁଚିଣ୍ଡା ଉପଖଣ୍ଡରେ ଥିବା ସମସ୍ତ ତହସିଲ, ବ୍ଲକ୍ ଅଫିସ, କୃଷି ଅଫିସ, ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଯିବ। ଧାନ କିଣାବିକାରେ ହୋଇଥିବା ଅନିୟମିତା ନେଇ ଚାଷୀମାନେ ରାସ୍ତା ଅବରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉପଖଣ୍ଡସ୍ତରୀୟ ଚାଷୀ ସଂଗଠନର ଆବାହକ କୃଷଧ୍ୱଜ ଚୌଧରୀ ଏକ ପ୍ରେସ ବିବୃତିରେ ଏହା ପ୍ରକାଶ କରିଛନ୍ତି। ଜମନକିରା ବ୍ଲକ୍‌ର ୯ଟି କୃଷକ ସୁରକ୍ଷା ସଂଗଠନର ଚାଷୀମାନେ ଏଥିରେ ଉପସ୍ଥିତ ଥିଲେ।



୨୦ରୁ ରାସ୍ତା ଅବରୋଧ ଓ ସରକାରୀ ଅଫିସ ବନ୍ଦ ନେଇ ବୈଠକ ବସିଛି।

## ଫଟୋରେ ଖବର





ମଙ୍ଗଳବାର ରାତିରେ ସମ୍ବଲପୁର ପିଏଚଡି ପଡିଆ ମଞ୍ଚରେ କସ୍ତୁରୀ ଦାଶ ସଂଗୀତ ପରିବେଷଣ କରୁଛନ୍ତି(ବାମ)। ଟ୍ରେଡ ଫେୟାର ମଞ୍ଚରେ ଫେଶନ ଶୋ।

# ବିଦ୍ୟୁତ୍ ବିଲ୍ ସଂଗ୍ରହ, କାଟ୍ ଆରମ୍ଭ

**ସମ୍ବଲପୁର,୧୮।୨(ବ୍ୟୁରୋ)**

ସମ୍ବଲପୁର ୱେସ୍କୋ ପକ୍ଷରୁ ବିରୋଧ ସତ୍ତ୍ୱେ ମଙ୍ଗଳବାରଠାରୁ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଆରମ୍ଭ ହୋଇଛି। ସମ୍ବଲପୁର ସମେତ ୯ଟି ଜିଲାରୁ ମୋଟ ୨ ହଜାର ଗ୍ରାହକଙ୍କ ବିଦ୍ୟୁତ୍ କାଟ୍ ହୋଇଛି। ଗ୍ରାହକଙ୍କ ନିକଟକୁ ବକେୟା ବିଲ୍ ବାବଦକୁ ୨ କୋଟିରୁ ଅଧିକ ଟଙ୍କା ସଂଗ୍ରହ ହୋଇଛି। ପ୍ରଥମ ପର୍ଯ୍ୟାୟରେ କମର୍ସିଆଲ ଗ୍ରାହକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୦ରୁ ଅଧିକ ଟିମ୍ ଗଠନ କରାଯାଇଛି। ୨୫ ହଜାର ଟଙ୍କାରୁ ଅଧିକ ବକେୟା ବିଲ୍ ରହିଥିବା ଗ୍ରାହକଙ୍କୁ ନୋଟିସ କରାଯାଉଛି। ଯଦି ବିଲ୍‌ରେ ତ୍ରୁଟି ରହିଥାଏ ସମାଧାନ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଗ୍ରାହକମାନେ ବକେୟା ବିଲ୍ ପଇଠ କରନ୍ତୁ ବୋଲି ଜେନେରାଲ ମ୍ୟାନେଜର (ବାଣିଜ୍ୟ) ଏ .ପାଟଯୋଷୀ କହିଛନ୍ତି। ସେହିପରି ସମ୍ବଲପୁର ସର୍କଲରେ ଦେବଗଡ, ବ୍ରଜରାଜନଗର, ଝାରସୁଗୁଡା, ସମ୍ବଲପୁର ଇଷ୍ଟ, ସମ୍ବଲପୁର -୧ ସହ ମୋଟ ୫ଟି ଡିଭିଜନରେ ୪୫ଟି ଟିମ୍ ଗଠନ କରାଯାଇଛି। ଘରୋଇ ଓ କମର୍ସିଆଲ ୬୫୦ ଗ୍ରାହକଙ୍କ ବିଦ୍ୟୁତ୍ କାଟ କରାଯାଇଛି। ପ୍ରାୟ ୧ କୋଟି ୧୫ ଲକ୍ଷ ଟଙ୍କା ବକେୟା ବିଲ୍ ଆଦାୟ ହୋଇଛି।



ସମ୍ବଲପୁର ଡିଭିଜନରେ ବିଦ୍ୟୁତ୍ କାଟ କରାଯାଉଛି।

# ବିକ୍ରି ନ ହୋଇ ପଡ଼ିଛି ୨୦ ହଜାର କୁଇଣ୍ଟାଲ ଧାନ

**ଜିଲାପାଳଙ୍କୁ ଭେଟିଲେ ଚାଷୀ ସଂଗଠନ**

**ସମ୍ବଲପୁର,୧୮।୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ କୁଚିଣ୍ଡା ଉପଖଣ୍ଡ ଓ ସମ୍ବଲପୁର ଡିଭିଜନରେ ପ୍ରାୟ ୨୦ ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାକୁ ବାକି ରହିଛି। ଖଳା, ମାର୍କେଟ ଓ ଚାଷୀଙ୍କ ଘରେ ଧାନ ରହିଛି। ହେଲେ ଫେବୃୟାରୀ ୧୦ ତାରିଖଠାରୁ ଧାନ କିଣା ବନ୍ଦ ହୋଇଯାଇଛି। ଅନ୍‌ଲାଇନ୍‌ରେ ଆଉ ସାଇଟ୍ ଖୋଲୁ ନାହିଁ। ଏହା ଜାଣିବା ପରେ ମଙ୍ଗଳବାର ଜିଲା କୃଷକ ସଂଗଠନ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ଭେଟି ଆଲୋଚନା କରିଛି। ଚାଷୀଙ୍କ ଅଭିଯୋଗ କ୍ରମେ ବାସ୍ତବରେ ପ୍ରତିବର୍ଷ ମାର୍କେଟ ଗୁଡିକରୁ ସ୍ୱୀକୃତି ନେଇ ଧାନ ସଂଗ୍ରହ ବନ୍ଦ କରାଯାଏ। ଚାଷୀମାନେ ଏଥିପାଇଁ ଲିଖିତ ଭାବେ ଦେଇଥାନ୍ତି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟାରେ ଚଳିତ ବର୍ଷ ଚାଷୀଙ୍କୁ ଆରମ୍ଭରୁ ଅଣଦେଖା କରାଯାଉଛି । ଟୋକନ ବ୍ୟବସ୍ଥା କରିବା, କଟନୀ ଛଟନି କରି ଚାଷୀଙ୍କୁ ଶୋଷଣ କରିବା, ଏସଏଚଜି ମହିଳାଙ୍କୁ ଆଳ କରି ଦୁର୍ନୀତି କରିବା ଭଳି ଅଭିଯୋଗ ହୋଇ ଆସିଛି। ହେଲେ ପ୍ରଶାସନ ଓ ସରକାର ଦୃଷ୍ଟି ଦେଲା ନାହିଁ। ଏବେ ଧାନ ବିକ୍ରି କରିବାକୁ ରହିଥିବା ବେଳେ ମାର୍କେଟ ବନ୍ଦ ହୋଇଯିବା ଚାଷୀଙ୍କ ପାଇଁ ଆଉ ଏକ ସମସ୍ୟା ହୋଇ ପଡିଛି। ଏହି ଧାନ ଚାଷୀମାନେ କିପରି ବିକ୍ରି କରି ପରିବେ ତାହା ପ୍ରଶ୍ନ ଉଠିଛି। ବାଧ୍ୟ ହୋଇ ବଜାରରେ କୁଇଣ୍ଟାଲ ପିଛା ୧୨ଶହରୁ ୧୩ ଶହ ଟଙ୍କାରେ ବିକ୍ରି କରି ଚାଷୀ ଅଭାବୀ ବିକ୍ରିର ଶିକାର ହେବେ। ସରକାର ଭୁବନେଶ୍ୱରରେ ବସି ଏଭଳି ନିଷ୍ପତ୍ତି ନେଲେ ଏହା ଚାଷୀଙ୍କ ପାଇଁ ସମସ୍ୟା ହେଉଛି। ଏଣୁ ଶିଘ୍ର ଏହାର ସମାଧାନ କରିବାକୁ ଦାବି କରାଯାଇଛି। ତେବେ ଜିଲାପାଳ ସକସେନା ଏ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, କାଶୀ ବିଶ୍ୱନାଥ, ପ୍ରଦୀପ ପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

# ବେଲପାହାଡ଼ ସେମିଫାଇନାଲରେ

**ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ**

**ସମ୍ବଲପୁର, ୧୮।୨ (ବ୍ୟୁରୋ)**

ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ ବେଲପାହାଡ ଲିଓ ୟୁଥ ଆସୋସିଏସନ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହାୱା ମଇଦାନଠାରେ ବେଲପାହାଡ ବନାମ ଫୋରସି ମଧ୍ୟରେ ମ୍ୟାଚ ହୋଇଥିଲା। ବେଲପାହାଡ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟରେ ୨୭୧ ରନ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ କମଳେଶ ଶର୍ମା ୩୨ ବଲରେ ୫୯ ଓ ସାଗର ରାଉତ ୩୩ ବଲରେ ୫୭ ରନ କରିଥିଲେ। ଫୋରସି ବୋଲର ଏସ ସିଂ ୩ ଓଭରରେ ୨୪ ରନ ଦେଇ ଦୁଇଟି ଓ ମହମ୍ମଦ ଇଜାଜ୍ ୫ଓଭରରେ ୫୨ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ୨୭୨ ରନର ବିଜୟ ଲକ୍ଷ୍ୟ ନେଇ ଫୋରସି ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ବ୍ୟାଟ୍ସମ୍ୟାନ ସମିତ ମହାପାତ୍ର ୨୭ ବଲରେ ୪୩ ଓ ରୋଶନ ମହାପାତ୍ର ୧୧ ବଲରେ ୨୩ ରନ କରିଥିଲେ। ବେଲପାହାଡ ବୋଲର ବାଦଲ ନିଶାତ ୩.୩ ଓଭରରେ ୧୧ ରନ ଦେଇ ୪ଟି ଓ ସାଗର ରାଉତ ୫ ଓଭରରେ ୨୯ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟର ମହମ୍ମଦ ଇସାକ ଓ ପ୍ରଭଞ୍ଜନ ବଳ ମ୍ୟାଚ ପରିଚାଳନା କରିଥିଲେ। ସୂର୍ଯ୍ୟ ତ୍ରିପାଠୀ ଓ ସୌରଭ ଚନ୍ଦ୍ର ପଣ୍ଡା ସ୍କୋରର ଥିଲେ। ଅଲରାଉଣ୍ଡର ଖେଳ ନିମନ୍ତେ ବେଲପାହାଡର ସାଗର ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା।




ସମ୍ବଲପୁର ହାୱା ମଇଦାନଠାରେ ସାଗର ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଉଛି।



## କାଜୁରେ ପୋକ ଦମନ

**କା**ଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ ଭାଗ ବକଳ ଗୋଲେଇ କରି ଛଡାଇ ଦିଅନ୍ତୁ। ଏଥିସହିତ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟଫସ(ଶତକଡା ୦.୦୫ ଭାଗ) ପ୍ରୟୋଗ କରନ୍ତୁ। ଉକୁଣିଆ ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ ସିଞ୍ଚନ କରନ୍ତୁ। ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ। ଗଛ ପ୍ରତି ୧୦-୨୦ କିଗ୍ରା ଖତ, ୭୫୦ ଗ୍ରାମ୍ ଯବକ୍ଷାରଜାନ, ୧୨୫ଗ୍ରାମ୍ ଫସ୍‌ଫରସ୍ ଏବଂ ୧୨୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି ଗଛରେ ୨୦-୨୫ ଲିଟର ପାଣି ଦିଅନ୍ତୁ।



## ଖରାଟିଆ ଗେଣ୍ଡୁଫୁଲ

**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡିକୁ ଧାଡି ୫ ସେମି ବ୍ୟବଧାନରେ ବିହନକୁ ୧ ସେମି ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡା ଘୋଡାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡ କରି ଏକର ପ୍ରତି ୧୦ ଟନ୍ ଶଢା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସ୍‌ଫରସ୍ ଓ ୮୦ କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କିଗ୍ରା ଯବକ୍ଷାରଜାନ ଏକମାସ ପରେ କୋଡାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୨୦-୨୦ ସେମି ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

# ଗୋଖାଦ୍ୟ ଉପଚାରିତ ନଡ଼ା



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



**ଆ**ମ ରାଜ୍ୟର ଗୋରୁ ସାଧାରଣତଃ ପଡ଼ିଆରେ ଚରିଥାନ୍ତି। କଞ୍ଚା ଘାସ ସେମାନଙ୍କୁ ପ୍ରାୟତଃ ବର୍ଷାଦିନେ ହିଁ ମିଳିଥାଏ। କେତେକ ଗୋପାଳକ ଘାସ ଚାଷ କରି ଗୋମହିଷାଦିଙ୍କୁ ବର୍ଷ ସାରା କଞ୍ଚା ଘାସ ଯୋଗାଉଥିଲେ ହେଁ ମୁଖ୍ୟତଃ ଧାନନଡା ଗୋଖାଦ୍ୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋପାଳକମାନେ ଚାଷୀ ହୋଇଥିବାରୁ ସେମାନଙ୍କ ପାଖରେ ନଡା ବା ପାଳ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ। ରୋମନ୍ଥନ କରୁଥିବା ପ୍ରାଣୀମାନଙ୍କ କ୍ଷେତ୍ରରେ ଧାନନଡାର ୪୦ରୁ ୫୦ ଭାଗ ହଜମ ହୋଇଥାଏ। ଛଣ ବା ନଡାରେ ୩ରୁ ୫ ପ୍ରତିଶତ ଅଶୋଧିତ ଶ୍ୱେତସାର ଥାଏ। ଖାଲି ନଡା ଖାଉଥିବା ଗୋରୁଙ୍କ ଖାଦ୍ୟରେ ଶତକଡା ୮ରୁ ୧୦ ଭାଗ ପୁଷ୍ଟିସାର ରହିବା ଆବଶ୍ୟକ। ନଡାରେ ୦.୦୨ରୁ ୦.୧୬ ପ୍ରତିଶତ ଫସ୍‌ଫରସ୍ ଥାଏ। ଗୋମହିଷାଦଙ୍କର ଶରୀର ବୃଦ୍ଧି ଓ ପ୍ରଜନନ ଲାଗି ଶତକଡା ୦.୩୧ ପ୍ରତିଶତ ଫସ୍‌ଫରସ୍ ଦରକାର। ସେହିପରି ଗୋଖାଦ୍ୟରେ ଶତକଡା ୦.୪ ପ୍ରତିଶତ କ୍ୟାଲସିୟମ ରହିବା ଦରକାର। କିନ୍ତୁ ନଡାରେ ଏତେ ପରିମାଣର କ୍ୟାଲସିୟମ ନ ଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ତମ୍ବା ବା କପର ମଧ ନ ଥାଏ। ଏହାଛଡା ନଡାରେ ସିଲିକା ଭାଗ କମ ଥାଏ। ଉତ୍ତମ ହଜମ ଶକ୍ତି ବୃଦ୍ଧି, ଖାଦ୍ୟ ବୃଦ୍ଧି, ଶରୀର ବୃଦ୍ଧି ଏବଂ ପ୍ରଜନନ ଶକ୍ତି ବୃଦ୍ଧି ପାଇଁ ନଡାଗୁଡିକୁ ଉପଚାରିତ କରାଯାଇଥାଏ। ଛଣର ଉପଚାରକୁ ୩ ଭାଗରେ ବିଭକ୍ତ କରିପାରିବା। ପ୍ରଥମଟି ଭୌତିକ, ଦ୍ୱିତୀୟଟି ରାସାୟନିକ ଏବଂ ତୃତୀୟଟି ଜୀବ ବିଜ୍ଞାନୀୟ। ଚୂନାକରି, ରାନ୍ଧିକରି ଭୌତିକ ଉପାୟରେ ଗୋଖାଦ୍ୟରେ ପୋଷକତତ୍ତ୍ୱ ବୃଦ୍ଧି କରାଯାଇପାରେ। ଅଣୁଜୀବଙ୍କ ଦ୍ୱାରା ଜୀବ ବିଜ୍ଞାନୀୟ ଉପଚାର କରାଯାଇପାରେ। ମାତ୍ର ୩ଟି ଉପଚାର ମଧ୍ୟରୁ ରାସାୟନିକ ଉପଚାର ସର୍ବୋତ୍କୃଷ୍ଟ।

ନଡାକୁ ୟୁରିଆ, କ୍ୟାଲସିୟମ ହାଇଡ୍ରୋକ୍‌ସାଇଡ ଦ୍ୱାରା ଉପଚାରିତ କଲେ ନଡା ରୁଚିକର ହୋଇ ଖାଦ୍ୟ ଗ୍ରହଣ ବୃଦ୍ଧି ସଙ୍ଗେ ସଙ୍ଗେ ଦୁଗ୍ଧ ଉତ୍ପାଦନ ମଧ ବୃଦ୍ଧି ପାଇଥାଏ। ଛଣ ବା ନଡାକୁ ୟୁରିଆ ଦ୍ୱାରା ଉପଚାରିତ କରିଲେ ପାଣିରେ ୟୁରିଆରୁ ଆମୋନିଆ ନିର୍ଗତ ହୋଇଥାଏ। ୟୁରିଆ ବଜାର ଏବଂ ଗାଁ ଗହଳରେ ପ୍ରଚୁର ପରିମାଣରେ ମିଳୁଥିବା,ଉପଚାର ପ୍ରକ୍ରିୟା ସହଜ ହୋଇଥିବା ଏବଂ ମୂଲ୍ୟ ଶସ୍ତା ହୋଇଥିବାରୁ ଏହାର ଉପଯୋଗ ବହୁଳ ଭାବରେ ହେଉଛି।

ଛଣ ବା ନଡାକୁ ଗୋରୁଙ୍କୁ ସିଧାସଳଖ ଖାଇବାକୁ ଦେବା ଦ୍ୱାରା ସେମାନେ ସମ୍ପୂର୍ଣ୍ଣ ରୂପେ ଏହାକୁ ଖାଇ ପାରି ନ ଥାନ୍ତି ଏବଂ ରୁଚିକର ନ ହେବା ଦ୍ୱାରା ନଷ୍ଟ କରିଥାନ୍ତି। ସାଧାରଣତଃ ଗୋପାଳକମାନେ ଘାସକୁ ଘାସକଟା ଯନ୍ତ୍ର ଏବଂ ନଡାକୁ ଭୁଷି କଟା ପନିକିରେ କାଟି ଭୁଷି ହିସାବରେ ଖାଇବାକୁ ଦେଇଥାନ୍ତି। ବର୍ଦ୍ଧିତ ଦୁଗ୍ଧ ଉତ୍ପାଦନ, ଦାନା ଖର୍ଚ୍ଚ ହ୍ରାସ ପାଇଁ ନଡ଼ାକୁ ଉପଚାରିତ କରିବା ଆବଶ୍ୟକ। ନଡ଼ାକୁ ଚିକିଟିକି କରି କାଟି ବା ଭୁଷି କାଟି ଛୋଟ ନଡ଼ାଖଣ୍ଡଗୁଡ଼ିକୁ ଇଉରିଆ ଦ୍ରବଣ, ଲୁଣ, ଗୁଡ଼, କ୍ୟାଲ୍‌ସିୟମ୍ ପାଉଡର, ମକାଗୁଣ୍ଡ, ସୋୟାବିନଗୁଣ୍ଡ, କପାମଞ୍ଜି ଗୁଣ୍ଡ ମିଶାଇ ଉପଚାରିତ କରନ୍ତୁ। ଉପଚାରିତ ନଡ଼ା ସୁସ୍ୱାଦୁ ହେବା ସଙ୍ଗେ ସଙ୍ଗେ ଏହାର ଦ୍ରବ୍ୟଗୁଣ ବୃଦ୍ଧି ପାଇଥାଏ। ସହଜରେ ହଜମ ହୁଏ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ।

ନଡ଼ାକୁ ୧ ଇଞ୍ଚ ବା ୨ ଇଞ୍ଚ ଲମ୍ବାରେ ଭୁଷିକଟା ପନିକି କିମ୍ବା ଘାସକଟା ଯନ୍ତ୍ରରେ କାଟନ୍ତୁ। ଛୋଟ ନଡ଼ାଖଣ୍ଡଗୁଡ଼ିକୁ ୧୨ ଘଣ୍ଟା ପାଣିରେ ବତୁରାଇ ଛାଣି ରଖନ୍ତୁ। ଗୋଟିଏ ପାତ୍ରରେ ଏକ ଲିଟର ପାଣି ନେଇ ୧୦୦ ଗ୍ରାମ ଇଉରିଆ, ୧୦୦ ଗ୍ରାମ ଲୁଣ, ୨୦୦ ଗ୍ରାମ କ୍ୟାଲସିୟମ୍ ପାଉଡର, ୨୦୦ ଗ୍ରାମ କାଣ୍ଟିଗୁଡ଼ ବା ରାବଗୁଡ଼ ମିଶାଇ ଏକ ଦ୍ରବଣ ତିଆରି କରନ୍ତୁ। ପୂର୍ବରୁ ପକ୍‌କା ଚଟାଣ କିମ୍ବା ପଲିଥିନ ଉପରେ ଖେଳାଯାଇଥିବା ୧୦ କି.ଗ୍ରା. ଭିଜା ନଡ଼ା ଉପରେ ଉପରୋକ୍ତ ଦ୍ରବଣକୁ ପାଣିଝରାରେ ସିଞ୍ଚନ କରନ୍ତୁ ଏବଂ ୧୫୦ ଗ୍ରାମ ମକାଗୁଣ୍ଡକୁ ତା' ଉପରେ ଛିଞ୍ଚି ହାତରେ ଭଲଭାବେ ଗୋଳାନ୍ତୁ। ନଡ଼ା ଉପଚାରିତ ହେବାର ୩ରୁ ୪ ଘଣ୍ଟା ପରେ ଗୋ ମହିଷାଦିଙ୍କୁ ଖାଇବାକୁ ଦିଅନ୍ତୁ। ଗୋଟିଏ ଦୁଧିଆଳି ଗାଈକୁ ଥରକେ ୪ କିଗ୍ରା ହିସାବରେ ଦିନକୁ ୪ ଥର ଉପଚାରିତ ନଡ଼ା ଖାଇବାକୁ ଦିଅନ୍ତୁ। ଗର୍ଭବତୀ ଗାଈ, ଛଡ଼ା ଏବଂ ବାଛୁରୀଙ୍କୁ ଉପଚାରିତ ନଡ଼ା ଦିଅନ୍ତୁ ନାହିଁ। ବଳଦ ଏବଂ ପଡ଼ିଆ ଗାଈଙ୍କୁ ଉପଚାରିତ ନଡ଼ା ଖାଇବାକୁ ଦେଇ ଦାନା ଖର୍ଚ୍ଚ ହ୍ରାସ କରାଯାଇପାରେ। ଉପଚାରିତ ନଡ଼ା ପାଇଁ ଧାର୍ଯ୍ୟ ୟୁରିଆର ପରିମାଣଠାରୁ ଇଉରିଆ ଯେପରି ଅଧିକ ନ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

ଛୋଟ ଛୋଟ ନଡ଼ାକୁ ଭିଜାଇ ବାମ୍ଫ ଦେଇ ମଧ୍ୟ ଗାଈକୁ ଖାଇବାକୁ ଦିଆଯାଇପାରେ। ସୋଡ଼ିୟମ, କ୍ୟାଲସିୟମ, ପୋଟାସିୟମ, ହାଇଡ୍ରୋକ୍‌ସାଇଡ ଏବଂ ଆମୋନିଆରେ ମଧ୍ୟ ନଡ଼ାକୁ ଉପଚାରିତ କରାଯାଇପାରିବ। ଜୀବ ବିଜ୍ଞାନୀୟ ପଦ୍ଧତିରେ କବକ ବା ଫିମ୍ପି ଦ୍ୱାରା ମଧ୍ୟ ନଡ଼ାକୁ ଉପଚାରିତ କରାଯାଇପାରିବ। ୟୁରିଆ ଦ୍ୱାରା ନଡ଼ାର ଉପଚାର ସବୁଠୁ ଶସ୍ତା ହେଲେ ମଧ୍ୟ କବକଙ୍କ ଦ୍ୱାରା ଉପଚାର ସବୁଠୁ ନିରାପଦ ପ୍ରକ୍ରିୟା ଏବଂ ପରିବେଶର ସୁରକ୍ଷା ମଧ୍ୟ କରିଥାଏ।

ଉପଚାରିତ ନଡ଼ା ଖାଇଲେ ଗୋ ମହିଷାଦିଙ୍କର ନଡ଼ା ଖାଇବା ବଢ଼େ, ସ୍ୱାସ୍ଥ୍ୟ ଭଲ ରହେ, ଚର୍ମ ଚିକ୍‌କଣ ଦିଶେ, ଗୋଖାଦ୍ୟ ଖର୍ଚ୍ଚ କମ୍ ହେବା ସଙ୍ଗେସଙ୍ଗେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥାଏ। ତେଣୁ କମ୍ ଖର୍ଚ୍ଚରେ ଗୋଖାଦ୍ୟରେ ପୁଷ୍ଟିସାର, ଖଣିଜ ଦ୍ରବ୍ୟର ଆବଶ୍ୟକତା ପୂରଣ ଲାଗି ଉପଚାରିତ ନଡ଼ା ଅନ୍ୟଏକ ସହଜ ଏବଂ ଉପାଦେୟ ଉପାୟ।

ମୋ: ୭୮୯୪୩୩୫୩୭୧



# ଚାଷରୁ ମିଳୁଛି ଆନନ୍ଦ

**ସଫଳଚାଷୀ**

**ବସନ୍ତ କୁମାର ଦାସ**

**ଭ**ଦ୍ରକ ଜିଲା ବାସୁଦେବପୁର ବ୍ଲକ ତଳସାହି ଗ୍ରାମର ବସନ୍ତ କୁମାର ଦାସ(ମୋ:୯୬୯୨୦୦୬୬୪୬)। ମା' ଜାଡିମଣି ଦାସ ଓ ପିତାଙ୍କ ନାମ ମହେନ୍ଦ୍ର ଦାସ। ଜଣେ ସଫଳ ଚାଷୀ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ବସନ୍ତ। ଚାଷ ପ୍ରତି ଅହେତୁକ ଆଗ୍ରହ ଏବଂ ପରିଶ୍ରମ ପ୍ରତି ଆନ୍ତରିକତା ତାଙ୍କୁ ଏଇଠି ପହଞ୍ଚାଇଛି ବୋଲି କୁହନ୍ତି ସେ।

୧୯୯୪ରେ ବାପାଙ୍କର ଆକସ୍ମିକ ମୃତ୍ୟୁ ପରେ ପରିବାର ବୋଝ ଲଦି ହୋଇପଡ଼ିଲା ବସନ୍ତଙ୍କ ଉପରେ। ଗ୍ରାଜୁଏଶନ୍ ଶେଷ ପରେ ବାଲେଶ୍ୱରସ୍ଥିତ ବିର୍ଲା ଟାୟାର୍ସରେ ଅସ୍ଥାୟୀ କର୍ମଚାରୀ ଭାବେ ୨ ବର୍ଷ କାର୍ଯ୍ୟ କରିଥିଲେ। ସ୍ୱଳ୍ପ ଦରମାରେ ପରିବାର ଚଳାଇବା ଦିନକୁ ଦିନ କଷ୍ଟକର ହେବାରୁ ସେ ଚାକିରି ଛାଡ଼ି ଦେଲେ। ଆଉ ସ୍ୱରୋଜଗାରକ୍ଷମ ହେବା ଲାଗି କୃଷିକୁ ଆପଣାଇବା ପାଇଁ ସେ ଗାଁକୁ ଫେରିଆସିଲେ। ଆରମ୍ଭ ହେଲା ଉଦ୍ୟମ। ୧୯୯୭ରେ ସେ ତାଙ୍କର ୫ ଏକର ଜମିରେ କୃଷି କାର୍ଯ୍ୟ ଆରମ୍ଭ କଲେ। ପ୍ରାଥମିକ ସଫଳତା ତାଙ୍କ ମନୋବଳକୁ ବଢାଇଦେଲା। ପରେ ନିଜସ୍ୱ ଉଦ୍ୟମରେ ଏକ ଉଠା ଜଳସେଚନ ପଏଣ୍ଟ ବସାଇ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇଲେ। ରବି ଓ ଖରିଫ୍ ଋତୁରେ ବୈଷୟିକ ଜ୍ଞାନ କୌଶଳକୁ ଆଧାର କରି ଉନ୍ନତ ମାନର ଯନ୍ତ୍ରାଂଶ ସହାୟତାରେ କୃଷି କାର୍ଯ୍ୟକୁ ଆଗେଇ ନେଲେ। ୨୦୦୭ରେ ତତ୍କାଳୀନ କୃଷି ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ପ୍ରେରଣାରେ ରବି ଋତୁରେ ସୂର୍ଯ୍ୟମୁଖୀ, ସୋରିଷ, ମୁଗ, ବିରି ସମେତ ପନିପରିବା ଚାଷ କଲେ। ଏଥିସହିତ ନିଜେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାର ଯୋଗାଇବାରେ ସମର୍ଥ ହେଲେ। ବର୍ତ୍ତମାନ ୪ ଏକରୁ ଊର୍ଦ୍ଧ୍ୱ ଜମିରେ ସୂର୍ଯ୍ୟମୁଖୀ ସମେତ ଅନ୍ୟ ତୈଳବୀଜ ଫସଲ ଏବଂ କଲରା, ବାଇଗଣ,

ଭେଣ୍ଡି, ବିନ୍, ଜହ୍ନି, କାକୁଡ଼ି, ଟମାଟୋ, ଶିମ୍ବ, ଲଙ୍କା ଭଳି ପନିପରିବା ଚାଷ କରିଥିବା ବେଳେ ୩୫୦ ମନ୍ଦା ବୋଇତାଲୁ ଚାଷ କରିଛନ୍ତି। ପନିପରିବା ଚାଷରୁ ବାର୍ଷିକ ୨ ଲକ୍ଷରୁ ଊର୍ଦ୍ଧ୍ୱ ଓ ଧାନ ଫସଲରୁ ଅଢେଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ହେଉଥିବା କୁହନ୍ତି ସେ । ଧାଡ଼ିରୁଆ କ୍ଷେତ୍ରରେ ସେ ଜଣେ ଆଦର୍ଶ ଚାଷୀ । କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୦୧୧ରେ ଆନ୍ଧ୍ରପ୍ରଦେଶ, ୨୦୧୩ରେ ହରିୟାଣା, ହିମାଚଳ ପ୍ରଦେଶ, ଦିଲ୍ଲୀ, ୨୦୧୯ରେ ଝାଡ଼ଖଣ୍ଡ ଆଦି ରାଜ୍ୟକୁ କୃଷି ବିଭାଗ ଓ ରାଜ୍ୟସରକାରଙ୍କ ପକ୍ଷରୁ ଏକ୍ସପୋଜର୍ ଭିଜିଟ୍ ପାଇଁ ଯାଇ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ମଧ୍ୟ ପାଲଟିଛନ୍ତି ବସନ୍ତ। ୨୦୧୧ରେ ଜିଲାର ଶ୍ରେଷ୍ଠ ଚାଷୀ, ୨୦୧୪/୧୫ରେ ସଫଳ ଧାଡ଼ିରୁଆ ଚାଷୀ, ୨୦୧୨ରେ କୃଷିମନ୍ତ୍ରୀଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ପକ୍ଷରୁ ମଧ୍ୟ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହିତ ଜଣେ ସଫଳ କଳାକାର ଭାବରେ ମଧ୍ୟ ବେଶ୍ ଜଣାଶୁଣା। ପିଲାଟିଦିନରୁ ନାଟକ ପ୍ରତି ତାଙ୍କର ମଧ୍ୟ ବେଶ୍ ଆଗ୍ରହ ଥିଲା। ବର୍ତ୍ତମାନ ସୁଦ୍ଧା ଶହେରୁ ଊର୍ଦ୍ଧ୍ୱ ନାଟକରେ ସେ ଅଭିନୟ କରିସାରିଲେଣି। କୃଷି ଓ କଳାର ଏହି ସମନ୍ୱିତ ବ୍ୟକ୍ତିଙ୍କୁ ଚାଷକାର୍ଯ୍ୟରୁ ଆନନ୍ଦ ମିଳୁଥିବା ବ୍ୟକ୍ତ କରନ୍ତି। ଯୁବସମାଜ ଚାଷ ପ୍ରତି ଆକୃଷ୍ଟ ହୋଇ ବୈଜ୍ଞାନିକ ଜ୍ଞାନ କୌଶଳ ଆଧାରରେ କୃଷି କାର୍ଯ୍ୟ କଲେ ନିଶ୍ଚିତ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଦୃଢୋକ୍ତି ବାଢନ୍ତି ସେ। ତେବେ ବାସୁଦେବପୁରରେ ଫସଲ ସଂରକ୍ଷଣ ପାଇଁ ଏକ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ସରକାର ଏହାର ବିହିତ ବ୍ୟବସ୍ଥା କରାଇଲେ ଅନେକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି କୁହନ୍ତି ଏହି ଅଗ୍ରଣୀ ଚାଷୀ।

**-ନାରାୟଣ ଚନ୍ଦ୍ର ବାରିକ**



# ଜୈବିକ ପଦ୍ଧତିରେ ଲଙ୍କାଚାଷ

**ମାନସ ରଞ୍ଜନ ପଟ୍ଟନାୟକ**

**ଲ**ଙ୍କା ଏକ ଅର୍ଥକରୀ ମସଲା ଫସଲ। ଏହା ଖାଦ୍ୟକୁ ସ୍ୱାଦ ଓ ରଙ୍ଗ ଯୋଗାଇଥାଏ। ଏଥିରେ ଆମେ ଭିଟାମିନ୍-ଏ, ସି, ଇ ଏବଂ ପି ରହିଛି।

-ଉଷ୍ଣ ଓ ଗ୍ରୀଷ୍ମମଣ୍ଡଳ ଅଞ୍ଚଳରେ ଏହା ସବୁ ଋତୁରେ ଲଙ୍କାଚାଷ କରାଯାଇ ପାରିବ। - ନିଗିଡ଼ା, ଦୋରସା, ଉର୍ବର ଏବଂ ପିଏଚ୍ ୬-୭ ଥିବା ମାଟିରେ ଲଙ୍କାଚାଷ ଭଲ ହୋଇଥାଏ। ରାସାୟନିକ କ୍ଷେତଠାରୁ ୨୫ରୁ ୫୦ ଫୁଟ ଦୂରରେ ଜୈବିକ ଚାଷ କରାଯାଏ।

**କିସମ:** ଅଧିକ ଅମଳକ୍ଷମ ଓ ରୋଗପୋକ ନିରୋଧକ କିସମଗୁଡ଼ିକ ହେଲା ଉତ୍କଳ ଆଭା, ଉତ୍କଳ ରଶ୍ମୀ, ସିନ୍ଦୁରୀ, ପୁଷାଜ୍ୱାଳା।

**ବଂଶବିସ୍ତାର:** ଏକର ପ୍ରତି ୪୦୦ରୁ ୬୦୦ ଗ୍ରାମ ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ୨.୫ ଗ୍ରାମ୍ ଟ୍ରାଇକୋଡ୍ରମା ଭିରିଡି ସହିତ ବିହନ ଶୋଧନ କରି ବୁଣାଯାଏ।

**ଚାରା ପ୍ରସ୍ତୁତି:** ମାଟିକୁ ସୂର୍ଯ୍ୟକିରଣ ବିଶୋଧନ ପଲିଥିନ ଘୋଡ଼ାଇ ରଖନ୍ତୁ। ଲଗାଇବାର ୩୦-୩୫ ଦିନ ପୂର୍ବରୁ ୪୦-୪୫ ବର୍ଗମିଟର ତଳିଘେରା ପ୍ରସ୍ତୁତ କରି ବର୍ଗମିଟର ପ୍ରତି ୩ କି.ଗ୍ରା ଜିଆଖତ କିମ୍ବା ୫ କି.ଗ୍ରା ଶଢ଼ା କମ୍ପୋଷ୍ଟ ଏବଂ ୨୫୦ ଗ୍ରାମ୍ ନିମ ପିଡିଆ ମିଶାଯାଏ। ୧୦ ଗ୍ରାମ୍ ଟ୍ରାଇକୋଡ୍ରମା ଭିରିଡ଼ିକୁ କମ୍ପୋଷ୍ଟ ସହିତ ମିଶାଇ ପକାଇଲେ ମୂଳଶଢ଼ା ରୋଗ ହୋଇ ନ ଥାଏ। ଶୁକ୍ଳ ପକ୍ଷରେ ବିହନକୁ ୫-୭ ସେମି ବ୍ୟବଧାନରେ ୧ ସେ.ମି. ଗଭୀରରେ ପକାଇ ଘାସପତ୍ର ଘୋଡ଼ାଇ ଚାରା କରାଯାଏ। ଭାସ୍‌କଲଚର ୧-୨ କି.ଗ୍ରା (ବର୍ଗମିଟର) ପ୍ରୟୋଗ କଲେ ଉପକାର ମିଳିଥାଏ।

**ଲଗାଇବା ପ୍ରଣାଳୀ:** ଚାରା ରୋପଣର ୬-୭ ସପ୍ତାହ ପୂର୍ବରୁ ଏକର ପ୍ରତି ୨୦୦ କିଗ୍ରା କାଗଜ କଳ ମଇଳା (ଅମ୍ଳୀୟ ମାଟି ବେସ୍) ୨୦୦ କି.ଗ୍ରା ନିମ, କରଞ୍ଜ, ମହୁଲ ବା ଜଡା ପିଡିଆ ଏବଂ ୧୨୦ କିଗ୍ରା ରକ୍ ଫସ୍‌ଫେଟ୍ ମିଶାଇ ୨୦ କିଗ୍ରା ବୁଣି ବା ଧନିଆ ମଞ୍ଜି ବୁଣି ଗଛକୁ ମାଟିରେ ମିଶାନ୍ତୁ। ଏକର ପ୍ରତି ୬-୮ ଟନ ଶଢ଼ା କମ୍ପୋଷ୍ଟ ମିଶାଇ ୩-୪ ଓଡ ଚାଷ କରି ପଟାଳିରେ ଧାଡିକୁ ଧାଡି ୩୦-୯୦ ସେ.ମି, ଗଛକୁ ଗଛ ୨୦-୩୫ ସେମି ବ୍ୟବଧାନରେ ଲଗାନ୍ତୁ। ଚାରାରୋପଣ ପୂର୍ବରୁ ଚାରାର ମୂଳକୁ ଟ୍ରାଇକୋଡ୍ରମା ଭିରିଡ଼ି (୫ ଗ୍ରାମ୍ +୧୦-୨୦ମି.ଲି ପାଣି)ରେ ବିଶୋଧନ କରନ୍ତୁ।

**ଖତସାର ପରିଚାଳନା:** ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୬-୮ ଟନ୍ କମ୍ପୋଷ୍ଟ ଏବଂ ୧୨୦ କିଗ୍ରା ରକ୍ ଫସ୍‌ଫେଟ୍ ପ୍ରୟୋଗ କରନ୍ତୁ। ଲଗାଇବା ସମୟରେ ଆଜୋଟୋ ବ୍ୟାକ୍ଟର ଏବଂ ଫସଫେଟ୍ କଲ୍‌ଚରରେ ଚାରା ଚେର ଶୋଧନ କରନ୍ତୁ କିମ୍ବା ଏକର ପ୍ରତି ୨-୩ କିଗ୍ରା ଲେଖାଏଁ ମାଟିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ୧-୨ କୁଇଣ୍ଟାଲ ମେଣ୍ଢା ଛେଳି ଖତ ଏବଂ କୁଇଣ୍ଟାଲ ନିମ ପିଡିଆ ମଧ୍ୟ ପ୍ରୟୋଗ କରାଯାଇପାରିବ। କୋଡାଖୁସା ସମୟରେ ଏକର ପ୍ରତି ୧ କୁଇଣ୍ଟାଲ ଜିଆଖତ ଏବଂ ୮୦ ଷ୍ଟେରାମିଲ୍ ପ୍ରୟୋଗ କରାଯିବା ଆବଶ୍ୟକ। ଗୋମୂତ୍ର ପାଣିରେ ମିଶାଇ ୧:୧୦ ସାତଦିନ ବ୍ୟବଧାନରେ ସିଞ୍ଚନ କଲେ ଯବକ୍ଷାରଜାନ ଅଭାବ ପଡି ନ ଥାଏ।



**ରୋଗ ପୋକ ପରିଚାଳନା-**

**ମୂଳଶଢ଼ା ରୋଗ:** ବିହନକୁ ତଳିଘର ମାଟିକୁ ଟ୍ରାଇକୋଡ୍ରମା ଭିରିଡି ଦ୍ୱାରା ବିଶୋଧନ କରନ୍ତୁ। ତଳିଘେରା ମାଟିକୁ ସୂର୍ଯ୍ୟକିରଣରେ ବିଶୋଧନ କରନ୍ତୁ ଏବଂ ତଳିଘେରା ପ୍ରତିବର୍ଷ ବଦଳାନ୍ତୁ।

**ପତ୍ରମୋଡ଼ା ରୋଗ:** ହଳଦୀଗୁଣ୍ଡ, ପେଜ ଓ ପାଣିକୁ ସମ ପରିମାଣରେ ମିଶାଇ ଛାଣିବାପରେ ବଡ଼ି ସକାଳୁ (ସୂର୍ଯ୍ୟୋଦୟ ପୂର୍ବରୁ)ସ୍ପ୍ରେ କରନ୍ତୁ।

**ମୋଡ଼ାଇକ ରୋଗ:** ଆକ୍ରାନ୍ତ ଗଛକୁ ଉପାଡ଼ି ନଷ୍ଟ କରିବା ସହିତ ଏବଂ ଏହାର ପରିଚାଳନା ପାଇଁ ୩% ନିମ ତେଲ ପ୍ରୟୋଗ କରନ୍ତୁ। (କ୍ରମଶଃ...)

*- ପ୍ରିନ୍ସିପାଲ, ଆଗ୍ରୋ-ପଲିଟେକ୍ନିକ୍ କଲେଜ, ବୌଦ୍ଧ, ଓୟୁଏଟି*

# ଚାଷୀଙ୍କ ପାଇଁ...

-ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।

-ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭ୍ୟାକ୍ସିନ୍ ଓ ଛେଳିଙ୍କ ପିପିଆର ରୋଗ ଲାଗି ପିପିଆର ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

- କୁକୁଡାଙ୍କର ନାଳି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

-କୁକୁଡାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

-ବନରାଜ ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।



# ଫେରାର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱରରୁ ଗିରଫ

ଭଦ୍ରକ ଅଫିସ,୧୮।୨


ମାନସ କୁମାର ମହାନ୍ତି।

ଲାଞ୍ଚ ନେବା ଅଭିଯୋଗରେ ମାସେ ହେଲା ଫେରାର ଥିବା ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ(୧)ର ନିର୍ବାହୀ ଯନ୍ତ୍ରୀ ମାନସ କୁମାର ମହାନ୍ତିଙ୍କୁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ପଟିଆସ୍ଥିତ ତାଙ୍କ ଘରୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୋଟ ୩ କୋଟି ୯୦ ଲକ୍ଷ ଟଙ୍କା ତାଙ୍କର ସ୍ଥାବର ସମ୍ପତ୍ତି ଥିବା ସୂଚନା ମିଳିଛି।

ଗତ ଜାନୁୟାରୀ ୯ ତାରିଖରେ ଠିକାଦାର ଦିଗମ୍ବର ଦାସଙ୍କଠାରୁ ୮ ଲକ୍ଷ ୨୦ ହଜାର ଟଙ୍କାର ବିଲ୍‌କୁ ଅନ୍‌ଲାଇନ କରାଇଦେବା ପାଇଁ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ(୧)ର ଡାଟାଏଣ୍ଟ୍ରି ଅପରେଟର ପ୍ରିୟବ୍ରତ ପଣ୍ଡା ୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସେହି ସମୟରେ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଅଭିଯୋଗକାରୀ ଠିକାଦାର ଦିଗମ୍ବର ଓ ଗିରଫ ପ୍ରିୟବ୍ରତଙ୍କ ବୟାନକୁ ଭିତ୍ତିକରି ଭିଜିଲାନ୍ସ ଟିମ୍ ନିର୍ବାହୀଯନ୍ତ୍ରୀ ମାନସଙ୍କୁ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ମୋବାଇଲ ସୁଇଚ୍‌ଅଫ୍ କରି ସେ ଫେରାର ଥିବାରୁ ଭିଜିଲାନ୍ସ ଟିମ୍ ଭଦ୍ରକରେ ଭଡ଼ାରେ ଚାଲିଥିବା ତାଙ୍କ ଆବାସିକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲା। ଏହାପରେ ଅଧିକ ତନାଘନା ଆରମ୍ଭ କରିଥିଲା ଭିଜିଲାନ୍ସ। ମଙ୍ଗଳବାର ଏହି ଟିମ୍ ଭୁବନେଶ୍ୱର ପଟିଆସ୍ଥିତ ମାନସଙ୍କ ଘରେ ପହଞ୍ଚି ଖାନ୍‌ତଲାସ କରି ତାଙ୍କୁ ଗିରଫ କରିଥିଲା। ଏବେ ଭିଜିଲାନ୍ସ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ହିସାବ କରୁଛି।

# ଚିକିତ୍ସା ଅବହେଳାରୁ ମହିଳା ମୃତ, ଉତ୍ତେଜନା

- ଡାକ୍ତରଙ୍କ ନାଁରେ ମାମଲା ରୁଜୁ
- ହସ୍ପିଟାଲରୁ କାଗଜପତ୍ର ଜବତ

ବ୍ରହ୍ମପୁର ଅଫିସ,୧୮।୨


ଐଶ୍ୱର୍ଯ୍ୟା ସିଂଦେଓଙ୍କ (ଫାଇଲ ଫଟୋ)

ଚିକିତ୍ସାରେ ଅବହେଳା ଯୋଗୁ ଜଣେ ମହିଳାଙ୍କ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟ ଏକ ଘରୋଇ ହସ୍ପିଟାଲରେ ସୋମବାର ରାତିରେ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଐଶ୍ୱର୍ଯ୍ୟା ସିଂଦେଓ। ଏନେଇ ବୈଦ୍ୟନାଥପୁର ଥାନାରେ ତାଙ୍କ ସ୍ୱାମୀ ଶୁଭ୍ରଜିତ ସାମନ୍ତ ଅଭିଯୋଗ କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଉକ୍ତ ହସ୍‌ପିଟାଲ ନିକଟରେ ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ସଂପୃକ୍ତା ମହିଳାଙ୍କ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ନାମରେ ଏକ ମାମଲା(ନଂ. ୩୯/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଭୈରବ କୁମାର ଭୂୟାଁ କହିଛନ୍ତି।

ରୋଗୀଙ୍କୁ ଠିକ୍ ଚିକିତ୍ସା କରାଯାଇଛି କି ନାହିଁ ସେ ଦିଗରେ ଏକ ଡାକ୍ତରୀ ଦଳ ତଦନ୍ତ କରିବା ପାଇଁ ପୋଲିସ ଏମ୍‌କେସିଜି ମେଡିକାଲ ଅଧକ୍ଷଙ୍କ ନିକଟକୁ ଚିଠି ଲେଖିବ ବୋଲି କହିଛି। ଘଟଣା ଦିନ ହସ୍‌ପିଟାଲରେ ଐଶ୍ୱର୍ଯ୍ୟାଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ, ଦିଆଯାଇଥିବା ଔଷଧ ଓ ଅସ୍ତ୍ରୋପଚାର ବେଳେ ଦିଆହୋଇଥିବା ନିଶ୍ଚେତକ ଇଞ୍ଜେକ୍‌ସନ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ଏହାସହିତ ଅନ୍ୟାନ୍ୟ କାଗଜପତ୍ର ହସ୍ପିଟାଲରୁ ପୋଲିସ ଜବତ କରିଥିବା କହିଛି। ଅନ୍ୟପଟେ ପୋଲିସ ମୃତ ମହିଳାଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ 'ଭିସେରା' ରିପୋର୍ଟ ସଂଗ୍ରହ କରିଛି। ଭୁବନେଶ୍ୱରରେ ଥିବା ଫୋରେନ୍‌ସିକ ଲେବୋରେଟୋରିକୁ (ଏସ୍‌ଏଫଏସ୍‌ଏଲ) ପରୀକ୍ଷା ପାଇଁ ତାହା ପଠାଯିବ। ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟମିଳିବା ପରେ ମୃତ୍ୟୁର ଠିକ୍‌କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ରେ ଐଶ୍ୱର୍ଯ୍ୟା ଲାଞ୍ଜିପଲ୍ଲୀର ଶୁଭ୍ରଜିତ ସାମନ୍ତଙ୍କୁ ବିବାହ କରିଥିଲେ। ଉକ୍ତ ମହିଳାଙ୍କ ଅନ୍ତନଳୀରେ ଆପେଣ୍ଡିସାଇଟିସ୍ ସମସ୍ୟା ଦେଖାଦେଇଥିଲା। ଏଣୁ ଶୁଭ୍ରଜିତ ସଂପୃକ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ସେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ କହିଥିଲେ। ସୋମବାର ସନ୍ଧ୍ୟା ୭ ଟା ବେଳେ ଐଶ୍ୱର୍ଯ୍ୟାଙ୍କୁ ଉପରୋକ୍ତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତ୍ର ୯ଟା ବେଳେ ତାଙ୍କୁ ଅସ୍ତ୍ରୋପଚାର ଗୃହକୁ ନିଆଯାଇଥିଲା। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯିବା ପରେ ତାଙ୍କୁ ରାତି ପ୍ରାୟ ୧୦ ଟା ବେଳେ ବେଡ଼କୁ ଅଣାଯାଇଥିଲା। କିଛି ସମୟ ଧରି ଐଶ୍ୱର୍ଯ୍ୟା ଯନ୍ତ୍ରଣାରେ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଆମେ ଯେତେ କହିଥିଲେ ମଧ ଐଶ୍ୱର୍ଯ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ଦେଖିବାକୁ କୌଣସି ଡାକ୍ତର କିମ୍ବା ହସ୍‌ପିଟାଲ କର୍ତ୍ତୃପକ୍ଷ ଆସି ନ ଥିଲେ। ଫଳରେ ମୋ ଝିଅ ଛଟପଟ ହୋଇ ମୋ ଆଖି ଆଗରେ ଚାଲିଗଲା ବୋଲି ତାଙ୍କ ବାପା ଦୁର୍ଗାପ୍ରସାଦ ସିଂଦେଓ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ମୋ ଝିଅର ଅସ୍ତ୍ରୋପଚାର ପରେ ତାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ନ ହେବା ପୂର୍ବରୁ ସଂପୃକ୍ତ ଡାକ୍ତର ହସ୍ପିଟାଲ ଛାଡି ଚାଲିଯାଇଥିଲେ। ପରେ ମହିଳାଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିବା ସହ ସେଠାରେ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ କଥା କଟାକଟି ହେବା ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି, ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

## ଆଜି କ'ଣ କେଉଁଠି

**ଦେବଗଡ଼**

- ଜନଜାଗୃତି ମଞ୍ଚ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ, ସଭାଗୋଲି, ସନ୍ଧ୍ୟା ୫ଟା ୩୦।
- ଅଖଣ୍ଡ ରାମଚରିତ ମାନସ ପାରାୟଣ ଆରମ୍ଭ, ଶିରିଡ଼ି ସାଇ ମନ୍ଦିର, ସକାଳ ୮ଟା।
- ଘରୋଇ କ୍ରିକେଟ ଲିଗ୍ ମ୍ୟାଚ (୧୯ ବର୍ଷରୁ କମ), ଇନ୍ଦିରା ଗାନ୍ଧି ଷ୍ଟାଡ଼ିୟମ, ମହୁଲଡିପା ସାହି ନାଳପଡ଼ିଆ, ଦେବଗଡ଼, ପୂର୍ବାହ୍ନ ୧୦ଟା।

**ବରଗଡ଼**

- ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା, ବ୍ଲୁ ଡାଇମଣ୍ଡ୍ ବନାମ ଆର.ୱାଇ.ଏସ, ବରଗଡ଼, ବିକାଶ ଗ୍ରାଉଣ୍ଡ୍, ପୂର୍ବାହ୍ନ ୯ଟା ।
- ବିକାଶ କ୍ରିକେଟ୍ କ୍ଲବ ବନାମ ରାଇଜିଂ ଷ୍ଟାର, ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ପୂର୍ବାହ୍ନ ୯ଟା ।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି, ବରତୁଣ୍ଡା-ବେହେରାପାଲି-ହାତୀସର ଆଶ୍ରମ, ପୂର୍ବାହ୍ନ ୧୧ଟା ।

**ଲୋଇସିଂହା**

- ଶିବରାତ୍ରି ମେଳାର ପଞ୍ଚମ ଦିବସରେ କଂସ ଦରବାର, ଯୋଗୀସର୍ଡା, ସନ୍ଧ୍ୟା ୫ଟା।

**ସମ୍ବଲପୁର**

- କାନାରା ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ସର୍ଲାକାନୀ ଛକ, ପୂର୍ବାହ୍ନ ୯ଟା ।
- ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ହୀରାକୁଦ ସୁବାଷ ମଇଦାନ, ପୂର୍ବାହ୍ନ ୯ଟା ।
- ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ, ହାୱା ମଇଦାନ, ପୂର୍ବାହ୍ନ ୯ଟା ।
- ଟ୍ରେଡ୍ ଫେୟାରରେ ନୃତ୍ୟ ପ୍ରତିଯୋଗିତା, ଅଇଁଠାପାଲି ପିଏଚ୍‌ଡି ପଡିଆ, ରାତି ୭ଟା ।
- ୱେଷ୍କୋ ୟୁଟିଲିଟି ଦ୍ୱାରା ପଶ୍ଚିମ ଓଡିଶା ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ପରିସର, ରାତି ୭ଟା ।

# ବସ୍-ଟେମ୍ପୋ ଧକ୍କା: ଦମ୍ପତି ମୃତ

ବୌଦ୍ଧ,୧୮।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ଚମ୍ପାପୁର ଗ୍ରାମ ନିକଟସ୍ଥ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ମଙ୍ଗଳବାର ରାତିପ୍ରାୟ ୧୦ଟାରେ ଏକ ସରକାର ଯାତ୍ରୀବାହୀ ବସ୍ ଏବଂ ଟେମ୍ପୋ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଟେମ୍ପୋରେ ଥିବା ଦୁଇଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବେସନ୍ଧ ଜିଲା ବଲାସିଙ୍ଗା ଗ୍ରାମାର ତ୍ରୈଲୋକ୍ୟ ପ୍ରଧାନ ଏବଂ ସୁରଙ୍ଗିଣୀ ପ୍ରଧାନ। ସେମାନେ ସ୍ୱାମୀ ଓ ସ୍ତ୍ରୀ ବୋଲି ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ଉକ୍ତ ସ୍ୱାମୀ, ସ୍ତ୍ରୀ ଏକ ଟେମ୍ପୋ ଯୋଗେ ରାଜିଙ୍ଗ ଗ୍ରାମକୁ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ସେମାନେ ଫେରୁଥିବା ବେଳେ ରାତିପ୍ରାୟ ୧୦ଟାରେ ଚମ୍ପାପୁର ଗ୍ରାମ ନିକଟ ରାଜପଥରେ ସରକାରୀ ଯାତ୍ରୀବାହୀ ବସ୍ ସହ ଟେମ୍ପୋ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଟେମ୍ପୋରେ ଥିବା ଦମ୍ପତି ଗୁରୁତର ଆହତ ହୋଇଥିଲେ। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଛି। ଅନ୍ୟପକ୍ଷେ ଟେମ୍ପୋ ଡ୍ରାଇଭରଙ୍କ ପତ୍ତା ମିଳିପାରି ନାହିଁ।

# ଗେଷ୍ଟ ହାଉସ୍‌ରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ପୁରୀ ଅଫିସ,୧୮।୨ : ସମୁଦ୍ରକୂଳ ଥାନା ଅଧୀନ ଚକ୍ରତୀର୍ଥ ରୋଡସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥ ଗେଷ୍ଟ ହାଉସ୍‌ରୁ ମଙ୍ଗଳବାର ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ାର ବର୍ଷା ପ୍ରିୟଦର୍ଶିନୀ ମହାରଣା। ଏହି ଘଟଣାରେ ତାଙ୍କ ପ୍ରେମିକ କୁହାଯାଉଥିବା ପିଣ୍ଟୁ ନାୟକଙ୍କୁ ଥାନାରେ ଅଟକ ରଖିଛି ପୋଲିସ। ପିଣ୍ଟୁଙ୍କ ବିରୋଧରେ ବର୍ଷାଙ୍କ ଭାଇ ଅଜୟ ହତ୍ୟା ଅଭିଯୋଗ କରିଛନ୍ତି। ଏ ନେଇ ଏକ ହତ୍ୟା ମାମଲା (ନଂ. ୩୬/୨୦) ରୁଜୁ ହୋଇଛି। ଜବତ ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ସାଢେ ୫ଟାରେ ଉଭୟ ବର୍ଷା ଓ ପିଣ୍ଟୁ ପ୍ରଭୁ ଶ୍ରୀଜଗନ୍ନାଥ ଗେଷ୍ଟ ହାଉସରେ ପହଞ୍ଚିଥିଲେ। ଉଭୟ ରୁମ୍ ନମ୍ବର ୧୦୧ରେ ରହିଥିଲେ। ତେବେ ମଙ୍ଗଳବାର ରୁମ୍ ପରିସରରୁ ବର୍ଷାଙ୍କ ମୃତଦେହ ମିଳିଥିଲା। ପୋଲିସ କହିଛି ଯେ, ପିଣ୍ଟୁଙ୍କ ବୟାନ ମୁତାବକ ମଙ୍ଗଳବାର ସେ କୌଣସି କାମରେ ବାହାରକୁ ଯାଇଥିଲେ। ଫେରିବା ବେଳକୁ କବାଟ ଭିତରୁ ବନ୍ଦ ଥିଲା। ଏ ନେଇ ସେ ପ୍ରଥମେ ଗେଷ୍ଟ ହାଉସ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ତେବେ ମୃତ ଯୁବତୀଙ୍କ ଭାଇଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଏଥିସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। ଶୁଣିବାକୁ ମିଳୁଛି ଯେ, ଉଭୟ ପରସ୍ପରକୁ ଭଲ ପାଉଥିଲେ। ବିବାହ ଲାଗି ମନ ସ୍ଥିର କରି ପୁରୀ ଚାଲି ଆସିଥିଲେ। ତେବେ ସୋମବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧରେ ଜୋର୍ ଝଗଡ଼ା ହୋଇଥିଲା। ଏଥିରେ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥାଇପାରନ୍ତି। ଅପରପକ୍ଷରେ ଭଉଣୀ ନିଖୋଜ ଥିବା ଓ ତାଙ୍କୁ କେହି ଅପହରଣ କରିଥିବା ନେଇ ସ୍ଥାନୀୟ ଥାନାରେ ଅଜୟ ଅଭିଯୋଗ କରିଥିଲେ। ତାଙ୍କ ଭଉଣୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

# କୃଷି, ପୋଷଣ ...

କରାଯାଇଛି। କେନ୍ଦ୍ରୀୟ ଟିକସ ଓ ନିଜସ୍ୱ ଟିକସକୁ ଯଥାକ୍ରମେ ୪୫ ଓ ୫୫ ପ୍ରତିଶତ ଧରାଯାଇଛି । ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ୧୭,୮୭୮ କୋଟି ଅର୍ଥାତ୍ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୩% ଆକଳନ କରାଯାଇଛି। ଚଳିତ ବଜେଟରେ ରାଜସ୍ୱ ବଳକା ୯,୫୦୯.୦୧ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ରାଜସ୍ୱ ବଳକା ଜିଏସ୍‌ଡିପିର ୧.୫୯% ଆକଳନ କରାଯାଇଥିବାରୁ ଏହା ଫାଇନାନ୍ସିଆଲ୍ ରେସ୍ପନ୍‌ସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ(ଏଫ୍‌ଆରବିଏମ୍)ର ଶୂନ୍ୟ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟକୁ ହାସଲ କରିପାରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ଋଣ ଭାର ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଏସ୍‌ଡିପିର ୧୮.୯୯ ପ୍ରତିଶତ ଅର୍ଥାତ ଏଫ୍‌ଆରବିଏମ୍ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୫% ସୀମା ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ୨୦୧୮-୧୯ରେ ରାଜ୍ୟର ଅଭିବୃଦ୍ଧି ୭.୯ % ଥିବା ବେଳେ ୬.୧୬%କୁ ହ୍ରାସ ପାଇଛି। ତେବେ ନୂଆ ବଜେଟରେ ରାଜ୍ୟ ଅଭିବୃଦ୍ଧି ହାର ୭ରୁ ୭.୫ % ରହିବା ନେଇ ଲକ୍ଷ୍ୟ ରଖାଯାଇଛି। ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଜାତୀୟ ହାର ଠାରୁ ରାଜ୍ୟର ଅଭିବୃଦ୍ଧି ୧ରୁ ୨% ରହିବ। ବଜେଟ ବ୍ୟତୀତ ସରକାର ଓଡିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ(ଓମ୍ବାଡକ୍) ପାଣ୍ଠିରୁ ୨ ହଜାର ୧୪୮ କୋଟି ଏବଂ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରୁ ୩ ହଜାର ୨୧୯ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଥମଥର ଲାଗି ସରକାର କାଗଜବିହୀନ ବଜେଟ ଆଣିଛନ୍ତି। ଇ-ବଜେଟ ଦ୍ୱାରା ୭୫ ଲକ୍ଷ ଫର୍ଦ୍ଦ କାଗଜ ବ୍ୟବହାର ହ୍ରାସ କରି ୧ ହଜାର ବୃକ୍ଷ ଛେଦନକୁ ରୋକାଯାଇ ପାରିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବଜେଟ ପଢ଼ିବା ପାଇଁ ପୁସ୍ତକ ଦେବା ବଦଳରେ ବିଧାୟକମାନଙ୍କୁ ଆଇପ୍ୟାଡ୍ ବଣ୍ଟନ କରାଯାଇଛି। ଏହାଛଡା ବଜେଟକୁ ନୂତନ ଢଙ୍ଗରେ ପ୍ରସ୍ତୁତ କରାଯାଇଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବଜେଟ ପାଇଁ ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଗୁଗଲ ପ୍ଲେ ଷ୍ଟୋର ଏବଂ ଆପଲ ଆପ୍ ଷ୍ଟୋରରେ ମଧ୍ୟ ଏହି ବଜେଟ ଉପଲବ୍ଧ । ମୋବାଇଲ ଆପ୍ ସହଜରେ ଉପଲବ୍ଧ ହେବା ଲାଗି 'କ୍ୟୁଆର' କୋଡ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ପିଲାମାନଙ୍କର ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖାଯାଇ ଦେଶର ପ୍ରଥମ ରାଜ୍ୟ ଭାବେ ପୋଷଣ ବଜେଟ ଏବଂ ପରିବର୍ତ୍ତିତ ଜଳବାୟୁକୁ ମୁକାବିଲା କରିବା ସକାଶେ ଜଳବାୟୁ କୋଡ୍ ବଜେଟ ଡକ୍ୟୁମେଣ୍ଟ ଆରମ୍ଭ କରାଯାଇଛି। ବଜେଟର ଗୁରୁତ୍ୱ ବୃଦ୍ଧି ପାଇଁ ଷ୍ଟ୍ରାଟେଜିକ୍ ବଜେଟ ପଦ୍ଧତି ଆରମ୍ଭ କରାଯାଇଛି। ବଜେଟର ସମସ୍ତ ତଥ୍ୟ ଏକ୍ସେଲ ଫର୍ମାଟରେ ରହିଛି ବୋଲି ଅର୍ଥମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ବଜେଟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ପାଇଁ ୭,୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବାବେଳେ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୨୨,୬୩୧ କୋଟି, କୃଷି ଓ କୃଷକ କଲ୍ୟାଣ ପାଇଁ ୧୯ ହଜାର ୪୦୮ କୋଟି, ଜଳସେଚନ ପାଇଁ ୧,୮୧୧ କୋଟି, ପାନୀୟ ଜଳ ପାଇଁ ୮ ହଜାର କୋଟି, ଶିଳ୍ପ ପାଇଁ ୫୭୫ କୋଟି, ଭିତ୍ତିଭୂମିର ବିକାଶ ଲାଗି ୨,୭୭୨ କୋଟି, ସାମାଜିକ ନିରାପତ୍ତା ସକାଶେ ୩,୦୨୪ କୋଟି, ଖାଦ୍ୟ ନିରାପତ୍ତା ନିମନ୍ତେ ୬୩୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଏସସି/ଏସଟି, ପଛୁଆ ବର୍ଗଙ୍କ ବିକାଶ ଲାଗି ୨୩,୮୦୮ କୋଟି, ଗ୍ରାମାଞ୍ଚଳ ପାଇଁ ୩,୯୬୨ କୋଟି, ସହରାଞ୍ଚଳ ସକାଶେ ୬,୧୮୦ କୋଟି, ପର୍ଯ୍ୟଟନ ପାଇଁ ୬୯୫, ବିପର୍ଯ୍ୟୟ ପରିଚାଳନା ନିମନ୍ତେ ୩,୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନୂଆ ବଜେଟରେ ସରକାର 'ଅବଢ଼ା' ଯୋଜନା ପାଇଁ ୩ ହଜାର ୨୦୮ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଅବଢ଼ା ଯୋଜନାରେ ୬୯୫ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ରାଜ୍ୟରେ କୌଣସି ଶିଶୁ କୁ-ପୋଷଣର ଶିକାର ହେବେ ନାହିଁ। ସେଥିପାଇଁ ରାଜ୍ୟ ସରକାର ପ୍ରଥମ ଥର ଲାଗି ପୋଷଣ ବଜେଟ (ନ୍ୟୁଟ୍ରିଶନ ବଜେଟ) ଆଣିଛନ୍ତି। ଏଥିପାଇଁ ସରକାର ୫ ହଜାର ୨୧୦ କୋଟି ଏବଂ ପୁଷ୍ଟି ସମ୍ବେଦନଶୀଳ ଯୋଜନା ପାଇଁ ୨୩ ହଜାର ୭୫୪ କୋଟି ଟଙ୍କା ବଜେଟରେ ବରାଦ କରିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କୁ ଠିକ୍ ସମୟରେ ମଜୁରୀ ଦେବାକୁ ସରକାର ଏମ୍‌ଜିଏନଆରଇଜିଏ ଅଧୀନରେ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ସଂସ୍ଥାକୁ ପଞ୍ଚଦଶ ଅର୍ଥ କମିଶନରେ ୨,୨୫୮ କୋଟି ଏବଂ ରାଜ୍ୟର ପଞ୍ଚମ ଅର୍ଥ କମିଶନରେ ୨,୬୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିପଦ ବେଳେ ସହାୟତା ପାଇଁ ରାଜ୍ୟ ସରକାର ପ୍ରଥମ ଥର ଲାଗି ଏମରଜେନ୍ସି ରେଶପନ୍ସ ସପୋର୍ଟ ସିଷ୍ଟମ୍ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିସକାଶେ ଜରୁରିକାଳୀନ ଟେଲିଫୋନ ନମ୍ବର ୧୧୨ ବ୍ୟବସ୍ଥା କରାଯିବ। ଏଥିପାଇଁ ୨ ବର୍ଷରେ ୧୫୭ କୋଟି ଟଙ୍କା ଖର୍ଚ୍ଚ ହେବ। ବଜେଟରେ ଏଥିପାଇଁ ୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜ୍ୟରେ ୨୪ଟି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତ ଏବଂ ୨୧ଟି ଅସ୍ଥାୟୀ ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲିବ । ଏଥିପାଇଁ ୩୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୦ ପାଇଁ ୭୦ କୋଟି, ଇକୋ-ଟୁରିଜମ ପାଇଁ ୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ପର୍ଯ୍ୟଟନର ବିକାଶ ପାଇଁ ଇଣ୍ଡିଆ ବେଷ୍ଟ କେପ୍ଟ ସିକ୍ରେଟ ବ୍ୟବସ୍ଥା ଏବଂ ନୂତନ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।


## SHORT TENDER CALL NOTICE

### Office of the Director, Vigilance, Odisha, Cuttack

**No. D-292:-** Sealed tenders are invited from the OEM or Authorised / Registered Dealers / Suppliers / Resellers for purchase of the items for Cyber Cells of Odisha Vigilance as listed below:-

| Sl. No. | Name of items to be purchased | Quantities to be purchased |
|---|---|---|
| 1. | High End Forensic Workstation | 1 No. |
| 2. | Multi Format View Software | 1 No. |
| 3. | Digital Evidence Seizure Kit | 6 Nos. |

1. Name of items along with detailed technical Specifications, probable requirements etc. may be seen from the website of the Odisha Vigilance i.e. http://odishavigilance.gov.in and in Govt. of Odisha website i.e. **www.odisha.gov.in**.
2. Date of issue of Tender documents from **dtd.17.02.2020 at 11 AM to dtd.01.03.2020 upto 5 PM**.
3. Last date for receipt of sealed Tender on **dtd.02.03.2020 upto 5 PM**.
4. Date for opening of sealed Tenders / Technical Bids on **dtd.03.03.2020 at 11 AM** at Vigilance Directorate, Cuttack.

*Sd./- A.I.G. of Police, Vigilance*
*Odisha, Cuttack*
*(Tender Calling Authority)*
OIPR-09006/11/0004/1920

## JAJPUR MUNICIPALITY, JAJPUR

### QUOTATION CALL NOTICE

**No.321** **Date: 17.02.2020**

Jajpur Municipality invites in two bid sealed cover quotations from the intending bidders/firms for Supply & execution of the following nature of works.

1. Supply of furniture to KUSUMA.
2. Interior panelling work of Community Centre at KUSUMA.

The Paper/document for Quotation containing general bid information's, terms & conditions for the above item of work will be available on payment of Rs.4000/- towards paper cost from 18.02.2020 to 03.03.2020 in the working days & hours respectively in the Municipal Office, Jajpur.

The bidders are to submit the quotation paper duly filled in on or before 04.03.2020 by 1.00 P.M. which shall be opened on the same day at 3.00 P.M. in presence of the bidders or their authorised representatives. The date of opening shall not be deferred in the absence of either bidder or their authorised representatives.

The authority reserves the right to reject or cancel the Notice without assigning any reason thereof.

**Sd./- Executive Officer,**
**Jajpur Municipality**

GOVT. OF ODISHA, OFFICE OF THE EXECUTIVE ENGINEER

### JAJPUR IRRIGATION DIVISION, JAJPUR

No. A-696:-

Office Phone No.06728-222022, Email– jpt.irrigation@gmail.com

**'e'-Procurement Notice No. 02/ 2019-20**

1. Name of work : Restoration, Protection & ERM works.
2. Total No. of Packages : 06 (Six) Nos. of Packages only.
3. Estimated Cost : Varies from Rs.67.11 Lakh to Rs.10.59 Lakh
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by Online though electronic Payment as per Govt. of Odisha WDOM No. 17254/W Dtd. 05.12.2027 as Mentioned in DTCN.
5. Period of completion : 6 (Six) Calendar Months
6. Other details as follows :
   - I. Procurement Officer : Executive Engineer, Jajpur Irrigation Division, Jajpur
   - II. Period of Online Bidding : Dt. 20.02.2020 from 10.00 Hrs. to Dt.29.02.2020 up to 17.00 Hrs.
   - III. Date, time & place of opening of Technical Bid (Cover-1) for Sl. 06 and both technical & financial for rest of the work. : Dt. 02.03.2020 at 11.30 Hrs. in the office of the Executive Engineer, Jajpur Irrigation Division, Jajpur.
   - IV. Date of Transparent Lottery to be Conducted (If required) : Dt. 12.03.2020 at 11.00 Hrs. in the office of the Executive Engineer, Jajpur Irrigation Division Jajpur

Further details can be seen from the Govt. website **www.tendersorissa.gov.in.**

***Sd./- Executive Engineer, Jajpur Irrigation Division***
OIPR-32130/11/0002/1920

### Office of the Executive Engineer, Chikiti Irrigation Division, Berhampur, Ganjam

**e-mail address : eechidbam@gmail.com**
No.A-697 **Ph : 0680-2281909**

**e-Procurement Notice No.EE-CHID-03/2019-20**

| | | |
|---|---|---|
| 1. | Name of the Work | System Improvement and Flood Control Works |
| 2. | No. of Works | 12 Nos. (Twelve) only |
| 3. | Estimated Cost | Rs.7.29 lakh to Rs.27.17 lakh |
| 4. | Period of Completion | 02 Calendar Months to 04 (Four) Calendar Months |
| 5. | Date and time of availability of bid documents in the portal | From 26.02.2020 10.00 A.M. to 06.03.2020. 05.30 P.M. |
| 6. | Last date / time of receipt of bid documents in Portal | 06.03.2020, up to 05.30 P.M. |
| 7. | Date and Place of Opening | On 07.03.2020 at 11.00 A.M. in the office of the Executive Engineer, Chikiti Irrigation Division, Berhampur. |
| 8. | Name and Address of the officer inviting tender | The Executive Engineer, Chikiti Irrigation Division, Berhampur. |

Bidders are to participate in Online bidding only. Further details can be seen from the Govt. Website **www.tendersodisha.gov.in**. Any addendum / corrigendum / cancellation of the tender can be seen in the said website only.

**Sd./- Executive Engineer**
**Chikiti Irrigation Division, Berhampur**
**OIPR-32115/11/0003/1920**

### Odisha Power Transmission Corporation Limited

**(A Govt. of Odisha Undertaking)**
**OFFICE OF DGM(EL)EHT (C) Division, Berhampur-760007**
**NOTICE INVITING TENDER**

**Advt No.04/2019-20** **TENDER CALL NOTICE NO.04/2019-20** **Date 15.02.2020**

Sealed tenders are invited from Travel agencies/Vehicle owner having valid Good &. Services Tax Registration Certificate, PAN, Fitness certificate, taxi permit & insurance policy, Non-Pollution certificate, RC Book for "HIRING OF DIESEL RUN COMMERCIAL REGISTERED LIGHT VEHICLES ON MONTHLY BASIS WITH DAILY HIRING RATE FOR EHT(C) DIVISION, BERHAMPUR"

| Name of Unit | Type of vehicle | Cost of Tender paper | EMD amount |
|---|---|---|---|
| EHT© S/D, Aska | Non A/C Bolero of Equivalent | Rs. 4480.00 | Rs.5753/- |
| EHT© S/D, Baliguda | | Rs. 4480.00 | Rs.5753/- |
| EHT© S/D, Berhampur | | Rs. 4480.00 | Rs.5753/- |

Sale of tender documents from 20.02.2020 to 04.03.2020. Last date of submission of tender: 03.00PM of 06.03.2020. Date of opening of tender: 04.00PM of 06.03.2020. For details please visit our website **www.optcl.co.in** or office in official hours. Corrigendum if any will be published in the office notice board only. Tender paper cost is non-refundable.

**Sd./- DGM (Elect)**

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ଭବନ, ଲୋକସେବା ମାର୍ଗ, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର

ସଂଖ୍ୟା: ୩୭୦୫/ବି.ଡି.ଏ., ଭୁବନେଶ୍ୱର ତା୧୦।୦୨।୨୦୨୦ରିଖ
ପ୍ଲାନିଂ-୧୨୦/୧୮

**ସାଧାରଣ ବିଜ୍ଞପ୍ତି**

**ବିଷୟ:** ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୯ ଅନ୍ତର୍ଗତ ଆବେଦନ କରିବାର ବର୍ଦ୍ଧିତ ସମୟସୀମା।

ରାଜ୍ୟ ସରକାର ତା୦୬।୦୮।୨୦୧୯ରିଖରେ ନିର୍ମାଣ ଓ ଯୋଜନା ନିୟମ ଏବଂ ଜୋରିମାନା ରାଶିକୁ କୋହଳ କରି **'ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୯'** ନାମରେ ଏକ ନୂତନ ସ୍କିମ୍ ପ୍ରକାଶିତ କରିଥିଲେ। ଏହି ସ୍କିମ୍ ଅନ୍ତର୍ଗତ ଆବେଦନ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ରିଖ ଥିଲା। ସ୍କିମ୍ ଅବଧିର ଅନ୍ତିମ ସମୟରେ ଆବେଦନ କରିବା ପାଇଁ ଜନସାଧାରଣଙ୍କର ଆଗ୍ରହ ଏବଂ ଭିଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପତ୍ରସଂଖ୍ୟା: ୩୦୪୩, ତା୦୬।୦୨।୨୦୨୦ରିଖ ଅନୁଯାୟୀ ଏହି ସ୍କିମ୍‌ର ଅବଧିକୁ ଆଉ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସ୍କିମ୍‌ର ବର୍ଦ୍ଧିତ ସମୟସୀମା ମଧ୍ୟରେ ଅନଧିକୃତ ନିର୍ମାଣଗୁଡ଼ିକର ନିୟମିତିକରଣ କରିବା ପାଇଁ ଆବେଦନ କରନ୍ତୁ। ସ୍କିମ୍‌ର ଅବଧି ସରିବା ପରେ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

**ଆବେଦନ ପତ୍ର ସ୍ୱୀକାରର ଅନ୍ତିମ ଦିବସ ତା୨୦।୦୨।୨୦୨୦ରିଖ ଅଟେ ।** ଏହି ସ୍କିମ୍ ସମ୍ବନ୍ଧରେ ସବିଶେଷ ବିବରଣୀ, ଆବେଦନପତ୍ର ଏବଂ ଦେୟ ଇତ୍ୟାଦି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍‌ସାଇଟ୍ **www.bda.gov.in**ରେ ଉପଲବ୍ଧ ଅଟେ।

**ସ୍ୱା./- ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ଆକାଶ ଶୋଭା ବିଲ୍‌ଡିଂ**
**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
**ପତ୍ର ସଂଖ୍ୟା: ୨୭୦୧/ଭୁ.ଉ.କ., ଭୁବନେଶ୍ୱର ତା୩୧।୦୧।୨୦୨୦ରିଖ**
EB - V-681/78

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବରଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ-EB-616କୁ ଉତ୍ତରାଧିକାରୀ ସୂତ୍ରରେ (୧) ଶ୍ରୀମତୀ ପ୍ରମିଳା ଆଚାର୍ଯ୍ୟ, (୨) ମନୋରଞ୍ଜନ ଆଚାର୍ଯ୍ୟ, (୩) ମାନସ ରଞ୍ଜନ ଆଚାର୍ଯ୍ୟ, (୪) ମଳୟ ରଞ୍ଜନ ଆଚାର୍ଯ୍ୟ, (୫) ମିହିର ରଞ୍ଜନ ଆଚାର୍ଯ୍ୟ ଓ (୬) ସୁଚିସ୍ମିତା ଆଚାର୍ଯ୍ୟଙ୍କ ନାମରେ ମାଲିକାନା ତା୧୨।୦୪।୨୦୦୬ରିଖରେ ପରିବର୍ତ୍ତନ କରାଯାଇଥିଲା। ଉକ୍ତ ଛଅ ଜଣ ଆବଣ୍ଟନ ଗ୍ରାହୀଙ୍କ ମଧ୍ୟରୁ ସୁଚିସ୍ମିତା ଆଚାର୍ଯ୍ୟ ତା୦୬।୧୨।୨୦୧୯ରିଖରେ ଏକ Registered Deed of Relinquishment ମାଧ୍ୟମରେ ତାଙ୍କର ଉକ୍ତ ଗୃହରେ ଥିବା ସ୍ୱତ୍ୱ/ମାଲିକାନା ଉଚ୍ଛେଦ କରାଯାଇ (୧) ଶ୍ରୀମତୀ ପ୍ରମିଳା ଆଚାର୍ଯ୍ୟ, (୨) ମନୋରଞ୍ଜନ ଆଚାର୍ଯ୍ୟ, (୩) ମାନସ ରଞ୍ଜନ ଆଚାର୍ଯ୍ୟ, (୪) ମଳୟ ରଞ୍ଜନ ଆଚାର୍ଯ୍ୟ, (୫) ମିହିର ରଞ୍ଜନ ଆଚାର୍ଯ୍ୟଙ୍କ ନାମରେ ଗୃହ ନଂ.EB-616-ର ମାଲିକାନା ସମ୍ପୂର୍ଣ୍ଣରୂପେ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହରୁ ତାଙ୍କର ସ୍ୱତ୍ୱ/ମାଲିକାନା ଉଚ୍ଛେଦ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ ନଂ.EB-616ରେ ଥିବା ସ୍ୱତ୍ୱ/ମାଲିକାନା ସୁଚିସ୍ମିତା ଆଚାର୍ଯ୍ୟଙ୍କଠାରୁ ଉଚ୍ଛେଦ କରାଯାଇ ୧) ଶ୍ରୀମତୀ ପ୍ରମିଳା ଆଚାର୍ଯ୍ୟ, (୨) ମନୋରଞ୍ଜନ ଆଚାର୍ଯ୍ୟ, (୩) ମାନସ ରଞ୍ଜନ ଆଚାର୍ଯ୍ୟ, (୪) ମଳୟ ରଞ୍ଜନ ଆଚାର୍ଯ୍ୟ, (୫) ମିହିର ରଞ୍ଜନ ଆଚାର୍ଯ୍ୟଙ୍କ ନାମରେ ସମ୍ପୂର୍ଣ୍ଣ ସ୍ୱତ୍ୱ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧,**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**

# ରାଜଧାନୀରେ ଲୁଚିଛି ଅନୁପଙ୍କ ପାପର ପେଡ଼ି

## ବିମାନ ବନ୍ଦରରେ ପାସେଞ୍ଜର ତାଲିକା ଯାଞ୍ଚ କଲା ଛତିଶଗଡ଼ ପୋଲିସ

**କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲା**



ଭୁବନେଶ୍ୱର,୧୮।୨(ବ୍ୟୁରୋ) ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲରେ ହୋଇଥିବା କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲାକୁ ନେଇ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପାପର ପେଡ଼ି ଲୁଚିଥିବା ଛତିଶଗଡ଼ ପୋଲିସ ପ୍ରମାଣ ପାଇବା ପରେ ତଦନ୍ତକୁ ଜୋର୍‌ଦାର କରିଛି। ଅନୁପଙ୍କ ସହ ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କ ବିରୋଧରେ ଅଧିକ ପ୍ରମାଣ ଯୋଗାଡ଼ରେ ଲାଗିପଡ଼ିଛି। ସୋମବାର ବ୍ରଜରାଜନଗରକୁ ଆସିଥିବା ୪ଜଣିଆ ଟିମ୍ ଅନୁପଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସହ ହତ୍ୟାରେ ବ୍ୟବହୃତ ବୋଲେରୋ ଗାଡ଼ି ସମ୍ପର୍କରେ ଖୋଳତାଡ଼ କରିଥିବାବେଳେ ଭୁବନେଶ୍ୱରରେ ମଧ ଆଉ ଏକ ଟିମ ଛାନ୍‌ଭିନ୍ ଆରମ୍ଭ କରିଥିଲା। କିନ୍ତୁ ରାତି ହୋଇଯିବାରୁ ତଦନ୍ତ ପ୍ରକ୍ରିୟା ସେତେଟା ଆଗେଇ ପାରି ନ ଥିଲା। ତେଣୁ ଦ୍ୱିତୀୟ ଦିନରେ ଅର୍ଥାତ୍ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଛତିଶଗଡ଼ ପୋଲିସ ଟିମ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଯାଇ ତଦନ୍ତ କରିଥିଲା। ଟିମ୍‌ରେ ସାମିଲ୍ ଜଣେ ପୋଲିସ ଏସ୍‌ଆଇ ଆଣିଥିବା ଏକ ଚିଠି ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେଖାଇ ବହୁ ସମୟ ଧରି ଆଲୋଚନା କରିଥିଲେ। ୨୦୧୬ ପୂର୍ବରୁ ବିମାନ ଯାତ୍ରୀଙ୍କ ଟିକେଟ ଯାଞ୍ଚ ଓ ଅନ୍ୟ କେତେକ ପ୍ରସଙ୍ଗରେ ତଥ୍ୟ ସଂଗ୍ରହ କରିଥିଲା ଟିମ୍। ତେବେ ତଦନ୍ତ ସମୟରେ ଏକାଧିକ ପାସେଞ୍ଜର ତାଲିକା ଓ ଆଉ କିଛି କାଗଜପତ୍ର ସଂଗ୍ରହ କରିନେଇଥିଲା ଛତିଶଗଡ଼ ପୋଲିସ ଟିମ୍। ତେବେ ବିମାନବନ୍ଦରରୁ ବାହାରିବା ପରେ ଜଣେ ଅଧିକାରୀ କହିଥିଲେ, ଏକ ମାମଲାରେ ବିମାନ ପାସେଞ୍ଜରଙ୍କ ତାଲିକା ସମ୍ପର୍କରେ ଖୋଳତାଡ଼ କରୁଛୁ। କିନ୍ତୁ କଳ୍ପନା ଓ ବବ୍‌ଲି ହତ୍ୟା ମାମଲା ନେଇ ସେ କିଛି କହି ନ ଥିଲେ। ତଦନ୍ତ ଚାଲୁଥିବାରୁ ଉଚ୍ଚ ଅଧିକାରୀ ଏନେଇ ମତ ରଖିବେ ବୋଲି କହି ଅଧିକାରୀ ଜଣକ ସ୍ଥାନ ଛାଡ଼ିଥିଲେ।

### ବିମାନରେ ଏକାଠି ଏକାଧିକ ଯାତ୍ରା କରିଛନ୍ତି ଅନୁପ, କଳ୍ପନା

ଛତିଶଗଡ଼ ପୋଲିସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତଦନ୍ତବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ପାସେଞ୍ଜରଙ୍କ ଯାତ୍ରା ତାଲିକା ଯାଞ୍ଚବେଳେ ଅନୁପ ଓ କଳ୍ପନା ଏକାଧିକ ଥର ଏକାଠି ଗୋଆ ଯାଇଥିବା ଜଣାପଡ଼ିଛି। ସେହିଭଳି ବିଦେଶକୁ ମଧ ଯାତ୍ରା କରିଥିବା ସୂଚନା ମିଳିଛି। ଏନେଇ ଛତିଶଗଡ଼ ପୋଲିସ ସିଧାସଳଖ କିଛି ନ କହିଥିଲେ ମଧ ଦେଇଥିବା କିଛି ଇଙ୍ଗିତରୁ ଏପରି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପକ୍ଷରେ ୨୦୧୬ରେ ଅନୁପ ଓ କଳ୍ପନାଙ୍କ ଟ୍ରାଭେଲ ଯାତ୍ରା ସେମାନଙ୍କ ମଧରେ ଥିବା ନିବିଡ଼ ସମ୍ପର୍କର ବଡ଼ ପ୍ରମାଣ ହେବ। ଏଥିସହ ଅନୁପଙ୍କୁ କୋର୍ଟ ସଜା ଦେବାରେ ସହାୟକ ହେବ।

### ହତ୍ୟାକାଣ୍ଡ ପରେ ଦୁଇଥର ବିକ୍ରି ହୋଇଛି ଅନୁପଙ୍କ ଫ୍ଲାଟ୍

୨୦୧୧ରେ ଅନୁପ ସୁନ୍ଦରପଦାରେ ଜାଗା କିଣି ଫ୍ଲାଟ କରିଥିଲେ। ଏହାପରେ ଉକ୍ତ ଫ୍ଲାଟରେ ସେ କଳ୍ପନା ଓ ଝିଅ ବବ୍‌ଲିକୁ ନେଇ ୪ବର୍ଷ ଧରି ରହିଥିଲେ। ୨୦୧୬ରେ ମା' ଓ ଝିଅଙ୍କୁ ହତ୍ୟା କରିବା ପରେ ଉକ୍ତ ଘରକୁ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଥିଲେ। ୨୦୧୮ରେ ଅବସରପ୍ରାପ୍ତ ଆର୍ମି ଅଫିସର ସୁରେଶଚନ୍ଦ୍ର ଦାଶ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଘରକୁ କିଣିଥିଲେ। ତେବେ ସୁରେଶଚନ୍ଦ୍ର କହିଛନ୍ତି, ସେ ଅନୁପଙ୍କୁ ଜାଣିନାହାନ୍ତି। ଏପରି କି ସେ କିଣିଥିବା ଘରେ ଅନୁପ ଓ କଳ୍ପନା ରହୁଥିଲେ ବୋଲି ମଧ କେବେ ବି ଶୁଣି ନ ଥିଲେ। ଗଣାମାଧ୍ୟମରୁ ହତ୍ୟାକାଣ୍ଡ ଓ ଏହା ବିଷୟରେ ଜାଣିବାକୁ ପାଇଲେ ବୋଲି ସେ କହିଛନ୍ତି।

### ଫ୍ଲାଟ୍ ମାଲିକଙ୍କୁ ଛତିଶଗଡ଼ ପୋଲିସର ପଚରାଉଚରା

ହତ୍ୟା ପୂର୍ବରୁ କଳ୍ପନା ଓ ତାଙ୍କ ଝିଅ ସହ ଅଭିଯୁକ୍ତ ଅନୁପ ରହୁଥିବା ଛତିଶଗଡ଼ ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ତେଣୁ ତଦନ୍ତ ପାଇଁ ଭୁବନେଶ୍ୱରରେ ଡେରା ପକାଇଥିବା ଛତିଶଗଡ଼ ପୋଲିସ ଟିମ୍ ମଙ୍ଗଳବାର ଅପରାହ୍ନ ୨ଟାରେ ଉକ୍ତ ଫ୍ଲାଟ୍‌କୁ ଯାଇ ଏବେ ସେଠାରେ ରହୁଥିବା ମାଲିକ ସୁରେଶଚନ୍ଦ୍ର ଦାଶଙ୍କୁ ପଚରାଉଚରା କରିଥିଲା। ଅନୁପଙ୍କୁ ଆପଣ ଜାଣିଛନ୍ତି କି? ଏହି ଫ୍ଲାଟ କେବେ ଠୁ ଏବଂ କାହାଠାରୁ କିଣିଲେ? କିଣିବା ସମୟରେ ଅନୁପ କିମ୍ବା କଳ୍ପନାଙ୍କର କିଛି ସାମଗ୍ରୀ ଘରେ ରହିଥିଲା କି? ଏଭଳି ଅନେକ ପ୍ରଶ୍ନ ଘର ମାଲିକଙ୍କୁ ପୋଲିସ ପଚରାଉଚରା କରିବା ସହ କିଛି ନୂଆ ତଥ୍ୟ ଧରି ଫେରିଥିଲା।



ଛତିଶଗଡ଼ ପୋଲିସ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରେ ପଚରା ଉଚରା ଚଳାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଗଙ୍କର ବେକ ବଢ଼ିଲେ
ମୀନଙ୍କ ବିପତ୍ତି।**

ବଗ ମାଛ ଖାଏ। ତା' ବେକ ଲମ୍ବା। ବେକ ଆହୁରି ଲମ୍ବ ହେଲେ ସେ ଗଭୀର ପାଣିରୁ ଆରାମରେ ମାଛ ଧରି ଖାଇପାରିବ। ପରୋକ୍ଷରେ ସବଳ ବା ଶତ୍ରୁର ବେଶି ଉନ୍ନତି ହେଲେ ଦୁର୍ବଳର ଦୁର୍ଦ୍ଦଶା ବଢ଼ିଯାଏ। ଶତ୍ରୁକୁ ଅଧିକ ବଳ ଦେଇ ବିପଦ ବରଣ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବତିଶା କଦଳୀ ଗଛ;
ଛତିଶା ବତାଶ ଭାଙ୍ଗି ପକେଇଲା
ଭଣ୍ଡା କିଏ ନବ ଆସ।**

କିଛି ବ୍ୟକ୍ତି ଆବଶ୍ୟକତାଠୁଁ ଅଧିକ କଞ୍ଜୁସ ସ୍ୱଭାବର ହୋଇଥାନ୍ତି। ଭଲରେ ମନ୍ଦରେ କାହାକୁ କିଛି ଦେଇ ନ ଥାନ୍ତି। ତେବେ ପରିସ୍ଥିତିରେ ପଡ଼ି ଦେବାର ଆବଶ୍ୟକତା ଦେଖାଦେଲେ ସେଥିରୁ କିଛି ଦେଇ ନିଜର ଦାତାପଣିଆ ଦେଖେଇ ହେବାରେ ହେଳା କରି ନ ଥାନ୍ତି। ଧ୍ୱଂସ ହୋଇଯାଉଥିବା ବା ନଷ୍ଟ ହୋଇଯାଉଥିବା ଜିନିଷରୁ ଟିକିଏ ଦାନ କରି ଆତ୍ମସନ୍ତୋଷ ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିର୍ମାଣ ହେବ ଓଡ଼ିଆ ଫିଲ୍ମ

ଭୁବନେଶ୍ୱର,୧୮।୨(ବ୍ୟୁରୋ)- ବହୁଚର୍ଚ୍ଚିତ କଳ୍ପନା ଦାସ ଓ ବବ୍‌ଲି ହତ୍ୟାକାଣ୍ଡ ମାମଲାର ଗୋଟିଏ ପରେ ଗୋଟିଏ ଗୁମର ଫିଟୁଥିବା ବେଳେ ଏହାଉପରେ ଫିଲ୍ମ ନିର୍ମାଣ କରିବାକୁ ଆଗେଇ ଆସିଛି ଓଲିଉଡ୍। ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅନୁପ ସାଏଙ୍କ ଚରିତ୍ରକୁ ନେଇ ଏକ ଓଡ଼ିଆ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଫିଲ୍ମର ନାମ ରହିଛି 'ମାୟାବିନୀ'। ପୂର୍ବରୁ ପାଟଣାଗଡ଼ ବୋମା ବିସ୍ଫୋରଣ ଉପରେ 'ପାଟଣାଗଡ଼' ଫିଲ୍ମ ତିଆରି କରି ଚର୍ଚ୍ଚାକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା ଏହି ଫିଲ୍ମ ନିର୍ମାଣ କରିବେ। ଫିଲ୍ମର ରଚନା ସହ ନିର୍ଦ୍ଦେଶନା ଦେବେ ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ନିର୍ଦ୍ଦେଶକ ସବିନୟ। ଏହି ଚଳଚ୍ଚିତ୍ରରେ ବଲିଉଡ୍ ଓ ଓଲିଉଡ୍‌ର ଜଣାଶୁଣା କଳାକାରମାନଙ୍କୁ ଦେଖିବାକୁ ମିଳିବ। ଓଡ଼ିଶାର ଏକ ସଦ୍ୟ, ବାସ୍ତବଧର୍ମୀ, ରୋମାଞ୍ଚକର ପ୍ରେମ, ପ୍ରତାରଣା ଓ ଜଘନ୍ୟ ହତ୍ୟାକାଣ୍ଡ ଘଟାଇ ସମାଜକୁ କଳୁଷିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏକ ସଚେତନ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏହି ଫିଲ୍ମ ପ୍ରସ୍ତୁତ ହେବ ବୋଲି ପ୍ରଯୋଜକ ମାର୍ଥା କହିଛନ୍ତି। ରେଞ୍ଜ୍ ରୟାଲ ସିନେ ଲ୍ୟାବ୍ ଦ୍ୱାରା ପ୍ରସ୍ତୁତ ଏହି ଚଳଚ୍ଚିତ୍ର ଖୁବ୍‌ଶୀଘ୍ର ସାରା ଓଡ଼ିଶାରେ ମୁକ୍ତିଲାଭ କରିବ ବୋଲି ସେ କହିଛନ୍ତି। ଏହି ଫିଲ୍ମ ନିର୍ମାଣକୁ କିନ୍ତୁ ଅନୁପ ସାଏଙ୍କ ବଡ଼ ଭାଇ ପ୍ରମୋଦ ସାଏ ବିରୋଧ କରିଛନ୍ତି।

# ଅନୁପ, ବର୍ଦ୍ଧନଙ୍କ ନାର୍କୋ, ଡି.ଏନ.ଏ. ଟେଷ୍ଟ ପାଇଁ ଆବେଦନ

ଭୁବନେଶ୍ୱର,(ବ୍ୟୁରୋ)/ଝାରସୁଗୁଡ଼ା ଅଫିସ,ବ୍ରଜରାଜନଗର, ୧୮।୨ (ଡି.ଏନ.ଏ.)



ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ।

ଅନୁପ ସାଏ, ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଜେରା ବେଳେ କଥା ବଦଳାଉଛନ୍ତି। ଉଭୟ ପୋଲିସକୁ ଭିନ୍ନ କାହାଣୀ କହୁଛନ୍ତି। ତେଣୁ ଉଭୟଙ୍କ ନାର୍କୋ ଟେଷ୍ଟ କରିବା ପାଇଁ କୋର୍ଟରେ ମଙ୍ଗଳବାର ଆବେଦନ କରାଯାଇଛି। ଏପରିକି ଅନୁପଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ମଧ ଆବେଦନ କରାଯାଇଛି। ଉଭୟ କଳ୍ପନା ଓ ବବ୍‌ଲିଙ୍କୁ ଲୁହାରଡ଼ରେ ପିଟି ହତ୍ୟା କରିବା ପରେ ମୃତଦେହକୁ ଗାଡି ଚଢାଇ ପ୍ରମାଣ ନଷ୍ଟ ଲାଗି ଉଦ୍ୟମ କରାଯାଇଥିଲା। ଅନ୍ୟପକ୍ଷେ ଏହି ହତ୍ୟାକାଣ୍ଡ ସମୟରେ ଅନ୍ୟ ଏକ ଗାଡି ସେଠାରେ ଉପସ୍ଥିତ ଥିଲା ବୋଲି ବର୍ଦ୍ଧନ ପୋଲିସକୁ କହିଛନ୍ତି। ତେଣୁ ତାଙ୍କୁ ଅଧିକ ପଚରାଉଚରା କରିବା ସହ ମୁହାଁମୁହିଁ ଜେରା କରାଯିବ। ଏହାପରେ କୋର୍ଟଙ୍କ ଅନୁମତି ପରେ ନାର୍କୋ ଟେଷ୍ଟ କରାଯିବ। ଏହା ହେଲେ ଅଭିଯୁକ୍ତ ମିଛ ଲୁଚାଇ ପାରିବେ ନାହିଁ।

**ରାଜଧାନାରେ ଅନୁପଙ୍କ ୩ ସାଙ୍ଗଙ୍କୁ ନୋଟିସ୍**

କଳ୍ପନା ଏବଂ ଝିଅ ବବ୍‌ଲି ହତ୍ୟା ଘଟଣାରେ ପୋଲିସ ଏକାଧିକ ଲୋକଙ୍କୁ ପଚରାଉଚରା କରୁଛି। ଅନୁପଙ୍କ କକା ପୁଅ ଭାଇ ନୃପଲାଲ ସାଏ, ପୁତୁରା ସଂଗ୍ରାମ ସାଏ ଓ କଳ୍ପନାଙ୍କ ଭାଉଜ ରୀନା ଦାଶଙ୍କୁ ମଙ୍ଗଳବାର ଥାନାରେ ହାଜର ହେବାକୁ ଛତିଶଗଡ଼ ପୋଲିସ ନୋଟିସ କରିଥିଲା। ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି, ଏହି ମାମଲାରେ ଅନୁପଙ୍କ ଅତି ଘନିଷ୍ଠ ୩ ଜଣ ବନ୍ଧୁଙ୍କୁ ମଧ ପଚରାଉଚରା କରାଯିବା ପାଇଁ ନୋଟିସ କରାଯାଇଛି। ତେବେ କେଉଁମାନଙ୍କୁ ନୋଟିସ ଜାରି କରାଯାଇଛି ସେନେଇ ତଦନ୍ତ ଚାଲିଥିବାରୁ କହିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

**ଫ୍ଲାଟ ବିକ୍ରି ପୂର୍ବରୁ କଳ୍ପନାଙ୍କ ସାମଗ୍ରୀ ପୋଡ଼ି ଦିଆଯାଇଥିଲା**

କଳ୍ପନା ଓ ବବ୍‌ଲିଙ୍କୁ ହତ୍ୟା ପରେ ଅନୁପ ସାଧାରଣ ମଣିଷ ଭଳି ଭୁବନେଶ୍ୱରସ୍ଥିତ ସୁନ୍ଦରପଦା ଫ୍ଲାଟକୁ ଯିବା ଆସିବା କରୁଥିଲେ। କିଛିଦିନ ପରେ ଉକ୍ତ ଫ୍ଲାଟକୁ ଅନ୍ୟ ଜଣଙ୍କୁ ବିକ୍ରି କରି ଦେଇଥିଲେ । ବିକ୍ରି କରିବା ପୂର୍ବରୁ କଳ୍ପନାଙ୍କ ବିଭିନ୍ନ ସାମଗ୍ରୀକୁ ଘର ପଛ ପଟେ ପୋଡି ଦେଇଥିବା ସୁନ୍ଦରପଦାରେ ରହୁଥିବା ଜଣେ ପଡୋଶୀ କହିଛନ୍ତି। ଏପରିକି ବର୍ତ୍ତମାନ ରହୁଥିବା ଘର ମାଲିକ କହିଛନ୍ତି ସେମାନେ ରହିବା ପୂର୍ବରୁ ଘର ପୂରା ଖାଲି ଥିଲା। କିଛି ବି ସାମଗ୍ରୀ ନ ଥିଲା। ଘର ରଙ୍ଗ ଦିଆ ଯିବା ପରେ ସେମାନେ ରହିଥିଲେ ବୋଲି ଘର ମାଲିକ ସୁରେଶ ଚନ୍ଦ୍ର ଦାଶ କହିଛନ୍ତି।

**କେହି ହାଜର ହେଲେନି**

ଛତିଶଗଡ ପୋଲିସ ତରଫରୁ ମୃତକଙ୍କ ଭାଉଜ ରୀନା ଦାଶ, ଅନୁପଙ୍କ ବଡଭାଇ ପ୍ରମୋଦ ସାଏ ଓ ଅଭିଯୁକ୍ତଙ୍କ କାକା ପୁଅ ଭାଇ ନୃପଲାଲ ସାଏଙ୍କୁ ସୋମବାର ନୋଟିସ ଦିଆଯାଇଥିଲା। ପ୍ରମୋଦ ସାଏ ଘରେ ନ ଥିବାରୁ ତାଙ୍କ ପୁଅ ସଂଗ୍ରାମ ସାଏ ପୋଲିସଠାରୁ ନୋଟିସ ଗ୍ରହଣ କରିବା ସହିତ ତଦନ୍ତରେ ସହାୟତା କରିବା ପାଇଁ ଛତିଶଗଡ ପୋଲିସକୁ କହିଥିଲେ । ସେହିପରି ରୀନା ଦାଶ ଏକୁଟିଆ ମହିଳା ହୋଇଥିବାରୁ କାହା ସହ ଯିବେ ବୋଲି ପୋଲିସକୁ କହିଥିଲେ। ସେହିପରି ନୃପଲାଲ ସାଏ ଘରେ ନ ଥିବାରୁ ତାଙ୍କ ବାପାଙ୍କୁ ପୋଲିସ ନୋଟିସ ଦେଇଥିଲା । ମଙ୍ଗଳବାର କେହି ହେଲେ ପୋଲିସକୁ ଦେଖା କରିବାକୁ ନ ଯାଇ ଫୋନ୍‌ରେ କଥା ହୋଇଛନ୍ତି। ନିଜ ସୁବିଧାରେ ଆସି ଦେଖା କରିବାକୁ ପୋଲିସ କହିଛି।

**ବୋଲେରୋ ମାଲିକ ସୁନୀଲ ସାଏ ଥାନାରେ ହାଜର**

ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ (ନଂ. ଓଆର୍ ୦୨ ଏୱାଇ- ୮୫୯୬) ର ମାଲିକ ଲୋଇସିଂ ପଞ୍ଚାୟତର ବାରଖଣ୍ଡିଆ ଗ୍ରାମର ସୁନୀଲ ସାଏ ଚକ୍ରଧରନଗର ଥାନାରେ ହାଜର ହୋଇଛନ୍ତି। ହତ୍ୟାକାଣ୍ଡରେ ଉକ୍ତ ବୋଲେରୋର ସଂପୃକ୍ତି ରହିଥିବା ଛତିଶଗଡ଼ ପୋଲିସ କହୁଛି। ୨୦୧୪ ନିର୍ବାଚନରେ ସତ୍ୟପାଠରେ ଦାଖଲ କରାଯାଇଥିବା ଉକ୍ତ ବୋଲେରୋ ୨୦୧୫ ମସିହାରେ ଅନୁପଙ୍କଠାରୁ ସୁନୀଲ କିଣିଥିଲେ । ପରେ ଭୁବନେଶ୍ୱର ଆରଟିଓ କ୍ଲିୟରାନ୍ସ ଦେଇଛି। ବର୍ତ୍ତମାନ ଉକ୍ତ ବୋଲେରୋ ଗୁଜରାଟର ଆଲମପୁର ଅଞ୍ଚଳରେ ଚାଲୁଛି । ବୋଲେରୋ ଠାବ କରିବା ପରେ ଛତିଶଗଡ ପୋଲିସ ଆଣିବାକୁ ଯାଇଛି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRED
Parts Manager / Executive, Warranty Manager/ Executive, Sales consultant, Telecaller, MIS Executive, Technicians, Bodyshop Advisors, Driver & Peon.
Contact : 0674-6668822 / 6667709
mail: admin@capitalford.net & edp.bhubaneswar@renault-india.com / cc - siddharth9909@gmail.com

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୩୦୦୦/-
Ph : 7894458651
(Call Timing : 12.00-6.00 ମଧ୍ୟରେ)

ରୋଷେୟା ଆବଶ୍ୟକ
ଭୁବନେଶ୍ୱରରେ ଘରେ ରୋଷେଇ କରିବା ପାଇଁ ରୋଷେୟା ଆବଶ୍ୟକ।
ମାସିକ ଦରମା ୯୦୦୦/- + ଖାଇବା
Ph : 6370950484
(Call Timing : 12.00-6.00 ମଧ୍ୟରେ)

ତୁରନ୍ତ ଆବଶ୍ୟକ
କୁଲାଡ଼, ଅନୁଗୋଳ ସ୍ଥିତ ଲେଡିଜ୍ ବୁଟିକରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଆବଶ୍ୟକ। ସମସ୍ତ ଲେଡିଜ ଡ୍ରେସ କଟିଙ୍ଗ ଓ ଷ୍ଟିଚିଙ୍ଗର ଅଭିଜ୍ଞତା ଥିବା ଆବଶ୍ୟକ। ଦରମା- ୮,୦୦୦ ରୁ ୧୫,୦୦୦ (ଅଭିଜ୍ଞତା ଅନୁସାରେ), ରହିବା ସୁବିଧା ଉପଲବ୍ଧ।
ଯୋଗାଯୋଗ-7735732645

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍,BBSR ପାଇଁ କର୍ମଠ ଏବଂ ଅଭିଜ୍ଞତା ଥିବା ଷ୍ଟାଫ୍ ଆବଶ୍ୟକ।
DTP OPERATOR • SALES EXECUTIVE
SCREEN PRINTER • OFFICE PEON
• CAR DRIVER
ଇଚ୍ଛୁକ ଥିବା କେବଳ ଅଭିଜ୍ଞ ପ୍ରାର୍ଥୀ/ପ୍ରାର୍ଥୀନୀ ୭ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ :
Mob : 8249416516
E-mail : mcpl.recruitment2020@gmail.com

WANTED
Cement & Steel distributor required engineer & graduate for local marketing, experience candidates will get advantage come for interview on Sunday 9 A.M at: Sanjay Kumar Bijaya Kumar, Puri bye Pass, near Shiridi Sai temple, BBSR.
Mobile : 9437022665

ଆବଶ୍ୟକ
ଲଣ୍ଡ୍ରି କମ୍ପାନୀ ନିମନ୍ତେ
1) Washing କାରିଗର, 2) Iron କାରିଗର, 3) ହେଲ୍‌ପର (ପୁରୁଷ/ମହିଳା), 4) ଟାଟା ମ୍ୟାଜିକ୍ ଡ୍ରାଇଭର, 5) ରୋଷେୟା
9078000108, 7609893102

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ।
ଡ୍ରାଇଭର - ୨ ଜଣ
ମୋବାଇଲ-9692676868

Railway Job
• Petty Repair (ITI) Rs.14000/-
• Supervisor (+2,+3) : Rs.14000/-
• Bad Roll (10th) : Rs.12000/-
• House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

Urgent Recruitment for
TRAIN GURU EDUCARE PVT. LTD.
N1-39, IRC Village, Nayapalli, Bhubaneswar
1. Tele Caller / Counsellor : Graduate in any discipline, 6 months to 1 year Experience
2. Placement Officer : Graduate in any discipline, having own two wheeler, good communication in English, Hindi & Oriya.
3. Business Executive : Graduate in any discipline, having own two wheeler, No target
4. Office / Canopy Boy : Minimum 8th pass,
(Salary : No bar for the Right Candidate)
Email : traingurubbsr@gmail.com, www.trainguru.in
Ph : 0674-2551444, 9040030327

Required for Site Supervisor, Site Accountant, Driver for Car & Hywa and Civil Engineer. Experience more than 3 year in Road, Building & Railway construction work.
Contact No. 9078814314
9937552828

REQUIREMENT
Urgent Requirement for a Multinational Air Compressor Products in Bhubaneswar and Jharsuguda HQ. Attractive Salary Package- Walk-in-Interview Date: 16 & 23 February.
Address : United Group, #5673, Rameswarpatna, Bhubaneswar
Mob.- +91-9861533536

MTG
India's fastest growing educational publishers requires for ODISHA
Sales Executive
Sr. Sales Executive
Area Sales Manager
Graduates/Post Graduate/MBA with 3 to 8 years of experience in School books/Institutional sales.
Attractive Salary + incentives (as per industry standards)
e-mail resume at:
hr@mtg.in
Plot No. 99, Sector 44, Institutional Area, Gurgaon

WANTED ରାୟଗଡ଼ା, ମୟୂରଭଞ୍ଜ, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲା ପାଇଁ ୨ ବର୍ଷ ଅଭିଜ୍ଞତା ଥିବା ୫ଜଣ Field Supervisor ଆବଶ୍ୟକ।
ସାକ୍ଷାତ୍‌କାର-୨୪।୦୨।୨୦
MAHABIR BOREWELL & EQUIPMENTS
Ganesh Mandap Chhaka, Jharpada, BBSR, 9861471015, 9937341444

TSG GURUKUL
Affiliated to CBSE, New Delhi
APPOINTMENT
For NIMAPARA BRANCH
1. Principal : Must be from Science background with a minimum of 5 years experience in CBSE School.
2. Senior Lecturers : In Physics/Chemistry/Math./ English/ Biology/Computer Sc./Commerce. (For +2 / +3 Sci. & Com.)
3. PGT (Physics, Chemistry, Math. / Biology / Accountancy / B. Studies /Economics/English) : Post Graduate with B.Ed., CBSE experience preferable.
4. TGT (Physics, Chemistry,Math./Biology/SST/English): Graduate with B.Ed., CBSE experience preferable.
5. PRT(Math., Science, English, Hindi) : Graduate with B.Ed., CBSE experience preferable.
6. Pre-Primary Teacher : NTT(Preferably Non-Odia)
7. PET(Gents) : B.P.Ed. with 2 year experience in CBSE School.
8. Hostel : Hostel Superintendent, Warden, Caretaker (Male/Female).
9. Office : Office Assistant, Peon, Gardener, Plumber, Electrician.
10. Student Counsellor / Marketing person
Salary will not be a constraint for the right candidates.
Apply with Bio-data, Passport Photograph & Xerox copy of all academic certificates by post or e.mail within 7days of this publication.
For Details Contact :
Jayashree Chhak, Main Road, Nimapara, Puri
Head Office : 444, Gothapatna, Malipada, BBSR
Mobile : 8384022810 / 9599744823
E.mail : timesgurukulinfo@gmail.com

PARADIP PORT TRUST
PARADIP PORT - 754 142, ODISHA(INDIA) SAGARMALA
(An autonomous body under Ministry of Shipping, Govt. of India)
No. AD/RSC-1-21-66/2011/617 Dt.17 Feb, 2020
Walk-In-Interview
Applications are invited from Indian Nationals for filling up following two Medical Officers on Contractual basis in the Paradip Port Trust.
For further details,refer to our website www.paradipport.gov.in.
Last date is 24.02.2020,10.00 hours.
Sr.Dy.Secretary for Secretary
PPT/PR/675/19-20,Dt.18/02/2020

JAIPRAKASH HOSPITAL
AND RESEARCH CENTRE PVT. LTD.
DANDIAPALLI, ROURKELA-769004
CONTACT NO : 0661-2461100
WALK-IN INTERVIEW
Jaiprakash Hospital & Research Centre Pvt. Ltd., a 307 bedded Multi-speciality Hospital requires dedicated, experienced, result oriented personnel for its hospital at Dandiapalli, Rourkela for the following post.

| SL. NO. | NAME OF THE POST | QUALIFICATION | DATE & TIME |
|---|---|---|---|
| 1. | RECEPTIONIST CUM BILLING | ANY GRADUATE WITH GOOD COMPUTER KNOWLEDGE | 22.02.2020 10:00 A.M TO 4:00 P.M |
| 2. | NURSING | GNM & B.Sc.(NURSING) WITH ATLEAST 2 YRS. OF EXPERIENCE | 24.02.2020 10:00 A.M TO 4:00 P.M |

Candidates may walk-in for interview with required documents at : S2 - A/42-43, Khushi Realcon, Near Mahindra Showroom, Mancheswar, Bhubaneswar.
Salary is negotiable. Accommodation and food facilities are available for staff.

A reputed business organization need an management professional urgently !
The candidate should be based in Bhubaneswar. He should be loyal, efficient and should exercise integrity and be non-partisan in the work place. HRD professionals with 2 years experience can also apply.
Kindly Contact : 9342540892 (Pooja)

PIAGGIO
Dealer (3 Wheelers)
REQUIRES
Service Manager (Jharsuguda)
Spare Parts- Manager (Jharsuguda)
Mechanic (Sambalpur & Jharsuguda)
WALK IN
For Interview on 21st & 22nd February 2020 at
DEEP JYOTI MOTORS
N.H.6, Gopalpali Chowk, Remed, Sambalpur
Mob: 8763073900
Mail: deepjyotimotors@rediffmail.com

COLOR CLASSIFIED DISPLAY on Every Tuesday and Friday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପ୍ରେମ ପାଇଁ ଜେଲ, ଶେଷରେ ବିବାହ

ପାଇକମାଲ,୧୮।୨(ଡି.ଏନ.ଏ.)

ଏକ ପ୍ରେମୀ ଯୁଗଳ ପରସ୍ପରକୁ ଭଲ ପାଇ ପ୍ରେମ ବିବାହ କରିବାକୁ ଚାହିଁଥିଲେ। ମାତ୍ର ଝିଅ ନାବାଳିକା ହୋଇଥିବାରୁ ପରିବାର ଲୋକେ ଏହାକୁ ବିରୋଧ କରି ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡିଥିଲା। ଜେଲ୍‌ରୁ ଫେରିବା ପରେ ସମ୍ପୃକ୍ତ ଯୁବକ ଜଣକ ବର୍ତ୍ତମାନ ତାଙ୍କ ପ୍ରେମିକାଙ୍କୁ ବିବାହ କରିଛନ୍ତି । ଏଭଳି ଘଟିଛି ବରଗଡ ଜିଲା ପାଇକମାଳ ଥାନା ଖାରବନ୍ଧ ପଞ୍ଚାୟତ ଟେମିରିମାଳ ଗ୍ରାମରେ।

ସୂଚନା ଅନୁସାରେ, ତିନି ବର୍ଷ ତଳେ ଟେମରିମାଳ ଗ୍ରାମର ବାସୁଦେବ ଦୀପ ଓ ଉକ୍ତ ନାବଳିକା ପରସ୍ପରକୁ ଭଲ ପାଇ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ପରିବାର ଲୋକେ ଏହାକୁ ବିରୋଧ କରିବାରୁ ଏହି ପ୍ରେମୀ ଯୁଗଳ ଘର ଛାଡି ବାହାରକୁ ଚାଲିଯାଇଥିଲେ । ଏ



ବିବାହ ଉତ୍ସବରେ ଉପସ୍ଥିତ ବରକନ୍ୟାଙ୍କ ସହିତ ଅନ୍ୟମାନେ ।

ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ୨୦୧୭ ସେପ୍ଟେମ୍ବର ୧୩ ତାରିଖରେ ଉକ୍ତ ପ୍ରେମୀ ଯୁଗଳ ପାଇକମାଳ ଥାନାରେ ଆତ୍ମସମର୍ପଣ କରିଥିଲେ। ଫଳରେ ପୋଲିସ ବାସୁଦେବଙ୍କୁ ଗିରଫ କରି ପଦ୍ମପୁର ଜେଲକୁ ପଠାଇଥିଲା। ବାସୁଦେବ ସେଠାରେ ୮ ମାସ ରହିବା ପରେ ଘରକୁ ଫେରିଥିଲେ। ସେପଟେ ଝିଅର ବୟସ ୧୮ ବର୍ଷରୁ କମ୍ ଥିବାରୁ ପରିବାର ଲୋକେ ତାଙ୍କୁ ଗ୍ରହଣ ନ କରିବାରୁ ବରଗଡ ସିଡବ୍ଲ୍ୟୁସି ଝିଅଟିକୁ ପାଇକମାଳ କସ୍ତୁରବା ଗାନ୍ଧୀ ମାତୃନିକେତନରେ ଛାଡିଥିଲେ। ସେଠାରେ ତିନି ବର୍ଷ ରହିବା ପରେ ଗତ ୩ ତାରିଖରେ ତାଙ୍କୁ ୧୮ ବର୍ଷ ହୋଇଥିଲା। ବାସୁଦେବ ଓ ଉକ୍ତ ନାବାଳିକା ପରସ୍ପରକୁ ଭଲ ପାଉଥିବାରୁ ଉଭୟଙ୍କୁ ବରଗଡ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ଦୁହେଁ ଭିନ୍ନ ଜାତିର ହୋଇଥିବାରୁ ଝିଅ ଘର ସେମାନଙ୍କ ବିବାହ ପାଇଁ ରାଜି ହୋଇ ନ ଥିଲେ । ଫଳରେ ସିଡବ୍ଲ୍ୟୁସି ଠାରୁ ଅନୁମତି ଆଣି ଉକ୍ତ ପ୍ରେମୀ ଯୁଗଳ ମଙ୍ଗଳବାର ନୃସିହଂନାଥ ମନ୍ଦିରରେ ବିବାହ କରିଥିଲେ। ଏହି ବିବାହ ଉତ୍ସବରେ କନ୍ୟା ମାତାପିତା ଭାବେ ସୁଧୀର ବେହେରା, ଶୁଭ୍ରା ନାୟକ, ବାସୁଦେବଙ୍କ ବାପା କୈଳାସ ଦୀପ ଓ ମା' ରଙ୍ଗସୋଲା ଦୀପ ଓ ବନ୍ଧୁବାନ୍ଧବ, ପାଇକମାଳ ସରପଞ୍ଚ ଧବଳେଶ୍ୱର ସାହୁ, ମାତୃନିକେତନର ପରିଚାଳକ ନିର୍ମଳ ଗିରି, ସମାଜସେବୀ ମୋହନ ଜଗତ ପ୍ରମୁଖ ଯୋଗଦାନ କରିଥିଲେ। ପଣ୍ଡିତ ପରମାନନ୍ଦ ଦେବତା ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରେମ ପାଇଁ ଜେଲ୍ ଗଲେ ବି ଉଭୟଙ୍କ ଭଲ ପାଇବା ସେମାନଙ୍କୁ ଶେଷରେ ଏକାଠି କରିଥିଲା।

## ଲରମ୍ବା ସ୍କୁଲରେ ମଧ୍ୟାହ୍ନ ଭୋଜନ କଲେ ଜିଲାପାଳ

ଅତାବିରା, ୧୮।୨ (ଡି.ଏନ.ଏ)

ଅତାବିରା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ମଙ୍ଗଳବାର ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପରିଦର୍ଶନ କରିଛନ୍ତି। ଏହାସହିତ ସେ ଲରମ୍ବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଛନ୍ତି । ଜିଲାପାଳ ପ୍ରଧାନ ପ୍ରଥମେ କୁଲୁଣ୍ଡା ଗ୍ରାମପଞ୍ଚାୟତର ବାବେବିରା ଅଙ୍ଗନୱାଡି କେନ୍ଦ୍ର (୫) ଓ ଅଙ୍ଗନୱାଡି କେନ୍ଦ୍ର (୧)କୁ ପହଞ୍ଚିଥିଲେ। ବାବେବିରା ଅଙ୍ଗନୱାଡି କେନ୍ଦ୍ର ଏକ ପୁରୁଣା ଭିଏଡବ୍ଲ୍ୟୁ କୋଠରୀରେ ଚାଲିଥିବା ସେ ଦେଖିଥିଲେ। ଏହି କେନ୍ଦ୍ରକୁ ବାବେବିରା ପ୍ରାଥମିକ ବିଦ୍ୟାଳୟ, ବାବେବିରା ୩ ଅଙ୍ଗନୱାଡି କେନ୍ଦ୍ରକୁ କ୍ଲବ ଗୃହ, ପାହାଡଶ୍ରୀଗିଡା ଅଙ୍ଗନୱାଡି କେନ୍ଦ୍ରକୁ ପାହାଡଶ୍ରୀଗିଡା ପ୍ରାଥମିକ ବିଦ୍ୟାଳୟ, ଟୋପ ଅଙ୍ଗନୱାଡି କେନ୍ଦ୍ରକୁ ଟୋପ ପ୍ରାଥମିକ ବିଦ୍ୟାଳୟ, ଲରମ୍ବା ଅଙ୍ଗନୱାଡି କେନ୍ଦ୍ର (୧)କୁ ଲରମ୍ବା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଜିଲାପାଳ ପ୍ରଧାନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାବେବିରା, ଅମସ୍ତଲା, ଲରମ୍ବା ଅଞ୍ଚଳର ୧୦ଟି ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିଥିଲେ। ଏହି ସମୟରେ ବିଡିଓ ପ୍ରଣବ କୁମାର ଚାନ୍ଦ ଉପସ୍ଥିତ ଥିଲେ ।

## ନିଯୁକ୍ତି ଦାବିରେ ମହିଳାଙ୍କ ଅନଶନ

କନ୍ଧମାଳ,୧୮।୨(ଡି.ଏନ.ଏ.);

ବୌଦ୍ଧ ଜିଲା କନ୍ଧମାଳ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ମହିଳା ନିଯୁକ୍ତି ଦାବି କରି ଅନଶନରେ ବସିଛନ୍ତି। ଅଭିଯୋଗ ମୁତାବକ, ଦେଉଳଡୁଙ୍ଗୁରି ସାହିର କୌଶଲ୍ୟା ଧାନଗୁଣ୍ଡି(୪୫)ଙ୍କ ମା' ଉର୍ବଶୀ ଷାଣ୍ଢ ଦୀର୍ଘ ୩୦ ବର୍ଷ ହେବ କନ୍ଧମାଳ ପୂର୍ତ୍ତ ବଙ୍ଗଳାରେ ସୁଇପର ଭାବରେ କାମ କରି ଆସୁଥିଲେ। ଉର୍ବଶୀଙ୍କ ବାର୍ଦ୍ଧକ୍ୟ ଯୋଗୁ ଦୀର୍ଘ ଦିନ ହେଲା ମା'ଙ୍କ କାମକୁ କୌଶଲ୍ୟା ତୁଲାଉଥିଲେ। ଏପରି କି ତାଙ୍କ ମୃତ୍ୟୁ ପରେ ମଧ୍ୟ କୌଶଲ୍ୟା କାମ ତୁଲାଉଥିଲେ। ହେଲେ ବିଭାଗରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀ ତାଙ୍କୁ ପ୍ରେମ ନିବେଦନ କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏଥିରେ ବିଫଳ ହେବାରୁ ତାଙ୍କ ସ୍ଥାନରେ ଅନ୍ୟ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଏପରି କି ଯନ୍ତ୍ରୀ ଜଣକ ତାଙ୍କୁ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି ତାଙ୍କୁ ପୁଣି ସୁଇପର ଭାବେ ନିଯୁକ୍ତି କରିବାକୁ ଦାବିକରି କୌଶଲ୍ୟା ଅନଶନରେ ବସିଛନ୍ତି।

## ଗୁଣି ସନ୍ଦେହରେ ମହିଳାଙ୍କୁ ନିଷ୍ଠୁର ମାଡ଼

କୃଷ୍ଣପ୍ରସାଦ,୧୮।୨ (ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡା ଗାଁରେ ଗୁଣି ସନ୍ଦେହରେ ଜଣେ ମହିଳାଙ୍କୁ ମାଡ଼ ମରାଯାଇଛି। ଏ ନେଇ କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ ଚିଲିକା ନୂଆପଡା ଗ୍ରାମ ନଟାସାହିରେ ବାସ କରୁଥିବା ଗହ୍ଣା ଜେନାଙ୍କ ଝିଅ ଗତ ୧୨ ତାରିଖ ରାତିରେ ଶୋଇଥିବା ସମୟରେ ହଠାତ୍ ଅସ୍ୱାଭାବିକ ଆଚରଣ କରିଥିଲେ। ପରିବାର ଲୋକେ ଏହା ଦେଖି ଭୟଭୀତ ହୋଇଯାଇଥିଲେ। ଝିଅ ଶରୀରରେ ଭୂତ ପ୍ରବେଶ କରିଥିବା ଭାବି ଝଡାଫୁଙ୍କା କରାଇଥିଲେ। ସେଥିରେ ଭଲ ନ ହେବାରୁ କେହି ଗୁଣି କରିଥିବା ସନ୍ଦେହ କରିଥିଲେ। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଚିଲିକା ନୂଆପଡା ଜଙ୍ଗଲ ସାହିର ଗାୟତ୍ରୀ ଦାସ ଗୁଣି କରିଥିବା ସନ୍ଦେହରେ ଗହ୍ଣା ଜେନାଙ୍କ ପରିବାର ଲୋକେ ତାଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ୧୪ ତାରିଖରେ ଘଟଣା ଘଟିଥିବାବେଳେ ଏହାର ସମାଧାନ ପାଇଁ ଗାଁରେ ବୈଠକ ବସିଥିଲା। ହେଲେ ବୈଠକର ନିଷ୍ପତ୍ତିକୁ ଗହ୍ଣାଙ୍କ ପରିବାର ମାନି ନ ଥିଲେ। ପରେ ଗାୟତ୍ରୀ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗହ୍ଣାଙ୍କ ସମେତ ପରିବାରର ୭ଜଣଙ୍କ ନାମରେ ଦଫା ୩୪୧, ୩୨୫, ୩୫୪, ୩୭୯ରେ ମାମଲା (ନଂ.୧୩/୨୦) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି, ଆମେ ଘଟଣାକୁ ଗୁରୁତର ସହ ନେଇଛୁ । ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ମନମୁଣ୍ଡା ବାଇପାସ୍ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ଦାବି

ବୌଦ୍ଧ,୧୮।୨(ସ୍ୱ.ପ୍ର.)

**ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ଦୀର୍ଘ ଦୀନ ହେଲା ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ଜିଲା ମନମୁଣ୍ଡାରେ ଟ୍ରାଫିକ ସମସ୍ୟା ଲାଗି ରହିଛି। ଏନେଇ ମନମୁଣ୍ଡାର ମୁଖ୍ୟ ବଜାର ଦେଇ ଯାଇଥିବା ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ବାଇପାଶ ରାସ୍ତା ନିର୍ମାଣ ପାଇଁ ୨୦୧୬ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୧୭ ଡିସେମ୍ବର ସୁଦ୍ଧା ବାଇପାଶ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବ୍ୟାଘାତ ଯୋଗୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ବାଇପାଶ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବାରୁ ମନମୁଣ୍ଡା ପୋଲିସକୁ ଟ୍ରାଫିକ ନିୟନ୍ତ୍ରଣ କରିବାରେ ନାକେଦମ୍ ହେବାକୁ ପଡୁଛି। ଅନ୍ୟପକ୍ଷେ ୮ ଜଣ ଗୃହରକ୍ଷୀଙ୍କୁ ଟ୍ରାଫିକମ ନିୟନ୍ତ୍ରଣ ନେଇ



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ନିୟୋଜିତ କରାଯାଇ ମାସିକ ୭୨ ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ଗୋଟିଏ ପକ୍ଷେ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନମୁଣ୍ଡା ବଜାର କମିଟି, ନାଗରିକ କମିଟି ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଭିନ୍ନ ସମୟରେ ରାସ୍ତାରୋକୋ ଓ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଆସନ୍ତା ଏପ୍ରିଲ ମାସ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସମୟ ସୀମା ଶେଷ ହୋଇଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଆଗାମୀ ୧୫ ଦିନ ମଧ୍ୟରେ ମନମୁଣ୍ଡା ବାଇପାଶ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ ଗ୍ରହଣ କରା ନ ଗଲେ ବୌଦ୍ଧ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଓମ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ନାରାୟଣ କର୍ମୀ, ଦାମଦୋର ମିଶ୍ର, ଆଶୁତୋଷ ପ୍ରଧାନ, ପ୍ରଭାତ ନାୟକ, କାର୍ତ୍ତିକେଶ୍ୱର ପଣ୍ଡା, ଏକାଦଶୀ ମହାକୁଡ, ଦିନେଶ ଦୀପ, ଦୀପେଶ ମେହେର ପ୍ରମୁଖ ସାମିଲ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

FINANCE

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟ୍ଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00-70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା ୪୫,୦୦୦। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଲି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ
ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ବୁଧବାର, ୧୯ ଫେବୃୟାରୀ, ୨୦୨୦



“ଯଶପ୍ରୀତ ବୁମ୍‌ରାଙ୍କ ବିପକ୍ଷରେ ନ୍ୟୁଜିଲାଣ୍ଡର ରକ୍ଷଣଶୀଳ ଆଭିମୁଖ୍ୟ କ୍ରମେ ଅନ୍ୟ ଦଳଗୁଡ଼ିକ ଆପଣେଇବେ ।

–ଶେନ ବଣ୍ଡ, ପୂର୍ବତନ ପେସ୍ ବୋଲର



“ଦୁବାଇ ଡବ୍ଲ୍ୟୁଟିଏ ଇଭେଣ୍ଟ ପ୍ରଥମ ରାଉଣ୍ଡରେ ମେଗାର୍ବାଇନ୍ ମୁଗୁରୁଜାଙ୍କଠାରୁ ପରାସ୍ତ ହୋଇଥିଲେ ମଧ୍ୟ ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ ।

–କିମ୍ କ୍ଲାଇଷ୍ଟର୍ସ, ବେଲଜିୟମ ଟେନିସ ଖେଳାଳି



## ସଂକ୍ଷେପରେ

### ୫୦ ନିୟୁତ ଛୁଇଁଲା କୋହଲିଙ୍କ ଇନ୍‌ଷ୍ଟା ଫଲୋଅର୍ସ ସଂଖ୍ୟା

**ନୂଆଦିଲ୍ଲୀ,୧୮।୨:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସକ ସଂଖ୍ୟା ଖୁବ୍ ଅଧିକ। ଏକଥା କାହାକୁ ଅଜଣା ନାହିଁ। ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫଲୋର୍ସଙ୍କ ସଂଖ୍ୟା ୫୦ ନିୟୁତ ପହଞ୍ଚିଛି। ଇନ୍‌ଷ୍ଟାଗ୍ରାମରେ ୫୦ ନିୟୁତ ଫଲୋର୍ସ ହାସଲ କରିବାରେ କୋହଲି ଦେଶର ପ୍ରଥମ ସେଲିବ୍ରିଟି। ବର୍ତ୍ତମାନ ପିଢ଼ିର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା କୋହଲି ଏପର୍ଯ୍ୟନ୍ତ ୯୩୦ ପୋଷ୍ଟ ଶେୟାର କରିଛନ୍ତି। ସେ ମୋଟ ୪୮୦ ଜଣଙ୍କୁ ଫଲୋ କରୁଛନ୍ତି। ୩୧ ବର୍ଷୀୟ ବ୍ୟାଟ୍ସମ୍ୟାନ ଦେଶର ସବୁଠୁ ମୂଲ୍ୟବାନ ବ୍ରାଣ୍ଡ। ସର୍ବାଧିକ ଫଲୋର୍ସ ଥିବା ଭାରତୀୟ ସେଲିବ୍ରିଟିଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ପ୍ରିୟଙ୍କାଙ୍କ ଫଲୋର୍ସ ସଂଖ୍ୟା ୪୯.୯ ନିୟୁତ। ତାଙ୍କ ପଛକୁ ଅନ୍ୟତମ ଅଭିନେତ୍ରୀ ଦୀପିକା ପାଦୁକୋନ (୪୪.୧ ନିୟୁତ) ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (୩୪.୫ ନିୟୁତ) ରହିଛନ୍ତି। ତେବେ ୨୦୦ ନିୟୁତ ଫଲୋର୍ସଙ୍କ ସହ ଷ୍ଟାର ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଶୀର୍ଷରେ ରହିଛନ୍ତି। ୧୭୨ ନିୟୁତ ହଲିଉଡ ଷ୍ଟାର ଡ୍ୱେନ ଜନସନ ଟପ୍ ୫ରେ ରହିଛନ୍ତି।

### ସେଣ୍ଟ ଲୁସିଆ ଦଳ କିଣିଲା କିଙ୍ଗ୍ସ ଏକାଦଶ

**ବ୍ରିସବେନ୍,୧୮।୨:** ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବ (କେଏକ୍ସପି) ମାଲିକ କେପିଏଚ୍ ଡ୍ରିମ କ୍ରିକେଟ ପ୍ରାଇଭେଟ ଲିମିଟେଡ୍ କାରିବିଅନ ପ୍ରିମିୟର ଲିଗ୍(ସିପିଏଲ)ର ଦଳ ସେଣ୍ଟ ଲୁସିଆ ଜୁକ୍ସ କିଣିଛି। ସିପିଏଲ ଦଳ କିଣିବାରେ କେପିଏଚ୍ ଆଇପିଏଲର ଦ୍ୱିତୀୟ ମାଲିକାନ ଗ୍ରୁପ। ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମାଲିକ ରେଡ୍ ଚିଲିସ ଏଣ୍ଟରଟେନମେଣ୍ଟ ତ୍ରିନିବାଗୋ ଦଳ ମଧ୍ୟ କିଣିଛି। ଟୁର୍ନାମେଣ୍ଟରେ ନିବେଶ କରିବାକୁ ସୁଯୋଗ ପାଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଗତ ୭ ବର୍ଷ ମଧ୍ୟରେ ସିପିଏଲ ଲୋକପ୍ରିୟତା ଖୁବ ବୃଦ୍ଧି ପାଇଛି ବୋଲି ଜୁକ୍ସର ନୂଆ ସହମାଲିକ ମୋହିତ ବରମ୍ୟାନ କହିଛନ୍ତି। ୨୦୨୦ ସିପିଏଲ ସଂସ୍କରଣ ଅଗଷ୍ଟ ୧୯ରୁ ଆରମ୍ଭ ହେବ।

# କଳିଙ୍ଗରେ ଗ୍ରୁପ୍, ନକ୍‌ଆଉଟ ମ୍ୟାଚ

ଭୁବନେଶ୍ୱର, ୧୮।୨(କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ୭ମ ସଂସ୍କରଣ ଭାରତର ୫ଟି ସହରରେ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଫିଫା ଏବଂ ସ୍ଥାନୀୟ ଆୟୋଜକ କମିଟି ପକ୍ଷରୁ କାର୍ଯ୍ୟସୂଚୀ, ଆୟୋଜକ ସହର ନାମ ଏବଂ ଅଫିସିଆଲ ସ୍ଲୋଗାନ ଉନ୍ମୋଚନ କରାଯାଇଛି। ପ୍ରତିଯୋଗିତା ଆରମ୍ଭ ହେବାକୁ ଆଉ ୨୫୮ ଦିନ ବାକି ଥିବାବେଳେ ଅହମ୍ମଦାବାଦ, ଭୁବନେଶ୍ୱର, ଗୁଆହାଟୀ, କୋଲକାତା ଓ ନଭି ମୁମ୍ବାଇରେ ମ୍ୟାଚ ଗୁଡ଼ିକ ଖେଳାଯିବ ବୋଲି ସ୍ପଷ୍ଟ କରାଯାଇଛି। ବିଶ୍ୱର ଶ୍ରେଷ୍ଠ ୧୬ଟି ଯୁବ ମହିଳା ଦଳକୁ ନେଇ ହେବାକୁ ଯାଉଥିବା ପ୍ରତିଯୋଗିତାର ଅଫିସିଆଲ ସ୍ଲୋଗାନ ‘କିକ୍ ଅଫ୍ ଦି ଡ୍ରିମ’ ରଖା ଯାଇଛି। ଏଥିରେ ମୋଟ ୩୨ଟି ମ୍ୟାଚ ଅନୁଷ୍ଠିତ ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ମୋଟ ୬ଟି ଗ୍ରୁପ ଏବଂ ୨ଟି ନକ୍‌ଆଉଟ ମ୍ୟାଚ ଖେଳାଯିବ। ନଭେମ୍ବର ୨, ୫ ଓ ୮ରେ ୨ଟି ଲେଖାଏ ଗ୍ରୁପ ମ୍ୟାଚ, ୧୨ରେ କ୍ୱାର୍ଟର ଫାଇନାଲ ଏବଂ ୧୭ରେ ସେମିଫାଇନାଲ ଅନୁଷ୍ଠିତ ହେବ। ନଭେମ୍ବର ୨୧ରେ ନଭି ମୁମ୍ବାଇରେ ଫାଇନାଲ ଖେଳାଯିବ। ଆଗାମୀ ଦିନର ମହିଳା ଫୁଟବଲ ପ୍ରତିଭାଙ୍କୁ ନେଇ ହେବାକୁ ଯାଉଥିବା ଟୁର୍ନାମେଣ୍ଟର ଭେନ୍ୟୁ ଚୂଡ଼ାନ୍ତ ଏବଂ କାର୍ଯ୍ୟସୂଚୀ ଘୋଷଣା ପରେ ପ୍ରତିଯୋଗିତାକୁ ନେଇ ସ୍ୱାଭାବିକଭାବେ ଉଷ୍ମତା ବଢ଼ିଛି।

“୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ୨୦୨୦ ଆୟୋଜନ କରିବାକୁ ଯାଉଥିବା ୫ ସହରକୁ ମୁଁ ଆନନ୍ଦର ସହ ଅଭିନନ୍ଦନ ଜଣାଉଛି। ଭାରତ ଆଉ ଏକ ଫିଫା ଇଭେଣ୍ଟ ଆୟୋଜନ କରିବାକୁ ଯାଉଥିବାରୁ ସାରା ଭାରତବାସୀ ଏହାକୁ ସମର୍ଥନ କରନ୍ତୁ ବୋଲି ମୁଁ ଚାହୁଁଛି। ଏଥିସହିତ ଏହାର ଗ୍ରାଣ୍ଡ ସଫଳତା କାମନା କରୁଛି। ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ପ୍ରଥମଥରପାଇଁ ଫିଫା ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ଏହା ଦେଶ ପାଇଁ ଗର୍ବର କଥା ଏବଂ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇବାକୁ ଆମେ ପ୍ରସ୍ତୁତ” ବୋଲି କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ପ୍ରକାଶ କରିଛନ୍ତି।

ଗତବର୍ଷ ଫ୍ରାନ୍ସରେ ମହିଳା ଫିଫା ବିଶ୍ୱକପ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଭାରତରେ ୨୦୧୭ରେ ଆୟୋଜିତ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ମଧ୍ୟ ସଫଳ ହୋଇଥିଲା। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ସେହି ଉତ୍ସାହ ଦେଖିବାକୁ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ‘କିକ୍ ଅଫ ଦି ଡ୍ରିମ’ ବାର୍ତ୍ତା ମାଧ୍ୟମରେ ଭାରତର ଉଭୟ ମହିଳା ଓ ପୁରୁଷ ଫୁଟବଲ ଦଳକୁ ଉତ୍ସାହିତ କରିବା ମୁଖ୍ୟ ଲକ୍ଷ୍ୟ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ, ଆୟୋଜକ ସହର, ଅଫିସିଆଲ ସ୍ଲୋଗାନ ପ୍ରତିଯୋଗିତାର ଏବଂ ଭାରତ ଓ ବିଶ୍ୱର ଫୁଟବଲ ପ୍ରଶଂସକଙ୍କ ପାଇଁ ବଡ଼ ମୁହୂର୍ତ୍ତ ବୋଲି ଫିଫା ମହିଳା ଫୁଟବଲ ମୁଖ୍ୟ ଅଧିକାରୀ ସାରାଇ ବାରେମାନ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ କେବଳ ଯେ ମହିଳା ଫୁଟବଲର ଉନ୍ନତି ହେବ ତା ନୁହେଁ, ଭାରତ ଏବଂ ବିଶ୍ୱର ଫୁଟବଲପ୍ରେମୀମାନେ ଏହି ପ୍ରତିଯୋଗିତାରେ ଆଗାମୀ ଦିନର ମହିଳା ସୁପରଷ୍ଟାରଙ୍କୁ ଦେଖିବାକୁ ପାଇବେ ବୋଲି ସେ କହିଛନ୍ତି।

“ କାର୍ଯ୍ୟସୂଚୀ ଘୋଷଣା ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏହାଦ୍ୱାରା ଆମେ କେଉଁ ସହରରେ ଟୁର୍ନାମେଣ୍ଟ ଆୟୋଜନ ହେବ ଏବଂ କେଉଁ ମ୍ୟାଚ କେଉଁଠାରେ ହେବ ଜାଣିବାକୁ ମିଳିଛି। ଫୁଟବଲପ୍ରେମୀମାନେ କେଉଁ ମ୍ୟାଚ ଦେଖିବେ ତାହା ଏବେ ସ୍ଥିର କରିପାରିବେ। ଆୟୋଜକ ସହର ଗୁଡ଼ିକ ପ୍ରତିଯୋଗିତାକୁ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ କରିବା ନେଇ ମୁଁ ଦୃଢ଼ ନିଶ୍ଚିତ” ବୋଲି ଆୟୋଜକ କମିଟି ମୁଖ୍ୟ ତଥା ଫିଫା କାଉନ୍‌ସିଲ ସଦସ୍ୟ ପ୍ରଫୁଲ୍ଲ ପଟେଲ ପ୍ରକାଶ କରିଛନ୍ତି। ଫିଫାର ୟୁଥ୍ ଟୁର୍ନାମେଣ୍ଟ ମୁଖ୍ୟ ରୋବେର୍ଟୋ ଗ୍ରାସି କହିଛନ୍ତି ଯେ, “ ୫ଟି ଆୟୋଜକ ସହରରେ ୧୬ଟି ଦଳ ୩୨ ମ୍ୟାଚରେ ଅବତୀର୍ଣ୍ଣ ହେବେ। ଉଦୀୟମାନ ମହିଳା ଫୁଟବଲ ଖେଳାଳିଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ। ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ଆୟୋଜକ କମିଟି ସହିତ ମିଶି ପ୍ରତିଯୋଗିତାକୁ ଜୀବନ୍ତ କରି ଗଢ଼ିତୋଳିବାକୁ ଆମେ ବ୍ୟଗ୍ର। ଚଳିତ ବର୍ଷ ଶେଷଭାଗରେ ଭାରତରେ ଏହି ଟୁର୍ନାମେଣ୍ଟ ଚିତ୍ତାକର୍ଷକ ହେବ ବୋଲି ଆମେ ଆଶା ରଖିଛୁ। ଉଚ୍ଚସ୍ତରରେ ଭଲ ପ୍ରଦର୍ଶନ ପାଇଁ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଏକ ଭଲ ପ୍ଲାଟଫର୍ମ”। ଅନ୍ୟପକ୍ଷରେ “ପ୍ରଥମଥରପାଇଁ ଭାରତର ଏକ ମହିଳା ଦଳ ଫିଫା ବିଶ୍ୱକପରେ ଭାଗ ନେବାକୁ ଯାଉଛି। ଦେଶର ମହିଳା କ୍ରୀଡ଼ାରେ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ। ‘କିକ୍ ଅଫ ଦି ଡ୍ରିମ୍’ ସ୍ଲୋଗାନ ଟୁର୍ନାମେଣ୍ଟ ପାଇଁ ଅତ୍ୟନ୍ତ ପ୍ରଯୁଜ୍ୟ ଏବଂ ଦେଶରେ ମହିଳା ଫୁଟବଲ ଖେଳାଳିଙ୍କ ସ୍ୱପ୍ନ ସାର୍ଥକ କରିବା ପାଇଁ ଏକ ସୁନ୍ଦର ମାଧ୍ୟମ” ବୋଲି ସ୍ଥାନୀୟ ଆୟୋଜକ କମିଟି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ରୋମା ଖାନ୍ନା ପ୍ରକାଶ କରିଛନ୍ତି।




ବିଶ୍ୱକପ୍ କାର୍ଯ୍ୟସୂଚୀ ଉନ୍ମୋଚନ ଅବସରରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଓ ଅନ୍ୟମାନେ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

- ନଭେମ୍ବର ୨ରୁ ୨୧, ୨୦୨୦
- ୧୬ ଦଳ, ୩୨ ମ୍ୟାଚ
- ଅଫିସିଆଲ ସ୍ଲୋଗାନ ‘କିକ୍ ଅଫ ଦି ଡ୍ରିମ୍’
- ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ: ଅହମ୍ମଦାବାଦ, ଭୁବନେଶ୍ୱର, ଗୁଆହାଟୀ, କୋଲକାତା
- ନକ୍‌ଆଉଟ ପର୍ଯ୍ୟାୟ ମ୍ୟାଚ: ଅହମ୍ମଦାବାଦ, ଭୁବନେଶ୍ୱର, କୋଲକାତା, ନଭି ମୁମ୍ବାଇ
- ଫାଇନାଲ: ଡି. ୱାଇ. ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ଉଦ୍‌ଘାଟନୀ ମ୍ୟାଚ: ନଭେମ୍ବର ୨
- କ୍ୱାର୍ଟର ଫାଇନାଲ୍ସ: ନଭେମ୍ବର ୧୨ ଓ ୧୩
- ସେମିଫାଇନାଲ୍ସ: ନଭେମ୍ବର ୧୭
- ପ୍ଲେ-ଅଫ୍ (୩/୪ର୍ଥ ସ୍ଥାନ ପାଇଁ) ଏବଂ ଫାଇନାଲ: ନଭେମ୍ବର ୨୧

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

### ମାସ୍କ ପିନ୍ଧିଲେ ରେସ୍‌ଲର

**ନୂଆଦିଲ୍ଲୀ, ୧୮।୨ (ପି.ଟି.):** ଭାରତରେ କରୋନା ଭାଇରସର ବିପଦ ନାହିଁ। ଏହା ସତ୍ତ୍ୱେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏଠାରେ ଚାଲିଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ କେତେଜଣ ରେସଲର ସେମାନଙ୍କ ମୁହଁରେ ମାସ୍କ ଲଗାଇଥିବା ଦେଖିବାକୁ ମିଳିଛି। ପଡୋଶୀ ଦେଶ ଚାଇନାରେ କରୋନା ଭାଇରସରେ ୭୨,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିବାବେଳେ ୧,୯୦୦ଜଣଙ୍କୁ ମୃତ୍ୟୁ ଘଟିସାରିଲାଣି। ଏହି କାରଣରୁ ଚାଇନା ରେସ୍‌ଲରମାନଙ୍କୁ ଭିଜା ପାଇଁ ମନା କରାଯାଇଥିଲା। ଫଳରେ ସେମାନେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। କୋରିଆ ଦଳର ଜଣେ ମେଡିକାଲ ଷ୍ଟାଫ୍ ସେୟନ ଲି’ କହିଛନ୍ତି ପ୍ରତିଯୋଗିତା ପାଇଁ ଆମର ୨୮ ଜଣିଆ ଦଳ ଆସିଛନ୍ତି। ହାତଗଣତି କେତେଜଣ ରେସ୍‌ଲର ଓ ଅଫିସିଆଲ ମାସ୍କ ଲଗାଇଛନ୍ତି। ଏଠାରେ କରୋନା ଭାଇରସର ବିପଦ ନାହିଁ ବୋଲି ଆମେ ଜାଣୁ। ହେଲେ ସତର୍କ ରହିବା ଭଲ। ରେସ୍‌ଲିଂର ୱାର୍ଲ୍ଡ ଗଭର୍ନିଂବଡି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ର ଡିଜିଟାଲ ପ୍ରୋଜେକ୍ଟ ମ୍ୟାନେଜର ବାକୋର ଫ୍ଲୋରିଆନ ମାସ୍କ ଲଗାଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀର ବାୟୁମଣ୍ଡଳରୁ ରକ୍ଷା କରିବା ପାଇଁ ବିଶେଷ କରି କୋରିଆ, ଥାଇଲାଣ୍ଡ ଓ ଜାପାନର କେତେଜଣ ରେସ୍‌ଲର ମାସ୍କ ପିନ୍ଧିଛନ୍ତି। ଚାମ୍ପିୟନଶିପ୍‌ରେ ତିନୋଟି ବିଭାଗରେ ପ୍ରତିଯୋଗିତା ହେଉଛି। ତାହା ହେଲା ପୁରୁଷ ଫ୍ରିଷ୍ଟାଇଲ, ଗ୍ରୀକୋ ରୋମାନ ଏବଂ ମହିଳା ରେସ୍‌ଲିଂ।

## କମ୍ବାଲା ଦୌଡ଼: ଶ୍ରୀନିବାସଙ୍କ ରେକର୍ଡ ଭାଙ୍ଗିଲା

**ବାଙ୍ଗାଲୋର,୧୮।୨:** ପାରମ୍ପରିକ ମଇଁଷି ଦୌଡ଼ କମ୍ବାଲାରେ ଶ୍ରୀନିବାସ ଗୌଡ଼ାଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି ଆଉ ଜଣେ ଧାବକ। ତାଙ୍କ ନାମ ହେଲା ନିଶାନ୍ତ ସେଟ୍ଟୀ। ସେ ୧୪୩ ମିଟର ବିଶିଷ୍ଟ ଦୌଡ଼କୁ ୧୩.୬୮ ସେକେଣ୍ଡରେ ଶେଷ କରିଛନ୍ତି। ଏହାକୁ ହିସାବ କରାଗଲେ ୧୦୦ ମି. ଦୌଡ଼ିବା ପାଇଁ ତାଙ୍କୁ ୯.୫୧ ସେକେଣ୍ଡ ଲାଗିଛି। ଏଥିସହ ସେ କମ୍ବାଲାରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ନିକଟରେ ଶ୍ରୀନିବାସ ୧୦୦ ମି. ରେସ୍‌ରେ ୯.୫୫ ସେ. ଟାଇମିଂ ହାସଲ କରି ରାତାରାତି ସେନସେଶନ ପାଲଟି ଯାଇଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରି ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ମଧ୍ୟ କମ୍ବାଲା ଧାବକ ଗୌଡ଼ାଙ୍କ ସମ୍ପର୍କରେ ଟୁଇଟ୍ କରି ସାଇ କେନ୍ଦ୍ରରେ ଟ୍ରେନିଂ ନେବାକୁ କହିଥିଲେ। କିନ୍ତୁ ରେସିଂ ଟ୍ରାକରେ ଦୌଡ଼ିବାର ଅଭିଜ୍ଞତାର ଅଭାବରୁ ଗୌଡ଼ା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏବେ ନିଶାନ୍ତଙ୍କୁ ମଧ୍ୟ ସାଇ କେନ୍ଦ୍ରରେ ଟ୍ରେନିଂ କରିବାକୁ ସୁଯୋଗ ମିଳିବ କି ନାହିଁ, ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଦୌଡ଼ ଅବସରରେ ନିଶାନ୍ତ ସେଟ୍ଟୀ।

## ଏସିଆନ ରେସ୍‌ଲିଂରେ ସୁନୀଲଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୮।୨ (ପି.ଟି.):** ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଗ୍ରୀକୋ-ରୋମାନ ବିଭାଗରେ ଭାରତ ଦୀର୍ଘ ୨୭ ବର୍ଷ ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ୮୭କେଜି ଶ୍ରେଣୀ ଟାଇଟଲ ମୁକାବିଲାରେ କିର୍‌ଗିଜସ୍ତାନର ଆଜାତ୍ ସାଲିଡିନୋଭଙ୍କୁ ୫-୦ରେ ପରାସ୍ତ କରି ସୁନୀଲ କୁମାର ଏହି ସଫଳତା ଆଣିଦେଇଛନ୍ତି। କୁମାର ତାଙ୍କ ସେମିଫାଇନାଲ ବାଉଟ୍‌ରେ କାଜାଖସ୍ତାନର ଆଜାମତ କୁସ୍ତୁବାୟେଭଙ୍କୁ ଭେଟିଥିଲେ। ଏଥିରେ ସେ ପ୍ରଥମେ ୧-୮ରେ ପଛୁଆ ରହିଥିଲେ। ମାତ୍ର ପରେ କ୍ରମାଗତ ୧୧ ପଏଣ୍ଟ ଜିତି ବାଉଟ୍‌କୁ ୧୧-୮ରେ ଜିତିନେଇଥିଲେ। କୁମାର ୨୦୧୯ରେ ମଧ୍ୟ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ରୌପ୍ୟ ଜିତିଥିଲେ। ଅନ୍ୟଜଣେ ଭାରତୀୟ ରେସ୍‌ଲର ଅର୍ଜୁନ ହାଲାକୁର୍କୀ ୫୫କେଜି ଗ୍ରୀକୋ-ରୋମାନ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏକ ସିନିୟର ଇଣ୍ଟରନ୍ୟାଶନାଲ ଇଭେଣ୍ଟରେ ଏହା ହେଉଛି ତାଙ୍କର ପ୍ରଥମ ପଦକ।




ଅର୍ଜୁନ ହାଲାକୁର୍କୀ



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗ ନେବା ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିବା ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟର ବାସ୍କେଟବଲ ଦଳ।

## ଚର୍ଚ୍ଚାରେ ଦ୍ରାବିଡ଼ଙ୍କ ପୁଅ

**ନୂଆଦିଲ୍ଲୀ, ୧୮।୨:** ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ ରାହୁଲ ଦ୍ରାବିଡ୍‌ଙ୍କ ପୁଅ ସମିତ୍ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛନ୍ତି। ଦୁଇମାସ ବ୍ୟବଧାନରେ ୨ଟି ଦ୍ୱିଶତକ ହାସଲ କରି ଖବରର ଶିରୋନାମାରେ ରହିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ୧୪ ବର୍ଷରୁ କମ୍ ବିଟିଆର୍ ସିଲ୍ଡ ସ୍କୁଲ କ୍ରିକେଟ୍ ପ୍ରତିଯୋଗିତାରେ ସମିତ୍ ମାଲ୍ୟା ଆଦିତି ଇଣ୍ଟରନ୍ୟାଶନାଲ (ଏମ୍‌ଏଆଇ) ସ୍କୁଲ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି। ରାହୁଲ ଜଣେ ରକ୍ଷଣାତ୍ମକ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱରେ ବେଶ୍ ପରିଚୟ ସୃଷ୍ଟି କରିଥିବାବେଳେ ଏହାର ବିପରୀତ ଖେଳ ସମିତ୍‌ଙ୍କ ନିକଟରେ ଦେଖିବାକୁ ମିଳିଛି। ବିଜିଏସ୍ ନ୍ୟାଶନାଲ ପବ୍ଲିକ ସ୍କୁଲ ବିପକ୍ଷ ଏକ ମ୍ୟାଚ୍‌ରେ ଡାହାଣହାତୀ ସମିତ ମାତ୍ର ୧୪୪ ବଲରୁ ୨୧୧ ରନର ମାରାଥନ ଇନିଂସ ଖେଳିଥିଲେ। ଯେଉଁଥିରେ ୨୬ ଚୌକା ଓ ଗୋଟିଏ ଛକା ରହିଥିଲା। ସମିତ୍‌ଙ୍କ ଏହି ବିସ୍ଫୋରକ ଇନିସ ଯୋଗୁ ତାଙ୍କ ସ୍କୁଲ ୫୦ ଓଭରରେ ୩ ଉଇକେଟ୍ ହରାଇ ୩୮୬ ରନ କରିଥିଲା। ଜବାବରେ ପ୍ରତିପକ୍ଷ ସ୍କୁଲ ୩ ଉଇକେଟ୍‌ରେ ୨୫୪ ରନ କରିବାକୁ ସମର୍ଥ ହୋଇଥିଲା। ଏଥିପୂର୍ବରୁ ଗତ ଡିସେମ୍ବରରେ ସମିତ୍ ଏକ ଇଣ୍ଟରଜୋନାଲ ଟୁର୍ନାମେଣ୍ଟରେ ୨୦୧ ରନର ଇନିଂସ ଖେଳିଥିଲେ। ସମିତ୍‌ଙ୍କ ପ୍ରତିଭା କେବଳ ବ୍ୟାଟିଂରେ ସୀମିତ ରହିନାହିଁ। ବୋଲିଂରେ ମଧ୍ୟ ସମିତ୍ ବେଶ୍ ସଫଳ ହୋଇଛନ୍ତି। ସେ ୫ ମ୍ୟାଚ୍‌ରୁ ୭ ଉଇକେଟ୍ ମଧ୍ୟ ନେଇଛନ୍ତି।

# ସଚିନଙ୍କୁ ଲୌରିୟସ କ୍ରୀଡ଼ା ପୁରସ୍କାର

**ବର୍ଲିନ, ୧୮।୨ (ପି.ଟି.):** ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ବିଶ୍ୱର ସମ୍ମାନଜନକ କ୍ରୀଡ଼ା ସମ୍ମାନ ‘ଲୌରିୟସ ବିଶ୍ୱ କ୍ରୀଡ଼ା ପୁରସ୍କାର’ ଜିତିଛନ୍ତି। ଘରୋଇ ମାଟିରେ ଭାରତକୁ ୨୦୧୧ ଆଇସିସି ବିଶ୍ୱକପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥଲେ। ବିଶ୍ୱକପ୍ ଜିତିବାପରେ ସାଥୀ ଖେଳାଳିମାନେ ସଚିନଙ୍କୁ କାନ୍ଧରେ ବସାଇ ପଡ଼ିଆ ଚାରିପଟେ ବୁଲାଇଥିଲେ। ଗତ ୨୦ ବର୍ଷ ମଧ୍ୟରେ ଏହାକୁ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମୁହୂର୍ତ୍ତ ଭାବେ ସର୍ବାଧିକ ଭୋଟ୍ ମିଳିଛି। ଏଥିଲାଗି ତେନ୍ଦୁଲକରଙ୍କୁ ‘ଲୌରିୟସ ବେଷ୍ଟ ସ୍ପୋର୍ଟିଂ ମୋମେଣ୍ଟ’ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ କ୍ରିକେଟ୍‌ପ୍ରେମୀଙ୍କ ସମର୍ଥନ ଯୋଗୁ ସଚିନଙ୍କୁ ସର୍ବାଧିକ ଭୋଟ୍ ମିଳିଥିଲା।

ନିଜ ୨୪ ବର୍ଷର କ୍ରିକେଟ୍ କ୍ୟାରିୟରରେ ସଚିନ ସର୍ବାଧିକ ୬ଟି ବିଶ୍ୱକପ୍ ଖେଳିଥିଲେ। ୨୦୧୧ରେ ଭାରତରେ ଅନୁଷ୍ଠିତ ବିଶ୍ୱକପ୍ ତାଙ୍କର ଅନ୍ତିମ ବିଶ୍ୱ ପ୍ରତିଯୋଗିତା ଥିଲା। ଶ୍ରୀଲଙ୍କା ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନୁଆନ୍ କୁଲଶେଖରାଙ୍କ ବଲକୁ ଛକା ମାରି ଭାରତକୁ ଚାମ୍ପିୟନ କରାଇଥିଲେ। ଏହାପରେ ଭାରତୀୟ କ୍ରିକେଟର୍‌ମାନେ ୱାଙ୍ଖେଡେ ଷ୍ଟାଡିୟମ ମଧ୍ୟକୁ ଦୌଡ଼ିଯାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ସଚିନଙ୍କୁ କାନ୍ଧରେ ବସାଇ ସାଥୀ ଖେଳାଳିମାନେ ପଡ଼ିଆର ଚାରିପାଖେ ବୁଲାଇଥିଲେ। ସେଦିନର ଏହି ମୁହୂର୍ତ୍ତ ଆଜି ମଧ୍ୟ କୋଟି କୋଟି ପ୍ରଶଂସକଙ୍କ ମନରେ ସତେଜ ରହିଛି। ଏହାକୁ ଗତ ୨୦ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ମୁହୂର୍ତ୍ତ ଭାବେ ସର୍ବାଧିକ ଭୋଟ ମିଳିଥିବାରୁ ସଚିନଙ୍କୁ ‘ଲୌରିୟସ ବେଷ୍ଟ ସ୍ପୋର୍ଟିଂ ମୋମେଣ୍ଟ’ ପୁରସ୍କାର ପ୍ରଦାନ କରାଯାଇଛି। ବର୍ଲିନରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ ଉତ୍ସବ ଅବସରରେ ଟେନିସ କିମ୍ବଦନ୍ତୀ ବୋରିସ୍ ବେକର୍ ବିଜେତାଙ୍କ ନାମ ଘୋଷଣା କରିଥିଲେ। ଏହାପରେ ସଚିନଙ୍କୁ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ଏହି ସମ୍ମାନଜନକ ଟ୍ରଫି ପ୍ରଦାନ କରିଥିଲେ। ‘ଏହା ଚମତ୍କାର ଥିଲା। ବିଶ୍ୱକପ୍ ଜିତିବାର ଅନୁଭୂତିକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ଗୋଟିଏ ଖେଳ କେତେ ଶକ୍ତିଶାଳୀ ତାହା ମନେପକାଇ ଦେଉଛି। ଏବେବି ଯେତେବେଳେ ସେହି ମ୍ୟାଚ୍ ଦେଖୁଛି ମୋ ସାଥିରେ ଏହା ରହୁଛି’ ବୋଲି ଟ୍ରଫି ଜିତିବା ପରେ ସଚିନ କହିଛନ୍ତି।



### ମେସି, ହାମିଲଟନ ଯୁଗ୍ମ ବିଜେତା

ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ବ୍ରିଟିଶ୍ ଫର୍ମୁଲା ୱାନ୍ ଡ୍ରାଇଭର ଲୁଇସ ହାମିଲଟନ୍ ଓ ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର୍ ଲିଓନେଲ ମେସି ଯୁଗ୍ମ ଭାବେ ‘ଲୌରିୟସ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର’ ପୁରସ୍କାର ଜିତିଛନ୍ତି। ଉଭୟ ହାମିଲଟନ୍ ଓ ମେସି ସମାନ ସଂଖ୍ୟକ ଭୋଟ୍ ପାଇଥିଲେ। ‘ଲୌରିୟସ କ୍ରୀଡ଼ା ପୁରସ୍କାର’ର ୨୦ ବର୍ଷର ଇତିହାସରେ ପ୍ରଥମଥର ଲାଗି ଏହିଭଳି ଘଟଣା ଦେଖିବାକୁ ମିଳିଥିଲା। କ୍ୟାରିୟରରେ ୬ଥର ଫିଫା ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିବା ମେସି ପ୍ରଥମ ଫୁଟବଲର୍ ଭାବେ ଏହି ସମ୍ମାନଜନକ ଟ୍ରଫି ଜିତିଛନ୍ତି। ସେହିଭଳି କୌଣସି ଦଳୀୟ ଖେଳାଳି ଭାବେ ଏହି ଟ୍ରଫି ଜିତିବା ପ୍ରଥମ ଘଟଣା। ତେବେ ଏହି ରଙ୍ଗାରଙ୍ଗ ଉତ୍ସବରେ ମେସି ଉପସ୍ଥିତ ହୋଇ ନ ପାରି ନିଜର ଏକ ଭିଡିଓ ମେସେଜ ପଠାଇ ଦେଇଥିଲେ। ଅପରପକ୍ଷରେ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଆମେରିକା ଜିମ୍ନାଷ୍ଟ ସିମୋନେ ବାଇଲ୍ସ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ଲାଭ କରିଛନ୍ତି। ବାଇଲ୍ସ ୩ୟଥର ଲାଗି ବିଶ୍ୱର ଏହି ସମ୍ମାନଜନକ ଟ୍ରଫି ଜିତିଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ ଭିନ୍ନକ୍ଷମ ଖେଳାଳି ଭାବେ ଓକ୍ସାନା ମାଷ୍ଟର୍ସ ପୁରସ୍କୃତ ହୋଇଥିଲେୟ। ‘ଲୌରିୟସ ଟିମ୍ ଅଫ୍ ଦି ଇୟର’ ପୁରସ୍କାର ପ୍ରଦାନ କରାଯାଇଥିଲା। ବାସ୍କେଟବଲକୁ ଅତୁଳନୀୟ ଅବଦାନ ଲାଗି ଜର୍ମାନ କିମ୍ବଦନ୍ତୀ ଡିର୍କ ନୋଓିଜର୍କି ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଜିତିଥିଲେ। ଇଂଲିସ ଅଭିନେତା ହଗ୍ ଗ୍ରାଣ୍ଟ ଉତ୍ସବ ପରିଚାଳନା କରିଥିଲେ।




ଓକ୍ସାନା ମାଷ୍ଟର୍ସ



ଲୁଇସ୍ ହାମିଲଟନ

## ସଂକ୍ଷେପରେ

### ପ୍ରଣୀଥ, ଲକ୍ଷ୍ୟଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା

**ନୂଆଦିଲ୍ଲୀ, ୧୮।୨:** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଭାରତୀୟ ଖେଳାଳି ବି. ସାଇ ପ୍ରଣୀଥ୍ ଓ ଲକ୍ଷ୍ୟ ସେନ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ମିଳିଛି। କ୍ୟାରିୟରରେ ପ୍ରଥମ ଥର ଲାଗି ପ୍ରଣୀଥ୍ ଟପ୍-୧୦ରେ ପ୍ରବେଶ କରିଛନ୍ତି। ପ୍ରଣୀଥ୍ ଗୋଟିଏ ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଯୁବ ତାରକା ୧୮ ବର୍ଷୀୟ ଲକ୍ଷ୍ୟ ୨୮ତମ ସ୍ଥାନ ଲାଭ କରିଛନ୍ତି। ପୂର୍ବରୁ ସେ ୩୧ତମ ସ୍ଥାନରେ ରହିଥିଲେ। ନିକଟରେ ଶେଷ ହୋଇଥିବା ବ୍ୟାଡ୍‌ମିଣ୍ଟନ ଏସିଆନ ଟିମ୍ ଚାମ୍ପିୟନଶିପ୍‌ରେ ଉଭୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଦଳ ସେମିଫାଇନାଲରେ ୨-୩ରେ ଡିଫେଣ୍ଡିଂ ଚାମ୍ପିୟନ ଇଣ୍ଡୋନେସିଆଠାରୁ ହାରି ବ୍ରୋଞ୍ଜ ପଦକ ଜିତିଥିଲା। କିନ୍ତୁ ବ୍ୟକ୍ତିଗତ ଭାବେ ଉଭୟ ଲକ୍ଷ୍ୟ ଓ ପ୍ରଣୀଥ୍‌ଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା।

### ଓଶାନେ ଥୋମାସଙ୍କ କାର ଦୁର୍ଘଟଣା



**ଜାମାଇକା,୧୮।୨:** ୱେଷ୍ଟଇଣ୍ଡିଜ ପେସର ଓଶାନେ ଥୋମାସ ଗତ ରବିବାର କାର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେଣ୍ଟ କାଥେରିନର ହାଇୱେ ୨୦୦୦ରେ ଦୁର୍ଘଟଣା ଘଟିଛି, ଯେଉଁଥିରେ ତାଙ୍କ କାର ଓଲଟି ପଡ଼ିଛି। ଦୁର୍ଘଟଣା ପରେ ମଧ ଥୋମାସ ଚେତା ହରାଇ ନ ଥିଲେ। ତାଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା। ୱେଷ୍ଟଇଣ୍ଡିଜ ଖେଳାଳି ଆସୋସିଏଶନ (ଡବ୍ଲ୍ୟୁଆଇପିଏ) ଖୁବ୍‌ଶୀଘ୍ର ସୁସ୍ଥ ହେବା ପାଇଁ ଶୁଭକାମନା ଜଣାଇଛି। ଏବେ ଶ୍ରୀଲଙ୍କାରେ ଦିନିକିଆ ସିରିଜ୍ ଖେଳୁଥିବା ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ପାଇ ନାହାନ୍ତି ଥୋମାସ। ଟି୨୦ ଦଳରେ ତାଙ୍କୁ ସ୍ଥାନ ନ ମିଳିଲେ ସେ ସିଧାସଳଖ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିବେ।

### ଖଣ୍ଡପଡ଼ା କପ୍: ମଙ୍ଗଳା କ୍ଲବ ବିଜୟୀ

**ଖଣ୍ଡପଡା, ୧୮।୨ (ସ୍ୱ.ପ୍ର.):** ଖଣ୍ଡପଡା ଫୁଟବଲ ଅସୋସିଏଶନ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ ସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଖଣ୍ଡପଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚରେ ମଙ୍ଗଳା କ୍ଲବ କଟକ ୪-୧ ଗୋଲରେ ପପୁଲାର କ୍ଲବ ଢେଙ୍କାନାଳକୁ ପରାସ୍ତ କରିଛି। ଏହି ବିଜୟ ସହ ମଙ୍ଗଳା କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସମୀର ଖୁଣ୍ଟିଆ ଲାଇନରେ ସହାୟତା କରିଥିଲେ। କୈଳାସ ପ୍ରଧାନୀ ୪ର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଡ. ପ୍ରଦୀପ କୁମାର ପାଇକରାୟ ଓ ପଣ୍ଡିତ ମନୋଜ କୁମାର ଦାଶ ଯୋଗଦେଇଥିଲେ। ବୁଧବାର ୭୩ କ୍ଲବ ଭୁବନେଶ୍ୱର ଓ ଖଣ୍ଡପଡ଼ା ଫୁଟବଲ ଆସୋସିଏଶନ ମଧ୍ୟରେ ଶେଷ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ଡିଆରଏସ୍ ବ୍ୟବହାର ହେବ ନାହିଁ

**ନୂଆଦିଲ୍ଲୀ,୧୮।୨:** ରଣଜୀ ଟ୍ରଫି ନକଆଉଟ୍‌ରେ ସୀମିତ ଡିଆରଏସ୍ ବ୍ୟବହାର କରାଯିବ। ଫଳରେ କ୍ୱାର୍ଟର ଫାଇନାଲର କୌଣସି ମ୍ୟାଚ୍ ଡିଆରଏସ୍ ବ୍ୟବହାର ହେବ ନାହିଁ। କିନ୍ତୁ ଏହା ସେମିଫାଇନାଲ ଓ ଫାଇନାଲ ପାଇଁ ଉପଲବ୍ଧ ହେବ। ଏ ନେଇ ବିସିସିଆଇ ଜେନାରାଲ ମ୍ୟାନେଜର (ଅପରେଶନ୍ସ) ସବା କରିମ କହିଛନ୍ତି। ୪ କ୍ୱାର୍ଟର ଫାଇନାଲ ମଧ୍ୟରୁ କେବଳ ଦୁଇଟି ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଏଣୁ କ୍ୱାର୍ଟରରେ ଡିଆରଏସ୍ ବ୍ୟବହାର କରାଯିବ ନାହିଁ ସେ କହିଛନ୍ତି। ୨୦୧୮-୧୯ ସିଜନରେ ଅମ୍ପାୟରମାନେ ବହୁ ପରିମାଣରେ ତ୍ରୁଟି କରିଥିଲେ। ଏଥିଯୋଗୁ ଗତବର୍ଷ ଜୁନରେ ପ୍ରଶାସକ କମିଟି ଡିଆରଏସ୍‌ର ସୀମିତ ବ୍ୟବହାରକୁ ମଞ୍ଜୁର ଦେଇଥିଲେ। ଉଲ୍ଲେଖଯୋଗ୍ୟ, କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଗୁରୁବାର ମ୍ୟାଚ୍ ହଟଷ୍ଟାର ଓ ଷ୍ଟାର ସ୍ପୋର୍ଟ୍ସରେ ସିଧାପ୍ରସାରଣ କରାଯିବ।



> କାଣ୍ଟରବରିଠାରୁ ଅକଲାଣ୍ଡକୁ ସ୍ଥାନାନ୍ତର ହେବା ଦ୍ୱାରା ମୁଁ ଜଣେ କ୍ରିକେଟର ଭାବେ ପ୍ରତିଷ୍ଠା ଲାଭ କରିପାରିଛି ।
>
> –କାଇଲ ଜେମିସନ, ନ୍ୟୁଜିଲାଣ୍ଡ ପେସ୍ ବୋଲର



> ଛଅ ସପ୍ତାହ ପରେ ମୁଁ କ୍ରିକେଟକୁ ଫେରିଛି। ଭାରତ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବିରାଟ କୋହଲିଙ୍କ ଉଇକେଟ ହାସଲ ମୋର ଲକ୍ଷ୍ୟ ।
>
> –ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

# ଭାରତୀୟ ଦଳ ଘୋଷିତ



ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଲାଗି ମନୋନୀତ ଭାରତୀୟ ହକି ଦଳ।

**ନୂଆଦିଲ୍ଲୀ, ୧୮।୨**

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

- ମ୍ୟାଚ: ଫେବୃୟାରୀ ୨୧, ୨୨(କଳିଙ୍ଗ ଷ୍ଟାଡିୟମ)
- ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ
- ମନପ୍ରୀତ ଅଧିନାୟକ ପଦ ବଜାୟ ରଖିଲେ
- ଓଡ଼ିଶାର ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ସାମିଲ

ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତର ଆଗାମୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ। ଚଳିତ ମାସ ୨୧ ଓ ୨୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ୨୪ ଜଣିଆ ଭାରତୀୟ ଦଳ ସୋମବାର ଘୋଷିତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ପାଇଁ ପୂର୍ବପରି ମନପ୍ରୀତ ସିଂ ଅଧିନାୟକ ରହିଥିବାବେଳେ ହରମନପ୍ରୀତ ସିଂଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ଦୁଇ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଏଥର ମଧ ସୁଯୋଗ ମିଳିଛି। ନିକଟରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିବା ଭାରତ ଗତ ବେଲଜିୟମ ବିପକ୍ଷ ପ୍ରଥମ ମ୍ୟାଚକୁ ୨-୧ ଗୋଲରେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୨-୩ ଗୋଲରେ ପରାଜିତ ହୋଇଥିଲା। ବେଲଜିୟମ ବିପକ୍ଷ ମ୍ୟାଚ ଖେଳିଥିବା ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଗତଥରର ପ୍ରୋ ଲିଗ୍ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଏହାର ପ୍ରସ୍ତୁତିକୁ ଜୋରଦାର କରିଛି। ‘‘ଆମେ ବିଶ୍ୱଚାମ୍ପିୟନ ବେଲଜିୟମ ବିପକ୍ଷରେ ୨ଟି ମ୍ୟାଚ ଖେଳିସାରିବାପରେ ଆଉ ଏକ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଛୁ। ଦକ୍ଷ ଖେଳାଳିଙ୍କୁ ନେଇ ଆମ ଦଳ ସମୃଦ୍ଧ। ଫଳରେ ପଡ଼ିଆରେ ଆମେ ଉତ୍ତମ ସନ୍ତୁଳନ ବଜାୟ ରଖିବାରେ ସକ୍ଷମ ହେଉଛୁ ଏବଂ ବିଶ୍ୱର ବଡ଼ ଦଳଗୁଡ଼ିକୁ ଟକ୍କର ଦେବାରେ ସକ୍ଷମ ହେଉଛୁ’’ ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ପାଠକ, ଅମିତ ରୋହିଦାସ, ସୁରେନ୍ଦର କୁମାର, ବୀରେନ୍ଦ୍ର ଲାକ୍ରା, ହରମନପ୍ରୀତ ସିଂ(ଉପଅଧିନାୟକ), ବରୁଣ କୁମାର, ଗୁରିନ୍ଦର ସିଂ, ରୂପିନ୍ଦରପାଲ ସିଂ, ମନପ୍ରୀତ ସିଂ(ଅଧିନାୟକ), ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ଚିଙ୍ଗଲେନସାନା ସିଂ, ରାଜ କୁମାର ପାଲ, ଆକାଶଦୀପ ସିଂ, ସୁମିତ, ଲଳିତ ଉପାଧ୍ୟାୟ, ଗୁରସାହିବଜିତ ସିଂ, ଦିଲପ୍ରୀତ ସିଂ, ଏସ.ଭି. ସୁନୀଲ, ଜରମନପ୍ରୀତ ସିଂ, ସିମରନଜିତ ସିଂ, ନୀଳକାନ୍ତ ଶର୍ମା, ରମଣଦୀପ ସିଂ।

## ୱେଷ୍ଟଇଣ୍ଡିଜକୁ ହରାଇଲା ଭାରତ

**ମହିଳା ଟି୨୦ ବିଶ୍ୱକପ୍ ୱାର୍ମଅପ**

**ବ୍ରିସବେନ୍, ୧୮।୨:** ସ୍ପିନର ପୁନମ ଯାଦବଙ୍କ ୩ ଉଇକେଟ ସଫଳତା ବଳରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ଏକ ୱାର୍ମଅପ୍ ମ୍ୟାଚ୍‌ରେ ଭାରତୀୟ ଦଳ ୨ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ଟିମ୍ ଇଣ୍ଡିଆ ଦ୍ୱାରା ଧାର୍ଯ୍ୟ ୧୦୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ୱେଷ୍ଟଇଣ୍ଡିଜ ଏକଦା ୧୩ ଓଭରରେ ଏକ ଉଇକେଟ ହରାଇ ୫୭ ରନ୍ କରି ସହଜ ସ୍ଥିତିରେ ଥିଲା। କିନ୍ତୁ ସ୍ପିନର ଦୀପ୍ତି ଓପନର ଲି ଆନ କିର୍ବି (୪୨)ଙ୍କ ଉଇକେଟ ନେଇଥିଲେ। ଏହାପରେ ୱେଷ୍ଟଇଣ୍ଡିଜ ଦଳ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ଚାଲିଥିଲା। ଫଳରେ ୧୭ ଓଭର ସୁଦ୍ଧା ୫ ଉଇକେଟ ହରାଇ ୬୭ ରନ କରିଥିଲା। ହେଲି ମାଥ୍ୟୁସ (୨୫) ଓ ଚିନଲେ ହେନ୍‌ରୀ (୧୭) ୧୯ତମ ଓଭରରେ ୩ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଏଥିଯୋଗୁ ଦଳକୁ ଜିତିବା ଲାଗି ଅନ୍ତିମ ଓଭରରେ ୧୧ ରନ୍ ଦରକାର ଥିଲା। ପୁନମଙ୍କ ପ୍ରଥମ ୩ ବଲରେ ୭ ରନ୍ କରିଥିବା ମାଥ୍ୟୁସ ଚତୁର୍ଥ ବଲରେ ଆଉଟ୍ ହୋଇଥିଲେ। ଅନ୍ତିମ ବଲରେ ୩ ରନ୍ ଦରକାର ଥିଲା। ହେନ୍‌ରୀ ବେଦ କ୍ରିଷ୍ଣମୂର୍ତ୍ତିଙ୍କ ହାତରେ ଧରାପଡ଼ିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୧୭ ରନ୍‌ରେ ଓ ସ୍ମୃତି ମନ୍ଧାନା (୪), ଜେମିମା ରୋଡ୍ରିଗୁଏଜ (୦) ଓ ଶେଫାଳି ବର୍ମା (୧୨)ଙ୍କ ଉଇକେଟ ହରାଇଥିଲା। ଅଧିନାୟିକା ହରମନପ୍ରୀତ କୌର (୧୧) ଓ କ୍ରିଷ୍ଣମୂର୍ତ୍ତି (୫) ମଧ ଫେଲ୍ ମାରିଥିଲେ। ଦୀପ୍ତି (୨୧) ଓ ଶେଷ ଆଡ଼କୁ ଶିଖା ପାଣ୍ଡେ (୨୪)ଙ୍କ ଯୋଗୁ ଭାରତ ୮ ଉଇକେଟ ହରାଇ୧୦୭ ରନ୍ କରିଥିଲା।



ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ମହିଳା ଥ୍ରୋ ବଲ୍ ଦଳ

**ଭୁବନେଶ୍ୱର, ୧୮।୨(କ୍ରୀଡ଼ା ପ୍ରତିନିଧି):** ପଶ୍ଚିମବଙ୍ଗର ବର୍ଦ୍ଧମାନରେ ଅନୁଷ୍ଠିତ ଜାତୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ ଭାଗନେଇ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶା ଥ୍ରୋ ବଲ୍ ଦଳର ଖେଳାଳି ଓ କର୍ମକର୍ତ୍ତାମାନେ ମଙ୍ଗଳବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟିଛନ୍ତି। ପ୍ରତିଯୋଗିତାରେ ୧୪ ଖେଳାଳି ଓ ୨ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ରାଜ୍ୟପାଳ ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି। ଏହା ବ୍ୟତୀତ ଆଗାମୀ ଦିନରେ ଦଳ କିପରି ଅଧିକ ଭଲ ପ୍ରଦର୍ଶନ କରିବ ଏବଂ ସେଥିପାଇଁ କ’ଣ ସାହାଯ୍ୟ ସହଯୋଗ ଆବଶ୍ୟକ ତାହା ଲିଖିତ ଆକାରରେ ଜଣାଇବା ପାଇଁ ଅଫିସିଆଲ ଯଶୋବନ୍ତ ପରମଗୁରୁ ଓ କୋଚ୍ ସଚିକାନ୍ତ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓଡ଼ିଶା ଥ୍ରୋ ବଲ୍‌ର ମାର୍ଗଦର୍ଶକ ପ୍ରେମାନନ୍ଦ ବେହେରା, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ରୁଦ୍ରନାରାୟଣ ସାମନ୍ତରାୟ, ପ୍ରସନ୍ନ କୁମାର ପାଣି, କାମାକ୍ଷା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟପାଳଙ୍କୁ ଭେଟିବା ଅବସରରେ ଟ୍ରଫି ଓ ପଦକ ସହ ଓଡ଼ିଶା ମହିଳା ଥ୍ରୋବଲ୍ ଦଳ।

## ଫାଇନାଲ ରାଉଣ୍ଡରେ ଓଡ଼ିଶା ଏଫ୍‌ସି



ବିଜୟ ହାସଲ ପରେ ଉଲ୍ଲସିତ ୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ।

**ହିରୋ ଏଲିଟ୍ ଲିଗ୍**

**ନୂଆଦିଲ୍ଲୀ, ୧୮।୨:** ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସିର ୧୮ ବର୍ଷରୁ କମ୍ ଦଳ ଏଠାରେ ଚାଲିଥିବା ହିରୋ ଏଲିଟ୍ ଲିଗ୍ ୨୦୧୯-୨୦ ସିଜନର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ସ୍ଥାନୀୟ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଜୁନିୟର ଓଡ଼ିଶା ଏଫ୍‌ସି ଦଳ ୫-୦ ଗୋଲରେ ରାଜସ୍ଥାନଭିତ୍ତିକ କ୍ଲବ ମାକ୍ସିମସ୍ ପ୍ରାଇମ ସ୍ପୋର୍ଟ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଏଫ୍‌ସି ଖେଳାଳି ପ୍ରଭାବ ବିସ୍ତାର କରି ଖେଳିବା ସହ ମ୍ୟାଚ୍‌କୁ ଏକପାଖିଆ ଭାବେ ଜିତି ନେଇଥିଲେ। ବିଜୟୀ ଦଳ ପକ୍ଷରୁ ରିଷଭ ଡୋବ୍ରିୟାଲ (୫୦ତମ ଓ ୭୬ତମ ମିନିଟ୍) ଓ ଅଂଶୁମାନ ତ୍ୟାଗୀ (୫୯ତମ ଓ ୯୦+୧ )୨ଟି ଲେଖାଏ ଗୋଲସ୍କୋର କରିଥିଲେ। ନିଶ୍ଚୟ ଅଧିକାରୀ (୭୦ତମ) ଅନ୍ୟତମ ଗୋଲଟି ଦେଇଥିଲେ। ମ୍ୟାଚ୍‌ର ୫୦ତମ ମିନିଟ୍‌ରେ ରିଷଭ ବିଜୟ ସହ ଓଡ଼ିଶା ଏଫ୍‌ସି ଏହାର ଜୋନ୍‌ରେ ୧୪ ମ୍ୟାଚ୍ ଖେଳି ୩୧ ପଏଣ୍ଟ ସହ ଟେବୁଲର ୨ୟ ସ୍ଥାନରେ ରହିଛି।

## ଦିଲ୍ଲୀ ଶୁଟିଂ ବିଶ୍ୱକପ୍‌ରୁ ଓହରିଲେ ଚାଇନା, ପାକିସ୍ତାନ

**ପୁଣେ,୧୮।୨:** ଆସନ୍ତା ମାର୍ଚ୍ଚରେ ନୂଆଦିଲ୍ଲୀ ସ୍ଥିତ ଡ. କାର୍ନି ସିଂ ଶୁଟିଂ ରେଞ୍ଜରେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଆୟୋଜନ ହେବ। ଇଭେଣ୍ଟ ପୂର୍ବରୁ ଆୟୋଜକଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ରାଇଫଲ, ପିସ୍ତଲ ଓ ଶଟ୍‌ଗନ ଭଳି ୩ ବିଭାଗରେ ଆସନ୍ତା ୧୫ ତାରିଖରୁ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରୁ ଚାଇନା ଓହରି ଯାଇଛି। କରୋନା ଭାଇରସର ଭୟ ଯୋଗୁ ବୈଦେଶିକ ମନ୍ତ୍ରଣାଳୟ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚାଇନିଜ ଶୁଟରଙ୍କ ଭିଜାକୁ ଅନୁମତି ନ ଦେବାର ସମ୍ଭାବନା ଥିଲା। କାରଣ ଦିଲ୍ଲୀଠାରେ ଚାଲିଥିବା ଏସିଆନ ଚାମ୍ପିୟନଶିପ କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚାଇନିଜ ରେସଲରମାନଙ୍କୁ ଯାତ୍ରା ଅନୁମତି ମିଳି ନ ଥିଲା। ଜାତୀୟ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ସଭାପତି ରନିନ୍ଦର ସିଂ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଚାଇନିଜ ଶୁଟରଙ୍କ ନିଷ୍ପତ୍ତି। ଏଥିରେ ଭାରତ ସରକାରଙ୍କ କୌଣସି ହାତ ନାହିଁ। ସେମାନଙ୍କ ପାଇଁ ହୋଟେଲ ବୁକିଂ ଓ ଅନ୍ୟ ବ୍ୟବସ୍ଥା କରାଯାଇଥିଲା। ଏଣୁ ସେମାନେ ଆମକୁ ପୂର୍ବରୁ ସୂଚନା ଦେଇଛନ୍ତି। ପାକିସ୍ତାନ ମଧ ତା’ର ଶୁଟରଙ୍କୁ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଆମ ୩ ଶୁଟର ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଛନ୍ତି। ଆମେ ତାଙ୍କ ପାଇଁ କୋଚ୍ ଖୋଜୁଥିଲୁ। ଜର୍ମାନୀରେ କୋଚ୍ ମିଳିଛନ୍ତି । ଏଣୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର କିଛି ଲାଭ ନାହିଁ ବୋଲି ଜାତୀୟ ରାଇଫଲ ଆସୋସିଏଶନ ଅଫ୍ ପାକିସ୍ତାନ କାର୍ଯ୍ୟକାରୀ ଉପ ସଭାପତି ଜାଭେଦ ଲୋଧି କହିଛନ୍ତି।

# ଓଡ଼ିଶାକୁ ବିଦା କରିଥିଲା ବୁମ୍‌ରାଙ୍କ ବୋଲିଂ

**ରଣଜୀ ଟ୍ରଫି: କ୍ୱାର୍ଟର ଫାଇନାଲ ମୁକାବିଲା**

**କଟକ ଅଫିସ,୧୮।୨**

ଦୁଇ ବର୍ଷର ବ୍ୟବଧାନ ପରେ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଗତ ୨୦୧୬-୧୭ ସଂସ୍କରଣରେ ରାଜ୍ୟ ଦଳ କ୍ୱାର୍ଟରରେ ସ୍ଥାନ ପାଇଥିଲେ ସୁଦ୍ଧା ଗୁଜରାଟଠାରୁ ଇନିଂସ ପଛୁଆ ରହି ନକଆଉଟ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଦଳର ଘାତକ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ତାଙ୍କ ୫ଟି ଉଇକେଟ ସଫଳତା ଯୋଗୁ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ନେଇ ନ ପାରି ପ୍ରତିଯୋଗିତାରୁ ବିଦା ହୋଇଥିଲା। ଉକ୍ତ ସିଜନରେ ଗୁଜରାଟକୁ ରଣଜୀ ଟ୍ରଫି ମୁକୁଟ ମିଳିଥିଲା।

ସେତେବେଳେ ଏଲିଟ୍ ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡ଼ିଶା ୨ ବିଜୟ, ୫ ଡ୍ର ଓ ଗୋଟିଏ ପରାଜୟ ସହିତ ୨୨ ପଏଣ୍ଟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ରାଜ୍ୟ ଦଳର ନେତୃତ୍ୱ ନେଉଥିଲେ ଗୋବିନ୍ଦ ପୋଦ୍ଦାର। ବିଦର୍ଭ ବିପକ୍ଷରେ ମ୍ୟାଚ୍ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍‌ରେ ସୌରାଷ୍ଟ୍ରକୁ ୩୨ରନରେ ହରାଇଥିଲା। ଶକ୍ତିଶାଳୀ ଦଳ ଦିଲ୍ଲୀ, ରାଜସ୍ଥାନ, କର୍ଣ୍ଣାଟକ, ଆସାମ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିବା ପରେ ମହାରାଷ୍ଟ୍ରକୁ ୧୧୮ରନରେ ହରାଇଥିଲା। ଅନ୍ତିମ ଲିଗ ମ୍ୟାଚ୍‌ରେ ଝାଡ଼ଖଣ୍ଡଠାରୁ ଇନିଂସ ଓ ୯୩ରନରେ ପରାଜୟ ସତ୍ତ୍ୱେ ଓଡ଼ିଶାକୁ ମିଳିଥିଲା କ୍ୱାର୍ଟର ଫାଇନାଲ ଯୋଗ୍ୟତା। ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଗୋବିନ୍ଦଙ୍କ ନେତୃତ୍ୱାଧୀନ ଓଡ଼ିଶା ପାର୍ଥିବ ପଟେଲଙ୍କ ନେତୃତ୍ୱାଧୀନ ଗୁଜରାଟ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଚଳିତ ସିଜନରେ ଓଡ଼ିଶା ଦଳରେ ଥିବା ଅନେକ ଖେଳାଳି ୨୦୧୬-୧୭ କ୍ୱାର୍ଟର ମୁକାବିଲାରେ ମଧ ସାମିଲଥିଲେ। ଗୋବିନ୍ଦଙ୍କ ସମେତ ଚଳିତ ସିଜନର ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବିପ୍ଳବ ସାମନ୍ତରାୟ, ରଣଜିତ ସିଂ, ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି ପୂର୍ବ ଟିମ୍‌ରେ ଥିଲେ। ଟସ ଜିତି ଗୁଜରାଟକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା ଓଡ଼ିଶା। ୭୧ରନରେ ପ୍ରଥମ ୬ଟି ଉଇକେଟ ଦଖଲ କରି ଓଡ଼ିଶା ପ୍ରତିପକ୍ଷ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲା। ମାତ୍ର ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଚିରାଗ ଗାନ୍ଧୀ ୮୧ ଓ ରୁଷ କଲରିଆ ୭୩ରନ ସଂଗ୍ରହ କରିବା ଯୋଗୁ ଗୁଜରାଟ ୨୬୩ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ବସନ୍ତଙ୍କୁ ୫ଟି ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୮୦ରନରେ ଗୋଟିଏ ଉଇକେଟ ହରାଇଥିବା ବେଳେ ୧୦୧ରନରେ ୭ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଗୋଟିଏ ସ୍ପେଲରେ ହିଁ ଓଡ଼ିଶାର ମଧ୍ୟକ୍ରମର ବ୍ୟାଟିଂ ଲାଇନଅପ ଭୁଶୁଡ଼ାଇ ଦେଇଥିଲେ ଘାତକ ପେସର ବୁମରା। ଏହା ଭିତରେ ଗୋବିନ୍ଦ, ବିପ୍ଳବ, ଶୁଭ୍ରାଂଶୁ ଓ ଅଭିଷେକ ଯାଦବଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ଉଇକେଟ ରହିଥିଲା। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ସର୍ବାଧିକ ୪୭ ଓ ଦୀପକ ବେହେରା ୪୧ରନ କରିଥିଲେ। ୧୯୯ରନରେ ଓଡ଼ିଶାର ପ୍ରଥମ ଇନିଂସ ସୀମିତ ରହିଥିଲା। ବୁମରା ୪୧ରନ ବିନିମୟରେ ୫ଟି ଉଇକେଟ ଦଖଲ କରିଥିଲେ। ସମିତ ଗୋହେଲଙ୍କ ୩୫୯ରନର ଇନିଂସ ବଳରେ ଗୁଜରାଟ ଦ୍ୱିତୀୟ ଇନିଂସରେ ସମସ୍ତ ଉଇକେଟ ହରାଇ ୬୪୧ରନ କରିଥିଲା। ଓଡ଼ିଶାର ସ୍ପିନର ଧୀରଜ ସିଂ ସର୍ବାଧିକ ୬ଟି ଉଇକେଟ ପାଇଥିଲେ। ଖେଳ ଶେଷ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଗୋଟିଏ ଉଇକେଟରେ ୮୧ରନ କରିଥିଲା। ଏହି ମ୍ୟାଚ୍‌ରେ ବୁମ୍‌ରା ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ।





ଓଡ଼ିଶାର ରାଜେଶ ଧୂପର ଓ ସୂର୍ଯ୍ୟକାନ୍ତ ପ୍ରଧାନ ନେଟ୍ସରେ ଅଭ୍ୟାସ କରୁଛନ୍ତି।

ମନେ ପଡ଼ନ୍ତି
ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ ରମେଶ ଚନ୍ଦ୍ର ମହାପାତ୍ର
ପୂର୍ବତନ ମୁଖ୍ୟଯନ୍ତ୍ରୀ ଜାତୀୟ ରାଜପଥ
କାନନବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ।
ଧ-୬୮୩୩୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଫେବୃଆରୀ ୧୯/୨୦୨୦ Sambalpur, Wednesday, February 19 / 2020




## ନାବାଳିକାଙ୍କୁ ଅପହରଣ, ବିବାହିତ ଯୁବକ ଜେଲ ଗଲେ

**କୋକସରା, ୧୮।୨ (ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିବା ଅଭିଯୋଗରେ କୋକସରା ଥାନା ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଟୋକଲାଶୁର ଗ୍ରାମର ବଳାରସେନ କୋରକରିଆ (୪୫) । ସେହି ଗ୍ରାମରୁ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରାଯାଇ ଡାକ୍ତରୀ ମାଇନା କରାଯାଇଛି । ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବଳାରସେନ ବିବାହିତ । ତାଙ୍କର ଦୁଇ ପୁଅ ଅଛନ୍ତି । ସେ ସ୍ତ୍ରୀଙ୍କୁ ଛାଡି ଅନ୍ୟତ୍ର ରହୁଛନ୍ତି । ବଳାରସେନ ଫୁଲିମୁଣ୍ଡା ଗ୍ରାମକୁ ଆସି ନିଜ ସମ୍ପର୍କୀୟ ସାନ ଭାଇଙ୍କ ଘରେ ରହୁଥିଲେ। ଏହି ସମୟରେ ନିଜର ଝିଅ ବୟସର ନାବାଳିକାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇ ଅପହରଣ କରି ନେଇଥିଲେ। ଝିଅ ନିଖୋଜ ଥିବା ନେଇ ଝିଅର ବାପା କୋକସରା ଥାନାରେ ୨୫ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ କୋକସରା ଥାନାରେ ଏକ ଅପହରଣ ମାମଲା (ନଂ.୧୯/୨୦) ରୁଜୁ ହୋଇଥିଲା।






Authorized Dealers: Bhubaneswar: Rohan Hero - 7799766422; Bharat Hero - 7799766378; DD Hero - 7799766329; Balasore: Neelam Hero - 7799766393; Baripada: Aditya Hero - 7799766370; Bhadrak: Sanjib Hero - 7799766380; Chandikhol: S. K. Hero - 7799766362; Cuttack: JMG Hero - 7799766366, Sunny Hero - 7799766401, Essen Hero - 7799766425; Jagatsinghpur: Trishul Hero - 7799766383; Jajpur Road: Soumik Hero - 7799766410; Jaleswar: Sai Hero - 7799766407; Jatni: Vishal Hero - 7799766398; Keonjhar: Supreme Hero - 7799766360; Nayagarh: Bhagabati Hero - 7799766417; Puri: Sanjib Hero- 8448389695; Behrampur: Lakshmi Hero - 7799766350; Jeypore: Supreme Hero - 7799766340; Phulbani: Narayani Hero - 7799766373; Raygada Ajit Hero - 7799766358; Bargarh: Aakash Hero - 7799766396; Bhawanipatna: Arundhati Hero - 7799766385; Bolangir: Arundhati Hero - 7799766327; Jharsuguda: Vijaylaxmi Hero - 7799766368; Rourkela: Dua Hero -7799766391; Sambalpur: Sri Shyam Hero - 7799766356; Sonepur: Jai Jawan Hero - 7799766419; Sundergarh: Robotech Hero: 8448183659; Angul: Parbati Hero - 7799766342; Dhenkanal: Som Hero - 7799766347; Talcher: Tarini Hero - 7799766374.
WT.5070.2020ODI

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୯ ଫେବୃୟାରୀ, ୨୦୨୦



ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେ ପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା। -ଟିଲଟ୍‌ସନ



## ସଂକ୍ଷେପରେ...

### ଆଜିଠୁ ମାଟ୍ରିକ୍ ପରୀକ୍ଷା, ୩୧ କେନ୍ଦ୍ରରେ ସିସିଟିଭି

**ପରୀକ୍ଷାକେନ୍ଦ୍ର ବୁଲିବେ ୪ଟି ସ୍କ୍ୱାଡ୍, ମାର୍ଚ୍ଚ ୨ ତାରିଖରେ ସରିବ ପରୀକ୍ଷା**

ବରଗଡ଼ ଅଫିସ୍,୧୮।୨- ବୁଧବାରଠାରୁ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ପରୀକ୍ଷା ଆରମ୍ଭ। ଏଥର ଏହି ପରୀକ୍ଷା ପାଇଁ ବରଗଡ଼ ଜିଲାରେ ସମୁଦାୟ ୧୭ହଜାର ୩୩୩ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୬ହଜାର ୮୨୬ଜଣ ରେଗୁଲାର ଓ ଏକ୍ସରେଗୁଲାର, ୧୨୫ଜଣ ମଧ୍ୟମା ଏବଂ ୩୮୨ଜଣ ଏସ୍‌ଆଇଓଏସ୍ ପରୀକ୍ଷାର୍ଥୀ ରହିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ୮୮ ପରୀକ୍ଷା କେନ୍ଦ୍ରରେ ସେମାନଙ୍କ ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟବର୍ଷ ଭଳି ଏଥର ମଧ ଜିଲାରେ ମାଟ୍ରିକ୍ ପରୀକ୍ଷାର ସୁପରିଚାଳନା ଓ ବ୍ୟବସ୍ଥିତ ଢଙ୍ଗରେ ସମ୍ପନ୍ନ କରିବାକୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଜିଲାର ବିଭିନ୍ନ ୩୧ ପରୀକ୍ଷାକେନ୍ଦ୍ରରେ ସିସିଟିଭି ଲଗାଯାଇଛି। ସେହିପରି ଜିଲାର ପ୍ରତି ବ୍ଲକରେ ନୋଡ଼ାଲ ପରୀକ୍ଷାକେନ୍ଦ୍ର ସ୍ଥାପନ କରାଯାଇଛି। ସେଠାରୁ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବାବେଳେ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଉପସ୍ଥିତ ରହିବେ। ତାଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ସେଠାରୁ ବାହାର କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ପରୀକ୍ଷାକେନ୍ଦ୍ର ପରିଦର୍ଶନ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୩ ସ୍କ୍ୱାଡ୍ ଗଠନ କରାଯାଇ ଥିବାବେଳେ ବୋର୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉକି, ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖରେ ସରିବାର କାର୍ଯ୍ୟକ୍ରମ ରହିଛି।

### ବାରିଙ୍ଗ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ତଲଗାଁ,୧୮।୨(ଡି.ଏନ୍.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ଼ ପଞ୍ଚାୟତର ବାରିଙ୍ଗି ଗ୍ରାମରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଆଖପାଖ ଅଞ୍ଚଳର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଯଜ୍ଞରେ ପୁରୋହିତ ଭାବେ ମାଟିଆ ନନ୍ଦ ଓ କୁମୁଦ ମହାପାତ୍ର କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ ଅନ୍ତର୍ଯାମୀ କହଁର ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ ସଭାପତି ମନୋରଞ୍ଜନ ମାର୍ଥା, ସମ୍ପାଦକ ଗିରୀଶ ମଲ୍ଲିକଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ପରିଚାଳନା ନାମଯଜ୍ଞ ହୋଇଥିଲା। ମଙ୍ଗଳବାର ସକାଳେ ନନ୍ଦୋତ୍ସବ ହେବା ସହିତ ନଗର ପରିକ୍ରମା କରାଯାଇ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା।

# ବିଡିଓଙ୍କୁ ଗୁହାରି କଲେ ହକ୍‌ଦାର ହିତାଧିକାରୀ

**ଆବାସ ଯୋଜନାରେ ଗଫଲତି**

ଜାମଟିକ୍ରା, ୧୮।୨ (ଡି.ଏନ୍.ଏ.)

ସରକାରୀ ଯୋଜନାର ଲାଭ୍ କେନ୍‌ଥେଇ ହକ୍‌ଦାର ହିତାଧିକାରୀ ପାଇପାରବେ ସେଥିରଲାଗି ରାଏଜ୍ ସରକାର ଅନେକ ବିଭାଗ, ଯୋଜନାକେ ୫ଟି, ମୋ ସରକାରରେ ସାମିଲ କରିଛନ୍। ହେଲେ କେତେ ଲାଁଚୁଆ ଅଧିକାରୀ, କରମ୍‌ଚାରୀକର ଲାଗି ଅନେକ ହକ୍‌ଦାର ହିତାଧିକାରୀ ସରକାରୀ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଚକୁଳି ପଁଚେତ୍‌ରେ।

ସୂଚନା ଅନ୍‌ସାରେ ଚକୁଳି ପଁଚେତ୍‌ର ଭିନେ ଭିନେ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ବଛାନିଛାରେ ଗଫଲତି ହେଇଥିବାର ବାବ୍‌ଦେ ତାଲିକାରୁ ବାଦ୍ ପଡ଼ିଥିବାର କେତେ ହକ୍‌ଦାର ହିତାଧିକାରୀ ସୋମବାର ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ଅଭିଯୋଗ କରିଛନ୍। ଘଟନାର ତଦଁତ୍ କରି ବାହାରିଥିବାର ତାଲିକାକେ ନାକଚ କରାଯାଉ ଆର ନୂତନ ତାଲିକା ବାହାର କରାଯାଉ ବଲି ହକ୍‌ଦାର ହିତାଧିକାରୀମାନେ ବିଡିଓଙ୍କରନେ ଦାବି କରିଛନ୍। ଆଗ୍‌ରୁ ଆବାସ ଯୋଜନାରେ ଘଏତା ଘର ପାଇଥିଲାବେଲେ ଏହେଦେ ମାଏଝିର ନାଁ ତାଲିକାରେ ବାହାରିଛେ। ଇ ଗଫଲତିକେ ଲୁକାବାର ଲାଗି ମାଏଝିର ନାଁ ସଂଗେ ଘଏତାର ନାଁ ନାଇଁ ଲେଖାଯାଇ ବାପର ନାଁ ଲେଖା ଯାଇଛେ ବଲି କେତେ ହିତାଧିକାରୀ ଅଭିଯୋଗ କରିଛନ୍। ଏନ୍‌ତା କି ଗୁଟେ ପରିବାର ଏକାଧିକ୍ ଘର ପାଇଥିଲାବେଲେ ତାଲିକାରେ ଫେନ୍ ଘାଏ ସେ ପରିବାରର ଉନିଆଁ ଲୁକ୍‌କର ନାଁ ବାହାରିଛେ। ଏନ୍‌ତାଥି ପଁଚେତ୍‌ର ନିହାତି ଗରିବ୍ ଲୋକ୍ ଆବାସ ଯୋଜନାରେ ଘର ପାଏବାରୁ ବଁଚିତ୍ ହେଉଛନ୍ ବଲି ହିତାଧିକାରୀମାନେ ଅଭିଯୋଗ କରିଛନ୍। ଚକୁଳି ପଁଚେତ୍‌ର ୧ ନମ୍ବର ୱାର୍ଡର ୱାର୍ଡ ମେମ୍ବର କବିତା ମେହେରଙ୍କର ସଂଗେ ଅନୁପମା ମହାପାତ୍ର, ରବୀନ୍ଦ୍ର ମହାପାତ୍ର ପରମୁଖ ଆମର ଘର କେଭ୍‌ଠାନୁ ଭାଂଗି ଯାଇଛେ। ହେଲେ ଆମକୁ ଘର ନାଇଁ ଦିଆଯିବାର ବଲି ବିଡିଓଙ୍କୁ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ହକ୍‌ଦାର ହିତାଧିକାରୀମାନକର ନାଁ ତାଲିକାରେ ସାମିଲ କରାଯିବା ବଲି ସେ କହିଛନ୍।



ହିତାଧିକାରୀମାନେ ଅତାବିରା ବିଡିଓଙ୍କୁ ଭେଟି ଅଭିଯୋଗ କରୁଛନ୍।

### ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୧୮।୨

ବରଗଡ଼ ସହରର ଭଟଲି ରୋଡ୍ ଛକରେ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଏପର୍ଯ୍ୟନ୍ତ ତାଙ୍କ ପରିଚୟ ମିଳିପାରି ନାହିଁ। ସ୍ଥାନୀୟ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ରଖାଯାଇଛି। ସୂଚନା ଅନୁଯାୟୀ, ମୃତ ବୃଦ୍ଧ ଜଣକ ପ୍ରାୟତଃ ଭଟଲି ରୋଡ୍ ଛକରେ ବୁଲାବୁଲି କରୁଥିଲେ। ସେଠାରେ ରହିଥିବା ରିକ୍ସାଗୁଡ଼ିକରେ ବେଳେବେଳେ ସେ ବସି ରହୁଥିବା ଦେଖିବାକୁ ମିଳୁଥିଲା ବୋଲି କେତେକ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ତେବେ ସେଠାରେ ସେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଜଣେ ରିକ୍ସାଚାଳକ ତାଙ୍କୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }





ଜନସମ୍ପର୍କ ଶିବିରରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ପୋଲିସ ଜନସମ୍ପର୍କ ଶିବିର

ଭବାନୀପାଟଣା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ସଦର ଥାନା ଅନ୍ତର୍ଗତ ଯୁଗସାଇପାଟଣାଠାରେ ଜିଲା ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର ଅଧ୍ୟକ୍ଷତା କରିଥିଲେ। ଯୁଗସାଇପାଟଣା ପଞ୍ଚାୟତ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଏହି ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଅଞ୍ଚଳ ମାଓବାଦୀ ପ୍ରଭାବ ଯୋଗୁ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟ ଗୁରୁତର ବାଧା ସୃଷ୍ଟି ହେବା ସହିତ ରାସ୍ତାଘାଟ ଓ ସ୍କୁଲ କାମଗୁଡିକ ବହୁ ଅଞ୍ଚଳରେ ଅଧାରୁ ବନ୍ଦ ହୋଇଯାଇଛି। ଏହି ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ପାଇଁ ପୋଲିସ ପ୍ରଶାସନ ସଦାସର୍ବଦା ଚେଷ୍ଟିତ ଅଛନ୍ତି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଓ ଲୋକପ୍ରତିନିଧିମାନେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ପୋଲିସ ଅପଣଙ୍କ ସହିତ ସବୁବେଳେ ରହିଛି ଏବଂ ଏହି ଅଞ୍ଚଳର ବିକାଶ କିପରି ହୋଇପାରିବ ପୋଲିସ ସବୁପ୍ରକାର ସହଯୋଗ କରିବ। ତେଣୁ ଗ୍ରାମବାସୀ ମାସବାଦୀକୁ ଭୟଭିତ ନ ହେବା ପାଇଁ ଏସ୍‌ପି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମଣିପାତ୍ର, ଏସ୍‌ଡିପିଓ ଭବାନୀପାଟଣା, ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯୋଗଦେଇଥିଲେ।

### ବୌଦ୍ଧ ଜିଲା: ୩୦ କେନ୍ଦ୍ରରେ ୫୮୫୮ ପରୀକ୍ଷାର୍ଥୀ

ବୌଦ୍ଧ,୧୮।୨(ସ୍ୱ.ପ୍ର.):

ବୁଧବାର ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ବୌଦ୍ଧ ଜିଲାରେ ଚଳିତ ବର୍ଷ ୩୦ଟି ପରୀକ୍ଷା କେନ୍ଦ୍ରରେ ୫୮୫୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାନେଇ ଜଣାପଡିଛି। ଏନେଇ ଜିଲାରେ ଖୋଲାଯାଇଥିବା ୩ଟି ନୋଡାଲ ସେଣ୍ଟର ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ପୁରୁଣାକଟକ ଏବଂ କଣ୍ଟାମାଳ ଉଚ୍ଚ ବିଦ୍ୟାଳଠାରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ପରିଦର୍ଶକ ନିଯୁକ୍ତି କରାଯାଇଛି। ପରୀକ୍ଷା କିପରି ଶାନ୍ତି ଶୃଙ୍ଖଳାର ସହ ହେବ ଏନେଇ ପରୀକ୍ଷା କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ଶିକ୍ଷୟିତ୍ରୀ, ଶିକ୍ଷକ କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କୁ ମୋବାଇଲ ଫୋନ ନ ନେବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ସୂଚନା ଦେଇଛନ୍ତି।

## ମୂମୂର୍ଷୁ ଯୁବକଙ୍କୁ ଉଦ୍ଧାର କଲେ ବିଡିଓ

ବିଜେପୁର, ୧୮।୨ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ବ୍ଲକ ପରିସରରେ ମଙ୍ଗଳବାର ଜଣେ ଯୁବକ ମୂମୂର୍ଷୁ ଅବସ୍ଥାରେ ପଡିରହିଥିଲେ । ଖବର ପାଇ ବ୍ଲକ ପ୍ରଶାସନ ତାଙ୍କୁ ତୁରନ୍ତ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି । ଯୁବକ ଜଣକ ହେଲେ ବଡବାଉଁଶେନ ପଞ୍ଚାୟତର କେ.ଗଣ୍ଡପାଲିର ବିଶ୍ୱନାଥ କାଣ୍ଡ (୪୫)। ସେ ମଧୁମେହ ରୋଗରେ ଆକ୍ରାନ୍ତ ଥିବାବେଳେ ରକ୍ତଚାପ ମଧ ଅଧିକ ରହିଥିବା ପ୍ରାଥମିକ ଚିକିତ୍ସାରୁ ଜଣାପଡିଛି । ଖବର ପାଇବା ପରେ ତାଙ୍କ ବୁଢ଼ୀମା' ଲିତାକାଣ୍ଡ ହସ୍‌ପିଟାଲରେ ପହଞ୍ଚିଥିଲେ ।

ସୂଚନା ମୁତାବକ, ସୋମବାର ଏହି ବ୍ଲକର ପଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ଥିଲା। ଚିକିତ୍ସା ସହାୟତା ପାଇଁ ବିଶ୍ୱନାଥ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ। ପରେ କୌଣସି କାମରେ ବିଜେପୁରକୁ ଆସି ଆଉ ଘରକୁ ଫେରି ପାରି ନ ଥିଲେ ଏବଂ ବ୍ଲକ ପରିସରରେ ପଡିଯାଇଥିଲେ। ମଙ୍ଗଳବାର ଭୋରରୁ ବିଡିଓ ପଦ୍ମନାଭ ସାମନ୍ତରାୟ ସବୁଦିନ ପରି ପ୍ରାତଃ ଭ୍ରମଣରେ ବାହାରିଥିଲେ। ଅସହାୟ ଅବସ୍ଥାରେ ପଡିଥିବା ଯୁବକଙ୍କୁ ଦେଖି ତାଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ । ପରେ ବିଡିଓ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ତାଙ୍କ ମା' ଲତାଙ୍କୁ ରେଡକ୍ରସ ପାଣ୍ଠିରୁ ତିନି ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏକମାସ ପର୍ଯ୍ୟନ୍ତ ତାଙ୍କର ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ବିଡିଓ ସାମନ୍ତରାୟ କହିଛନ୍ତି ।





ଡାକ୍ତରଖାନାରେ ଅସୁସ୍ଥଙ୍କୁ ଚିକିତ୍ସା କରାଯାଉଛି ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ସମସ୍ୟା ଘେରରେ କେଳାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ତଲଗାଁ,୧୮।୨(ଡି.ଏନ୍.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ କେଳାକଟା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ତୁରନ୍ତ ସମସ୍ୟାର ସମାଧାନ ଦାବି ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ବିଦ୍ୟାଳୟରେ ୨୩୧ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ରହିଥିବା ବେଳେ ଅଷ୍ଟମ ଶ୍ରେଣୀରେ ୫୮ଜଣ ଛାତ୍ରୀଛାତ୍ର ଏକ ଛୋଟ କୋଠରିରେ ବହୁ କଷ୍ଟରେ ଅଧ୍ୟୟନ କରୁଛନ୍ତି। ଏପରି କି ବିଦ୍ୟାଳୟରେ ଥିବା ନଳକୂପ ଦୀର୍ଘ ଦିନ ଧରି ଅଚଳ ହୋଇ ପଡିଥିବାବେଳେ ଏହାକୁ ମରାମତି କରାଯାଉନାହିଁ। ଫଳରେ ରୋଷେଇ ହେଉଥିବା ମଧ୍ୟାହ୍ନ ଭୋଜନ ପାଇଁ ବାହାରୁ ପାଣି ଆଣିବାକୁ ପଡୁଛି। ପାନୀୟ ଜଳର ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଦୁଇମାସ ତଳେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୋଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗତ ସୋମବାର ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ କର୍ଣ୍ଣ, କପିଳେଶ୍ୱର ବାହୁକ, ବରୁଣ ବାଙ୍କ, ରଜନୀ ରଣା ଓ ନାଏବ ସରପଞ୍ଚ ନିର୍ଗୁଣ ମହାକୁଡ ଜିଲାପାଳଙ୍କୁ ଭେଟି ବିଦ୍ୟାଳୟର ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଗାହାଣଙ୍କୁ ପଚାରିବାରୁ ଜିଲାପାଳ ପାଣି ସମସ୍ୟା ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

### ଶିବରାତ୍ରି ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ସରଣ୍ଡା, ୧୮।୨ (ଡି.ଏନ.ଏ)

ସରଣ୍ଡା ସ୍ଥିତ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ପାଇଁ ସୋମବାର ରାତ୍ରିରେ ବିଧିବଦ୍ଧ ଭାବେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି । ପୁରୋହିତ ରାକେଶ ମିଶ୍ରଙ୍କ ମନ୍ତ୍ରପାଠ ଓ ପୂଜକ ପବିତ୍ର ନାୟକଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯିବା ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦା ମିଶ୍ର, ସମ୍ପାଦକ ପ୍ରମୋଦ ମହାପାତ୍ର, ମହାଶିବରାତ୍ରି ମେଳା ପରିଚାଳନା କମିଟି ସଭାପତି ଦାରାସିଂ ମହାପାତ୍ର, ଉପସଭାପତି ସାଧୁ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ ମହାପାତ୍ର ଉପସ୍ଥିତ ଥିଲେ ।

## ଜିବିପି ଜହ୍ନାପଙ୍କ ବିଜୟୀ

**ବୌଦ୍ଧରେ ସିନିୟର ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ବୌଦ୍ଧ,୧୮।୨(ସ୍ୱ.ପ୍ର.):

ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ବୌଦ୍ଧରେ ଚାଲିଥିବା ସିନିୟର ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଥିବା ଚତୁର୍ଥ ଦିନ। ମ୍ୟାଚ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଏବଂ ଜିବିପି ଜହ୍ନାପଙ୍କ ମଧ୍ୟରେ ହୋଇଥିଲା। ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ୨୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଜେନ୍ଦ୍ର କୁମାର ୩୭ ବଲ୍‌ରେ ୨୨ ରନ୍ କରିଥିବା ବେଳେ ରଜନୀ ଯାଦବ ୩୬ ବଲ୍‌ରେ ୧୩ ରନ୍ କରିଥିଲେ। ଜିବିପି ଦଳର ରଞ୍ଜନ କୁମାର ପ୍ରଧାନ ୪ଟି ଉଇକେଟ ନେଇଥିବା ବେଳେ ମାନସ କୁମାର ବେହେରା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜିବିପି ଜହ୍ନାପ ଦଳ ୮ ଉଇକେଟରେ ୯୪ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟର ଭାବେ ବିଶ୍ୱଜିତ ପୁରୋହିତ ଓ ରିତ ରଞ୍ଜନ ଚାନ୍ଦ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱରେ ଓସିଏର ସାଇପ୍ରିୟ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ବୁଧବାର ଜେବିସି ବୌଦ୍ଧ ଏବଂ ମହାନଦୀ ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ ବୋଲିଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

## ଉତ୍କଳମଣି ଗୋପବନ୍ଧୁ କ୍ଲବ, ଲରମ୍ଭା କଲେଜ ବିଜୟୀ

**ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା**

ବରଗଡ଼ ଅଫିସ୍,୧୮।୨

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ରେ ଚାଲିଥିବା ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ଉତ୍କଳମଣି ଗୋପବନ୍ଧୁ କ୍ଲବ ଏବଂ ଲରମ୍ଭା କଲେଜ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଉତ୍କଳମଣି ଗୋପବନ୍ଧୁ କ୍ଲବ ଏବଂ ପଞ୍ଚାୟତ କଲେଜ ମଧ୍ୟରେ ମ୍ୟାଚ ହୋଇଥିଲା। ପଞ୍ଚାୟତ କଲେଜ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୯.୫ଓଭରରେ ସମସ୍ତ ଉଇକେଟ ହରାଇ ୨୨୩ରନ ସଂଗ୍ରହ କରିଥିଲା। ଦଳର ପ୍ରେମାଶିଷ ଛତର ୩୮, ଦେବାନନ୍ଦ ବାଗ ୩୪, ପ୍ରଶାନ୍ତ ମେହେର ୨୮, ମନିଷ ଜୟସ୍ୱାଲ ୨୨, ଭେଙ୍କଟେଶ୍ୱର ବରିହା ୧୭ରନ ସଂଗ୍ରହ କରିଥିଲେ । ଅନ୍ୟପଟେ ଉତ୍କଳମଣି ଗୋପବନ୍ଧୁ କ୍ଲବର ସମ୍ପିତ ସାହୁ ୫, ଆଶୁତୋଷ ମହାରଣା ୨ଟି ଉଇକେଟ୍ ନେଇଥିବାବେଳେ ସୌମ୍ୟରଞ୍ଜନ ସ୍ୱାଇଁ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବ୍‌ରେ ଉତ୍କଳମଣି ଗୋପବନ୍ଧୁ କ୍ଲବ ୨୭.୪ଓଭରରେ ୭ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ ସହିତ ୩ଉଇକେଟ୍‌ରେ ମ୍ୟାଚକୁ ଜିତିଥିଲା। ଦଳର ସୌମ୍ୟରଞ୍ଜନ ସ୍ୱାଇଁ ୬୮, ହିମାଂଶୁ ଭୋଇ ୪୩, ଉମେଶ ଦୀପ ୩୫ରନ ସଂଗ୍ରହ କରିଥିଲେ। ଅନ୍ୟପଟେ ପଞ୍ଚାୟତ କଲେଜର ରାମ ବେରିୱାଲ ୩, ହନୁମନ୍ତ ଦୀପ ୨ଟି ଉଇକେଟ୍ ନେଇଥିବାବେଳେ ଦେବାନନ୍ଦ ବାଗ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ । ଅକ୍ଷୟ ସାହାଣୀ, ପ୍ରୟାସ ବଗାର ମ୍ୟାଚ ପରିଚାଳନା କରିଥିବାବେଳେ ମନୋଜ କୁମାର ପାତ୍ର ଅନଲାଇନ ଏବଂ ଅଶୋକ ସାହୁ ମାନୁଏଲ ସ୍କୋରର ରହିଥିଲେ ।

ସେହିପରି ବିକାଶ ଗ୍ରାଉଣ୍ଡରେ କୁମ୍ଭାରୀର ଭବାନୀ କ୍ଲବ ଏବଂ ଲରମ୍ଭା କଲେଜ ମଧ୍ୟରେ ମ୍ୟାଚ ହୋଇଥିଲା। ଭବାନୀ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୫.୧ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ରନ ସଂଗ୍ରହ କରିଥିଲା । ଦଳର ସୁଶାନ୍ତ କୁମାର ବିଶି ୨୪, ଶେଖ ଫୟିମ ରାଜା ୧୬, ମହମ୍ମଦ ଫାରୁଖ ଆଲମ ୧୨, ସୟିଦ ଖାଁ ୧୧, ଧିରେନ୍ଦ୍ର ମେହେର ୧୩ରନ ସଂଗ୍ରହ କରିଥିଲେ। ଅନ୍ୟପଟେ ଲରମ୍ଭା କଲେଜର ସୌରଭ ନାୟକ ଓ ଭୀଷ୍ମଦେବ ମହାନନ୍ଦ ୪ଟିଲେଖାଏଁଉଇକେଟ ନେଇଥିବାବେଳେ କ୍ଷୀରେଶ୍ୱର ଭୋଇ ଓ ଅତୁଲ୍ୟ କର୍ଣ୍ଣ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ଲରମ୍ଭା କଲେଜ ୨୧ଓଭରରେ ବିଜୟ ଲକ୍ଷ୍ୟ ପୂରଣ ସହିତ ୭ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା । ଦଳର ସୌରଭ ନାୟକ ଅପରାଜିତ ୨୮, ଅତୁଲ୍ୟ କର୍ଣ୍ଣ ଅପରାଜିତ ୨୬ରନ ସଂଗ୍ରହ କରିଥିବାବେଳେ ଖଗେଶ୍ୱର ଖେତି ୨୦ ଭୀଷ୍ମଦେବ ମହାନନ୍ଦ ୧୩ରନ ସଂଗ୍ରହ କରିଥିଲେ । ଅନ୍ୟପଟେ ଭବାନୀ କ୍ଲବର ସୁଶାନ୍ତି ବିଶି ୨ଟି ଏବଂ ତମାଲ ପ୍ରଧାନ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ । ପ୍ରଦୀପ କୁମାର ଦାଶ, ଭରତ ପଣ୍ଡା ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିବାବେଳେ ରଜତ ଦାଶ ସ୍କୋରର ରହିଥିଲେ ।

## କଣ୍ଟାମାଳରେ ଯୁଥ୍ କ୍ଲବ୍ ଉନ୍ନୟନ ତାଲିମ ଶିବିର

କଣ୍ଟାମାଳ,୧୮।୨(ଡି.ଏନ୍.ଏ.):

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଓ ନେହେରୁ ଯୁବ ସଂଗଠନ ବୌଦ୍ଧ ଆନୁକୂଲ୍ୟରେ ମଙ୍ଗଳବାର କଣ୍ଟାମାଳ ବ୍ଲକର କଲ୍ୟାଣ ମଣ୍ଡପଠାରେ ଯୁବ ସଂଗଠନ ଉନ୍ନୟନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅଧ୍ୟାପକ ବ୍ରହ୍ମାନନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜୟ କୁମାର ମହାରଣା, ଦୀପକ କୁମାର ବାରିକ, ପ୍ରବୀର କୁମାର ସାହୁ, ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଗ୍ରାମାଞ୍ଚଳର ଯୁବ ସଂଗଠନ(କ୍ଲବ)ଗୁଡିକର ବିକାଶ ନେଇ ମାର୍ଗ ଦର୍ଶନ କରିଥିଲେ। ଆଲୋଚନାରେ ଅଧ୍ୟାପକ ସୁନିଲ ହରିପାଲ, ଶୁଭସ୍ମିତା ସାହୁ ପ୍ରମୁଖ ଉପସ୍ଥିତି ରହି ଯୁବ ସଂଗଠନର ଉନ୍ନତିରେ ଭୁଲ ତ୍ରୁଟି ସମ୍ପର୍କରେ ମତ ରଖିଥିଲେ । ଶିବିରରେ କଣ୍ଟାମାଳ ବ୍ଲକର ବିଭିନ୍ନ ଯୁବ କ୍ଲବ ସଂଗଠନର ସଭାପତି, ସମ୍ପାଦକଙ୍କ ସମେତ ସଦସ୍ୟମାନେ ଯୋଗଦେଇଥିଲେ। ଏଥିରେ ତରଣୀସେନ୍ ଦଳବେହେରା, ରାଜକିଶୋର ବାଘ, ରାକେଶ ମଲ୍ଲିକ, ଥାନେଶ୍ୱରୀ ରଣା, ମାନସ ରଞ୍ଜନ ପୁରୋହିତ, ଆନନ୍ଦ କୁମାର ପୁରୋହିତ, ବିବେକାନନ୍ଦ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସତ୍ୟନାରାୟଣ ମହାକୁଡ, ଲିଙ୍ଗରାଜ ଧରୁଆ, ଫକୀର ଭୋଇ, ବିଶିକେସନ ଭୋଇଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।

- ସତ୍ୟସାଇ ବାବା



## ଟ୍ରେନ୍‌ରେ ଲୁଟ୍‌ର ଶିକାର ହେଲେ ଯୁବକ

ବିନିକା,୧୮।୨(ଡି.ଏନ୍.ଏ.): ବିନିକା ବ୍ଲକ ପଲସାପାଲିର ଜଣେ ଯୁବକ ପୁରୀ-ରାଉଲକେଲା ପାସେଞ୍ଜର ଟ୍ରେନ୍‌ରେ ଜଣେ ବ୍ୟକ୍ତିଙ୍କଠାରୁ ନିଶାଯୁକ୍ତ ବିସ୍କୁଟ୍ ଖାଇ ଲୁଟ୍‌ର ଶିକାର ହୋଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ପଲସାପାଲିର ଗଙ୍ଗାଧର ପଧାନଙ୍କ ପୁଅ ମିଦାସ ପଧାନ। ନିଜ ଭଉଣୀଙ୍କୁ ଦେଖା କରିବାକୁ ଜଟଣୀ ଆସି ସେ ପୁରୀ-ରାଉଲକେଲା ପାସେଞ୍ଜରରେ ଘରକୁ ଫେରୁଥିଲେ। କିଛି ଦୂର ଯିବା ପରେ ମିଦାସ ବସିଥିବା ଟ୍ରେନ ବଗିରେ ଜଣେ ଅଚିହ୍ନା ବ୍ୟକ୍ତି ମୁଁ ରେଢାଖୋଲ ଯାଉଛି କହି ମିଦାସଙ୍କୁ ଏକ ବିସ୍କୁଟ ଖାଇବାକୁ ଦେଇଥିଲେ। ବିଶ୍ୱାସରେ ସେ ବିସ୍କୁଟ୍ ଖାଇବା ପରେ ଅଚେତ୍ ହୋଇ ଯାଇଥିଲେ। ସମ୍ବଲପୁର ଓହ୍ଲାଇବା ପରିବର୍ତ୍ତେ ସେ ରାଉରକେଲା ପଳାଇଥିଲେ। ଅଚେତ୍ ଅବସ୍ଥାରେ ଥିବା ମିଦାସଙ୍କୁ ରେଲୱ୍ୱେ ପୋଲିସ୍ ଉଦ୍ଧାର କରିଥିଲା। ମିଦାସଙ୍କ ବ୍ୟାଗରେ ଥିବା ମୋବାଇଲରୁ ତାଙ୍କ ବାପା ଗଙ୍ଗାଧରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଗଙ୍ଗାଧର ରାଉରକେଲା ଯାଇ ପୁଅକୁ ଆଣି ବୁର୍ଲା ମେଡିକାଲରେ ରବିବାର ଭର୍ତ୍ତି କରିଥିଲେ। ମଙ୍ଗଳବାର ତାଙ୍କ ଚେତା ଫେରିବା ପରେ ସବୁ କଥା ସେ କହିଥିଲେ। ତାଙ୍କ ମନିପର୍ସ୍‌ରେ ଥିବା ୨୨ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟ ପତ୍ର ସବୁ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ସାମାନ୍ୟ ଭୁଲ୍ ପାଇଁ ସେ ଦୁର୍ଦ୍ଦଶା ଭୋଗିଥିବା ମିଦାସ କହିଛନ୍ତି।

# ଆଦିବାସୀ ଚିତ୍ରକଳାର ସ୍ୱତନ୍ତ୍ରତା ରହିଛି

ସୋନପୁର,୧୮।୨(ନି.ପ୍ର.)

ସୁବର୍ଣ୍ଣପୁରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଆଦିବାସୀ ଚିତ୍ରଶିଳ୍ପୀ ଶିବିର ଓ କଳାକୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ସ୍ଥାନୀୟ ଟାଉନ ହଲରେ ତିନିଦିନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଲଳିତ କଳା ଏକାଡେମୀର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ ଯୋଗଦାନ କରି ଆଦିବାସୀଙ୍କ ପାରମ୍ପରିକ ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭା ଓ କଳାକୃତି ଚର୍ଚ୍ଚାରେ ଡ. ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଡ. ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଓଡିଶାରେ ଆଦିବାସୀ ଚିତ୍ରକଳାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହାକୁ ବ୍ୟାପକ କରିବା ପାଇଁ ଏକାଡେମୀ ପକ୍ଷରୁ ବ୍ୟବସ୍ଥା ହୋଇଥିବା ସେ ସୂଚନା ଦେଇଥିଲେ। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ଆଦିବାସୀମାନଙ୍କ କାନ୍ଥ ଚିତ୍ର ଓ ପାରମ୍ପରିକ ଝୋଟି କେବଳ ଓଡିଶା କାହିଁକି ସମଗ୍ର ଦେଶରେ ସ୍ୱତନ୍ତ୍ର ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ମନସ୍ୱିନୀ ସାହୁ ଯୋଗଦେଇ ଆଦିବାସୀଙ୍କ କଳାକୃତିର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ। ସଭାରେ ଲଳିତ କଳା ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଏକାଡେମୀର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଏଭଳି ଶିବିର ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳରେ ଥିବା ଚିତ୍ରଶିଳ୍ପୀମାନେ ଉତ୍ସାହିତ ହେବେ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସୁଦାମ ନାଏକ ଓ ଲୋକବାଦ୍ୟ ଗବେଷକ ଚୌଧୁରୀ ବିଭାର ଆଲୋଚକ ଭାବେ ଯୋଗଦେଇ ପାରମ୍ପରିକ କଳାକୃତି ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିବିରରେ ଅଂଶଗ୍ରହଣ କରି ତାଲିମ ନେଇଥିବା ଜିଲାର ୧୫ଜଣ ଆଦିବାସୀ ଚିତ୍ରଶିଳ୍ପୀଙ୍କୁ ଅତିଥିଙ୍କ ଦ୍ୱାରା ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ସମସ୍ତ ଶିବିରାର୍ଥୀଙ୍କୁ ମାନପତ୍ର ଦିଆଯାଇଥିଲା। ଏ. କେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟର ମୀନତି ମେହେରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସଭ୍ୟ ଶ୍ୟାମସୁନ୍ଦର ମେହେର ପରିଚାଳନା କରିଥିଲେ। ଚିତ୍ରଶିଳ୍ପୀ ସରୋଜ ମହାପାତ୍ର ଓ ଅଧ୍ୟାପକ ସଞ୍ଜିବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ଓ ଗବେଷକଙ୍କ ଗହଣରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଋଷି ଦୟାନନ୍ଦ ଦେଶରେ ନବଚେତନା ଜାଗ୍ରତ କରିଥିଲେ

ସୋନପୁର,୧୮।୨(ନି.ପ୍ର.)

ମହର୍ଷି ଦୟାନନ୍ଦଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ଦୟାନନ୍ଦ ପ୍ଲେ/ପବ୍ଲିକ୍ ସ୍କୁଲ ତରଫରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଜନସାଧାରଣ କଳସ ବସାଇ ଓ ପୁଷ୍ପ ବୃଷ୍ଟି କରି ଶୋଭାଯାତ୍ରାକୁ ସ୍ୱାଗତ ଜଣାଇଥିଲେ। ପରେ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଏକ ସଭାର ଆୟୋଜନ ହୋଇଥିଲା। ଅଧ୍ୟକ୍ଷା କେ କୁମାରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଋଷି ଦୟାନନ୍ଦ ସରସ୍ୱତୀ ଦେଶକୁ ନବଚେତନା ପ୍ରଦାନ କରିଥିଲେ ବୋଲି କହିଥିଲେ। ଏହି ଉପଲକ୍ଷେ ସ୍କୁଲର ନିର୍ଦ୍ଦେଶକ ଶିବ ପ୍ରସାଦ ପାତ୍ର ମହର୍ଷି ଦୟାନନ୍ଦ ବୈଦିକ କାର୍ଯ୍ୟ ସଭ୍ୟତାର ପୁନରୁଦ୍ଧାରକ ଥିଲେ। ରାଷ୍ଟ୍ର ଉତ୍‌ଥାନରେ ତାଙ୍କର ଅସୀମିତ ଯୋଗଦାନ ରହିଥିଲା ବୋଲି କହିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ନିହାରିକା ମହାନ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ବିଚିତ୍ର ସାହୁ ଓ ମିତାଲିନୀ ସିଂହ ।

## ୩ଟି କେନ୍ଦ୍ରରେ ଲାଗିଛି ସିସି କ୍ୟାମେରା

ଅମରପାଲି, ୧୮।୨ (ଡି.ଏନ.ଏ)

ଆଜି ଠୁ ଆରମ୍ଭ ହେଉଛି ମାଟ୍ରିକ ବୋର୍ଡ ପରୀକ୍ଷା। ଗତବର୍ଷ ପ୍ରଶ୍ନପତ୍ର ଭାଇରାଲ ଓ ଅନ୍ୟାନ୍ୟ ଅବ୍ୟବସ୍ଥା ପାଇଁ ଚର୍ଚ୍ଚାରେ ଥିବା ବୋର୍ଡ ଚଳିତ ବର୍ଷ ପରୀକ୍ଷା ସୁରୁଖୁରୁରେ ସମାପନ କରିବା ପାଇଁ ବୋର୍ଡ ପକ୍ଷରୁ ଯଥେଷ୍ଟ ବ୍ୟବସ୍ଥା କରାଯାଉଛି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ମଧ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଚଳିତ ବର୍ଷ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଉକ୍ତ ପରୀକ୍ଷା କେନ୍ଦ୍ରମାନଙ୍କରେ ସମୁଦାୟ ୧୬୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧୫୬୧ ଜଣ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷା ଦେବେ। ଜିଲାର କେବଳ ବୀରମହାରାଜପୁର ବାଳକ ହାଇସ୍କୁଲରେ ଏକମାତ୍ର ମଧ୍ୟମା ପରୀକ୍ଷାର୍ଥୀଙ୍କ କେନ୍ଦ୍ର ହୋଇଛି। ଏଠାରେ ସମୁଦାୟ ୭୭ଜଣ ପରୀକ୍ଷାର୍ଥୀ ମଧ୍ୟମା ପରୀକ୍ଷା ଦେବେ। ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ, ରଘୁନାଥ ହାଇସ୍କୁଲ ମୁର୍ଷୁଣ୍ଡୀ, ଲୁଡୁରପଙ୍କ ହାଇସ୍କୁଲ, ଇନ୍ଦିରାଗାନ୍ଧୀ ହାଇସ୍କୁଲ ଖଣ୍ଡହତା, ସୁବଳୟା ହାଇସ୍କୁଲ ଓ ଜଟେସିଙ୍ଗା ହାଇସ୍କୁଲ ଓ ବୀରମହାରାଜପୁର ବାଳିକା ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି । ବୀରମହାରାଜପୁର ବାଳକ ହାଇସ୍କୁଲରେ ୭୭ ମଧ୍ୟମା ପରୀକ୍ଷାର୍ଥୀଙ୍କ ସହିତ ୨୮୫ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ବୀରମହାରାଜପୁର ବାଳିକା ହାଇସ୍କୁଲରେ ୨୨୮ ଜଣ, ରଘୁନାଥ ହାଇସ୍କୁଲ ମୁର୍ଷୁଣ୍ଡୀରେ ୨୮୨ ଜଣ, ଲୁଡୁରପଙ୍କ ହାଇସ୍କୁଲରେ ୨୦୬ଜଣ, ଇନ୍ଦିରାଗାନ୍ଧୀ ହାଇସ୍କୁଲ ଖଣ୍ଡହତାରେ ୧୫୪ ଜଣ, ସୁବଳୟା ହାଇସ୍କୁଲରେ ୨୩୮ ଜଣ ଓ ଜଟେସିଙ୍ଗା ହାଇସ୍କୁଲରେ ୧୬୮ ଜଣ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପରୀକ୍ଷାକୁ କପିମୁକ୍ତ କରିବା ପାଇଁ ବିଭିନ୍ନ ସ୍କ୍ୱାଡ ପରୀକ୍ଷା କେନ୍ଦ୍ରକୁ ଯାଇ ତଦାରଖ କରିବେ। ଏହା ସହିତ ବୀରମହାରାଜପୁର ବାଳିକା ହାଇସ୍କୁଲ, ସୁବଳୟା ହାଇସ୍କୁଲ ଓ ମୁର୍ଷୁଣ୍ଡୀ ହାଇସ୍କୁଲରେ ସିସି କ୍ୟାମେରା ଲଗାଯାଇଥିବା ନୋଡାଲ ଅଧିକାରୀ ତଥା ବୀରମହାରାଜପୁର ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ସୂଚନା ଦେଇଛନ୍ତି। ବୀରମହାରାଜପୁର ବାଳକ ହାଇସ୍କୁଲକୁ ନୋଡାଲ କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ରକୁ ଏଠାରେ ସୁରକ୍ଷିତ ଭାବରେ ରଖାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ନୋଡାଲ କେନ୍ଦ୍ରରୁ ପରୀକ୍ଷା ଦିନ ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପଠାଯିବାର ବ୍ୟବସ୍ଥା କରାଯିବାର ସ୍ଥିର ହୋଇଛି ।

## ୧୧ ପରୀକ୍ଷା କେନ୍ଦ୍ରରେ ୧୭୫୬ ପରୀକ୍ଷାର୍ଥୀ

**ସିସି କ୍ୟାମେରା ସର୍ଭେଲାନ୍ସରେ ୬ଟି ସେଣ୍ଟର**

ଡୁଙ୍ଗୁରିପାଲି, ୧୮।୨(ଡି.ଏନ.ଏ.)

ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ହାଇସ୍କୁଲର ୧୭୫୬ ଜଣ ଛାତ୍ରୀଛାତ୍ର ବୁଧବାରରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ବ୍ଲକର ଡୁଙ୍ଗୁରିପାଲି ହାଇସ୍କୁଲ ଓ ରାମପୁର ହାଇସ୍କୁଲକୁ ନୋଡାଲ ସେଣ୍ଟରଭାବେ ବିବେଚନା କରାଯାଇ ପ୍ରଶ୍ନପତ୍ର ରଖାଯାଇଛି। ବ୍ଲକର ୧୧ଟି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି । ଏଥିରେ ୧୭୫୬ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ଡୁଙ୍ଗୁରିପାଲି ବିଇଓ ଅଫିସ ସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁସାରେ ଡୁଙ୍ଗୁରିପାଲି ହାଇସ୍କୁଲରେ ୩ଟି ହାଇସ୍କୁଲର ୧୩୬ ଜଣ, ସହଲା ଆଦିବାସୀ ପଞ୍ଚାୟତ ହାଇସ୍କୁଲରେ ୨ଟି ହାଇସ୍କୁଲର ୧୪୨ ଜଣ, ଟେରୁପାଲି ପଞ୍ଚାୟତ ହାଇସ୍କୁଲରେ ୩ଟି ହାଇସ୍କୁଲର ୧୫୭, ତମାମୁରା ସରକାରୀ ଗୋପାଳଜୀ ହାଇସ୍କୁଲରେ ୩ଟିହାଇସ୍କୁଲର ୧୨୦, ଶୁଖା ହାଇସ୍କୁଲରେ ୩ଟି ହାଇସ୍କୁଲର ୧୩୮, ଇଚ୍ଛାପୁର ହାଇସ୍କୁଲରେ ୨ଟି ହାଇସ୍କୁଲର ୧୦୨, ସମଲାଇଗୁଆଁ ହାଇସ୍କୁଲରେ ୩ଟି ହାଇସ୍କୁଲର ୧୭୪, ବେହେରାମାଲ ପଞ୍ଚାୟତ ହାଇସ୍କୁଲରେ ୩ଟି ହାଇସ୍କୁଲର ୧୭୨, ରାମପୁର ହାଇସ୍କୁଲରେ ୩ଟି ହାଇସ୍କୁଲର୨୫୬, ଭୀମଟିକିରା ହାଇସ୍କୁଲରେ ୨ଟି ହାଇସ୍କୁଲର ୧୬୮, ଗଜବନ୍ଧ ହାଇସ୍କୁଲରେ ୪ଟି ହାଇସ୍କୁଲର ୧୯୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏକ୍ସ ରେଗୁଲାର ଭାବରେ ୮୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏହି ପରୀକ୍ଷାକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ହୋଇଛି । ଏଥିପାଇଁ ବ୍ଲକର ୬ଟି ହାଇସ୍କୁଲ ଡୁଙ୍ଗୁରିପାଲି, ଟେରୁପାଲି, ଶୁଖା, ସହଲା, ଗଜବନ୍ଧ, ରାମପୁର ଓ ରାମପୁର ନୋଡାଲ ହାଇସ୍କୁଲରେ ସିସି ଟିଭି କ୍ୟାମେରା ଖଞ୍ଜା ଯାଇଥିବା ବିଇଓ ରାଧାକାନ୍ତ ଗଡତ୍ୟା ପ୍ରକାଶ କରିଛନ୍ତି।

## ଗ୍ରାମୀଣ ଗୃହ ସମ୍ପୂର୍ଣ୍ଣୀକରଣ ରଥର ଶୁଭାରମ୍ଭ

ତରଭା, ୧୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଗ୍ରାମୀଣ ଗୃହ ସମ୍ପୂର୍ଣ୍ଣୀକରଣ ରଥର ଶୁଭାରମ୍ଭ କରିଛନ୍ତି ଜିଲାପାଳ ମୋନିଷା ବାନାର୍ଜୀ। ଉଦ୍‌ଘାଟନ ଅବସରରେ ସମସ୍ତ ହିତାଧିକାରୀଙ୍କୁ ତୁରନ୍ତ ଗୃହ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବିବରଣୀ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ହିତାଧିକାରୀମାନଙ୍କୁ ବିଭିନ୍ନ ଆବାସ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ସହ ଅର୍ଥ ପ୍ରଦାନ କରାଯାଉଛି। କେତେକ ହିତାଧିକାରୀ ତାଙ୍କର ଆବାସ କାମ ସାରିଥିବା ବେଳେ ଆଉ କେତେକଙ୍କ ଅଧପନ୍ତରିଆ ପଡିରହିଛି । ସେମାନଙ୍କୁ ବାରମ୍ବାର ବ୍ଲକ ପ୍ରଶାସନ ତରଫରୁ ତାଗିଦ୍ କରାଯାଉଥିଲେ ମଧ ସେମାନେ ଘର କାମ ସାରୁ ନାହାନ୍ତି। ଦିନକୁ ଦିନ ଗୃହ ଉପକରଣ ସାମଗ୍ରୀର ଦରଦାମ ବଢିବାରେ ଲାଗିଛି । ଅଧିକାଂଶ ଗରିବ ଲୋକ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ ମଧ ଅର୍ଥାଭାବରୁ ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଏଣୁ ଜିଲା ଓ ବ୍ଲକ ପ୍ରଶାସନ ତରଫରୁ ଏହି ରଥ ମାଧ୍ୟମରେ ଆବାସ ସମ୍ପୂର୍ଣ୍ଣୀକରଣ ପାଇଁ ଯୋଜନା କରାଯାଇଛି । ଏହି ରଥ ବାଲିଖମାର ଗ୍ରାମପଞ୍ଚାୟତରୁ ଆରମ୍ଭ କରି ରାଣୀସର୍ଡା ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କୁ ଘର କାମ ସାରିବା ପାଇଁ ସଚେତନ କରାଇବ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ବିଡିଓ ନିହାର ରଞ୍ଜନ କହଁର, ଏବିଡିଓ ଶଶୀଭୂଷଣ ପଧାନ, ଏସଇଓ ଯୁଧିଷ୍ଠିର ଭୋଇ,ଜୟନ୍ତ ମାହାଣା,ଉମାଶଙ୍କର ସାହୁ,ଏମଆଇ ସଞ୍ଜୁ ପଧାନ, କରୁଣାକର ପାତ୍ର, ଏଇ ଦୁଶାସନ ସାହୁ, ଆରଡବ୍ଲୁଏସଏସ ଜେଇ ରବିନ୍ଦ୍ର ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



ଗ୍ରାମୀଣ ଗୃହ ସମ୍ପୂର୍ଣ୍ଣୀକରଣ ରଥର ଶୁଭାରମ୍ଭ କରୁଛନ୍ତି ଜିଲାପାଳ ମୋନିଷା ବାନାର୍ଜୀ।

## ଚାଲାଣ ବେଳେ ଧରାପଡ଼ିଲା ଗୋରୁ ବୋଝେଇ ପିକଅପ୍

ଅମରପାଲି, ୧୮।୨(ଡି.ଏନ.ଏ)



ଜବତ ଗୋରୁ ବୋଝେଇ ପିକଅପ୍ ।

ସକ୍ରିୟ ହେଉଛନ୍ତି ଗୋଚାଲାଣକାରୀ। ବେଫିକର ଭାବେ ଗାଡିରେ ବୋଝେଇ କରି ହେଉଛି ଗୋଚାଲାଣ। ଦୀର୍ଘଦିନ ଧରି ଏପରି ଗୋଚାଲାଣ ହେଉଥିଲେ ମଧ ପୋଲିସ ଧରି ପାରୁ ନ ଥିଲା । ମଙ୍ଗଳବାର ଏଭଳି ଗୋଚାଲାଣ ସମୟରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଚମ୍ପାପୁରଠାରେ ବଜରଙ୍ଗ ଦଳର ସଦସ୍ୟମାନେ ୨ଟି ପିକଅପ୍ ଭ୍ୟାନ ନଂ ଓଡି୧୭ଆର୬୬୯୧ ଓ ଓଡି୧୭-୯୭୫୭କୁ ଧରିଛନ୍ତି। ସେଥିରେ ୫ଟି ଗାଈ ଓ ୩ଟି ବଳଦ ବେଆଇନ ଭାବେ ଚାଲାଣ ହେଉଥିଲା। ଏହା ସହିତ ୪ ଗୋଚାଲାଣକାରୀଙ୍କୁ ମଧ ଧରି ପୋଲିସରେ ସେମାନେ ଜିମା ଦେଇଛନ୍ତି ।

ସୂଚନା ଅନୁସାରେ ଏସ. ରାମପୁର ବଜାରରୁ ବାଗବରକୁ ଉକ୍ତ ଭ୍ୟାନରେ ଗୋରୁ ବୋଝେଇ କରି ଅଣାଯାଉଥିଲା। ପୂର୍ବରୁ ମୁର୍ଷୁଣ୍ଡୀ ପଞ୍ଚାୟତର ବଙ୍କିଆଠାରେ ଗୋରୁଙ୍କୁ ଏକାଠି କରି କଣ୍ଟେନର ସାହାଯ୍ୟରେ ବାହାରକୁ ପ୍ରତ୍ୟହ ଚାଲାଣ କରାଯାଉଥିଲା। ଏବେ ଗୋଚାଲାଣକାରୀ ବିଭିନ୍ନ ଅଞ୍ଚଳରୁ ଛୋଟଛୋଟ ଗାଡିରେ ଗୋରୁଙ୍କୁ ଆଣି ବାଗବରରେ ରଖିଥାନ୍ତି। ସେଠାରୁ ସେମାନେ ବୀରମହାରାଜପୁର-ରେଢ଼ାଖୋଲ ସୀମାବର୍ତ୍ତି ଗରିଆମୁଣ୍ଡା ଅଞ୍ଚଳକୁ ନେଇ ସେଠାରେ ଟ୍ରକ ଓ କଣ୍ଟେନରରେ ବୋଝେଇ କରି ବାହାର ରାଜ୍ୟକୁ ଚାଲାଣ କରିଥାନ୍ତି। ଆଜି ଚମ୍ପାପୁରଠାରେ ଗୋରୁବୋଝେଇ ପିକଅପ୍ ଭ୍ୟାନକୁ ଜବତ ସମୟରେ ବଜରଙ୍ଗ ଦଳର ଶୁଭମ ପ୍ରିତମ ହୋତା, ରାମ ଭୁକ୍ତା, ଅବିନାଶ ଥନାପତି, ସୁବ୍ରତ ପୁରୋହିତ, ଜିତୁ ବଡମାଳ, କିଶୋର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ କିଶୋର ହୋତାଙ୍କ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୨୫/୨୦) ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଭା ଧନ ସୂଚନା ଦେଇଛନ୍ତି।

## ଶାରୀରିକ କ୍ରୀଡ଼ା ଶିକ୍ଷକଙ୍କ ବୈଠକ

ତରଭା, ୧୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଡଭଇଁରୋ ପଞ୍ଚାୟତ ହାଇସ୍କୁଲରେ ଜିଲାସ୍ତରୀୟ ଶାରୀରିକ କ୍ରୀଡା ଶିକ୍ଷକମାନଙ୍କର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ ଆନନ୍ଦ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ସତ୍ୟନାରାୟଣ ତ୍ରିପାଠୀ, କୋଷାଧ୍ୟକ୍ଷ ପଦ୍ମିନୀ ସାହୁ, ସମ୍ପାଦକ ଶ୍ରୀଧର ପୁଟେଲ ମଞ୍ଚାସୀନ ଥିଲେ । ଜିଲାର ଉଲୁଣ୍ଡା, ବୀରମହାରାଜପୁର, ଡୁଙ୍ଗୁରିପାଲି, ସୋନପୁର, ବିନିକା ଓ ତରଭା ପ୍ରଭୃତି ୬ଟି ବ୍ଲକର ୪୫ ଜଣ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୈଠକରେ ଉପସ୍ଥିତ ଥିଲେ । ଏଥିରେ ବାର୍ଷିକ ଆୟ ବ୍ୟୟ ପଠନ କରାଯାଇଥିଲା । ଜିଲାର ବିଭିନ୍ନ ବିଦ୍ୟାଳୟରେ ଘଟୁଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଖେଳ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ଏହି ବୈଠକରେ ଉପସ୍ଥାପନ କରିଥିଲେ ଓ ତାର ସମାଧାନ ପାଇଁ ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରତିଶ୍ରୁତି ଦେଇଥିଲେ। ୨୦୨୦ ମସିହା ଜୁଲାଇ ଶେଷ ପର୍ଯ୍ୟନ୍ତ ବ୍ଲକ ସ୍ତରୀୟ କ୍ରୀଡା ସମ୍ପାଦନ କରିବାକୁ ସମସ୍ତେ ଏକମତ ହୋଇଥିଲେ । ସଞ୍ଜିବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ କର୍ମୀ ଗିରଫ

ସୋନପୁର/ତରଭା, ୧୮।୨ (ନି.ପ୍ର./ଡି.ଏନ.ଏ)

- ତିଲେସରା ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳଙ୍କ ଅଚାନକ ପରିଦର୍ଶନ
- ଉପସ୍ଥିତ ୨୦, ଉପସ୍ଥାନ ଖାତାରେ ୨୮ ଶିଶୁ



ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଅଙ୍ଗନୱାଡି କେନ୍ଦ୍ରର ଉପସ୍ଥାନ ଖାତା ଯାଞ୍ଚ କରୁଛନ୍ତି।

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ତରଭା ବ୍ଲକର ୪ ପଞ୍ଚାୟତ ଗସ୍ତ କରିଥିଲେ। ଏହିକ୍ରମରେ ଜିଲାପାଳ ମଧ୍ୟାହ୍ନ ସାଢେ ୧୨ଟାରେ ହଠାତ୍ ଜରାଜରିଙ୍ଗ ପଞ୍ଚାୟତର ତିଲେସରା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରର ଶିଶୁମାନେ ଏହି ସମୟରେ ଏସଏନପି ଯୋଜନାରେ ଗରମ ରନ୍ଧା ଖାଦ୍ୟ ଖାଇ ଘରକୁ ଫେରି ସାରିଥିଲେ। ମଙ୍ଗଳବାର ଭାତ ସହିତ ଅଣ୍ଡା ତରକାରୀ ଦିଆଯାଇଥିଲା। ଅଇଁଠା ପ୍ଲେଟ୍ ଗଣିବାରୁ ୨୦ଶିଶୁ ଖାଦ୍ୟ ଖାଇଥିବା ଜଣାପଡିଥିଲା। ତେବେ ଅଙ୍ଗନୱାଡି କର୍ମୀ ନିରୁପମା ବାଗ ଉପସ୍ଥାନ ଖାତାରେ ୨୮ଶିଶୁ ଦର୍ଶାଇଥିଲେ। ଖାତା ଯାଞ୍ଚ ପରେ ଅଧିକାଂଶ ଦିନ ୨୭ରୁ ୨୮ ଶିଶୁଙ୍କ ଉପସ୍ଥାନ ଥିବା ଜଣାପଡିଥିଲା। ଏହି ପ୍ରାକ୍ ବିଦ୍ୟାଳୟରେ ୦ରୁ ୫ ବର୍ଷର ମୋଟ ୨୮ ଶିଶୁ ନାମ ଲେଖାଇଛନ୍ତି। ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ଥିବା ଶିଶୁଙ୍କୁ ଉପସ୍ଥିତ ଥିବା ଉପସ୍ଥାନ ଖାତାରେ ଦର୍ଶାଇ ଥିବାରୁ ଜିଲାପାଳ ବିରକ୍ତ ହୋଇଥିଲେ । ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ତରଭା ବିଡିଓ ନିହାର ରଞ୍ଜନ କହଁର ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ତରଭା ପୋଲିସ ପହଞ୍ଚିଥିଲେ। ଏହି ଘଟଣାରେ ଅଙ୍ଗନୱାଡି କର୍ମୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ଜିଲାପାଳ ବାନାର୍ଜୀ ତରଭା ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଅପରାହ୍ନରେ ତରଭା ବ୍ଲକ ଅଫିସରେ ଜିଲାପାଳ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଥିବା ସମୟରେ କେତେକ ଅଙ୍ଗନୱାଡି କର୍ମୀ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଅଙ୍ଗନୱାଡି କର୍ମୀ ବାଗ୍‌ଙ୍କୁ ଏଥର କ୍ଷମା କରିଦେବା ପାଇଁ ସେମାନେ ଅନୁରୋଧ କରିଥିଲେ। ସନ୍ଧ୍ୟାରେ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ ନେଇ ସିଡିପିଓ ସବିତା ଦୋରା ତରଭା ଥାନାରେ କର୍ମୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ଅଙ୍ଗନୱାଡି କର୍ମୀଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଜିଲାର ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ‘ନିଆଁରେ ପୋଡ଼ି ମୋ ଝିଅକୁ ହତ୍ୟା କରାଯାଇଛି’

ବିନିକା,୧୮।୨(ଡି.ଏନ୍.ଏ.)

- ଅଭିଯୋଗ କଲେ ମୃତା ମହିଳାଙ୍କ ପିତା
- ମାମଲା ରୁଜୁ କରି ପୋଲିସର ତଦନ୍ତ
- ପୋଲିସ, ପରିବାର ଲୋକେ ପହଞ୍ଚିବା ପୂର୍ବରୁ ସଂସ୍କାର କରିଦେବା ଅଭିଯୋଗ
- ମୃତାଙ୍କ ଶାଶୁ, ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚୁରା

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଆଖିଦାଦର ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିଆଁରେ ପୋଡି ହତ୍ୟା କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ମୃତାଙ୍କ ସ୍ୱାମୀ, ଶାଶୁ ଏବଂ ଶଶୁର ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଯାଇଛି। ମୃତା ମହିଳାଙ୍କ ବାପାଙ୍କ ଏତଲାକ୍ରମେ ପୋଲିସ ସ୍ୱାମୀଙ୍କ ସମେତ ଶାଶୁ ଓ ଶ୍ୱଶୁରକୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଏ ନେଇ ବିନିକା ଥାନାରେ ଦଫା ୪୯୮ ଏ , ୩୦୪ବି , ୩୦୨ , ୨୦୧ , ୩୪ରେ ଏକ ମାମଲା (ନଂ. ୪୪/୨୦) ରୁଜୁ ହୋଇଛି।

ସୂଚନା ମୁତାବକ ବିନିକା ବ୍ଲକ ବାଙ୍କିଘିର୍ଡି ଆଖିଦାଦର ଗ୍ରାମର ସଂକୀର୍ତ୍ତନ ଭୋଇ(୨୬)ଙ୍କର ବିବାହ ବର୍ଷକ ତଳେ ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଗ୍ରାମର ପ୍ରେମରାଜ ଭୋଇଙ୍କ ଝିଅ ଗାୟତ୍ରୀ(୨୧)ଙ୍କ ସହ ହୋଇଥିଲା । ବିବାହର କିଛି ମାସ ପରେ ସଂକୀର୍ତ୍ତନଙ୍କ ତାଙ୍କୁ ଗାଳିଗୁଲଜ ଓ ମାରପିଟ କରୁଥିବା ନେଇ ଗାୟତ୍ରୀ ପ୍ରେମରାଜଙ୍କୁ ଜଣାଇଥିଲେ । ତେବେ ଫେବୃୟାରୀ ମାସ ୬ ତାରିଖରେ ଏକ ରହସ୍ୟଜନକ ଘଟଣାକ୍ରମରେ ଶଶୁଘରେ ଥିବା ବେଳେ ଗାୟତ୍ରୀ ପୋଡି ଯାଇଥିଲେ। ଏଥିରେ ତାଙ୍କ ସ୍ୱାମୀ ସଂକୀର୍ତ୍ତନ ମଧ୍ୟ ପୋଡି ଯାଇଥିଲେ । ଉଭୟଙ୍କୁ ବୁର୍ଲା ମେଡିକାଲର ଜରୁରୀକାଳୀନ ବିଭାଗରେ ଭର୍ତ୍ତୀ କରାଯାଇଥିଲା। ତେବେ ୧୭ତାରିଖ ସୋମବାର ଗାୟତ୍ରୀ ଓ ସଂକୀର୍ତ୍ତନଙ୍କୁ ତାଙ୍କ ପରିବାର ଲୋକେ ଘରକୁ ନେଇ ଆସିଥିଲେ। ଦୀର୍ଘ ୧୨ଦିନ ଧରି ମୃତ୍ୟୁ ସହ ସଂଗ୍ରାମ ପରେ ଶେଷରେ ଗାୟତ୍ରୀ ସୋମବାର ବିଳମ୍ବିତ ରାତିରେ ଆଖି ବୁଜିଦେଇଥିଲେ। ଖବର ପାଇ ମଙ୍ଗଳବାର ପ୍ରେମରାଜ ଆଖିଦାଦରରେ ପହଞ୍ଚି ଥିଲେ। ହେଲେ ତାଙ୍କୁ ଅପେକ୍ଷା ନ କରି ଝିଅର ଅନ୍ତିମ ସତ୍କାର କରି ଦିଆଯାଇଥିବା ସେ ବିନିକା ଅଭିଯୋଗ କରିଥିଲେ। ଝିଅକୁ ନିର୍ଯାତନା ଦେଇ ପୋଡି ମାରି ଦିଆଯାଇଥିବା ସେ ଏତଲା ଦେଇଥିଲେ। ଅଭିଯୋଗକ୍ରମେ ମୃତାଙ୍କ ଶାଶୁ ଓ ଶ୍ୱଶରଙ୍କୁ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପୋଲିସ ପଚରାଉଚୁରା କରୁଛି। ଅନ୍ୟପକ୍ଷେ ଅସୁସ୍ଥ ସଂକୀର୍ତ୍ତନ ଏବେ ବି ଅସୁସ୍ଥ ଥିବାରୁ ତାଙ୍କ ଉପରେ ପୋଲିସ ନଜର ରଖିଛି। ଆଜି ଆଖିଦାଦରର କେତେକ ଲୋକଙ୍କୁ ଘଟଣା ବିଷୟରେ ପୋଲିସ ପଚରାଉଚୁରା କରିଥିବା ଜଣାପଡିଛି।



ଶକ୍ତି ହିଁ ଶକ୍ତିକୁ ସମ୍ମାନ ଦିଏ।
- ଏ.ପି.ଜେ. ଅବ୍ଦୁଲ କଲାମ



## ସଂକ୍ଷେପରେ



### ସଡ଼କ ଦୁର୍ଘଟଣାରେ ବେଲପଡ଼ା ଏବିଡିଓଙ୍କ ମୃତ୍ୟୁ

**ବଙ୍ଗୋମୁଣ୍ଡା, ୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ରାସ୍ତାର ବଙ୍ଗୋମୁଣ୍ଡା ଥାନା ଅଧୀନ କୁଦୁଭଟା ପଥପ୍ରାନ୍ତ ସୁବିଧା କେନ୍ଦ୍ର ମୋଡାଣିଠାରେ ସଡକ ଦୁର୍ଘଟଣାରେ ବେଲପଡା ବ୍ଲକ ଏବିଡିଓ ରାମବିଳାସ ମଙ୍ଗରାଜ(୫୯)ଙ୍କ ମୃତ୍ୟୁ ଘଟିଛି। ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ନିଜ ଗାଁ ମମିଆକୁ ଯାଉଥିବା ବେଳେ ସୋମବାର ଅପରାହ୍ନରେ ତାଙ୍କ କାର ରାସ୍ତାପାର୍ଶ୍ୱସ୍ଥ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ରାମବଳାସ ଓ କାର ଚାଳକ ଆହତ ହୋଇଥିଲେ। ଉଭୟଙ୍କୁ ଖରିଆର ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ମଙ୍ଗରାଜଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଉଥିବା ବାଟରେ ନୂଆପଡାଠାରେ ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ହୋଇ ମୃତଦେହ ମମିଆକୁ ଅଣାଯାଇଛି। ମରଶରୀର ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ଗାଁ ଶିବ ମନ୍ଦିରରେ ମହାଶିବରାତ୍ରି ମେଳା କରିବା ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ ସେ ଯୋଗଦେବା ପାଇଁ ଗାଁକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ଦୁମଦୁମି ଶୈବପୀଠକୁ ନାହିଁ ସ୍ଥାୟୀ ରାସ୍ତା

**ଲୋଇସିଂହା,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଟେନପାଲି ପଞ୍ଚାୟତ ଅଧୀନ ଦୁମଦୁମି ପଞ୍ଚାନନ ଶୈବପୀଠ ଅବହେଳିତ ଅବସ୍ଥାରେ ରହିଛି। ଏହି ପୀଠର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକ ସଦର ମହକୁମାଠାରୁ ୫ କିମି ଦୂରରେ ଅବସ୍ଥିତ ଏହି ପୀଠ ଅଞ୍ଚଳବାସୀ, ବଦାନ୍ୟବ୍ୟକ୍ତି ବିଶେଷଙ୍କ ସହଯୋଗରେ ପ୍ରତିଷ୍ଠା ଲାଭ କରିଥିଲା। ଗୋଟିଏ ଘରେ ପୂଜା ପାଉଥିବା ବାବା ଏବେ ଗତ ଏକ ବର୍ଷ ହେବ ମନ୍ଦିରରେ ପୂଜା ପାଉଛନ୍ତି। ଶିବରାତ୍ରି, ସଂକ୍ରାନ୍ତି, ସୋମବାର ତଥା ବିଭିନ୍ନ ପର୍ବପର୍ବାଣୀରେ ମନ୍ଦିରରେ ଭକ୍ତଙ୍କ ସମାଗମ ଲାଗି ରହିଥାଏ। ହେଲେ ଆରଡି ରୋଡରୁ ମନ୍ଦିରକୁ ଯାଇଥିବା ପ୍ରାୟ ଦେଢ଼ଶହ ମିଟର ମାଟି ରାସ୍ତା ସନ୍ତସନ୍ତିଆ ହୋଇ ପଡିଛି। ଫଳରେ ଭକ୍ତମାନେ ମନ୍ଦିରକୁ ଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଦିରରେ ଭୋଗଶାଳା ନାହିଁ। ତାଳବରଡା ଛାଉଥିବା କୁଡିଆରେ ବାବାଙ୍କ ପାଇଁ ଭୋଗ ପ୍ରସ୍ତୁତ ହେଉଛି। ଏଥିସହିତ ମନ୍ଦିରକୁ ଚଢିବା ପାଇଁ ପାହାଚ ବ୍ୟବସ୍ଥା ନାହିଁ। ମନ୍ଦିର ନିକଟରେ ସ୍ୱଚ୍ଛ ଭାରତରେ ନିର୍ମିତ ଶୌଚାଳୟ କାମ ଏଯାବତ୍ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ପୀଠର ବିକାଶ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆଗଉନି ପମ୍ପୁତଲାବ ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ

- ରେଳବାଇ ସହକାରୀ ଯନ୍ତ୍ରୀଙ୍କୁ ବିଜେଡିର ଦାବିପତ୍ର ପ୍ରଦାନ
- ଚଳିତ ଗ୍ରୀଷ୍ମଋତୁ ପୂର୍ବରୁ ନିର୍ମାଣ କାମ ଶେଷ କରିବା ଦାବି

**କଣ୍ଟାବାଞ୍ଜି, ୧୮।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଥିବା ୧୨୦ଏକର ପରିମିତ ପମ୍ପୁତଲାବର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମରେ ଦୁର୍ନୀତି ହୋଇଛି। ପୁନରୁଦ୍ଧାର ପାଇଁ ଓଡିଶା ସରକାରଙ୍କ ଅନୁଦାନକୁ ବାଟମାରଣା କରାଯାଇଛି। ଗତ ୫ବର୍ଷ ହେଲା କାମ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏଣୁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ଏହି ବୃହତ ଜଳାଶୟ ଲୋକଙ୍କ ଜଳକଷ୍ଟକୁ ଦୂର କରିବାର ଆଶା ନାହିଁ। ଏହିଭଳି ଅଭିଯୋଗ କରି ମଙ୍ଗଳବାର କଣ୍ଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ ଏକ ଦାବିପତ୍ର ସ୍ଥାନୀୟ ରେଳବାଇ ସହକାରୀ ଯନ୍ତ୍ରୀ(ଏଇଏନ) ଆର.କେ. ଖଟୁଆଙ୍କୁ ପ୍ରଦାନ କରାଯାଇଛି। ପ୍ରଦତ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ ରେଳବାଇ ଅଧୀନରେ ଥିବା ପମ୍ପୁ ତଲାବ ସହରର ଏକ ପ୍ରମୁଖ ଜଳଉତ୍ସ । ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୨୦୧୭ ମସିହାରେ ୩କୋଟି ଟଙ୍କା ମଞ୍ଜୁର କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ହେବାକୁ ଥିବା କାମ ପାଇଁ ଟେଣ୍ଡର ପରେ ଠିକାଦାର କାମ ଆରମ୍ଭ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ପମ୍ପୁତଲାବର ଆଡିକୁ କାଟି ପାଣ ନିଷ୍କାସିତ କରାଯାଇଥିଲା। ଏହାପରେ କିଛି ମାଟି କାମ କରାଯାଇ ପକି ଦିଆଯାଇଛି। ଗତ ୩ବର୍ଷ ହେଲା ଜଳାଶୟ ଜଳଶୂନ୍ୟ ହୋଇ ରହିଛି। ଏଥିଯୋଗୁ ସହରର ବସ୍ତି ବାସିନ୍ଦା ସ୍ନାନଶୌଚ ପାଇଁ ହଇରାଣ ହେଉଛନ୍ତି। ଅପରପକ୍ଷରେ ଉନ୍ନତୀକରଣ ମନ୍ଥର ଗତିରେ ଚାଲିଥିବାରୁ ପ୍ରକଳ୍ପ କାମ କେବେ ସମ୍ପୂର୍ଣ୍ଣ ହେବ ସେ ନେଇ ଲୋକେ ଆଶଙ୍କା ବ୍ୟକ୍ତ କରୁଛନ୍ତି। କାମ ନିମ୍ନମାନର ହେବା ସହ ରାଜ୍ୟ ସରକାରଙ୍କ ଅନୁଦାନ ଟଙ୍କା ବାଟମାରଣ ହୋଇଥିବା ବିଜେଡି ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛି। ବିଜେଡି ଜିଲା କୃଷକ ମୋର୍ଚ୍ଚ ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ଏଇଏନ.ଖଟୁଆଙ୍କ ଜରିଆରେ କେନ୍ଦ୍ର ରେଳବାଇ ମନ୍ତ୍ରୀଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଛି । ଏହାର ନକଲ ଓଡିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ ଭୁବନେଶ୍ୱର, ବଲାଙ୍ଗୀର ଜିଲାପାଳ, ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର ଭୁବନେଶ୍ୱର ଓ ଡିଭିଜିନାଲ ମ୍ୟାନେଜର ସମ୍ବଲପୁରଙ୍କୁ ଦିଆଯାଇଛି । ଦାବିପତ୍ର ପ୍ରଦାନ ବେଳେ ଜିଲା ବିଜେଡି ଉପସଭାପତି ବିଜୟ କୁମାର ବଂଶଲ, ପ୍ରବୀଣ ଆର୍ଯ୍ୟା, ଅମୂଲ୍ୟ ନାଗ, ମୁନ୍ନା ମହାନ୍ତି, ନନ୍ଦ କିଶୋର ଅଗ୍ରୱାଲ, ଦେବାର ବାରିକ, ମୁରଲୀଧର ଖେମକାଙ୍କ ସହ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ ।



ରେଳବାଇ ଏଇଏନ ଆର.କେ. ଖଟୁଆଙ୍କୁ ବିଜେଡି ନେତୃବୃନ୍ଦ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଉପରଝରରେ ପୋଲିସ ଫାଣ୍ଡି, ଏଟିଏମ ଖୋଲିବା ଦାବି

**ଦେଓଗାଁ, ୧୮।୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ମୁଖ୍ୟାଳୟରେ ପୋଲିସ ଫାଣ୍ଡି ଓ ଏଟିଏମ କାଉଣ୍ଟର ଖୋଲିବା ଦାବି ଜୋର ଧରିଛି। ବ୍ଲକର ୧୩ ନଂ ଜୋନ ଅନ୍ତର୍ଗତ ୧୧ଟି ପଞ୍ଚାୟତ ମଧ୍ୟରୁ ଉପରଝର ପଞ୍ଚାୟତ ହେଉଛି ଅଞ୍ଚଳର ବ୍ୟବସାୟୀଙ୍କ ମୁଖ୍ୟପେଣ୍ଠସ୍ଥଳୀ । ଦେଓଗାଁ ବ୍ଲକ ସମେତ ତୁଷୁରା ଓ କଣ୍ଧମାଳ ଅଞ୍ଚଳରୁ ତେଲନଦୀ ପାରହୋଇ ଉପରଝର ଦେଇ ବ୍ୟବସାୟୀ ବଲାଙ୍ଗୀର ପ୍ରତ୍ୟେକ ଦିନ ଯାଇଥାନ୍ତି। ଉପରଝର ମୁଖ୍ୟାଳୟ ଉପରେ ଉପରଝର ସମେତ ମହଲାଇ, ଉଡାର ଓ ମକୁନ୍ଦପୁର ଆଦି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ନିର୍ଭରଶୀଳ। ତେବେ ଏଠାରେ ମହଲାଇ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଓ ଉପରଝରଠାରେ ଏକ କିଓସ୍କ ବ୍ୟାଙ୍କ ସେବା ରହିଛି । ହେଲେଏହି ଦୁଇଟି ବ୍ୟାଙ୍କ ସେବା ଅଞ୍ଚଳବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ପୁନଶ୍ଚ ଏହି ରାସ୍ତାରେ ଅନେକ ଥର ଡକାୟତି ଓ ଲୁଟ୍‌ତରାଜ ହେଉଥିବାରୁ ଏହି ଛକରେ ଏକ ପୋଲିସ ଫାଣ୍ଡି ଓ ଏଟିଏମ କାଉଣ୍ଟର ତୁରନ୍ତ ଖୋଲିବାକୁ ଉପରଝର ଯୁବସଂଗଠନ ଓ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

# ଆପୋସ ସମାଧାନ ବିଫଳ, ରୁଜୁ ହେଲା ମାମଲା

- ଜବରଦଖଲକୁ ନେଇ ସରପଞ୍ଚଙ୍କ ଘର ଭଙ୍ଗାରୁଜା ଘଟଣା
- ସୁରକ୍ଷା ଲୋଡିଲେ ସରପଞ୍ଚଙ୍କ ପରିବାର
- କୁବୁରିମହୁଲ ଗାଁରେ ଚାପା ଉତ୍ତେଜନା

**ଦେଓଗାଁ, ୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ କୁବୁରିମହୁଲ ଗାଁରେ ଜମି ଜବରଦଖଲକୁ ନେଇ ସରପଞ୍ଚ ଓ ଗାଁର କେତେକ ଲୋକଙ୍କ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଥମିବାର ନା ନେଉନାହିଁ । ଉଭୟ ପକ୍ଷଙ୍କ ତରଫରୁ ଥାନାରେ ବୁଝାମଣା ଫେଲ ମାରିବା ପରେ ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଦଫା ୧୪୩, ୧୪୭, ୨୯୪, ୪୨୭, ୫୦୬, ୩୭୯, ୧୪୯/୩୪ରେ ଏକ ମାମଲା (ନଂ ୩୪/୨୦) ରୁଜୁ କରାଯାଇଛି। ବେଳେ ପ୍ରତିପକ୍ଷ ନାରାୟଣ ବାଗଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୪୧, ୨୯୪, ୩୨୩, ୫୦୬ ଆଇପିସି ଓ ଏସସି ଏସଟି ଆକ୍ଟରେ ଏକ ମାମଲା (ନଂ. ୩୩/୨୦)ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି । ସରପଞ୍ଚ ପ୍ରଭାସ ଭୂଏଁଙ୍କ କୁବୁରିମହୁଲରେ ଜବରଦଖଲ ଜମିରେ ନିର୍ମାଣ ହୋଇଥିବା ୬ବଖରା ଘରକୁ ଅଧରାତିରେ କେତେକ ଲୋକ ସଂଘବଦ୍ଧଭାବେ ଭାଙ୍ଗି ଦେଇଥିଲେ। ସେଠାରେ ଥିବା ଭୂଏଁଙ୍କ ବୁଲେଟକୁ ଭାଙ୍ଗି ଚୁରମାର କରିଦେଇଥିଲେ। ମଙ୍ଗଳବାର ସରପଞ୍ଚ ଭୂଏ ଓ ତାଙ୍କ ପରିବାରର ସଦସ୍ୟମାନେ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇ ସୁରକ୍ଷା ଲୋଡିଛନ୍ତି । ସୂଚନା ଅନୁସାରେ ଘର ସମ୍ମୁଖରେ ଥିବା ୨ଡେସିମିଲ ଜମିକୁ ସରପଞ୍ଚଙ୍କ ପରିବାର ଜବରଦଖଲ କରିଥିବା ଗାଁ ଲୋକେ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଥିଲେ । ହେଲେ ସରପଞ୍ଚ ଭୂଏଁଙ୍କ କହିବାନୁସାରେ ୪୦ରୁ ୫୦ ଜଣ ଲୋକେ ଶୁକ୍ରବାର ରାତିରେ ପୂର୍ବଜଙ୍କ ଦ୍ୱାରା ଦଖଲରେ ଥିବା ଜମିରେ ନିର୍ମାଣ ହୋଇଥିବା ଘର ଓ ତାଙ୍କ ବୁଲେଟକୁ ଭାଙ୍ଗିଦେଇଛନ୍ତି। ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଶନିବାର ସରପଞ୍ଚ ଭୂଏ ଓ ପ୍ରତିପକ୍ଷର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଦେଓଗାଁ ଥାନାକୁ ଆସି ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଓ ଉଭୟ ପକ୍ଷ ଉପସ୍ଥିତିରେ ହୋଇଥିବା ଆପୋସ ବୁଝାମଣା ପାଇଁ ଫେଲ ମାରିଥିଲା। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ ହେବା ପରେ କୁବୁରୀମହୁଲ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି।

## ଉନ୍ନୟନ କାମ ଧାର୍ଯ୍ୟ ସମୟରେ ଶେଷ କରିବାକୁ ଗୁରୁତ୍ୱ

**ସଇଁତଲା, ୧୮।୨(ଡି.ଏନ.ଏ.)**

ସଇଁତଲା ବ୍ଲକରେ ନୂତନ ବିଡିଓଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ଦେବାଶିଷ ସାମଲ। ଗତ ଜାନୁୟାରୀ ୨୦୧୯ରେ ଚିତରଞ୍ଜନ ବନଗୁଲା ଏହି ବ୍ଲକରୁ ଅବସର ନେବା ପରେ ବିଡିଓ ପଦବୀ ଖାଲି ପଡ଼ିଥିଲା। ଅତିରିକ୍ତ ବିଡିଓ ପ୍ରଦୀପ ପଟ୍ଟନାୟକ କାର୍ଯ୍ୟଭାର ସମ୍ଭାଳିଥିଲେ । ପୂର୍ବରୁ ଏହି ବ୍ଲକକୁ ଜଣେ ବିଡିଓଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେ କୌଣସି କାରଣରୁ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଉନ୍ନୟନ କାମକୁ ଯଥା ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମଙ୍ଗଳବାର କାର୍ଯ୍ୟରେ ଯୋଗଦେବା ଅବସରରେ କହିଛନ୍ତି ସାମଲ। ଏଥିପୂର୍ବରୁ ସାମଲ ଟିଟିଲାଗଡ଼ର ଅତିରିକ୍ତ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ ।



ଜୁନାନୀ ଜଙ୍ଗଲରେ ଥିବା ପ୍ରୋଜେକ୍ଟରେ ପୋଲିସ ଓ ସନ୍ଧାନୀ କୁକୁର ।

# ଶୌଚ ପାଇଁ ଜଙ୍ଗଲକୁ ଯାଇ ଯୁବକ ନିଖୋଜ

### ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ

**ସଇଁତଲା, ୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା କରମତଲା ପଞ୍ଚାୟତ ଅନ୍ତର୍ଗତ ଛନଛଡ଼ା ଗ୍ରାମର ଜଣେ ବ୍ୟକ୍ତି ସୋମବାର ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିବା ସଇଁତଲା ଥାନାରେ ଅଭିଯୋଗ ହୋଇଛି। ନିଖୋଜ ବ୍ୟକ୍ତି ହେଲେ ଜଳନ୍ଧର ବୁଢ଼େକ (୪୮)। ସୋମବାର ପୂର୍ବାହ୍ନ ୧୧ଟାରେ ୨କିମି ଦୂରରେ ଥିବା ଗାଁ ସମୀପ ଜଙ୍ଗଲକୁ ଶୌଚ ପାଇଁ ସେ ଯାଇଥିଲେ । ସନ୍ଧ୍ୟା ସୁଦ୍ଧା ଜଳନ୍ଧର ଘରକୁ ନ ଫେରିବାରୁ ଘରଲୋକ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ । ରାତ୍ର ୯ଟା ପର୍ଯ୍ୟନ୍ତ ପତ୍ତା ନ ପାଇବାରୁ ପରିବାର ଲୋକ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଇଁତଲା ପୋଲିସ ଓ ବଲାଙ୍ଗୀର ସାଇଣ୍ଟିଫିକ ଟିମ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଗ୍ରାମକୁ ଯାଇ ତଦନ୍ତ କରିଥିଲେ । ଜଳନ୍ଧର ନେଇ ଯାଇଥିବା ସାଇକେଲ ଜଙ୍ଗଲ ମଧ୍ୟସ୍ଥ ଗୋଟିଏ ଗଛ ମୂଳରେ ତାଲା ପକାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ସାଇକେଲ ନିକଟରେ ଏକ ଚପଲ ପଡିଥିଲା। ସନ୍ଧାନୀ କୁକୁର ଘଟଣାସ୍ଥଳରୁ ଜଙ୍ଗଲ ମଧ୍ୟରେ ଥିବା ଜୁନାନୀ ପ୍ରୋଜେକ୍ଟକୁ ଯାଇଥିଲା । କୁକୁର ଯିବା ପରେ ପ୍ରୋଜେକ୍ଟରେ ଥିବା ପାଣିରେ ଗାଁର କେତେକ ଲୋକ ପଶି ଖୋଜାଖୋଜି କରିଥିଲେ ମଧ ସେଠାରେ କିଛି ମିଳି ନ ଥିଲା । ଫଳରେ ସେଠାରୁ ପୋଲିସ ତଥା ସାଇଣ୍ଟିଫିକ ଟିମ ଫେରି ଆସିଥିଲା। ଏ ବିଷୟରେ ସଇଁତଲା ଥାନା ଅଧିକାରୀ ବାରିଣୀ ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଥିବା କହଛନ୍ତି।

# ସାହାଯ୍ୟର ହାତ୍ ବଢ଼ାଲା ମାରଓ୍ୱାଡି ଯୁବାମଞ୍ଚ

**କର୍କଟ ରୋଗ୍‌ରେ ପୀଡ଼ିତ ସମୀର ଘଟ୍‌ନା**

**ଧରିତ୍ରୀ ପ୍ରଭାବ**

**ଗୁଡ଼ଭେଲା, ୧୮।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରର ସମୀର ଖାନ୍(୪୫)। ପାଖାପାଖି ବଛରେ ହେଲା ସେ କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ଟଁକା ପଏସା ଅଭାବୁ ସେ ଚିକିଛା କରେଇ ନାଇଁ ପାରବାର। ଇ ବାବ୍‌ଦେ ଗଲା ୧୭ ତାରିଖ ସୋମବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଚିକିଛା ଲାଗି ଟଁକା ଅଭାବ୍, କର୍କଟ ରୋଗ୍‌ରେ ପୀଡ଼ିତ ସମୀର’ ଶୀରଷକ୍‌ରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସମୀରକୁଁ ତୁଷୁରା ମାରଓ୍ୱାଡି ଯୁବାମଞ୍ଚ ଆର ଜାଗୃତିଶାଖା ସାହାଯ୍ୟର ହାତ୍ ବଢ଼େଇଛନ୍। ଦୁଇ ଅନୁଷ୍ଠାନ ତରଫୁ ସମୀରକୁଁ ୭ ହଜାର ଟଁକା ଚିକିଛା ସାହାଯ୍ ଦିଆଯାଇଛେ। ଇ ସାହାଯ୍ ଟଁକା ଦେଲାବେଲେ ମାରଓ୍ୱାଡି ଯୁବାମଞ୍ଚର ଅଧକ୍ଷ ମନୋଜ ଜୈନ, ସଙ୍ଗୀତ ଜୈନ, ମଞ୍ଜୁ କେଡ଼ିଆ, ମୀରା କେଡ଼ିଆ, ରିଙ୍କି ଅଗ୍ରୱାଲ, ମନୀଷ ଅଗ୍ରୱାଲ, ମେଘନାଥ ଗୁପ୍ତା, ବିକାଶ କେଡ଼ିଆ, ଦିନଦୟାଲ କେଡ଼ିଆ, ଗଣେଶ ଜୈନ ପରମୁଖ ଠୋଲ ହେଇଥିଲେ।





ଦୁଇ ଅନୁଷ୍ଠାନ ତରଫୁ ସମୀରକୁଁ ସାହାଯ୍ ଟଁକା ଦିଆଯାଉଛେ।

# ବସିଲା ପରୀକ୍ଷା ସ୍କ୍ୱାଡ୍‌ର ଆଭ୍ୟନ୍ତରୀଣ ବୈଠକ

**ଆଜି ଠାରୁ ମାଟ୍ରିକ୍ ପରୀକ୍ଷା**

- ୧୫୭ ପରୀକ୍ଷା କେନ୍ଦ୍ରରେ ୨୪,୪୫୪ ଜଣ ପରୀକ୍ଷାର୍ଥୀ
- ୩୬ଟି ଟିମ୍ ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବେ ପ୍ରଶ୍ନପତ୍ର

**ବଲାଙ୍ଗୀର ଅଫିସ, ୧୮।୨**

ବୁଧବାରଠାରୁ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ । ବଲାଙ୍ଗୀର ଜିଲାରେ ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ନିମନ୍ତେ ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧକ୍ଷତାରେ ପରୀକ୍ଷା ସ୍କ୍ୱାଡର ଆଭ୍ୟନ୍ତରୀଣ ବୈଠକ ଡିଇଓ ଅଫିସରେ ବସିଥିଲା । ଡିଇଓ ବେହେରା ପରୀକ୍ଷା ପରିଚାଳନା ନେଇ ସମସ୍ତ ବିଷୟକୁ ନେଇ ତଦାରଖ କରିଥିଲେ । ଚଳିତବର୍ଷ ବଲାଙ୍ଗୀର ଜିଲାରେ ୧୫୪ଟି ପରୀକ୍ଷା କେନ୍ଦ୍ରରେ ୨୩ ହଜାର ୩୦୮ ରେଗୁଲାର ପରୀକ୍ଷାର୍ଥୀ ଓ ୧୧୪୬ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଏଭଳି ଜିଲାରେ ସର୍ବମୋଟ ୨୪ ହଜାର ୪୫୪ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ । ମଧ୍ୟମା ସଂସ୍କୃତ ପରୀକ୍ଷା ୩ଟି କେନ୍ଦ୍ର ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ପାଟଣାଗଡ ରମାଇ ହାଇସ୍କୁଲରେ ୧୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମର ୩ଟି ପରୀକ୍ଷା କେନ୍ଦ୍ର ବଲାଙ୍ଗୀର ଟାଉନ ଉଚ୍ଚ ବିଦ୍ୟାଳୟ, କଅଁସିଲ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଓ ଯୋଗୀମୁଣ୍ଡା ଉଚ୍ଚ ବିଦ୍ୟାଳୟ ଠାରେ ସମୁଦାୟ ୨୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପତ୍ର ବିନିମୟ ପାଠ୍ୟକ୍ରମରେ ୧୨ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୬ଟି ଡେସ୍‌ପାଚ୍ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ସବୁଦାୟ ୧୫୭ଟି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବେ। ଏଥର ନିୟମାନୁଯାୟୀ ପରୀକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ରଶ୍ନପତ୍ର ସିଲ ଖୋଲାଯିବ । ସ୍ୱଚ୍ଛତା ଅବଲମ୍ବନ ପାଇଁ ଦୁଇଜଣ ଛାତ୍ରଙ୍କ ଦସ୍ତଖତ ମଧ ନିଆଯିବା ବ୍ୟବସ୍ଥା କରାଯାଇଛି । ସମସ୍ତ ପରୀକ୍ଷକମାନେ ସେମାନଙ୍କ ମୋବାଇଲକୁ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟଙ୍କ ଠାରେ ଦାଖଲ କରିବେ । ପରୀକ୍ଷା ସୁପରଣ୍ଟେଣ୍ଡେଣ୍ଟ ସମସ୍ତ ମୋବାଇଲକୁ ତାଲାବନ୍ଦ କରି ଚାବି ନିଜ ପାଖରେ ରଖିବେ। ପରୀକ୍ଷା ସରିବା ପର୍ଯ୍ୟନ୍ତ କେହି ଯେମିତି ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ ସେ ଉପରେ ଦୃଷ୍ଟି ଦିଆଯିବ । ସ୍ୱଚ୍ଛ ପରୀକ୍ଷା ପାଇଁ ଜିଲା ସ୍ତରରେ ୪ଟି ସ୍କ୍ୱାଡ ଗଠନ କରାଯାଇଛି। ବୋର୍ଡ ପକ୍ଷରୁ ୨ଟି ସ୍କ୍ୱାଡ ବୁଲିବେ । ଏହାବାଦ୍ ବ୍ଲକସ୍ତରରେ ମାଜିଷ୍ଟ୍ରେଟଙ୍କୁ ନେଇ ସ୍କ୍ୱାର୍ଡ ଗଠନ କରାଯାଇଛି । ସକାଳ ୮ଟା ୩୦ରେ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଯିବ। ସମସ୍ତ ପରୀକ୍ଷାକେନ୍ଦ୍ର ଉପରେ ତୀକ୍ଷ୍ଣ ନଜର ରଖାଯିବ । ପରୀକ୍ଷାକୁ ଭୟଶୂନ୍ୟ ଓ ସ୍ୱଚ୍ଛ କରାଯିବା ଉପରେ ସବୁ ପ୍ରକାଶ ବ୍ୟବସ୍ଥା କରାଯାଇଛି ବୋଲି ଡିଇଓ ବେହେରା କହିଛନ୍ତି।

# ୫ଶହ ଭାତା, ୧୦ କେ.ଜି. ଚାଉଲ ସାହାଭରସା

**ଲାଠୋର, ୧୮।୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ଅଧୀନ ଚାଉଲଡ଼ିଆ ଗାଁର ବୁରୁଧି ବିଧବା ପ୍ରେମ କୁମ୍ଭାର(୭୦) ଆର ନାତି ମହେଶ କୁମ୍ଭାର(୬)। ଜାଗାବାଡ଼ି, ଘରଦୁଆର ଅଭାବୁ ଦୁଇ ଆଇନାତି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଥିବାର ଦେଖିବାକେ ମିଲିଛେ। ସରକାରୀ ଯୋଜନାରେ ଘରଡ଼ିହ ଆର ପକାଘର ଖଁଡ଼େ ଯୁଗେଇ ଦେବାକେ ବୁରୁଧି ପ୍ରେମ ଦାବି କରିଛନ୍।

ସୂଚନା ଅନ୍‌ସାରେ ଚାଉଲଡ଼ିଆ ଗାଁର ବୁରୁଧି ବିଧବା ପ୍ରେମ କୁମ୍ଭାର(୭୦)କଁର ପରିବାର କହେଲେ ବିଧବା ବହ ଗାୟତ୍ରୀ, ନାତି ମହେଶ ଆର ପ୍ରଭାତକୁଁ ନେଇ ସଁସାର। ପରବାରଟା ନିହାତି ଗରିବ୍, ଜମିବାଡ଼ି, ଘରଡିହ ବଲି କିଛି ନାଇଁ। ଗାଁମୁଡେ ଗୁଟେ ଗୋଚର ଜାଗାରେ ଝଟିମାଟିର କୁରିଆଟେ କରି ପରିବାର ମୁଡ଼ ଗୁଁଜିଛନ୍। ବଛରେ ତଲେ ଦୁଖ୍‌ସୁଖ, ଦାଦନ ଖଟି ପରିବାରଟା ହଁସଖୁସିରେ ଚଲିଯାଉଥିଲେ। ଗଲା ବଛର ବୁରୁଧି ପ୍ରେମକୁଁ ଛାଡ଼ି ପୁଓ କାହ୍ନା କୁଟୁମବସିଆ ଆନ୍ଧ୍ରପ୍ରଦେଶକେ ଦାଦନ ଖଟି ଯାଇଥିଲେ। ହେଲେ ସେଠାନେ କାମ୍ କଲାବେଲେ ବିଦ୍ୟୁତ୍ ଆଘାତ୍‌ରେ କାହ୍ନାକଁର ମୁରତ୍ତୁ ହେଇଥିଲା। କାହ୍ନାକଁର ମୁରତ୍ତୁରେ ପରିବାରଟା ଭାଂଗି ପଡ଼ିଥିଲେ। ମାସ୍‌କେତେ ଉତାରୁ କାହ୍ନାକଁର ମାଏକିନା ଗାୟତ୍ରୀ ବଡ଼ ପୁଓ ମହେଶକେ ବୁଢ଼ୀ ଶାଶ୍ ପ୍ରେମକଁର ପାସେ ଛାଡ଼ି ସାନପୁଓକେ ଧରି ବାପ୍ ଘରକେ ପଲେଇ ଗଲେ। ଏନ୍‌ତାଥି ଆଇନାତି ବେସାହାରା ପାଲଟିଯାଇଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଆର ଜିଲା ସମାଜ ସୁରକ୍ଷା ଅଧିକାରୀ କ୍ଷିରୋଦ୍ର ତ୍ରିପାଠିକଁର ନିରଦେଶରେ ସାମାଜିକ କରମୀ ଅରୁଣ ଖୁଆସ ଚାଉଲଡ଼ିଆ ଗାଁରେ ପୁହୁଁଚିଥିଲେ। ସେ ଗାଁବାସୀକର ସଂଗେ ଆଲୋଚନା କରବାର ସଂଗେ ୧୬।୩।୨୦୧୯ରେ ଆଇନାତିକୁ ଉଧାର କରିଥିଲେ। ବୁରୁଧି ପ୍ରେମକୁଁ ଜରାସିଂହା ପାସର ସାଲେପାଲି ବୃଦ୍ଧାଶ୍ରମରେ ଆର ସେ ଗାଁରେ ଥିବାର ମଙ୍ଗଳ ପାଠାଗାର ଶିଶୁ ଗୃହରେ ମହେଶକୁଁ ଥଇଥାନ କରିଥିଲେ। ହେଲେ ଆଇନାତି ସେଠାନେ ଦିନାକେତେ ରହିଲା ଉତାରୁ ଗାଁକେ ପଲେଇ ଆସିଥିଲେ। ଏହେଦେ ବୁରୁଧି ପ୍ରେମ ମାସିକ ପାଉଥିବାର ୫ଶହ ଟଁକା ଭତା ଆର ୧୦ କେ.ଜି. ଚାଉଲରେ ଆଇନାତି ବଡ଼ା ଗୁଲ୍‌ଗୁଲା ହେଇ ଚଲୁଛନ୍। ଇ ଦିଗେ ଜିଲା ଆର ଥାନୀଅ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ବୁରୁଧିକୁଁ ସରକାରୀ ଯୋଜନାରେ ୪ ଡେସିମିଲ ଘରଡିହ, ପକାଘର ଆର ମାସିକ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

**ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍ ଆଇନାତି**



ନିଜର ଦଦ୍‌ରା ଘରଆଘେ ନାତି ମହେଶ ସଂଗେ ବୁରୁଧି ପ୍ରେମ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୯ ଫେବୃୟାରୀ,୨୦୨୦



"ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ



### ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ନାବାଳିକା ଗୁରୁତର

ପର୍ଲା,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଡୁମେରଗୁଡା ପଞ୍ଚାୟତ ଅନ୍ତର୍ଗତ ମୁଖୀଗୁଡା ଗ୍ରାମର ଜଣେ ନାବାଳିକା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଗ୍ରାମର ରତ୍ନ ମାଝି (୧୬) କୌଣସି କାମ ପାଇଁ ବିଲକୁ ଯାଇ ଘରକୁ ଫେରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଠିକ ସଂସ୍ପର୍ଶରେ ଆସିବା ପରେ ବିଦ୍ୟୁତ ଚାଲିଯାଇଥିଲା। ଗାଁ ଯୁବକମାନେ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନରେ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଯେ, ଦୀର୍ଘ ଦିନରୁ ଏହି ବିଦ୍ୟୁତ ତାର ଝୁଲି ରହିଥିବା ବେଳେ ଏହାର ପ୍ରତିକାର ପାଇଁ ବିଦ୍ୟୁତ ଅଧିକାରୀଙ୍କଠାରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ବିଭାଗ ନୀରବ ରହି ବସିଥିବାରୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରିବା ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରାମବାସୀ ଦାବି କରିଛନ୍ତି।

### ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

ରିଷିଡା,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡାଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଏଠାରେ ହେବାକୁ ଥିବା ଚବିଶ ପ୍ରହର ନାମଯଜ୍ଞ ପାଇଁ ଶୁଭ ଖମ୍ବ ପ୍ରତିଷ୍ଠା କରାଯାଇଛି । ଏହି ଉତ୍ସବରେ କରୁଣାକର ରଣା ସପତ୍ନୀ କର୍ତ୍ତା ଭାବେ ଯୋଗଦେଇଥିଲେ । ପୂଜା କାର୍ଯ୍ୟ ରୁଦ୍ରଦେବ ଦାଶ ସମ୍ପାଦନ କରିଥିବା ବେଳେ ସଂକୀର୍ତ୍ତନ, ଶଙ୍ଖ ହୁଳହୁଳିରେ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଛି । ମନ୍ଦିର ପ୍ରତିଷ୍ଠା ଉତ୍ସବରେ କମିଟି ସଭାପତି ଅନ୍ତର୍ଯ୍ୟାମୀ ସାହୁ, ସମ୍ପାଦକ ପ୍ରେମାନନ୍ଦ ପାତ୍ର ପରିଚାଳନା କରୁଛନ୍ତି । ଆସନ୍ତା ୭ ତାରିଖରୁ ଏହି ନାମଯଜ୍ଞ ଆରମ୍ଭ ହେବ ।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ରିଷିଡା,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା ସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆୟୋଜନ ହୋଇଯାଇଛି । ଉଦଘାଟନୀ ସମାରୋହରେ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା ଯୋଗଦେଇଥିବା ବେଳେ ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ । ଏହି ଶିବିରରେ ୭୨ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ଜୟନ୍ତୀ ଭୋଇ ଓ ପ୍ରତିମା ସାହୁ ତାଲିମ ପ୍ରଦାନ କରିଛନ୍ତି ।

# ୧୦୩ କେନ୍ଦ୍ରରେ ୨୧,୧୬୫ ଛାତ୍ରୀଛାତ୍ର

ଭବାନୀପାଟଣା,୧୮।୨(ଡି.ଏନ.ଏ.)

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଆସନ୍ତା ୧୯ ତାରିଖ ତଥା ବୁଧବାରଠାରୁ ଆରମ୍ଭ ହେବ । ଏଥର କଳାହାଣ୍ଡି ଜିଲାର ୩୩୬ଟି ହାଇସ୍କୁଲର ୨୧ ହଜାର ୧୬୫ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏଥି ପାଇଁ ଜିଲାରେ ୧୦୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି ପରୀକ୍ଷାରେ ଜିଲାର ୧୯ ହଜାର ୭୩୯ ରେଗୁଲାର, ୧୪୧୨ ଏକ୍ସ-ରେଗୁଲାର, ୧୩ ଜଣ

**କଳାହାଣ୍ଡି ଜିଲା**
- ୩୭ କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ
- ଜିଲାସ୍ତରରେ ୩ଟି ସ୍କ୍ୱାଡ, ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ ଗଠନ

କରେସପଣ୍ଡେନ୍ସ କୋର୍ସ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ । ସେହିପରି ଓଡିଶା ରାଜ୍ୟ ମୁକ୍ତ ସ୍କୁଲ ପାଠ୍ୟକ୍ରମରେ ଜିଲାରେ ୧୬୦ ଜଣ ଛାତ୍ରୀଛାତ୍ର ଭବାନୀପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲାରେ ୧୩ଟି ନୋଡାଲ କେନ୍ଦ୍ର ବ୍ଲକ ସଦରମହକୁମାଠାରେ ଖୋଲାଯାଇଛି। ପ୍ରଶ୍ନପତ୍ରଗୁଡିକ ନୋଡାଲ କେନ୍ଦ୍ରଗୁଡିକରେ ପହଞ୍ଚି ସାରିଛି । ପୋଲିସର କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ରଗୁଡିକ ରଖାଯାଇଛି। ନୋଡାଲ କେନ୍ଦ୍ରଗୁଡିକରୁ ପ୍ରଶ୍ନପତ୍ରଗୁଡିକ ପ୍ରତିଦିନ ସକାଳ ୬ଟାରେ ପରୀକ୍ଷା କେନ୍ଦ୍ରଗୁଡିକୁ ନେବା ପାଇଁ ୩୩ଟି ଡେସ୍ପାଚ୍ ଟିମ୍ ପ୍ରସ୍ତୁତ କରାଯାଇଛି। ସେହିପରି ଅବାଧ ପରୀକ୍ଷା ପରିଚାଳନା ଓ କପି ରୋକିବା ପାଇଁ ଜିଲାସ୍ତରରେ ୩ଟି ସ୍କ୍ୱାଡ ଓ ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଛି। ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ବିଜ୍ଞାନ ପରିଦର୍ଶକଙ୍କ ନେତୃତ୍ୱରେ ୩ଟି ସ୍କ୍ୱାଡ କପି ରୋକିବା ପାଇଁ ବିଭିନ୍ନ ପରୀକ୍ଷା କେନ୍ଦ୍ର ଗସ୍ତ କରିବ। ସେହିପରି ଜିଲାରେ ୧୦୩ ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩୭ଟି କେନ୍ଦ୍ରକୁ ସମ୍ବେଦନଶୀଳ କେନ୍ଦ୍ର ରୂପେ ଚିହ୍ନଟ କରାଯାଇ ସିସିଟିଭି ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

## କର୍ଲାମୁଣ୍ଡା ବ୍ଲକ: ୬ କେନ୍ଦ୍ରରେ ୧୨୪୧ ପରୀକ୍ଷାର୍ଥୀ

**ଆଜିଠୁ ମାଟ୍ରିକ୍ ପରୀକ୍ଷା**

କର୍ଲାମୁଣ୍ଡା,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୧୩ଟି ହାଇସ୍କୁଲରୁ ୧୨୪୧ ଜଣ ଛାତ୍ରୀଛାତ୍ର ୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ରିଷିଡା ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୨୭୧ ଜଣ ପରୀକ୍ଷା ଦେବେ। ଏଥିରେ ଗଜବାହାଲ ହାଇସ୍କୁଲ, ରିଷିଡା ସରକାରୀ ହାଇସ୍କୁଲ ଓ ଗୋଛାଡେଙ୍ଗେନ ହାଇସ୍କୁଲର ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ସେହିପରି ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲ ଓ ବାଞ୍ଜିପଦର ସରକାରୀ ହାଇସ୍କୁଲର ୧୬୧ ଜଣ ପରୀକ୍ଷା ଦେବେ। କର୍ଲାମୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ରିଷିଡା ବାପୁଜୀ ହାଇସ୍କୁଲ, ରିଷିଡା ସରକାରୀ ହାଇସ୍କୁଲ, ରିଞ୍ଜା ଗ୍ରାମପଞ୍ଚାୟତ ହାଇସ୍କୁଲ ଓ ସରଗୁଲ ମାଲପଡା ସରକାରୀ ହାଇସ୍କୁଲର ୨୪୪ ଜଣ ପରୀକ୍ଷା ଦେବେ। ତେରେସିଂହା ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଭଟାପଲା ହାଇସ୍କୁଲ ଓ କେସିଙ୍ଗା ବ୍ଲକ ବେଲଖଣ୍ଡି ହାଇସ୍କୁଲର ୨୦୯ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ଯୋରାଡବ୍ରା ହାଇସ୍କୁଲରେ ରେଗଡା ହାଇସ୍କୁଲ, ସାପଲହରା ହାଇସ୍କୁଲ ଓ ମୁଡିଙ୍ଗ ହାଇସ୍କୁଲର ୨୪୨ ଜଣ ପରୀକ୍ଷା ଦେବେ। ଗଜବାହାଲ ପୁରୁଷୋତ୍ତମ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପୌରକେଲା ହାଇସ୍କୁଲ ଓ ଅଲାତରା ହାଇସ୍କୁଲର ୧୧୪ ଜଣ ପରୀକ୍ଷା ଦେବେ। କର୍ଲାମୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲ ଓ ଯୋରାଡବ୍ରା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସିସିଟିଭି ସଂଲଗ୍ନ କରାଯାଇଛି। ପରୀକ୍ଷା ବ୍ୟବସ୍ଥାକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ଯଥେଷ୍ଟ ପଦକ୍ଷେପ ନିଆଯାଇଥିବା ବିଇଓ ଆଲୁମାଲୁ ଭୀମରାଜ ପ୍ରକାଶ କରିଛନ୍ତି।



ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ।




ବୈଠକରେ ଯୋଗଦେଇଥିବା ୱେସ୍କୋ ଇଂଜିନିୟର୍ସମାନେ।

## ୱେସ୍କୋ ଇଂଜିନିୟର୍ସ ସର୍ଭିସ ଆସୋସିଏଶନ୍ ବୈଠକ

ଭବାନୀପାଟଣା,୧୮।୨(ଡି.ଏନ.ଏ.)

ୱେସ୍କୋ ଇଂଜିନିୟର୍ସ ସର୍ଭିସ ଆସୋସିଏଶନ୍‌ର ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୱେସ୍କୋ କାର୍ଯ୍ୟରତ ଡିଗ୍ରୀ ଇଂଜିନିୟରମାନଙ୍କ ଚାକିରି କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ୧୪ ବର୍ଷ ହେଲା ଚାକିରୀ କରି ଗୋଟିଏ ମାତ୍ର ପଦନ୍ନୋତି ପାଇ ନ ଥିବା ଡିଗ୍ରୀ ଇଂଜିନିୟରମାନଙ୍କୁ ଏମ୍ଏସିପି ପ୍ରଦାନ କରିବା ପାଇଁ ୱେସ୍କୋର ଟାଳୁଟୁଳ ନୀତିକୁ ତୀବ୍ର ନିନ୍ଦା କରାଯିବା ସହିତ ତୁରନ୍ତ ଏମ୍ଏସିପି ପ୍ରଦାନ କରିବା, ସପ୍ତମ ବେତନ କମିଶନ ସୁପାରିଶ ଅନୁଯାୟୀ ବର୍ଦ୍ଧିତ ଘରଭଡା, ଔଷଧ ଓ ଭତ୍ତା ପ୍ରଦାନ କରିବା। ୟାଡ ଷ୍ଟିକ ଅନୁଯାୟୀ କୁଶଳି କର୍ମଚାରୀ ନିଯୁକ୍ତି, ଜରୁରିକାଳିନ ସାମଗ୍ରୀ ଯୋଗାଣ, ଦୀର୍ଘଦିନରୁ ପଡିରହିଥିବା ବରିଷ୍ଠତା ତାଲିକାକୁ ସଂଶୋଧନ କରି ଯନ୍ତ୍ରୀମାନଙ୍କ ପଦନ୍ନୋତି, ଦୀର୍ଘଦିନ ଧରି ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ ହୋଇ ୱେସ୍କୋର ପରିଚାଳନାରେ କୌଣସି ଉନ୍ନତି ହୋଇ ନ ଥିବା ସତ୍ତ୍ୱେ ଏହାକୁ ପୁର୍ନବାର ଘରୋଇ କରଣ କରାଯିବା ଯୋଜନାକୁ ସଂଘ ତୀବ୍ର ବିରୋଧ କରିଥିଲେ। ତୁରନ୍ତ ଏହି ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ବାଧ ହୋଇ ସଂଘ ପକ୍ଷରୁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ, ଜଗନ୍ନାଥ ବାରିକ, ସୁଭାଷିଶ ମହାନ୍ତି, ଶିବାସୀସ ନାଏକ, ଶଙ୍କର ବେହେରା ପ୍ରମୁଖ ଯୋଗଦେଇଥିଲେ।




ଜନସମ୍ପର୍କ ଶିବିରରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ପୋଲିସ ଜନସମ୍ପର୍କ ଶିବିର

ଭବାନୀପାଟଣା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ସଦର ଥାନା ଅନ୍ତର୍ଗତ ଯୁଗସାଇପାଟଣାଠାରେ ଜିଲା ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର ଅଧ୍ୟକ୍ଷତା କରିଥିଲେ। ଯୁଗସାଇପାଟଣା ପଞ୍ଚାୟତ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଏହି ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଅଞ୍ଚଳ ମାଓବାଦୀ ପ୍ରଭାବ ଯୋଗୁ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟ ଗୁରୁତର ବାଧା ସୃଷ୍ଟି ହେବା ସହିତ ରାସ୍ତାଘାଟ ଓ ସ୍କୁଲ କାମଗୁଡିକ ବହୁ ଅଞ୍ଚଳରେ ଅଧାରୁ ବନ୍ଦ ହୋଇଯାଇଛି। ଏହି ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ପାଇଁ ପୋଲିସ ପ୍ରଶାସନ ସଦାସର୍ବଦା ଚେଷ୍ଟିତ ଅଛନ୍ତି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଓ ଲୋକପ୍ରତିନିଧିମାନେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ପୋଲିସ ଅପଣଙ୍କ ସହିତ ସବୁବେଳେ ରହିଛି ଏବଂ ଏହି ଅଞ୍ଚଳର ବିକାଶ କିପରି ହୋଇପାରିବ ପୋଲିସ ସବୁପ୍ରକାର ସହଯୋଗ କରିବ। ତେଣୁ ଗ୍ରାମବାସୀ ମାଓବାଦୀକୁ ଭୟଭିତ ନ ହେବା ପାଇଁ ଏସ୍‌ପି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମଣିପାତ୍ର, ଏସ୍‌ଡିପିଓ ଭବାନୀପାଟଣା, ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଡିଇଓଙ୍କ କସ୍ତୁରବା ଆବାସିକ ବିଦ୍ୟାଳୟ ପରିଦର୍ଶନ

ଭବାନୀପାଟଣା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ନୂତନ ଭାବେ ଯୋଗଦେଇଥିବା ଡିଇଓ ସୁଶାନ୍ତ ଚୋପଦାର ରବିବାର ଅଚାନକ ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦାଦପୁର ଦଧିବାମନ ନୋଡାଲ ସ୍କୁଲ, କର୍ଲାପଡା ବିମ୍ବାଧର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ବିଦ୍ୟାଳୟରେ ସଂଯୁକ୍ତ ହୋଇଥିବା ସିସିଟିଭିର କାର୍ଯ୍ୟକାରିତା ଯାଞ୍ଚ କରିଥିଲେ। ପରେ କାମଠଣାସ୍ଥିତ କସ୍ତୁରବା ଆବାସିକ ବିଦ୍ୟାଳୟକୁ ଯାଇଥିଲେ। ଏହି ସ୍କୁଲରେ ୱାର୍ଡେନ ଉପସ୍ଥିତ ଥିବା ବେଳେ ୧୧୩ ଜଣ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରେ ପାଠପଢା, ମେନ୍ୟୁ ଅନୁସାରେ ଦିଆଯାଉଥିବା ଜଳଖିଆ, ଭିଜନ ଓ ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଅଯାଉଥିବା ବିଭିନ୍ନ ସାମଗ୍ରୀ ଉପରେ ଆଲୋଚନା କରିଥିଲେ। ସେହିଭଳି ରୋଷେଇ ଗୃହକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଅଧିକ ସଜାଗ ହେବା ସହିତ ସେମାନେ ରହୁଥିବା ସ୍ଥାନ ଓ ସ୍ୱଚ୍ଛତା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ୱାର୍ଡେନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମରଣଯନ୍ତ୍ରା ପାଲଟିଛି ହାତୀନଦୀ-ଆଟିଗାଁ ପିଡବ୍ଲ୍ୟୁଡି ରାସ୍ତା

ଜୁନାଗଡ,୧୮।୨(ଡି.ଏନ.ଏ.)



ମରଣଯନ୍ତ୍ରା ପାଲଟିଛି ହାତୀନଦୀ-ଆଟିଗାଁ ପିଡବ୍ଲ୍ୟୁଡି ରାସ୍ତା।

- ମରାମତି ନାଁରେ ସରିଛି ଲକ୍ଷ ଲକ୍ଷ ଟଙ୍କା, ଫଳ ଶୁନ୍
- ପୂର୍ତ୍ତ ବିଭାଗର ଦୃଷ୍ଟିପଡୁନି

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତୀନଦୀ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥରୁ ଆଟିଗାଁ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତ୍ରା ପାଲଟିଛି। ଏଥିଯୋଗୁ ସ୍ଥାନୀୟ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଏଥିପ୍ରତି ପିଡବ୍ଲ୍ୟୁଡି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିଲା। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ମରାମତି କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ମରାମତିର କିଛିଦିନ ପରେ ରାସ୍ତା ଶୋଚନୀୟ ହୋଇଯାଉଥିଲା। ଫଳରେ ଏହି ରାସ୍ତାକୁ ଉତ୍ତମ ମାନର କରିବା ପାଇଁ ଗତ ୨ ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପୂର୍ତ୍ତ ବିଭାଗ ରାସ୍ତା ମରାମତି କାମରେ ମଧ୍ୟ ସେହି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା କିଛି ମାସରେ ଶୋଚନୀୟ ହୋଇପଡିଥିଲା। ଉଭୟ ବିଭାଗ ପକ୍ଷରୁ ଏହି ରାସ୍ତା ମରାମତି କରିବା ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଫଳ ଶୁନ ସଦୃଶ ହୋଇଛି। ଏହି ରାସ୍ତା ଟିଟୈଗୁଡା ନିକଟସ୍ଥ ଖଲିଆ ନାଳ ନିକଟରେ କଂକ୍ରିଟ ରାସ୍ତାରେ ବଡବଡ ଖାଲ ସୃଷ୍ଟି ହେବା ସହ ଗେଟିଗୁଡିକ ବାହାରି ପଡିଛି। ଫଳରେ ଲୋକଙ୍କ ପାଇଁ ଏହା ମରଣଯନ୍ତ୍ରା ପାଲଟିଛି। ଏହି ରାସ୍ତାରେ ପ୍ରତିଦିନ ଟିଟୈଗୁଡା ସମେତ ନୂଆଗୁଡା, ଯମୁନାବାହାଲ(କ), ଯମୁନାବାହାଲ, ଭେଜିପଦର, ବାଗଡୁଙ୍ଗରୀ, ମିଚାଗାଁ, ଆଟିଗାଁ ଆଦି ୮ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି। ସେମାନେ ପ୍ରତ୍ୟହ ବିଭିନ୍ନ କାମ ପାଇଁ ଜୁନାଗଡ ସହରକୁ ଆସିଥାନ୍ତି। ରାସ୍ତାର ଦୁରବସ୍ଥା ଯୋଗୁ ସେମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି। ଏହି ରାସ୍ତା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ରାସ୍ତା କଡକୁ ରହିଥିବା ଜମି କିଛି ଚାଷୀ ମନଇଚ୍ଛା ବିଭିନ୍ନ ସମୟରେ ନିଜ ସ୍ୱାର୍ଥ ପାଇଁ ରାସ୍ତାକୁ ଖୋଳି ବଡ ବଡ ସିମେଣ୍ଟ ପାଇପ୍ ପୋତୁଛନ୍ତି। ଫଳରେ ଉକ୍ତ ସ୍ଥାନରେ ରାସ୍ତା ଦବିଯାଇଥିବା ଦେଖିବାକୁ ମିଳିଛି। ସେହିପରି ଆଉ କିଛି ଚାଷୀ ନାଳକୁ ସଫା କରିବା ବାହାନାରେ ସେଠାରେ ଥିବା କାଦୁଅ କାଢି ରାସ୍ତାରେ ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ଏହା ଯୋଗୁ ରାସ୍ତା କାଦୁଅ ହେବା ସହ ବର୍ଷା ହେଲେ ବାଇକ ଆରୋହୀ ଖସି (ସ୍ଲିପ) ହୋଇ ପଡ଼ିବା ନଜିର ରହିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଭବାନୀପାଟଣା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ ବାବୁଙ୍କୁ ପଚାରିବାରୁ ମରାମତି କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଦୁର୍ଗମ ଟୁରିସିମେଲ ଗାଁରେ ପହଞ୍ଚିଲେ ବ୍ଲକ ପ୍ରଶାସନ

ଭବାନୀପାଟଣା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମାଳିଯୁବାଙ୍ଗ ଗ୍ରାମପଞ୍ଚାୟତ ଦୁର୍ଗମ ଟୁରିସିମେଲ ଗାଁ କିଛିଦିନ ତଳେ ଗଣମାଧ୍ୟମ ପାଇଁ ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଭିନ୍ନ ମୌଳିକ ସମସ୍ୟାରୁ ବଞ୍ଚିତ ଏହି ଗାଁର ଲୋକେ ବହୁବାର ଅଭିଯୋଗ ପରେ ନିଜ ଗାଁକୁ ରାସ୍ତା ତିଆରି କରୁଥିବା ଦୃଶ୍ୟ, ସରକାର ଓ ପ୍ରଶାସନ ପାଇଁ ଅଯୁତ ପ୍ରଶ୍ନର ପାହାଡ ସୃଷ୍ଟି କରୁଥିଲା। କିନ୍ତୁ ଏସବୁର ଚର୍ଚ୍ଚା ଓ ଆଲୋଚନା ତଥା ଗାଁ ଲୋକଙ୍କ ଆକ୍ରୋଶର ଅନ୍ତ ଘଟାଇବା ପାଇଁ ଟୁରିସିମେଲ ଗାଁରେ ପହଞ୍ଚିଥିଲା ବ୍ଲକ ପ୍ରଶାସନ। ସମସ୍ୟା ସମାଧାନ ତଥା ଗାଁର ଲୋକଙ୍କମନରେ ବିଶ୍ୱାସ ଜନ୍ମାଇବା ପାଇଁ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସହକାରୀଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଏମ୍‌ଜିଏନ୍‌ଆରଇଜିଏସ୍ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆଁ, ସ୍ଥାନୀୟ ସରପଞ୍ଚ ଲାକା ମାଝି, ଗ୍ରାମ ରୋଜଗାର ସେବକ ଫକୀର ବେହେରା, ପୂର୍ବତନ ସରପଞ୍ଚ ବାମନା ମାଝି ଗାଁରେ ପହଞ୍ଚିଥିଲେ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ଗାଁରେ ବ୍ଲକ ପ୍ରଶାସନକୁ ପାଇ ଗାଁ ଲୋକଙ୍କ ମନରେ ଖୁସିର ଲହରୀ ଖେଳି ଯାଇଥିଲା। ବ୍ଲକ ପ୍ରଶାସନକୁ ପାଖରେ ପାଇ ଲୋକେ ଅନେକ ଅଭିଯୋଗ ବାଢିବା ସହ ସେଗୁଡ଼ିକର ସମାଧାନ ପାଇଁ ନେହୁରା ହୋଇଥିଲେ। ଲୋକଙ୍କ ସମସ୍ୟାକୁ ଅନୁଧ୍ୟାନ ପାଇଁ ଗାଁରେ ଏକ ବୈଠକର ଆୟୋଜନ କରାଯାଇ ଲୋକଙ୍କ ଦାବି ଅନୁସାରେ ବିଡିଓ ଗାଁର ରାସ୍ତା ନିର୍ମାଣ ପାଇଁ ତତ୍‌କ୍ଷଣାତ୍ ପାଞ୍ଚ ଲକ୍ଷ ଟଙ୍କା ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ମଞ୍ଜୁର କରିଥିଲେ। ସେହିପରି ଗାଁରେ ପିଇବା ପାଣି ପାଇଁ ନଳକୂଅ ସ୍ଥାପନ କରିବାକୁ ଦାବି ହେବାରୁ ନଳକୂଅ ବଦଳରେ ଏକ ଗଭୀର କୂଅ ଖନନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏପରି କି ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରିଙ୍କ ପକ୍ଷରୁ ବିଧାୟକ ପାଣ୍ଠିରୁ ରାସ୍ତା ନିର୍ମାଣ ପାଇଁ ପ୍ରଦାନ ପାଇଁ ଦାବି କରାଯିବ ବୋଲି ପୂର୍ବତନ ଉପାଧକ୍ଷ ବେନିଆଁ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ଟୁରିସିମେଲ ଗାଁରେ ବ୍ଲକ ପ୍ରଶାସନ ପହଞ୍ଚିବାକୁ ନେଇ ଗାଁ ଲୋକେ ଉତ୍ସାହିତ ହୋଇ ପଡ଼ିଥିବା ବେଳେ ବିଡିଓ ମିଶ୍ର ଓ ତାଙ୍କ କାର୍ଯ୍ୟଶୈଳୀକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ଟୁରିସିମେଲ ଗାଁରେ ପହଞ୍ଚିଥିବା ବ୍ଲକ ପ୍ରଶାସନିକ ଅଧିକାରୀ।

## ରକତ୍ କମ୍‌ଜୋରି ରୋଗ୍‌ରେ ପୀଡ଼ିତ ମା'ପୁଓ

କଲମପୁର, ୧୮।୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ବଡ଼କୁଟ୍ରୁ ପଁଚେତ୍‌ସଦର ଗାଁ ୱାର୍ଡନଂ.୧ର ସୁଧାରାମ ଛତ୍ରିଆର୍କଁର ମାଏକିନା ପିଙ୍କି ଛତ୍ରିଆ(୨୪) ଆର ପୁଓ ପ୍ରଭାସ ଛତ୍ରିଆ(୩) ରକତ୍ କମ୍‌ଜୋରି(ସିକଲସେଲ) ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ପରିବାରଟା ନିହାତି ଗରିବ୍। ଟଁକା ପଏସା ଅଭାବୁ ସୁଧାରାମ ପୁଓ ମାଏକିନାର ଚିକିଛା କରେଇ ନାଇଁପାରବାର। ଏନ୍‌ତାଥି ସେ ସରକାରୀ ଚିକିଛା ସାହାଯ୍ ଆଶ୍‌ରେ ରହିଛନ୍।

ସୂଚନା ଅନ୍‌ସାରେ ବଡ଼କୁଟ୍ରୁ ପଁଚେତ୍ ସଦର ଗାଁର ୱାର୍ଡ ନଂ.୧ର ସୁଧାରାମ ଛତ୍ରିଆର୍କଁର ପରିବାର କହେଲେ ମାଏକିନା ପିଙ୍କି(୨୪) ଆର ପୁଓ ପ୍ରଭାସ(୩)କୁଁ ନେଇ ସଁସାର। ପରିବାରଟା ମୂଲୁ ସୁଖ୍‌ବାସୀ ଆଏ, ଜମିବାଡ଼ି, ଘରଡିହ, ସଁପତି ବଲି କିଛି ନାଇଁ। ସୁଧାରାମ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ଇଆଡ଼େ ସୁଧାରାମର୍କଁର ନିଜର ଘରବାଡ଼ି ନାଇଁଥିବାର ଲାଗି ସେ ଗାଁରେ ଥିବାର ଶଶୁରବାଡ଼ିରେ ରହୁଛନ୍। ହେଲେ ଶଶୁର ଘର ବି ବହୁତ୍ ଗରିବ୍, ତାକର ବି ଘରଦୁଆର ବିଶେଷ ନାଁଇନ। ଏନ୍‌ତାଥି ଶଶୁର ରଙ୍କନିଧି ହରିଜନ ସ୍ୱଚ୍ଛ ଭାରତ ମିଶନରେ ପାଇଥିବାର ପାଇଖାନା ଘରେ ସୁଧାରାମ କୁଟୁମବସିଆ ରହୁଛନ୍। ଏନ୍‌ତାଥି ମାସକେତେ ତଲେ ପୁଓ ପ୍ରଭାସର୍କଁର ଦିହିପା ଖରାପ ହେଲାରୁ ସେ ଡାକ୍‌ତରଖାନା ନେଇ ଦେଖାଲେ। ସେଠାନେ ମା'ପୁଓର ରକତ ପରୀକ୍ଷାରୁ ଜନାପଡ଼ଲା ଯେ ଦୁହିଝନ ରକତ୍ କମ୍‌ଜୋରି ରୋଗ୍‌ରେ ପୀଡ଼ିତ ଅଛନ୍। ସେଦିନ୍‌ଠାନୁ ପ୍ରଭାସର୍କଁର ଦିହିପା ଖରାପ ହେଲେ ସୁଧାରାମ ଅନେକ ସମିଆରେ ଧାରଉଧାର କରି ଡାକ୍‌ତରଖାନାରେ ଦଲାଲମାନକରନୁ ରକତ୍ ଘିନି ପୁଓର ଜୀବନ୍ ବଁଚେଇ ଆସୁଛନ୍। ଇଥିରଲାଗି ସେ ଲୁକ୍‌କରନୁ ଧାରଉଧାର କରି ଲାଗ୍‌ବରମସରେ ବୁଡ଼ିକରି ଅଛନ୍। ଶେଷ ଉପେ ଶୁଇନ୍ ହେଇ ସୁଧାରାମ ୧୧।୨।୨୦୨୦ରେ କଲମପୁର ବ୍ଲକରେ ଜିଲାପାଳର୍କଁର ଜନଅଭିଯୋଗ ଶୁନାନି ଶିବିରରେ ନିଜର ଦୁଖ୍ ବଖାନିଥିଲେ। ଜିଲାପାଳ ଇ ଘଟନାକେ ଗୁରୁତ୍ ଦେଇ ସରକାର ସାହାଯ୍ ଲାଗି ବିଭାଗୀୟ କତ୍ତୁରପକ୍ଷକୁଁ ନିରଦେଶ ଦେଇଥିଲେ। ଜିଲାପାଳର୍କଁର ଅଭିଯୋଗ ଶୁନାନି ଶିବିରର ଦୁତୀଅ ଦିନ୍‌ରେ ସୁଧାରାମ ଦରକାରୀ କାଗଜପତର ବିପିଓକୁଁ ଦେଇଥିଲେ। ଗଲା ଶୁକୁରବାର ଗୁଟେ ଡାକ୍‌ତରି ଦଲ ସୁଧାରାମର୍କଁର ଘରେ ପୁହୁଁଚିଥିଲେ। ସେମାନେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଯୋଜନାରେ ମା'ପୁଓକୁ ଚିକିଛା ଲାଗି ଭବାନୀପାଟଣା ମୁଖିଆ ଡାକ୍‌ତରଖାନାକେ ନେଇଥିଲେ। ହେଲେ କେହେନ୍‌ସି କାରନ୍‌ରୁ ସେଠାନେ ପରୀକ୍ଷା ନିରୀକ୍ଷା ନାଇଁ ହେଇପାରଲାରୁ ଫିରି ଆଏଲେ। ଇ ବାବ୍‌ଦେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଓ ଦୀପକ କୁମାର ବେହେରାକୁଁ ପଚ୍‌ରାଲାରୁ ମା'ପୁଓ ରକତ୍ କମ୍‌ଜୋରି ରୋଗ୍‌ରେ ପୀଡ଼ିତ ଥିବାର ଖବର ପାଇଛୁଁ। ଆମେ ଦୁହିଁକୁ ଇ ହପ୍‌ତେ ଭିତରେ ଜିଲା ମୁଖିଆ ଡାକ୍‌ତରଖାନାକେ ନେଇ ଚିକିଛା କରାମୁ ବଲି ସେ କହିଥିଲେ।



ରୋଗ୍‌ରେ ପୀଡ଼ିତ ପିଙ୍କି ଆର ପୁଓ ମହେନ୍ଦ୍ର।

**ଚିକିଛା ଲାଗି ଟଁକା ଅଭାବ୍**
- ରକତ୍ ଘିନି ପୁଓର ଜୀବନ୍ ବଁଚଉଛନ୍
- ଘର ଅଭାବୁ ପାଇଖାନାରେ ରହୁଛନ୍



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର

ଟିଟିଲାଗଡ଼, ୧୮।୨ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ କତରକେଲା ଗ୍ରାମ ନିକଟସ୍ଥ ଏକ ଜମିରୁ ମଙ୍ଗଳବାର ପୋଲିସ ଜଣେ ବୟସ୍କା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ଏସଆଇ ମନୋଜ ମୁଣ୍ଡାଙ୍କ ସୂଚନା କ୍ରମେ କତରକେଲା ରେଳ ଧାରଣାର ପ୍ରାୟ ଦୁଇ ଶହ ମିଟର ଦୂରରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ସୂଚନା ମିଳିଥିଲା। ପୋଲିସ ମୃତଦେହ ଜବତ କରି ଟିଟିଲାଗଡ ଡାକ୍ତରଖାନାରେ ରଖିଛି। ଅଦ୍ୟାବଧି ମୃତକାଙ୍କ ପରିଚୟ ମିଳିପାରିନାହିଁ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ମାରୱାଡି ଯୁବାମଞ୍ଚର କର୍ମକର୍ତ୍ତା ଚୟନ

ଲାଠୋର, ୧୮।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନରେ ମାରୱାଡି ଯୁବାମଞ୍ଚର ପୂର୍ବତନ ସମ୍ପାଦକ ବିକ୍ରମ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ରାଜ୍ୟ ପର୍ଯ୍ୟାବରଣ ସଂଯୋଜକ ଶୀତଳ ଅଗ୍ରୱାଲ ସଭାପତି, ଆକାଶ ଜୈନ ସମ୍ପାଦକ ଏବଂ ହମେଶ ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତକ୍ରମେ ମନୋନତୟନ କରାଯାଇଛି। ମନୋନୀତ କର୍ମକର୍ତ୍ତାମାନେ ୨୦୨୦-୨୧ ବର୍ଷ ପାଇଁ କାର୍ଯ୍ୟ କରିବେ। ଏହି ଅବସରରେ ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ସହ ବିଜୟ ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, ନକୁଳ ଅଗ୍ରୱାଲ, ସୁବାଷ ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ପୂର୍ବତନ ସଭାପତି ରିଙ୍କୁ ଅଗ୍ରୱାଲ ଓ ଧନ୍ୟବାଦ ଅର୍ପଣ କରିଥିଲେ ଦୀପକ ଅଗ୍ରୱାଲ।

### ଶାରୀରିକ କ୍ରୀଡ଼ା ଶିକ୍ଷକଙ୍କ ବୈଠକ

ତରଭା, ୧୮।୨(ଡି.ଏନ.ଏ.): ତରଭା ବ୍ଲକ ବଡଭଇଁରୋ ପଞ୍ଚାୟତ ହାଇସ୍କୁଲରେ ଜିଲାସ୍ତରୀୟ ଶାରୀରିକ କ୍ରୀଡା ଶିକ୍ଷକମାନଙ୍କର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ ଆନନ୍ଦ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ସତ୍ୟନାରାୟଣ ତ୍ରିପାଠୀ, କୋଷାଧ୍ୟକ୍ଷ ପଦ୍ମିନୀ ସାହୁ, ସମ୍ପାଦକ ଶ୍ରୀଧର ପୁଟେଲ ମଞ୍ଚାସୀନ ଥିଲେ। ଜିଲାର ଉଲୁଣ୍ଡା, ବୀରମହାରାଜପୁର, ଡୁଙ୍ଗୁରିପାଲି, ସୋନପୁର, ବିନିକା ଓ ତରଭା ପ୍ରଭୃତି ୬ଟି ବ୍ଲକର ୪୫ ଜଣ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୈଠକରେ ଉପସ୍ଥିତ ଥିଲେ। ଏଥିରେ ବାର୍ଷିକ ଆୟ ବ୍ୟୟ ପଠନ କରାଯାଇଥିଲା। ଜିଲାର ବିଭିନ୍ନ ବିଦ୍ୟାଳୟରେ ଘଟୁଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଖେଳ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ଏହି ବୈଠକରେ ଉପସ୍ଥାପନ କରିଥିଲେ ଓ ତାର ସମାଧାନ ପାଇଁ ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରତିଶ୍ରୁତି ଦେଇଥିଲେ। ୨୦୨୦ ମସିହା ଜୁଲାଇ ଶେଷ ପର୍ଯ୍ୟନ୍ତ ବ୍ଲକ ସ୍ତରୀୟ କ୍ରୀଡା ସମ୍ପାଦନ କରିବାକୁ ସମସ୍ତେ ଏକମତ ହୋଇଥିଲେ। ସଞ୍ଜିବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଆଦିବାସୀ ଚିତ୍ରକଳାର ସ୍ୱତନ୍ତ୍ରତା ରହିଛି

ସୋନପୁର,୧୮।୨(ନି.ପ୍ର.)



କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ଓ ଗବେଷକଙ୍କ ଗହଣରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଆଦିବାସୀ ଚିତ୍ରଶିଳ୍ପୀ ଶିବିର ଓ କଳାକୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ସ୍ଥାନୀୟ ଟାଉନ ହଲରେ ତିନିଦିନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଲଳିତ କଳା ଏକାଡେମୀର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ ଯୋଗଦାନ କରି ଆଦିବାସୀଙ୍କ ପାରମ୍ପରିକ ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭା ଓ କଳାକୃତି ଚର୍ଚ୍ଚାରେ ଡ. ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଡ. ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଓଡିଶାରେ ଆଦିବାସୀ ଚିତ୍ରକଳାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହାକୁ ବ୍ୟାପକ କରିବା ପାଇଁ ଏକାଡେମୀ ପକ୍ଷରୁ ବ୍ୟବସ୍ଥା ହୋଇଥିବା ସେ ସୂଚନା ଦେଇଥିଲେ। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ଆଦିବାସୀମାନଙ୍କ କାନ୍ଥ ଚିତ୍ର ଓ ପାରମ୍ପରିକ ଝୋଟି କେବଳ ଓଡିଶା କାହିଁକି ସମଗ୍ର ଦେଶରେ ସ୍ୱତନ୍ତ୍ର ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ମନସ୍ୱିନୀ ସାହୁ ଯୋଗଦେଇ ଆଦିବାସୀଙ୍କ କଳା କୃତିର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ। ସଭାରେ ଲଳିତ କଳା ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଏକାଡେମୀର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଏଭଳି ଶିବିର ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳରେ ଥିବା ଚିତ୍ରଶିଳ୍ପୀମାନେ ଉତ୍ସାହିତ ହେବେ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସୁଦାମ ନାଏକ ଓ ଲୋକବାଦ୍ୟ ଗବେଷକ ଚୌଧୁରୀ ବିଭାର ଆଲୋଚକ ଭାବେ ଯୋଗଦେଇ ପାରମ୍ପରିକ କଳାକୃତି ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିବିରରେ ଅଂଶଗ୍ରହଣ କରି ତାଲିମ ନେଇଥିବା ଜିଲାର ୧୫ଜଣ ଆଦିବାସୀ ଚିତ୍ରଶିଳ୍ପୀଙ୍କୁ ଅତିଥିଙ୍କ ଦ୍ୱାରା ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ସମସ୍ତ ଶିବିରାର୍ଥୀଙ୍କୁ ମାନପତ୍ର ଦିଆଯାଇଥିଲା। ଏ. କେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟର ମୀନତି ମେହେରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସଭ୍ୟ ଶ୍ୟାମସୁନ୍ଦର ମେହେର ପରିଚାଳନା କରିଥିଲେ। ଚିତ୍ରଶିଳ୍ପୀ ସରୋଜ ମହାପାତ୍ର ଓ ଅଧ୍ୟାପକ ସଞ୍ଜିବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଋଷି ଦୟାନନ୍ଦ ଦେଶରେ ନବଚେତନା ଜାଗ୍ରତ କରିଥିଲେ

ସୋନପୁର,୧୮।୨(ନି.ପ୍ର.)

ମହର୍ଷି ଦୟାନନ୍ଦଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ଦୟାନନ୍ଦ ପ୍ଲେ/ପବ୍ଲିକ୍ ସ୍କୁଲ ତରଫରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଜନସାଧାରଣ କଳସ ବସାଇ ଓ ପୁଷ୍ପ ବୃଷ୍ଟି କରି ଶୋଭାଯାତ୍ରାକୁ ସ୍ୱାଗତ ଜଣାଇଥିଲେ। ପରେ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଏକ ସଭାର ଆୟୋଜନ ହୋଇଥିଲା। ଅଧ୍ୟକ୍ଷା କେ କୁମାରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଋଷି ଦୟାନନ୍ଦ ସରସ୍ୱତୀ ଦେଶକୁ ନବଚେତନା ପ୍ରଦାନ କରିଥିଲେ ବୋଲି କହିଥିଲେ। ଏହି ଉପଲକ୍ଷେ ସ୍କୁଲର ନିର୍ଦ୍ଦେଶକ ଶିବ ପ୍ରସାଦ ପାତ୍ର ମହର୍ଷି ଦୟାନନ୍ଦ ବୈଦିକ କାର୍ଯ୍ୟ ସଭ୍ୟତାର ପୁନରୁଦ୍ଧାରକ ଥିଲେ। ରାଷ୍ଟ୍ର ଉତ୍ଥାନରେ ତାଙ୍କର ଅସୀମିତ ଯୋଗଦାନ ରହିଥିଲା ବୋଲି କହିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ନିହାରିକା ମହାନ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମର ସଞ୍ଚଳନ କରିଥିଲେ ବିଚିତ୍ର ସାହୁ ଓ ମିତାଲିନୀ ସିଂହ ।

# ସମସ୍ତ ଚାଷୀଙ୍କୁ ମିଳିବି କେସିସି

ବଲାଙ୍ଗୀର ଅଫିସ, ୧୮।୨

**କିଷାନ୍ କ୍ରେଡିଟ୍ କାର୍ଡ ସହ ପିଏମ୍-କିଷାନ୍ ହିତାଧିକାରୀଙ୍କ ସମ୍ପୃକ୍ତୀକରଣ**

ଭାରତ ସରକାର ମିଶନ୍ ମୋଡରେ ପିଏମ୍-କିଷାନ୍ ହିତାଧିକାରୀଙ୍କୁ କିଷାନ୍ କ୍ରେଡିଟ୍ କାର୍ଡ (କେସିସି) ଲାଭ ପ୍ରଦାନ କରିବା ପାଇଁ ବିଶେଷ ଅଭିଯାନ ଆରମ୍ଭ କରିଛନ୍ତି। ସ୍ଥାନୀୟ ଡିଆରଡିଏମ୍ ଅଫିସ ସମ୍ମିଳନୀ କକ୍ଷରେ ପିଏମ୍-କିଷାନ୍ କେସିସି ସମ୍ପୃକ୍ତିକରଣ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ହିମାଂଶୁ ଶେଖର ପାତ୍ର, ନାବାର୍ଡ ଡିଡିଏମ୍ ଲକ୍ଷ୍ମଣ ସଏ, ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, ସହକାରୀ ମତ୍ସ୍ୟ ଅଧିକାରୀ ଯୁଧିଷ୍ଠିର ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଗତ ୮ ଫେବୃୟାରୀରୁ ୧୫ ଦିନ ପାଇଁ ବିଶେଷ ଅଭିଯାନଭାବେ ଭାରତ ସରକାର ପିଏମ୍-କିଷାନ୍ ଯୋଜନାରେ କେସିସି ସମ୍ପୃକ୍ତିକରଣ ଅଭିଯାନ ଆରମ୍ଭ କରିଥିବା ସୂଚନା ଦିଆଯାଇଥିଲା । ଆସନ୍ତା ୨୨ ତାରିଖ ସୁଦ୍ଧା ଯେଉଁ ଚାଷୀମାନେ ନିଜ ବ୍ୟାଙ୍କ ଜରିଆରେ ଏହି କେସିସି ସହ ଯୋଡି ହେବେ ସେମାନଙ୍କୁ ସରକାରଙ୍କ ତରଫରୁ ରିହାତି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଏହା ସହିତ ସମସ୍ତ ଚାଷୀ ପିଏମ୍-କିଷାନ୍ ଯୋଜନାର ଲାଭ ଉଠାଇବା ପାଇଁ ଶୀଘ୍ର ନିଜର କେସିସିକୁ ଅପଗ୍ରେଡ କରିବାକୁ ସୂଚନା ଦେଇଥିଲେ । ଚାଷୀଙ୍କ ସହଜ ଋଣ ଯୋଗାଇବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ପିଏମ୍-କିଷାନ୍ ଯୋଜନାରେ ଚାଷୀମାନେ କେସିସି ହିତାଧିକାରୀ ହୋଇ ସରକାରୀ ଋଣ ସୁବିଧା ନେବା ସହ ରିହିତି ସୁବିଧା ନେବାକୁ ଆହ୍ୱାନ କରାଯାଇଥିଲା । ଅଧିକାରୀମାନେ ଏହି ଯୋଜନାର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ । ଏ ପର୍ଯ୍ୟନ୍ତ ଜିଲାର ୨ ଲକ୍ଷ ୨୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେଇଥିବା ସୂଚନା ଦେଇଥିଲେ । ଆଗାମୀ ଦିନରେ ଆହୁରି ୩୦ ହଜାର ଚାଷୀଙ୍କୁ ଏଥିରେ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଲିଡ୍ ବ୍ୟାଙ୍କ ମ୍ୟାନେଜର ପାତ୍ର ଓ ନାବାର୍ଡ ଡିଡିଏମ୍ ସଏ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ଜିଲାର ସମସ୍ତ ଚାଷୀଙ୍କୁ କେସିସି ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ । ଏହି ଯୋଜନା ଗତ ୮ ତାରିଖ ଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ବିଳମ୍ବରେ ଖବରଦାତା ସମ୍ମିଳନୀ କରିଥିବାରୁ ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରି ଏହାଦ୍ୱାରା ଚାଷୀମାନେ ଠିକଣା ସମୟରେ ସୂଚନା ପାଇବାରୁ ବଞ୍ଚିତ ହେଉଥିବା କହିଥିଲେ । ତେବେ ବିଭିନ୍ନ ବ୍ୟାଙ୍କ ତରଫରୁ ଚାଷୀଙ୍କ ଅବଗତି ନିମନ୍ତେ ପୂର୍ବରୁ ସୂଚନା ଦିଆଯାଇଥିବା ଦୁଇ ଅଧିକାରୀ କହିଥିଲେ ।



ପିଏମ୍-କିଷାନ୍ କେସିସି ସମ୍ପୃକ୍ତୀକରଣ ନେଇ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

### ଚାଲାଣ ବେଳେ ଧରାପଡ଼ିଲା ଗୋରୁ ବୋଝେଇ ପିକ୍‌ଅପ୍

ଅମରପାଲି, ୧୮।୨(ଡି.ଏନ.ଏ)

ସକ୍ରିୟ ହେଉଛନ୍ତି ଗୋଚାଲାଣକାରୀ। ବେଫିକର ଭାବେ ଗାଡିରେ ବୋଝେଇ କରି ହେଉଛି ଗୋଚାଲାଣ । ଦୀର୍ଘଦିନ ଧରି ଏପରି ଗୋଚାଲାଣ ହେଉଥିଲେ ମଧ୍ୟ ପୋଲିସ ଧରି ପାରୁ ନ ଥିଲା । ମଙ୍ଗଳବାର ଏଭଳି ଗୋଚାଲାଣ ସମୟରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଚମ୍ପାପୁରଠାରେ ବଜରଙ୍ଗ ଦଳର ସଦସ୍ୟମାନେ ୨ଟି ପିକଅପ୍ ଭ୍ୟାନ ନଂ ଓଡି୧୭ଆର୬୬୯୧ ଓ ଓଡି୧୭-୯୭୫୭କୁ ଧରିଛନ୍ତି। ସେଥିରେ ୫ଟି ଗାଈ ଓ ୩ଟି ବଳଦ ବେଆଇନ ଭାବେ ଚାଲାଣ ହେଉଥିଲା। ଏହା ସହିତ ୪ ଗୋଚାଲାଣକାରୀଙ୍କୁ ମଧ୍ୟ ଧରି ପୋଲିସରେ ସେମାନେ ଜିମା ଦେଇଛନ୍ତି ।

ସୂଚନା ଅନୁସାରେ ଏସ. ରାମପୁର ବଜାରରୁ ବାଗବରକୁ ଉକ୍ତ ଭ୍ୟାନରେ ଗୋରୁ ବୋଝେଇ କରି ଅଣାଯାଉଥିଲା। ପୂର୍ବରୁ ମୁର୍ଷୁଣ୍ଡୀ ପଞ୍ଚାୟତର ବଙ୍କିଆଠାରେ ଗୋରୁଙ୍କୁ ଏକାଠି କରି କଣ୍ଟେନର ସାହାଯ୍ୟରେ ବାହାରକୁ ପ୍ରତ୍ୟହ ଚାଲାଣ କରାଯାଉଥିଲା। ଏବେ ଗୋଚାଲାଣକାରୀ ବିଭିନ୍ନ ଅଞ୍ଚଳରୁ ଛୋଟଛୋଟ ଗାଡିରେ ଗୋରୁଙ୍କୁ ଆଣି ବାଗବରରେ ରଖୁଥାନ୍ତି। ସେଠାରୁ ସେମାନେ ବୀରମହାରାଜପୁର-ରେଢ଼ାଖୋଲ ସୀମାବର୍ତ୍ତୀ ଗରିଆମୁଣ୍ଡା ଅଞ୍ଚଳକୁ ନେଇ ସେଠାରେ ଟ୍ରକ ଓ କଣ୍ଟେନରରେ ବୋଝେଇ କରି ବାହାର ରାଜ୍ୟକୁ ଚାଲାଣ କରିଥାନ୍ତି। ଆଜି ଚମ୍ପାପୁରଠାରେ ଗୋରୁବୋଝେଇ ପିକଅପ୍ ଭ୍ୟାନକୁ ଜବତ ସମୟରେ ବଜରଙ୍ଗ ଦଳର ଶୁଭମ ପ୍ରିତମ ହୋତା, ରାମ ଭୁକ୍ତା, ଅବିନାଶ ଥନାପତି, ସୁବ୍ରତ ପୁରୋହିତ, ଜିତୁ ବଡମାଳ, କିଶୋର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।



ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଅଙ୍ଗନୱାଡି କେନ୍ଦ୍ରର ଉପସ୍ଥାନ ଖାତା ଯାଞ୍ଚ କରୁଛନ୍ତି।

### ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଅଙ୍ଗନୱାଡି କର୍ମୀ ଗିରଫ

ସୋନପୁର/ତରଭା, ୧୮।୨ (ନି.ପ୍ର./ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ତରଭା ବ୍ଲକର ୪ ପଞ୍ଚାୟତ ଗସ୍ତ କରିଥିଲେ। ଏହିକ୍ରମରେ ଜିଲାପାଳ ମଧ୍ୟାହ୍ନ ସାଢେ ୧୨ଟାରେ ହଠାତ୍ ଜରାଜରିଙ୍ଗ ପଞ୍ଚାୟତର ଡିଲେସରା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରର ଶିଶୁମାନେ ଏହି ସମୟରେ ଏସଏନପି ଯୋଜନାରେ ଗରମ ରନ୍ଧା ଖାଦ୍ୟ ଖାଇ ଘରକୁ ଫେରି ସାରିଥିଲେ। ମଙ୍ଗଳବାର ଭାତ ସହିତ ଅଣ୍ଡା ତରକାରୀ ଦିଆଯାଇଥିଲା। ଅଇଁଠା ପ୍ଲେଟ୍ ଗଣିବାରୁ ୨୦ଶିଶୁ ଖାଦ୍ୟ ଖାଇଥିବା ଜଣାପଡିଥିଲା। ତେବେ ଅଙ୍ଗନୱାଡି କର୍ମୀ ନିରୁପମା ବାଗ ଉପସ୍ଥାନ ଖାତାରେ ୨୮ଶିଶୁ ଦର୍ଶାଇଥିଲେ। ଖାତା ଯାଞ୍ଚ ପରେ ଅଧିକାଂଶ ଦିନ ୨୭ରୁ ୨୮ ଶିଶୁଙ୍କ ଉପସ୍ଥାନ ଥିବା ଜଣାପଡିଥିଲା। ଏହି ପ୍ରାକ୍ ବିଦ୍ୟାଳୟରେ ୦ରୁ ୫ ବର୍ଷର ମୋଟ ୨୮ ଶିଶୁ ନାମ ଲେଖାଇଛନ୍ତି। ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ଥିବା ଶିଶୁଙ୍କୁ ଉପସ୍ଥିତ ଥିବା ଉପସ୍ଥାନ ଖାତାରେ ଦର୍ଶାଇ ଥିବାରୁ ଜିଲାପାଳ ବିରକ୍ତ ହୋଇଥିଲେ । ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ତରଭା ବିଡିଓ ନିହାର ରଞ୍ଜନ କହଁର ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ତରଭା ପୋଲିସ ପହଞ୍ଚିଥିଲେ। ଏହି ଘଟଣାରେ ଅଙ୍ଗନୱାଡି କର୍ମୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ଜିଲାପାଳ ବାନାର୍ଜୀ ତରଭା ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଅପରାହ୍ନରେ ତରଭା ବ୍ଲକ ଅଫିସରେ ଜିଲାପାଳ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଥିବା ସମୟରେ କେତେକ ଅଙ୍ଗନୱାଡି କର୍ମୀ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଅଙ୍ଗନୱାଡି କର୍ମୀ ବାଗ୍‌ଙ୍କୁ ଏଥର କ୍ଷମା କରିଦେବା ପାଇଁ ସେମାନେ ଅନୁରୋଧ କରିଥିଲେ। ସନ୍ଧ୍ୟାରେ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ ନେଇ ସିଡିପିଓ ସବିତା ଦୋରା ତରଭା ଥାନାରେ କର୍ମୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ଅଙ୍ଗନୱାଡି କର୍ମୀଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଜିଲାର ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ୩ ବର୍ଷର ବାଳିକାକୁ ମିଳିଲା ୫୫ବର୍ଷ ବ୍ୟକ୍ତିଙ୍କ ରିପୋର୍ଟ

ବଲାଙ୍ଗୀର ଅଫିସ, ୧୮।୨

- ବଦଳିଗଲା ପାଥୋଲଜି ରିପୋର୍ଟ
- ଭୀମ ଭୋଇ ମେଡିକାଲ କଲେଜକୁ ବିବାଦ ପିଛା ଛାଡୁନାହିଁ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ବିବାଦ ପିଛା ଛାଡୁ ନାହିଁ । କିଛିବର୍ଷ ତଳେ ଶିଶୁ ବଦଳ ଘଟଣାକୁ ନେଇ ହସ୍ପିଟାଲରେ ନାହିଁ ନ ଥିବା ପରିସ୍ଥିତ ସୃଷ୍ଟି ହୋଇଥିଲା । ମଙ୍ଗଳବାର ପାଥୋଲଜି ରିପୋର୍ଟ ବଦଳ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ବଲାଙ୍ଗୀର ଟିମିନିଭାଟିପଡାର ସଂକୀର୍ତ୍ତନ ବେହେରାଙ୍କ ଝିଅ ଅନୁଷ୍କା(୩)ଙ୍କୁ ଜ୍ୱର ହେବାରୁ ଭୀମଭୋଇ ମେଡିକାଲ ହସ୍ପିଟାଲ ଯାଇ ଡାକ୍ତରଙ୍କୁ ପରାମର୍ଶ କରିଥିଲେ । ଝିଅର ଜ୍ୱର ଦେଖି ଡାକ୍ତର ରକ୍ତ, ମଳମୂତ୍ର ପରୀକ୍ଷା କରିବାକୁ କହିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ହସ୍ପିଟାଲର କେନ୍ଦ୍ରୀୟ ପରୀକ୍ଷାଗାରର ନିଦାନ କେନ୍ଦ୍ରରେ ଅନୁଷ୍କାଙ୍କ ରକ୍ତ, ମୂତ୍ର ପରୀକ୍ଷା ପାଇଁ ଦେଇଥିଲେ । ପରୀକ୍ଷା ପରେ ସେଠାରୁ ପରୀକ୍ଷା ରିପୋର୍ଟ ସଂଗ୍ରହ କରି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ପ୍ରେସକ୍ରିପସନ ଅନୁଯାୟୀ ଔଷଧ ନେଇ ସଂକୀର୍ତ୍ତନ ଘରକୁ ଫେରିଥିଲେ । ତେବେ ଘରେ ରକ୍ତ ଓ ମୂତ୍ର ପରୀକ୍ଷା ରିପୋର୍ଟ ଦେଖିବା ପରେ ଏହା ବାଲେଶ୍ୱର ଶବର(୫୫)ଙ୍କ ରିପୋର୍ଟ ବୋଲି ଜଣାପଡିଥିଲା। ଉକ୍ତ ରିପୋର୍ଟ ଧରି ପରିବାର ଲୋକେ ହସ୍ପିଟାଲର ନିଦାନ କେନ୍ଦ୍ରକୁ ଆସି କିଭଳି ପରିସ୍ଥିତିରେ ରିପୋର୍ଟ ବଦଳିଛି ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ୩ବର୍ଷର ଜଣେ ଝିଅଙ୍କ ରିପୋର୍ଟ ନଦେଇ ୫୫ ବର୍ଷର ଜଣେ ବ୍ୟକ୍ତିଙ୍କ ରିପୋର୍ଟ କିଭଳି ପ୍ରଦାନ କରାଗଲା ବୋଲି ହସ୍ପିଟାଲ ପାଥୋଲଜି ବିଭାଗ ମୁଖ୍ୟ ଡା ମନୋଜ ପାତ୍ରଙ୍କୁ ପ୍ରଶ୍ନ କରିଥିଲେ । ତେବେ ଅଭିଯୋଗର ତଦନ୍ତ କରାଯିବା ପରେ ଅନୁଷ୍କା ପାତ୍ରଙ୍କ ରିପୋର୍ଟ ୧୨୧ ନମ୍ବର ଥିବାବେଳେ ତାଙ୍କୁ ଭୁଲକ୍ରମେ ୧୨୫ ନମ୍ବର ରିପୋର୍ଟ ପ୍ରଦାନ କରାଯାଇଥିବା ଜଣାପଡିଥିଲା । କିଭଳି ପରିସ୍ଥିତିରେ ଏଭଳି ଭୁଲ ହେଲା ତାହାକୁ ନେଇ ତଦନ୍ତ କରାଯିବାକୁ ଲୋକେ ଦାବି କରିଥିଲେ । ବଲାଙ୍ଗୀର ହସ୍ପିଟାଲରେ ଲୋକଙ୍କ ଜୀବନ ସହ ଖେଳ ଖେଳାଯାଉଥିବା ଲୋକେ ଅଭିଯୋଗ କରିଥିଲେ । ଏ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପାଥୋଲଜି ବିଭାଗ ମୁଖ୍ୟ ଡା ପାତ୍ରଙ୍କୁ ପଚାରିବାରୁ ଭୁଲ କ୍ରମେ ଅନୁଷ୍କାଙ୍କୁ ଆଉ ଜଣେ ବ୍ୟକ୍ତିଙ୍କ ରିପୋର୍ଟ ଦିଆଯାଇଥିଲା । ପାଥୋଲଜି ବିଭାଗରେ ଭିଡ ପାଇଁ ଏଭଳି ପରିସ୍ଥିତି ହୋଇଥିବା ସେ କହିଛନ୍ତି । ତେବେ ପରୀକ୍ଷାରେ କୌଣସି ଭୁଲ ହୋଇନାହିଁ ବୋଲି ସେ କହିଥିଲେ। ବଲାଙ୍ଗୀର ହସ୍ପିଟାଲରେ ଏଭଳି ଦାୟିତ୍ୱହୀନତାକୁ ନେଇ ତଦନ୍ତ କରାଯିବାକୁ ଦାବି ହେଉଛି ।

# ଟଁଙ୍କା ପଏସା ଅଭାବୁ ଅଟ୍‌କିଛେ ଚିକିଛା

ଲୋଇସିଂହା,୧୮।୨ (ଡି.ଏନ୍.ଏ.)



ସଞ୍ଜୟ ବାଗ।

**ଗ୍ଲୁକୋମା ରୋଗ୍‌ରେ ପୀଡ଼ିତ ସଞ୍ଜୟ**

- କାଲ୍ ହେଲା ଉଷୋ କମ୍ପାନୀରେ କାମ୍ କରବାର
- ସରକାରୀ ଚିକିଛା ସାହାଯ୍ ଆଶ୍‌ରେ ସଞ୍ଜୟ୍
- ଭତା ଆର ୨୦ କେ.ଜି. ଚାଉଲ ମା'ପୁଓର ସାହାଭରସା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ଦୁମଦୁମି ଗାଁର ସଞ୍ଜୟ ବାଗ(୩୩)। ସେ ଅନେକ୍ ଦିନ ହେଲା ଗ୍ଲୁକୋମା ରୋଗ୍‌ରେ ପୀଡ଼ିତ ଅଛନ୍। ରୋଗ୍ ପରଭାବରେ ଦୁଇ ଆଏଁଖିକେ ଠିକ୍‌ସେ ଦେଖା ନାଇଁଯିବାର। ଅପରେଶନ କଲେ ଠିକ୍ ହେଇଯିବା। ହେଲେ ଟଁକା ପଏସା ଅଭାବୁ ସେ ଅପରେଶନ କରେଇ ନାଇଁ ପାରବାର।

ସୂଚନା ଅନ୍‌ସାରେ କୁଟେପପାଲି ପଁଚେତ୍ ଦୁମଦୁମି ଗାଁ ହରିଜନ ପଡ଼ାର ସଞ୍ଜୟ ବାଗ(୩୩)। ପରିବାର କହେଲେ ବୁଢ଼ୀ ମା', ମାଏକିନା ଆର ଦୁଇ ପୁଓ କାହ୍ନା, ବବଲୁକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍। ସଞ୍ଜୟ ପେଟ୍‌ପାଟନାର ଲାଗି ୨୦୦୯ ସାଲେ ହାଇଦ୍ରାବାଦ ଯାଇ ସେଠାନେ ଗୁଟେ ଉଷୋ କମ୍ପାନୀରେ କାମ୍ କରୁଥିଲେ। କମ୍ପାନୀରେ ପାଖାପାଖି ୬ ମାସ କାମ୍‌କଲା ଭିତରେ ଉଷୋକଷା ତିଆରିରୁ ବାହାରୁଥିବାର ଗ୍ୟାସର ଝାସ୍ ବାଜି ତାକର ଆଏଁଖି ପରଭାବିତ ହେଇଥିଲା। ଦିନାକେତେ ଉତାରୁ ସଞ୍ଜୟକଁର ଆଏଁଖିରୁ ପାଏନ୍ ଝରବାର ଆରମ୍ ହେଇଥିଲା। ସେଠାନେ ଚିକିଛା କଲାରୁ ଉଷୋକଷାର ଗ୍ୟାସ ପରଭାବରେ ଏନ୍‌ତା ହେଇଛେ ବଲି ଡାକ୍‌ତର କହିଥିଲେ। ଇ ସମିଆରେ ସଞ୍ଜୟ ଗାଁକେ ଫିରିଆସିଥିଲେ। ହେଲେ ମାସକେତେ ଉତାରୁ ବି ଆଏଁଖିରୁ ପାଏନ୍ ଝରବାର ବଁଦ୍ ନାଇଁ ହେଲା। ଦିନୁଦିନ୍‌କେ ରାଏତ୍‌ବେଲା ତାହାକୁ କିଛି ନାଇଁ ଦିଶ୍‌ଲା। ଡାକ୍‌ତର ଦେଖେଇ ପରୀକ୍ଷା କଲାରୁ ସେ ଗ୍ଲୁକୋମା ରୋଗ୍‌ରେ ପୀଡ଼ିତ ଥିବାର ଜାନବାକେ ପାଇଥିଲେ। ଅପରେଶନ କଲେ ଠିକ୍ ହେଇଯିବା ବଲି ଡାକ୍‌ତର ପରାମଶ ଦେଇଥିଲେ। ହେଲେ ଟଁକା ପଏସା ଅଭାବୁ ଚିକିଛା ନାଇଁ କରେଇପାରି କରି ଘରେ ପଡ଼ି ରହିଛନ୍। ଆଏଜ୍‌କେ ପାଖାପାଖି ୫ ବଛର ହେଲା ସଞ୍ଜୟକୁଁ ଦିନ୍‌ବେଲା ବି ଠିକ୍‌ସେ ନାଇଁ ଦିଶ୍‌ବାର। ଏନ୍‌ତାଥି ସେ କିଛି କାମ୍‌ବୁତା କରି ନାଇଁପାରବାର। ସଞ୍ଜୟକଁର ବାପ୍ ଗଦନ ଥିଲାବେଲେ ସେ କୁଲିମଜୁରି କରି ୬ ପରାନୀ କୁଟୁମ ପୁଷୁଥିଲେ। ହେଲେ ୨ ବଛର ତଲେ ସେ ଆରପାରକେ ଚାଲିଯାଇଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ସଞ୍ଜୟକଁର ମାଏକିନା ବି ଛୁଆପିଲାକୁ ଧରି ନିଜର ବାପ୍‌ଘରେ ରହୁଛନ୍। ଏନ୍‌ତାଥି ମା'ପୁଓ ମାସିକ ପାଉଥିବାର ଭତା ଆର ୨୦ କେ.ଜି. ପିଡିଏସ୍ ଚାଉଲରେ ଦିନ୍ ବିତଉଥିବାର ସଞ୍ଜୟ କହିଛନ୍। ଏନ୍‌ତା ପରିସ୍ଥିତିରେ ସଞ୍ଜୟ ଆଁଖିର ଚିକିଛା କରେଇ ନାଇଁପାରବାର। ଇ ବାବ୍‌ଦେ ଥାନୀଅ ବିଏସ୍‌ଏସ୍‌ଓ ଜାନିଥିଲେ ବି ସରକାରୀ ସାହାଯ୍ ତ ଦୂରର କଥା ଆଏଜ୍‌ତକ ମୋତେ ଆଶାବାଡ଼ି ଖଁଡ଼େ ନାଇଁ ଦେଇ ବଲି ସଞ୍ଜୟ ଅଭିଯୋଗ କରିଛନ୍। ଉପେ ଶୁଇନ୍ ସଞ୍ଜୟ ଗଣମାଧ୍ୟମ ଜରିଆରେ ଚିକିଛା ସାହାଯ୍ ଲାଗି ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ମତାମତ ଲାଗି ବିଏସ୍‌ଏସ୍‌ଓଙ୍କୁଁ ତାକର ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ କଲ୍ ରିସିଭ୍ ନାଇଁ କଲାରୁ ତାକର ମତାମତ ନାଇଁ ମିଳିପାରି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଗାଁରେ ପହଞ୍ଚିଲା ନାବାଳକ ଦାଦନ ଶ୍ରମିକଙ୍କ ମୃତଦେହ

**ସିନାପାଲି,୧୮।୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଝାରବନ୍ଧ ଗ୍ରାମପଞ୍ଚାୟତ ମାଲପଡାର ନାବାଳାକ ଦାଦନ ଶ୍ରମିକ ଡିଜେନ୍ଦ୍ର ମାଝି ଗତ ଶନିବାର ଗୁଜୁରାଟରେ ମୃତ୍ୟୁବରଣ କରିଥିବା ବେଳେ ମଙ୍ଗଳବାର ଗାଁରେ ମୃତଦେହ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଡିଜେନ୍ଦ୍ର ସ୍ଥାନୀୟ ଦାଦନ ସର୍ଦ୍ଦାରଙ୍କଠାରୁ ଅଗ୍ରୀମ ନେଇ ପଡ଼ୋଶୀ ସମ୍ପର୍କୀୟମାନଙ୍କ ସହିତ ଦାଦନ ଖଟିବା ପାଇଁ ୬ ମାସ ପୂର୍ବେ ଗୁଜୁରାଟକୁ ଯାଇଥିଲେ। ସେଠାରେ ଏକ ଗୃହନିର୍ମାଣ କମ୍ପାନୀରେ ଦିନ ମଜୁରିଆ ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। କାମ କରୁଥିବା ବେଳେ ମିକ୍ସର ମେଶିନ୍‌ରେ ତାର ଦୁଇହାତ କଟିଯିବା ଫଳରେ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ସେଠାରେ ସମ୍ପର୍କୀୟମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରକ୍ତସ୍ରାବ ନ କମିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ତାଙ୍କ ସମ୍ପର୍କୀୟମାନେ ଗାଁକୁ ନେଇ ଆସିଛନ୍ତି। ମୃତକଙ୍କ ପରିବାର ଏକ ବିପିଏଲ୍ କାର୍ଡଧାରୀ ଗରିବ ପରିବାର ହୋଇଥିବା ବେଳେ ମୃତକ ଡିଜେନ୍ଦ୍ର ଦୁଇ ପଇସା ରୋଜଗାର କରି ପରିବାର ପୋଷଣରେ ସହଯୋଗ କରୁଥିଲେ। ବର୍ତ୍ତମାନ ଡିଜେନ୍ଦ୍ରଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇ ପଡିଥିବା ବେଳେ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଦାବି ହେଉଛି।

### ସିନାପାଲି ବ୍ଲକ: ୮ କେନ୍ଦ୍ରରେ ୧୫୮୨ ଛାତ୍ରୀଛାତ୍ର

**ଆଜିଠୁ ମାଟ୍ରିକ୍ ପରୀକ୍ଷା**

**ସିନାପାଲ,୧୮।୨(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଅଧୀନରେ ୮ଟି ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୧୫୮୨ ଜଣ ଛାତ୍ରୀଛାତ୍ର ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଦେବେ। ପ୍ରାପ୍ତ ଖବର ଅନୁସାରେ ସିନାପାଲି ନୋଡେଲ କେନ୍ଦ୍ରରେ ୩୨୦ ଜଣ, ନିଲଜୀ କେନ୍ଦ୍ରରେ ୨୦୬ ଜଣ, ସିଙ୍ଘର କେନ୍ଦ୍ରରେ ୧୫୬ ଜଣ, ହାତୀବନ୍ଧା କେନ୍ଦ୍ରରେ ୧୫୪ ଜଣ, ଗୋଡାଲ କେନ୍ଦ୍ର ୧୭୯ ଜଣ, ଗଣ୍ଡାବାହାଲି କେନ୍ଦ୍ର ୧୭୩ ଜଣ, ଟିମନପୁର କେନ୍ଦ୍ର ୧୯୨ ଜଣ, ଘୁଚାଗୁଡାରେ ୨୦୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ଜଣାପଡିଛି। ଚଳିତବର୍ଷ ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସିନାପାଲି ବ୍ଲକ୍ ଅନ୍ତର୍ଗତ ଘୁଚାଗୁଡା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଅନ୍ୟ କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ନ ଥିବା ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସିନାପାଲି ନୋଡାଲ କେନ୍ଦ୍ରରେ ସମସ୍ତ ପରୀକ୍ଷା କେନ୍ଦ୍ରର ପରୀକ୍ଷା ଖାତା ଏବଂ ପ୍ରଶ୍ନପତ୍ର ପହଞ୍ଚ ଥିବା ବେଳେ ବିଭାଗ ପକ୍ଷରୁ ଏଠାରେ ୨୪ ଘଣ୍ଟା ପୋଲିସ ମୁତୟନ କରାଯାଇଥିବା ନୋଡାଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଲଳିତ କୁମାର ସୁନାରୀ ପ୍ରକାଶ କରିଛନ୍ତି ।

# ଟୋକନ ବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୁଷ୍ଟ

କୋମନା,୧୮।୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ଗ୍ରାମପଞ୍ଚାୟତସ୍ଥିତ ଉଦ୍ୟାନବନ୍ଧ ମଣ୍ଡିରେ ୧୦ ଦିନରୁ ଅଧିକ ହେବ ୨ ହଜାର ପକେଟ ଧାନ ପଡି ରହିଛି। ଏ ନେଇ ବିଶେଷ କରି ଘୋଟସର ଗ୍ରାମ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଚଳିତବର୍ଷ ସରକାର ଧାନ କ୍ରୟ କରିବାରେ ସ୍ୱଚ୍ଛତା ଆଣିବା ପାଇଁ ଟୋକନ ବ୍ୟବସ୍ଥା ଲାଗୁ କଲେ। ଏହା ଚାଷୀଙ୍କ ସହାୟକ ନ ହୋଇ

**ଉଦ୍ୟାନବନ୍ଧ ମଣ୍ଡି**

**■ମଣ୍ଡିରେ ପଡ଼ିରହିଛି ୨ ହଜାର ଧାନବସ୍ତା**

ବ୍ୟବସାୟୀଙ୍କ ସହାୟକ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମଣ୍ଡି ପରିଚାଳନା ମିଆଦ ଶେଷ ହେଲେ ସୁଦ୍ଧା ଏଯାଏଁ ବହୁ ଚାଷୀଙ୍କ ନିକଟରେ ଟୋକନ ପହଞ୍ଚ ପାରିନାହିଁ। ଫଳରେ ଚାଷୀମାନେ ନିଜ ଧାନ ବିକ୍ରି କରି ନ ପାରି ହତାଶ ହୋଇ ବସିଛନ୍ତି। ଜିଲା ପ୍ରଶାସନ ଖରିଫ ଋତୁ ଚାଷରେ ଏହି ଉଦ୍ୟାନବନ୍ଧ ମଣ୍ଡିକୁ ସ୍ଥାନୀୟ ମା' ବଇସ୍ନୋଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ କୁରେଶ୍ୱର ପରିଚାଳନା ଦାୟିତ୍ୱ ନେଇ ଧାନ କିଣୁଥିବା ବେଳେ ଗୋଷ୍ଠୀକୁ ଦିନକୁ ୧ ହଜାର କୁଇଣ୍ଟାଲ ଧାନ କଣିବା ଅନୁମତି ମିଳିଥିଲା। ଧାର୍ଯ୍ୟ ନିୟମ ଅନୁସାରେ ସହାୟକ ଗୋଷ୍ଠୀ ଧାନ କ୍ରୟ କରିଥିବା ବେଳେ ଚଳିତବର୍ଷ ଅନୁକୁଳ ପାଗ ଓ ଲଘୁଚାପ ଜନିତ ବର୍ଷାଯୋଗୁ କିଛିମାତ୍ରାରେ ଧାନ କିଣାରେ ବାଧାପ୍ରାପ୍ତ ହୋଇଥିଲା। ଏହା ବ୍ୟତିତ ଟୋକନ ଉଭାନ ଯୋଗୁ ବହୁ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ। ବର୍ତ୍ତମାନ ଚାଷୀମାନେ ବାରମ୍ବାର ଏ ନେଇ ଜିଲା ପ୍ରଶାସନ ତଥା ଜିଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ପ୍ରାୟତଃ ଅଧିକାରୀମାନଙ୍କ ଫୋନ୍ ବନ୍ଦ ରହୁଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ୨ରୁ ୩ ଦିନ ମଧ୍ୟରେ ଧାନ କିଣା ନ ଗଲେ ଚାଷୀମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

**ସେମାନେ ଯାହା କୁହନ୍ତି ...**



" ପ୍ରଶାସନର ଏଭଳି ଉଦାସୀନତା ଯୋଗୁ ଚାଷୀମାନେ କମ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ଏହି ମଣ୍ଡିରେ ପଡି ରହିଥିବା ୨ ହଜାର ପ୍ୟାକେଟ ଧାନକୁ ତୁରନ୍ତ କିଣିବାକୁ ଜିଲା ପ୍ରଶାସନ ଦୃଷ୍ଟି ଦିଅନ୍ତୁ। କମ ଦିନ ମଧ୍ୟରେ ଧାନ କିଣା ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ।

**-ଚନ୍ଦନ କୁମାର ଠାକୁର, ସାମାଜିକ କର୍ମୀ।**



" ଏହି ଧାନ ମଣ୍ଡି ଆରମ୍ଭ ହେବା ଦିନରୁ ଏହିଭଳି ସମସ୍ୟା ଦେଖାଦେଇଛି। ପୂର୍ବବର୍ଷ ବିନା ଟୋକନରେ ଧାନ କିଣା ଠିକ ଭାବେ ଚାଲିଥିଲା। ହେଲେ ସରକାର ଚଳିତବର୍ଷ କରିଥିବା ଏହି ଟୋକନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ଅତି କମ ଦିନ ଭିତରେ ପଡି ରହିଥିବା ଧାନକୁ ପ୍ରଶାସନ ନ ନେଲେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିବୁ।

**-କ୍ଷେତ୍ର ପ୍ରଧାନ, ଚାଷୀ।**



" ୭ ଦିନ ହେବ ମଣ୍ଡିକୁ ଧାନ ଆଣିଛି, ହେଲେ ଧାନ ବିକ୍ରି ହୋଇ ପାରୁନି। ଧାନ ବିକ୍ରି ହେଲେ ପିଲାଛୁଆଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ସହ ଧାନକଟା ସମୟରେ ଲାଗିଥିବା ଶ୍ରମିକମାନଙ୍କ ପାଉଣା ଦିଆଯିବ। ସରକାର ଚାଷୀଙ୍କୁ ଉଚିତ ଦର ଦେବା କଥା କହୁଛନ୍ତି। ହେଲେ ସରକାରୀ ବ୍ୟବସ୍ଥା ଫେଲ ମାରିଛି।

**-ମନୋଜ କୁମାର ହଂସ, ଚାଷୀ।**



" ମୁଁ ଋଣ ନେଇ ଚାଷ କରିଛି। ଧାନ ବିକ୍ରି ହେଲେ ଋଣ ପରିଶୋଧ କରିବି ବୋଲି ଭାବିଛି। କିନ୍ତୁ ଏଯାଏଁ ମୋର ଟୋକନ ଆସି ପାରିନି। ୧୦ ଦିନ ହେବ ମଣ୍ଡିକୁ ଧାନ ଆଣି ଜଗି ଖର୍ଚ୍ଚାନ୍ତ ହେଉଛି।

**-ଜିତାନନ୍ଦ ନିଆଁଲ, ଚାଷୀ।**



ତହସିଲଦାର ବୃଦ୍ଧାଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।

## ହିତାଧିକାରୀଙ୍କୁ ପଟ୍ଟା ଦେଲା ପ୍ରଶାସନ

ନୂଆପଡା ଅଫିସ/ଖଡିଆଳ, ୧୮।୨(ଡି.ଏନ.ଏ.)

**ଆଦିବାସୀ ମହିଳାଙ୍କ ଜମି ହଡ଼ପ ମାମଲା**

ନୂଆପଡା ଜିଲା ଖଡିଆଳ ତହସିଲ ଅନ୍ତର୍ଗତ ରୋହେନପଦର ଜଣେ ବୃଦ୍ଧା ଆଦିବାସୀ ମହିଳାଙ୍କ ନାଁରେ ଜାଲିଆତି କରି ଜମିକୁ କେତେକ ଲାଭଖୋର ବ୍ୟକ୍ତିବିଶେଷ ଜମି ହଡପ କରିଥିବା ଅଭିଯୋଗ ହୋଇଥିଲା। ଏହାର ସରଜମିନ ବିଚାର କରି ସୋମବାର ପ୍ରଶାସନ ସମ୍ପୃକ୍ତ ବୃଦ୍ଧାଙ୍କୁ ଜମି ପଟ୍ଟା ପ୍ରଦାନ କରିଛି। ବୃଦ୍ଧା ଜଣକ ହେଲେ ଧନମତି ମାଝି। ସୂଚନାଯୋଗ୍ୟ ଯେ, ଧନମତୀଙ୍କ ନାଁରେ ଥିବା ଜମିକୁ ମିଥ୍ୟାକାଗଜାତ ଦାଖଲ କରି ଅନ୍ୟଜଣେ ହଡପ କରିଥିବା ଜଣାପଡିବା ପରେ ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ ଖଡିଆଳ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତବର୍ଷ ଅକ୍ଟୋବର ୧୪ ତରିଖରେ ଧାରଣା ଦିଆଯାଇଥିଲା। ୭ ଦିନ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ କର୍ମକର୍ତ୍ତା ଅନଶନରେ ବସିଥିଲେ। ସେତେବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଥିରେ ସଂଶ୍ଳିଷ୍ଟ ଜଣେ ମାଲିକଙ୍କୁ ପୋଲିସ ମାମଲା ରୁଜୁ କରି ଗିରଫ କରିଥିଲା। ହେଲେ ଦୀର୍ଘ ଦିନ ପରେ ପ୍ରଶାସନ ବୃଦ୍ଧାଙ୍କୁ ଜମିର ପଟ୍ଟା ପ୍ରଦାନ କରିବାରେ ସଫଳ ହୋଇଛି। ଶେଷରେ ହିତାଧିକାରୀଙ୍କୁ ୨ ଏକର ୧୪ ଡେସିମିଲର ପଟ୍ଟା ମିଳିଛି। ପଟ୍ଟା ପ୍ରଦାନ ବେଳେ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କ ସମେତ ଆମ ଆଦମୀ ପାର୍ଟିର ଜିଲା ସଭାପତି ରଙ୍ଗାଧର ମାଝି, ହିରେଶ ପାଣ୍ଡେ, ସାମାଜିକ କର୍ମୀ ପ୍ରେମାନନ୍ଦ ମାଝି, ବିବେକ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଆପର ରାଜ୍ୟ ସମ୍ପାଦକ ଅଂଶୁମାନ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

## ମା' ଇନ୍ଦ୍ରାଦୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା

କୋମନା,୧୮।୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଦେଓଦରା ଗାଁରେ ମା' ଇନ୍ଦ୍ରାଦୀ ଦେବୀଙ୍କ ଏକ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ଦୁଇଦିନ ଧରି ଚାଲିଥିବା ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ଗାଁରୁ ଦେବଦେବୀମାନେ ପହଞ୍ଚ ଥିବା ବେଳେ ଭେଲା ଗାଁରୁ ବୁଢାରଜା ଦେବତା, କିରେକେଲା ଗାଁରୁ ସମଲେଶ୍ୱରୀ, ସୁନାବେଡା ଗାଁରୁ ସୁନାଦେଇ ଓ ରୁପାଦେଇ, ସିନ୍ଦ୍ରାଦେଇ, କୋଟ ଗାଁରୁ ଦୁଆରସନି ଦେବୀ, ରଜନା ଗାଁରୁ ସୋମନାଥ ଦେବୀ, ପରସରା ଗାଁରୁ ବୁଢାଦେଓ ପ୍ରମୁଖ ସହର ପରିକ୍ରମାରେ ପ୍ରତିଷ୍ଠାସ୍ଥଳରେ ପହଞ୍ଚ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ସମୟରେ ଶ୍ରଦ୍ଧାଳୁ ଇନ୍ଦ୍ରାଦୀ ଦେବୀଙ୍କୁ ବୋଦା ବଳୀ ଦେଇ ନିଜ ମନସ୍କାମନା ରଖିଥିଲେ। ଏଥିପାଇଁ ଦୁଇଦିନ ଧରି ଦେଓଦରା ଗାଁ ସମେତ ଆଖପାଖ ଗାଁଗୁଡିକ ଉତ୍ସବ ମୁଖର ହୋଇ ଉଠିଥିଲା। ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜକ କମିଟି ସଭାପତି ମୁରଲି ଭୋଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ର, ବ୍ଲକ ଅଧ୍ୟକ୍ଷା ପ୍ରମିଳା ପ୍ରଧାନ, ପୂର୍ବତନ ସରପଞ୍ଚ ସାନ ମହାନନ୍ଦ, ଭଜ ମାଝି, ସାମାଜିକ କର୍ମୀ ନଟ ଆଡବଙ୍ଗ ଓ ହେମନ୍ତ କର, ଆଇନଜୀବୀ ପ୍ରଦୀପ ସାହୁ ଓ ଯୁବନେତା କାର୍ତ୍ତିକ ଦୀପ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅଧ୍ୟକ୍ଷ ମିଶ୍ର ଝାଙ୍କର ଓ ପୂଝାରୀମାନଙ୍କୁ ନୂଆ ଧୋତି ଓ ନଡିଆ ଦେଇ ସମ୍ମାନିତ କରିଥିଲେ। ଆୟୋଜକ କମିଟି ସଦସ୍ୟ ମହାଦେବ ଦୀପ, ମହେନ୍ଦ୍ର ଦୀପ, ଚିତମନ ଚିନ୍ଧା, ଜୟନ୍ତ ବାଗ, ଦିଲୀପ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟଅତିଥି ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

## ମାଟ୍ରିକ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ବୈଠକ

**ବୋଡେନ,୧୮।୨(ଡି.ଏନ.ଏ.):**

ନୂଆପଡା ଜିଲା ବୋଡେନ ବ୍ଲକରେ ମାଟ୍ରିକ ପରୀକ୍ଷା ପରିଚାଳନା ନେଇ ବୋଡେନ ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୮ଟି ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଡେନ ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ, ଏବିଓ ମକୁନ୍ଦ ମେହେର, ଏବିଓ ରମଣ ଯୋଶି ପ୍ରମୁଖ ଉପସ୍ଥିତ ଥିଲେ। ବୋଡେନ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ୨୦ଟି ହାଇସ୍କୁଲ ୧୫୬୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବୋଡେନ ବ୍ଲକରେ ବୋଡେନ ଏସଏସଡି ହାଇସ୍କୁଲ, କେରାପଦର ଦ୍ୱାରଶନୀ ହାଇସ୍କୁଲ, ଜନଶକ୍ତି ହାଇସ୍କୁଲ ଖଇରା, ବସ୍ତ୍ରାୟନୀ ହାଇସ୍କୁଲ ଡମଝର, କରଙ୍ଗାମାଳ ହାଇସ୍କୁଲ, ଲର୍କା ହାଇସ୍କୁଲ, ମହୁଲପଡା ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ ବୋଇରଗାଁ, ସରକାରୀ ଏସଏସଡି ହାଇସ୍କୁଲ, ବୋଡେନ ସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ସୁପରିଣ୍ଟେଣ୍ଡେଣ୍ଟ ସହିତ ସ୍କ୍ୱାଡର ଦାୟିତ୍ୱ ଦିଆଯାଇଛି। ଗତବର୍ଷ ବୋଡେନ ବ୍ଲକ ସ୍କୁଲରେ ପ୍ରଶ୍ନପତ୍ର ଲିକେଜ ହୋଇଥିବାବେଳେ ଚଳିତବର୍ଷ ପ୍ରଶାସନ ପକ୍ଷରୁ ସିସିଟିଭି ବ୍ୟବସ୍ଥା କରାଯାଇଛି।

## ଚାଷୀଙ୍କ ନୂଆପଡ଼ା-ବରଗଡ଼ ରାସ୍ତା ଅବରୋଧ

ନୂଆପଡା ଅଫିସ,୧୮।୨

ଜିଲା ବ୍ୟାପି ମଣ୍ଡିଗୁଡିକରେ ପଡିଛି ହଜାର ହଜାର ବସ୍ତା ଧାନ। ଏଣେ ଚାଷୀଙ୍କ ଟୋକନ ନାକଚ ହୋଇଥିବାବେଳେ ଶତାଧିକ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳିନାହିଁ। ଏଭଳି ସ୍ଥିତିରେ ମଣ୍ଡିକୁ ପ୍ରଶାସନ ବନ୍ଦ କରିଦେଇଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜିବାକୁ ବସିଛି। ଏହାର ନମୁନା ସ୍ଥାନୀୟ ସାହିପଲା ମଣ୍ଡିରେ ଦେଖିବାକୁ ମିଳିଛି। ଅସନ୍ତୋଷ ଚାଷୀମାନେ ଧାନବସ୍ତା ଆଣି ନୂଆପଡା-ବରଗଡ ବିଜୁ ଏକ୍ସପ୍ରେସକୁ ଅବରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଆସି ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ନୂଆପଡା- ବରଗଡ ଜିଲା ସୀମାନ୍ତରେ ଥିବା ସାହିପଲା ଗ୍ରାମପଞ୍ଚାୟତ ଅଞ୍ଚଳରେ ଅର୍ଦ୍ଧାଧିକ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି। ଏଠାରେ ଉଭୟ ଖରିଫ ଏବଂ ରବି ଚାଷ ହୋଇଥାଏ। ବର୍ତ୍ତମାନ ଖରିଫ ଚାଷ ଅମଳ ପରେ ରବି ଚାଷ ସମୟ ଆସି ପହଞ୍ଚ ଗଲାଣି। ହେଲେ ଚାଷୀ ତାଙ୍କର କଷ୍ଟୋପାର୍ଜିତ ଧାନ ବିକ୍ରି କରିପାରିନାହାନ୍ତି। ଚାଷୀମାନଙ୍କୁ ଆଜିକାଲି କହି ଧାନ ବିକ୍ରି ପାଇଁ ଟୋକନ ମିଳି ପାରୁନାହିଁ । ଯେଉଁମାନଙ୍କୁ ଟୋକନ ମିଳିଛି ତାହା ନାକଚ ହୋଇଯାଇଛି। ଏଣେ ମଣ୍ଡିରେ ଆଜକୁ ୮ ଦିନ ହେବ ୬ ହଜାରରୁ ଊର୍ଦ୍ଧ୍ୱ ବସ୍ତାଧାନ ବିକ୍ରି ନ ହୋଇ ପଡିରହିଛି।



ଆନ୍ଦୋଳନସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ।

**■ଧାନ କିଣା ବନ୍ଦ, ମଣ୍ଡିରେ ପଡିଛି ୬ ହଜାର ବସ୍ତା**

**■ପ୍ରତିଶ୍ରୁତି ପରେ ଉଠିଲେ ଚାଷୀ**

ଏହାକୁ ନେଇ ବାରମ୍ବାର ପ୍ୟାକ୍ସ ଏବଂ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଦୌଡିବା ପରେ ମଧ୍ୟ ସୁଫଳ ନ ମିଳିବାରୁ ଶେଷରେ ମଙ୍ଗଳବାର ସକାଳେ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ଧାନ ନ ଉଠିବା ଯାଏଁ ସେମାନେ ଏଥିରୁ ଉଠିବେ ନାହିଁ ବୋଲି ଅଡିବସିଥିଲେ। ଏଥିରେ ଚାଷୀନେତା ଯଦୁମଣୀ ପାଣିଗ୍ରାହୀ, ଭରତଲାଲ ରାଉତ, ପ୍ରକାଶ ପ୍ରଧାନ, ହନସୁ ସାହୁ, କୌଶିକ ସାହୁ, କମଳ ସାଏ ସାହୁ, କମଳ କୁମାର ମାଝି, କୁମାର ମାଝି, ହରି ପଟେଲ, ଟିକେଲାଲ ମାଝି ପ୍ରମୁଖ ସାମିଲ ଥିଲେ। ଏ ବିଷୟରେ ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ତରଣୀସେନ ନାଏକ, ଅତିରିକ୍ତ ତହସିଲଦାର ଲୋଚନ ଶବର ଧାରଣାସ୍ଥଳରେ ପହଞ୍ଚିଥିଲେ। ବୁଝାସୁଝା କରି ଖୁବ ଶୀଘ୍ର ଏହା ଉପରେ ବିଚାର କରାଯାଇ ଚାଷୀଙ୍କୁ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା। ତେବେ ଧାନ ନ ଉଠିଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚାଷୀମାନେ ଚେତାଇ ଦେଇଛନ୍ତି। ତେବେ ଚାଷୀଙ୍କ ଏହି ସମସ୍ୟା ଉପରେ ପ୍ରଶାସନ ବେଳହୁଁ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜିଲାବ୍ୟାପି ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଉଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଭବାନୀପାଟଣା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା-ଜୁନାଗଡ ଜାତୀୟ ରାଜପଥ ୨୬ର କୁତୃଖମାର ନିକଟରେ ମଙ୍ଗଳବାର ଏକ ମାରୁତି ସୁଇଫ୍ (ନଂ. ଓଡି୦୮ ଡି୧୧୬୬) ଓ ଟିଭିଏସ୍ ସ୍ପୋର୍ଟ ମଟରସାଇକେଲ (ନଂ. ଓଡି୦୮ଏଫ୍-୪୬୪୮) ମୁହାଁମୁହିଁ ଧକ୍କାରେ ଜଣେ ମୃତ୍ୟୁ ଓ ୨ ଜଣ ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ମୃତକ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତା ରୋକୋ କରିଥିଲେ। ପ୍ରକାଶ ଯେ, କାପସରା ଗ୍ରାମରୁ କୁତୃଖମାର ଏକ ମୋଟରସାଇକେଲରେ ସୁରେଶ ବାଗ, ତାଙ୍କ ସ୍ତ୍ରୀ ଉପାସି ଧଙ୍ଗଡାମାଝି ଏବଂ ୨ ମାସର ପୁଅକୁ ଧରି ଫେରୁଥିଲେ। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କୁତୃଖମାର ନିକଟରେ ଏକ କାର ସହ ମୁହାଁମୁହିଁ ଧକ୍କା ହେବା ଫଳରେ ଉପାସି ଧଙ୍ଗଡାମାଝି ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ସୁରେଶ ଓ ୨ ମାସର ପୁଅ ଗୁରୁତର ଆହତ ହୋଇଥିଲେ। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତା ରୋକୋ କରିବା ସହିତ ମୃତକ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ସମୟ ପରେ ସେମାନେ ରାସ୍ତା ରୋକୋରୁ ଓହରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ପରେ ଉପସି ଧଙ୍ଗଡାମାଝିଙ୍କ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଆହତ ସୁରେଶ ବାଗ ଓ ୨ ମାସର ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ପ୍ରଧାନ ଶିକ୍ଷକଙ୍କ ସମେତ ୭ଜଣଙ୍କ ନାଁରେ ମାମଲା

ନୂଆପଡା ଅଫିସ/ସିନାପାଲି, ୧୮।୨ (ଡି.ଏନ.ଏ.)

**ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣା**

ନୂଆପଡା ଜିଲା ସିନାପାଲି ଥାନା ଅଞ୍ଚଳରେ ଅନୁସୂଚିତ ଜନଜାତି କନ୍ୟାଶ୍ରମରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀ ୭ ମାସର ଅନ୍ତଃସତ୍ତ୍ୱା ହେବା ଘଟଣାରେ କିଛିଦିନ ତଳେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଏହିଘଟଣାରେ ସମ୍ପୃକ୍ତ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ସମେତ ୭ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଲେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ (୪୫), ଖେଳ ଶିକ୍ଷକ ସନ୍ତୋଷ ବୈଠାରୁ (୩୮), ଶିକ୍ଷକ ତାରେଶ୍ୱରୀ ସିନ୍ଧୁର (୪୨), ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବି ରାଉତ (୪୭), ଧନେଶ୍ୱର ରାଉତ (୩୯)ଙ୍କ ସମେତ ଆଉ ୨ଜଣ ପିଅନଙ୍କ ନାମରେ ଦଫା ୨୯୪, ୫୦୬, ୧୦୯, ୩୪ରେ ମାମଲା (ନଂ. ୩୭/୨୦) ରୁଜୁ ହୋଇଛି। ଏମାନେ କୁସୁମ ଯୋର ଗାଁର ଅଭିଯୁକ୍ତ ଯୁବକ ଉଗ୍ରସେନ ମାଝିଙ୍କୁ ପ୍ରଲୋଭିତ କରିବା ସହ ଜୀବନରେ ମାରି ଦେବା ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଉଗ୍ରସେନଙ୍କ ବାପା ଅକାଲୁ ମାଝି ଗତ ୬ ତାରିଖରେ ଥାନାରେ ଏ ନେଇ ଏତଲା ଦେଇଥିଲେ। ଦୀର୍ଘ ଦିନ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗୋଁଡ ସମାଜ ପକ୍ଷରୁ ଗତ ୭ ଦିନ ହେବ ହାଇସ୍କୁଲ ସମ୍ମୁଖରେ ଧାରଣା ଦିଆଯାଇଛି। ସୋମବାର ସନ୍ଧ୍ୟାରେ ଉପଜିଲାପାଳଙ୍କ ସମେତ ୬ଜଣ ଅଧିକାରୀ ଧାରଣାସ୍ଥଳକୁ ଯାଇଥିଲେ। ସେଠାରେ ଆନ୍ଦୋଳନକାରୀମାନେ ଦାବି ପୂରଣ ନ ହେବା ଯାଏଁ ଅଧିକାରୀମାନଙ୍କୁ ଛାଡିବେ ନାହିଁ ବୋଲି ଅଟକ ରଖିଥିଲେ। ମାମଲା ରୁଜୁ କରାଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବା ପରେ ରାତି ୯ଟାରେ ଅଧିକାରୀମାନେ ମୁକୁଳିଥିଲେ। ଆନ୍ଦୋଳନକାରୀମାନଙ୍କୁ ଧମକ ଚମକ ଦେଇଥିବା ନେଇ ଅନ୍ୟ ଏକ ଅଭିଯୋଗ ହୋଇଛି। ସେ ଉପରେ ମଧ୍ୟ ପୋଲିସ ତନାଘନା ତଦନ୍ତ ଜାରି ରଖିଛି ।

# ପାନୀୟ ଜଳ, ପରିମଳ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପଞ୍ଚାୟତିରାଜ ପ୍ରତିନିଧି ସମୂହ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ବୃନ୍ଦ।

ନୂଆପଡା ଅଫିସ,୧୮।୨

**■ପଞ୍ଚାୟତିରାଜ ପ୍ରତିନିଧି ଯୋଗଦେଲେ**

**■କଠିନ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ହେବ**

**■ଖରାଦିନ ପାଇଁ ପ୍ରଶାସନର ପ୍ରାକ୍ ପ୍ରସ୍ତୁତି**

ଆଗକୁ ଖରାଦିନ ଆସୁଛି। ଜଳ ସଙ୍କଟ ସମ୍ଭାବନାକୁ ଏଡାଇବା ସହ ଜିଲାବାସୀଙ୍କୁ ପାନୀୟ ଜଳ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପ୍ରାକ୍ ପ୍ରସ୍ତୁତି କରିଛି। ଏ ନେଇ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଜିଲା ପ୍ରଶାସନର ଜଳ ଓ ପରିମଳ ମିଶନ ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ନେଇ ଦିନଯାକ ମାରାଥନ ବୈଠକ ବସିଥିବାବେଳେ ପାନୀୟ ଜଳ ସୁବ୍ୟବସ୍ଥିତ କରିବାକୁ ପରାମର୍ଶ ଏବଂ ତାଲିମ ପ୍ରଦାନ କରାଯାଇଛି। ମିଶନର ନିର୍ବାହୀ ଯନ୍ତ୍ରୀ ବିଭୁପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଏପିଡି ଡିଆରଡିଏ ମଧୁଛନ୍ଦା ସାହୁ, ନୂଆପଡା ବିଡିଓ ସୁବେଦାର ପ୍ରଧାନ, କୋମନା ବିଡିଓ ଶ୍ୟାମଳ ରଏ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ନୂଆପଡା ଏବଂ କୋମନା ବ୍ଲକ ସମସ୍ତ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଏସଇଏମ ସମୂହ ଯୋଗଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଜିଲାବ୍ୟାପି କେତେକ ଜଳକ୍ଳିଷ୍ଟ ଅଞ୍ଚଳ ରହିଛି ସେହି ଅଞ୍ଚଳକୁ ଚିହ୍ନଟ କରିବା ସହ ସେଥିପାଇଁ ଆଗୁଆ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା, ସରକାରଙ୍କ ପକ୍ଷରୁ ବ୍ୟବସ୍ଥିତ ଥିବା ଷ୍ଟେଟ ଫାଇନାନ୍ସ କମିଶନ ଏବଂ ସେଣ୍ଟର ଫାଇନାନ୍ସ କମିଶନର ଅର୍ଥକୁ ପାନୀୟ ଜଳ ପରିଚାଳନା ସକାଶେ କିପରି ବିନିଯୋଗ କରିବେ ସେ ଉପରେ ଅଧିକାରୀମାନେ ମାର୍ଗଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏହା ଏକ ଫ୍ଲୋରାଇଡ ପ୍ରବଣ ଜିଲା ହେତୁ ଏଠାରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସମ୍ଭବ ହେଉନାହିଁ। ଏହା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସରପଞ୍ଚମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଉପରେ ସରକାର ବିଚାର କରି ମେଗା ପ୍ରକଳ୍ପ କାମ କରୁଛନ୍ତି। ଏହା ଆଗାମୀ ୨୦୨୨ ସୁଦ୍ଧା ଶେଷ ହେବ। କେନ୍ଦ୍ର ସରକାର ଜଳ ଜୀବନ ମିଶନ ନାମରେ ଆଉ ଏକ କାର୍ଯ୍ୟକ୍ରମ ହାତକୁ ନେଉଥିବା ସୂଚନା ଦେଇଥିଲେ। ବର୍ତ୍ତମାନ କଠିନ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ସକାଶେ ସରକାର ବିଶେଷ ଗୁରୁତ୍ୱ ଦେଉଥିବାରୁ ଏହା ଉପରେ ପଞ୍ଚାୟତ କର୍ତ୍ତୃପକ୍ଷମାନେ ଯତ୍ନବାନ ହେବାକୁ କୁହାଯାଇଛି। ଏଥିରେ ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଣ କରାଯିବ। ତେବେ ଆଗାମୀ ଖରାଦିନରେ କୌଣସି ଜାଗାରେ ଯେପରି ପାନୀୟ ଜଳର ସଙ୍କଟ ଦେଖା ନ ଦିଏ ସେଥିପ୍ରତି ସମସ୍ତଙ୍କୁ ସଜାଗ ରହିବାକୁ ହେବ ବୋଲି ଜିଲପାଳ ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳ ଓ ପରିମଳ ମିଶନର ଜିଲା ପରାମର୍ଶଦାତା ପ୍ରଭୁଦତ ବାବୁ, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରତୀକ ରାଉତ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।



“ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ୧୮୨ ବିଦେଶୀ ମଦ ବୋତଲ ଜବତ, ୩ ଗିରଫ

**ରାଉରକେଲା ଅଫିସ,୧୮।୨:** ଷ୍ଟିଲ ସିଟି ତଳି ଅଞ୍ଚଳ ବନ୍ଧମୁଣ୍ଡା ଏବଂ ଜଳଦାରେ ବେଆଇନ ଭାବେ ବିଦେଶୀ ମଦ ପ୍ରସ୍ତୁତି ହେଉଥିଲା। ଖବର ପାଇ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ସନ୍ଧ୍ୟାରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ବେଆଇନ ମଦ କାରବାରରେ ସମ୍ପୃକ୍ତ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ସେମାନେ ହେଲେ ସିଭିଲ ଟାଉନଶିପ ଅଞ୍ଚଳର ଦୀପକ ବଡାଇକ, ବୀରମିତ୍ରପୁର ତେଲିପୋଷ ଅଞ୍ଚଳର ଚାରୁ ମିଞ୍ଜ ଏବଂ ସେକ୍ଟର- ୧୯ ଥାନା ଅଧୀନ ଦେବରାଜ ଲାଖୁଆ। ଅବକାରୀ ବିଭାଗ ଅଧିକାରୀମାନେ ଗିରଫ ଯୁବକଙ୍କ ନିକଟରୁ ୩୩. ୨୬୦ ଲିଟର ଅର୍ଥାତ୍ ୧୮୨ଟି ବିଭିନ୍ନ ବ୍ରାଣ୍ଡର ମଦ ବୋତଲ ଜବତ କରିଥିଲେ। ଏପରିକି ଏକ ସ୍କୁଟି (ନଂ.ଓଡି-୧୩ ଏର୍ ୨୬୨) ଜବତ କରାଯାଇଛି। ଚଢାଉରେ ବିଭାଗୀୟ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ପାଢୀ, ପାନପୋଷ ରେଞ୍ଜ ଅଞ୍ଚଳ ଦାୟିତ୍ୱରେ ଥିବା ଶ୍ରୀକାନ୍ତ ଦତ୍ତ, ସବ୍ଇନ୍ସପେକ୍ଟର ଅବନୀ ମହପାତ୍ର, ପ୍ରମୋଦ ଚୌଧୁରୀ, ଅଜିତ ପାତ୍ର, ଏଏସ୍ଆଇ ତନୁକିଶୋର ପାତ୍ର, କିଶୋର ଦାସ, ବାସନ୍ତୀ ବକଲି, ବିଜୟ ଜେନା, ସୁନୀତା କେର୍କେଟା ପ୍ରମୁଖ ସାମିଲ ଥିଲେ।

# ଶିକ୍ଷାନିକେତନର ବାର୍ଷିକ ଉତ୍ସବ: ଶିକ୍ଷାରାଷ୍ଟ୍ର ନିର୍ମାଣର ମୂଳଉତ୍ସ

**ରାଉରକେଲା ଅଫିସ,୧୮।୨:** ମହାନଗର ଅଧୀନ ଦେଓଗାଁସ୍ଥିତ ଶିକ୍ଷା ନିକେତନର ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୋଜିନା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାନେତ୍ରୀ ପ୍ରତିଭା ପତି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗାନ୍ଧୀ ମହାବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ବକ୍ତବ୍ୟରେ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା ଆବଶ୍ୟକ। ଜୀବନର ଉତ୍କର୍ଷକୁ ପ୍ରତିପାଦିତ କରିବାକୁ ହେଲେ ସଂଘର୍ଷ ଜାରି ରଖିବା ଜରୁରୀ। ସମର୍ପଣ ଭାବ ରହିଲେ ପ୍ରତ୍ୟେକ ଶିଶୁ ସଫଳତାର ଶୀର୍ଷରେ ପହଞ୍ଚି ପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁଶୀଳାବତୀ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟାପିକା କାବେରୀ ବାନାର୍ଜୀ, ଡାକ୍ତର ରାହାସ ବିହାରୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ସାମ୍ପ୍ରତିକ ଶିକ୍ଷାନୀତି ଓ ପ୍ରତିଯୋଗିତାକୁ ପ୍ରଶଂସା କରିବା ସହ ଏଥିପ୍ରତି ଛାତ୍ରୀଛାତ୍ର ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ନଦାପ୍ରସାଦ ମହାପାତ୍ର ଯୋଗଦେଇ ଶିକ୍ଷାରେ ନୈତିକ ମୁଲ୍ୟବୋଧ ରହିଲେ ଏହା ସଫଳ ସମାଜ ଗଠନରେ ସହାୟକ ହେବ ବୋଲି କହିଥିଲେ। ଶିକ୍ଷା ହେଉଛି ରାଷ୍ଟ୍ର ନିର୍ମାଣର ମୂଳଉତ୍ସ। ଏନେଇ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉପଯୁକ୍ତ ଭାବେ ଗଢି ତୋଳିବାକୁ କହିଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରମୋଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରଭାସ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। କାର୍ଯ୍ୟକ୍ରମରେ ପ୍ରଶାନ୍ତ ମାଲାକର, ବୀଣା ପଣ୍ଡା, ଆଶା ପଣ୍ଡା, ନିରୁପମା ବେହେରା, ବନିତା ନାୟକ, ଚମ୍ପାଲତା ସେଠୀ, ଦିପ୍ତୀମଞ୍ଜରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଶିକ୍ଷାନିକେତନର ବାର୍ଷିକ ଉତ୍ସବ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଖିଲାପୀ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ଚଢ଼ାଉ

**ରାଉରକେଲା ଅଫିସ,୧୮।୨**

■ ୪୯ ହଜାର ଗ୍ରାହକଙ୍କୁ ନୋଟିସ
■ ୪୫ଟିମ୍ ଅପରେଶନରେ ସାମିଲ

ସୁନ୍ଦରଗଡ ଜିଲାର ୪ଟି ୱେସ୍କୋ ଡିଭିଜନ ଅଞ୍ଚଳରେ ରହିଥିବା ୪ଲକ୍ଷ ୨୫ ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରୁ ୪୯ ହଜାର ଖିଲାପୀ ବିଦ୍ୟୁତ୍ ଉପଭୋକ୍ତଙ୍କୁ ବକେୟା ପ୍ରଦାନ ନେଇ ନୋଟିସ ଜାରି ମଙ୍ଗଳବାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଯେଉଁମାନଙ୍କ ବିଲ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରହିଛି ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ୪୫ଟି ସ୍କ୍ୱାର୍ଡ ଭାଗ ନେଇଛନ୍ତି। ସ୍କ୍ୱାର୍ଡ ଚିଠା ଅନୁସାରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଖିଲାପିଙ୍କ ବିଦ୍ୟୁତ୍ ସଂଯୋଗ କାଟିବା ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ସହରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚଢାଉ କରାଯାଇଥିଲା। ଏନେଇ ଗତ କିଛି ଦିନ ତଳେ ଉପଭୋକ୍ତାଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଯେଉଁମାନେ ଏ ଦିଗରେ ଅବହେଳା କରିଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ଅଚ୍ୟୁତାନନ୍ଦ ମେହେର ସୂଚନା ଦେଇଛନ୍ତି। ଉପଭୋକ୍ତାଙ୍କୁ ବାରମ୍ବାର ତାଗିଦ ଏବଂ ସହଜ କିସ୍ତି ସୁବିଧା ପ୍ରଦାନ ସତ୍ତ୍ୱେ ସଚେତନ ହେଉ ନ ଥିବାରୁ ବିଭାଗ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ୧୦ ହଜାର ବକେୟା ରଖିଥିବା ଉପଭୋକ୍ତାଙ୍କ ଉପରେ ଚଢାଉ କରାଯିବ ବୋଲି ଉଦିତନଗର ଏଜକ୍ୟୁଟିଭ ଇଞ୍ଜିନିୟର ଦେବୀପ୍ରସାଦ ମହାପାତ୍ର କହିଛନ୍ତି।

# ୫୦ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା କାର୍ଡ ବଣ୍ଟନ



ବୈଠକରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

**ଦକ୍ଷିଣ ରାଉରକେଲା ବାରିକ ସମାଜର ବୈଠକ**

**ରଉରକେଲା ଅଫିସ,୧୮। ୨:** ଦକ୍ଷିଣ ରାଉରକେଲା ଅଧୀନ ଫର୍ଟିଲାଇଜର ଟାଉନଶିପ୍ ବାରିକ ସମାଜ ପକ୍ଷରୁ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଟବର ବାରିକ ଅଧ୍ୟକ୍ଷତା କରିଥିଲେ। ସଭାରେ ସନାତନ ବାରିକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିବା ସହ ଜନସାଧାରଣ କିପରି ଏହାର ଫାଇଦା ପାଇପାରିବେ ସେ ନେଇ ଅବଗତ କରାଇଥିଲେ। ଏପରି କି ସଂଗଠିତ ହୋଇ ପ୍ରତ୍ୟକ ସମସ୍ୟାକୁ ମୁକାବିଲା କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶିବଶଙ୍କର ନାୟକ ଯୋଗଦେଇ ଦକ୍ଷିଣ ରାଉରକେଲା ବାରିକ ସମିତି ଅସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ସୁରକ୍ଷା କାର୍ଡ ବଣ୍ଟନ ବ୍ୟବସ୍ଥାକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁରକ୍ଷା କାର୍ଡ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ସେଠୀ ହିତାଧିକାରୀଙ୍କୁ ସୁରକ୍ଷା କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଷୀରୋଦ ପଶାୟତ, ଦୁର୍ଯ୍ୟୋଧନ ବାରିକ, ଜ୍ୟୋତିଷ ବାରିକ, ରମେଶ ବାରିକ ଓ ରଞ୍ଜୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ରେଳବାଇ ସଫେଇ କର୍ମଚାରଙ୍କୁ ଶୋଷଣ



କେନ୍ଦ୍ରୀୟ ଶ୍ରମ କମିଶନଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ହିନ୍ଦ୍ ମଜଦୁର ସଭା କର୍ମକର୍ତ୍ତାଙ୍କ ସହ ସଫେଇ କର୍ମଚାରୀମାନେ।

**କେନ୍ଦ୍ରୀୟ ଶ୍ରମ କମିଶନଙ୍କ ନିକଟରେ ଅଭିଯୋଗ**

**ରଉରକେଲା ଅଫିସ,୧୮।୨:** ସମ୍ବଲପୁର ରେଳବାଇ ଅଧୀନରେ କାମ କରୁଥିବା ସଫେଇ କର୍ମଚାରୀଙ୍କୁ ଠିକା ସଂସ୍ଥା ପକ୍ଷରୁ ଶୋଷଣ କରାଯାଉଥିବା ନେଇ ମଙ୍ଗଳବାର ହିନ୍ଦ୍ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଶିଳ୍ପାଞ୍ଚଳ ଶ୍ରମିକ ସଭା ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ରାଉରକେଲାସ୍ଥିତ କେନ୍ଦ୍ର ଶ୍ରମ କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶ୍ରମିକମାନେ ନିୟମିତ କାମ କରୁଥିବା ବେଳେ ତାଙ୍କ ଭବିଷ୍ୟନିଧି ଟଙ୍କା କାଟି ହଡପ କରାଯାଉଛି। ଏପରି କି ମାସିକ କର୍ମଚାରୀଙ୍କ ଠାରୁ ୧୬ଶହ କଟା ଯାଉଥିବା ବେଳେ ଏହାକୁ ବିଭାଗରେ ଜମା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। କମିଶନରଙ୍କୁ ସାକ୍ଷାତ ବେଳେ ୟୁନିୟନ ନେତା ଦେବେନ୍ଦ୍ର ଆଚାର୍ଯ୍ୟ, ପ୍ରତାପ ଦାସ, ରବି ସୁନା, ଦେବ ସୁନାଙ୍କ ସହ ସଫେଇ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତ ଶିକୁଳି ରୋଗରେ ୨ ଛାତ୍ରୀଛାତ୍ର ମୃତ

ରିଷିଡା,୧୮।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ଛାତ୍ର ସତ୍ୟଜିତ ସୁନା (୧୯) ଓ ରିଷିଡା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକଙ୍କ ସିକିଲ ସେଲ (ରକ୍ତ ଶିକୁଳି) ରୋଗରେ ମୃତ୍ୟୁବରଣ କରିଛନ୍ତି। ଉକ୍ତ ୨ ଛାତ୍ରୀଛାତ୍ରଙ୍କ ମୃତ୍ୟୁରେ ୨ କଲେଜରେ ଶୋକରଛାୟା ଖେଳିଯାଇଛି। ସତ୍ୟଜିତ ବୁର୍ଲା ଡାକ୍ତରଖାନାକୁ ନେଉଥିବା ବେଳେ ମୃତ୍ୟୁବରଣ କରିଥିବା ବେଳେ ବିଷ୍ଣୁପ୍ରିୟା ଏହି ରୋଗରେ ଆକ୍ରାନ୍ତ ଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MSM-ENHM-ISOC-STN-1-20

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଏବଂ କେସିଙ୍ଗା ଷ୍ଟେସନ ଠାରେ ISO 14001: 2015 ସାର୍ଟିଫିକେସନ ପାଇଁ ସାର୍ଟିଫିକେସନ ସର୍ଭିସ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,16,799/-, EMD (ଟଙ୍କାରେ) : ₹2,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹1,180/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 03 (ତିନି)ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.03.2020 ରିଖ 1100 ଘଣ୍ଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ସମ୍ବଲପୁର
PR-712/K/19-20



## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୦ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଭଲ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଓ ସମସ୍ତଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

( ନବୀନ ପଟ୍ଟନାୟକ )



## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସମୀର ରଞ୍ଜନ ଦାଶ)



## ବ୍ୟାଙ୍କ ଅଫ୍ ବରୋଦା / बैंक ऑफ़ बड़ौदा

**କ୍ଷେତ୍ରୀୟ କାର୍ଯ୍ୟାଳୟ: (ସମ୍ବଲପୁର କ୍ଷେତ୍ର)**
ପ୍ରଥମ ମହଲା, ଜି.ଏମ୍. କଲେଜ ଛକ, ଖ୍ରୀଷ୍ଟିଆନ୍ ପଡ଼ା, ସମ୍ବଲପୁର-୭୬୮୦୦୧, ମୋ-୭୭୫୨୦୫୦୮୦୪
E-mail: recovery.sambalpur@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ "CONSTRUCTIVE POSSESSION"କୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା ଭିତ୍ତିରେ" ତା.୧୯.୦୩.୨୦୨୦ରିଖରେ "ସାଙ୍କେତିକ ଦଖଲ ଭିତ୍ତିରେ" ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ଏବଂ କ୍ରେତାମାନେ କୌଣସି ବୈଧାନିକ ଦେୟ ଏବଂ ଅନ୍ୟାନ୍ୟ ଋଣଭାର (ଏନକମ୍ବ୍ରାନ୍ସ)ର ସ୍ଥିତି ଯଦି କିଛିଥାଏ ସେ ବିଷୟରେ ଜାଣିରଖିବା ଉଚିତ୍।

**ଅନ୍‌ଲାଇନ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ତା. ୧୮.୦୩.୨୦୨୦ ରିଖ ଅପରାହ୍ଣ ୫.୦୦ ଘଟିକା ସୁଦ୍ଧା**
**ଇ-ନିଲାମ ତାରିଖ ଓ ସମୟ: ତା. ୧୯.୦୩.୨୦୨୦ ରିଖ ଅପରାହ୍ଣ ୧.୦୦ ଘଟିକା ରୁ ଅପରାହ୍ଣ ୩.୦୦ ଘଟିକା**
ଅମାନତ ରାଶି ପୈଠ ଆକାଉଣ୍ଟର ବିବରଣୀ : 52370015181219, A/c Name : New Intermediary
ହିତାଧିକାରୀଙ୍କ ନାମ : ବ୍ୟାଙ୍କ ଅଫ୍ ବରୋଦା, IFSC Code : BARB0KHETRA (5th Digit is zero)

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ**

| କ୍ର. ନଂ. | ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ମାଲିକ ଏବଂ ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଡ଼ିମାଣ୍ଡ / ଦଖଲ ନୋଟିସ୍ ତାରିଖ / ବକେୟା ଦେୟ (ସୁରକ୍ଷିତ ଋଣ) |
|---|---|---|---|---|
| ୧. | ଖେତରାଜପୁର ଶାଖା / ଋଣଗ୍ରହୀତା: ଶ୍ରୀମତୀ ସବିତା ମହାକୁଡ଼, ସ୍ୱାମୀ: ଶ୍ରୀ ବସନ୍ତ ମହାକୁଡ଼ / ସହ-ଋଣଗ୍ରହୀତା: ଶ୍ରୀ ବସନ୍ତ ମହାକୁଡ଼, ପିତା: ଗୋପାଳ ମହାକୁଡ଼, ଉଭୟଙ୍କ ଠିକଣା: ପୁଟିବନ୍ଧ, ମଠପାଲି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ, ଥାନା: ଧନୁପାଲି, ସମ୍ବଲପୁର-୭୬୮୦୦୧। | ଶ୍ରୀମତୀ ସବିତା ମହାକୁଡ଼, ସ୍ୱାମୀ: ଶ୍ରୀ ବସନ୍ତ ମହାକୁଡ଼ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୮/୭୨୧, ପ୍ଲଟ୍ ନଂ.: ୫୧୬/୨୦୬୩, କ୍ଷେତ୍ର: ଏକର ୦.୦୭ ଡିସିମିଲ୍, ମୌଜା: ପୁଟିବନ୍ଧ, ଥାନା: ଧନୁପାଲି, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଚୌହଦୀ-ଉତ୍ତର: ପ୍ଲଟ୍ ନଂ.: ୫୪୧, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୫୧୬ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୫୧୬ (ଅଂଶ)। | ଟ.୪୮,୦୦,୦୦୦/- / ଟ.୪,୮୦,୦୦୦/- / ଟ.୨୦,୦୦୦/- | ୧୦.୦୭.୨୦୧୯ / ୧୪.୧୦.୨୦୧୯ / ଟ.୨୭,୭୦,୧୦୩/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ (https://www.bankofbaroda.com/e-auction.htm) or (https://www.bob.auctiontiger.net) ଦେଖନ୍ତୁ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୩୦ ଦିନିଆ ନୋଟିସ୍।**

ତାରିଖ: ୧୮.୦୨.୨୦୨୦, ସ୍ଥାନ: କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



## IN THE DEBTS RECOVERY TRIBUNAL AT CUTTACK
C-71, Sector-7, CDA, Cuttack- 753014 (Odisha)
**O.A.No. 378/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Digbijaya Toria** & Others .... Defendants

To,
**Defendant No.1: Digbijaya Toria**, S/o: Arjun Toria
**Defendant No.2: Arjun Kumar Toria**, S/o: Late Benudhar Toria
**Defendant No.3: Bhimsen Toria,** S/o: Late Benudhar Toria
All are At- Brahmanmara, Po/Ps- Biramitrapur, Dist- Sundargarh, Pin- 770033

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 11,68,310.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 27th day of March, 2020 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 29th day of January, 2020.

**M. K. Patnaik**
**Registrar**
**Debts Recovery Tribunal, Cuttack**



## IN THE DEBTS RECOVERY TRIBUNAL AT CUTTACK
C-71, Sector-7, CDA, Cuttack- 753014 (Odisha)
**O.A.No. 639/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Balakrushna Behera** & Others .... Defendants

To,
**Defendant No.1: Balakrushna Behera**, S/o: Bhagabana Patel, At/Po- Sibtala, Ps: Bolangir Sadar, Dist- Bolangir, Pin- 767024
**Defendant No.2: Bhagabana Behera**, S/o: Late Jugeswar Behera, At/Po- Sibtala, Ps: Bolangir Sadar, Dist- Bolangir, Pin- 767024
**Defendant No.3: Lingaraj Behera,** S/o: Late Jugeswar Behera, At/Po- Sibtala, Ps: Bolangir Sadar, Dist- Bolangir, Pin- 767024
**Defendant No.4: Smt. Nirabati Behera,** W/o: Late Jitendra Behera, At/Po- Rampur, Dist- Subarnapur, Pin- 767045

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 20,40,365.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 27th day of March, 2020 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 29th day of January, 2020.

**M.K. Patnaik**
**Registrar**
**Debts Recovery Tribunal, Cuttack**



## IN THE DEBTS RECOVERY TRIBUNAL AT CUTTACK
C-71, Sector-7, CDA, Cuttack- 753014 (Odisha)
**O.A.No. 636/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Banamali Patel** & Others .... Defendants

To,
**Defendant No.1: Banamali Patel**, S/o: Sadananda Patel, At- Ampali (Karlapita), Po- Barapurgia
**Defendant No.2: Sadananda Patel**, S/o: Ujjal Patel, At- Karlapita, Po- Barapurgia
**Defendant No.3: Dhanamali Patel,** S/o: Sadananda Patel, At- Karlapita, Po- Barapurgia
**Defendant No.4: Nirmala Patel,** S/o: Sadananda Patel, At- Karlapita, Po- Barapurgia
**Defendant No.5: Nirmali Patel,** S/o: Sadananda Patel, At- Karlapita, Po- Barapurgia
**Defendant No.6: Bhagabana Patel,** S/o: Sadananda Patel, At- Karlapita, Po- Barapurgia
**Defendant No.7: Siba Patel,** S/o: Sadananda Patel, At- Karlapita, Po- Barapurgia
**Defendant No.8: Purna Chandra Patel,** S/o: Dirju Patel, At- Ampali (Karlapita), Po- Barapurgia
**Defendant No.9: Ketaki Patel,** W/o: Rajendra Patel, At- Ampali (Karlapita), Po- Barapurgia
**Defendant No.10: Keshaba Bhoi,** S/o: Gobinda Bhoi, At/Po- Sibtala All are of Ps- Bolangir Sadar, Dist- Bolangir, Pin- 767024

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 26,49,392.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 27th day of March, 2020 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 29th day of January, 2020.

**M.K. Patnaik**
**Registrar**
**Debts Recovery Tribunal, Cuttack**



ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେ ପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା। -ଟିଲଟ୍‌ସନ



**ସଂକ୍ଷେପରେ...**

## ଚିକିତ୍ସାଧୀନ ଅବସ୍ଥାରେ ଯୁବ ଶ୍ରମିକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୧୮।୨(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଟାରୁ ପଞ୍ଚାୟତର ଚଟକଟୋଲି ଅଞ୍ଚଳର ବିଶ୍ୱ ମିଞ୍ଜଙ୍କ ପୁଅ ଆଶିଷ (୨୮)ଙ୍କର ମଙ୍ଗଳବାର ଅପରାହ୍ନରେ ରାଉରକେଲା ସରକାରୀ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖବରପାଇ ଫାଣ୍ଡି ପୋଲିସ ଡାକ୍ତଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୬।୨୦) ରୁଜୁ ହୋଇଛି। ମୃତ ଆଶିଷ କଲୁଙ୍ଗା ଆଇଡିସି ଅଞ୍ଚଳର ଏକ ଘରୋଇ କାରଖାନାରେ କାମ କରୁଥିଲେ। ସୋମବାର ରାତିରେ କାମ ସାରି ଘରକୁ ଫେରିବା ସହ ରାତ୍ରଭୋଜନ କରି ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଡାକି ତାଙ୍କୁ ରାଉରକେଲା ସରକାରୀ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ।

# ଜନଜାତିଙ୍କ ବିକାଶ ଉପରେ ଗୁରୁତ୍ୱ

**କୁଆଁରମୁଣ୍ଡା ବ୍ଲକରେ ମୋ ସରକାର ସମ୍ପର୍କ ଶିବିର**

କୁଆଁରମୁଣ୍ଡା,୧୮।୨(ଡି.ଏନ.ଏ.)

ପାନପୋଷ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବ୍ଲକର ଜନଜାତି ସମ୍ପ୍ରଦାୟର ବ୍ୟକ୍ତିସମୂହଙ୍କର କିଭଳି ସାମୂହିକ ବିକାଶ ହୋଇପାରିବ ସେହି ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ମୋ ସରକାର ସମ୍ପର୍କ ଶିବିର ଅନୁଷ୍ଠିତ ହେଉଛି। ମଙ୍ଗଳବାର କୁଆଁରମୁଣ୍ଡା ବ୍ଲକ ପରିସରରେ ଏହି ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଅତିଥିମାନେ ଜନଜାତିଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଶିବିରରେ ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଓଡିଶା ମିଲେଟ୍ ମିଶନ, ମିଶନ ଶକ୍ତି, ଜୀବିକା ମିଶନ, ମଙ୍ଗଳ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗ ପକ୍ଷରୁ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ବିଷଦଭାବେ ଆଲୋଚନା କରିଥିଲେ।



ଆଇଟିଡିଏ ପକ୍ଷରୁ ମୋ ସରକାର ସମ୍ପର୍କ ଶିବିରରେ ଉପସ୍ଥିତ ଅଧିକାରୀମାନେ।

ବିଶେଷକରି ମ୍ୟାଲେରିଆ ରୋଗର ନିରାକରଣ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଥିବା ବେଳେ କୁକୁଡା, ଛେଳି ଇତ୍ୟାଦି ପାଳନ କରି ଲୋକେ ପୁଷ୍ଟିକର ଖାଦ୍ୟ ପାଇବା ସହ ନିଜର ଜୀବିକାର୍ଜନ ମଧ୍ୟ କରିପାରିବେ ବୋଲି କୁଆଁରମୁଣ୍ଡା ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡା.ଧୀରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ସେହିପରି ଅନ୍ୱେଷା, ଆକାଂକ୍ଷା, ଛାତ୍ରାବାସ ଓ ଛାତ୍ରବୃତି ଓ ଦେୟମୁକ୍ତ ଆବାସିକ ଶିକ୍ଷା ବ୍ୟବସ୍ଥା, ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ୍ ପ୍ରଧାନ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ। କୁଆଁରମୁଣ୍ଡା ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଉଠାଇବା ପାଇଁ ଯୋଗ୍ୟ ହିତାଧିକାରୀମାନେ ବହୁ ସଂଖ୍ୟାରେ ଆବେଦନ କରିବା ପାଇଁ ବିଡିଓ ମେଥେଡିୟୁସ ଲାକ୍ରା ପରାମର୍ଶ ଦେଇଛନ୍ତି। ଶେଷର ଆଦିବାସୀ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ଭଲ ନୃତ୍ୟ, ଗୀତ ପରିବେଷଣ କରିଥିବା କୁମ୍ଭଝରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଗ୍ରୁପ, ପୁତ୍ରିଖମଣ ଆଦିବାସୀ ଡ୍ୟାନ୍ସ ଗ୍ରୁପଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିବିରରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା,ପାନପୋଷର ପ୍ରକଳ୍ପ ପ୍ରଶାସକ ଅରୁଣ ମଲ୍ଲିକ, ମିଲେଟ୍ ମିଶନ ପକ୍ଷରୁ ଆର.ସି.ମଲ୍ଲିକ, ସହକାରୀ କୃଷି ଅଧିକାରୀ ପାନପୋଷ ଦୁଖିନୀ ବିଶି, କୁଆଁରମୁଣ୍ଡା ଏବିଡିଓ ଭବାନୀଶଙ୍କର ପାଢୀ, ବ୍ଲକ ସ୍ୱାସ୍ଥ୍ୟ କର୍ମୀ ଦେବାଶିଷ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଶିବିରରେ କୁଆଁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ୍ ପ୍ରଧାନ, ଲାଠିକଟା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥି, କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ସଂଯୋଜିକା ରଶ୍ମିତା ବେହେରା, ଏପିଓ ବିଷ୍ଣୁମୋହନ ନାଏକ, ପିଇଓ ଦେବବ୍ରତ ଦାସ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

## ଘରେ ପଶିଲା ବାରଚକିଆ ଟ୍ରକ: ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ

ଲହୁଣୀପଡା, ୧୮।୨ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ମନ୍ଦିର ଛକ ନିକଟରେ ମଙ୍ଗଳବାର ଭୋର ଏକ ବାରଚକିଆ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଜଣକ ଘର ଉପରକୁ ମାଡି ଯାଇଥିଲା। ମାତ୍ର ଅଳ୍ପକେ ପରିବାର ଲୋକେ ବର୍ତ୍ତିଯାଇଥିବା ଜଣାଯାଇଛି। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ଲହୁଣୀପଡା ପଟୁ ଏକ ବାର ଚକିଆ ଟ୍ରକ ଓଡ଼ି ୧୪ କେ ୨୯୦୪ ନଂ. କୋଇଡା ଖଣି ଅଞ୍ଚଳକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କଲେଇପୋଷ ମନ୍ଦିର ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା କୁମୁଦ ମହାକୁଳ ଘର ଉପରକୁ ମାଡି ଯାଇଥିଲା। କିନ୍ତୁ ସେହି ସମୟରେ ଘର ଅନ୍ୟ ପାର୍ଶ୍ୱରେ ଥିବା ଦୁଇ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବତ କରିଥିବା ବେଳେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି।

## ବିମଳାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲହୁଣୀପଡା, ୧୮।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିମଳାଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ବେହେରା, ସମ୍ମାନିତ ଅତିଥି ଭାବେ ବିମଳାଗଡ ସରପଞ୍ଚ ଗାଙ୍ଗୀ ସାଏ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନୁର ମହମ୍ମଦ କ୍ୟୁରେସି, ମହେଶ ସା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ଦୁବରାଜ ମାହାନ୍ତ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ପୁଷ୍ପଗୁଚ୍ଛ, ଉପଢ୍ୱୌକନ ଅତିଥିମାନଙ୍କୁ ଦେବା ସହିତ ସ୍ୱାଗତ ସଙ୍ଗୀତ ଗାନ କରି ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଞ୍ଜବିହାରି ବେହେରା ସଭାରେ ଅଧକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଇଡା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଶ୍ରେଷ୍ଠ ହୋଇଥିବା ବିଦ୍ୟାଳୟ ଛାତ୍ର ଦେବେନ୍ଦ୍ର ମୁଣ୍ଡାଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଦୁବରାଜ ମାହାନ୍ତଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ 'ଧର୍ମ କାନ୍ଦୁଛି' ନାଟକ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ସରସ୍ୱତୀ ବେରେଇ, ପୁରୁଷୋତ୍ତମ ସାହୁ, ବବିତା ଗଡତିଆ, ଆରତୀ ମାହାନ୍ତ, ରେଶମା ମିଞ୍ଜ, ଆଶୁତୋଷ ସାହୁ, ପ୍ରଦୀପ କୁମାର ନାୟକ, ସଂଯୁକ୍ତା ଛୁରିଆ, ବଂଶୀଧର ମାହାନ୍ତ, ଲକ୍ଷ୍ମଣ ଓରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବାର୍ଷିକ ଉତ୍ସବରେ ଅଭିଭାବିକା ଅଭିଭାବକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।




ବିମଳାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ମଦ ବନ୍ଦ ଦାବିକରି ଥାନାରେ ଜଣାଇଲେ ମହିଳା



ରୂନଗାଁ ଗ୍ରାମର ଏସ୍‌ଏଚଜି ମହିଳାମାନେ ଥାନାରେ ଜଣାଇ ଫେରୁଛନ୍ତି ।

ବଡ଼ଗାଁ, ୧୮।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଅବକାରୀ ବିଭାଗ ଓ ପୋଲିସର ରକାରୀ ସ୍ଥାନରତ ସଂସ୍ଥାର ସ୍ଥାଣୁତା ଯୋଗୁ ମଦ କାରବାର ଦିନକୁ ଦିନ ବଢିଚାଲିଛି। ମଦ ବନ୍ଦ ଦାବିକରି ମହିଳାମାନେ ମଙ୍ଗଳବାର ଥାନାରେ ଜଣାଇଛନ୍ତି।

ମଦ ବନ୍ଦ କରିବା ପାଇଁ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ର ସଦସ୍ୟମାନେ ଜଣାଇ ଆସୁଛନ୍ତି। ହେଲେ କେହି କର୍ଣ୍ଣପାତ କରୁ ନ ଥିବାରୁ ମଦ ବିକ୍ରେତାମାନଙ୍କୁ ପରୋକ୍ଷରେ ସହଯୋଗ ମିଳୁଛି। ମଦ ବିକ୍ରି ବହୁ ପରିମାଣରେ ବଢ଼ି ଚାଲିଥିବାରୁ ଅତିଷ୍ଠ ରୂନଗାଁ ଗ୍ରାମର ଏସ୍‌ଏଚଜି ମହିଳାମାନେ ମଦ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ଚଢ଼ାଉ କରିବା ପାଇଁ ବଡଗାଁ ଥାନା ଅଧିକାରୀ ଏବଂ ବଡ଼ଗାଁ ଅବକାରୀ ଅଧିକାରୀଙ୍କୁ ମଙ୍ଗଳବାର ଲିଖିତ ଜଣାଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଏସ୍‌ଏଚଜି ମହିଳା ଥାନାକୁ ଆସି ମଦ ବିକ୍ରି ଯୋଗୁ ହେଉଥିବା ସମସ୍ୟା ଉପରେ ଜଣାଇଛନ୍ତି। ଯାଜ୍ଞସେନୀ ସାରପଟିଆ, ବେଲ ସାରପଟିଆ, ଚମ୍ପା ପ୍ରଧାନ, କଳ୍ପନା ହାଁସଦା, ସଞ୍ଜିତା ପ୍ରଧାନ, ଶୁଶିଳା କାଲୋ, ଦେବକି ନାଗ, କ୍ଷୀରୋଦିନୀ ମାଝି ପ୍ରମୁଖ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରବିବାର ରୂନଗାଁ ଗ୍ରାମର ମହିଳାମାନେ ବୈଠକ କରି ମଦ ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲୁ । ଗାଁର ଆଦିବାସୀ ଗରିବ ଭାଇମାନେ ମଦ ପିଇ ସ୍ତ୍ରୀମାନଙ୍କୁ ଅତ୍ୟାଚାର କରୁଛନ୍ତି। ଗାଁରେ ୩ଟି ମଦ ଭାଟି ଅଛି। ଆମେ ସମସ୍ତ ଭାଟିକୁ ଯାଇ ମଦ ବିକ୍ରି ବନ୍ଦ କରିବାକୁ ଅନୁରୋଧ କଲୁ । ସେମାନେ ଥାନାରେ ଟଙ୍କା ଦେଉଛୁ, ତେଣୁ ବିକ୍ରି କରିବୁ କହିଛନ୍ତି। ଆମ ଗ୍ରାମର ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବାରୁ ଭାଟି ବନ୍ଦ କରାଯାଉ ବୋଲି ଉଲ୍ଲେଖ କରିଛନ୍ତି। ତେବେ ପୋଲିସ ଓ ଅବକାରୀ କର୍ମଚାରୀଙ୍କୁ ଲିଖିତ ଜଣାଇ ନିରାଶ ହେଉଥିବାରୁ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବାକୁ ଯୋଜନା ଚାଲିଥିବା ମହିଳାମାନଙ୍କ ସୂତ୍ରରୁ ଜଣାପଡିଛି।

## ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର ଟିକାକରଣ ଅଭିଯାନ

ସୁନ୍ଦରଗଡ, ୧୮।୨ (ଡି.ଏନ୍.ଏ)

ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉପାନ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଜିଲାର ଲେଫ୍ରିପଡା ବ୍ଲକର ଉପାନ୍ତ ଗ୍ରାମ ଅମରିକୁଦରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କ ଦ୍ୱାରା ବୁଧବାର ଏହି ସ୍ୱତନ୍ତ୍ର ଟିକାକରଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ସମ୍ପୂର୍ଣ୍ଣ ଟିକାକରଣ ନ ହୋଇ ରହିଯାଇଥିବା ପିଲାମାନଙ୍କ ପାଇଁ ଏହା ସ୍ୱତନ୍ତ୍ର ଟିକାକରଣ ଥିଲା। ଜିଲାର ମୋଟ ୧୪ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୨ବର୍ଷ ମଧ୍ୟରେ ସମସ୍ତ ଶିଶୁ ସମସ୍ତ ପ୍ରକାର ପ୍ରଦତ୍ତ ଟିକା ଗ୍ରହଣ କରିବେ ବୋଲି ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମିଶ୍ର ସୂଚନା ଦେଇଥିଲେ। ଏହି ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ନିର୍ଦ୍ଦିଷ୍ଟ ସପ୍ତାହରେ ମଧ୍ୟ ଚାଲୁ ରହିବ। ସମ୍ପୂର୍ଣ୍ଣ ଟିକାକରଣ ଓ ବିଭିନ୍ନ ଟିକାର ଉପକାରିତା ସମ୍ପର୍କରେ ସଭାରେ ଉପସ୍ଥିତ ଥିବା ମାଆ ମାନଙ୍କୁ ଶିଶୁ ବିଶେଷଜ୍ଞ ଓ ଭାରପ୍ରାପ୍ତ ଏଡିପିଏଚଓ ଡା. ପି.କେ ନାୟକ ବୁଝାଇଥିଲେ। ଡା. କାହ୍ନୁଚରଣ ନାଏକ ମଧ୍ୟ ଉପସ୍ଥିତ ରହି ଏହି ଟିକାକରଣ ବିଷୟରେ ଧାରଣା ଦେଇଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣ ଟିକାକରଣ କରାଇଥିବା ମାଆମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଟିକାକରଣ ସଚେତନ ସମ୍ପର୍କୀତ ଏକ ପାଲା ପରିବେଷିତ ହୋଇଥିଲା। ଡା. ଏ. ସାହୁ କୌଣସି ଗ୍ରାମରେ ଯେପରି କୌଣସି ଶିଶୁ ଟିକାକରଣରୁ ବଞ୍ଚିତ ନ ହୁଅନ୍ତି ସେ ସମ୍ପର୍କରେ ଦୃଷ୍ଟି ଦେବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଓ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦୀପକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ସ୍ୱତନ୍ତ୍ର ଟିକାକରଣ ଅଭିଯାନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମଞ୍ଚାସୀନ।

## ହାଇକୋର୍ଟ ବିଚାରପତିଙ୍କ ରାଜଗାଙ୍ଗପୁର କୋର୍ଟ ପରିଦର୍ଶନ

ରାଜଗାଙ୍ଗପୁର, ୧୮।୨(ଡି.ଏନ.ଏ)

ରାଜଗାଙ୍ଗପୁରଠାରେ ଥିବା ସବଜଜ୍ କୋର୍ଟ ଓ ଜେଏମ୍‌ଏଫ୍‌ସି କୋର୍ଟକୁ ଶନିବାର ହାଇକୋର୍ଟ ବିଚାରପତି ଶତ୍ରୁଘନ ପୂଜାରୀ ପରିଦର୍ଶନ କରିଥିବା ଜଣାପଡିଛି। ବିଚାରପତି ପୂଜାରୀ ରାଜଗାଙ୍ଗପୁରଠାରେ ଥିବା ସବ୍‌ଜଜ୍ କୋର୍ଟ ଓ ଜେଏମ୍‌ଏଫସି କୋର୍ଟ ପରିସର ଓ କୋର୍ଟରେ ଥିବା ସମସ୍ତ ଅଫିସଗୁଡିକ ବୁଲି ଦେଖିବା ସାଙ୍ଗକୁ ସେଠାରେ ଥିବା ସୁବିଧା ଓ ଅସୁବିଧା ବିଷୟରେ ବୁଝିଥିଲେ। କୋର୍ଟ ପରିଦର୍ଶନ ପରେ ରାଜଗାଙ୍ଗପୁର ଓକିଲ ସଂଘର ଅନୁରୋଧ କ୍ରମେ ସେ ରାଜଗାଙ୍ଗପୁର ଓକିଲ ସଂଘ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଓକିଲ ସଂଘର ସଭାପତି ଲବିନ୍ଦ୍ର କୁମାର ବେହେରା ସ୍ୱାଗତ ସମ୍ବର୍ଦ୍ଧନ ଜ୍ଞାପନ କରିବା ସହିତ ରାଜଗାଙ୍ଗପୁର ଓକିଲ ସଂଘର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ କରାଇଥିଲେ। ବିଚାରପତି ଓକିଲ ସଂଘର ସଭାପତିଙ୍କ ସମସ୍ୟା ଶୁଣିବା ପରେ ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ବିଚାରପତି ଶତ୍ରୁଘନଙ୍କ ସହିତ ସୁନ୍ଦରଗଡ ଜିଲା ଦୌରାଜଜ୍ ପ୍ରଦୀପ ମହନ୍ତ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୁନ୍ଦରଗଡ ସୌଇକ ପାତ୍ର, ରାଜଗାଙ୍ଗପୁର ସବଜଜ୍ ସିଦ୍ଧାର୍ଥ ସାହୁ, ରାଜଗାଙ୍ଗପୁର ଜେଏମଏଫସି ବର୍ଷା ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ। ରାଜଗାଙ୍ଗପୁର ଓକିଲ ସଂଘର ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ସଂଘ ଉପସଭାପତି ଅଶୋକ ପାଣି, ସମ୍ପାଦକ ମନୋଜ ସାହୁ, ଆଇନଜୀବୀ ରବୀନ୍ଦ୍ର କୁମାର ସିଂ, ବିକାଶ ସରପଟିଆ, ଅର୍ଚ୍ଚନା ମୁଦୁଲିଙ୍କ ସମେତ ଓକିଲ ସଂଘର ଓକିଲ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।



ହାଇକୋର୍ଟ ବିଚାରପତି ଶତ୍ରୁଘନ ପୂଜାରୀ ରାଜଗାଙ୍ଗପୁର କୋର୍ଟ ପରିଦର୍ଶନ କରୁଛନ୍ତି।

# ଧାରଣାରତ ବହିଷ୍କୃତ କର୍ମଚାରୀ ଦେଲେ ଦାବିପତ୍ର

ବଡ଼ଗାଁ, ୧୮।୨ (ଡି.ଏନ.ଏ)



ଧାରଣାରତ ଛଟେଇ କର୍ମଚାରୀ ଓ ବ୍ଲକ ଅଧକ୍ଷା ଏସଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

- ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ପହଞ୍ଚିଲେ ଧାରଣାସ୍ଥଳରେ
- ବିଦ୍ୟୁତ୍ ବିଭାଗର ହେଲପରଙ୍କୁ ବହିଷ୍କାର ପ୍ରସଙ୍ଗ
- ବିଶ୍ୱାସଘାତ କରାଯାଇଥିବା ସ୍ୱୀକାର କଲେ ୱେସ୍କୋ ଏସ୍‌ଡିଓ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ୬ଜଣ ଯୁବକଙ୍କୁ ବିଦ୍ୟୁତ୍ ବିଭାଗରେ ୧୦ ବର୍ଷ ୩୩ କେଭି କାର୍ଯ୍ୟରେ ନିୟୋଜିତ କଲାପରେ ନ ଜଣାଇ ଛଟେଇ କରାଯାଇଛି। ନୂତନ ଗ୍ରୀଡ ଷ୍ଟେସନ କାମ ସରିଲେ ସେଠାରେ ନିଯୁକ୍ତ କରାଯିବ ପ୍ରତିଶ୍ରୁତି, ବିଶ୍ୱାସ ଦେଇ ଶେଷରେ ପ୍ରତାରଣା କରାଯାଇଛି। ଏହି ଅଭିଯୋଗ ଉଠାଇ ନିଯୁକ୍ତି ଦାବିରେ ୧୭ ତାରିଖଠାରୁ ବଡ଼ଗାଁ ୱେସ୍କୋ ଅଫିସ ସମ୍ମୁଖରେ ଛଟେଇ କର୍ମଚାରୀ (ହେଲପର)ମାନେ ଧାରଣାରେ ବସିଛନ୍ତି। ମଙ୍ଗଳବାର ଧାରଣାର ଦ୍ୱିତୀୟ ଦିବସରେ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କ ଅନୁରୋଧକ୍ରମେ ରାଜଗାଙ୍ଗପୁର ବିଦ୍ୟୁତ୍ ବିଭାଗ ୱେସ୍କୋର ଏସଡିଓ ଆନନ୍ଦ ମିଶ୍ର, ବଡ଼ଗାଁ ୱେସ୍କୋ ଜେଇ ରାଜେଶ ପାଣ୍ଡେ ଧାରଣାସ୍ଥଳରେ ପହଞ୍ଚି ଛଟେଇ କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ତାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରେ ଆପଣମାନଙ୍କ କହିବା କଥା ଠିକ୍। ଆମେ ଏହା ଉପରେ ଠିକା ସଂସ୍ଥା କର୍ମଚାରୀଙ୍କୁ ଅନୁରୋଧ କରିଥିଲୁ । ଏହି ନିଯୁକ୍ତି ଠିକା ସଂସ୍ଥା କରିବା କଥା। ଠିକା ସଂସ୍ଥାର କର୍ମଚାରୀଙ୍କୁ ଫୋନ କଲେ ମଧ ସେ ରିସିଭ କରୁ ନ ଥିବା କହିଥିଲେ। ସେ ବ୍ୟକ୍ତିଗତଭାବେ ନିଜର ମତ ରଖି ଛଟେଇ ହେଲପରମାନଙ୍କ ପ୍ରତି ବିଶ୍ୱାସଘାତ କରାଯାଇଥିବା ସ୍ୱୀକାର କରିଥିଲେ। ଧାରଣାରତ କର୍ମଚାରୀଙ୍କୁ ସମର୍ଥନ ଜଣାଇଥିବା ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋ, କୃଷକ ନେତା ରବୀନ୍ଦ୍ର ପଟେଲ, ପାମରା ସାହାଜବାହାଲ, ରୂନଗାଁ ଅଞ୍ଚଳରୁ ସମର୍ଥନ ଜଣାଇବାକୁ ଆସିଥିବା ଲୋକଙ୍କ ଉପସ୍ଥିତିରେ ହୋଇଥିବା ଆଲୋଚନାରେ ଲୋକେ ଏସଡିଓଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ନିଯୁକ୍ତି ପାଇଁ ଜରଙ୍ଗଲୋଇ ଗ୍ରୀଡ ଇଣ୍ଟରଭ୍ୟୁ ମାଧ୍ୟମରେ ଚୟନ କରାଗଲା। ପାମରା ଗ୍ରୀଡରେ ନିଯୁକ୍ତି ପାଇଁ ବ୍ୟତିକ୍ରମ କରାଯିବା କାରଣ ପଚାରିବା ସହିତ ଇଣ୍ଟରଭ୍ୟୁ ପାଇଁ ବଡଗାଁ ୱେସ୍କୋ ଜେଇଙ୍କ ମାଧ୍ୟମରେ ଆବେଦନକାରୀଙ୍କ ତାଲିକା ମଗାଯାଇଥିଲେ ମଧ ତାକୁ ଗ୍ରହଣ ନ କରି ୩୩ କେଭି ଗ୍ରୀଡରେ ଅଭିଜ୍ଞତା ନଥିବା ବ୍ୟକ୍ତିଙ୍କୁ କେବଳ ଆଇଟିଆଇ ସାର୍ଟିଫିକେଟ ଦେଖି ରଖାଯାଇଥିବାରୁ ଅର୍ଥ କାରବାର ହୋଇଥିବା ଆଶଙ୍କାବ୍ୟକ୍ତ କରିଥିଲେ । ଆଲୋଚନାରେ ଏସଡିଓ ମିଶ୍ର ନିଯୁକ୍ତି ଦେବା ଠିକା ସଂସ୍ଥାର କାମ, ଏହା ତାଙ୍କ କ୍ଷମତା ପରିସରରେ ଆସୁନାହିଁ କହିବାରୁ ଲୋକେ ତାହେଲେ ଆପଣମାନେ ପ୍ରତିଶ୍ରୁତି କାହିଁକି ଦେଉଥିଲେ ପ୍ରଶ୍ନ ଉଠାଇଥିଲେ । ବ୍ଲକ ଅଧକ୍ଷା ମିଞ୍ଜ, ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣାଜାରି ରହିବ ବୋଲି ରୋକଠୋକ୍ ଶୁଣାଇଥିଲେ। ଏସଡିଓ ଧାରଣାରତ କର୍ମଚାରୀଙ୍କୁ ଆପଣମାନଙ୍କ ଗ୍ରୀଭାନ୍ସ ଲେଖି ଜଣାନ୍ତୁ ତାକୁ ଉଚ୍ଚ ଅଧିକାରୀଙ୍କ ପାଖକୁ ପଠାଇବି କହିବାରୁ ଧାରଣାରତ କର୍ମଚାରୀମାନେ ଏସଡିଓ ଜେଇ ଷ୍ଟାପ ଓ ଆଖଣ୍ଡଳମଣୀ ସଂସ୍ଥା କର୍ମଚାରୀଙ୍କ ଉପସ୍ଥିତିରେ ସମସ୍ତେ ନୂତନ ଗ୍ରୀଡରେ ନିଯୁକ୍ତି ଦେବାକୁ ବିଶ୍ୱାସ, ଭରସା ଦେଇଥିଲେ ମଧ ନିଯୁକ୍ତି କଲେନାହିଁ । ଯଦି ଏହି ଗ୍ରୀଡ ନ ହେଲା ତାହେଲେ ଅନ୍ୟ ଗ୍ରୀଡରେ ଦିଆଯାଉ କିମ୍ବା ଏନଏମଆରରେ ରଖାଯାଉ ଲିଖିତ ଦେଇଥିଲେ । ତେବେ ମଙ୍ଗଳବାର ଧାରଣାରତ ଯୁବକଙ୍କ ସହିତ ତାଙ୍କ ପରିବାର ସମସ୍ୟମାନେ ସାମିଲ ହେବା ସହିତ ବଡ଼ଗାଁ ୱେସ୍କୋ ଅଫିସରେ ନାଲି ଫିତା ଟାଣି କର୍ମଚାରୀଙ୍କୁ ଅଫିସ ଭିତରକୁ ଯିବାକୁ ଦେଇ ନ ଥିଲେ। ଏ ସମ୍ପର୍କରେ ସେମାନେ ବିଧାୟକ ଭବାନୀଶଙ୍କର ଭୋଇଙ୍କୁ ଲିଖିତ ଜଣାଇଛନ୍ତି । ଏହି ଆନ୍ଦୋଳନରେ ଅଞ୍ଚଳବାସୀ ସାମିଲ ହେଉଥିବାରୁ ଆଗକୁ ଆନ୍ଦୋଳନ ତେଜିବ ଓ ଧାରଣାରତ ଛଟେଇ କର୍ମଚାରୀମାନେ କେହି ନ ଶୁଣିଲେ ଚରମ ପଦକ୍ଷେପ ନେବାକୁ ଚେତାବନୀ ଦେଇଥିବାରୁ ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି ହେଉଛି ।

## ସଂକ୍ଷେପରେ

### ପୋଲିସ ହାବୁଡରେ ଧରାପଡିଲେ ୪ ମଦୁଆ ବାଇକ ଚାଳକ

ସୁନ୍ଦରଗଡ,୧୮।୨ (ଡି.ଏନ୍.ଏ) -ମଦପିଇ ବାଇକ ଚଳାଉଥିବା ୪ଜଣ ବାଇକ ଆରୋହୀ ମଙ୍ଗଳବାର ସଦର ଥାନା ପୋଲିସ ହାବୁଡରେ ପଡି ହଟହଟା ହୋଇଛନ୍ତି। ପୋଲିସ ସେମାନଙ୍କୁ ପରୀକ୍ଷା ପରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ମଦପିଇ ପୋଲିସ ହାବୁଡରେ ପଡିଥିବା ଏହି ୪ଜଣ ବାଇକ ଆରୋହୀ ହେଲେ ଝରାକାନି ନୂଆଡିହି ଗ୍ରାମର ମନୋଜ, କନ୍ଦାବାହାଲର ଉମାକାନ୍ତ, ଦେହେରିମୁଣ୍ଡାର ମଧୁ, ବାଗଡିହି ଗ୍ରାମର ଉମେଶ। ସଦର ଥାନା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ବେଳେ ଏହି ବାଇକ ଆରୋହୀମାନେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା।

### ଦୁର୍ଘଟଣା ଘଟାଇ ପଳାଉଥିବା ବୋଲେରୋ ଅଟକ

ବ୍ରଜରାଜନଗର, ୧୮।୨ (ଡି.ଏନ.ଏ.) ଝାରସୁଗୁଡାରୁ ଛତିଶଗଡ ଯାଉଥିବା ଏକ ବୋଲେରୋ (ସିଜି ୧୨ ଏଏଲ- ୨୪୫୦) ଝାରସୁଗୁଡା ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇ ଖସି ପଳାଉଥିବାବେଳେ ଧରାପଡିଛି। ଦୁର୍ଘଟଣା ସ୍ଥଳରେ ଥିବା ଜାହିର ହୁସେନ ନମେକ ଜଣେ ଜଣେ ବାଇକ୍ ଆରୋହୀ ଉକ୍ତ ଗାଡିର ପିଛା କରି ଗାନ୍ଧୀଛକ ଫାଣ୍ଡି ନିକଟରେ ଅଟକାଇ ପୋଲିସ ଜିମା ଦେଇଥିଲେ। ଗାଡି ସହ ଡ୍ରାଇଭର ଦୁନ୍ଦରାମ ପୁରୱାହା (୨୮)ଙ୍କୁ ପୋଲିସ ଅଟକ ରଖିଛି।

### ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ନାବାଳିକା ଗୁରୁତର

**ପର୍ଲା,୧୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଡୁମେରଗୁଡା ପଞ୍ଚାୟତ ଅନ୍ତର୍ଗତ ମୁଖୀଗୁଡା ଗ୍ରାମର ଜଣେ ନାବାଳିକା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଗ୍ରାମର ରତ୍ନ ମାଝି (୧୬) କୌଣସି କାମ ପାଇଁ ବିଲକୁ ଯାଇ ଘରକୁ ଫେରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଠିକ ସଂସ୍ପର୍ଶରେ ଆସିବା ପରେ ବିଦ୍ୟୁତ ଚାଲିଯାଇଥିଲା। ଗାଁ ଯୁବକମାନେ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନରେ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ନୋଡାଲ ସେଣ୍ଟରରେ ସ୍ୱତନ୍ତ୍ର ପୋଲିସ ମୁତୟନ

■ଆଜିଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ
■ପ୍ରଶ୍ନପତ୍ର ଓ ଉତ୍ତରଖାତା ଜଗିବା ପାଇଁ ବ୍ୟବସ୍ଥା
■କପି ରୋକିବା ପାଇଁ ୪ ସ୍ତରୀୟ ସ୍କାଡ୍ ବ୍ୟବସ୍ଥା

ସୁନ୍ଦରଗଡ଼,୧୮।୨ (ଡି.ଏନ୍.ଏ)

ବୁଧବାର ଠାରୁ ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା । ସୁନ୍ଦରଗଡ ଜିଲାରେ ୧୨୦ଟି କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମୋଟ ୨୪୮୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ୨୦ଟି ନୋଡାଲ ସେଣ୍ଟର ରୁ ସକାଳ ୬ଟାରୁ ସାଢେ ୮ଟା ମଧ୍ୟରେ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ର ଗୁଡିକରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ନୋଡାଲ ସେଣ୍ଟରଗୁଡିକରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ଜଗିବା ପାଇଁ ସ୍ୱତନ୍ତ୍ର ପୋଲିସ ମୁତୟନ ରହିଛନ୍ତି। ଏଥି ନିମନ୍ତେ ପ୍ରଥମେ କରାଯାଇଥିବା ଡେସପାଚ ଟିମ୍ ୨୨ରୁ ୩୦କୁ ବୃଦ୍ଧି କରାଯାଇଛି। ସକାଳ ୧୦ଟାରୁ ଆରମ୍ଭ ହୋଇ ଦିନ ୧୨ଟା ୩୦ରେ ଶେଷ ହେବ। ପ୍ରଥମ ଦିବସରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ମଧ୍ୟକୁ ପରୀକ୍ଷା ଆରମ୍ଭର ୧ଘଣ୍ଟା ପୂର୍ବରୁ ପ୍ରବେଶ କରିବେ। ଅନ୍ୟ ଦିବସ ଗୁଡିକରେ ୪୦ମିନିଟ ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। କେବଳ ଗଣିତ ପରୀକ୍ଷା ୧୨ଟା ୪୫ରେ ଶେଷ ହେବ। ପ୍ରଥମ ସିଟିଂରେ ୧୯ତାରିଖ ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ହେବ। ୧୯ତାରିଖ ବୁଧବାର ପ୍ରଥମ ଭାଷା ପରୀକ୍ଷା ହେବ। ପରୀକ୍ଷା କେନ୍ଦ୍ରରେ ମଧ୍ୟକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ପ୍ରଶ୍ନପତ୍ର ଭାଇରାଲକୁ ରୋକିବା ପାଇଁ ସ୍ୱତନ୍ତ୍ର କୋଡିଂ ପ୍ରଚଳନ କରାଯିବା ସହ ୪୦ଟି ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର ସିସିଟିଭି ବ୍ୟବସ୍ଥା ଓ କପିକୁ ରୋକିବା ପାଇଁ ୪ସ୍ତରୀୟ ସ୍କାଡ୍ ଗଠନ କରାଯାଇଛି। ସୁନ୍ଦରଗଡ ଭବାନୀଶଙ୍କର ହାଇସ୍କୁଲ ନୋଡାଲ ସେଣ୍ଟରରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ରଖାଯାଇଛି। ପରୀକ୍ଷା କେନ୍ଦ୍ର ନିକଟରେ ମଧ୍ୟ ପୋଲିସ ଉପସ୍ଥିତ ରହିବେ।


ଭବାନୀଶଙ୍କର ହାଇସ୍କୁଲ ନୋଡାଲ ସେଣ୍ଟରରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ରଖାଯାଇଛି।

### ବିଜେଡିରେ ସାମିଲ ହେଲେ ସୁନ୍ଦରଗଡ଼ର ବହୁ ନେତା, କର୍ମୀ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ସୁନ୍ଦରଗଡ଼ ଜିଲାର ବହୁ ଜେଏମ୍‌ଏମ୍ କର୍ମୀ ଏବଂ କଂଗ୍ରେସ ନେତା ମଙ୍ଗଳବାର ବିଜେଡିରେ ଯୋଗଦାନ କରିଛନ୍ତି। ନବୀନ ନିବାସରେ ପୂର୍ବାହ୍ନରେ ଆୟୋଜିତ ଏକ ମିଶ୍ରଣପର୍ବରେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନୂତନଭାବେ ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ହେଉଛନ୍ତି-ବୀରମିତ୍ରପୁର ବିର୍ସା ବ୍ଲକ ଅଧ୍ୟକ୍ଷା ମୋନିକା ଓରାମ, ଯୁବନେତା ସୋମନାଥ ରାହା, ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ଭୂମିଜ ଏବଂ ସମିତି ସଭ୍ୟ ରେବତୀ ପାତ୍ର। ସେହିପରି ନୂଆଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଶୀଳା ଟପ୍ପୋ, ପୂର୍ବତନ ଜିଲାପରିଷଦ ସଦସ୍ୟ ଜଗଦୀଶ ମୁଣ୍ଡାରୀ, ବୀରମିତ୍ରପୁର ପୌରାଞ୍ଚଳର ଟ୍ରେଡ୍ ୟୁନିୟନ ନେତା ସନ୍ଦୀପ ମିଶ୍ର, ଯୁବ କଂଗ୍ରେସ ନେତା ଅଶୋକ ବିଶ୍ୱକର୍ମା, ହିନ୍ଦୁ ମୋର୍ଚ୍ଚା ସଭାପତି ରାଜ ଅଗ୍ରୱାଲ ମଧ ବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀର ଲହୁଣୀପଡା ବ୍ଲକର ସ୍ଥାନୀୟ ଖୁଟି ଅଞ୍ଚଳ ସରପଞ୍ଚ ଅଜୟ ନାଏକ, ପୂର୍ବତନ ସରପଞ୍ଚ ସୁଶୀଳା ନାୟକ, ସଙ୍ଗଠକ ପର୍ଶୁରାମ ଓରାମ, ମୁରଲୀଧର ମୁଣ୍ଡା ଏବଂ କୁ.ଚନ୍ଦମନି ପ୍ରମୁଖ ଯୋଗ ଦେଇଥିଲେ।

## ମାଟ୍ରିକ ପରୀକ୍ଷା ପାଇଁ ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କଲେ ଜିଲାପାଳ

ବଣାଇ, ୧୮।୨(ସ୍ୱ.ପ୍ର)

ଆସନ୍ତା ୧୯ ତାରିଖ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଟିକ୍ର ସାର୍ଟିଫିକେଟ ପରୀକ୍ଷାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଥିବା ଜଣାପଡିଛି। ବିଶେଷତଃ ଖଣି ଅଞ୍ଚଳରୁ ଖଣିଜ ପଦାର୍ଥ ପରିବହନ କରୁଥିବା ଭାରିଯାନ ଗୁଡିକ ଚାଲିବା ଦ୍ୱାରା ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ନେବା ଆଣିବାରେ ବ୍ୟାଘାତ ସୃଷ୍ଟି କରିବା ଆଶଙ୍କାକୁ ଭିତ୍ତି କରି ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ଜିଲାପାଳ ପ୍ରଦତ୍ତ ଆଦେଶରେ ମୁଖ୍ୟତଃ ଲହୁଣୀପଡାରୁ କୋଇଡା ଯାଇଥିବା ରାସ୍ତା ଉପରେ ନିଷେଧାଦେଶ ଜାରିକରି ଆସନ୍ତା ୧୯ ତାରିଖରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ସକାଳ ୬ରୁ ସକାଳ ୧୦ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଦର୍ଶାଇ କେବଳ ଆସନ୍ତା ୨୧ ତାରିଖ ଏବଂ ରବିବାର ଛଡା ଏହି ଆଦେଶ କାୟମ ରହିବ ବୋଲି ଉଲ୍ଲେଖ କରିଛନ୍ତି। ଜିଲାପାଳଙ୍କ ଏଭଳି ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯିବା ସହ ପରୀକ୍ଷାର୍ଥୀ ମାନେ ସୁଚାରୁ ରୂପେ ପରୀକ୍ଷା ଦେଇ ପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବକେୟା ଖିଲାପିଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଲା

ଝାରସୁଗୁଡା ଅଫିସ,୧୮।୨

ବିଦ୍ୟୁତ୍ ବ୍ୟବହାର କରିବା ପରେ ଦେୟ ପ୍ରଦାନ ନ କରିବା ଲୋକଙ୍କ ଏକ ପ୍ରକାର ଅଭ୍ୟାସ ହୋଇ ଗଲାଣି। ଏହି ବକେୟା ଟଙ୍କା ଗୁଡିକୁ ଆଦାୟ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଛି। ବକେୟା ରଖିଥିବା ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ମଙ୍ଗଳବାରଠାରୁ ବିଚ୍ଛିନ୍ନ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଝାରସୁଗୁଡା ଇଲେଏଲକ୍ଟ୍ରି ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ଏହି ବିଦ୍ୟୁତ୍ ଡିଭିଜନ ଅଧୀନରେ ଝାରସୁଗୁଡା, କୋଲାବିରା, କିର୍ମିରା, ଲଇକେରା, ଜାମନକିରା, କୁଚିଣ୍ଡା ଓ ବାମରା ଆଜି ଅଞ୍ଚଳ ରହିଛି। ଉପରୋକ୍ତ ଅଞ୍ଚଳରେ ପ୍ରାୟ ୧ ଲକ୍ଷ ୨୦ ହଜାର ଗ୍ରାହକ ରହିଛନ୍ତି। ବିଦ୍ୟୁତ୍ ଦେୟ ବକେୟା ରଖିଥିବା ଗ୍ରାହକଙ୍କୁ ତାଲିକା ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି ଡିଭିଜନରେ ମୋଟ ୧୨୦ କୋଟି ୨୩ ଲକ୍ଷ ୩୧ ହଜାର ୬୨୬ ଟଙ୍କା ବକେୟା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୨୫ ହଜାର ଟଙ୍କାରୁ ଅଧିକ ବକେୟା ରଖିଥିବା ୧୬ ହଜାର ୯୨୭ ଗ୍ରାହକଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ନୋଟିସ୍ ପ୍ରଦାନ କରାଯାଇଥିଲା। ଚଳିତ ମାସ ୧୭ ତାରିଖ ସୁଦ୍ଧା ବକେୟା ଟଙ୍କା ପ୍ରଦାନ ନ କେଲେ ୧୮ ତାରିଖରେ ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ନେଇ ନୋଟିସରେ ଦର୍ଶାଯାଇଥିଲା। ତେବେ ୧୭ ତାରିଖ ସୁଦ୍ଧା କିଛି ଗ୍ରାହକଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ଆଦାୟ କରାଯାଇଛି।

## ବିଦ୍ୟାଳୟ ପରିଚାଳନା କମିଟିର ପ୍ରଶିକ୍ଷଣ ଶିବିର

ଟେନ୍‌ସା, ୧୮।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର କୋଇଡା ବ୍ଲକ ଡେଙ୍ଗୁଲା ବିଦ୍ୟାଳୟ ପରିସର ମଧ୍ୟରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୫ଟି ବିଦ୍ୟାଳୟର ସଭ୍ୟାସଭ୍ୟ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ । କୋଇଡା ଶିକ୍ଷା ମଣ୍ଡର ବରିଷ୍ଠ ସିଆରସିସି ପ୍ରଶାନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ସମୀର କୁମାର ପାଢ଼ୀ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କମିଟିର ସଭ୍ୟାସଭ୍ୟମାନେ ବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ରମାନଙ୍କ ସୁବିଧା ଅସୁବିଧା, ପାଠପଢ଼ା ବିଷୟରେ ଶିକ୍ଷକମାନଙ୍କ ସହିତ ଆଲୋଚନା କରିବା ସହ ବିଦ୍ୟାଳୟ କିପରି ଆଗକୁ ଯିବ ସ୍ୱଚ୍ଛତା ବଜାୟ ରଖିବ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷକ ଶଶିକାନ୍ତ ଜେନା, ଦୀନବନ୍ଧୁ ଜେନା, ବଳରାମ ସ୍ୱାଇଁ, ବିନୋଦ ପାତ୍ର ସମେତ ସ୍ୱେଚ୍ଛାସେବୀ ସଙ୍ଗଠନ ଏସପେୟର ସଂଯୋଜକ ରମେଶ ଗୁଣେ ଯୋଗଦେଇଥିଲେ । ଭିଡିଓ ମାଧ୍ୟମରେ ପରିଚାଳନା କମିଟିର ସଭ୍ୟାସଭ୍ୟମାନଙ୍କୁ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଦେଖାଇଥିଲେ । ଶେଷରେ ବରିଷ୍ଠ ଖବରଦାତା ସମୀର କୁମାର ପାଢ଼ୀଙ୍କ ଦ୍ୱାରା ଆସ ବହି ପଢ଼ିବା ଯୋଜନା ଶୁଭାରମ୍ଭ କରାଯାଇଥିଲା। ପ୍ରତିମାସରେ ଗୋଟିଏ ଦିନ ଛାତ୍ରୀଛାତ୍ର, ଅଭିଭାବକ, ବିଦ୍ୟାଳୟ କମିଟିର ସଭ୍ୟାସଭ୍ୟମାନେ ବହି ପଢ଼ିବାକୁ ପାଢ଼ୀ ଆହ୍ୱାନ କରିଥିଲେ । ସିଆରସିସି ପ୍ରଶାନ୍ତ କୁମାର ପରିଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର।

## ୩୯ କେନ୍ଦ୍ରରେ ୬, ୮୦୩ ପରୀକ୍ଷାର୍ଥୀ

■ଆଜିଠାରୁ ମାଟ୍ରିକ ପରୀକ୍ଷା
■ପରୀକ୍ଷା ସେଣ୍ଟରକୁ ଜଗିବ ସିସି ଟିଭି କ୍ୟାମେରା

ଝାରସୁଗୁଡା ଅଫିସ,୧୮।୨

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ଏଥି ପାଇଁ ଝାରସୁଗୁଡା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରାଯାଇଛି। ଏହି ଜିଲାରେ ମୋଟ ୧୧୭ଟି ହାଇସ୍କୁଲର ୬ ହଜାର ୮୦୩ ଜଣ ଛାତ୍ରୀଛାତ୍ର ୩୯ଟି ପରିକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିମଧ୍ୟରୁ ୬ ହଜାର ୫୭୪ ଜଣ ରେଗୁଲାର, ୧୧୯ ଜଣ ଏକ୍ସ ରେଗୁଲାର, ୨୫ ଜଣ କରେସପଣ୍ଡେଣ୍ଟ ଓ ୮୫ ଜଣ ଓପନ ସ୍କୁଲର ଛାତ୍ରୀଛାତ୍ର ରହିଛନ୍ତି। ଚଳିତ ବର୍ଷ ୪ଟି ନୋଡାଲ ସେଣ୍ଟର କରାଯାଇଛି। ସେହିପରି ଝାରସୁଗୁଡା ବ୍ଲକରେ ସର୍ବାଧିକ ପରୀକ୍ଷାର୍ଥୀ ଥିବା ବେଳେ କିର୍ମିରା ବ୍ଲକରେ ସର୍ବନିମ୍ନ ପରିକ୍ଷାର୍ଥୀ ଅଛନ୍ତି। ସୂଚନା ମୁତାବକ ଝରସୁଗୁଡା ବ୍ଲକରେ ୨୫୬୪, କିର୍ମିରା ବ୍ଲକରେ ୪୭୩, କୋଲାବିରା ବ୍ଲକରେ ୬୯୫, ଲଇକେରା ବ୍ଲକରେ ୮୪୦ ଓ ଲଖନପୁର ବ୍ଲକରେ ୨୧୬୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହାବାଦ ଲଇକେରାଠାରେ ଓପନ୍ ସ୍କୁଲର ୮୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ତେବେ ପରୀକ୍ଷାକୁ କପି ମୁକ୍ତ କରିବା ପାଇଁ ଜିଲା ଶିକ୍ଷା ବ୍ୟବସ୍ଥା ପକ୍ଷରୁ ସ୍ୱତନ୍ତ୍ର ସ୍କାଡ୍ କରାଯାଇଛି। ଏହା ବାଦ୍ ସେଣ୍ଟ୍ରାଲ ସ୍କାଡଖ ଓ ଜିଲା ପ୍ରଶାସନ ପକ୍ଷରୁ ଗୋଟିଏ ସ୍କାଡ୍ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା ପଣ୍ଡା କହିଛନ୍ତି। ପରୀକ୍ଷାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥୋ କରାଯାଇଛି। ସ୍କାଡ୍ ସମେତ ବିଭିନ୍ନ କାର୍ଯ୍ୟରେ ୭୧୧ ଜଣ ଅଧିକାରୀ ଓ କର୍ମଚାରୀ ନିୟୋଜିତ ରହିବେ। ସେହିପରି ପରୀକ୍ଷାକୁ ସ୍ୱଚ୍ଛ କରାଯିବା ପାଇଁ ହଲ୍ ମଧ୍ୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର-ଉତ୍ତରଖାତା ଖୋଲାଯିବ। ଏହି ପ୍ୟାକେଟରେ ଦୁଇ ଜଣ ଛାତ୍ରୀଛାତ୍ରଙ୍କ ଦସ୍ତଖତ ରହିବ। ସେହିପରି ପରୀକ୍ଷା କେନ୍ଦ୍ରରେ ମୋବାଇଲ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏପରିକି ସ୍କାଡ୍ ମଧ ପରୀକ୍ଷା ହଲ୍ ଭିତରକୁ ଗଲେ ମୋବାଇଲ ବାହାରେ ରଖି ଯିବେ। ସେହିପରି ଚଳିତ ବର୍ଷ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ଓଏମ୍‌ଆର ସିଟ୍ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେବାକୁ ପଡିବ। ଏହି ଓଏମ୍‌ଆର ସିଟ୍ ବ୍ୟବହାର ବନ୍ଦ ଫଳରେ ପୂର୍ବ ଭଳି ପ୍ରଶ୍ନ ପତ୍ରକୁ ଛାତ୍ରୀଛାତ୍ର ଆଉ ଘରକୁ ନେଇ ପାରିବେ ନାହିଁ ବୋଲି ମଧ ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା ପଣ୍ଡା ସୂଚନା ଦେଇଛନ୍ତି।

## ଭାଜପା ସରପଗଡ ମଣ୍ଡଳର ସାଧାରଣ ବୈଠକ

ଲେଫ୍ରିପଡା,୧୮।୨(ଡି.ଏନ.ଏ) -ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଭାଜପାର ସରପଗଡ ମଣ୍ଡଳ ପକ୍ଷରୁ ସାଧାରଣ ବୈଠକ ମଙ୍ଗଳବାର ଗିରିଙ୍ଗକେଲା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ମଣ୍ଡଳ ସଭାପତି ହୀରାଧର ମାଝିଙ୍କ ସଭାପତିତ୍ୱରେ ପର୍ଯ୍ୟବେକ୍ଷକ ଭାବେ ପର୍ଶୁରାମ ପଟେଲ ଏବଂ ସୁରେନ୍ଦ୍ର ସାହୁ ଯୋଗଦାନ କରିଥିଲେ। ଏଥିରେ ନୂତନ ଭାବେ ସରପଗଡ ମଣ୍ଡଳର ବିସ୍ତାର କରାଯାଇଥିଲା। ପରେ ସର୍ବସମ୍ମତି କ୍ରମେ ଉପସଭାପତି ଭାବେ ମୁକୁନ୍ଦ ନାଏକ, ମାଧବ କିଷାନ, ପାନାଲାଲ ଭଗତ, ଭିଷ୍ମ ପଟେଲ, ସାଧାରଣ ସମ୍ପାଦକ ଭାବେ ରାଜେଶ ସୋରେଙ୍ଗ, ଉପେନ୍ଦ୍ର ନାଏକ, ଏସ୍‌ଟି ମୋର୍ଚ୍ଚାର ସଭାପତି ଲାଲମନୀ ଦେହୁରୀ, ଏସସି ମୋର୍ଚ୍ଚା ସଭାପତି ସୁମନ୍ତ କୁମ୍ଭାର, ଓବିସି ମୋର୍ଚ୍ଚା ସଭାପତି ବିକାଶ ନାଏକ, ଯୁବସଭାପତି ସୁଦୀପ୍ତ ପଟେଲ, କୃଷକ ମୋର୍ଚ୍ଚା ସଭାପତି ସମୀର ନାଏକଙ୍କୁ ମନୋନୀତ କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ ଏବଂ ବିଧାୟକ ପ୍ରତିନିଧି ଶଙ୍କର ନାଏକ ପରିଚାଳନା କରିଥିଲେ। ବୈଠକରେ ବହୁ ସଂଖ୍ୟାରେ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ।


ଭାଜପାର ସରପଗଡ ମଣ୍ଡଳ ପକ୍ଷରୁ ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ସାଇବର କ୍ରାଇମ ଉପରେ ସଚେତନତା ଶିବିର



ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସାଇବର କ୍ରାଇମକୁ ନେଇ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ବଣାଇ, ୧୮।୨(ସ୍ୱ.ପ୍ର)

ବଣାଇ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସ୍ଥାନୀୟ ବଣାଇଗଡ଼ ମହାବିଦ୍ୟାଳୟ ପରିସରରେ ସାଇବର କ୍ରାଇମକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଜିଲା ଅତିରିକ୍ତ ଦୌରାଜଜ ସୂର୍ଯ୍ୟନାରାୟଣ ଦ୍ୱିବେଦୀ ଯୋଗଦେଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଏସ୍‌ଡିଜେଏମ ସୌରଭ ସାଗର ପ୍ରଧାନ, ରାଜସ୍ୱ ଅଧିକାରୀ ବଣାଇଁ ସରୋଜ କୁମାର ପୃଷେଠ, ବଣାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୟଦ ମଜବୁର ରେହେମାନ, ବଣାଇ ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର, ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ପରେଶଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଚାଲିଥିବା ସାଇବର କ୍ରାଇମ ଠକେଇ ଉପରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ତାଲୁକ ଆଇନ ସେବାସଂସ୍ଥାର ପରିଚାଳନାକାରୀ ହିମାଂଶୁ ଶେଖର ସେନାପତି ସ୍ୱାଗତ ଅଭିଭାଷଣ ସହ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ତାଲୁକ ଆଇନ ସେବା ସଂସ୍ଥାର ରାକେଶ କୁଟୀ, ପୂର୍ଣ୍ଣଚନ୍ଦ୍ର କିଷାନ, ଉଜ୍ୱଳ ମୁଣ୍ଡା, ଅଜୟ ବେହେରା, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଧିଷ୍ଠିର ତ୍ରିପାଠୀ, ବଣାଇ ଥାନାର ବ୍ରଜ କିଶୋର ଦାଶ ପ୍ରମୁଖ ସହାୟତା କରିଥିଲେ।

## ବାଇକ୍ ଧକ୍କାରେ ଯୁବତୀ ଗୁରୁତର

ବ୍ରଜରାଜନଗର,୧୮।୨(ଡି.ଏନ.ଏ.)

ସ୍ଥାନୀୟ ଗୋଲଛକଠାରେ ସ୍କୁଟି (ସ୍କୁଟି ନଂ. ଓଡି ୨୩ ଡି- ୫୪୯୫)ରେ ଯାଉଥିବା ଜଣେ ଯୁବତୀଙ୍କୁ ପଛପଟୁ ଏକ ବାଇକ୍ (ନଂ ଓଡି ୨୩ ଏଚ-୫୫୦୫) ଧକ୍କା ଦେଇଛି। ଫଳରେ ସ୍କୁଟି ଆରୋହୀ ଯୁବତୀ ଜଣକ ତଳେ ପଡି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ମୁଣ୍ଡଳିଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛି।

## ମଦ ଦୋକାନ ବିରୋଧରେ ଜନଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ

ସୁନ୍ଦରଗଡ଼, ୧୮।୨ (ଡି.ଏନ୍.ଏ)

କୌଣସି ଠିପି ଖୋଲା ବା ଠିପି ବନ୍ଦ ମଦ ଦୋକାନର ଅବସ୍ଥିତି ବିରୋଧରେ ନିର୍ଦ୍ଦିଷ୍ଟ ଆପତ୍ତି ଅଭିଯୋଗ ପ୍ରାପ୍ତ ହେଲେ ଅବକାରୀ ଆଇନ୍ ଓ ନିୟମର ବିଧି ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ତଦନ୍ତ ପୂର୍ବକ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି। ସୋମବାର ସୁନ୍ଦରଗଡ ବିଧାୟିକା ଟେଟେ ବିଧାନସଭାରେ ସୁନ୍ଦରଗଡ ନିର୍ବାଚନମଣ୍ଡଳୀରେ ଥିବା ପୌରାଞ୍ଚଳ ଓ ଗାଁ ମାନଙ୍କରେ ଥିବା ଅଧିକାଂଶ ମଦଦୋକାନ ମନ୍ଦିର, ଶିକ୍ଷାନୁଷ୍ଠାନ, ସରକାରୀ ବଙ୍ଗଳା ଓ କାର୍ଯ୍ୟାଳୟ ନିକଟରେ ରହିଥିବା ବେଳେ ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଓ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେ ନେଇ ପ୍ରଶ୍ନ ପଚାରିଥିଲେ। ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାୟିକାଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ପୌରାଞ୍ଚଳରେ ୨ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ, ୧ଗୋଟି ବାହାର ଭାଟି ମଦଦୋକାନ , ୧ଟି ଶାଖା ବାହାର ଭାଟି ମଦଦୋକାନ, ୧ଗୋଟିଠିପିଖୋଲା ଓ ୧ଗୋଟିବିୟର ପାର୍ଲର କାର୍ଯ୍ୟକ୍ଷମ ଅଛି । ଏଥି ସହିତ ଗ୍ରାମାଞ୍ଚଳରେ ୧ଗୋଟି ଠିପି ବନ୍ଦ, ୫ଗୋଟି ବାହାର ଭାଟି (ମୁଖ୍ୟ), ୨୪ଗୋଟି ବାହାର ଭାଟି (ଶାଖା),୧ଗୋଟି ଠିପି ଖୋଲା,୧ଗୋଟି ବିୟର ପାର୍ଲର କାର୍ଯ୍ୟକ୍ଷମ ରହିଛି। ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀରେ ମନ୍ଦିର, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟଠାରୁ ବିଭିନ୍ନ ଦୂରତାରେ ପ୍ରଚଳିତ ଥିବା ବିଭିନ୍ନ କିସମର ମଦ ଦୋକାନ ରହିଛି । ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ, ଶିକ୍ଷାନୁଷ୍ଠାନ, ସରକାରୀ ବଙ୍ଗଳା ଓ କାର୍ଯ୍ୟାଳୟ ଠାରୁ ୧୦୦ମିଟର ଦୂରତାରେ ପ୍ରଚଳିତ ନ ହେବା ଅବକାରୀ ଆଇନରେ କୌଣସି ପ୍ରତିବନ୍ଧକ ଲଗାଯାଇ ନାହିଁ । ମାତ୍ର ଓଡିଶା ଅବକାରୀ ରୁଲସ୍ -୨୦୧୭ର ନିୟମ ୨୬ ଅନୁଯାୟୀ ଠିପି ଖୋଲା ମଦ ଦୋକାନ ଗାଧୁଆ ତୁଠ ଠାରୁ ୧୦୦ମିଟର ଧର୍ମାନୁଷ୍ଠାନ ,ଅନୁସୂଚିତ ଜାତି ,ଜନଜାତି ତଥା ଶ୍ରମିକ ବସ୍ତି, କାରଖାନା, ପେଟ୍ରୋଲ ପମ୍ପ, ରେଲଷ୍ଟେସନ, ବସଷ୍ଟାଣ୍ଡ ଠାରୁ ୩୦୦ମିଟର (ପୌରାଞ୍ଚଳରେ ), ୫୦୦ମିଟର (ଗ୍ରାମାଞ୍ଚଳରେ) ଦୂରତାରେ ନ ଖୋଲିବା ପାଇଁ ପ୍ରତିବନ୍ଧକ ଲଗା ଯାଇଛି । ସେଇଭଳି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନ ଠାରୁ ୫୦୦ମିଟର (ପୌରାଞ୍ଚଳ ଓ ଗ୍ରାମାଞ୍ଚଳ) ଗ୍ରାମର ଜନଗହଳି ଅଞ୍ଚଳ,ଦୈନିକ ବଜାର /ହାଟ ନିକଟରେ ଠିପି ଖୋଲା ମଦ ଦୋକାନ ଖୋଲାଯିବା ପାଇଁ ଉକ୍ତ ଆଇନରେ ବାରଣ କରାଯାଇଛି । ମାତ୍ର ଆବଶ୍ୟକ ସ୍ଥଳେ ଓ ବିଶେଷ ପରିସ୍ଥିତିରେ ଦୋକାନ ଖୋଲାଯିବାକୁ ଥିବା ସ୍ଥାନରେ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବସ୍ତି ,ପେଟ୍ରୋଲ ପମ୍ପ, କାରଖାନା ,ରେଳ ଷ୍ଟେସନ ଓ ବସଷ୍ଟାଣ୍ଡ ଠାରୁ ପ୍ରତିବନ୍ଧିତ ଦୂରତା (୫୦୦/୩୦୦ମିଟର)କୁ କୋହଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ନିୟମର ପରୋକ୍ଷରେ କ୍ଷମତା ପ୍ରଦାନ କରାଯାଇଛି ।ଅବକାରୀ ରୁଲସ୍ ୨୦୧୭ର ନିୟମ ୨୬ରେ ଲଗାଯାଇଥିବା କଟକଣା କେବଳ ଠିପି ଖୋଲା ମଦ ଦୋକାନ ପାଇଁ ପ୍ରଯୁଜ୍ୟ । ଏହି କଟକଣା ଠିପି ବନ୍ଦ ମଦଦୋକାନ ନିମନ୍ତେ ପ୍ରଯୁଜ୍ୟ ନୁହେଁ । ମାତ୍ର କୌଣସି ଠିପି ଖୋଲା ବା ଠିପିବନ୍ଦ ମଦ ଦୋକାନର ଅବସ୍ଥିତି ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଆପତ୍ତି ଓ ଜନଅଭିଯୋଗ ଆସିଲେ ଅବକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ତଦନ୍ତ ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।